ମୁଖମଣ୍ଡନ ସାହିତ୍ୟ-ସଂଗ୍ରହ

ଶ୍ରୀ ସିଦ୍ଧେଶ୍ୱର ତ୍ରିପାଠୀ ତର୍କସିଦ୍ଧାନ୍ତ

GPNanda Colln., Digitized by srujanika@gmail.com

ମୁଖମଣ୍ଡନ ସାହିତ୍ୟ-ସଂଗ୍ରହ ।

ଶ୍ରୀ ବିଶ୍ୱେଶ୍ୱର ତ୍ରିପାଠୀ, ତର୍କସିଦ୍ଧାନ୍ତଙ୍କ ଦ୍ୱାରା

ସଙ୍ଗୃହୀତ

ଏବଂ

ଅନ୍ୟସ୍ଥ ଓ ଅନଙ୍ଗୋଦୟର

ପ୍ରକାଶିତ ।

ପ୍ରଥମ ସଂସ୍କରଣ

Printed by V. Kar.
The Utkal Sahitya Press,
CUTTACK.
1927

ମୂଲ୍ୟ ୫ ୧ ୮

GPNanda Colln., Digitized by srujanika@gmail.com

ଉତ୍ସର୍ଗପତ୍ର

ମାନନୀୟ ଶ୍ରୀଳ ଶ୍ରୀଯୁକ୍ତ ଅଶେଷସଦ୍‌ଗୁଣବିଭୂଷିତ ବିଦ୍ୟୋତ୍ସାହି-ପ୍ରବର ଶ୍ରୀମାନ୍ ହିନ୍ଦୋଳାଧୀଶ୍ୱର ଶ୍ରୀ ଶ୍ରୀ ନବକିଶୋରଚନ୍ଦ୍ର ସିଂହ ମର୍ଦ୍ଦରାଜ ଜଗଦେବ ରାଜାବାହାଦୁର ମହୋଦୟ

ମହାମାନ୍ୟବରେଷୁ ;

ମହାରାଜ,

ମୁଁ ଶ୍ରୀ ଶ୍ରୀ ହଜୁର ବାହାଦୁରଙ୍କର ଅନୁରୂପ ଲୋକ-ଚର୍ଚ୍ଚା-ବିଷୟକ ଉତ୍ସାହପ୍ରଦାନରେ ଉତ୍ସାହିତ ହୋଇ ଅଦ୍ୟ ଓ ଭାଷାର୍ଥ ସମ୍ବଳିତ "ମୁଖମଣ୍ଡଳ ସାହିତ୍ୟ-ସଂଗ୍ରହ" ନାମକ ଏହି ପୁସ୍ତକଖଣ୍ଡି ରଚନା କରି ଭବଦୀୟ ପବିତ୍ର ଚରଣକମଳରେ ଭକ୍ତିର ସହିତ ଅର୍ପଣ କଲି । ସାଦରେ ଗୃହୀତ ହେଲେ କୃତାର୍ଥ ହେବି । ଇତି ।

ଶ୍ରୀ ରାମଚନ୍ଦ୍ରପୁର, ପୁରୀ ।
(ଡାକ—ନନ୍ଦଗଡ଼, ହିନ୍ଦୋଳ)
ତା ୧-୬-୨୫

ଭବଦୀୟ
କଲ୍ୟାଣାକାଂକ୍ଷୀ
ଶ୍ରୀ ସିଦ୍ଧେଶ୍ୱର ତ୍ରିପାଠୀ, ତର୍କସିଦ୍ଧାନ୍ତ

GPNanda Colln., Digitized by srujanika@gmail.com

ମୁଖବନ୍ଧ

ଇତିପୂର୍ବେ ମୁଁ ଉଚ୍ଚ ଇଂରାଜୀ ଓ ସଂସ୍କୃତ ଛାତ୍ରମାନଙ୍କ ସୁବିଧା ସକାଶେ ଯାବତୀୟ ଦର୍ଶନଶାସ୍ତ୍ରରୁ ସାର ସାର ବିଷୟମାନ ସଂଗ୍ରହ କରି ଦେଶୀ ଭାଷାରେ "ଜ୍ଞାନଦର୍ଶିକା" ନାମକ ଖଣ୍ଡିଏ ପୁସ୍ତକ ରଚନା କରିଥିଲି । ସେହି ପୁସ୍ତକଖଣ୍ଡିକୁ ଯେଉଁ ବିଦ୍ୟାର୍ଥୀମାନେ ଅଧ୍ୟୟନ କରିବେ, ସେହିମାନେ ଅକ୍ଳେଶରେ ବକ୍ତା ଏବଂ ସଂକ୍ଷେପତଃ ଦର୍ଶନଶାସ୍ତ୍ରରେ ଉତ୍କର୍ଷତା ଲାଭ କରି ପାରିବେ । ସେ ଯାହା ହେଉ, ବର୍ତ୍ତମାନ ପ୍ରଚଳିତ ସଂସ୍କୃତ ସାହିତ୍ୟର ଛନ୍ଦ ହିତୋପଦେଶ ଭିନ୍ନ ଅନ୍ୟ କୌଣସି ଉପାଦେୟ ସଂଗୃହୀତ ଗ୍ରନ୍ଥ ନ ଥିବାରୁ ଜାଣି ଦେଶପ୍ରଚଳିତ ନୈଷଧଚରିତ, ଶିଶୁପାଳବଧ, କିରାତାର୍ଜ୍ଜୁନୀୟ, ରଘୁବଂଶ, କୁମାରସମ୍ଭବ, ମେଘଦୂତ, ହଂସଦୂତ, ଶକୁନ୍ତଳା, ଉତ୍ତର-ରାମଚରିତ, ମୃଚ୍ଛକଟିକ, ମୁଦ୍ରାରାକ୍ଷସ ଏବଂ ନାନା ନୀତିଗ୍ରନ୍ଥ ଓ ସାହିତ୍ୟଦର୍ପଣର ଦଶମ ପରିଚ୍ଛେଦ ମଧ୍ୟରୁ ସଂକ୍ଷେପ ଭାବରେ ସାର ସାର ବିଷୟମାନ ସଂଗ୍ରହ କରି ପୂର୍ବୋକ୍ତ ବିଦ୍ୟାର୍ଥୀମାନଙ୍କ ସୁବିଧା ସକାଶେ ଅନ୍ୱୟ ଓ ଅନୁବାଦସହ "ମୁକ୍ତାମଣ୍ଡନ ସାହିତ୍ୟ-ସଂଗ୍ରହ" ନାମକ ପୁସ୍ତକ ରଚନା କରି ବିଜ୍ଞ ସହୃଦୟଙ୍କୁ ଅନୁରୋଧ କରେଁ ଯେ, ଏଥିରେ କୌଣସି ଦୋଷ ଲକ୍ଷିତ ହେଲେ ସେମାନେ ନିଜ ନିଜ ଗୁଣରେ ମାର୍ଜନା କରି, ଏହି ପୁସ୍ତକଖଣ୍ଡର ପୃଷ୍ଠପୋଷକ ହୋଇ ଚରିତାର୍ଥ କରାଇବେ । ପ୍ରକାଶ ଥାଉ ଯେ, ଶ୍ରୀଯୁକ୍ତ ହିନ୍ଦୋଳାଧୀଶ୍ୱର ଶ୍ରୀ ଶ୍ରୀ ନବକିଶୋରଚନ୍ଦ୍ର ସିଂହ ମର୍ଦ୍ଦରାଜ ଜଗଦେବ ରାଜା ବାହାଦୁର ମହୋଦୟଙ୍କ ଅନୁକୂଳରେ ଏହି ପୁସ୍ତକଖଣ୍ଡି ମୁଦ୍ରିତ ହେବାରୁ ସେ ମହୋଦୟଙ୍କଠାରେ କୃତଜ୍ଞତା ସ୍ୱୀକାରପୂର୍ବକ ଜଗତ୍‌ପିତା ଶ୍ରୀ ଶ୍ରୀ ଜଗଦୀଶ୍ୱରଙ୍କ ନିକଟରେ ଉକ୍ତ ମହୋଦୟଙ୍କର ଉତ୍ତରୋତ୍ତର ସୁଖ୍ୟାତି ଓ ଦୀର୍ଘ ଜୀବନର କାମନା କରୁଅଛି । ଇତି ।

ହିନ୍ଦୋଳ
ତା ୧-୨-୨୫

ବଶମ୍ବଦ
ଶ୍ରୀ ବିଶ୍ୱେଶ୍ୱର ତ୍ରିପାଠୀ, ତର୍କସିଦ୍ଧାନ୍ତ

GPNanda Colln., Digitized by srujanika@gmail.com

ଗ୍ରନ୍ଥସୂଚୀ

ସାଙ୍କେତିକ	ପ୍ରାକୃତିକ
ନୈଷ	ନୈଷଧ
ର.ଶ	ରଘୁବଂଶ
ଅଘ	ଅନ୍ୟାପଘ
ହଂଦୂ	ହଂସଦୂତ
ମେଦୂ	ମେଘଦୂତ
ଗୀତା	ଭଗବଦ୍‌ଗୀତା
ହିତ	ହିତୋପଦେଶ
କୁମ	କୁମାରସମ୍ଭବ
ଶଳା	ଶକୁନ୍ତଳା
ନତ୍ନ	ନବରତ୍ନ
ମୁଷ	ମୁଦ୍ରାରାକ୍ଷସ
କିୟ	କିରାତାର୍ଜୁନୀୟ
ଶିଧ	ଶିଶୁପାଳବଧ
ନୀଶ	ନୀତିଶତକ
ଦୃଶ	ଦୃଷ୍ଟାନ୍ତଶତକ
ମୃକ	ମୃଚ୍ଛକଟିକ
ଭ୍ରକ	ଭ୍ରମରାଷ୍ଟକ
ବୈଶ	ବୈରାଗ୍ୟଶତକ
ଅତ୍ନ	ଅଷ୍ଟରତ୍ନ
ନୀପ	ନୀତିପ୍ରଦୀପ
ମୋର	ମୋହମୁଦ୍ଗର

GPNanda Colln., Digitized by srujanika@gmail.com

ସାଙ୍କେତିକ	ପ୍ରାକୃତିକ
ଋକ	ଋକ୍-ସଂହିତା
ପଦ୍ୟ	ପଦ୍ୟସଂଗ୍ରହ
ଗୀସ	ଗୀତସାର
ସ୍ମୃତ୍ନ	ସ୍ମୃତିରତ୍ନ
ପତ୍ନ	ପଞ୍ଚରତ୍ନ
ଉତ୍ନ	ଉପ-ରତ୍ନ
ଗ୍ରକ	ଗୋଚକାଷ୍ଟକ
ନତ୍ନ	ନବରତ୍ନ
ମକ	ମହାଦେବ୍ୟ ସ୍ତୁତ
ଷତ୍ନ	ଷଡ଼ରତ୍ନ
ଧକ	ଧର୍ମବିବେକ
ପକ	ପଦ୍ୟାଷ୍ଟକ
ଭମ୍ୟ	ଭଗବନ୍ମାହାତ୍ମ୍ୟ
ଶ୍ରୀଭ	ଶ୍ରୀମଦ୍ଭାଗବତ
ଭସ୍ୟ	ଭକ୍ତିରହସ୍ୟ
ବୃମ୍ୟ	ବୃନ୍ଦାବନମାହାତ୍ମ୍ୟ
ବାତ	ବାଲ୍ଲୀଳାମୃତ
ପସ୍ତ	ପଞ୍ଚମାର୍ଗସ୍ତୋତ୍ର
ଅପସ୍ତ	ଅପରାଧଭଞ୍ଜନସ୍ତୋତ୍ର

GPNanda Colln., Digitized by srujanika@gmail.com

ମୁଖମଣ୍ଡନ ସାହିତ୍ୟ-ସଂଗ୍ରହ ।

ପ୍ରଥମ ରହସ୍ୟ

ଅଦ୍ଭୁତଗୁଣାଦିପଲ୍ଲବ ଭଣିତୈଃ, କର୍ଣ୍ଣୈର୍ଦ୍ଧୃବମଧୁମଧୁଧାରାଂ ।
ଅନ୍ତର୍ଗତ ପରିମଳାପି ହି, ଦରତ ଦୃଗଂ ମାଲତୀମାଲା ॥

ପାଠକାନାଂ ବଚନୋଦାସ୍ୟ ହିତାୟ ଚ ହିତାର୍ଥିନାଂ ।
ମୁଖମଣ୍ଡନସାହିତ୍ୟ-ସଂଗ୍ରହଃ କ୍ରିୟତେ ମୟା ॥

ନଳଚରିତ ପାପ ବିନାଶକ ଅଟେ ।

ପବିତ୍ରମତ୍ରାତନୁତେ ଜଗଦ୍ଯୁଗେ, ସ୍ମୃତା-ରସକ୍ଷାଳନୟୈବ ଯତ୍କଥା ।
କଥଂ ନ ସା ମଦ୍ଗିରମାବିଲାମପି, ସ୍ୱସେବିନୀମେବ ପବିତ୍ରୟିଷ୍ୟତି ॥ ୧ ॥

[ନୈଷଧ]

ଅନ୍ୱୟ—ଅତ୍ର, ଯୁଗେ, ଯତ୍କଥା, ସ୍ମୃତାସତୀ, ରସକ୍ଷାଳନୟା, ଇବ, ଜଗତ୍, ପବିତ୍ରଂ, ଆତନୁତେ; ସା, ଆବିଲାଂ, ଅପି, ସ୍ୱସେବିନୀଂ, ଏବ, ମଦ୍ଗିରଂ, କଥଂ, ନ, ପବିତ୍ରୟିଷ୍ୟତି ।

ଅର୍ଥ :—ଏହି କଳିଯୁଗରେ ଯେଉଁ ନଳ ରାଜାଙ୍କର କଥା ସ୍ମରଣ କରି ଜଗତ୍ କଳୁଷାଳନ୍ତ ଲୋକ ପର ପବିତ୍ର ହୁଏ, ସେହି କଥା ଅମ୍ଭଦ୍ୱାରା ବର୍ଣ୍ଣିତ ହେଲେ ସେ ଅମ୍ଭର ସଦୋଷ ବାକ୍ୟକୁ ମଧ୍ୟ ପବିତ୍ର କରିଦେବ ।

GPNanda Colln., Digitized by srujanika@gmail.com

ନଳଙ୍କର ଯୁଦ୍ଧନୈପୁଣ୍ୟ ଦେଶଦେଶାନ୍ତବ୍ୟାପୀ ହେବାରୁ ତାହାକୁ ବସ୍ତ୍ରରୂପରେ କଳ୍ପନା କରି ଚସ୍ତ୍ର ବୟନର ଉପକରଣ ଦେଖାଇ ଅଛନ୍ତି ।

ହିତାଂଶୁବର୍ତ୍ତୌର୍ବୟୁତମ୍ ତଦ୍‌ଗୁଣୈର୍ମହାବେମ୍ନଃ ସହକୃତ୍ୱରୀ ବହୁଂ ।
ଦିଗଙ୍ଗନାଙ୍ଗାଭରଣଂ ରଣାଙ୍ଗଣେ, ଯଶଃପଟଂ ତଭଟଚାତୁରୀତୁରୀ ॥ ୬ ॥
[ନୈଷ]

ଅନ୍ୱୟ—ମହାବେମ୍ନଃ, ସହକୃତ୍ୱରୀ, ଭଟଚାତୁରୀତୁରୀ, ରଣାଙ୍ଗଣେ, ହିତାଂଶୁବର୍ତ୍ତୌଃ, ତଦ୍‌ଗୁଣୈଃ ଦିଗଙ୍ଗନାଙ୍ଗାଭରଣଂ, ବହୁଂ, ଯଶଃପଟଂ, ବୟୁତମ୍ ।

ଅର୍ଥ:— ନଳ ଯୁଦ୍ଧକ୍ଷେତ୍ରସ୍ୱରୂପ ଅଗଣା ମଧ୍ୟରେ ନିଜର ସୁଦୀର୍ଘ ଅସିରୂପ ବୟନଦଣ୍ଡ, ଅର୍ଥାତ୍ ବେମା (ତନ ପାନିଆଁ) ର ସାହାଯ୍ୟକାରୀ, ଯୋଦ୍ଧାମାନଙ୍କ ଯୁଦ୍ଧନୈପୁଣ୍ୟଚାତୁରୀ ତୁରୀ ଅର୍ଥାତ୍ କଣ୍ଡା ବଳରେ ଶୁକ୍ଳବର୍ଣ୍ଣ ଶୌର୍ଯ୍ୟାଦି ତନ୍ତୁ ଦ୍ୱାରା, ଦିଗ୍‌ନାୟିକାମାନଙ୍କ ଅଙ୍ଗାବରଣସ୍ୱରୂପ ଯଶୋରୂପ ବହୁ ବସ୍ତ୍ର ବୁଣିଲେ ।

'ସୂର୍ଯ୍ୟ ଅପେକ୍ଷା ପ୍ରତାପ ଓ ଚନ୍ଦ୍ର ଅପେକ୍ଷା ଯଶର ଆଧିକ୍ୟ ବର୍ଣ୍ଣନା ।

ତଦୋଜସସ୍ତଦ୍‌ଯଶସଃ ସ୍ଥିତାବମୌ, ବୃଥେତି ଚିତ୍ତେ କୁରୁତେ ଯଦା ଯଦା ।
ତନୋତି ଭାନୋଃ ପରିବେଶକୈତବାତ୍, ତଦା ବିଧିଃ କୁଣ୍ଡଳନାଂ ବିଧୋରପି ॥ ୭ ॥ [ନୈଷ]

ଅନ୍ୱୟ—ତଦୋଜସଃ, ତଦ୍‌ଯଶସଃ, ସ୍ଥିତୌ, ଇମୌ, ବୃଥା, ଇତି, ଚିତ୍ତେ, ଯଦା, ଯଦା, କୁରୁତେ, ବିଧିଃ, ତଦା, ତଦା, ପରିବେଶକୈତବାତ୍, ଭାନୋଃ, ବିଧୋଃ, ଅପି, କୁଣ୍ଡଳନାଂ, ତନୋତି ।

ଅର୍ଥ:— ବିଧାତା ନଳଙ୍କ ପ୍ରତାପ ଅପେକ୍ଷା ସୂର୍ଯ୍ୟ ଓ ଯଶ ଅପେକ୍ଷା ଚନ୍ଦ୍ରଙ୍କୁ ନିକୃଷ୍ଟ ମନେକରି, ପରିଧି ଛଳରେ ସେ ଦୁହିଙ୍କର ମଣ୍ଡଳାକୃତି ନିରର୍ଥକ ପ୍ରତିପାଦନ ରେଖା ବିସ୍ତାର କଲା ।

ରଘୁଙ୍କର ଯଶୋବର୍ଣ୍ଣନା ।

ଇକ୍ଷୁଚ୍ଛାୟନିଷାଦିନ୍ୟସ୍ତସ୍ୟ ଗୋପ୍ତୁର୍ଗୁଣୋଦୟଂ ।
ଆକୁମାରକଥୋଦ୍‌ଘାତଂ ଶାଳିଗୋପ୍ୟୋ ଜଗୁର୍ଯଶଃ ॥୮॥ [ରଘୁବଂଶ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଇକ୍ଷୁଚ୍ଛାୟ-ନିଷାଦିନ୍ୟଃ, ଶାଳିଗୋପ୍ୟଃ, ଗୋପ୍ତୁଃ, ତସ୍ୟ, ଗୁଣୋଦୟଂ, ଆକୁମାରକଥୋଦ୍ଘାତଂ, ଯଶଃ, ଜଗୁଃ ।

ଅର୍ଥ:—ଶାଳିଧାନ୍ୟ ରକ୍ଷୟିତ୍ରୀମାନେ, ଆଖୁ ଛାଇରେ ବସି ଆବାଳବୃଦ୍ଧ-ବନିତାଦିକଥିତ ରଘୁଙ୍କର ଦୟା ଦାକ୍ଷିଣ୍ୟାଦି ଯଶ ଗାଇଲେ ।

ପ୍ରତାପ ବର୍ଣ୍ଣନା ।

ତଥାପି ଶସ୍ତ୍ରବ୍ୟବହାରନିଷ୍ଠୁରେ, ବିପକ୍ଷଭାବେ ଚିରମସ୍ୟ ତସ୍ଥୁଷଃ ।
ତୁତୋଷ ବୀର୍ଯ୍ୟାତିଶୟେନ ବୃତ୍ରହା, ପଦଂ ହି ସର୍ବତ୍ର ଗୁଣୈର୍ନିଧୀୟତେ ॥ ୫ ॥
[ରଘୁ]

ଅନ୍ୱୟ—ବୃତ୍ରହା, ତଥାପି, ଶସ୍ତ୍ରବ୍ୟବହାରନିଷ୍ଠୁରେ, ବିପକ୍ଷଭାବେ, ଚିରଂ, ତସ୍ଥୁଷଃ, ଅସ୍ୟ, ବୀର୍ଯ୍ୟାତିଶୟେନ, ତୁତୋଷ; ହି, ଗୁଣୈଃ, ସର୍ବତ୍ର, ପଦଂ, ନିଧୀୟତେ ।

ଅର୍ଥ—ଶସ୍ତ୍ରବ୍ୟବହାରନିଷ୍ଠୁର ଇନ୍ଦ୍ରଙ୍କ ସମକ୍ଷରେ ରଘୁ ବହୁ ସମୟ ପର୍ଯ୍ୟନ୍ତ ଯୁଦ୍ଧ କରିବାର ଦେଖି ଇନ୍ଦ୍ର ରଘୁଙ୍କ ଶୌର୍ଯ୍ୟାଦି ଗୁଣକୁ ପ୍ରଶଂସା କଲେ, ଯେହେତୁ ସବୁଠାରେ ଗୁଣହେତୁକ ପଦମର୍ଯ୍ୟାଦା ହୋଇଥାଏ ।

ଉତ୍ପ୍ରେକ୍ଷା ଛଳରେ ଦାତୃତ୍ୱର ଅସମ୍ପୂର୍ଣ୍ଣ ବର୍ଣ୍ଣନା ।

ବିଭଜ୍ୟମେରୁର୍ନଯଦର୍ଥିସାତ୍କୃତୋ ନ ସିନ୍ଧୁରୁତ୍ସର୍ଗଜଳବ୍ୟୟୈର୍ମରୁଃ ।
ଅମାନିତତ୍ତେନ ନିଜାଯଶୋଯୁଗଂ, ଦ୍ୱିଫାଳବଦ୍ଧାଶ୍ଚିକୁରାଃ ଶିରଃସ୍ଥିତଂ ॥୬॥ [ନୈଷ]

ଅନ୍ୱୟ—ମେରୁଃ, ବିଭଜ୍ୟ, ଅର୍ଥିସାତ୍, ନ, କୃତଃ, ସିନ୍ଧୁଃ, ଉତ୍ସର୍ଗଜଳ-ବ୍ୟୟୈଃ, ମରୁଃ, ନ, କୃତଃ, ଇତି, ଯତ୍, ତେନ, ଦ୍ୱିଫାଳବଦ୍ଧାଃ, ଚିକୁରାଃ, ଶିରଃସ୍ଥିତଂ, ନିଜାଯଶୋଯୁଗଂ, ଅମାନି ।

ଅର୍ଥ :—ନଳ ଯାହାଙ୍କ ଦ୍ୱିଫାଳରେ ବିଭକ୍ତ କରି ବାଳ କୁଣ୍ଡାଇ ଥିଲେ, ସେ ଜାଣ ମେରୁ ପର୍ବତକୁ ଭାଙ୍ଗି ଦାନ ନ ଦେଇ ପାରିଥିବା ଏବଂ ଦାନାମ୍ବୁ ଉତ୍ସର୍ଗ ଜଳରେ ସମୁଦ୍ର ଶୁଖାଇ ନ ପାରିଥିବା ଯୋଗୁଁ, ଯୋଡ଼ିଏ ଅଯଶ ମୁଣ୍ଡାଇ ଲୋକରେ ଜଣାଉଥିଲେ ।

GPNanda Colln., Digitized by srujanika@gmail.com

ଦାତୃତାର ଉତ୍କର୍ଷତ୍ୱ ବର୍ଣ୍ଣନା ।

ଅୟଂ ଦରିଦ୍ରୋ ଭବିତେତି ବୈଧସୀଂ, ଲିପିଂ ଲଲାଟେଽର୍ଥିଜନସ୍ୟ ଜାଗ୍ରତୀଂ ।
ମୃଷା ନ ଚକ୍ରେଽଳ୍ପିତ କଳ୍ପପାଦପଃ, ପ୍ରଣୀୟ ଦାରିଦ୍ର୍ୟଦରିଦ୍ରତାଂ ନୃପଃ ॥ ୭ ॥
[ନୈଷଧ]

ଅନ୍ୱୟ—ଅଳ୍ପିତକଳ୍ପପାଦପଃ, ନୃପଃ, ଦାରିଦ୍ର୍ୟଦରିଦ୍ରତାଂ, ପ୍ରଣୀୟ, ଅୟଂ, ଦରିଦ୍ରଃ, ଭବିତା, ଇତି, ଅର୍ଥିଜନସ୍ୟ, ଲଲାଟେ, ଜାଗ୍ରତୀଂ, ବୈଧସୀଂ, ଲିପିଂ; ମୃଷା, ନ, ଚକ୍ରେ ।

ଅର୍ଥ :—କଳ୍ପତରୁଠାରୁ ଦାନଶ୍ରେଷ୍ଠ ରାଜା ନଳ ଦରିଦ୍ରମାନଙ୍କୁ ଧନ ଦେଇ ସେମାନଙ୍କର ଦରିଦ୍ର ଅବସ୍ଥା ଦୂର କଲେ; ତେବେ ଜାଣ ଏହି ଲୋକ ଦରିଦ୍ର ହେବ ବୋଲି ବିଧାତା ଯାହା କପାଳରେ ଲେଖିଥିଲା ତାହା କଣ ଅନ୍ୟଥା ହେଲା ? ନା, ନା, ଯେହେତୁ ଲୋକେ ଦରିଦ୍ରତାରେ ଦରିଦ୍ର ହୋଇଗଲେ ।

ରଘୁଙ୍କର ଦାତୃତ୍ୱ ବର୍ଣ୍ଣନା ।

ଜନସ୍ୟ ସାକେତନିବାସିନସ୍ତୌ, ଦ୍ୱାବପ୍ୟଭୂତାମଭିନନ୍ଦ୍ୟସତ୍ତ୍ୱୌ ।
ଗୁରୁପ୍ରଦେୟାଧିକନିଃସ୍ପୃହୋଽର୍ଥୀ, ନୃପୋଽର୍ଥିକାମାଦଧିକପ୍ରଦଶ୍ଚ ॥ ୮ ॥
[ରଘୁ]

ଅନ୍ୱୟ—ଗୁରୁପ୍ରଦେୟାଧିକନିଃସ୍ପୃହଃ, ଅର୍ଥୀ, ଚ, ଅର୍ଥିକାମାତ୍, ଅଧିକପ୍ରଦଃ, ନୃପଃ, ତୌ, ଦ୍ୱୌ, ଅପି, ସାକେତନିବାସିନଃ, ଜନସ୍ୟ, ଅଭିନନ୍ଦ୍ୟସତ୍ତ୍ୱୌ, ଅଭୂତାଂ ।

ଅର୍ଥ :—ଅଯୋଧ୍ୟାବାସୀମାନେ ଦାତା ରଘୁଙ୍କୁ ଓ ପ୍ରତିଗ୍ରହୀତା କୌତ୍ସ ମହର୍ଷିଙ୍କୁ ମଧ୍ୟ ପ୍ରଶଂସା କଲେ, କାରଣ ଯେତେ ଧନ କୁବେର ଭଣ୍ଡାରରୁ ଆଣିଥିଲେ ଦାତା ତାହା ସବୁ ଦେବାକୁ ପ୍ରସ୍ତୁତ, ମାତ୍ର ପ୍ରତିଗ୍ରହୀତା ଚତୁର୍ଦ୍ଦଶ ବିଦ୍ୟାର ମୂଲ୍ୟ ସ୍ୱରୂପ ଗୁରୁଙ୍କୁ ଯେଉଁ ଚତୁର୍ଦ୍ଦଶ କୋଟି ମୁଦ୍ରା ଦେୟ ତହିଁରୁ ଅଧିକ ନେବାକୁ ଅସ୍ୱୀକୃତ ହେଲେ ।

GPNanda Colln., Digitized by srujanika@gmail.com

ନଳଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ।

ଅଧାରି ପଦ୍ମେଷୁ ତଦଂଘ୍ରିଣା ଘୃଣା, କ୍ୱ ତଚ୍ଛୟଚ୍ଛାୟଲବୋଽପି ପଲ୍ଲବେ ।
ତଦାସ୍ୟଦାସ୍ୟେଽପି ଗତୋଽଧିକାରିତାଂ, ନ ଶାରଦଃ ପାର୍ବିକଶର୍ବରୀଶ୍ୱରଃ ॥ ୯ ॥
[ନୈଷଧ]

ଅନ୍ୱୟ— ତଦଂଘ୍ରିଣା, ପଦ୍ମେଷୁ, ଘୃଣା, ଅଧାରି; ପଲ୍ଲବେ, ତଚ୍ଛୟଚ୍ଛାୟଲବଃ, ଅପି, କ୍ୱ ? ଶାରଦଃ, ପାର୍ବିକଶର୍ବରୀଶ୍ୱରଃ, ତଦାସ୍ୟଦାସ୍ୟେ, ଅପି, ଅଧିକାରିତାଂ, ନ, ଗତଃ ।

ଅର୍ଥ :—ନଳଙ୍କର ପାଦ ପଦ୍ମ ଅପେକ୍ଷା ଅଧିକତର ସୁନ୍ଦର ଓ ନବ ପଲ୍ଲବରେ ନଳଙ୍କ କରକମଳର ଛାୟାମାତ୍ର ନଥିଲା ଏବ ଶରତ୍‌କାଳୀନ ପୂର୍ଣ୍ଣଚନ୍ଦ୍ର ନଳଙ୍କ ମୁଖଚନ୍ଦ୍ରମାଦାସତ୍ୱର ମଧ୍ୟ ଅଧିକାରୀ ନଥିଲା ।

ଦମୟନ୍ତୀଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା ।

ହୃତସାରମିବେନ୍ଦୁମଣ୍ଡଳଂ, ଦମୟନ୍ତୀବଦନାୟ ବେଧସା ।
କୃତମଧ୍ୟବିଳଂ ବିଲୋକ୍ୟତେ, ଧୃତଗମ୍ଭୀରଖନୀଖନୀଲିମ ॥ ୧୦ ॥ [ନୈଷଧ]

ଅନ୍ୱୟ—ବେଧସା, ଦମୟନ୍ତୀବଦନାୟ, ଇନ୍ଦୁମଣ୍ଡଳଂ, ହୃତସାରଂ, ଇବ, କୃତମଧ୍ୟବିଳଂ, ଧୃତଗମ୍ଭୀରଖନୀଖନୀଲିମ, ବିଲୋକ୍ୟତେ ।

ଅର୍ଥ :—ଦମୟନ୍ତୀଙ୍କର ବଦନ-ସୌଷ୍ଠବ-ନିର୍ମାଣାର୍ଥ ବୋଧହୁଏ ବିଧାତା ଚନ୍ଦ୍ରମଣ୍ଡଳରୁ ସାରାଂଶ ନେଇଗଲେ, ଯେହେତୁ ଲୋକେ ଗମ୍ଭୀରଖଣୀର ନୀଳିମା ଗର୍ତ୍ତବିଶିଷ୍ଟ ଚନ୍ଦ୍ରମଣ୍ଡଳ ଦେଖୁଅଛନ୍ତି ।

ପାର୍ବତୀଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା ।

ସର୍ବୋପମାଦ୍ରବ୍ୟସମୁଚ୍ଚୟେନ, ଯଥାପ୍ରଦେଶଂ ବିନିବେଶିତେନ ।
ସା ନିର୍ମିତା ବିଶ୍ୱସୃଜା ପ୍ରଯତ୍ନାଦେକସ୍ଥସୌନ୍ଦର୍ଯ୍ୟଦିଦୃକ୍ଷୟେବ ॥ ୧୧ ॥
[କୁମାର ସମ୍ଭବ]

ଅନ୍ୱୟ—ବିଶ୍ୱସୃଜା, ଏକସ୍ଥସୌନ୍ଦର୍ଯ୍ୟଦିଦୃକ୍ଷୟା, ଇବ, ଯଥାପ୍ରଦେଶଂ, ବିନିବେଶିତେନ, ସର୍ବୋପମାଦ୍ରବ୍ୟସମୁଚ୍ଚୟେନ; ସା, ପ୍ରଯତ୍ନାତ୍, ନିର୍ମିତା ।

GPNanda Colln., Digitized by srujanika@gmail.com

ଅର୍ଥ :—ବିଧାତା ଏକତ୍ର ସମସ୍ତ ସୌନ୍ଦର୍ଯ୍ୟ ଦେଖିବା ଇଚ୍ଛାରେ ଯେଉଁ ଯେଉଁ ଉପାଦାନ ଯେଉଁ ଯେଉଁ ଅବୟବର ଯୋଗ୍ୟ, ସେହି ସେହି ଉପମାଦ୍ରବ୍ୟ ଦ୍ୱାରା ବୋଧ ହୁଏ ଅତି ଯତ୍ନରେ ପାଙ୍କଙ୍କୁ ନିର୍ମାଣ କଲେ ।

ନଳପ୍ରତି ହଂସର ଉକ୍ତି ।

ଧିଗସ୍ତୁ ତୃଷ୍ଣାତରଳଂ ଭବନ୍ମନଃ, ସମୀକ୍ଷ୍ୟପକ୍ଷାନ୍ମମହେମଜନ୍ମନଃ ।
ତବାର୍ଣ୍ଣବସ୍ୟେବ ତୁଷାରଶୀକରୈର୍ଭବେଦମୀଭିଃ କମଲୋଦୟଃ କିୟାନ୍ ॥ ୧୬ ॥
[ନୈଷଧ]

ଅନ୍ୱୟ—ହେ ନୃପ ! ହେମଜନ୍ମନଃ, ମମ, ପକ୍ଷାନ୍, ସମୀକ୍ଷ୍ୟ, ତୃଷ୍ଣାତରଳଂ, ଭବନ୍ମନଃ, ଧିକ୍, ଅସ୍ତୁ, ତୁଷାରଶୀକରୈଃ, ଅର୍ଣ୍ଣବସ୍ୟ, ଇବ, ତବ, ଅମୀଭିଃ, କିୟାନ୍, କମଲୋଦୟଃ, ଭବେତ୍ ।

ଅର୍ଥ :—ହେ ନଳ ! ସାମାନ୍ୟ ତୁଷାରବିନ୍ଦୁରେ ସମୁଦ୍ରର ଜଳ ବୃଦ୍ଧିପରି, ମୋହର ଏହି ସାମାନ୍ୟ ସ୍ୱର୍ଣ୍ଣପକ୍ଷରେ ତୁମ୍ଭର କେତେ ଅବା ଶ୍ରୀବୃଦ୍ଧି ହେବ ଯେ, ସେଥି ସକାଶେ ଏଡ଼େ ଲୋଭଗ୍ରସ୍ତ ହୋଇଅଛ; ଏଣୁ ତୁମ୍ଭ ମନକୁହିଁ ଧିକ୍ ।

ନିଜପରିଧି ଓ ନିର୍ଦ୍ଦୟତାରେ ପତିର ହିଂସାକର୍ମ ଦେଖିଲେ
ସ୍ତ୍ରୀମାନେ ପ୍ରାୟ ଲଜ୍ଜିତା ହୁଅନ୍ତି ।

ଫଲେନ ମୂଲେନ ଚ ବାରିଭୂରୁହାଂ, ମୁନେରିବେତ୍ଥଂ ମମ ଯସ୍ୟ ବୃତ୍ତୟଃ ।
ତ୍ୱୟାଦ୍ୟ ତସ୍ମିନ୍ନପି ଦଣ୍ଡଧାରିଣା, କଥଂ ନ ପତ୍ୟା ଧରଣୀ ହ୍ରୀଣୀୟତେ ॥ ୧୭ ॥ [ନୈଷଧ]

ଅନ୍ୱୟ—ଯସ୍ୟ, ମମ, ମୁନେଃ, ଇବ, ବାରିଭୂରୁହାଂ, ମୂଲେନ, ଚ, ଫଲେନ, ଇତ୍ଥଂ, ବୃତ୍ତୟଃ, ତସ୍ମିନ୍, ଅପି, ଦଣ୍ଡଧାରିଣା, ପତ୍ୟା, ତ୍ୱୟା, ଅଦ୍ୟ, ଧରଣୀ, କଥଂ, ନ, ହ୍ରୀଣୀୟତେ ।

ଅର୍ଥ :—ହେ ନଳ ! ଋଷିମାନଙ୍କ ପରି ମୋହର ବୃକ୍ଷଜାତ ଫଳ, ଭୂଜାତ ମୂଳ ଓ ଜଳଜାତ ମୃଣାଳାଦିଦ୍ୱାରା ଜୀବିକାନିର୍ବାହ ହେଉଅଛି, ଏଣୁ

GPNanda Colln., Digitized by srujanika@gmail.com

ମୁଁ ନିରପରାଧ । ମତେ ବୃଥା ଦଣ୍ଡ ଦେବା ଦ୍ୱାରା ତୁମ୍ଭର ଏହି ନିର୍ଦ୍ଦୟାକ୍ରୂର ଗୁଣରେ ଧରଣୀ ଲଜ୍ଜିତା ନୁହେଁ କି ?

ମାତା ଓ ସ୍ତ୍ରୀର ଉଦ୍ଦେଶ୍ୟେ ହଂସର ବିଳାପ ।

ମଦେକପୁତ୍ରା ଜନନୀ ଜରାତୁରା, ନବପ୍ରସୂତିର୍ବରଟା ତପସ୍ୱିନୀ ।
ଗତିସ୍ତୟୋରେଷ ଜନସ୍ତମର୍ଦ୍ଦୟନ୍ନହୋ ବିଧେ ! ତ୍ୱାଂ କରୁଣା ରୁଣଦ୍ଧି ନ ॥୧୪॥ [ନୈଷ]

ଅନ୍ୱୟ—ହେ ବିଧେ ! ଜନନୀ, ମଦେକପୁତ୍ରା, ଜରାତୁରା, ବରଟା, ତପସ୍ୱିନୀ, ନବପ୍ରସୂତିଃ, ଏଷଃ ଜନଃ, ତୟୋଃ ଗତିଃ, ତଂ ଅର୍ଦ୍ଦୟନ୍, ତ୍ୱାଂ, କରୁଣା, ନ, ରୁଣଦ୍ଧି, ଅହୋ !

ଅର୍ଥ :—ହେ ବିଧେ ! ମୁଁ ମୋ ବୃଦ୍ଧମାତାର ଏକମାତ୍ର ପୁତ୍ର ଓ ମୋହର ସ୍ତ୍ରୀ ମଧ୍ୟ ଅଳ୍ପଦିନ ହେଲା ପ୍ରସବ କରିଅଛି, ଏଣୁ ସେ ଦୁହିଁଙ୍କର ମୁଁ କେବଳ ଏକମାତ୍ର ରକ୍ଷକ । ଏପରି ସ୍ଥଳରେ ମୋହର ବୃଥା ଦଣ୍ଡରେ ଆପଣଙ୍କର ଟିକିଏ ଦୟା ହେଉ ନାହିଁ ?

ମାତାକୁ ଲକ୍ଷ୍ୟ କରି ହଂସର ବିଳାପ ।

ମୁହୂର୍ତ୍ତମାତ୍ରଂ ଭବନିନ୍ଦୟା ଦୟାସଖାଃ ସଖାୟଃ ସ୍ରବଦଶ୍ରବୋ ମମ ।
ନିବୃତ୍ତିମେଷ୍ୟନ୍ତି ପରଂ ଦୁରୁତ୍ତରସ୍ତ୍ୱୟୈବ ମାତଃ ସୁତଶୋକସାଗରଃ ॥୧୫॥ [ନୈଷ]

ଅନ୍ୱୟ—ହେ ମାତଃ ! ଦୟାସଖାଃ, ମମ, ସଖାୟଃ, ସ୍ରବଦଶ୍ରବଃ, ସନ୍ତଃ, ମୁହୂର୍ତ୍ତମାତ୍ରଂ, ଭବନିନ୍ଦୟା, ନିବୃତ୍ତିଂ, ଏଷ୍ୟନ୍ତି; ପରଂ, ତ୍ୱୟା, ଏବ, ସୁତଶୋକସାଗରଃ, ଦୁରୁତ୍ତରଃ ।

ଅର୍ଥ :—ହେ ମାତଃ ! ଏହି ମୋହର ଦୟାଳୁ ମିତ୍ରମାନେ ସଂସାରକୁ ଅନିତ୍ୟ ମନେକରି ଶୋକନିବୃତ୍ତ ହେବେ, ପରନ୍ତୁ ତୁମ୍ଭେ କେବଳ ପୁତ୍ରବଧ ଜନ୍ୟ ଶୋକାର୍ଣ୍ଣବ ପାରି ହେବା ଦୁସ୍ତର ।

ସ୍ତ୍ରୀକୁ ଲକ୍ଷ୍ୟ କରି ହଂସର ବିଳାପ ।

ମଦର୍ଥସନ୍ଦେଶମୃଣାଳମନ୍ଥରଃ, ପ୍ରିୟଃ କିୟଦ୍ଦୂର ଇତି ତ୍ୱୟୋଦିତେ ।
ବିଲୋକୟନ୍ତ୍ୟା ରୁଦତୋଽଥ ପକ୍ଷିଣଃ, ପ୍ରିୟେ ! ସ କୀଦୃଗ୍ଭବିତା ତବ କ୍ଷଣଃ ॥୧୬॥ [ନୈଷ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ପ୍ରିୟେ ! ମଦର୍ଥସନ୍ଦେଶମୃଣାଳମନ୍ଥରଃ, ପ୍ରିୟଃ, କିୟଦ୍ଦୂରେ, ଇତି, ତ୍ୱୟା, ଉଦିତେ, ଅଥ, ରୁଦତଃ, ପକ୍ଷିଣଃ, ବିଲୋକୟନ୍ତ୍ୟାଃ, ତବ, ସଃ, କ୍ଷଣଃ, କୀଦୃକ୍, ଭବିତା ?

ଅର୍ଥ :—ହେ ପ୍ରିୟେ ! ଯେତେବେଳେ 'ଆମ୍ଭର କାନ୍ତ ମୃଣାଳ ଆଣିବାରେ ତାହାଙ୍କ ବିଳମ୍ବ ଘଟିଲା, ସେ କେତେଦୂରରେ ଅଛନ୍ତି ଓ କ'ଣ କହୁଅଛନ୍ତି ?' ବୋଲି ତୁମ୍ଭେ ଅନ୍ୟାନ୍ୟ ହଂସମାନଙ୍କୁ ପଚାରିବ, ସେତେବେଳେ ସେମାନଙ୍କୁ କାନ୍ଦି ପକାଇବାର ଦେଖି, ଆହା ! ସେ ସମୟଟା ତୁମ୍ଭଙ୍କୁ କିପରି ବୋଧ ହେବ ?

ପୁନର୍ବିଳାପ ।

ମମୈବ ଶୋକେନ ବିଦୀର୍ଣ୍ଣବକ୍ଷସା, ତ୍ୱୟାପି ଚିତ୍ରାଙ୍ଗି ! ବିପଦ୍ୟତେ ଯଦି ।
ତଦସ୍ମି ଦୈବେନ ହତୋଽପି ହା ହତଃ, ସ୍ଫୁଟଂ ଯତସ୍ତେ ଶିଶବଃ ପରାସବଃ ॥ [ନୈଷଧ]

ଅନ୍ୱୟ – ହେ ଚିତ୍ରାଙ୍ଗି ! ମମ, ଶୋକେନ, ଏବ, ବିଦୀର୍ଣ୍ଣବକ୍ଷସା, ତ୍ୱୟା, ଅପି, ବିପଦ୍ୟତେ, ଯଦି, ତତ୍, ହା !, ଦୈବେନ, ହତଃ, ସ୍ଫୁଟଂ, ହତଃ, ଅସ୍ମି ; ଯତଃ, ତେ, ଶିଶବଃ, ପରାସବଃ ।

ଅର୍ଥ :—ହେ ଚିତ୍ରାଙ୍ଗି ! ତୁମ୍ଭେ ଯଦି ମୋ ମୃତ୍ୟୁରେ ବକ୍ଷ ଭୋକ୍ତ-ହୋଇ ମରିଯାଅ, ତେବେ ଜାଣ ଆହା ମୁଁ ଦୈବହତ; ଯେହେତୁ ତୁମ୍ଭର ଶିଶୁମାନେ ନିରାଶ୍ରୟ ହୋଇ ମରିଯିବେ ।

ଅସହ୍ୟଦୁଃଖରେ ବିଧିର ନିନ୍ଦା ।

କଥଂ ବିଧାତର୍ମୟି ପାଣିପଙ୍କଜାତ୍, ତବ ପ୍ରିୟାଶୈତ୍ୟମୃଦୁତ୍ୱଶିଲ୍ପିନଃ ।
ବିୟୋକ୍ଷ୍ୟସେ ବଲ୍ଲଭୟେତି ନିର୍ଗତା, ଲିପିର୍ଲଲାଟନ୍ତପନିଷ୍ଠୁରାକ୍ଷରା ॥୧୮॥ [ନୈଷଧ]

ଅନ୍ୱୟ – ହେ ବିଧାତଃ ! ପ୍ରିୟାଶୈତ୍ୟମୃଦୁତ୍ୱଶିଲ୍ପିନଃ, ତବ, ପାଣିପଙ୍କଜାତ୍, ମୟି, ବଲ୍ଲଭୟା, ବିୟୋକ୍ଷ୍ୟସେ, ଇତି, ଲଲାଟନ୍ତପନିଷ୍ଠୁରାକ୍ଷରା, ଲିପିଃ, କଥଂ, ନିର୍ଗତା ?

ଅର୍ଥ :—ହେ ବିଧେ ! ସ୍ତ୍ରୀମାନଙ୍କର ଶୈତ୍ୟ ଓ ମୃଦୁତ୍ୱ ଶିଳ୍ପୀ ତୁମ୍ଭ କରପଦ୍ମରୁ, ମୋ ବିଷୟରେ ସ୍ତ୍ରୀ ବିଯୁକ୍ତ ହେବା ସବାଶେ ଲଲାଟପୀଡ଼କ ନିଷ୍ଠୁର ଅକ୍ଷରମୂର୍ତ୍ତି ଲିପି କିପରି ନିଃସୃତ ହେଲା ?

GPNanda Colln., Digitized by srujanika@gmail.com

ନଳଙ୍କ ହସ୍ତମୁକ୍ତ ହଂସର ଉକ୍ତି ।

ପତଗେନ ମୟା ଜଗତ୍ପତେରୁପକୃତେର୍ଭବତଃ ପ୍ରତୀପ୍ସୁତେ ।
ଇତି ବେଦ୍ମି ନତୁ ଵ୍ୟଜନ୍ତସଂ, ତଦପି ପ୍ରତ୍ୟୁପକର୍ତ୍ତୁମର୍ଥ୍ୟଃ ॥ ୯ ॥ [ନୈଷ]

ଅନ୍ୱୟ—ପତଗେନ, ମୟା, ଜଗତ୍ପତେଃ, ତବ. ଉପକୃତେଃ, ପ୍ରତୀପ୍ସୁତେ, କଂ ?; ଇତି, ବେଦ୍ମି, ତତ୍, ଅପି, ଅର୍ଥ୍ୟଃ, ପ୍ରତ୍ୟୁପକର୍ତ୍ତୁଂ, ସାଂ, ନ, ତୁ, ତ୍ୟଜନ୍ତୁ ।

ଅର୍ଥ :— ହେ ନଳ ! ମୁଁ ଗୋଟିଏ ସାମାନ୍ୟ ପକ୍ଷୀ ଓ ଅପଣ ଜଣେ ସାର୍ବଭୌମ, ଏଣୁ ମୁଁ ଜାଣୁଛି ମୋ ପ୍ରତ୍ୟୁପକାରରେ ଆପଣଙ୍କର କଣ୍ଟିମାତ୍ର ଫଳ ସମ୍ଭବ ନୁହେଁ । ତେବେହେଁ ଉପକାରର ପ୍ରତ୍ୟୁପକାରରୂପକ ଅବେଗ, ଆପଣଙ୍କର ସହିତ ଦମୟନ୍ତୀଙ୍କ ଶୁଭପରିଣୟରୂପକ ପ୍ରତ୍ୟୁପକାର କରିବାକୁ ମତେ ନିଯୁକ୍ତ କରୁଅଛି ।

ଅନୁରୂପ ଶ୍ଳୋକ ।

ପ୍ରଥମବୟସି ଦତ୍ତଂ ତୋୟମଲ୍ପଂ ସ୍ମରନ୍ତଃ, ଶିରସି ନିହିତଭାରା
ନାରିକେଳା ନରାଣାଂ ।
ସଲିଳମମୃତଭୁଲ୍ୟଂ ଦଦ୍ୟୁରାଜୀବନାନ୍ତଂ, ନ ହି କୃତମୁପକାରଂ
ସାଧବୋ ବିସ୍ମରନ୍ତି ॥ ୧୦ ॥ [ଅଜ୍ଞା]

ଅନ୍ୱୟ—ପ୍ରଥମବୟସି, ଅଲ୍ପଂ, ଦତ୍ତଂ, ତୋୟଂ, ସ୍ମରନ୍ତଃ, ନାରିକେଳାଃ, ଶିରସି, ନିହିତଭାରାଃ, ସନ୍ତଃ, ନରାଣାଂ, ଅମୃତଭୁଲ୍ୟଂ, ସଲିଳଂ, ଆଜୀବନାନ୍ତଂ, ଦଦ୍ୟୁଃ; ହି, ସାଧବଃ, କୃତଂ, ଉପକାରଂ, ନ, ବିସ୍ମରନ୍ତି ।

ଅର୍ଥ :—ନାରିକେଳ ବୃକ୍ଷ ପ୍ରଥମ ଅବସ୍ଥାରେ ମୂଳରେ ଜଳ ଦିଆଯିବା କଥା ସ୍ମରଣ କରି ଆଜୀବନ ନଡିଆ ପେଣ୍ଡା ମୁଣ୍ଡାଇ ଅମୃତ ତୁଲ୍ୟ ଜଳ ପ୍ରଦାନ କରେ; ଯେହେତୁ ସାଧୁମାନେ ପରୋପକାରକୁ କେବେହେଁ ଭୁଲନ୍ତି ନାହିଁ ।

GPNanda Colln., Digitized by srujanika@gmail.com

ହଂସର ବିଦାୟ ସମୟରେ ନଳଙ୍କର ଉକ୍ତି ।

ତବ ବର୍ତ୍ମନି ବର୍ତ୍ତତାଂ ଶିବଂ, ପୁନରସ୍ତୁ ତ୍ୱରିତଂ ସମାଗମଃ ।
ଅୟି ସାଧୟ ସାଧୟେପ୍ସିତଂ, ସ୍ମରଣୀୟାଃ ସମୟେ ବୟଂ ବୟଃ ॥ ୬୧ ॥
[ନୈଷଧ]

ଅନ୍ୱୟ—ହେ ବୟଃ, ତବ, ବର୍ତ୍ମନି, ଶିବଂ, ବର୍ତ୍ତତାଂ; ପୁନଃ, ତ୍ୱରିତଂ, ସମାଗମଃ, ଅସ୍ତୁ; ଈପ୍ସିତଂ, ଅୟି, ସାଧୟ, ସାଧୟ, ସମୟେ, ବୟଂ, ସ୍ମରଣୀୟାଃ ।

ଅର୍ଥ :—ହେ ହଂସ ! ତୁମ୍ଭର ମାର୍ଗରେ ମଙ୍ଗଳ ହେଉ ଏବଂ ଶୀଘ୍ର ପୁନର୍ବାର ତୁମ୍ଭ ସହିତ ସାକ୍ଷାତ ହେଉ । ତୁମ୍ଭେ ଦମୟନ୍ତୀଲାଭରୂପ ଅଭିଳାଷ ପୂର୍ଣ୍ଣ କରିବ ଓ ଆମ୍ଭମାନଙ୍କୁ ସମୟରେ ସ୍ମରଣ ରଖିଥିବ ।

ଅନୁରୂପ ଶ୍ଳୋକ ।

ନିରସ୍ତପ୍ରତ୍ୟୂହଂ ଭବତୁ ଭବତୋ ବର୍ତ୍ମନି ଶିବଂ,
ସମୁତ୍ତିଷ୍ଠ କ୍ଷିପ୍ରଂ ମନସି ମୁଦମାଧାୟ ସଦୟଂ ।
ଅତଃସ୍ତୋକାବକ୍ରୋଲ୍ଲଘୁଲଘୁସମୁତ୍ତାନନଯୁଗୈ-
ର୍ଭବନ୍ତଂ ବୀକ୍ଷ୍ୟନ୍ତାଂ କୁତୁକତରଳାଃ ଗୋପଶିଶବଃ ॥ ୧୨ ॥ [ହଂସଦୂତ]

ଅନ୍ୱୟ—ହେ ହଂସ ! ଭବତଃ, ବର୍ତ୍ମନି, ନିରସ୍ତ ପ୍ରତ୍ୟୂହଂ, ଶିବଂ, ଭବତୁ ; ତ୍ୱଂ, ମନସି, ମୁଦଂ, ଆଧାୟ, ସଦୟଂ, କ୍ଷିପ୍ରଂ, ସମୁତ୍ତିଷ୍ଠ; କୁତୁକ-ତରଳାଃ, ଗୋପଶିଶବଃ, ଅତଃସ୍ତୋକାତ୍, ଧାବନ୍ତଃ, ଲଘୁ, ଲଘୁ, ସମୁତ୍ତାନନଯୁଗୈଃ, ଭବନ୍ତଂ, ବୀକ୍ଷ୍ୟନ୍ତାଂ ।

ଅର୍ଥ :—ହଂସ ପ୍ରତି ଲଳିତାଙ୍କର ଉକ୍ତି—ହେ ହଂସ ! ତୁମ୍ଭ ଯିବା ମାର୍ଗରେ ନିର୍ବିଘ୍ନ ମଙ୍ଗଳ ହେଉ । ଶୀଘ୍ର ତୁମ୍ଭେ କୃଷ୍ଣଙ୍କ ନିକଟ ଯିବାକୁ ଦୟା କର ପ୍ରସ୍ତୁତ ହୁଅ ଓ ଗୋପଶିଶୁମାନେ କୌତୁକମନରେ ଅଳ୍ପ ଅଳ୍ପ ଉର୍ଦ୍ଧ୍ୱଦୃଷ୍ଟିରେ ଧାଇଁ ଧାଇଁ ତୁମ୍ଭଙ୍କୁ ଦେଖନ୍ତୁ ।

GPNanda Colln., Digitized by srujanika@gmail.com

ସୁସମୟ ଦେଖି କହିବ ।

ବିଲୋକେଥାଃ କୃଷ୍ଣଂ ମଦକଳମରାଳୀକଳିତକଳା-
ବିମୁଗ୍ଧ ! ବ୍ୟାମୁଗ୍ଧଂ ଯଦି ପୁରବଧୂବିଭ୍ରମଭରୈଃ ।
ତଦାନାସ୍ମାନ୍ ଗ୍ରାମ୍ୟାଃ ଶ୍ରବଣପଦବୀଂ ତସ୍ୟ ଗମୟେଃ,
ସୁଧାପୂର୍ଣ୍ଣଂ ଚେତଃ କଥମପି ନ ତକ୍ରଂ ମୃଗୟତେ ॥ ୨୩ ॥ [ହଂସ]

ଅନ୍ୱୟ—ହେ ମଦକଳମରାଳୀରଭିକଳାବିମୁଗ୍ଧ ! ଯଦି, କୃଷ୍ଣଂ, ପୁରବଧୂବିଭ୍ରମଭରୈଃ, ବ୍ୟାମୁଗ୍ଧଂ, ବିଲୋକେଥାଃ, ତଦା, ଗ୍ରାମ୍ୟାଃ, ଅସ୍ମାନ୍, ତସ୍ୟ, ଶ୍ରବଣପଦବୀଂ, ନ, ଗମୟେଃ; ହି, ସୁଧାପୂର୍ଣ୍ଣଂ ଚେତଃ, କଥଂ, ଅପି, ତକ୍ରଂ, ନ, ମୃଗୟତେ ।

ଅର୍ଥ :—ହେ ହଂସ ! ଯଦି ତୁମ୍ଭେ ସେଠାରେ କୃଷ୍ଣଙ୍କୁ ପୁରସ୍ତ୍ରୀମାନଙ୍କ ବିଭ୍ରମ ଭରରେ ବିଳାସୀ ଥିବାର ଦେଖିବ, ତେବେ ଅମ୍ଭ ଗ୍ରାମ୍ୟ ନାରୀମାନଙ୍କ ବିଷୟ ତାହାଙ୍କୁ ଜଣାଇବ ନାହିଁ; ଯେହେତୁ ଚିତ୍ତ, ସୁଧାପୂର୍ଣ୍ଣ ଥିବା ସମୟରେ କେବେମାନ୍ ଘୋଳ ଦହିକୁ ଇଚ୍ଛା ରଖେ ନାହିଁ ।

ଲଳିତାଙ୍କର କୃଷ୍ଣଙ୍କ ନିକଟ ସନ୍ଦେଶ ।

କଥଂ ସଙ୍ଗୋଽସ୍ମାଭିଃ ସହ ସମୁଚିତଃ ସମ୍ପ୍ରତି ହରେ-
ବୟଂ ଗ୍ରାମ୍ୟା ନାର୍ଯ୍ୟସ୍ତ୍ୱମସି ନୃପକନ୍ୟାର୍ଚ୍ଚିତପଦଃ ।
ଗତଃ କାଲୋ ଯସ୍ମିନ୍ ପଶୁପରମଣୀସଙ୍ଗମକୃତେ,
ଭବାନ୍ ବ୍ୟଗ୍ରସ୍ତସ୍ଥୌ ତମସି ଗୁହବାଟୀବିଟପିନାଂ ॥ ୨୪ ॥ (ହଂସ)

ଅନ୍ୱୟ—ସମ୍ପ୍ରତି, ହରେଃ, ଅସ୍ମାଭିଃ, ସହ, ସଙ୍ଗଃ, କଥଂ, ସମୁଚିତଃ; ବୟଂ, ଗ୍ରାମ୍ୟାଃ, ନାର୍ଯ୍ୟଃ, ତ୍ୱଂ, ନୃପକନ୍ୟାର୍ଚ୍ଚିତପଦଃ, ଅସି, କାଳଃ, ଗତଃ, ଯସ୍ମିନ୍, ଭବାନ୍, ତମସି, ଗୃହବାଟୀବିଟପିନାଂ, ପଶୁପରମଣୀସଙ୍ଗମକୃତେ, ବ୍ୟଗ୍ରଃ, ତସ୍ଥୌ ।

ଅର୍ଥ :—ହେ କୃଷ୍ଣ, ବର୍ତ୍ତମାନ ସେଠାରେ ଆପଣଙ୍କ ପାଦପଦ୍ମକୁ ରାଜକନ୍ୟାମାନେ ପୂଜା କରୁଅଛନ୍ତି, ଏଣୁ ଆପଣ କାହିଁକି ବା ଅମ୍ଭମାନଙ୍କ ସଂସର୍ଗ ଇଚ୍ଛା କରିବେ ? ଆଜ ସେ କାଳ ଗଲାଣି, ଯେଉଁ କାଳରେ କି ଆପଣ

GPNanda Colln., Digitized by srujanika@gmail.com

ଅମ୍ଭମାନଙ୍କ ସଂସର୍ଗ ଆଶାରେ ଅନ୍ଧାର ରାତ୍ରରେ ଗୃହ ନିକଟସ୍ଥ ଗଚ୍ଛମାନଙ୍କରେ ଲୁଚି ରହୁଥିଲେ ।

କାଳିଆ ଜାତି ପୁରୁଷର ଅବିଶ୍ୱାସିତା ।

ବୟଂ ତ୍ୟକ୍ତାଃ ସ୍ୱାମିନ୍ ! ଯଦହହ ତବ ତଂ ଦୂଷଣମିଦଂ,
ନିସର୍ଗଃ ଶ୍ୟାମାନାମୟମତିତରାଂ ଦୁଷ୍ଟରହରଃ ।
ତନୁଃ କର୍ଣ୍ଣୈରଣ୍ଡାବଧିସହଜବାସାତ୍ ପରିଚିତା,
ବିମୁଞ୍ଚ୍ୟନ୍ତେ ସଦ୍ୟଃ କଳିତନବପକ୍ଷୈର୍ବଳଭୁଜଃ ॥ ୧୫ ॥ [ହଂସ]

ଅନ୍ୱୟ—ହେ ସ୍ୱାମିନ୍ ! ତତ୍, ଯତ୍, ବୟଂ, ତ୍ୟକ୍ତାଃ, ଇଦଂ, ତବ, ଦୂଷଣଂ, କିଂ ? ଶ୍ୟାମାନାଂ, ଅୟଂ, ନିସର୍ଗଃ, ଅତିତରାଂ, ଦୁଷ୍ଟରହରଃ; ଅଣ୍ଡାବଧି-ସହଜବାସାତ୍, ପରିଚିତାଃ, ବଳଭୁଜଃ, ସଦ୍ୟଃ, ତନୁଃକର୍ଣ୍ଣୈଃ, କଳିତନବପକ୍ଷୈଃ, ସଦ୍ଭିଃ, ବିମୁଞ୍ଚ୍ୟନ୍ତେ ।

ଅର୍ଥ :—ହେ କୃଷ୍ଣ ! ଅମ୍ଭମାନଙ୍କୁ ଛାଡ଼ିଯିବା କେବଳ ତୁମ୍ଭର ଏକା ଦୋଷ ନୁହେଁ, ଯେହେତୁ କାଳିଆ ଜାତି ଲୋକର ଏହି ସ୍ୱଭାବ ପ୍ରାୟ ଦୁଷ୍ପରି-ହାର୍ଯ୍ୟ । ଦେଖନ୍ତୁ କୋକିଳମାନେ ଡିମ୍ବ ସମୟରୁ କୁଆମାନଙ୍କର ସହାୟତା ନେଉଥାନ୍ତି, ମାତ୍ର ପକ୍ଷ କଅଁଳିଲାକ୍ଷଣି ସେମାନଙ୍କୁ ଛାଡ଼ି ପଳାନ୍ତି ।

ଗୋପପୁରର ଅବସ୍ଥା ।

ଶୀର୍ଣ୍ଣା ଗୋକୁଳମଣ୍ଡଳୀ ପଶୁକୁଳଂ ଶଷ୍ପାୟ ନ ସ୍ପନ୍ଦତେ,
ମୂକାଃ କୋକିଳପଙ୍କ୍ତୟଃ ଶିଖିକୁଳଂ ନ ବ୍ୟାକୁଳଂ ନୃତ୍ୟତି ।
ସର୍ବେ ତ୍ୱଦ୍ୱିରହାନଳେନ ସତତଂ ହା କୃଷ୍ଣ ! ଦୈନ୍ୟଂ ଗତାଃ,
କିନ୍ତ୍ୱେକା ଯମୁନା କୁରଙ୍ଗନୟନାନେତ୍ରାମ୍ବୁଭିର୍ବର୍ଦ୍ଧତେ ॥ ୧୬ ॥ [ଅଜ୍ଞା]

ଅନ୍ୱୟ—ଗୋକୁଳମଣ୍ଡଳୀ, ଶୀର୍ଣ୍ଣା, ପଶୁକୁଳଂ, ଶଷ୍ପାୟ, ନ, ସ୍ପନ୍ଦତେ, କୋକିଳପଙ୍କ୍ତୟଃ, ମୂକାଃ, ଶିଖିକୁଳଂ, ବ୍ୟାକୁଳଂ, ସତ୍, ନ, ନୃତ୍ୟତି, ସତତଂ, ସର୍ବେ, ତ୍ୱଦ୍ୱିରହାନଳେନ, ହା କୃଷ୍ଣ, ଇତି, ଦୈନ୍ୟଂ, ଗତାଃ; କିନ୍ତୁ, ଏକା, ଯମୁନା, କୁରଙ୍ଗନୟନାନେତ୍ରାମ୍ବୁଭିଃ, ବର୍ଦ୍ଧତେ ।

GPNanda Colln., Digitized by srujanika@gmail.com

ଅର୍ଥ :—ହେ ହଂସ ! କହିବ, ଗୋରୁମାନେ ଶୀର୍ଣ୍ଣ ହେଲେଣି, ଅନ୍ୟାନ୍ୟ ପଶୁମାନେ ଘାସ ଖାଉ ନାହାନ୍ତି । କୋକିଳମାନେ ରବ କରୁ ନାହାନ୍ତି ଓ ମୟୂରମାନେ ନୃତ୍ୟ କରୁ ନାହାନ୍ତି । ତୁମ୍ଭ ବିରହରେ ସମସ୍ତେ ହା କୃଷ୍ଣ ହା କୃଷ୍ଣ ବୋଲି ଡାକୁଛନ୍ତି, ମାତ୍ର ଏକା ଯମୁନା ମୃଗନୟନା ଗୋପାଙ୍ଗନାମାନଙ୍କ ନେତ୍ର-ଜଳରେ ବହୁଥିବା ବଢ଼ିଅଛି ।

ସମସ୍ତ ଜାଣି କହିବା ସକାଶେ ଅନୁରୂପ ଶ୍ଳୋକ ।

ତସ୍ମିନ୍ କାଲେ ଜଳଦ ! ଯଦିସାଲବ୍ଧନିଦ୍ରାସୁଖାସ୍ୟା-
ଦନ୍ୱାସ୍ୟୈନାଂସ୍ତନିତବିମୁଖୋ ଯାମମାତ୍ରଂ ସହସ୍ୱ ।
ମାଭୂଦସ୍ୟାଃ ପ୍ରଣୟିନି ମୟି ସ୍ୱପ୍ନଲବ୍ଧେ କଥଂଚିତ୍,
ସଦ୍ୟଃ କଣ୍ଠଚ୍ୟୁତଭୁଜଲତାଗ୍ରନ୍ଥି ଗାଢ଼ୋପଗୂଢ଼ଂ ॥ ୧୭ ॥ [ମେଘଦୂତ]

ଅନ୍ୱୟ—ହେ ଜଳଦ ! ତସ୍ମିନ୍, କାଲେ, ସା, ଲବ୍ଧନିଦ୍ରାସୁଖା, ସ୍ୟାତ୍, ଯଦି, ଏନାଂ, ଅନ୍ୱାସ୍ୟ, ସ୍ତନିତବିମୁଖଃ, ସନ୍, ଯାମମାତ୍ରଂ, ସହସ୍ୱ; ଅସ୍ୟାଃ, ପ୍ରଣୟିନି, ମୟି, କଥଂଚିତ୍, ସ୍ୱପ୍ନଲବ୍ଧେ, ଋଢ଼, ଗାଢ଼ୋପଗୂଢ଼ଂ, ସଦ୍ୟଃ, କଣ୍ଠଚ୍ୟୁତ-ଭୁଜଲତାଗ୍ରନ୍ଥି, ମା, ଅଭୂତ୍ ।

ଅର୍ଥ :—ହେ ମେଘ ! ତୁମ୍ଭେ ପହଞ୍ଚିବା ସମୟରେ ଯଦି ଆମ୍ଭର ପ୍ରାଣପ୍ରେୟସୀ ନିଦ୍ରାସୁଖ ଅନୁଭବ କରୁଥାନ୍ତି ତେବେ ତୁମ୍ଭେ ଗର୍ଜନ ତର୍ଜନ ନ କରି ନିସ୍ତବ୍ଧ ଭାବରେ ଦୁଇ ଘଡ଼ି ଅପେକ୍ଷା କରିବ, କାରଣ ସେ ଯଦି ସ୍ୱପ୍ନରେ ବାହୁପାଶ ଦ୍ୱାରା ମୋହର କଣ୍ଠକୁ ଆଲିଙ୍ଗନ କରିଥାନ୍ତି ତେବେ ତାହାଙ୍କର ଯେପରି ବ ଆମ୍ଭ କଣ୍ଠରୁ ଭୁଜଲତାଗ୍ରନ୍ଥି ଫିଟି ସୁଖ ନଷ୍ଟ ନ ହୁଏ ।

ସୁସମସ୍ତ ଦେଖି ଜଣାଇବା ସକାଶେ ନଳଙ୍କ ପ୍ରତି
ହଂସଦ୍ୱାରା ଦମୟନ୍ତୀଙ୍କର ସମ୍ବାଦ ।

ଧରାଭୃଦ୍‌ଗୃହସାହମଦର୍ଥଯାଚ୍ଞା, କାର୍ଯ୍ୟା ନ କାର୍ଯ୍ୟାନ୍ତରଚୁମ୍ବି ଚିତ୍ତେ ।
ତଦାର୍ଥିତସ୍ୟାନବବୋଧମୁଦ୍ରା, ବଭର୍ତ୍ତ୍ୟବଜ୍ଞାଚରଣସ୍ୟ ମୁଦ୍ରାଂ ॥୨୮॥ [ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ହଂସ ! ଧନ୍ନଭୁନ୍ନସାନ୍ଧ, କାର୍ଯ୍ୟାନ୍ତରରତେ, ହନ୍ତେ, ମଦର୍ଥଯାଚ୍ଞା, ନ. କାର୍ଯ୍ୟା; ତଦା ଅର୍ଥିତସ୍ୟ, ଅନବଟବୋଧମୁଦା, ଅବଜ୍ଞାଚରଣସ୍ୟ, ମୃଦୃାଂ, ବଭର୍ତ୍ତି ।

ଅର୍ଥ :—ହେ ହଂସ, ଯେଉଁ ସମୟରେ ଧରେନ୍ଦ୍ର ନଳଙ୍କର ମନ ଅନ୍ୟାନ୍ୟ କାର୍ଯ୍ୟରେ ଆସକ୍ତ ଥିବ, ସେହି ସମୟରେ ଆମ୍ଭ ସକାଶେ କିଛିମାତ୍ର ପ୍ରାର୍ଥୀ ହେବ ନାହିଁ; ଯେହେତୁ କାର୍ଯ୍ୟାସକ୍ତ ସମୟରେ ପ୍ରାୟ ପ୍ରାର୍ଥନାର ଅନବଗତ ଅନାଦର ଭାବ ପ୍ରକାଶ କରଥାଏ ।

ପୁନଶ୍ଚ ।

ଶୁଦ୍ଧାନ୍ତସମ୍ଭୋଗନିତାନ୍ତତୁଷ୍ଟେ, ନ ନୈଷଧେ କାର୍ଯ୍ୟମିଦଂ ନିଗାଦ୍ୟଂ ।
ଅପାଂ ହି ତୃପ୍ତାୟ ନ ବାରଧାରା, ସ୍ୱାଦୁଃସୁଗନ୍ଧଃ ସ୍ୱଦତେ ତୁଷାରା ॥୨୯॥ [ନୈଷ]

ଅନ୍ୱୟ—ହେ ହଂସ ! ଶୁଦ୍ଧାନ୍ତସମ୍ଭୋଗନିତାନ୍ତତୁଷ୍ଟେ, ନୈଷଧେ, ଇଦଂ, କାର୍ଯ୍ୟଂ, ନ, ନିଗାଦ୍ୟଂ, ସ୍ୱାଦୁଃ, ସୁଗନ୍ଧଃ, ତୁଷାରା, ବାରଧାରା, ଅପାଂ, ତୃପ୍ତାୟ, ନ, ସ୍ୱଦତେହି ।

ଅର୍ଥ :—ହେ ହଂସ ! ନଳ ଅନ୍ତଃପୁରିକାମାନଙ୍କ ସମ୍ଭୋଗ-ସୁଖରେ ତୁଷ୍ଟ ଥିବା ସମୟରେ ମୋହର ବିଷୟ କିଛି ଜଣାଇବ ନାହିଁ; ଯେହେତୁ କେବଳ ଜଳରେ ତୃପ୍ତ ହେବାର ସମୟ କିଛିମାତ୍ର ସ୍ୱାଦୁ, ସୁଗନ୍ଧ ଓ ଶୀତଳ ଜଳର ଅପେକ୍ଷା କରେନାହିଁ ।

ପୁନଶ୍ଚ ।

ବିଜ୍ଞାପନୀୟା ନ ଗିରୋମଦର୍ଥା କ୍ରୁଧାକଦୁଷ୍ଣେହୃଦିନୈଷଧସ୍ୟ ।
ପିତ୍ତେନଦୂନେରସନେସିତାପି, ତିକ୍ତାୟତେ ହଂସକୁଳାବତଂସ ॥୩୦॥ [ନୈଷ]

ଅନ୍ୱୟ—ହେ ହଂସକୁଳାବତଂସ !, କ୍ରୁଧା, କଦୁଷ୍ଣେ, ନୈଷଧସ୍ୟ, ହୃଦି, ମଦର୍ଥାଃ, ଗିରଃ, ନ, ବିଜ୍ଞାପନୀୟାଃ; ପିତ୍ତେନ, ଦୂନେ, ରସନେ, ସିତା, ଅପି, ତିକ୍ତାୟତେ ।

GPNanda Colln., Digitized by srujanika@gmail.com

ଅର୍ଥ : — ହେ ହଂସକୁଳଶ୍ରେଷ୍ଠ ! ନଳଙ୍କ ମନ କ୍ରୋଧାତୁର ଥିବା ସମୟରେ ଆମ୍ଭ ସକାଶେ କିଛିମାତ୍ର ପ୍ରାର୍ଥନା କରିବ ନାହିଁ; କାରଣ ପିତ୍ତପ୍ରକୋପ ହେତୁ ରସନା ତିକ୍ତାସ୍ୱାଦିତ ଥିଲେ ଦୁଗ୍ଧ ଓ ଚିନିଆଦି ତିକ୍ତ ବୋଧ ହୋଇଥାଏ ।

ବିଳମ୍ବର ଆଶଙ୍କା କରିବ ନାହିଁ ।

ବକ୍ତେନ ବାକ୍ୟମିଦଂ ନରେନ୍ଦ୍ରେ, ତସ୍ମାତ୍ତ୍ୱୟାସ୍ମିନ୍ ସମୟଂ ସମୀକ୍ଷ୍ୟ ।
ଅତ୍ୟନ୍ତକାଙ୍କ୍ଷିବିଲମ୍ବିତେଭ୍ୟଃ, କାର୍ଯ୍ୟସ୍ୟ କାର୍ଯ୍ୟସ୍ୟ ଶୁଭା ବିଭାତି ॥୩୦॥ [ନୈଷଧ]

ଅନ୍ୱୟ—ତସ୍ମାତ୍, ବକ୍ତ୍ରେନ, ତ୍ୱୟା, ସମୟଂ, ସମୀକ୍ଷ୍ୟ, ଅସ୍ମିନ୍, ନରେନ୍ଦ୍ରେ, ଇଦଂ, ବାକ୍ୟଂ, କାର୍ଯ୍ୟସ୍ୟ, ଅତ୍ୟନ୍ତକାଙ୍କ୍ଷିବିଲମ୍ବିତେଭ୍ୟଃ, ଆର୍ଯ୍ୟସ୍ୟ, କା, ଶୁଭା, ବିଭାତି ।

ଅର୍ଥ : — ହେ ହଂସ ! ଆପଣ ତ ବିଜ୍ଞ, ଏଣୁ ମୁଁ ବେଶି କିଛି କହିବାକୁ ଉଚିତ ମନେ କରୁ ନାହିଁ । ସୁସମୟ ଦେଖି କହିବ, ବିଳମ୍ବର ଆଶଙ୍କା କରିବ ନାହିଁ; ଯେହେତୁ ଏକବାର କାର୍ଯ୍ୟସିଦ୍ଧି ନ ହେବା ଅପେକ୍ଷା ଆର୍ଯ୍ୟ କାର୍ଯ୍ୟ ବିଳମ୍ବରେ ସିଦ୍ଧ ହେଲେ ମଧ୍ୟ ଶ୍ରେୟ ।

ସଫଳ ହେଉ ବା ବିଫଳ ହେଉ ସଜ୍ଜନଙ୍କୁ ପ୍ରାର୍ଥନା କରିବାହିଁ କର୍ତ୍ତବ୍ୟ ।

ଜାତଂ ବଂଶେ ଭୁବନବିଦିତେ ପୁଷ୍କରାବର୍ତ୍ତକାନାଂ,
ଜାନାମି ତ୍ୱାଂ ପ୍ରକୃତିପୁରୁଷଂ କାମରୂପଂ ମଘୋନଃ ।
ତେନାର୍ଥିତ୍ୱଂ ତ୍ୱୟି ବିଧିବଶାଦ୍ ଦୂରବନ୍ଧୁର୍ଗତୋଽହଂ,
ଯାଚ୍ଞାମୋଘା ବରମଧିଗୁଣେନାଧମେ ଲବ୍ଧକାମା ॥୩୧॥ [ମେଘ]

ଅନ୍ୱୟ—ହେ ମେଘ ! ତ୍ୱାଂ, ଭୁବନବିଦିତେ, ପୁଷ୍କରାବର୍ତ୍ତକାନାଂ ବଂଶେ, ଜାତଂ, କାମରୂପଂ, ମଘୋନଃ, ପ୍ରକୃତିପୁରୁଷଂ, ଜାନାମି, ତେନ, ବିଧିଯୋଗାତ୍, ଦୂରବନ୍ଧୁଃ, ଅହଂ, ତ୍ୱୟି, ଅର୍ଥିତ୍ୱଂ, ଗତଃ, ଅଧିଗୁଣେ; ପୁଂସି, ଯାଚ୍ଞା, ମୋଘା, ଅପି, ବରଂ, ଅଧମେ, ଯାଚ୍ଞା, ଲବ୍ଧକାମା, ଅପି, ନ, ବରଂ ।

ଅର୍ଥ :—ହେ ମେଘ ! ଆପଣ ଜଗଦ୍ୱିଖ୍ୟାତ ପୁଷ୍କର ଓ ଆବର୍ତ୍ତକାଦି ବଂଶରେ ଜାତ । ଆପଣ କାମରୂପୀ ଓ ଇନ୍ଦ୍ରଙ୍କର ପ୍ରଧାନ ପୁରୁଷ ।

GPNanda Colln., Digitized by srujanika@gmail.com

ଅପରି ମହାକୁଳସମ୍ଭୂତ ଥିବାରୁ ଦୂରବନ୍ଧୁ, ଆମ୍ଭେ ତୁମ୍ଭଠାରେ ଶରଣାପନ୍ନ ହୋଇ ପ୍ରାର୍ଥୀ ହେଲୁଁ, ଯେହେତୁ ପ୍ରଧାନ ଲୋକଙ୍କୁ ପ୍ରାର୍ଥନା କରି ବିଫଳ-ମନୋରଥ ହେଲେହେଁ ଶ୍ରେୟ, ମାତ୍ର ସଫଳକାମ ହେଲେ ସୁଦ୍ଧା ଅଧମ ଲୋକଙ୍କୁ ପ୍ରାର୍ଥନା କରିବା ଉଚିତ ନୁହେ ।

ସଜ୍ଜନଠାରେ ପ୍ରାର୍ଥନା ପ୍ରାୟ ବିଫଳ ହୁଏ ନାହିଁ ।

ପବିତ୍ରେଷୁପ୍ରାୟୋବିଚରସିହିତୋୟେଷୁବସତିଂ,
ପ୍ରମୋଦଂ ନାଳୀକେବହସିବିଶଦାତ୍ମାପ୍ୟସି ।
ତତୋଽହଂଦୁଃଖାର୍ତ୍ତାଶରଣମବଲାତ୍ୱାଂଗତବତୀ,
ନ ଯାଚ୍ଞା ସତ୍ପକ୍ଷେ ବ୍ରଜତି ହି କଦାଚିଦ୍ ବିଫଳତାଂ ॥୩୩॥ [ହଂ ଦୂ]

ଅନ୍ୱୟ—ହେ ହଂସ । ପ୍ରାୟଃ, ପବିତ୍ରେଷୁ, ତୋୟେଷୁ, ବସତିଂ, ବିଚରସି, ନାଳୀକେ, ପ୍ରମୋଦଂ, ବହସି, ସ୍ୱୟଂ, ବିଶଦାତ୍ମା, ଅସି, ତତଃ, ଅହଂ, ଦୁଃଖାର୍ତ୍ତା, ଅବଳା, ତ୍ୱାଂ, ଶରଣଂ, ଗତବତୀ, ହି, କଦାଚିତ,ସତ୍ପକ୍ଷେ, ଯାଚ୍ଞା, ବିଫଳତାଂ, ନ, ବ୍ରଜତି ।

ଅର୍ଥ :—(ହଂସ ପ୍ରତି ଲଳିତାଙ୍କର ଉକ୍ତି) ହେ ହଂସ । ତୁମ୍ଭେ ପବିତ୍ର ଜଳରେ ବିଚରଣ କରୁଅଛ, ପଦ୍ମମୃଣାଳ ଖାଇ ଆନନ୍ଦ ଅନୁଭବ କରୁଅଛ ଓ ନିର୍ମଳ ଶରୀର ଧାରଣ କରିଅଛ । ତୁମ୍ଭେ ପବିତ୍ରାତ୍ମା ଥିବାରୁ ଆମ୍ଭେ ଅବଳା ତୁମ୍ଭର ଶରଣାପନ୍ନ ହେଲୁଁ; ଯେହେତୁ ସଜ୍ଜନମାନଙ୍କଠାରେ ପ୍ରାର୍ଥନା କେତେବେଳରେ ହିଁ ବିଫଳ ନୁହେ ।

ଦମୟନ୍ତୀଙ୍କ ନିକଟ ଇନ୍ଦ୍ରଦୂତୀର ଆଗମନ ।

ଲପିର୍ନ୍ଦେବୀ ସୁପଠାଭୁଵୀଡ, ତୁଭ୍ୟଂ ମହ୍ୟଂ ପ୍ରେଷିତବାଚିକସ୍ୟ ।
ଇନ୍ଦ୍ରସ୍ୟ ଦୂତ୍ୟାଂ ରଚୟ ପ୍ରସାଦଂ, ବିଜ୍ଞାପୟନ୍ତ୍ୟାମବଧାନଦାନଂ ୩୪ ॥
[ନୈଧ]

ଅନ୍ୱୟ—ଦୈବୀ, ଲିପିଃ, ଭୁବ, ନ, ସୁପଠା, ଇତି, ତୁଭ୍ୟଂ, ପ୍ରେଷିତ-ବାଚକସ୍ୟ, ଇନ୍ଦ୍ରସ୍ୟ, ଦୂତ୍ୟାଂ, ମୟି, ବକ୍ଷ୍ୟାପସୂଲ୍ୟାଂ, ଅବଧାନଦାନଂ, ପ୍ରସାଦଂ, ରଚୟ ।

ଅର୍ଥ :—ଅଗୋ ଦମୟନ୍ତି ! ଏହି ମର୍ତ୍ତ୍ୟମଣ୍ଡଳରେ ଦୈବଲିପି କେହି ପଢ଼ି ପାରୁ ନ ଥିବାରୁ ଇନ୍ଦ୍ର ମୋତେ ସନ୍ଦେଶ ଦେଇ ପଠାଇଅଛନ୍ତି. ବର୍ତ୍ତମାନ ସନ୍ଦେଶଧାରଣୀ ଇନ୍ଦ୍ରଦୂତୀ ନିବେଦନ କରୁଅଛି, ତୁମ୍ଭେ ଇନ୍ଦ୍ରଙ୍କ ବିଷୟରେ ମନୋନିବେଶରୂପ ଅନୁଗ୍ରହ ପ୍ରକାଶ କର ।

ପୁନଶ୍ଚ ।

ନୈନଂ ତ୍ୟଜ କ୍ଷୀରଧିମନ୍ଥନାଦ୍ୟୈ ରସ୍ୟାନୁଜାଯୋଜ୍ଝିତାମରୈଃ ଶ୍ରୀଃ ।
ଅର୍ଥେ ବ୍ରତଥ୍ୟେକ୍ଷୁରସୋଦମନ୍ୟାଂ, ଶ୍ରାମ୍ୟନ୍ତୁ ନୋତ୍ଥାପୟିତୁଂ କ୍ଷିପ୍ତ୍ୟଂତେ ॥୩୫॥

[ନୈଷ]

ଅନ୍ୱୟ—ହେ ଭୈମି ! ଏନଂ ନ ତ୍ୟଜ, କ୍ଷୀରଧିମନ୍ଥନାତ୍, ଯୈଃ, ଅମରୈଃ, ଅସ୍ୟ, ଅନୁଜାୟ, ଶ୍ରୀଃ, ଉଜ୍ଝିତା, ତେ, ଅର୍ଥେ, ଇକ୍ଷୁରସୋଦଂ, ବ୍ରତଥ୍ୟ, ଅନ୍ୟାଂ, ଶ୍ରିୟଂ, ଉତ୍ଥାପୟିତୁଂ, ନ, ଶ୍ରାମ୍ୟନ୍ତୁ ।

ଅର୍ଥ :—ଅଗୋ ଦମୟନ୍ତି ! ତୁମ୍ଭେ ଇନ୍ଦ୍ରଙ୍କୁ ଅଙ୍ଗୀକାର କର, କାରଣ ଦେବତାମାନେ ଯାହାଙ୍କ ସାନଭାଇ ନାରାୟଣଙ୍କ ସକାଶେ କ୍ଷୀରସମୁଦ୍ର ମନ୍ଥନ କରି ଲକ୍ଷ୍ମୀ ଠାକୁରାଣୀଙ୍କୁ ବାହାର କରିଥିଲେ, ସେହିମାନେ ଯେପରି କି ପୁନର୍ବାର ଇକ୍ଷୁରସ-ସମୁଦ୍ର ମନ୍ଥନ କରି ଅନ୍ୟ ଲକ୍ଷ୍ମୀ ବାହାର କରିବାକୁ ପ୍ରୟାସୀ ନ ହୁଅନ୍ତି ।

ପୁନଶ୍ଚ ।

ସନ୍ଦୋକନୀନନ୍ଦନସ୍ୟୋର୍ବିହାରେ, ଦେବେ ଦ୍ୱିଦେବଦେବର ସାଧବେ ବା ।
ଶ୍ରେୟଃ ଶ୍ରିୟାଂ ଯାତର ଯତ୍ର ସଖ୍ୟାଂ, ତଚ୍ଚେତସା ଭାବନ ! ଭାବୟସ୍ୱ ॥ ୩୬ ॥

[ନୈଷ]

,

GPNanda Colln., Digitized by srujanika@gmail.com

ଅନ୍ୱୟ- –ହେ ଭାବିନି !, ମନ୍ଦାକିନୀନନ୍ଦନୟୋଃ, ବିହାରେ, ଦେବେ, ମାଧବେ, ଦେବରେ, ବା, ଯାଚିତ, ଶ୍ରିୟାଂ, ସଖ୍ୟାଂ, ଯତ୍, ଶ୍ରେୟଃ, ଭବେତ୍, ତତ୍, ଚେତସା, ଭାବୟସ୍ୱ ।

ଅର୍ଥ :—ହେ ବିଚାରକୁଶଳେ ଦମୟନ୍ତି ! ମନ୍ଦାକିନୀରେ ଜଳକ୍ରୀଡ଼ା ଓ ନନ୍ଦନବନରେ ବିଚରଣ କଲାବେଳେ ତୁମ୍ଭ ଦେଅର ସ୍ୱୟଂ ମାଧବ ସାହାଯ୍ୟ କରିବେ ଓ ତୁମ୍ଭର ସାନ ଯା ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ସଖୀ ହେବେ-ଏଥିରୁ ଅଧିକ ଆଉ ଶ୍ରେୟ କଣ ଭାବିଲ ?

ଇନ୍ଦ୍ରଙ୍କ ବରଣ କଲେ ତମ୍ଭେ ତ୍ରୈଲୋକ୍ୟର ଅଧୀଶ୍ୱରୀ ହେବ ।

ତନ୍ୟସ୍ୟ ଗୃହ୍ୟେ ଜଗତାମଧୀଶାତ୍, ଯାଚ୍ଞାପ୍ରତିଷ୍ଠାଂ ଲଭସେ ତ୍ୱମେବ ।
ଲଘୂକୃତସ୍ୱଂ ବଳିଯାଚନେନ, ଯତ୍ପ୍ରାପ୍ତୟେ ବାମନମାମନନ୍ତି ॥ ୩୭ ॥ [ନୈଷଧ]

ଅନ୍ୱୟ—ହେ ଭୈମି ! ଜଗତାଂ, ଗୃହ୍ୟେ, ତନ୍ୟସ୍ୟ, ଇତି, ଯାଚ୍ଞାପ୍ରତିଷ୍ଠାଂ, ଇନ୍ଦ୍ରାତ୍, ତ୍ୱଂ, ଏବ, ଲଭସେ; ଯତ୍ ପ୍ରାପ୍ତୟେ, ବଳିଯାଚନେନ, ଲଘୂକୃତସ୍ୱଂ, ବାମନଂ, ଆମନନ୍ତି ।

ଅର୍ଥ :— ଅଗୋ ଦମୟନ୍ତି ! ଆଜି ପର୍ଯ୍ୟନ୍ତ ତୁମ୍ଭ ଭଳି କେହି ଏବ ଇନ୍ଦ୍ରଙ୍କଠାରୁ ପ୍ରାର୍ଥନା-ଗୌରବ ଲାଭ କରି ନ ଥିଲେ, ଦେଖ ସ୍ୱୟଂ ଭଗବାନ୍ ଯେଉଁ ତ୍ରୈଲୋକ୍ୟାଧିପତ୍ୟ ପାଇବା ସକାଶେ ବଳିଠାରେ ନିକୃଷ୍ଟ ଭିକ୍ଷାବୃତ୍ତି ଅବଲମ୍ବନ ପୂର୍ବକ ସ୍ୱୟଂ ବାମନରୂପ ଧାରଣ କରିଥିଲେ, ଏବେ ତୁମ୍ଭେ ସେହି ତ୍ରୈଲୋକ୍ୟାଧିପତ୍ୟରେ ଅନୁରାଗିଣୀ ହୁଅ ।

ଇନ୍ଦ୍ର ପଠାଇଥିବା ପାରିଜାତମାଳା ଦମୟନ୍ତୀଙ୍କୁ ପ୍ରଦାନ ।

ଇତ୍ୟୁକ୍ତବତ୍ୟା ନିହିତାଦରେଣ, ଭୈମ୍ୟାଗୃହୀତା ମଘବତ୍ପ୍ରସାଦଃ ।
ସ୍ରକ୍ ପାରିଜାତସ୍ୟ ଉତେ ନଳାଶାଂ, ବାର୍ଦ୍ଧିରଶେଷାମପୁଟରଦାଶାଂ ॥୩୮॥
[ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଇତି, ଉକ୍ତବତ୍ୟା, ଆଦରେଣ, କାହିତା, ମଘବତ୍‌ପ୍ରସାଦଃ, ପାରିଜାତସ୍ୟ, ସ୍ରକ୍, ତୈମ୍ୟା, ଗୃହୀତା; ନଳାଶାଂ, ଗୃହେ, ଅଶେଷାଂ, ଆଶାଂ, ବାସୈଃ, ଅପୂପୂରତ୍ ।

ଅର୍ଥ :—ଇନ୍ଦ୍ରଦୂତୀ ଏହିପରି ଆଦର ସହକାରେ ଇନ୍ଦ୍ରଙ୍କ ପ୍ରେରିତ ପାରିଜାତକମାଳା ଦେବାରୁ ତାହାକୁ ଦମୟନ୍ତୀ ଆନନ୍ଦ ସହକାରେ ଗ୍ରହଣ କରି ନଳଙ୍କ ଭିନ୍ନ କାହାରିକୁ ବରଣ ନ କରିବା ଆଶାରେ, ହସ୍ତିତ ଦେବ। ମାଳାର ସୁଗନ୍ଧରେ ସମସ୍ତ ଦିଗ ପୂର୍ଣ୍ଣ କରିଦେଲେ ।

ଦମୟନ୍ତୀଙ୍କର ଉକ୍ତି ।

ସ୍ୱର୍ଗେସତାଂ ଶର୍ମପରଂ ନ ଧର୍ମା, ଭବନ୍ତି ଭୂମାବିହ ତଚ୍ଚ ତେ ଚ ।
ଶକ୍ୟାମଖେନାପି ମୁଦୋଽମରାଣାଂ, କଥଂ ବିହାୟୈନ୍ତ୍ରୟମେକମୀହେ ॥ ୩୯ ॥
[ନୈଷଧ]

ଅନ୍ୱୟ—ସ୍ୱର୍ଗେସତାଂ, ଶର୍ମ, ପରଂ, ଧର୍ମାଃ, ନ, ଭବନ୍ତି; ଇହ, ଭୂମୌ, ତତ୍, ତେ ଚ, ମଖେନ, ଅପି, ଅମରାଣାଂ ମୁଦଃ, ଶକ୍ୟାଃ; ଦ୍ୱୟଂ, ବିହାୟ, କଥଂ, ଏକଂ, ଈହେ ।

ଅର୍ଥ :—ଅଗୋ ଦୂତି ! ସ୍ୱର୍ଗବାସିମାନଙ୍କର କେବଳ ସୁଖ, ମାତ୍ର ସେଠାରେ କିଛି ଧର୍ମର ବଢ଼ିର ନାହିଁ । ଏହି ମର୍ତ୍ତ୍ୟ ଭୂମିରେ ସୁଖ ଓ ଧର୍ମ ଉଭୟ ଅଛି, ଅଧିକ ମଧ୍ୟ ଏହିଠାରେ ଥାଇ ଯାଗଦ୍ୱାରା ସ୍ୱର୍ଗୀୟ ଦେବତାମାନଙ୍କର ତୃପ୍ତି ସମ୍ପାଦନ କରାଯାଏ । ଅତଏବ ଆମ୍ଭେ ଏହି ମର୍ତ୍ତ୍ୟର ସୁଖ ଓ ଧର୍ମ ଉଭୟ ତ୍ୟାଗ କାହିଁକି ବା ସ୍ୱର୍ଗକୁ ଇଚ୍ଛା କରିବୁଁ ?

ସାମୟିକ ପତନ ହେତୁ ସ୍ୱର୍ଗର ନିକୃଷ୍ଟତା ।

ସାଧୋରପି ସ୍ୱଃ ଖଲୁ ଗାମିତାଧଃ-ଗାମୀ ସ ତୁ ସ୍ୱର୍ଗମିତଃ ପ୍ରୟାଣେ ।
ଇତ୍ୟାୟତୀ ଚନ୍ତୟତୋହୃଦସ୍ତେ, ଦ୍ୱୟୋର୍ଦ୍ଦ୍ୱୟୋରୁଦର୍କଃକମୁଦର୍କରେ ନ ॥ ୪୦ ॥ [ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ସାଧୋଃ, ଅପି, ସ୍ୱଃ, ଅଧୋଗାମୀ, ଖଳୁ; ଇତଃ, ପ୍ରୟାଣେ, ତୁ, ସଃ, ସ୍ୱର୍ଗଂ, ଗାମୀ; ଇତି, ଅଯୃତା, ହୃଦ, ଚନ୍ୟୁତଃ, ଦ୍ୱୟୋଃ, ଉଦର୍କଃ, ଦ୍ୱେ, ଶର୍କରେ, କମ୍ପୁ, ନ ।

ଅର୍ଥ :—ଅଗୋ ଦୂତ ! ନିଜର ସୁକୃତଫଳ କ୍ଷୟ ହେଲେ ସ୍ୱର୍ଗରୁ ଅଧଃପତନ ଘଟିଥାଏ; ଲୋକେ ଯାଗ ଫଳରେ ଏହି ମର୍ତ୍ତ୍ୟରୁ ସ୍ୱର୍ଗକୁ ଯାଇଥାନ୍ତି, ଏଣୁ ସ୍ୱର୍ଗ ଓ ମର୍ତ୍ତ୍ୟର ଉତ୍ତରକାଳ ଜାଣି ଦୁଇପ୍ରକାର ଶାକର; ଯାହାହେଉ ସମୟରେ ସ୍ୱର୍ଗରୁ ଅଧୋଗତ ଓ ମର୍ତ୍ତ୍ୟରୁ ଊର୍ଦ୍ଧ୍ୱଗତ ହୋଇଥାଏ । ଅତଏବ ମର୍ତ୍ତ୍ୟର ଉତ୍ତର ଫଳକ ଶାକରକୁ ସ୍ୱର୍ଗେ ଉତ୍ତର ଫଳ ଅପେକ୍ଷା ଉତ୍କୃଷ୍ଟତର କଳ୍ପନା କରାଯାଏ ।

ସ୍ୱର୍ଗପ୍ରତି ପୁନର୍କ୍ଷେପ ।

ପ୍ରକ୍ଷୀଣ ଏବାୟୁଷି କର୍ମକୃଷ୍ଟେ, ନ ରାନଭୁକ୍ତିସ୍ତୁପତିଷ୍ଠତେ ଯଃ ।
ବୃଣୁଷତେ ନାକମପଥ୍ୟକଳ୍ପଂ, ଧୀରସ୍ତମାପାତସୁଖୋନ୍ମୁଖଂ କଃ ॥୪୧॥ [ନୈଷ]

ଅନ୍ୱୟ—ଯଃ, କର୍ମକୃଷ୍ଟେ, ଆୟୁଷି, ପ୍ରକ୍ଷୀଣେ, ଏବ, ନରାନ୍, ଉପତିଷ୍ଠତେ, ଅଭୁକ୍ତି, ତିଷ୍ଠତ, ନ, ଉପତିଷ୍ଠତେ; ଧୀରଃ, କଃ, ଆପାତସୁଖୋନ୍ମୁଖଂ, ଅପଥ୍ୟକଳ୍ପଂ, ତଂ, ନାକଂ ବୃଣୁଷତେ ।

ଅର୍ଥ :—ଅଗୋ ଦୂତ ! ଯେଉଁ ସ୍ୱର୍ଗ କର୍ମାର୍ଜିତ ଜୀବନ-କାଳ କ୍ଷୟ ନ ହେବା ପର୍ଯ୍ୟନ୍ତ ଅସମ୍ଭବ, ଏବଂ ସେହି ପ୍ରାରମ୍ଭ ସୁଖପ୍ରଦ ଓ ଅପଥ୍ୟକଳ୍ପ ସ୍ୱର୍ଗସୁଖକୁ କେଉଁ ବିବେଚକ ଇଚ୍ଛା କରିବ ?

ପୁନଶ୍ଚ ।

ଗୁଣା ହରନ୍ତୋଽପି ହରେର୍ନରଂ ମେ, ନ ରୋଚମାନଂ ପରିହାରୟନ୍ତି ।
ନ ଲୋକମାଲୋକୟଥାପବର୍ଗାତ୍ ତ୍ରିବର୍ଗମର୍ବାଂଚମମୁଷ୍ୟମାନଂ ॥୪୨॥ [ନୈଷ

ଅନ୍ୱୟ—ହରନ୍ତଃ, ଅପି, ହରେଃ, ଗୁଣାଃ, ମେ, ରୋଚମାନଂ, ନରଂ, ନ, ପରିହାରୟନ୍ତି, ଅପବର୍ଗାତ୍, ଅର୍ବାକ୍ଷଂ, ତ୍ରିବର୍ଗଂ, ଅମୁଷ୍ୟମାନଂ, ଲୋକଂ, ନ, ଆଲୋକୟଥ ।

GPNanda Colln., Digitized by srujanika@gmail.com

ଅର୍ଥ :—ଅଗୋ ଦୂତ ! ଇନ୍ଦ୍ରଙ୍କର ଲୋକପ୍ରସିଦ୍ଧ ମହିମା, ଅମ୍ଭ ମନୋଭମ ନର ଅର୍ଥାତ୍ ର ଓ ଲ ର ସାମ୍ୟ ହେତୁ ନଳଙ୍କୁ ପରଦାର କରାଉ ନାହିଁ । କାରଣ ମୋକ୍ଷ ଅପେକ୍ଷା ଧର୍ମ, ଅର୍ଥ ଓ କାମ ଏହି ତ୍ରିବର୍ଗ ନିକୃଷ୍ଟ ହେଲେହେଁ ଲୋକେ ତାହାକୁ ନ ଛାଡ଼ିପାରୁଥିବାର କଥା କଣ ଦେଖୁ ନାହଁ ?

ଇନ୍ଦ୍ରଙ୍କ ଆଗମନ ସମ୍ବାଦରେ ନଳଙ୍କର ପଶ୍ଚାତ୍ତାପ ।

ସାଭିଶାପମିବ ନାତିଥୟସ୍ତେ, ମାଂ ଯଦଦ୍ୟ ଭଗବନ୍ନୁପଯାନ୍ତି ।
ତେନ ନ ଶ୍ରିୟମିମାଂ ବହୁମନ୍ୟେ, ସ୍ୱୋଦରୈକଭୃତିକାର୍ଯ୍ୟକଦର୍ଯ୍ୟାଂ ॥ ୪୭ ॥
[ନୈଷଧ]

ଅନ୍ୱୟ—ହେ ଭଗବନ୍ ! ତେ, ଅତିଥୟଃ, ସାଭିଶାପଂ, ଇବ, ମାଂ, ଅଦ୍ୟ, ଯତ୍, ନ, ଉପଯାନ୍ତି, ତେନ, ସ୍ୱୋଦରୈକଭୃତିକାର୍ଯ୍ୟକଦର୍ଯ୍ୟାଂ, ଇମାଂ, ଶ୍ରିୟଂ, ନ, ବହୁଂ, ମନ୍ୟେ ।

ଅର୍ଥ :—ହେ ଭଗବନ୍ ପୂଜ୍ୟପାଦ ନାରଦ ! ମୁଁ ବର୍ତ୍ତମାନ ମହାପାତକ ଦୋଷରେ ଅଭିଶପ୍ତ ଥିଲା ପରି ଅତିଥିମାନେ କେତେକ ଦିନ ହେଲା ମୋ ଗୃହକୁ ଆସୁ ନାହାନ୍ତି, ଏଣୁ ମୋହର ସମ୍ପଦ ଅତିଥିମାନଙ୍କ କାର୍ଯ୍ୟରେ ନ ଲାଗିବାରୁ ମୁଁ ତାହାକୁ ବଡ଼ ମନେ କରୁ ନାହିଁ ; ଯେହେତୁ ଏହି କଦର୍ଯ୍ୟ ଉଦର-ପୂରଣ କାର୍ଯ୍ୟରେ ଧନ ବ୍ୟୟିତ ହେବା କେବଳ ସାମାନ୍ୟ ନୀଚଲୋକର କାର୍ଯ୍ୟ ଅଟେ ।

ସତ୍ପାତ୍ରରେ ଦାନହିଁ ସମ୍ପଦର ରକ୍ଷଣୋପାୟ ।

ପୂର୍ବପୁଣ୍ୟବିଭବବ୍ୟୟଲବ୍ଧାଃ, ଶ୍ରୀଭରା ବିପଦ ଏବ ବିମୃଷ୍ଟାଃ ।
ପାତ୍ରପାଣିକମଲାର୍ପଣମେଷାଂ, ତାସୁ ଶାନ୍ତିକବିଧିର୍ବିଧିଦୃଷ୍ଟଃ ॥ ୪୮ ॥ [ନୈଷଧ]

ଅନ୍ୱୟ—ପୂର୍ବପୁଣ୍ୟବିଭବବ୍ୟୟଲବ୍ଧାଃ, ଶ୍ରୀଭରାଃ, ବିମୃଷ୍ଟାଃ, ବିପଦେ, ଏବ, ଏଷାଂ, ପାତ୍ରପାଣିକମଲାର୍ପଣଂ, ତାସୁ, ଶାନ୍ତିକବିଧିଃ ବିଧିଦୃଷ୍ଟଃ ।

GPNanda Colln., Digitized by srujanika@gmail.com

ଅର୍ଥ :—ପୂର୍ବପୁଣ୍ୟାର୍ଜିତ ଧନ ବ୍ୟୟରୁ ସମ୍ପଦ ଲାଭ ହୁଏ । ବସ୍ତୁତଃ ସ୍ଥଳରେ ସମ୍ପଦର ଆଧିକ୍ୟ ବିପଦର କାରଣ ଅଟେ, ମାତ୍ର ସତ୍ପାତ୍ରରେ ଦାନ ଦେବାହିଁ ବିପଦ-ଶାନ୍ତି ଓ ଧନ-ବୃଦ୍ଧିର ଉପାୟ ଅଟେ ।

ଦାନର ଫଳ ।

ଅଭିଗମ୍ୟୋତ୍ତମଂ ଦାନ-ମାହୂତଂ ଦାନ ମଧ୍ୟମଂ ।
ଅଧମଂ ଯାଚ୍ୟମାନନ୍ତୁ, ସେବାଦାନଞ୍ଚ ନିଷ୍ଫଳଂ ॥ ୪୫ ॥ [ପରାଶର]

ସାତ୍ତ୍ୱିକ ଦାନ ।

ଦାତବ୍ୟମିତିଯଦ୍ଦାନଂ ଦୀୟତେଽନୁପକାରିଣେ ।
ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂବିଦୁଃ ॥୪୬॥
[ଭଗବଦ୍‌ଗୀତା]

ଅନୁରୂପ ଶ୍ଳୋକ ।

ଉପାର୍ଜିତାନାଂ ବିତ୍ତାନାଂ ତ୍ୟାଗ ଏବ ହି ରକ୍ଷଣଂ ।
ତଡ଼ାଗୋଦରସଂସ୍ଥାନାଂ ପରୀବାହ ଇବାମ୍ଭସାଂ ॥ ୪୭ ॥ [ହିତୋପଦେଶ]

ଅନ୍ୱୟ—ହି, ତଡ଼ାଗୋଦରସଂସ୍ଥାନାଂ, ଅମ୍ଭସାଂ, ପରୀବାହଃ, ଇବ, ଉପାର୍ଜିତାନାଂ, ବିତ୍ତାନାଂ, ତ୍ୟାଗଃ, ଏବ, ରକ୍ଷଣଂ ।

ଅର୍ଥ :—ଯେପରି ଜଳ ନିର୍ଗମନ ମାର୍ଗରେ ଜଳ ଛାଡ଼ି ଦେବାହି ତଡ଼ାଗୋଦରସଂସ୍ଥ ଜଳ ରକ୍ଷାର ଉପାୟ, ସେହିପରି ସତ୍ପାତ୍ରରେ ଦାନ ଦେବାହିଁ ଧନ ରକ୍ଷାର ଉପାୟ ।

ଅର୍ଥୀ ନ ମାଗୁଁ ଦାନ ଦେବାହି ଦାତାରହିଁ ଦାତୃତା ।

ମାର୍ଗିତାଂ କଥମକ୍ଲିଷ୍ଟିତମେଷାଂ, ଦୀୟତାଂ ଦ୍ରୁତମଯାଚିତମେବ ।
ତଂ ଧିଗସ୍ତୁ କଲୟନ୍ନପିବାଞ୍ଛା-ମର୍ଥିବାଗବସରଂ ସହତେ ଯଃ ॥ ୪୮ ॥ [ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଏଷାଂ, ଅସ୍ପୃଷ୍ଟଂ, କଥଂ, ମୀପୃତାଂ; ଅଯାଚିତଂ, ଏବ, ଦ୍ରୁତଂ, ଘିତ୍ସିତାଂ; ଯଃ, ବାଞ୍ଛାଂ, କଳୟନ୍, ଅପି, ଅର୍ଥିବାଗବସରଂ, ସହତେ, ତଂ, ଧିକ୍, ଅସ୍ତୁ ।

ଅର୍ଥ :—ଏହି ଇନ୍ଦ୍ରାଦି ଅତିଥିବୀରମାନଙ୍କର ଅଭିଳାଷ କିପରି ଜାଣିବା ? ଜାଣିଲେ ନ ମାଗୁଁ ଶୀଘ୍ର ଦେଇ ଦିଅନ୍ତୁ, କାରଣ ଯେଉଁ ଦାତା ଅର୍ଥିର ଅଭିଳାଷ ଜାଣିବା ପର୍ଯ୍ୟନ୍ତ ପ୍ରତୀକ୍ଷା କରେ ତାହାର ଦାତୃତାକୁହିଁ ଧିକ୍ ।

ସ୍ୱତଃପ୍ରବୃତ୍ତ ହୋଇ ଦାନ ଦେଲେ ଦାତାର ପାପ କ୍ଷୟ ହୁଏ ।

ପ୍ରାପ୍ତିତେନ ଚଟୁକାକୁବିଡ଼ମ୍ବଂ, ଲମ୍ଭିତେନ ବହୁଯାଚନଲଜ୍ଜାଂ ।
ଅର୍ଥିନା ଯଦଘମର୍ଜ୍ଜିତ ଦାତା, ତନ୍ନଲୁମ୍ପତି ବିଲମ୍ବ୍ୟ ଦଦାନଃ ॥ ୪୯ ॥ [ନୈଷଧ]

ଅନ୍ୱୟ—ଦାତା, ବିଲମ୍ବ୍ୟ, ଦଦାନଃ, ସନ୍, ଚଟୁକାକୁବିଡ଼ମ୍ବଂ, ପ୍ରାପିତେନ, ବହୁଯାଚନଲଜ୍ଜାଂ, ଲମ୍ଭିତେନ, ଅର୍ଥିନା, ଯତ୍, ଅଘଂ, ଅର୍ଜ୍ଜିତ, ତତ୍, ନ, ଲୁମ୍ପତି ।

ଅର୍ଥ :—ଯାଚକ ବହୁବାର ମାଗି ଲଜ୍ଜିତ ହେଲା ପରେ ଦାତା ଯଦି ଦାନ କରେ, ତେବେ ସେହି ଦାନରେ ଦାତାର ଅର୍ଥିଜନ ହେତୁକ ଉପାର୍ଜିତ ପାପ କ୍ଷୟ ହୁଏ ନାହିଁ ।

ଅତିଥିସତ୍କାର କରିବାହିଁ ଉଚିତ ।

ଅତିଥିର୍ଯସ୍ୟ ଭଗ୍ନାଶୋ ଗୃହାତ୍ ପ୍ରତି ନିବର୍ତ୍ତତେ ।
ସ ତସ୍ମୈ ଦୁଷ୍କୃତଂ ଦତ୍ତ୍ୱା ପୁଣ୍ୟମାଦାୟ ଗଚ୍ଛତି ॥ ୫୦ ॥ [ହିତ]
ତୃଣାନି ଭୂମିରୁଦକଂ ବାକ୍ ଚତୁର୍ଥୀ ଚ ସୂନୃତା ।
ଏତାନ୍ୟପି ସତାଂଗେହେ ନୋଚ୍ଛିଦ୍ୟନ୍ତେ କଦାଚନ ॥୫୧॥ [ହିତ]

ପ୍ରତିଗ୍ରହୀତା-ମୂର୍ଚ୍ଛାର ବିନାଶ ଉପାୟ ।

ଯଦ୍ପ୍ରଦେୟମୁପନୀୟ ବଦାନ୍ୟୈର୍ଦୀୟତେ ସଲିଲମର୍ଥିଜନାୟ ।
ଯାଚନୋକ୍ତିବିଫଳତ୍ୱବିଶଙ୍କା-ଜାତମୂର୍ଚ୍ଛନଚିକିତ୍ସିତମେତତ୍ ॥ ୫୨ ॥ [ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ବଦାନ୍ୟୈଃ, ପ୍ରଦେୟଂ, ଉପନୀୟ, ଅର୍ଥିଜନାୟ, ଯତ୍, ସଲିଳଂ, ଦୀୟତେ; ଏତତ୍, ଯାଚନୋକ୍ତିବିଫଳତ୍ୱଶଙ୍କାତ୍ରାସମୂର୍ଚ୍ଛନ-ଚିକିତ୍ସିତଂ ।

ଅର୍ଥ :—ଦାତାମାନେ ଦାନୀୟ ବସ୍ତୁ ଦେବା ସମୟରେ ଅର୍ଥିହସ୍ତରେ ଯେଉଁ ଉତ୍ସର୍ଗ-ଜଳ ଦେଇଥାନ୍ତି, ସେହି ଜଳଦାନ ଜାଣ, 'ଦିଅ ଦିଅ' ଯାଚକର ଏହି ପ୍ରାର୍ଥନା ବାକ୍ୟର ବିଫଳତ୍ୱସଂଶୟୋତ୍ପନ୍ନ ଭୟଜନିତ ମୂର୍ଚ୍ଛାର ଅପନୟନ ଉପାୟ ମାତ୍ର ।

ଲକ୍ଷ୍ମୀଙ୍କର ବାସସ୍ଥାନ ।

ପଙ୍କସଙ୍କରବିଗର୍ହିତମର୍ହଂ, ନ ଶ୍ରିୟଃ କମଳମାଶ୍ରୟଣାୟ ।
ଅର୍ଥିପାଣିକମଳଂ ବିମଳଂ ତଦ୍‌ବାସବେଶ୍ମ ବିଦଧୀତ ସୁଧୀସ୍ତତ୍ ॥୨୩॥ [ନୈଷଧ]

ଅନ୍ୱୟ—ପଙ୍କସଙ୍କରବିଗର୍ହିତଂ, କମଳଂ, ଶ୍ରିୟଃ, ଆଶ୍ରୟଣାୟ, ନ, ଅର୍ହଂ; ତତ୍, ସୁଧୀଃ, ବିମଳଂ, ଅର୍ଥିପାଣିକମଳଂ, ତଦ୍ବାସବେଶ୍ମ, ବିଦଧୀତ ।

ଅର୍ଥ :—ପଙ୍କ-ସମ୍ପର୍କ-କଳୁଷିତ ପଦ୍ମ ଓ ପାପ-ସମ୍ପର୍କ-କଳୁଷିତ ଆବାସ-ନିଳୟ ସମ୍ପଦର ଉପଯୁକ୍ତ ସ୍ଥାନ ନୁହେ; ଏଣୁ ପଣ୍ଡିତମାନେ ଅର୍ଥିର ବିମଳ କରକମଳକୁ ଲକ୍ଷ୍ମୀଙ୍କର ଆବାସ-ନିଳୟ ବୋଲି ସ୍ୱୀକାର କରନ୍ତି ।

ପରଲୋକରେ ଅର୍ଥିବନ୍ଧୁ ସହାୟ ହୁଏ ।

ଲୋକଏଷପରଲୋକମୁପେତା, ହା ବିହାୟ ନିଧନେ ଧନମେକଃ ।
ଇତ୍ୟମୁଂ ଖଳୁ ତଦସ୍ୟ ନିନୀଷତ୍ୟର୍ଥିବନ୍ଧୁରୁଦୟଦୟଚିତ୍ତଃ ॥୨୪॥ [ନୈଷଧ]

ଅନ୍ୱୟ—ହା, ଏଷଃ, ଲୋକଃ, ନିଧନେ, ଧନଂ, ବିହାୟ, ଏକଃ, ପରଲୋକଂ, ଉପେତା; ଇତି, ଉଦୟଦୟଚିତ୍ତଃ, ଅର୍ଥିବନ୍ଧୁଃ, ଅସ୍ୟ, ତତ୍, ଅମୁଂ ନିନୀଷତି, ଖଳୁ ।

ଅର୍ଥ :—ଆହା ! ଏହି ଲୋକ ଅନ୍ତଃକାଳରେ ଧନ ଛାଡ଼ି ଏକାକୀ ଚାଲିଯାଏ, କେବଳ ଉଦ୍ୟତ କରୁଣଚେତା ଅର୍ଥିବନ୍ଧୁ ମୃତଲୋକର ଧନ ନେଇ ପରଲୋକରେ ସହାୟ ହୋଇଥାଏ ।

GPNanda Colln., Digitized by srujanika@gmail.com

କୃପଣ ପ୍ରତି ନିନ୍ଦା ।

ଯାଚମାନଜନମାନସବୃତ୍ତେଃ, ପୂରଣାୟ ବତ ଜନ୍ମ ନ ଯସ୍ୟ ।
ତେନ ଭୂମିରତିଭାରବତୀୟଂ, ନଦ୍ରୁମୈର୍ନଗିରିଭିର୍ନସମୁଦ୍ରୈଃ । ୬୫ ॥
[ନୈଠ]

ଅନ୍ୱୟ—ବତ, ଯସ୍ୟ, ଜନ୍ମ, ଯାଚମାନଜନମାନସବୃତ୍ତେଃ, ପୂରଣାୟ, ନ, ତେନ, ଇୟଂ, ଭୂମିଃ, ଅତିଭାରବତୀ; ନ, ଦ୍ରୁମୈଃ, ନ, ଗିରିଭିଃ, ନ, ସମୁଦ୍ରୈଃ ।

ଅର୍ଥ :—ଯେଉଁ ଲୋକ ଅର୍ଥୀର ମନୋରଥ ପୂରଣ ନ କରେ, ତଦ୍ୱାରା ଭୂମି ଯେପରି ଭାରପ୍ରାପ୍ତ ହୁଏ, ସେହିପରି ଗିରି, ବୃକ୍ଷ ଓ ସମୁଦ୍ରାଦିଦ୍ୱାରା ଭାରପ୍ରାପ୍ତ ହୁଏ ନାହିଁ ।

କୌତ୍ସ ମହର୍ଷିଙ୍କ ପ୍ରତି ରଘୁଙ୍କର ଉକ୍ତି ।

ତବାର୍ହତୋ ନାଭିଗମେନ ତୃପ୍ତଂ, ମନୋନିୟୋଗକ୍ରିୟୟୋତ୍ସୁକଂ ମେ ।
ଅପ୍ୟାଜ୍ଞୟା ଶାସିତୁରାତ୍ମନା ବା, ପ୍ରାପ୍ତୋଽସି ସମ୍ଭାବୟିତୁଂ ବନାନ୍ମାଂ ॥୬୬॥
[ରଘୁ]

ଅନ୍ୱୟ – ଅର୍ହତଃ; ତବ, ଅଭିଗମେନ, ମେ, ମନଃ, ନ, ତୃପ୍ତଂ, ତୁ, ନିୟୋଗକ୍ରିୟୟା, ଉତ୍ସୁକଂ, ଶାସିତୁଃ, ଆଜ୍ଞୟା, ଅପି, ଆତ୍ମନା, ବା, ମାଂ, ସମ୍ଭାବୟିତୁଂ, ବନାତ୍, ପ୍ରାପ୍ତଃ, ଅସି ।

ଅର୍ଥ :—ମହାଭାଗ ! ଆପଣଙ୍କ ଆଗମନର କାରଣ ନ ଜାଣିବା ପର୍ଯ୍ୟନ୍ତ ମୋ ମନରେ ତୃପ୍ତି ନାହିଁ, ତେବେ ପ୍ରଷ୍ଟବ୍ୟ ଏହି ଯେ ଆପଣ କ'ଣ ନିଜ ଇଚ୍ଛାରେ କିମ୍ବା ଗୁରୁଦେବ ବରତନ୍ତୁଙ୍କ ଆଦେଶରେ ଅନୁଗୃହୀତ କରିବା ସକାଶେ ବନରୁ ଆସିଅଛନ୍ତି ?

କୌତ୍ସ ।

ଇତ୍ୟର୍ଘ୍ୟପାତ୍ରାନୁମିତବ୍ୟୟସ୍ୟ, ରଘୋରୁଦାରାମପି ଗାଂ ନିଶମ୍ୟ ।
ସ୍ୱାର୍ଥୋପପତ୍ତିଂ ପ୍ରତି ଦୁର୍ବଳାଶଃ, ତମିତ୍ୟବୋଚଦ୍ ବରତନ୍ତୁଶିଷ୍ୟଃ ॥୬୭॥ [ରଘୁ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଅର୍ଦ୍ଧ୍ୟପାଦ୍ୟାନନ୍ତରଂ ନିବଂଧୂଯଂ, ଇଦୋଃ, ଇତି, ଉଦାରାଂ, ଗାଂ, ଅପି, ନଶମ୍ୟ, ବରତନ୍ତୁଶିଷ୍ୟଃ, ସ୍ୱାର୍ଥୋପପତ୍ତିଂ, ପ୍ରତି, ଦୁର୍ବଲାଶଃ, ତଂ, ଇତି, ଅବୋଚତ୍ ।

ଅର୍ଥ :—କୌତ୍ସ, ରଘୁଙ୍କ ମୃଣ୍ମୟ ଅର୍ଦ୍ଧ୍ୟପାତ୍ରାଦିରୁ ବ୍ୟୟ ଅନୁମାନ କରି ଓ ଏହିପରି ରଘୁଙ୍କର ଉଦାର ବାକ୍ୟ ଶୁଣି ନିଜ ସ୍ୱାର୍ଥ ସାଧନ ପ୍ରତି ଦୁର୍ବଳାଶ ହୋଇ କହିଲେ —

କୌତ୍ସ ।

ସର୍ବତ୍ର ନୋ ବାର୍ତ୍ତମବେହି ରାଜନ୍, ନାଥେ କୁତସ୍ତ୍ୱୟ୍ୟଶୁଭଂ ପ୍ରଜାନାଂ ।
ସୂର୍ଯ୍ୟେ ତପତ୍ୟାବରଣାୟ ଦୃଷ୍ଟେଃ, କଳ୍ପେତ ଲୋକସ୍ୟ କଥଂ ତମିସ୍ରାଃ ॥୬୮॥
[ରଘୁ]

ଅନ୍ୱୟ—ହେ ରାଜନ୍ ! ତ୍ୱଂ, ସର୍ବତ୍ର, ନଃ, ବାର୍ତ୍ତଂ, ଅବେହି; ତ୍ୱୟି, ନାଥେ, ପ୍ରଜାନାଂ, ଅଶୁଭଂ, କୁତଃ; ସୂର୍ଯ୍ୟେ, ତପତି, ତମିସ୍ରାଃ, ଲୋକସ୍ୟ, ଦୃଷ୍ଟେଃ, ଆବରଣାୟ, କଥଂ, କଳ୍ପେତ ।

ଅର୍ଥ :—ମହାରାଜ ! ଅମ୍ଭମାନଙ୍କର ସମସ୍ତ ମଙ୍ଗଳ, କାରଣ ଆପଣ ଶାସକ ଥାଉ ଥାଉ ପ୍ରଜାମାନଙ୍କର ଅଶୁଭ ବା କାହିଁକି ହେବ ? ଦେଖନ୍ତୁ, ସୂର୍ଯ୍ୟଙ୍କ ତାପରେ ଅନ୍ଧକାର କେବେବେଳେହେଁ ଲୋକର ଦୃଷ୍ଟି-ଶକ୍ତିକୁ ଆବରଣ କରିପାରେ କି ?

ପୁନଶ୍ଚ ।

ଭକ୍ତିଃ ପ୍ରତୀକ୍ଷ୍ୟେଷୁ କୁଳୋଚିତା ତେ, ପୂର୍ବାନ୍ ମହାଭାଗ ! ତୟାତିଶେଷେ ।
ବ୍ୟତୀତକାଲସ୍ତ୍ୱହମଭ୍ୟୁପେତ, ସ୍ତ୍ୱାମର୍ଥିଭାବାଦିତି ମେ ବିଷାଦଃ ॥୬୯ [ରଘୁ]

ଅନ୍ୱୟ ହେ ମହାଭାଗ ! ପ୍ରତୀକ୍ଷ୍ୟେଷୁ, ତେ, ଭକ୍ତିଃ, କୁଳୋଚିତା; ତୟା, ତ୍ୱଂ, ପୂର୍ବାନ୍, ଅତିଶେଷେ; ତୁ, ବ୍ୟତୀତକାଲଃ, ଅହଂ, ତ୍ୱାଂ, ଅର୍ଥିଭାବାତ୍, ଉପାଗତଃ, ଇତି, ମେ, ବିଷାଦଃ ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାରାଜ ! ଆପଣମାନଙ୍କର ପୂଜ୍ୟମାନଙ୍କଠାରେ କୁଳୋଚିତା ଭକ୍ତି; ସେହି ଭକ୍ତିବଳରେ ଆପଣ ଦୂର୍ବ ଦୂର୍ବ ରାଜାମାନଙ୍କୁ ଅତିକ୍ରମ କରିଅଛନ୍ତି । ତେବେ ମୁଁ ଯାହାକ ଉପଯୁକ୍ତ ସମୟରେ ଆପଣଙ୍କ ନିକଟରେ ଅର୍ଥ ଭାବରେ ନ ପହଁଞ୍ଚିଲି ତାହାହିଁ ମନର କଷ୍ଟ ।

ପୁନଶ୍ଚ ।

ସ୍ଥାନେ ଭବାନେକନରାଧିପଃ ସନ୍ନକିଞ୍ଚନତ୍ୱଂ ମଖଜଂ ବ୍ୟନକ୍ତି ।
ପର୍ଯ୍ୟାୟପୀତସ୍ୟ ସୁରୈର୍ହିମାଂଶୋଃ, କଳାକ୍ଷୟଃ ଶ୍ଳାଘ୍ୟତରୋହିବୃଦ୍ଧେଃ ॥୨୦॥
[ରଘୁ]

ଅନ୍ୱୟ—ସ୍ଥାନେ, ଭବାନ୍, ଏକନରାଧିପଃ, ସନ୍, ମଖଜଂ, ଅକିଞ୍ଚନତ୍ୱଂ, ବ୍ୟନକ୍ତି; ହି, ସୁରୈଃ, ପର୍ଯ୍ୟାୟପୀତସ୍ୟ, ହିମାଂଶୋଃ, କଳାକ୍ଷୟଃ, ବୃଦ୍ଧେଃ, ଶ୍ଳାଘ୍ୟତରଃ ।

ଅର୍ଥ :—ହେ ଚକ୍ରବର୍ତ୍ତିନ୍ ! ଆପଣ ଉପଯୁକ୍ତ ପାତ୍ରରେ ଦାନ ଦେଇ ଯାଗ ହେତୁକ ଅକିଞ୍ଚନତ୍ୱ ପ୍ରକାଶ କରୁ ଅଛନ୍ତି । ଦେଖନ୍ତୁ, ଦେବତାମାନଙ୍କ ଦ୍ୱାରା ପର୍ଯ୍ୟାୟପୀତ ଚନ୍ଦ୍ରର କଳାକ୍ଷୟ ଅତିବୃଦ୍ଧିର ହେତୁ ଅଟେ ।

ପୁନଶ୍ଚ ।

ତଦନ୍ୟତସ୍ତାବଦନନ୍ୟକାର୍ଯ୍ୟୋ, ଗୁର୍ବର୍ଥମାହର୍ତ୍ତୁମହଂ ଯତିଷ୍ୟେ ।
ସ୍ୱସ୍ତ୍ୟସ୍ତୁ ତେ ନିର୍ଗଳିତାମ୍ବୁଗର୍ଭଂ, ଶରଦ୍ଘନଂ ନାର୍ଦ୍ଦତି ଚାତକୋଽପି ॥ ୭୧ ॥ [ରଘୁ]

ଅନ୍ୱୟ—ତତ୍, ଅହଂ, ତାବତ୍, ଅନନ୍ୟକାର୍ଯ୍ୟଃ, ସନ୍, ଅନ୍ୟତଃ, ଗୁର୍ବର୍ଥଂ, ଆହର୍ତ୍ତୁଂ, ଯତିଷ୍ୟେ; ତେ, ସ୍ୱସ୍ତି, ଅସ୍ତୁ; ହି, ଚାତକଃ, ଅପି, ନିର୍ଗଳିତାମ୍ବୁଗର୍ଭଂ, ଶରଦ୍ଘନଂ, ନ, ଅର୍ଦ୍ଦତି ।

ଅର୍ଥ :—ମହାରାଜ ! ମୋହର ଗୁରୁଦକ୍ଷିଣା ଭିନ୍ନ ଅନ୍ୟ କିଛି କାର୍ଯ୍ୟ ନାହିଁ । ଆପଣଙ୍କ କାର୍ଯ୍ୟକଳାପରୁ ମୁଁ ଅନ୍ୟଠାରୁ ଗୁରୁଦକ୍ଷିଣା ସଂଗ୍ରହ କରିବାକୁ ଉଚିତ ମନେ କରେଁ । ଆପଣଙ୍କର ମଙ୍ଗଳ ହେଉ; ଚାତକ ଶରତ୍କାଳୀନ ମେଘକୁ ପ୍ରାର୍ଥନା କଲେ ଫଳ ବା କଣ ?

GPNanda Colln., Digitized by srujanika@gmail.com

ରଘୁ ।

ଏତାବଦୁକ୍ତ୍ୱା ପ୍ରତିଯାତୁକାମଂ, ଶିଷ୍ୟଂ ମହର୍ଷେର୍ନୃପତିର୍ନିଷେଧ ।
କିଂ ବସ୍ତୁ ବିଦ୍ୱନ୍ ! ଗୁରବେ ପ୍ରଦେୟଂ, ତ୍ୱୟା କିୟଦ୍ବେତି ତମନ୍ୱୟୁଂକ୍ତ ॥୨୨॥
[ରଣ]

ଅନ୍ୱୟ— ନୃପତିଃ, ଏତାବତ୍, ଉକ୍ତ୍ୱା, ପ୍ରତିଯାତୁକାମଂ, ମହର୍ଷେଃ, ଶିଷ୍ୟଂ, ନିଷେଧ, ହେ ବିଦ୍ୱନ୍ ! ତ୍ୱୟା, ଗୁରବେ, କିଂ, ବସ୍ତୁ, ପ୍ରଦେୟଂ, କିୟତ୍, ବା, ଇତି, ତଂ, ଅନ୍ୱୟୁଂକ୍ତ ।

ଅର୍ଥ :—କୌତ୍ସ ପୂର୍ବୋକ୍ତ ବାକ୍ୟ କହି ଯିବାକୁ ଉଦ୍ୟତ ହେବାରୁ ରଘୁ ନିଷେଧପୂର୍ବକ ପଚାରିଲେ, "ହେ ବିଦ୍ୱନ୍ ! ଗୁରୁଙ୍କୁ ଆପଣଙ୍କର କଣ ଦେୟ ଓ କେତେ ପରିମାଣରେ ଦେୟ ?"

କୌତ୍ସ ।

ନିର୍ବନ୍ଧସଞ୍ଜାତରୁଷାର୍ଥକାର୍ଶ୍ୟମଚିନ୍ତୟିତ୍ୱା ଗୁରୁଣାହମୁକ୍ତଃ ।
ବିତ୍ତସ୍ୟ ବିଦ୍ୟାପରିସଙ୍ଖ୍ୟୟା ମେ, କୋଟୀଶ୍ଚତସ୍ରୋଦଶଚାହରେତି ॥ ୨୩ ॥
[ରଣ]

ଅନ୍ୱୟ—ଗୁରୁଣା, ନିର୍ବନ୍ଧସଞ୍ଜାତରୁଷା, ଅର୍ଥକାର୍ଶ୍ୟଂ, ଅଚିନ୍ତୟିତ୍ୱା, ଅହଂ, ଉକ୍ତଃ; ତ୍ୱଂ, ବିଦ୍ୟାପରିସଙ୍ଖ୍ୟୟା, ବିତ୍ତସ୍ୟ, ଚତସ୍ରଃ, ଦଶ, କୋଟୀଃ, ମେ, ଆହର, ଇତି ।

ଅର୍ଥ :—ମହାରାଜ ! ପ୍ରଥମେ ଗୁରୁଦେବ ମୋହର ଭକ୍ତି ଓ ସେବାରେ ସନ୍ତୁଷ୍ଟ ହୋଇ ଦକ୍ଷିଣା ନେବାକୁ ଅସ୍ୱୀକୃତ ହେଲେ । ଅନନ୍ତର ମୁଁ ତାଙ୍କୁ ଅନୁରୋଧ କରିବାରୁ ମୋହର ଆର୍ଥିକ ଅବସ୍ଥା ବିବେଚନା ନ କରି ଚତୁର୍ଦ୍ଦଶ ବିଦ୍ୟାର ମୂଲ୍ୟ ସ୍ୱରୂପ ଚଉଦ କୋଟି ମୁଦ୍ରା ନେବାକୁ ଅଙ୍ଗୀକାର କଲେ ।

GPNanda Colln., Digitized by srujanika@gmail.com

ଚତୁର୍ଦ୍ଦଶ ବିଦ୍ୟା ।

ଅଙ୍ଗାନିବେଦାଶ୍ଚତ୍ୱାରୋ ମୀମାଂସା ନ୍ୟାୟବିସ୍ତରଃ ।
ଧର୍ମଶାସ୍ତ୍ରଂ ପୁରାଣଂ ଚ ହ୍ୟେତା ବିଦ୍ୟାଶ୍ଚତୁର୍ଦ୍ଦଶ ॥ ୨୪ ॥

କୌତ୍ସ ।

ସୋଽହଂ ସପର୍ଯ୍ୟାବିଧିଭାଜନେନ, ମତ୍ୱା ଭବନ୍ତଂ ପ୍ରଭୁଶବ୍ଦଶେଷଂ ।
ଅଭ୍ୟୁତ୍ସହେ ସମ୍ପ୍ରତି ନୋପରୋଦ୍ଧୁ-ମଳ୍ପେତରତ୍ୱାତ୍ ଶ୍ରୁତନିଷ୍କ୍ରୟସ୍ୟ ॥ ୨୫ ॥
[ରଘୁ]

ଅନ୍ୱୟ—ସଃ, ଅହଂ, ସପର୍ଯ୍ୟାବିଧିଭାଜନେନ, ଭବନ୍ତଂ, ପ୍ରଭୁଶବ୍ଦଶେଷଂ, ମତ୍ୱା, ଶ୍ରୁତନିଷ୍କ୍ରୟସ୍ୟ, ଅଳ୍ପେତରତ୍ୱାତ୍, ସମ୍ପ୍ରତି, ଉପରୋଦ୍ଧୁଂ, ନ, ଅଭ୍ୟୁତ୍ସହେ ।

ଅର୍ଥ :—ମହାରାଜ ! ମୁଁ ଆପଣଙ୍କର ପୂଜୋପକରଣ ମୃଣ୍ମୟ ଅର୍ଘ୍ୟ-ପାତ୍ରାଦିରୁ ସମସ୍ତ ଧନ ବିଶ୍ୱଜିତ୍ ଯାଗରେ ବ୍ୟୟିତ ହୋଇଥିବାରୁ ଆପଣଙ୍କଠାରେ କେବଳ ଶେଷପ୍ରଭୁଶବ୍ଦହିଁ ବିଦ୍ୟମାନ ଭାବି ଏବଂ ଗୁରୁଦକ୍ଷିଣାର ଅଧିକ୍ୟ ହେତୁ ଅସମୟରେ ମାଗିବାକୁ ଉତ୍ସାହିତ ହେଉ ନାହିଁ ।

ରଘୁ ।

ଗୁର୍ବର୍ଥମର୍ଥୀ ଶ୍ରୁତପାରଦୃଶ୍ୱା, ରଘୋଃସକାଶାଦନବାପ୍ୟ କାମଂ ।
ଗତୋବଦାନ୍ୟାନ୍ତରମିତ୍ୟୟଂମେ, ମାଭୂତ୍ ପରୀବାଦନବାବତାରଃ ॥ ୨୬ ॥
[ରଘୁ]

ଅନ୍ୱୟ—ଶ୍ରୁତପାରଦୃଶ୍ୱା, ଗୁର୍ବର୍ଥଂ, ଅର୍ଥୀ, ରଘୋଃ, ସକାଶାତ୍, କାମଂ, ଅନବାପ୍ୟ, ବଦାନ୍ୟାନ୍ତରଂ, ଗତଃ, ଇତି, ଅୟଂ, ମେ, ପରୀବାଦ-ନବାବତାରଃ, ମା, ଅଭୂତ୍ ।

ଅର୍ଥ :—ଜଣେ ଶାସ୍ତ୍ରପାରଦର୍ଶୀ ଋଷି ଗୁରୁଦକ୍ଷିଣା ସକାଶେ ଅର୍ଥୀଭାବରେ ଆସି, ରଘୁଙ୍କ ନିକଟରୁ ଫେରି ଅନ୍ୟ ଦାତା ନିକଟ ଯିବା, ଏହି ନୂତନ ଅପବାଦ ମୋହର ନ ଘଟୁ ।

GPNanda Colln., Digitized by srujanika@gmail.com

କୌତ୍ସ ।

ଅଥୋଷ୍ଟ୍ରବାମୀଶତବାହିତାର୍ଥଂ, ପ୍ରଜେଶ୍ୱରଂ ପ୍ରୀତମନାଃ ମହର୍ଷିଃ ।
ସ୍ପୃଶନ୍ କରେଣାନତପୂର୍ବକାୟଂ, ସମ୍ପ୍ରସ୍ଥିତୋ ବାଚମୁବାଚ କୌତ୍ସଃ ॥ ୭୭ ॥
[ରଘୁ]

ଅନ୍ୱୟ—ଅଥ, ପ୍ରୀତମନାଃ, ସମ୍ପ୍ରସ୍ଥିତଃ, ମହର୍ଷିଃ, କୌତ୍ସଃ, ଆନତପୂର୍ବକାୟଂ, ଉଷ୍ଟ୍ରବାମୀଶତବାହିତାର୍ଥଂ, ପ୍ରଜେଶ୍ୱରଂ, କରେଣ, ସ୍ପୃଶନ୍, ବାଚଂ, ଉବାଚ ।

ଅର୍ଥ :—ରାଜା ରଘୁଙ୍କର ଯୁଦ୍ଧସଜ୍ଜା ଦେଖି କୁବେର ରଘୁଙ୍କ ଭଣ୍ଡାରରେ ଯେଉଁ ଧନମାନ ପୂର୍ଣ୍ଣ କରି ଦେଇଥିଲେ ତାହା ସବୁ ଓଟ ଓ ବଳଦ ପିଠିରେ ଲଦାଇ ପଠାଇବାର ଦେଖି କୌତ୍ସ ନମ୍ରଭାବାପନ୍ନ ରଘୁଙ୍କୁ ହସ୍ତରେ ଅନୁଶି ଭବିଷ୍ୟତ୍‌କଥା କହି ଯିବାକୁ ବାହାରିଲେ ।

କୌତ୍ସ ।

କିମତ୍ର ଚିତ୍ରଂ ଯଦି କାମସୂର୍ଭୂର୍ବୃତ୍ତେ ସ୍ଥିତସ୍ୟାଧିପତେଃ ପ୍ରଜାନାଂ ।
ଅଚିନ୍ତନୀୟସ୍ତୁ ତବ ପ୍ରଭାବଃ, ମନୀଷିତଂ ଦ୍ୟୌରପି ଯେନ ଦୁଗ୍ଧା ॥ ୭୮ ॥ [ରଘୁ]

ଅନ୍ୱୟ—ବୃତ୍ତେ, ସ୍ଥିତସ୍ୟ, ପ୍ରଜାନାଂ, ଅଧିପତେଃ, ତବ, ଭୂଃ, କାମସୂଃ, ଯଦି, ଅତ୍ର, କିଂ, ଚିତ୍ରଂ; ତୁ, ତବ, ପ୍ରଭାବଃ, ଅଚିନ୍ତନୀୟଃ; ଯେନ, ଦ୍ୟୌଃ, ଅପି, ମନୀଷିତଂ, ଦୁଗ୍ଧା ।

ଅର୍ଥ :—ମହାରାଜ ! କର୍ମନିଷ୍ଠ ପ୍ରଜାଧିପତି ଆପଣଙ୍କର ଯାହାକି ପୃଥିବୀ କାମନା ପୂର୍ଣ୍ଣ କରୁଅଛି, ଏଠାରେ ବା ତାହାର ଆଶ୍ଚର୍ଯ୍ୟ କ'ଣ ? ଆପଣଙ୍କ ମହିମାର ଇୟତ୍ତା ନାହିଁ, ଯେଉଁ ମହିମା ସ୍ୱର୍ଗରୁ ମଧ୍ୟ ଅଭିଳଷିତ ପଦାର୍ଥମାନ ଦୋହନ କରୁଅଛି ।

GPNanda Colln., Digitized by srujanika@gmail.com

ବୈଦ୍ୟ ।

ଆଶାସ୍ୟମନ୍ୟତ୍ ପୁନରୁକ୍ତଭୂତଂ, ଶ୍ରେୟାଂସି ସର୍ବାଣ୍ୟଧିଜଗ୍ମୁଷସ୍ତେ ।
ପୁତ୍ରଂ ଲଭସ୍ୱାତ୍ମଗୁଣାନୁରୂପଂ, ଭବନ୍ତମୀଡ୍ୟଂ ଭବତଃ ପିତେବ ॥ ୬୯ ॥ [ରଘୁ]

ଅନ୍ୱୟ— ହେ ରାଜନ୍, ସର୍ବାଣି, ଶ୍ରେୟାଂସି, ଅଧିଜଗ୍ମୁଷଃ, ତେ, ଅନ୍ୟତ୍, ଆଶାସ୍ୟଂ, ପୁନରୁକ୍ତଭୂତଂ; ଭବତଃ, ପିତା, ଈଡ୍ୟଂ, ଭବନ୍ତଂ, ଇବ, ସ୍ୱାତ୍ମଗୁଣାନୁରୂପଂ, ପୁତ୍ରଂ, ଲଭସ୍ୱ ।

ଅର୍ଥ :—ମହାରାଜ ! ଆପଣ ସମସ୍ତ ଶ୍ରେୟବସ୍ତୁ ଲାଭ କରିଅଛନ୍ତି, ଏଣୁ ସେହି ସବୁ ଅଶୀର୍ବାଦ ପୁନରୁକ୍ତ ପ୍ରାୟ; ଏହିମାତ୍ର ଅଶୀର୍ବାଦ, ଯେପରି କି— ଆପଣଙ୍କର ପିତା ପୂଜ୍ୟତମ ଆପଣଙ୍କୁ ପୁତ୍ରରୂପରେ ଲାଭ କରିଅଛନ୍ତି, ସେହିପରି ଆପଣ ମଧ୍ୟ ଆପଣଙ୍କ ଅନୁରୂପ ପୁତ୍ର ଲାଭ କରନ୍ତୁ ।

ଇନ୍ଦ୍ରଙ୍କଠାରୁ ଦମୟନ୍ତୀଙ୍କ ନିକଟ ଦୂତରୂପରେ ଯିବାର ଶୁଣି ନଳଙ୍କର ଭାବନା

ଯାଂ ମନୋରଥମୟୀଂ ହୃଦି କୃତ୍ୱା, ଯଃ ଶ୍ୱସିମ୍ୟଥ କଥଂ ସ ତଦଗ୍ରେ ।
ଭାବଗୁପ୍ତିମବଲମ୍ବିତୁମୀଶେ, ଦୁର୍ଜୟା ହି ବିଷୟା ବିଦୁଷାପି ॥ ୭୦ ॥ [ନୈଷଧ]

ଅନ୍ୱୟ— ଯଃ, ଯାଂ, ମନୋରଥମୟୀଂ, ହୃଦି, କୃତ୍ୱା, ଶ୍ୱସିମି; ଅଥ, ସଃ, ତଦଗ୍ରେ, କଥଂ, ଭାବଗୁପ୍ତିଂ, ଅବଲମ୍ବିତୁଂ, ଈଶେ; ହି, ବିଦୁଷା, ଅପି, ବିଷୟାଃ, ଦୁର୍ଜୟାଃ ।

ଅର୍ଥ :—ଆମ୍ଭେ ଦୌତ୍ୟବୃତ୍ତିରେ ଯାଇ ଯେଉଁ ଦମୟନ୍ତୀଙ୍କ ପ୍ରାଣାଧିକ ସ୍ନେହ କରିଅଛୁଁ, ତାହାର ସମକ୍ଷରେ କିପରି ସ୍ୱୀୟ ହୃଦୟ ଭାବ ସାତ୍ତ୍ୱିକ ବିକାର ଗୋପନ କରିବୁଁ—ଯେଉଁ ବିଷୟ କି ପଣ୍ଡିତମାନଙ୍କର ମଧ୍ୟ ଦୁର୍ଜ୍ଜୟ ।

ଇନ୍ଦ୍ର ।

ଅସତେ ଶତମଧିକ୍ଷିତି ଭୂପା ସ୍ତୋୟରାଶିରସି ତେ ଖଲୁ କୂପାଃ ।
କିଂ ଗ୍ରହା ଦିବି ନ ଜାଗ୍ରତି ତେ ତେ, ଭାସ୍ୱତସ୍ତୁ କତମସ୍ତୁଲୟାସ୍ତେ ॥୭୧॥ [ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଅଖିଲଂ, ଶତଂ, ଭୂପାଃ, ଅସତେ, ତେ, କୃପାଃ, ଖଲୁ, ହିଂ, ତୋୟଗ୍ରଣିଃ, ଯଦି; ଦ୍ୱ, ତେ, ତେ, ଗ୍ରହାଃ, କିଂ, ନ, ଜାଗ୍ରତ; ଭୁ, ଦ୍ୟୁମଃ, ତ୍ୱଂଭଃ, ତୁଲ୍ୟା, ଅସ୍ତେ ।

ଅର୍ଥ :—ହେ ନଳ ! ଏହି ପୃଥିବୀ ମଧ୍ୟରେ ଅନ୍ୟାନ୍ୟ ରାଜାମାନେ କୃପଭୁଲ୍ୟ, ତୁମ୍ଭେ ଏକା ଜଳରାଶି ସମୁଦ୍ର ତୁଲ୍ୟ । ଦେଖନ୍ତୁ, ଆକାଶରେ କେତେ କେତେ ଗ୍ରହ ନାହାନ୍ତି, ମାତ୍ର ତୁଳନାରେ ସୂର୍ଯ୍ୟର ସମାନ ହୁଏ ?

ନଳଙ୍କ ବିଷୟରେ ଦମୟନ୍ତୀ ନିକଟ୍ଟ ହଂସର ପ୍ରଶଂସା ।

ଯଦି ତ୍ରିଲୋକୀ ଗଣନାପରା ସ୍ୟାତ୍, ତସ୍ୟାଃ ସମାପ୍ତିର୍ଯଦିନାୟୁଷଃ ସ୍ୟାତ୍ ।
ପାରେ ପରାର୍ଦ୍ଧଗଣିତଂ ଯଦିସ୍ୟାତ୍, ଗଣେୟନିଃଶେଷଗୁଣୋଽପି ସ ସ୍ୟାତ୍ ॥୭୨॥

ଅନ୍ୱୟ—ତ୍ରିଲୋକୀ, ଯଦି, ଗଣାନାପରା, ସ୍ୟାତ୍, ତସ୍ୟାଃ, ଯଦି, ଅୟୁଷଃ, ସମାପ୍ତିଃ, ନ, ସ୍ୟାତ୍, ପରାର୍ଦ୍ଧଗଣିତଂ, ପାରେ, ଯଦି, ସ୍ୟାତ୍, ସଃ, ଅପି, ଗଣେୟନିଃଶେଷଗୁଣଃ, ସ୍ୟାତ୍ ।

ଅର୍ଥ :—ଯଦି ତ୍ରିଲୋକବାସୀ ଗଣନା କରନ୍ତି, ଯଦି ସେମାନଙ୍କର ପରମାୟୁ ଶେଷ ନ ହୁଏ ଓ ପରାର୍ଦ୍ଧରୁ ଅଧିକ ଗଣନା ଥାଏ, ତେବେ ନଳଙ୍କର ସମସ୍ତ ଗୁଣ ଗଣନା କରାଯାଇ ପାରେ ।

ପୁନଶ୍ଚ ।

କ୍ରିୟେତ ଚେତ୍ ସାଧୁବିଭକ୍ତିଚିନ୍ତା, ବ୍ୟକ୍ତିସ୍ତଦା ସା ପ୍ରଥମାଭିଧେୟା ।
ଯା ସ୍ୱୌଜସାଂ ସାଧୟିତୁଂବିଳାସୈ ସ୍ତାବତ୍କ୍ଷମା ନାମପଦଂବହୁସ୍ୟାତ । ୭୩ ।
[ନୈଷଧ]

ଅନ୍ୱୟ—ସାଧୁ ବିଭକ୍ତି ଚିନ୍ତା, କ୍ରିୟେତ, ଚେତ୍; ତଦା, ସା, ବ୍ୟକ୍ତିଃ, ପ୍ରଥମା; ଅଭିଧେୟା; ଯା, ସ୍ୱୌଜସାଂ, ବିଳାସୈଃ, ତାବତ୍, ବହୁନାମପଦଂ, ସାଧୟିତୁଂ, କ୍ଷମା, ସ୍ୟାତ୍ ।

GPNanda Colln., Digitized by srujanika@gmail.com

ଅର୍ଥ :—କେଉଁମାନେ ସାଧୁ ? ଯଦି ଏହି ବିଗ୍ରହ କରାଯାଏ, ତେବେ ସେହି ନଳଙ୍କୁ ପ୍ରଥମ ସାଧୁ ବୋଲି ଗଣିବାକୁ ହେବ, ଯେଉଁ ନଳ ନିଜ ପ୍ରତାପ-ବଳରେ ଅନତମସ୍ତକ ବନ୍ଧୁ ଶତ୍ରୁରାଜ୍ୟ ଜୟ କରିଥିଲେ; ଯଦି ପଦସାଧିକା ବିଭକ୍ତିର ବିଗ୍ରହ କରାଯାଏ ତେବେ ସେହି, ସୁ, ଔ, ଜସ୍ , ବ୍ୟକ୍ତି ଅର୍ଥାତ୍ ବିଭକ୍ତିକୁ ପ୍ରଥମା ବୋଲାଯାଏ, ଯେଉଁ ପ୍ରଥମାବିଭକ୍ତି ସୁ, ଔ, ଜସ୍, ଏମାନଙ୍କ ପ୍ରକ୍ଷେପାନୁସାରେ ବିଭୁ ପ୍ରାତିପାଦିକ ପଦ ସାଧନ କରାଯାଏ ।

ନଳଙ୍କର ଭାବନା ।

ଜୀବିତାବଧି ବନୀପକମାତ୍ରୈ ର୍ଯାଚ୍ୟମାନମଖିଳଂ ସୁଲଭଂ ଯତ୍ ।
ଅର୍ଥିନେ ପରିବୃଢ଼ାୟ ସୁରାଣାଂ, କିଂ ବିତୀର୍ଯ୍ୟ ମମ ତୁଷ୍ୟତୁ ଚେତଃ ।୭୪।

[ନୈଷଧ]

ଅନ୍ୱୟ—ଯତ୍, ଅଖିଳୈଃ, ବନୀପକମାତ୍ରୈଃ, ଜୀବିତାବଧି, ଯାଚ୍ୟମାନଂ, ସୁଲଭଂ, ସୁରାଣାଂ, ପରିବୃଢାୟ, ଅର୍ଥିନେ, କିଂ, ବିତୀର୍ଯ୍ୟ, ମମ, ଚେତଃ, ତୁଷ୍ୟତୁ ।

ଅର୍ଥ :—ଯେହେତୁ ଅର୍ଥୀମାନେ ମୋଠାରୁ ପ୍ରାଣ ପର୍ଯ୍ୟନ୍ତ ପାଇବା ସୁଲଭ, ମାତ୍ର ଦେବରାଜ ଇନ୍ଦ୍ରଙ୍କୁ କଣ ଦେଲେ ମୋହର ଅନ୍ତରାତ୍ମା ତୃପ୍ତ ହେବ ?

ଦୂତଙ୍କର ଆଗମନରେ ଦମୟନ୍ତୀଙ୍କର ପ୍ରଶଂସା ।

ମହୀ କୃତାର୍ଥା ଯଦି ମାନବୋଽସି, ଜିତଂ ଦିବା ଯଦ୍ୟମରେଷୁ କୋଽପି ।
କୁଲଂ ତ୍ୱୟାଲଂକୃତମୌରଗଂ ଚେତ୍, ନାଧୋଽପି କସ୍ୟୋପରି ନାଗଲୋକଃ ।୭୫।

[ନୈଷଧ]

ଅନ୍ୱୟ—ଯଦି, ତ୍ୱଂ, ମାନବଃ, ଅସି ? ତର୍ହି, ମହୀ, କୃତାର୍ଥା; ଯଦି, ଅମରେଷୁ, କଃ, ଅପି, ଅସି ? ତର୍ହି, ଦିବା, ଜିତଂ, ତ୍ୱୟା; ଔରଗଂ, କୁଲଂ, ଅଲଂକୃତଂ, ଚେତ୍ ? ଅଧଃ, ଅପି, ନାଗଲୋକଃ, କସ୍ୟ, ଉପରି, ନ ।

ଅର୍ଥ :—ମହାଶୟ ! ଆପଣ ଯଦି କେହି ମନୁଷ୍ୟ ହୋଇଥାନ୍ତି, ତେବେ ଆପଣଙ୍କ ଅଧିଷ୍ଠାନରେ ପୃଥିବୀ ଧନ୍ୟା; ଆପଣ ଯଦି କେହି ଦେବତା

GPNanda Colln., Digitized by srujanika@gmail.com

ହୋଇଥାନ୍ତି, ତେବେ ଆପଣଙ୍କ ଅଧିଷ୍ଠାନରେ ସ୍ୱର୍ଗହିଁ ଧନ୍ୟ; ଏବଂ ଆପଣ ଯଦି କେହି ନାଗଲୋକବାସୀ ହୋଇଥାନ୍ତି, ତେବେ ମଧ୍ୟ ଆପଣଙ୍କ ଅଧିଷ୍ଠାନ ହେତୁ ପାତାଳ ମଧ୍ୟ ସମସ୍ତଙ୍କ ଉପରେ ବୋଲି କଳ୍ପନା କରାଯିବ ।

ପୁନଶ୍ଚ ବିତର୍କୋକ୍ତି ।

ନ ମନ୍ମଥସ୍ତ୍ୱଂ ସ ହି ନାସ୍ତିମୂର୍ତ୍ତିର୍ନବାଶ୍ୱିନେୟଃ ସ ହି ନାଦ୍ୱିତୀୟଃ ।
ତର୍କୈଃ କମର୍ନ୍ୟୈରଥବା ଭବେସ୍ତ୍ୱଂ, ଶ୍ରୀରେବ ତାଭ୍ୟାମଧିକା ବିଶେଷଃ ॥ ୨୬ ॥
[ନୈଷ]

ଅନ୍ୱୟ—ତ୍ୱଂ, ମନ୍ମଥଃ, ନ; ହି, ସଃ, ନାସ୍ତିମୂର୍ତ୍ତି; ନବା, ଅଶ୍ୱିନେୟଃ, ହି, ସଃ, ନ, ଅଦ୍ୱିତୀୟଃ; ଅଥବା, ଅନ୍ୟୈଃ, ତର୍କୈଃ, କଂ; ତାଭ୍ୟାଂ, ଅଧିକା, ଭବ, ଇସ୍ତ୍ୱଂ, ଶ୍ରୀଃ, ଏବ, ବିଶେଷଃ ।

ଅର୍ଥ :— ମହାଶୟ ! ବୋଧ ହୁଏ ଆପଣ କନ୍ଦର୍ପ ନୁହନ୍ତି, ଯେହେତୁ କନ୍ଦର୍ପର ମୂର୍ତ୍ତି ନାହିଁ; ଆପଣ ଅଶ୍ୱିନୀକୁମାର ମଧ୍ୟ ନୁହନ୍ତି, ଯେହେତୁ ଆପଣ ଦ୍ୱିତୀୟରହିତ; ଯାହାହେଉ ଆପଣ ସେ ଦୁହିଁଙ୍କ ଅପେକ୍ଷା ଅଧିକତର ସୁନ୍ଦର, ଏଣୁ ସେ ଦୁହିଁଙ୍କ ଲକ୍ଷଣରେ ପ୍ରୟୋଜନ ବା କଣ ?

ପୁନଶ୍ଚ ।

ସଂସାରସିନ୍ଧାବନୁବିମ୍ୱମାଢ୍ୟଂ, ଜାଗର୍ତ୍ତି ଜାନେ ଭବ ବୈରସେନିଃ ।
ବିମ୍ୱାନୁବିମ୍ୱୌ ନ ବିହାୟ ଧାତୁର୍ନ ଜାତୁ ଦୃଷ୍ଟାଭିସରୂପସୃଷ୍ଟିଃ ॥୨୭॥ [ନୈଷ]

ଅନ୍ୱୟ—ଅତ୍ର, ସଂସାରସିନ୍ଧୌ, ବୈରସେନିଃ, ଭବ, ଅନୁବିମ୍ୱଂ, ଜାଗର୍ତ୍ତି, ଇତି, ଜାନେ; ହି, ବିମ୍ୱାନୁବିମ୍ୱୌ, ବିହାୟ, ଧାତୁଃ, ଅତିସରୂପସୃଷ୍ଟିଃ, ଜାତୁ, ନ, ଦୃଷ୍ଟା ।

ଅର୍ଥ :—ଏହି ସଂସାର-ସାଗରରେ ବୀରସେନଙ୍କର ପୁତ୍ର, ନଳ ଏକା ତୁମ୍ଭର ସାରୂପ୍ୟଗ୍ରହଣ କରିଅଛନ୍ତି । ଏହି ସଂସାରରେ କେହି କାହାର ସମାନ ନୁହେଁ, ମାତ୍ର ତୁମ ଦୁହିଙ୍କର ତୁଲ୍ୟ ସମାନ ସୃଷ୍ଟି ଦେଖା ନ ଗଲା କି ?

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଅନାଗ୍ନି ଦେଶଃ କତମସ୍ତ୍ୱୟାଦ୍ୟ, ବସନ୍ତମୁକ୍ତସ୍ୟ ଦଶାଂ ବନସ୍ୟ ।
ତ୍ୱଦାପ୍ତସଙ୍କେତତୟା କୃତାର୍ଥା, ଶ୍ରାବ୍ୟାପି ନାନେନ ଜନେନ ସଂଜ୍ଞା ॥ ୭୮ ॥
[ନୈଷ]

ଅନ୍ୱୟ—ଅଦ୍ୟ, ତ୍ୱୟା, କତମଃ, ଦେଶଃ, ବସନ୍ତମୁକ୍ତସ୍ୟ, ବନସ୍ୟ, ଦଶାଂ, ଅନାଯି; ତ୍ୱଦାପ୍ତସଙ୍କେତତୟା, କୃତାର୍ଥା, ସଂଜ୍ଞା, ଅନେନ, ଜନେନ, ଶ୍ରାବ୍ୟା, ଅପି, ନ ।

ଅର୍ଥ :—ମହାଶୟ ! ଆପଣ ଆଜ କେଉଁ ଦେଶକୁ ବସନ୍ତ-ବିରହିତ ବନର ଦଶା ପ୍ରାପ୍ତ କରାଇଅଛନ୍ତି ? ଆପଣ ନିଜର ସଙ୍କେତ ଅନୁସାରେ କୃତାର୍ଥ ନାମକୁ ଶୁଣାଇବେ ନାହିଁ କି ?

ପୁନଶ୍ଚ ।

ଶୀର୍ଣଃ କଥମର୍ଣୋନିଧିରେବ ନୈଷ, ସ୍ୱଲକ୍ଷିତୈରଭୂଦିହ ଯତ୍ ପ୍ରବେଶଃ ।
ଫଲଂ କିମେତସ୍ୟ ତୁ ସାହସସ୍ୟ, ନତାବଦଦ୍ୟାପି ବିନିଶ୍ଚିନୋମି ॥୭୯॥ [ନୈଷ]

ଅନ୍ୱୟ—ସ୍ୱଲକ୍ଷିତେ, ଇହ, ପ୍ରବେଶଃ, ଅଭୂତ୍, ଇତି, ଯତ୍, ଏଷଃ, ଅର୍ଣୋନିଧିଃ, ଏବ, ନ, ଶୀର୍ଣଃ, କିଂ; ଏତସ୍ୟ, ସାହସସ୍ୟ, ଫଲଂ, କିଂ, ଅଦ୍ୟାପି, ତାବତ୍, ନ ବିନିଶ୍ଚିନୋମି ।

ଅର୍ଥ :—ମହାଶୟ ! ଆପଣ ଏହି ଦୁଷ୍ପ୍ରବେଶ୍ୟ ଅନ୍ତଃପୁର ମଧ୍ୟରେ ଯାହାକି ପ୍ରବେଶ କଲେ, ତାଣ ଦୁସ୍ତର ସମୁଦ୍ର ପାର ହେଲେ; ଏହିଭଳି ସାହସର କାରଣ ବର୍ତ୍ତମାନ ମୁଁ କିଛି ଜାଣିପାରୁ ନାହିଁ ।

ପୁନଶ୍ଚ ।

ପ୍ରାପ୍ତୈବ ତାବତ୍ ତବ ରୂପସୃଷ୍ଟିଂ, ନିପୀୟ ଦୃଷ୍ଟିର୍ଜନୁଷଃ ଫଲଂ ମେ ।
ଅପି ଶ୍ରୁତିନାମୃତମାପ୍ନୁଯାତାଂ, ତୟୋଃ ପ୍ରସାଦୀକୁରୁଷେ ଗିରଂ ଚେତ୍ ॥୮୦॥
[ନୈଷ]

GPNanda Colln., Digitized by srujanika@gmail.com

ଅନ୍ୱୟ— ତବ, ରୂପଦୃଷ୍ଟଂ, ଜପୀଯ୍ୟ, ମେ, ଦୃଷ୍ଟୋଃ, ତାବତ୍, ଜନୁଷଃ, ଫଳଂ, ପ୍ରାପ୍ତା, ଏବ; ମେ, ଶ୍ରୁତ୍ୟୋ, ଅପି, ଅମୃତଂ, ନ, ଅଦ୍ୟାପ୍ୟେତାଂ, ତେନ୍ତୁ, ତଦ୍ୟୋଃ, ଗିରଂ, ପ୍ରସାଦୀକୁରୁଷେ ।

ଅର୍ଥ :—ମହାଶୟ ! ଅପଣଙ୍କ ସୌନ୍ଦର୍ଯ୍ୟ ଦେଖି ମୋହର ନେତ୍ର କୃତାର୍ଥ ହେଲା, ଯଦି ବାକ୍ୟାମୃତ ଶୁଣାନ୍ତୁ ତେବେ ମୋହର ଶ୍ରବଣେନ୍ଦ୍ରିୟ ମଧ୍ୟ ଅମୃତ ପର୍ଯ୍ୟନ୍ତ ଆଦର କରିବ ନାହିଁ ।

ପୁନଶ୍ଚ ।

ତବ ପ୍ରବେଶେ ସୁକୃତାନ ହେତୁଂ, ମନ୍ୟେ ମଦକ୍ଷ୍ଣୋରପି ତାବଦତ୍ର ।
ନ ଲକ୍ଷିତୋ ରକ୍ଷିବର୍ତ୍ତୈର୍ଯଦାଭ୍ୟାଂ, ପୀତୋଽସି ତନ୍ୱୀ ଜଗତୃଷ୍ଣଧନ୍ୱା ॥୮୧॥ [ନୈଧ]

ଅନ୍ୱୟ—ଅତ୍ର, ତବ, ପ୍ରବେଶେ, ମଦକ୍ଷ୍ଣୋଃ, ଅପି, ସୁକୃତାନ, ତାବତ୍, ହେତୁଂ, ମନ୍ୟେ, ଯତ୍ତୁ, ତନ୍ୱୀ, ଜଗତୃଷ୍ଣଧନ୍ୱା, ତ୍ୱଂ, ରକ୍ଷିବର୍ତ୍ତୈଃ, ନ, ଲକ୍ଷିତଃ, ଅତଃ, ଅଭ୍ୟାଂ, ପୀତଃ, ଅସି ।

ଅର୍ଥ :—ମହାଶୟ । ଅପଣଙ୍କ ଆଗମନରୁ ମୋ ଚକ୍ଷୁର ସୁକୃତ ଫଳ ମୁଁ ଜାଣୁଅଛୁ, ଯାହାହେତୁ ବନର୍ପବଜୟୀ ଅପଣଙ୍କ ରୂପକୁ ଯାହାକ ପ୍ରହରୀମାନେ ଲକ୍ଷ୍ୟ ନ କଲେ, ସେହି ଅଲକ୍ଷ୍ୟଗ୍ରିବ ଜାଣ ଅପଙ୍କେ ଦର୍ଶନର ହେତୁ ହେଲା ।

ଦୂତଙ୍କର ଉତ୍ତର ।

ଅଥାବ୍ରଣ୍ଡାମବଧୀର୍ଯ୍ୟ ଧୈର୍ଯ୍ୟା-ଦୂଚେ ସ ତଦ୍ଭାଗୁପଦାଣତୋଽପି ।
ବିବେକଧାରାଶତଧୌତମନ୍ତଃ, ସତାଂ ନ କାମଃ କଳୁଷୀକରୋତି ॥୮୨॥ [ନୈଧ]

ଅନ୍ୱୟ— ଅଥ, ସଃ, ତଦ୍ଭାଗୁପଦାଣତଃ, ଅପି, ଧୈର୍ଯ୍ୟାତ୍, ବ୍ରଣ୍ଡାଂ, ଅବଧୀର୍ଯ୍ୟ, ଉଚେ; କାମଃ, ବିବେକଧାରାଶତଧୌତଂ, ସତାଂ, ଅନ୍ତଃ, ନ, କଳୁଷୀକରୋତି ।

GPNanda Colln., Digitized by srujanika@gmail.com

ଅର୍ଥ :—ଦୂତ, ଦମୟନ୍ତୀଙ୍କର ବୀଣା-ମଧୁର ବାକ୍ୟରେ ଅନୁକୃଷ୍ଟ ହୋଇ ସାତ୍ତ୍ୱିକ ବିକାର ସମ୍ବରଣପୂର୍ବକ କହିଲେ-ଯେଉଁମାନଙ୍କର ଶତ ଶତ ବିବେକଜ୍ଞାନ ପରଂପରାରେ ଅନ୍ତଃକରଣ କ୍ଷାଳିତ ହୋଇଥାଏ, ଏବଂ ସେହି ମାନଙ୍କର ସ୍ତ୍ରୀସନ୍ନିଧାନାଦ ସହେ ଚିତ୍ତ ଅବିକୃତ ହୋଇଥାଏ ।

ଅନୁରୂପ ଶ୍ଳୋକ ।

ପ୍ରତ୍ୟର୍ଥୀଭୂତାମ ପି ତାଂ ସମାଧେଃ, ସୁଶ୍ରୂଷମାଣାଂ ଗିରିଶୋଽନମେନେ ।
ବିକାରହେତୌ ସତି ବିକ୍ରିୟନ୍ତେ, ଯେଷାଂ ନ ଚେତାଂସିତ ଏବ ଧୀରାଃ ।୮୩।

[କୁମ]

ଅନ୍ୱୟ—ଗିରିଶଃ, ସମାଧେଃ, ପ୍ରତ୍ୟର୍ଥୀଭୂତାଂ, ଅପି, ଶୁଶ୍ରୂଷମାଣାଂ, ତାଂ, ଅନୁମେନେ; ବିକାରହେତୌ, ସତି, ଯେଷାଂ, ଚେତାଂସି, ନ, ବିକ୍ରିୟନ୍ତେ, ତେ, ଏବ, ଧୀରାଃ ।

ଅର୍ଥ :—ସ୍ତ୍ରୀସନ୍ନିଧାନାଦ ସମାଧିର ପ୍ରତିକୂଳ ହେଲେହେଁ ଶିବ ପାର୍ବତୀଙ୍କର ସେବାକୁ ଅଙ୍ଗୀକାର କଲେ; କାରଣ ବିକାର ହେତୁର ବିଦ୍ୟମାନତା ସତ୍ତ୍ୱେ ଯେଉଁମାନଙ୍କର ଚିତ୍ତ ଅବିକୃତ ହୋଇଥାଏ ସେହିମାନେହିଁ ଜିତେନ୍ଦ୍ରିୟ ।

ଦମୟନ୍ତୀଙ୍କ ପ୍ରତି ଦୂତଙ୍କର ଉକ୍ତି ।

ହରିତ୍ପତୀନାଂ ସଦସଃ ପ୍ରତୀହି, ତ୍ୱଦୀୟମେବାତିଥିମାଗତଂ ମାଂ ।
ବହନ୍ତମନ୍ତର୍ଗୁରୁଣାଦରେଣ, ପ୍ରାଣାନିବ ସ୍ୱଃପ୍ରଭୁବାଚିକାନି ॥ ୮୪ ॥

[ନୈଷ]

ଅନ୍ୱୟ—ଗୁରୁଣା, ଆଦରେଣ, ସ୍ୱଃପ୍ରଭୁବାଚିକାନି, ପ୍ରାଣାନ୍, ଇବ, ଅନ୍ତଃ, ବହନ୍ତଂ, ହରିତ୍ପତୀନାଂ, ସଦସଃ, ଆଗତଂ, ତ୍ୱଦୀୟଂ, ଏବ, ଅତିଥିଂ, ମାଂ, ପ୍ରତୀହି ।

ଅର୍ଥ :—ଅମ୍ଭେ ଇନ୍ଦ୍ରଙ୍କ ସଭାରୁ ଅଦରର ସହିତ ସ୍ୱର୍ଗୀୟ ପ୍ରଭୁ ଇନ୍ଦ୍ରଙ୍କ ସମ୍ବାଦ ଘେନି ଅତିଥିଭାବରେ ଆପଣଙ୍କ ନିକଟ ଆସିଅଛୁଁ ।

GPNanda Colln., Digitized by srujanika@gmail.com

ପ୍ରଭୁର କାର୍ଯ୍ୟସାଫଲ୍ୟହିଁ ସତ୍କାର ।

ବିଲମ୍ବ୍ୟତାଂ ଭୂତବତୀ ସପର୍ଯ୍ୟା, ନିବେଶ୍ୟତାମାସନମୁଜ୍ଝ୍ୟତାଂ କିଂ ?
ଯା ହୃତତା ନଃ ଫଳିତା ବିଧେୟା, ନୈବାତିଥେୟୀ ପୃଥୁରୁଦ୍‌ଭବିତ୍ରୀ ॥୮୫॥
[ନୈଷଧ]

ଅନ୍ୱୟ—ବିଲମ୍ବ୍ୟତାଂ, ସପର୍ଯ୍ୟା, ଭୂତବତୀ, ନିବେଶ୍ୟତାଂ, କିଂ, ଆସନଂ, ଉଜ୍ଝ୍ୟତେ, ନଃ, ଯା, ହୃତତା, ଫଳିତା, ବିଧେୟା, ସା, ଏବ, ପୃଥୁଃ, ଅତିଥେୟୀ, ଉଦ୍‌ଭବିତ୍ରୀ ।

ଅର୍ଥ :— ଆପଣ ପୂଜାରୁ କ୍ଷାନ୍ତ ହୁଅନ୍ତୁ, ଆପଣଙ୍କ ଦର୍ଶନ ଜାତି ମୋହର ପୂଜା, ତ୍ୟଜନ୍ତୁ କାହିଁକି ? ଆସନରେ ବସନ୍ତୁ । ଏଠାରେ ଆମ୍ଭର ଏହି ଦୌତ୍ୟବୃତ୍ତି ଆପଣଙ୍କଦ୍ୱାରା ସଫଳ ହେବାକୁ ମୋହର ଉଚିତ ପୂଜା ବୋଲି ମନେ କରିବେ ।

ଦୌତ୍ୟକାର୍ଯ୍ୟରେ ବିଳମ୍ବ କରିବା ଉଚିତ ନୁହେଁ ।

ଦୟୋଦୟଶ୍ଚେତସି ଚେଦ୍‌ଭବାଭୂଦଲଂକୃରୁ ଦ୍ୟାଂ ବିଫଳୋ ବିଲମ୍ବଃ ।
ଭବଃ ସ୍ୱର୍ଦେଶମଥାତନୋମୋ, ଭୂମୌ ଧୃତଂ ଯାହି ଯଦି ସ୍ୱଭୂମୌ ॥୮୬॥
[ନୈଷଧ]

ଅନ୍ୱୟ—ତବ, ଚେତସି, ଦୟୋଦୟଃ, ଚେତ୍, ଅଭୂତ୍, ତଦା, ଦ୍ୟାଂ, ଅଲଂକୁରୁ, ବିଲମ୍ବଃ, ବିଫଳଃ, ଅଥ, ସ୍ୱଭୂମୌ, ଯଦି, ଧୃତଂ, ଯାସି, ଭୂମୌ, ଭବଃ, ସ୍ୱର୍ଦେଶଂ, ଆତନୋମଃ ।

ଅର୍ଥ :—ମୋ ପ୍ରତି ଯଦି ଆପଣଙ୍କ ଚିତ୍ତରେ ଦୟା ଥାଏ, ତେବେ ନିଜ ଅଧିଷ୍ଠାନରେ ସ୍ୱର୍ଗବିଭୂଷିତ କରିବାରେ ବିଳମ୍ବ କରନ୍ତୁ ନାହିଁ । ଆପଣ ଯଦି ଜନ୍ମଭୂମି କିମ୍ବା ଅନ୍ୟତ୍ର ରହିବା ସନ୍ତୋଷ ମନେ କରନ୍ତି ତେବେ ସେହି ସେହି ସ୍ଥାନକୁ ମଧ୍ୟ ସ୍ୱର୍ଗ କରି ଦେଆଯିବ ।

GPNanda Colln., Digitized by srujanika@gmail.com

ଦମୟନ୍ତୀ ।

ଇତୀୟମକ୍ଷିଭ୍ରମବିଭ୍ରମେଙ୍ଗିତୈଃ, ସ୍ଫୁଟାମନାସ୍ଥାଂ ବିବରୀତୁମୁତ୍ସୁକା ।
ତଦୁକ୍ତିମାତ୍ରଶ୍ରବଣେଚ୍ଛୟାଶୃଣୋଦ୍ଦିଗୀଶସନ୍ଦେଶଗିରୋ ନ ଗୌରବାତ୍ ॥୮୭॥
[ନୈଷଧ]

ଅନ୍ୱୟ—ଇୟଂ, ଅକ୍ଷିଭ୍ରମ—ବିଭ୍ରମେଙ୍ଗିତୈଃ, ସ୍ଫୁଟାଂ, ଅନାସ୍ଥାଂ, ବିବରୀତୁଂ, ଉତ୍ସୁକା, ସତୀ, ତଦୁକ୍ତିମାତ୍ରଶ୍ରବଣେଚ୍ଛୟା, ଦିଗୀଶସନ୍ଦେଶଗିରଃ, ଅଶୃଣୋତ୍, ଗୌରବାତ୍, ନ, ଇତି ।

ଅର୍ଥ :—ଦମୟନ୍ତୀ ନିଜର ଚକ୍ଷୁବିଭ୍ରମଦ୍ୱାରା ଇନ୍ଦ୍ରାଦିଙ୍କ ସନ୍ଦେଶ ଶୁଣିବାକୁ ଅନାଗ୍ରହ ପ୍ରକାଶ କଲେ, ମାତ୍ର ଦୂତଙ୍କ ମୁଖରୁ କଥା ଶୁଣିବାକୁ ପୁନଃ ପୁନଃ ଅଭିଳାଷିଣୀ ହେଲେ ।

ଦମୟନ୍ତୀ ।

ମୟାଙ୍ଗ ! ପୃଷ୍ଟଃ କୁଳନାମନୀ ଭବାନମୂ ବିମୁଚ୍ୟୈବ କିମନ୍ୟଦୁକ୍ତବାନ୍ ।
ନ ମହ୍ୟମତ୍ରୋତ୍ତରଧାରୟସ୍ୟ କିଂ, ହ୍ରିୟେଽପି ସେୟଂ ଭବତୋଽଧମର୍ଣ୍ଣତା ॥୮୮॥
[ନୈଷଧ]

ଅନ୍ୱୟ—ଅଙ୍ଗ ! ମୟା, କୁଳନାମନୀ, ଭବାନ୍, ପୃଷ୍ଟଃ, କିଂ, ଅମୂ, ବିମୁଚ୍ୟ, ଏବ, ଅନ୍ୟତ୍, ଉକ୍ତବାନ୍, ଅତ୍ର, ମହ୍ୟଂ, ଉତ୍ତରଧାରୟସ୍ୟ, ଭବତଃ, ସା, ଇୟଂ, ଅଧମର୍ଣ୍ଣତା, ହ୍ରିୟେ, ଅପି, କିଂ, ନ ।

ଅର୍ଥ :—ମହାଶୟ ! ମୁଁ ଆପଣଙ୍କ କୁଳ ଓ ନାମର ପ୍ରଶ୍ନ କରିଥିଲି, ଆପଣ ତାହା ନ କହି ଅପ୍ରାସଙ୍ଗିକ ଉତ୍ତରଦ୍ୱାରା ନିଜର ଅଧମର୍ଣ୍ଣତା ପ୍ରକାଶ କରିବା ଲଜ୍ଜାର ବିଷୟ ନୁହେଁ କି ?

ପୁନଶ୍ଚ ।

ଗିରଃ ଶ୍ରୁତା ଏବ ତବ ଶ୍ରବଃସୁଧାଃ, ଶ୍ଳଥାଭବନ୍ନାମ୍ନି ତୁ ନ ଶ୍ରୁତିସ୍ପୃହା ।
ପିପାସୁତା ଶାନ୍ତିମୁପୈତି ବାରିଣା, ନ ଜାତୁ ଦୁଗ୍ଧାନ୍ମଧୁନୋଽଧିକାଦପି ॥ ୮୯ ॥
[ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଶ୍ରବଃସୁଧାଃ, ତବ, ଗିରଃ, ଶ୍ରୁତାଃ, ଏବ, ତୁ, ଭବନ୍ତି, ଶ୍ରୁତସ୍ପୃହା, ନ, ଶ୍ଲଥା, ପିପାସୁତା, ବାରଣା, ଶାନ୍ତିଂ, ଉପୈତି, ଅଧିକାତ୍, ଅପି, ଦୁଗ୍ଧାତ୍, ମଧୁନଃ, ଜାତୁ, ନ, ଶାନ୍ତିଂ, ଏତି ।

ଅର୍ଥ :—ମହାଶୟ ! କେବଳ ଯେ ଆପଣଙ୍କ ଅମୃତ ତୁଲ୍ୟ ବାକ୍ୟ ଶ୍ରବଣ କରି କାମ ଶୁଣିବା ଇଚ୍ଛାର ନିବୃତ୍ତି ହେଲା ତାହା ନୁହେଁ; ଯେହେତୁ ତୃଷାର୍ତ୍ତର କେବଳ ଜଳରେ ତୃପ୍ତିମାତ୍ର, ତଦପେକ୍ଷା ଉତ୍କୃଷ୍ଟତର ଦୁଗ୍ଧ ଓ ମଧୁରେ ତୃପ୍ତି ନ ଥାଏ ।

ପୁନଶ୍ଚ ।

ବିଭର୍ତ୍ତି ବଂଶଃ କତମସ୍ତମୋପହଂ, ଭବାଦୃଶଂ ନାୟକରତ୍ନମୀଦୃଶଂ ।
ତମନ୍ୟସାମାନ୍ୟଧିୟାବମାନିତଂ, ହ୍ୟସ୍ତା ମହାନ୍ତଂ ବହୁମନ୍ତୁମୁତ୍ସହେ ॥୯୦॥

[ନୈଷଧ]

ଅନ୍ୱୟ—କତମଃ, ବଂଶଃ, ତମୋପହଂ, ଈଦୃଶଂ, ଭବାଦୃଶଂ, ନାୟକରତ୍ନଂ, ବିଭର୍ତ୍ତି, ଅନନ୍ୟସାମାନ୍ୟଧିୟା, ଅବମାନିତଂ, ତଂ, ହ୍ୟସ୍ତା, ମହାନ୍ତଂ, ବହୁମନ୍ତୁଂ, ଉତ୍ସହେ ।

ଅର୍ଥ ;—ମହାଶୟ ! କେଉଁ ବଂଶରେ ଭବାଦୃଶ ଈଦୃଶ ନାୟକଶ୍ରେଷ୍ଠ ଜନ୍ମଗ୍ରହଣ କରିଅଛନ୍ତି ? ଅନ୍ୟ ସାମାନ୍ୟ ବୁଦ୍ଧିରେ ଅବମାନିତ ସେହି ବଂଶକୁ ଆମ୍ଭେ ଆପଣଙ୍କ ଅଧିଷ୍ଠ ନ ହେବୁ ବହୁ ସମାଦର କରିବାକୁ ଉତ୍ସାହିତ ହେଉଅଛୁଁ ।

ଦୂତ ।

ଇତୀରୟିତ୍ୱା ବିରତାଂ ପୁନଃ ସତାଂ, ଗିରାନୁଜଗ୍ରାହତରାଂ ନରାଧିପଃ ।
ବିରୁଧ୍ୟ ବର୍ଣ୍ଣାନ୍ତରବର୍ଣ୍ଣିତଂ ତପାଦ୍ୟୁପେତ୍ୟ, ଘନାଘନଶ୍ଚାତକମଣ୍ଡଲୀମିବ ॥ ୯୧ ॥

[ନୈଷଧ]

ଅନ୍ୱୟ—ସଃ, ନରାଧିପଃ ଇତି, ଈରୟିତ୍ୱା, ବିରତାଂ, ତାଂ, ତପାଦ୍ୟୁପେତ୍ୟ, ବିରୁଧ୍ୟ, ବର୍ଣ୍ଣାନ୍ତବର୍ଣ୍ଣିତଂ, ଚାତକମଣ୍ଡଲୀଂ, ଘନାଘନଃ, ଇବ, ଗିରା, ପୁନଃ, ଅନୁଜଗ୍ରାହତରାଂ ।

GPNanda Colln., Digitized by srujanika@gmail.com

ଅର୍ଥ:—ଦମୟନ୍ତୀ ଏହିପରି କହି ମୌନ ଅବଲମ୍ବନ କରିବାରୁ ଗ୍ରୀଷ୍ମ ଶେଷରେ ଶବ୍ଦବିରତ ଚାତକମାନଙ୍କ ସମ୍ବନ୍ଧରେ ବର୍ଷୁକ ମେଘପରି ରାଜା ପୁନର୍ବାର ଦମୟନ୍ତୀଙ୍କୁ କହିଲେ ।

ଦୂତ ।

ଅୟେ ! ମମୋଦାସିତମେବ ଜିହ୍ୱୟା, ତ୍ୱୟେଽପି ତସ୍ମିନ୍ନନତପ୍ରୟୋଜନେ ।
ଗରୋ ଗିରଃ ପଲ୍ଲବନାର୍ଥଲାଘବେ, ମିତଂ ଚ ସାରଂ ଚ ବଚୋ ହି ବାଗ୍ମିତା ॥୧୨॥

[ନୈଷଧ]

ଅନ୍ୱୟ—ଅୟେ ! ଅନତପ୍ରୟୋଜନେ, ତସ୍ମିନ୍, ତ୍ୱୟେ, ଅପି ମମ, ଜିହ୍ୱୟା, ଉଦାସିତଂ ଏବ; ପଲ୍ଲବନାର୍ଥଲାଘବେ, ଗିରଃ, ଗରୋ, ହି, ମିତଂ, ଚ, ସାରଂ, ବଚଃ, ବାଗ୍ମିତା ।

ଅର୍ଥ :—ମୋହର କୁଳ ଓ ନାମରେ ତୁମ୍ଭର ବିଶେଷ କିଛି ପ୍ରୟୋଜନ ନାହିଁ, ଏଣୁ ତାହା କହିବା ସକାଶେ ମୋହର ଜିହ୍ୱା ଏକବାର ଉଦାସୀନ; କାରଣ ନିରର୍ଥକ ବାଗାଡ଼ମ୍ବର ବାକ୍ୟର ବିଷ ତୁଲ୍ୟ, ଯେହେତୁ ସାରଗର୍ଭକ ଅତି ଅଳ୍ପ ବାକ୍ୟରେ ବକ୍ତାର ସୁବକ୍ତୃତା ଜଣାଯାଏ ।

ପୁନଶ୍ଚ ।

ମହାଜନାଚାରପରଂପରେଦୃଶୀ, ସ୍ୱନାମ ନାମାଦଦତେ ନ ସାଧବଃ ।
ଅତୋଽଭିଧାତୁଂ ନ ତଦୁତ୍ସହେ ପୁନର୍ଜନଃ କିଲାଚାରମୁଚଂ ବିଗାୟତି ॥ ୧୩ ॥

[ନୈଷଧ]

ଅନ୍ୱୟ—ସାଧବଃ, ସ୍ୱନାମ, ନ, ଆଦଦତେ, ଈଦୃଶୀ, ମହାଜନାଚାରପରଂପରା, ନାମ, ଅତଃ, ତତ୍, ଅଭିଧାତୁଂ, ନ, ଉତ୍ସହେ; ଜନଃ, ଆଚାରମୁଚଂ, ବିଗାୟତି, କିଲ ।

ଅର୍ଥ :—ସଜ୍ଜନମାନଙ୍କର ନିଜ ନାମ ଧରିବା ନିଷିଦ୍ଧ ଏବଂ ଲୋକବିଗର୍ହିତ କାର୍ଯ୍ୟ ଦେଖିଲେ ଲୋକେ ମଧ୍ୟ ନିନ୍ଦା କରନ୍ତି, ଏହାହିଁ ଲୋକାଚାର, ଅତଏବ ଅମ୍ଭେ ନିଜ ନାମ କହିବାକୁ ଉତ୍ସାହିତ ହେଉ ନାହୁଁ ।

GPNanda Colln., Digitized by srujanika@gmail.com

ଦମୟନ୍ତୀଙ୍କର ଉକ୍ତି ।

ମୟାପି ଦେୟଂ ପ୍ରତିବାଚକଂ ନ ତେ, ସ୍ୱନାମ ମଦ୍‌କର୍ଣ୍ଣସୁଧାମଲୁମ୍ବତେ ।
ପରେଣ ପୁଂସା ହି ମମାପି ସଙ୍କଥା, କୁଳାବଲାଗୃହସହାସନାସହା ॥ ୯୫ ॥
[ନୈଷଧ]

ଅନ୍ୱୟଃ—ସ୍ୱନାମ, ମଦ୍‌କର୍ଣ୍ଣସୁଧାଂ, ଅଲୁମ୍ବତେ, ତେ, ମୟା, ଅପି, ପ୍ରତିବାଚକଂ, ନ, ଦେୟଂ; ହି, ପରେଣ, ପୁଂସା, ମମ, ଅପି, ସଙ୍କଥା, କୁଳାବଲାଗୃହସହାସନାସହା ।

ଅର୍ଥ :—ମହାଶୟ ! ଆପଣ ଯହି ନିଜ ନାମାମୃତ ଶୁଣାଇ ମୋହର କର୍ଣ୍ଣ ତୃପ୍ତ ନ କଲେ, ତେବେ ମୁଁ ମଧ୍ୟ ଆପଣଙ୍କ ସହିତ ସଦାଲାପ କରିବା ଉଚିତ ନୁହେଁ; ଯେହେତୁ ପରପୁରୁଷମାନଙ୍କ ସହିତ ଆଳାପ କୁଳାଙ୍ଗନାମାନଙ୍କର ଅଗ୍ରହ-ବିରୁଦ୍ଧ ଅଟେ ।

ଦୂତ ।

କରୋଷି ନେମଂ ଫଲିନଂ ମମଶ୍ରମଂ, ଦଶୋଽନୁଗୃହ୍ଣାସି ନ କଞ୍ଚନ ପ୍ରଭୁଂ ।
ଭୁବିତ୍ୱମର୍ହାସି ସୁରାନୁପାସିତୁଂ, ରସାମୃତସ୍ନାନପବିତ୍ରୟା ଗିରା ॥ ୯୬ ॥
[ନୈଷଧ]

ଅନ୍ୱୟଃ—ହେ ଭୈମି ! ମମ, ଇମଂ, ଶ୍ରମଂ, ଫଲିନଂ, ନ, କରୋଷି, କଞ୍ଚନ, ଦଶଃ, ପ୍ରଭୁଂ, ନ, ଅନୁଗୃହ୍ଣାସି, ଇତ୍ଥଂ, ତ୍ୱଂ, ରସାମୃତସ୍ନାନପବିତ୍ରୟା, ଗିରା, ସୁରାନ୍, ଉପାସିତୁଂ, ଅର୍ହା, ଅସି ।

ଅର୍ଥ :—ଭୈମି ! ତୁମ୍ଭେ ପ୍ରେମାମୃତବର୍ଷୀ ବାକ୍ୟରେ ଇନ୍ଦ୍ରାଦିଙ୍କୁ ଉପାସନା କରିବା ସକାଶେ ଅଙ୍ଗୀକାର କରି ମୋହର ଏହି ଦୌତ୍ୟବୃତ୍ତି ସଫଳ କର ।

ଦମୟନ୍ତୀ ।

ଅହୋ ମହେନ୍ଦ୍ରସ୍ୟ କଥଂ ମୟୌଚିତୀ, ସୁରାଙ୍ଗନାସଙ୍ଗମଶୋଭିତାତ୍ମନଃ ।
ନୃଦସ୍ୟ ହଂସାବଲମାଂସଲାଶ୍ରୟୋ ବଳାକୟେବ ପ୍ରବଳା ବଡ଼ମ୍ବନା ॥ ୯୭ ॥
[ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ— ଅହୋ ! ସୁରାଙ୍ଗନାସଙ୍ଗମଶୋଭିତାଭ୍ରତଃ, ମହେନ୍ଦ୍ରସ୍ୟ, ହଂସାବଳମାଂସଳାଶ୍ରୟିଃ, ହୃଦସ୍ୟ, ବଳାକୟା, ଇବ, ମୟା, ପ୍ରବଳା, ଖଡ୍ଗମନା, କଥଂ, ଔଚତା ।

ଅର୍ଥ :—ମହାଶୟ ! ଆଶ୍ଚର୍ଯ୍ୟର ବିଷୟ ଦେବରମଣୀସଙ୍ଗମଶୋଭି ଇନ୍ଦ୍ର ଆଦି ଦେବତାଙ୍କର ହଂସାବଳଶୋଭିତ ହୃଦରେ ବଳାଙ୍ଗନା ହଶଲ୍ଲ ପରି ମୋହର ସହିତ ପ୍ରଣୟ କଣ ପରିହାସର ବିଷୟ ନୁହେ କି ?

ପୁନଶ୍ଚ ।

ପୁରଃ ସ୍ୱର୍ଗିଣାଂ ଭଣ କୈବ ମାନୁଷୀ, ନ ଯତ୍ର ତାସ୍ତତ୍ର ତୁ ସାପି ଶୋଭିକା ।
ଅକାଞ୍ଚନେଽଙ୍କଂଗନ ନାୟିକାଙ୍ଗକେ, ଖମାଳକୂଟାଭରଣେନ ନ ଶ୍ରିୟଃ ॥୧୭॥

[ନୈଧ]

ଅନ୍ୱୟ—ସ୍ୱର୍ଗିଣାଂ, ପୁରଃ, ମାନୁଷୀ, କା, ଏବ, ଭଣ, ଯତ୍ର, ତାଃ, ନ, ତୁ, ତତ୍ର, ସା, ଅପି, ଶୋଭିକା, ଅକାଞ୍ଚନେ, ଅକଞ୍ଚନନାୟିକାଙ୍ଗକେ ଆରକୂଟାଭରଣେନ, ଶ୍ରିୟଃ, କଂ, ନ ।

ଅର୍ଥ :—ମହାଶୟ ! ସ୍ୱର୍ଗଙ୍ଗନାମାନଙ୍କ ଆଗରେ ମାନବୀ କନ୍ୟା ଅତି ତୁଚ୍ଛ । ଯେଉଁଠାରେ ସୁରାଙ୍ଗନା ନ ଥାନ୍ତି ସେହିଠାରେ ମାନବୀ ଶୋଭାପାଏ; ଯେହେତୁ ସ୍ୱର୍ଣ୍ଣାଦିଅଳଙ୍କାର ଭୂଷଣ-ରହିତ ନିର୍ଦ୍ଧନ ନାୟିକାମାନଙ୍କ ଦେହରେ ପିତଳର ଅଳଙ୍କାର ପର୍ଯ୍ୟନ୍ତ ଶୋଭାପାଏ ।

ଦୂତ ।

ଦିବୌକସଂ କାମୟତେ ନ ମାନବୀ, ନବୀନମଶ୍ରାବି ତବାନନାଦିଦଂ ।
କଥଂ ନ ବା ଦୁର୍ଗ୍ରହଦୋଷଏଷତେ, ହିତେନ ସମ୍ୟକ୍ ଗୁରୁଣାପିଶାମ୍ୟତେ ॥୧୮॥

[ନୈଧ]

ଅନ୍ୱୟ—ମାନବୀ, ଦିବୌକସଂ, ନ, କାମୟତେ, ଇଦଂ, ନବୀନଂ, ତବ, ଆନନାତ୍, ଅଶ୍ରାବି; ଏଷଃ, ତେ, ଦୁର୍ଗ୍ରହଦୋଷଃ; ହିତେନ, ଗୁରୁଣା, ଅପି, କଥଂ, ସମ୍ୟକ୍, ନ, ଶାମ୍ୟତେ ।

GPNanda Colln., Digitized by srujanika@gmail.com

ଅର୍ଥ :—ଜଣେ ସାମାନ୍ୟ ମାନବୀକନ୍ୟା ଇନ୍ଦ୍ର ଆଦି ଦେବତାଙ୍କୁ ବରରୂପରେ ବରଣ ନ କରିବାର ଏହି ନୂଆ କଥା ଆଜ ତୁମ ମୁଖରୁ ଶୁଣାଗଲା । ଯାହାହେଉ ତୁମ୍ଭର ଏହି ଦୁର୍ଗ୍ରହ ଦୋଷକୁ ତୁମ୍ଭ ପିତ୍ରାଦି ଗୁରୁଜନମାନେ ନିବାରଣ କରନ୍ତୁ ନାହାନ୍ତି, ଅଥବା ଦୁଷ୍ଟଗ୍ରହ-ନିବନ୍ଧନ ଦୋଷକୁ ଏକା ବୃହସ୍ପତି ଅନୁକୂଳ ହୋଇ ଉପଶମ କରୁ ନାହାନ୍ତି ।

ଦମୟନ୍ତୀ ।

ଅପିଦ୍ରଢୀୟଃ ଶୃଣୁ ମେ ପ୍ରତିଶ୍ରୁତଂ, ସ ପୀଡ଼ୟେଦ୍ ପାଣିମିମଂ ନ ଚେନ୍ନୃପଃ ।
ହୁତାଶନୋଦ୍ବନ୍ଧନବାରିବାରିତାଂ, ନିଜାୟୁଷସ୍ତନ୍ଦ୍ରକରିବେ ସ୍ୱବୈରିତାଂ ॥୯୯॥
[ନୈଷଧ]

ଅନ୍ୱୟ—ଅପି, ଦ୍ରଢୀୟଃ, ମେ, ପ୍ରତିଶ୍ରୁତଂ, ଶୃଣୁ; ସଃ, ନୃପଃ, ଚେତ୍, ଇମଂ, ପାଣିଂ, ନ, ପୀଡୟେତ୍, ତତ୍, ନିଜାୟୁଷଃ, ହୁତାଶନୋଦ୍ବନ୍ଧନବାରିବାରିତାଂ, ସ୍ୱବୈରିତାଂ, କରିବେ ।

ଅର୍ଥ :—ମହାଶୟ ! ଆପଣ ମୋହର ଏହି ଦୃଢ ପ୍ରତିଜ୍ଞା ଶୁଣନ୍ତୁ—ସେହି ରାଜା ନଳ ଯଦି ମୋହର ଏହି ପାଣି ପୀଡ଼ନ ନ କରନ୍ତି, ତେବେ ମୁଁ ଅଗ୍ନି ଉଦ୍ବନ୍ଧନ କମ୍ବା ଜଳଦ୍ୱାରା ପରମାୟୁ ଶେଷ କରିବି ।

ସତୀର ଆତ୍ମହତ୍ୟା ଦୋଷାବହ ନୁହେ ।

ନଷିଦ୍ଧମପ୍ୟାଚରଣୀୟମାପଦି, କ୍ରିୟା ସତୀ ନାବତି ଯତ୍ର ସର୍ବଥା ।
ଘନାମ୍ବୁନା ରାଜପଥେ ହି ପିଚ୍ଛିଲେ, କ୍ୱଚିଦ୍ବୁଧୈରପ୍ୟପଥେନ ଗମ୍ୟତେ ॥୧୦୦॥
[ନୈଷଧ]

ଅନ୍ୱୟ—ଯତ୍ର, ଆପଦି, ସତୀ, କ୍ରିୟା, ସର୍ବଥା, ନ, ଅବତି, ତତ୍ର, ନିଷିଦ୍ଧଂ, ଅପି, ଆଚରଣୀୟଂ; ହି, ଘନାମ୍ବୁନା, ରାଜପଥେ, ପିଚ୍ଛିଲେ, ବୁଧୈଃ, ଅପଥେନ, ଅପି, କ୍ୱଚିତ୍, ଗମ୍ୟତେ ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାଶୟ ! ଯେଉଁଠାରେ କି ସତ୍‌କଥାରେ ରକ୍ଷାର ଉପାୟ ନାହିଁ, ସେହିଠାରେହିଁ ଲୋକେ ନିର୍ଭିକ ଆଚରଣ କରୁଥାନ୍ତି; ଦେଖନ୍ତୁ ବର୍ଷା-ଜଳରେ ବାଟ ପଙ୍କିଳ ଥିଲେ କୌଣସି କୌଣସିଠାରେ ମଧ୍ୟ ପଣ୍ଡିତ ପର୍ଯ୍ୟନ୍ତ ଅପନ୍ଥାରେ ଯାଉଥାନ୍ତି ।

ଦୂତ ।

ଅହୋ ମନସ୍ତ୍ୱାମନୁ ତେଽପି ତନ୍ୱତେ, ତ୍ୱମପ୍ୟମୀଭ୍ୟୋ ବିମୁଖୀତି କୌତୁକଂ ।
କ୍ୱବାଧନୀ ନିର୍ଦ୍ଧନମେତି କଶ୍ଚନଂ, ସ ବାକ୍କବାଟଂ ଘଟୟନ୍ନିରସ୍ୟତି ॥୧୦୧॥ [ନୈଷ୍ଧ]

ଅନ୍ୱୟ—ଅହୋ ! ତେ, ଅପି, ତ୍ୱାଂ, ଅନୁ, ମନଃ, ତନ୍ୱତେ; ତ୍ୱଂ, ଅପି, ଅମୀଭ୍ୟଃ, ବିମୁଖୀ, ଇତି, କୌତୁକଂ; କ୍ୱବା, ଧନଃ, ନିର୍ଦ୍ଧନଂ, ଏତି, କଂ, ଚ, ସଃ, ତଂ, ବାକ୍କବାଟଂ, ଘଟୟନ୍, ନିରସ୍ୟତି ।

ଅର୍ଥ :—ଅହୋ ଆଶ୍ଚର୍ଯ୍ୟର ବିଷୟ, ତୁମ୍ଭ ପ୍ରତି ସେହି ଇନ୍ଦ୍ରାଦି ଦେବତାମାନେ ଅଭିଳାଷ ପ୍ରକାଶ କରୁଅଛନ୍ତି, ମାତ୍ର ତୁମ୍ଭେ ସେମାନଙ୍କ ପ୍ରତି ଅନିଚ୍ଛା ପ୍ରକାଶ କରୁଅଛ । ଯାହାହେଉ, ସ୍ଥାନବିଶେଷରେ ରହି ନିର୍ଦ୍ଧନ ନିକଟ ଯିବାକୁ ଇଚ୍ଛା କଲେ ମାତ୍ର ନିର୍ଦ୍ଧନ ତାହାକୁ ବାକ୍‌ପାରୁଷ୍ୟରୂପ କବାଟ ଅଡ଼ାଇ ଦେଇ ବନ୍ଦ କରିଥାଏ ।

ମନ ଓ ଜଳ ପ୍ରତିକୂଳ ଦିଗକୁ ଯାଏ ନାହିଁ ।

ଇତି ଧ୍ରୁବେଚ୍ଛାମନୁଶାସତୀ ସୁତାଂ, ଶଶାକ ମେନା ନ ନିୟନ୍ତୁମୁଦ୍ୟମାତ୍ ।
କ ଈପ୍ସିତାର୍ଥସ୍ଥିରନିଶ୍ଚୟଂ ମନଃ, ପୟଶ୍ଚ ନିମ୍ନାଭିମୁଖଂ ପ୍ରତୀପୟେତ୍ ॥ ୧୦୨ ॥
[କୁମ]

ଅନ୍ୱୟ—ମେନା, ଇତି, ଧ୍ରୁବେଚ୍ଛାଂ, ସୁତାଂ, ଅନୁଶାସତୀ, ଉଦ୍ୟମାତ୍, ନିୟନ୍ତୁଂ, ନ, ଶଶାକ; ଈପ୍ସିତାର୍ଥସ୍ଥିରନିଶ୍ଚୟଂ, ମନଃ, ଚ, ନିମ୍ନାଭିମୁଖଂ, ପୟଃ, କଃ, ପ୍ରତୀପୟେତ୍ ।

GPNanda Colln., Digitized by srujanika@gmail.com

ଅର୍ଥ :—ମେନକା ପାର୍ବତୀଙ୍କୁ ଉପଦେଶଦ୍ୱାରା କର୍ତ୍ତବ୍ୟ ମାର୍ଗରୁ ନିବୃତ୍ତ କରିପାରିଲେ ନାହିଁ, ଯେହେତୁ ଦୃଢ଼ ସଙ୍କଳ୍ପିତ ମନ ଓ ନିମ୍ନଗାମୀ ଜଳକୁ କେହି ପ୍ରତିକୂଳ ଦିଗକୁ ଫେରାଇ ପାରେ ନାହିଁ ।"

ପାର୍ବତୀଙ୍କ ପ୍ରତି ଜଟିଳଙ୍କର ଉକ୍ତି ।

କୁଳେ ପ୍ରସୂତିଃ ପ୍ରଥମସ୍ୟ ବେଧସସ୍ତ୍ରିଲୋକସୌନ୍ଦର୍ଯ୍ୟମିବୋଦିତଂ ବପୁଃ ।
ଅମୃଗ୍ୟମୈଶ୍ୱର୍ଯ୍ୟସୁଖଂ ନବଂବୟସ୍ତପଃଫଳଂ ସ୍ୟାତ୍ କିମତଃ ପରଂବଦ ॥୧୦୩॥
[କୁବ]

ଅନ୍ୱୟ—ପ୍ରଥମସ୍ୟ, ବେଧସଃ, କୁଳେ, ପ୍ରସୂତିଃ; ବପୁଃ,ତ୍ରିଲୋକ-ସୌନ୍ଦର୍ଯ୍ୟଂ, ଇବ, ଉଦିତଂ, ଐଶ୍ୱର୍ଯ୍ୟସୁଖଂ, ଅମୃଗ୍ୟଂ, ନବଂ, ବୟଃ, ଅତଃପରଂ, କିଂ, ତପଃଫଳଂ, ସ୍ୟାତ୍, ବଦ ।

ଅର୍ଥ :—ଗୋ ପାର୍ବତି ! ତୁମ୍ଭେ ପ୍ରଥମ ବିଧାତାର କୁଳରେ ଜାତ ହୋଇଅଛ, ତୁମ୍ଭପରି ସୁନ୍ଦରୀ ମଧ୍ୟ ତ୍ରିଭୁବନରେ ଆଉ କେହି ନାହାନ୍ତି । ତୁମ୍ଭେ ନୂତନ ବୟସରେ ଅମୂଲ୍ୟ ଐଶ୍ୱର୍ଯ୍ୟ ସୁଖ ଭୋଗ କରୁଅଛ, ଏଥିରୁ ଅଧିକ ଆଉ ତୁମ୍ଭ ତପସ୍ୟାର ଫଳ କଣ କହିଲ ।

ପୁନଶ୍ଚ ।

କିମିତ୍ୟପାସ୍ୟାଭରଣାନି ଯୌବନେ, ଧୃତଂ ତ୍ୱୟା ବାର୍ଦ୍ଧକଶୋଭି ବଲ୍କଲଂ ।
ବଦପ୍ରଦୋଷେ ସ୍ଫୁଟଚନ୍ଦ୍ରତାରକା, ବିଭାବରୀ ଯଦ୍ୟରୁଣାୟ କଳ୍ପତେ ॥୧୦୪॥
[କୁବ]

ଅନ୍ୱୟ—ହେ ପାର୍ବତି ! ତ୍ୱୟା, ଯୌବନେ, ଆଭରଣାନି, ଅପାସ୍ୟ, କିଂ, ବାର୍ଦ୍ଧକଶୋଭି, ବଲ୍କଲଂ, ଇତି, ଧୃତଂ; ସ୍ଫୁଟଚନ୍ଦ୍ରତାରକା, ବିଭାବରୀ, ପ୍ରଦୋଷେ, ଯଦି, ଅରୁଣାୟ, କଳ୍ପତେ, ବଦ ।

ଅର୍ଥ :—ପାର୍ବତି ! ତୁମ୍ଭେ ଯୌବନ ସମୟର ଆଭରଣ ପରିତ୍ୟାଗ କରି ବାର୍ଦ୍ଧକଶୋଭି ବକଲ କାହିଁକି ପିନ୍ଧିଅଛ ? ହେଉ, ପ୍ରଦୋଷ କାଳରେ ପ୍ରକାଶିତ ଚନ୍ଦ୍ର ଓ ତାରକିତ ରାତ୍ରି କଣ ସୂର୍ଯ୍ୟଙ୍କୁ ଇଚ୍ଛା କରେ ?

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଏବଂ ଯଦି ପ୍ରାର୍ଥୟସେ ବୃଥାଶ୍ରମଃ, ପିତୁଃ ପ୍ରଦେଶାସ୍ତବ ଦେବଭୂମୟଃ ।
ଅଥୋପଯନ୍ତାରମଲଂ ସମାଧିନା, ନ ରତ୍ନମନ୍ୱିଷ୍ୟତି ମୃଗ୍ୟତେ ହି ତତ୍ ॥୧୦୫॥
[କୁମାର]

ଅନ୍ୱୟ—ଏବ, ଯଦି, ପ୍ରାର୍ଥୟସେ, ଶ୍ରମଃ, ବୃଥା; ତବ, ପିତୁଃ, ପ୍ରଦେଶାଃ, ଦେବଭୂମୟଃ; ଅଥ, ଉପଯନ୍ତାରଂ, ସମାଧିନା, ଅଲଂ; ହି, ରତ୍ନଂ, ନ, ଅନ୍ୱିଷ୍ୟତି, ଜନୈଃ, ତତ୍, ମୃଗ୍ୟତେ ।

ଅର୍ଥ :—ଅୟି ପାର୍ବତି ! ତୁମ୍ଭେ ଯଦି ସ୍ୱର୍ଗ ଇଚ୍ଛା କରୁଥାଅ ତେବେ ତୁମ୍ଭର ପରିଶ୍ରମହିଁ ବୃଥା, ଯେହେତୁ ତୁମ୍ଭ ପିତୃସଦନ ଦେବଭୂମି ଅଟେ । ଯଦି ତୁମ୍ଭେ ଉପଯୁକ୍ତ ବର ପାତ୍ର ପାଇବା ଇଚ୍ଛାରେ ତପସ୍ୟା କରୁଥାଅ ତେବେ ମଧ୍ୟ ତୁମ୍ଭ ତପସ୍ୟାହିଁ ବୃଥା, ଯେହେତୁ ରତ୍ନ ସ୍ୱୟଂ କାହାର ନିକଟ ଯିବାକୁ ଇଚ୍ଛା କରେ ନାହିଁ; ମାତ୍ର ଲୋକେ ରତ୍ନକୁ ଖୋଜୁଥାନ୍ତି ।

ଅନୁରୂପ ଶ୍ଳୋକ ।

ଅୟଂ ସ ଯସ୍ମାତ୍ ପ୍ରଣୟାବଧୀରଣା, ମଶଙ୍କନୀୟାଂ କରଭୋରୁ ! ଶଙ୍କସେ ।
ଉପସ୍ଥିତସ୍ତ୍ୱାଂ ପ୍ରଣୟୋତ୍ସୁକୋ ଜନୋ ନ ରତ୍ନମନ୍ୱିଷ୍ୟତି ମୃଗ୍ୟତେ ହି ତତ୍ ॥୧୦୬
[ଶକୁନ୍ତଳା]

ଅନ୍ୱୟ—ହେ କରଭୋରୁ ! ଅଶଙ୍କନୀୟାଂ, ପ୍ରଣୟାବଧୀରଣାଂ, ଯସ୍ମାତ୍, ଶଙ୍କସେ, ପ୍ରଣୟୋତ୍ସୁକଃ, ସଃ, ଅୟଂ, ଜନଃ, ତ୍ୱାଂ, ଉପସ୍ଥିତଃ; ହି, ରତ୍ନଂ, ନ, ଅନ୍ୱିଷ୍ୟତି, ତତ୍, ମୃଗ୍ୟତେ ।

ଅର୍ଥ :—ଦୁଷ୍ମନ୍ତଙ୍କର ଶକୁନ୍ତଳାଙ୍କ ପ୍ରତି ଉକ୍ତି—ହେ କରଭୋରୁ ! ଯାହାଙ୍କ ସହିତ ତୁମ୍ଭ ପ୍ରଣୟର ଭୟ ହେଉଅଛି, ସେହି ଅମ୍ଭେ ତୁମ୍ଭ ସହିତ ପ୍ରଣୟୋତ୍ସୁକ ହୋଇଅଛୁଁ; ଯେହେତୁ ରତ୍ନ କାହାକୁ ଲୋଡ଼େ ନାହିଁ ମାତ୍ର ରତ୍ନକୁ ସମସ୍ତେ ଲୋଡନ୍ତି ।

GPNanda Colln., Digitized by srujanika@gmail.com

ଜଟିଳ ।

ନିବେଦିତଂ ନିଶ୍ୱସିତେନ ସୋଷ୍ଣା, ମନସ୍ତୁ ମେ ସଂଶୟମେବଗାହତେ ।
ନ ଦୃଶ୍ୟତେ ପ୍ରାର୍ଥୟିତବ୍ୟ ଏବ ତେ; ଭବିଷ୍ୟତି ପ୍ରାର୍ଥିତଦୁର୍ଲ୍ଲଭଃ କଥଂ ॥୧୦୭॥
[କୁମ]

ଅନ୍ୱୟ—ସୋଷ୍ଣା, ନିଶ୍ୱସିତେନ, ନିବେଦିତଂ, ତୁ, ମେ, ମନଃ, ସଂଶୟଂ, ଏବ, ଗାହତେ; ତେ, ପ୍ରାର୍ଥୟିତବ୍ୟଃ, ନ, ଦୃଶ୍ୟତେ, ଏବ; ପ୍ରାର୍ଥିତ-ଦୁର୍ଲ୍ଲଭଃ, କଥଂ, ଭବିଷ୍ୟତି ।

ଅର୍ଥ:—ହେ ପାର୍ବ୍ବତି! ମୋ ମନରେ ଯାହାର ସନ୍ଦେହ ଜାତ ହେଉଅଛି ତାହା ମୁଁ ଦୁଃଖର ସହିତ ନିବେଦନ କରୁଅଛି । ଦେଖ, ତୁମ୍ଭର ପ୍ରାର୍ଥନାଯୋଗ୍ୟ କେହି ଦେଖାଯାଉ ନାହାନ୍ତି, ତେବେ ତୁମ୍ଭର ପ୍ରାର୍ଥିତ ଦୁର୍ଲ୍ଲଭ କାହିଁକି ବା ଘଟିବ ?

ଅନୁରୂପ ଶ୍ଳୋକ ।

ଅୟଂ ସ ତେ ତିଷ୍ଠତି ସଙ୍ଗମୋତ୍ସୁକୋ, ବିଶଙ୍କସେ ଭୀରୁ! ଯତୋଽବଧୀରଣାଂ ।
ଲଭେତ ବା ପ୍ରାର୍ଥୟିତା ନ ବା ଶ୍ରିୟଂ, ଶ୍ରିୟା ଦୁରାପଃ କଥମୀପ୍ସିତୋ ଭବେତ୍ ॥୧୦୮
[ଶକୁନ୍ତଳା]

ଅନ୍ୱୟ—ହେ ଭୀରୁ! ଯତଃ, ଅବଧୀରଣାଂ, ବିଶଙ୍କସେ, ସଃ, ଅୟଂ, ତେ, ସଙ୍ଗମୋତ୍ସୁକଃ, ତିଷ୍ଠତି; ପ୍ରାର୍ଥୟିତା, ଶ୍ରିୟଂ, ଲଭେତ, ବା, ନ, ବା; ଈପ୍ସିତଃ, ଶ୍ରିୟା, ଦୁରାପଃ, କଥଂ, ଭବେତ୍ ।

ଅର୍ଥ :—ଶକୁନ୍ତଳାଙ୍କ ପ୍ରତି ଦୁଷ୍ମନ୍ତଙ୍କର ଉକ୍ତି—ହେ ଭୀରୁ! ଯାହାର ଅପମାନକୁ ଆଶଙ୍କା କରୁଅଛ ସେହି ଆମ୍ଭେ ତୁମ୍ଭପ୍ରତି ସଙ୍ଗମୋତ୍ସୁକ ହୋଇଅଛୁଁ । ଦେଖ, ପ୍ରାର୍ଥନାକାରୀ ଶ୍ରୀକୁ ଲାଭ କରିପାରେ ଅଥବା ନ ପାରେ, ମାତ୍ର ଶ୍ରୀ ଯଦି କାହା ନିକଟ ଯିବାକୁ ଇଚ୍ଛା କରନ୍ତି ତେବେ ସେ ତାହାଙ୍କୁ ସହଜରେ ପାଇ ପାରନ୍ତି ।

GPNanda Colln., Digitized by srujanika@gmail.com

ଜଟିଳଙ୍କପ୍ରତି ପାର୍ବତୀଙ୍କର ପ୍ରତ୍ୟୁକ୍ତି ।

ଯଥା ଶ୍ରୁତଂ ବେଦବିଦାଂବର ! ତ୍ୱୟା, ଜନୋଽୟମୁଚ୍ଚୈଃ ପଦଲଂଘନୋତ୍ସୁକଃ ।
ତପଃ କିଲେଦଂ ତଦବାପ୍ତିସାଧନଂ, ମନୋରଥାନାମଗତିର୍ନ ବିଦ୍ୟତେ ॥ ୧୦୯ ॥
[ହ୍ରିବ]

ଅନ୍ୱୟ—ହେ ବେଦବିଦାଂବର ! ତ୍ୱୟା, ଯଥା, ଶ୍ରୁତଂ, ଅୟଂ, ଜନଃ, ଉଚ୍ଚୈଃ, ପଦଲଂଘନୋତ୍ସୁକଃ, ଇଦଂ, ତପଃ, ତଦବାପ୍ତିସାଧନଂ, କିଲ, ମନୋରଥାନାଂ, ଅଗତିଃ, ନ, ବିଦ୍ୟତେ ।

ଅର୍ଥ :—ହେ ବେଦଜ୍ଞଶ୍ରେଷ୍ଠ ! ଆପଣ ଯାହାକି ଅମ୍ଭେ ଉଚ୍ଚପଦ ଲଙ୍ଘନ କରିବା ପ୍ରତି ଉତ୍ସାହିତ ହୋଇ ଥିବାର ଶୁଣି ଅଛନ୍ତି ତାହାହିଁ ଯଥାର୍ଥ, ବାସ୍ତବିକ ଅମ୍ଭେ ସେହି ଉଚ୍ଚପଦ ପାଇବା ସକାଶେ ଏହି ତପସ୍ୟା କରୁଅଛୁଁ, ଦେଖନ୍ତୁ ମନୋରଥର କେଉଁଠିହିଁ ଅଗତି ନାହିଁ, ଅର୍ଥାତ୍ ଦୃଢ଼ସଂକଳ୍ପିତ ମନରେ କାର୍ଯ୍ୟ କଲେ ଅଭିଲାଷ ପୂର୍ଣ୍ଣ ହୋଇଥାଏ ।

ଜଟିଳ ।

ଅଥାହ ବର୍ଣୀ ବିଦିତୋ ମହେଶ୍ୱରସ୍ତଦର୍ଥିନୀ ତ୍ୱଂ ପୁନରେବ ବର୍ତ୍ତସେ ।
ଅମଙ୍ଗଲାଭ୍ୟାସରତିଂ ବିଚିନ୍ତ୍ୟ ତଂ, ତବାନୁବୃତ୍ତିଂ ନ ଚ କର୍ତ୍ତୁମୁତ୍ସହେ ॥୧୧୦॥
[ଲୁବ]

ଅନ୍ୱୟ—ଅଥ, ବର୍ଣୀ, ଆହ, ମହେଶ୍ୱରଃ ବିଦିତଃ; ତ୍ୱଂ, ପୁନଃ, ଏବ, ତଦର୍ଥିନୀ, ବର୍ତ୍ତସେ; ତଂ, ଅମଙ୍ଗଲାଭ୍ୟାସରତିଂ, ବିଚିନ୍ତ୍ୟ, ତବ, ଅନୁବୃତ୍ତିଂ କର୍ତ୍ତୁଂ, ନ, ଚ, ଉତ୍ସହେ ।

ଅର୍ଥ :—ଅହେ ପାର୍ବତି ! ଅମ୍ଭେ ମହେଶ୍ୱରଙ୍କୁ ଜାଣୁ, ତୁମେ ମଧ୍ୟ ତାହାଙ୍କୁ ପାଇବା ସକାଶେ ଅଭିଳାଷିଣୀ ହୋଇଥିବାର ଜାଣିଲୁଁ, ମାତ୍ର ଶିବ ଅମଙ୍ଗଳ କାର୍ଯ୍ୟରେ ଅନୁରାଗୀ ଥିବାରୁ ତୁମ୍ଭର ସେହି ଅଭିପ୍ରାୟକୁ ଅମ୍ଭେ ଅନୁମୋଦନ କରିବା ପ୍ରତି ଉତ୍ସାହିତ ହେଉ ନାହୁଁ ।

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଅବସ୍ତୁନିର୍ବନ୍ଧପରେ ! କଥଂ ନୁ ତେ, କରୋଽୟମାମୁକ୍ତବିବାହକୌତୁକଃ ।
କରେଣ ଶମ୍ଭୋର୍ବଲୟୀକୃତାହିନା, ସହିଷ୍ୟତେ ତତ୍ ପ୍ରଥମାବଲମ୍ବନଂ ॥୧୧
[କୁବ]

ଅନ୍ୱୟ—ହେ ଅବସ୍ତୁନିର୍ବନ୍ଧପରେ !, ଆମୁକ୍ତବିବାହକୌତୁକଃ, ତେ, ଅୟଂ, କରଃ, ବଲୟୀକୃତାହିନା, ଶମ୍ଭୋଃ, କରେଣ, ତତ୍, ପ୍ରଥମାବଲମ୍ବନଂ, ନୁ, କଥଂ, ସହିଷ୍ୟତେ ।

ଅର୍ଥ :—ହେ ଅସତ୍‌ପଦାର୍ଥାଭିଳାଷିଣି ପାର୍ବତି ! ଯେଉଁ ସମୟରେ ତୁମ୍ଭ ହସ୍ତ ସହିତ ବଲୟୀକୃତସର୍ପ ଶିବଙ୍କ ହସ୍ତ ବୈବାହିକ କୌତୁକ ସୂତ୍ରରେ ଅବଦ୍ଧ ହେବ, ସେହି ସମୟରେ ତୁମ୍ଭର ହସ୍ତ ବଲୟୀକୃତସର୍ପ ମହାଦେବଙ୍କ ହସ୍ତରେ ସେହି ପ୍ରଥମାବଲମ୍ବନକୁ ସହି ପାରିବ ତ ?

ପୁନଶ୍ଚ

ଅୟୁକ୍ତରୂପଂ କିମତଃପରଂ ବଦ, ତ୍ରିନେତ୍ରବକ୍ଷଃ ସୁଲଭଂ ତବାପି ଯତ୍ ।
ସ୍ତନଦ୍ୱୟେଽସ୍ମିନ୍ ହରିଚନ୍ଦନାସ୍ପଦେ, ପଦଂ ଚିତାଭସ୍ମରଜଃ କରିଷ୍ୟତି ॥୧୨
[କୁବ]

ଅନ୍ୱୟ—ତ୍ରିନେତ୍ରବକ୍ଷଃ, ତବ, ସୁଲଭଂ, ଅପି, ଅତଃପରଂ, ଅୟୁକ୍ତରୂପଂ, କିଂ, ବଦ; ଯତ୍, ହରିଚନ୍ଦନାସ୍ପଦେ, ଅସ୍ମିନ୍, ସ୍ତନଦ୍ୱୟେ, ଚିତାଭସ୍ମରଜଃ, ପଦଂ, କରିଷ୍ୟତି ।

ଅର୍ଥ :—ପାର୍ବତି ! ଏଥିରୁ ଅଧିକ ଅଉ ଉପହାସ୍ୟର ବିଷୟ କଣ କହିଲ ଦେଖି । ଯଦି ମହାଦେବଙ୍କର ବକ୍ଷସ୍ଥଳ ସୁଲଭ ହୁଏ, ତେବେ ତୁମ୍ଭର ଏହି ହରିଚନ୍ଦନାକ୍ତ ସ୍ତନଦ୍ୱୟରେ ଚିତାଭସ୍ମରଜ ଲାଗିବ ନାହିଁ କି ?

ପୁନଶ୍ଚ ।

ଇୟଂ ଚ ତେଽନ୍ୟା ପୁରତୋ ବିଡ଼ମ୍ବନା, ଯଦୂଢ଼ୟା ବାରଣରାଜହାର୍ଯ୍ୟୟା ।
ବିଲୋକ୍ୟ ବୃଦ୍ଧୋକ୍ଷମଧିଷ୍ଠିତଂ ତ୍ୱୟା, ମହାଜନଃ ସ୍ମେରମୁଖୋ ଭବିଷ୍ୟତି ॥୧୩
[କୁବ]

GPNanda Colln., Digitized by srujanika@gmail.com

ଅନ୍ୱୟ—ତେ, ପୁରତଃ, ଇୟଂ, ଅନ୍ୟା, ବଡ଼ୁମ୍ନା, ସତୃଷ୍ଣ୍ୟା, କାରଣସ୍ୱକତାର୍ଯ୍ୟସ୍ୟା, ହ୍ରସ୍ୱା, ଅଧ୍ୟୁଷିତଂ, ବୃଷ୍ଟୋଷ୍ଠଂ, ବଲୋକ୍ୟ, ମହାଜନାଃ, ସ୍ମେରମୁଖାଃ, ଭବନ୍ତ୍ୟ ।

ଅର୍ଥ :—ପାର୍ବ୍ବତି ! ଦେଖ, ତୁମ୍ଭ ଆଗରେ ଅନ୍ୟ ଗୋଟିଏ ବଡ଼ୁମ୍ନା; ତୁମ୍ଭଙ୍କ ସ୍କନ୍ଧ ଉପରେ ବସିଥିବା ଓ ଶିବଙ୍କ ବୁଢ଼ା ଷଣ୍ଢ ଉପରେ ବସିଥିବାର ଦେଖି କେଉଁ ମହାଜନମାନେ ବା ନ ହସିବେ ?

ଉତ୍ତମ ବରପାତ୍ରର ଲକ୍ଷଣ ।

କନ୍ୟା ବରୟତେ ରୂପଂ ମାତା ବିତ୍ତଂ ପିତା ଶ୍ରୁତଂ ।
ବାନ୍ଧବାଃ କୁଳମିଚ୍ଛନ୍ତି ମିଷ୍ଟାନ୍ନମିତରେ ଜନାଃ ॥ ୧୧୪ ॥

ପୁନଶ୍ଚ ।

ବପୁର୍ବିରୂପାକ୍ଷମଲକ୍ଷଜନ୍ମତା, ଦିଗମ୍ବରତ୍ୱେନ ନିବେଦିତଂ ବସୁ ।
ବରେଷୁ ଯଦ୍ବାଲମୃଗାକ୍ଷି ! ମୃଗ୍ୟତେ, ତଦସ୍ତି କିଂ ବ୍ୟସ୍ତମପି ତ୍ରିଲୋଚନେ ॥ ୧୧୫ ।[କୁମ]

ଅନ୍ୱୟ—ବପୁଃ, ବିରୂପାକ୍ଷଂ, ଅଲକ୍ଷଜନ୍ମତା, ଦିଗମ୍ବରତ୍ୱେନ, ବସୁ, ନିବେଦିତଂ, ହେ ବାଲମୃଗାକ୍ଷି ! ବରେଷୁ, ଯତ୍, ମୃଗ୍ୟତେ, ତତ୍, ବ୍ୟସ୍ତଂ, ଅପି, ତ୍ରିଲୋଚନେ, ଅସ୍ତି, କିଂ ?

ଅର୍ଥ :—ପାର୍ବ୍ବତି ! ତିନିଗୋଟି ନେତ୍ରରୁ ତ ସୌନ୍ଦର୍ଯ୍ୟ ଜଣା, ସେ ମଧ୍ୟ ତାହାର ପ୍ରଥ ଏପର୍ଯ୍ୟନ୍ତ ସ୍ଥିର ନାହିଁ; ଏଥିରୁ ତ କୁଳମର୍ଯ୍ୟାଦା ଜଣା ଶୁଣା କଥା । ବସ୍ତ୍ର ନ ଥିବାରୁ ଉଲଗ୍ନ; ଏଥିରୁ ଶିବଙ୍କର ଧନୀପଣିଆ ତ ଜାଣିଲ, ହେ ବାଲମୃଗନୟନେ ପାର୍ବ୍ବତି ! ଲୋକେ ବରପାତ୍ରଠାରେ ପୂର୍ବୋକ୍ତ ଯେଉଁ ପାଞ୍ଚଟି ଗୁଣର ଆଶା ରଖିଥାନ୍ତି ସେ ସମସ୍ତ ଗୁଣ ଥିବାଟ ତ ଦୂରର କଥା, କିନ୍ତୁ ସେଥି ମଧ୍ୟରୁ ଶିବଙ୍କଠାରେ ଗୋଟିଏ ମାତ୍ର ଗୁଣ ଅଛି କି ?

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ନିବର୍ତ୍ତ୍ୟତାମସ୍ମାଦସଦଭୀପ୍ସିତାନ୍ମନଃ, କ୍ୱ ତଦ୍ୱିଧସ୍ତ୍ୱଂ କ୍ୱ ଚ ପୁଣ୍ୟଲକ୍ଷଣା ।
ଅପେକ୍ଷ୍ୟତେ ସାଧୁଜନେନ ବୈଦିକୀ, ଶ୍ମଶାନଶୂଳସ୍ୟ ନ
ଯୂପସତ୍କ୍ରିୟା । ୧୧୬ । [କୁମ]

ଅନ୍ୱୟ—ଅସ୍ମାତ୍, ଅସଦଭୀପ୍ସିତାତ୍, ମନଃ, ନିବର୍ତ୍ତ୍ୟ, ତଦ୍ୱିଧଃ, କ୍ୱ, ଚ, ପୁଣ୍ୟଲକ୍ଷଣା, ତ୍ୱଂ, କ୍ୱ; ସାଧୁଜନେନ, ଶ୍ମଶାନଶୂଳସ୍ୟ, ବୈଦିକୀ, ଯୂପସତ୍କ୍ରିୟା, ନ, ଅପେକ୍ଷ୍ୟତେ ।

ଅର୍ଥ :—ଅୟି ପାର୍ବତି ! ଏପରି ଅସଦଭିପ୍ରାୟରୁ ମନ ନିବୃତ୍ତ କର । ଦେଖ, ସେ ଶିବ କେଉଁଠାରେ ଓ ପୁଣ୍ୟଲକ୍ଷଣା ତୁମ୍ଭେ ମଧ କେଉଁଠାରେ ? ଯେହେତୁ ସଜ୍ଜନମାନେ ବେଦବିହିତ ଯୂପ ସହାଶେ ଶ୍ମଶାନଶୂଳର ଅପେକ୍ଷା କରନ୍ତି ନାହିଁ ।

ପାର୍ବତୀଙ୍କ ପ୍ରତ୍ୟୁକ୍ତି ।

ଉବାଚ ଚୈନଂ ପରମାର୍ଥତୋ ହରଂ, ନ ବେତ୍ସି ନୂନଂ ଯତ ଏବମାତ୍ଥ ମାଂ ।
ଅଲୋକସାମାନ୍ୟମଚିନ୍ତ୍ୟହେତୁକଂ, ଦ୍ୱିଷନ୍ତି ମନ୍ଦାଶ୍ଚରିତଂ ମହାତ୍ମନାଂ ॥୧୧୭
[କୁମ]

ଅନ୍ୱୟ—ଏନଂ, ଉବାଚ, ଯତଃ, ମାଂ, ଏବଂ, ଆତ୍ଥ; ଅତଃ, ତ୍ୱଂ, ପରମାର୍ଥତଃ, ହରଂ, ନ, ବେତ୍ସି, ନୂନଂ; ମନ୍ଦାଃ, ଅଲୋକସାମାନ୍ୟଂ, ଅଚିନ୍ତ୍ୟ-ହେତୁକଂ, ମହାତ୍ମନାଂ, ଚରିତଂ, ଦ୍ୱିଷନ୍ତି ।

ଅର୍ଥ :—ମହାଶୟ ! ଆପଣ ନିଶ୍ଚୟ ଯଥାର୍ଥରୂପେ ଶିବଙ୍କୁ ଜାଣନ୍ତି ନାହିଁ, ଯେହେତୁ ହରଙ୍କ ବିଷୟରେ ଏପରି ନିନ୍ଦାବାଦ କରୁଅଛନ୍ତି । ବାସ୍ତବିକ ମହାତ୍ମାମାନେ ଲୋକସାଧାରଣର ଅଗୋଚର, ଅଚିନ୍ତ୍ୟହେତୁକ ମହାତ୍ମାମାନଙ୍କ ଚରିତ୍ର ପ୍ରତି ଦୋଷାରୋପ କରିଥାନ୍ତି ।

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଅକଞ୍ଚନଃ ସନ୍ ପ୍ରଭବଃ ସ ସମ୍ପଦାଂ, ତ୍ରିଲୋକନାଥଃ ପିତୃସଦ୍ମଗୋଚରଃ ।
ସ ଭୀମରୂପଃ ଶିବ ଇତ୍ୟୁଦୀର୍ଯ୍ୟତେ, ନ ସନ୍ତି ଯାଥାର୍ଥ୍ୟବିଦଃ
ପିନାକିନଃ । ୧୧୮ । [ଭୃବ]

ଅନ୍ୱୟ—ସଃ, ଅକଞ୍ଚନଃ, ସନ୍, ସମ୍ପଦାଂ, ପ୍ରଭବଃ; ପିତୃସଦ୍ମଗୋଚରଃ, ସନ୍, ତ୍ରିଲୋକନାଥଃ, ଭୀମରୂପଃ, ଶିବଃ, ଇତି, ଉଦୀର୍ଯ୍ୟତେ; ଅତଃ, ପିନାକିନଃ, ଯାଥାର୍ଥ୍ୟବିଦଃ, ନ, ସନ୍ତି ।

ଅର୍ଥ :—ମହାଶୟ ! ଶିବ ନିର୍ଦ୍ଧନ ହେଲେହେଁ ସମ୍ପଦର ପ୍ରଭୁ, ଶ୍ମଶାନବାସୀ ହେଲେହେଁ ତ୍ରିଭୁବନର ନାଥ ଓ ଅସୁନ୍ଦର ହେଲେହେଁ ମଙ୍ଗଳମୟ ଅଟନ୍ତି; ଏଣୁ ଶିବଙ୍କୁ ଯଥାର୍ଥରୂପେ ଜାଣିବା ଲୋକେ ପ୍ରାୟ ନାହାନ୍ତି ।

ପୁନଶ୍ଚ ।

ତଦଙ୍ଗସଂସର୍ଗମବାପ୍ୟ କଳ୍ପତେ, ଧ୍ରୁବ ଚିତାଭସ୍ମରଜୋ ବିଶୁଦ୍ଧୟେ ।
ତଥାହି ନୃତ୍ୟାଭିନୟକ୍ରିୟାଚ୍ୟୁତଂ ବିଲିପ୍ୟତେ ମୌଳିଭି-
ରମ୍ବରୌକସାଂ । ୧୧୯ । [ଭୃବ]

ଅନ୍ୱୟ—ଚିତାଭସ୍ମରଜଃ, ତଦଙ୍ଗସଂସର୍ଗଂ, ଅବାପ୍ୟ, ବିଶୁଦ୍ଧୟେ, କଳ୍ପତେ, ଧ୍ରୁବଂ; ତଥାହି, ନୃତ୍ୟାଭିନୟକ୍ରିୟାଚ୍ୟୁତଂ, ତତ୍, ଅମ୍ବରୌକସାଂ, ମୌଳିଭିଃ, ବିଲିପ୍ୟତେ ।

ଅର୍ଥ :—ମହାଶୟ ! ସେହି ଚିତାଭସ୍ମରଜ ଶିବଙ୍କ ଅଙ୍ଗ ସ୍ପର୍ଶ କରି ପବିତ୍ର ହୋଇଯାଏ । ଦେଖନ୍ତୁ, ଶିବଙ୍କର ନୃତ୍ୟାଭିନୟ ସମୟରେ ଦେହରୁ ଖସି ପଡ଼ିଥିବା ସେହି ଚିତାଭସ୍ମରଜକୁ ଇନ୍ଦ୍ରାଦି ଦେବତାମାନେ ପବିତ୍ର ହେବା ସକାଶେ ନିଜ ନିଜର ମସ୍ତକରେ ବୋଳିଥାନ୍ତି ।

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଅଲଂ ବିବାଦେନ ଯଥା ଶ୍ରୁତସ୍ତ୍ୱୟା, ତଥାବିଧସ୍ତାବଦଶେଷମସ୍ତୁ ସଃ ।
ମମାତ୍ର ଭାବୈକରସଂ ମନଃ ସ୍ଥିତଂ, ନ କାମବୃତ୍ତିର୍ବଚନୀୟମୀକ୍ଷ୍ୟତେ ॥୮୨॥
[କୁବ]

ଅନ୍ୱୟ—ବିବାଦେନ, ଅଲଂ, ତ୍ୱୟା, ଯଥା, ଶ୍ରୁତଃ, ସଃ, ଅଶେଷଂ, ତାବତ୍, ତଥାବିଧଃ, ଅସ୍ତୁ; ଅତ୍ର, ମମ, ଭାବୈକରସଂ, ମନଃ, ସ୍ଥିତଂ; କାମବୃତ୍ତିଃ, ବଚନୀୟଂ, ନ, ଈକ୍ଷ୍ୟତେ ।

ଅର୍ଥ :—ମହାଶୟ ! ଆପଣ ଯେପରି ଶିବଙ୍କୁ ଜାଣନ୍ତି, ସେ ବରଂ ସେହିପରି ହୁଅନ୍ତୁ, ବିବାଦରେ ପ୍ରୟୋଜନ ବା କଣ ? ମୋହର ଏକ ଭାବରେ ମନ ସ୍ଥିର ହୋଇଅଛି, ଯେହେତୁ କାମନା ଅନ୍ୟର ବାକ୍ୟକୁ ଅପେକ୍ଷା କରେ ନାହିଁ ।

ପାର୍ବତୀଙ୍କର ସଖୀ ପ୍ରତି ଉକ୍ତି ।

ନିବାର୍ଯ୍ୟତାମାଳି ! କିମପ୍ୟୟଂ ବଟୁଃ, ପୁନର୍ବିବକ୍ଷୁଃ ସ୍ଫୁରିତୋତ୍ତରାଧରଃ ।
ନ କେବଳଂ ଯୋ ମହତୋଽପଭାଷତେ, ଶୃଣୋତି ତସ୍ମାଦପି ଯଃ
ସ ପାପଭାକ୍ । ୮୩ । [କୁବ]

ଅନ୍ୱୟ—ହେ ଆଳି ! ସ୍ଫୁରିତୋତ୍ତରାଧରଃ, କିଂ, ଅପି, ପୁନଃ, ବିବକ୍ଷୁଃ, ଅୟଂ, ବଟୁଃ, ନିବାର୍ଯ୍ୟତାଂ; ଯଃ, ମହତଃ, ଅପଭାଷତେ, ସଃ, କେବଳଂ, ନ, ତସ୍ମାତ୍, ଯଃ, ଶୃଣୋତି, ସଃ, ଅପି, ପାପଭାକ୍ ।

ଅର୍ଥ :—ଅଲୋ ସଖି ! ଏହି ବ୍ରାହ୍ମଣର ଅଧର ସ୍ଫୁରିଲାଣି; ବୋଧ ହୁଏ ଏ ଶିବଙ୍କ ଅହୁରି ନିନ୍ଦା କରିବେ । ଏବେ ତୁ ଏହାଙ୍କୁ ବାରଣ କର । ଅଲୋ ! ଯେଉଁମାନେ ମହତ୍‌ଜନମାନଙ୍କର ନିନ୍ଦା କରନ୍ତି ସେହିମାନେ ଏକା କେବଳ ଯେ ପାପୀ ତାହା ନୁହେ, ଯେଉଁମାନେ ନିନ୍ଦା ଶୁଣନ୍ତି ସେମାନେ ମଧ୍ୟ ପାପଭାଗୀ ହୁଅନ୍ତି ।

GPNanda Colln., Digitized by srujanika@gmail.com

ଅନୁରୂପ ଶ୍ଳୋକ ।

ନ ଭୂମ୍ୟାଃ ପର୍ବତା ଭାରା ନ ଭାରା ସପ୍ତ ସାଗରାଃ ।
ନିନ୍ଦକା ହି ମହାଭାରା ଭାରା ବିଶ୍ୱାସଘାତକାଃ । ୧୨୧ ।

ପୂଜ୍ୟ-ପୂଜାର ବ୍ୟତିକ୍ରମ ଶ୍ରେୟର ପ୍ରତିବନ୍ଧକ ହୁଏ ।

ଇପ୍ସିତଂ ତଦବଜ୍ଞାନାତ୍, ବିଦ୍ଧି ସାର୍ଗଲମାତ୍ମନଃ ।
ପ୍ରତିବଧ୍ନାତି ହି ଶ୍ରେୟଃ ପୂଜ୍ୟପୂଜା-ବ୍ୟତିକ୍ରମଃ ॥ ୧୨୩ ॥ [ରଘୁ]

ଅନ୍ୱୟ—ଇପ୍ସିତଂ, ତଦବଜ୍ଞାନାତ୍, ଆତ୍ମନଃ, ସାର୍ଗଲଂ, ବିଦ୍ଧି; ହି, ପୂଜ୍ୟପୂଜାବ୍ୟତିକ୍ରମଃ, ଶ୍ରେୟଃ, ପ୍ରତିବଧ୍ନାତି ।

ଅର୍ଥ :—ବଶିଷ୍ଠଙ୍କର ଦିଲୀପଙ୍କ ପ୍ରତି ଉକ୍ତି—ମହାରାଜ ! ଆପଣ କାମଧେନୁଙ୍କୁ ଅବଜ୍ଞା କରିବାରୁ ଆପଣଙ୍କର ପୁତ୍ରକାମନାରେ ବିଘ୍ନ ଘଟିଲା, ଯେହେତୁ ପୂଜ୍ୟପୂଜାର ବ୍ୟତିକ୍ରମ ହେଲେ ପ୍ରାୟଶଃ ଶ୍ରେୟରେ ବାଧା ଘଟିଥାଏ ।

ସିଂହ ପ୍ରତି ଦିଲୀପଙ୍କର ଉକ୍ତି ।

ସମ୍ବନ୍ଧମାଭାଷଣପୂର୍ବମାହୁ-ର୍ବୃତ୍ତଃ ସ ନୌ ସଙ୍ଗତୟୋର୍ବନାନ୍ତେ ।
ତଦ୍ଭୂତନାଥାନୁଗ ! ନାର୍ହସି ତ୍ୱଂ, ସମ୍ବନ୍ଧିନୋ ମେ ପ୍ରଣୟଂ ବିହନ୍ତୁଂ ॥୧୨୪॥
[ରଘୁ]

ଅନ୍ୱୟ—ଆଭାଷଣପୂର୍ବଂ, ସମ୍ବନ୍ଧଂ, ଆହୁଃ; ସଃ, ବନାନ୍ତେ, ସଙ୍ଗତୟୋଃ, ନୌ, ବୃତ୍ତଃ; ତତ୍, ହେ ଭୂତନାଥାନୁଗ ! ତ୍ୱଂ, ସମ୍ବନ୍ଧିନଃ, ମେ, ପ୍ରଣୟଂ, ବିହନ୍ତୁଂ, ନ, ଅର୍ହସି ।

ଅର୍ଥ :—ହେ ସିଂହ ! ପଣ୍ଡିତମାନେ ଆଳାପପୂର୍ବକ ସଖ୍ୟଭାବ ସ୍ୱୀକାର କରନ୍ତି । ଏହି ବନ ମଧ୍ୟରେ ଆମ୍ଭ ଦୁହିଁଙ୍କର କିଛି କଥୋପକଥନ ଦ୍ୱାରା ସେହି ସଖ୍ୟଭାବ ସୁସମ୍ପନ୍ନ ହୋଇଅଛି; ଅତଏବ ମିତ୍ରର ଇଷ୍ଟ ଏହି ଗୋରୂପ ଧନକୁ ବିନାଶ କରିବା ତୁମ୍ଭର ଉଚିତ ନୁହେ ।

GPNanda Colln., Digitized by srujanika@gmail.com

ଅନୁରୂପ ଶ୍ଳୋକ ।

ପ୍ରଯୁକ୍ତସତ୍କାରବିଶେଷମାତ୍ମନା, ନ ମାଂ ପରଂ ସମ୍ପ୍ରତିପତ୍ତୁମର୍ହସି ।
ଯତଃ ସତାଂ ସନ୍ନତଗାତ୍ରି ! ସଙ୍ଗତଂ, ମନୀଷିଭିଃ ସାପ୍ତପଦୀନମୁଚ୍ୟତେ । ୧୫ ।
[କୁବ]

ଅନ୍ୱୟ—ହେ ସନ୍ନତଗାତ୍ରି ! ଆତ୍ମନା, ପ୍ରଯୁକ୍ତସତ୍କାରବିଶେଷଂ, ମାଂ, ପରଂ, ସମ୍ପ୍ରତିପତ୍ତୁଂ, ନ, ଅର୍ହସି, ଯତଃ, ମନୀଷିଭିଃ, ସତାଂ, ସାପ୍ତପଦୀନଂ, ସଙ୍ଗତଂ, ଉଚ୍ୟତେ ।

ଅର୍ଥ :—ଜଟିଳ—ହେ ଅବନତଶରୀରେ ପାର୍ବତି ! ତୁମ୍ଭ ଦ୍ୱାରା ଆମ୍ଭେ ବିଶେଷରୂପେ ସତ୍କୃତ, ସୁତରାଂ ଆମ୍ଭକୁ ପର ବୋଲି ଜ୍ଞାନ କର ନାହିଁ; ଯେହେତୁ ସଜ୍ଜନମାନେ ସାତ ପଦ କଥାରେ ସଖ୍ୟଭାବ ସ୍ୱୀକାର କରନ୍ତି ।

ଇନ୍ଦୁମତୀଙ୍କ ସ୍ୱୟମ୍ବର ।

ତତୋ ନୃପାଣାଂ ଶ୍ରୁତବୃତ୍ତବଂଶା, ପୁମ୍ବତ୍ପ୍ରଗଲ୍ଭା ପ୍ରତିହାରରକ୍ଷୀ ।
ପ୍ରାକ୍ସନ୍ନିକର୍ଷଂ ମଗଧେଶ୍ୱରସ୍ୟ, ନୀତ୍ୱା କୁମାରୀମବଦତ୍ ସୁନନ୍ଦା ॥ ୧୬ ॥
[ରଘୁ]

ଅନ୍ୱୟ—ତତଃ, ନୃପାଣାଂ, ଶ୍ରୁତବୃତ୍ତବଂଶା, ପୁମ୍ବତ୍ ପ୍ରଗଲ୍ଭା, ପ୍ରତିହାରରକ୍ଷୀ, ସୁନନ୍ଦା, କୁମାରୀଂ, ପ୍ରାକ୍, ମଗଧେଶ୍ୱରସ୍ୟ, ସନ୍ନିକର୍ଷଂ, ନୀତ୍ୱା, ଅବଦତ୍ ।

ଅର୍ଥ :—ଅନନ୍ତର ରାଜାମାନଙ୍କର ବୃତ୍ତାନ୍ତ ଓ କୁଳମର୍ଯ୍ୟାଦାରେ ଅଭିଜ୍ଞା, ପୁରୁଷତୁଲ୍ୟପ୍ରଗଲ୍ଭା, ଅନ୍ତଃପୁରର ପ୍ରତିହାରରକ୍ଷୟିତ୍ରୀ ସୁନନ୍ଦା ନାମ୍ନୀ ଦାସୀ ଇନ୍ଦୁମତୀଙ୍କୁ ମଗଧେଶ୍ୱରଙ୍କ ନିକଟକୁ ନେଇ କହିଲା ।

ସୁନନ୍ଦାର ଉକ୍ତି ।

ଅସୌ ଶରଣ୍ୟଃ ଶରଣୋନ୍ମୁଖାନା-ମଗାଧସତ୍ତ୍ୱୋ ମଗଧପ୍ରତିଷ୍ଠଃ ।
ରାଜା ପ୍ରଜାରଞ୍ଜନଲବ୍ଧବର୍ଣ୍ଣଃ, ପରଂତପୋ ନାମ ଯଥାର୍ଥନାମା ॥ ୧୭ ॥
[ରଘୁ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଅଗାଧସତ୍ତ୍ୱଃ, ଶରଣୋନ୍ମୁଖାନାଂ, ଶରଣ୍ୟଃ, ପ୍ରଜାରଞ୍ଜନଲବ୍ଧ-ବର୍ଣ୍ଣଃ, ପରଂତପଃ ନାମ, ଯଥାର୍ଥନାମା, ଅସୌ, ରାଜା ।

ଅର୍ଥ :—ଅହୋ ଇନ୍ଦୁମତି ! ଶରଣାର୍ଥିମାନଙ୍କର ରକ୍ଷକ, ଅପରିମିତ ବଳଶାଳୀ, ପ୍ରଜାପାଳନଲବ୍ଧକୀର୍ତ୍ତି 'ପରଂତପ' ଏହି ଯଥାର୍ଥ ନାମଧାରୀ ମଗଧଦେଶର ରାଜା ଅଟନ୍ତି ।

ପୁନଶ୍ଚ ।

କ୍ରିୟାପ୍ରବନ୍ଧାଦୟମଧ୍ୱରାଣା-ମଜସ୍ରମାହୂତସହସ୍ରନେତ୍ରଃ ।
ଶଚ୍ୟାଶ୍ଚିରଂ ପାଣ୍ଡୁକପୋଲଲମ୍ବାନ୍, ମନ୍ଦାରଶୂନ୍ୟାନଲକାଂଶ୍ଚକାର ॥୧୨୮॥
[ରଘୁ]

ଅନ୍ୱୟ — ଅୟଂ, ଅଧ୍ୱରାଣାଂ, କ୍ରିୟାପ୍ରବନ୍ଧାତ୍, ଅଜସ୍ରଂ, ଆହୂତ ସହସ୍ର-ନେତ୍ରଃ; ଚିରଂ, ଶଚ୍ୟାଃ, ପାଣ୍ଡୁକପୋଲଲମ୍ବାନ୍, ଅଲକାନ୍, ମନ୍ଦାରଶୂନ୍ୟାନ୍, ଚକାର ।

ଅର୍ଥ : — ଏହି ରାଜା ଯାଗବିଧି ଅନୁସାରେ ଇନ୍ଦ୍ରଙ୍କ ସକାଶେ ବହୁତ ଆହୂତି ପ୍ରଦାନ କରୁଅଛନ୍ତି ଓ ଶଚୀଦେବୀଙ୍କର ଚିରଦିନ ପାଣ୍ଡୁବର୍ଣ୍ଣ କପୋଳଲମ୍ବୀ ଅଳକାମାନଙ୍କୁ ଆହୂତି-ଧୂମଦ୍ୱାରା ମନ୍ଦାରଶୂନ୍ୟ କରୁଅଛନ୍ତି ।

ପୁନଶ୍ଚ ।

ଏବଂ ତୟୋକ୍ତେ ତମବେକ୍ଷ୍ୟ କିଞ୍ଚିତ୍, ବିସ୍ରଂସିଦୂର୍ବାଙ୍କମଧୂକମାଳା ।
ଋଜୁପ୍ରଣାମକ୍ରିୟୟୈବ ତନ୍ୱୀ, ପ୍ରତ୍ୟାଦିଦେଶୈନମଭାଷମାଣା ॥୧୨୯॥ [ରଘୁ]

ଅନ୍ୱୟ—ତୟା, ଏବଂ, ଉକ୍ତେ, ତନ୍ୱୀ, ତଂ, କିଞ୍ଚିତ୍, ଅବେକ୍ଷ୍ୟ, ବିସ୍ରଂସି-ଦୂର୍ବାଙ୍କ-ମଧୂକ-ମାଳା, ଋଜୁପ୍ରଣାମକ୍ରିୟୟା, ଏବ, ଏନଂ, ପ୍ରତ୍ୟାଦିଦେଶ, ଅଭ, ଅଭାଷମାଣା ।

ଅର୍ଥ :—ସୁନନ୍ଦାର ଇଙ୍ଗିତ କଥାରୁ ସପତ୍ନୀ ଭୟରେ ଇନ୍ଦୁମତୀ ଲେଭଧ-ଯୁବକ ବରଣମାଳା ଦଲ୍ଲଇ. ତାଙ୍କୁ ଅଡ଼ ନେତ୍ରରେ ଚାହିଁ ଓ ସାମାନ୍ୟ ପ୍ରଣାମ କରି ସେଠାରୁ ଫେରିଯିବା ସକାଶେ ସୁନନ୍ଦାଙ୍କୁ କହିଲେ ।

ଅଙ୍ଗରାଜାଙ୍କ ନିକଟରେ ପ୍ରବେଶ ।

ଅଥାଙ୍ଗରାଜାଦବତାର୍ଯ୍ୟ ଚକ୍ଷୁ-ର୍ଯାହୀତି ଜନ୍ୟାମବଦତ୍ କୁମାରୀ ।
ନାସୌ ନ କାମ୍ୟୋ ନ ଚ ବେଦ ସମ୍ୟକ୍, ଦ୍ରଷ୍ଟୁଂ ନ ସା ଭିନ୍ନରୁଚିର୍ହି ଲୋକଃ ॥୩୦॥
[ରଘୁ]

ଅନ୍ୱୟ—ଅଥ, ସା, କୁମାରୀ, ଚକ୍ଷୁଃ, ଅଙ୍ଗରାଜାତ୍, ଅବତାର୍ଯ୍ୟ, ଜନ୍ୟାଂ, ଯାହି, ଇତି, ଅବଦତ୍; ଅସୌ, କାମ୍ୟଃ, ନ, ଚ, ଦ୍ରଷ୍ଟୁଂ, ସମ୍ୟକ୍, ନ; ବେଦ, ହି, ଲୋକଃ, ଭିନ୍ନରୁଚିଃ ।

ଅର୍ଥ :—ଏପରି ଇନ୍ଦୁମତୀ ଅଙ୍ଗରାଜାଙ୍କ ନିକଟରୁ ଚକ୍ଷୁ ଫେରାଇ ଶୀଘ୍ର ଯିବା ସକାଶେ ଦାସୀକୁ କହିଲେ, ତାଙ୍କୁ ସ୍ପଷ୍ଟ ଦେଖିବାକୁ ଓ ତାହାଙ୍କର ବୃତ୍ତାନ୍ତ ଜାଣିବାକୁ ଇଚ୍ଛା କଲେ ନାହିଁ; ଯେହେତୁ ଲୋକମାନଙ୍କର ଭିନ୍ନରୁଚି ହୋଇଥାଏ ।

ଅଜଙ୍କ ନିକଟରେ ପ୍ରବେଶ ।

ତସ୍ୟାଂ ରଘୋଃ ସୂନୁରୁପସ୍ଥିତାୟାଂ, ବୃଣୀତ ମାଂ ନେତି ସମାକୁଲୋଽଭୂତ୍ ।
ବାମେତରଃ ସଂଶୟମସ୍ୟ ବାହୁଃ, କେୟୂରବନ୍ଧୋଚ୍ଛ୍ୱସିତୈର୍ନୁନୋଦ ॥୩୧॥
[ରଘୁ]

ଅନ୍ୱୟ—ରଘୋଃ, ସୂନୁଃ, ତସ୍ୟାଂ, ଉପସ୍ଥିତାୟାଂ, ମାଂ, ନ, ବୃଣୀତ, ଇତି, ସମାକୁଳଃ, ଅଭୂତ୍; ବାମେତରଃ, ଅସ୍ୟ, ବାହୁଃ, କେୟୂରବନ୍ଧୋଚ୍ଛ୍ୱସିତୈଃ, ସଂଶୟଂ, ନୁନୋଦ ।

ଅର୍ଥ :—ସେହି ଇନ୍ଦୁମତୀ ଉପସ୍ଥିତ ହୁଅନ୍ତେ ରଘୁଙ୍କର ପୁତ୍ର ଅଜ 'ଆମ୍ଭକୁ ବରଣ କରିବ କି ନାହିଁ' ଏହି ସନ୍ଦେହରେ ବ୍ୟାକୁଳିତ ହେଲେ, ମାତ୍ର

GPNanda Colln., Digitized by srujanika@gmail.com

ଦକ୍ଷିଣ ବାହୁର ସ୍ଫୁରଣ ହେତୁ କେୟୂରବନ୍ଧ ଭଗ୍ନ ହେବାରୁ ସେହି ସନ୍ଦେହ ଦୂର ହେଲା ।

ଇନ୍ଦୁମତୀ ।

ତଂ ପ୍ରାପ୍ୟ ସର୍ବାବୟବାନବଦ୍ୟଂ, ବ୍ୟାବର୍ତ୍ତତାନ୍ୟୋପଗମାତ୍ କୁମାରୀ ।
ନ ହି ପ୍ରଫୁଲ୍ଲଂ ସହକାରମେତ୍ୟ, ବୃକ୍ଷାନ୍ତରଂ କାଙ୍କ୍ଷତି ଷଟ୍‌ପଦାଳୀ ॥୧୩୨॥ [ରଘୁ]

ଅନ୍ୱୟ—କୁମାରୀ, ସର୍ବାବୟବାନବଦ୍ୟଂ, ତଂ, ପ୍ରାପ୍ୟ, ଅନ୍ୟୋପଗମାତ୍, ବ୍ୟାବର୍ତ୍ତତ; ହି, ଷଟ୍‌ପଦାଳୀ, ପ୍ରଫୁଲ୍ଲଂ, ସହକାରଂ, ଏତ୍ୟ, ବୃକ୍ଷାନ୍ତରଂ, ନ, କାଙ୍କ୍ଷତି ।

ଅର୍ଥ :—ଇନ୍ଦୁମତୀ ସର୍ବାଙ୍ଗସୁନ୍ଦର ଅଜଙ୍କୁ ଦେଖି ଅନ୍ୟଠି ଗମନରୁ ନିବୃତ୍ତ ହେଲେ; ଯେହେତୁ ଭ୍ରମରମାନେ ମୁକୁଳିତ ଆମ୍ରବୃକ୍ଷ ଛାଡ଼ି ଅନ୍ୟଠି ଯାନ୍ତି ନାହିଁ ।

ସୁନନ୍ଦାର ଉକ୍ତି ।

କୁଲେନ କାନ୍ତ୍ୟା ବୟସା ନବେନ, ଗୁଣୈଶ୍ଚ ତୈସ୍ତୈର୍ବିନୟପ୍ରଧାନୈଃ ।
ତ୍ୱମାତ୍ମନସ୍ତୁଲ୍ୟମମୁଂ ବୃଣୀଷ୍ୱ, ରତ୍ନଂ ସମାଗଚ୍ଛତୁ କାଞ୍ଚନେନ ॥୧୩୩॥ [ରଘୁ]

ଅନ୍ୱୟ—କୁଲେନ, କାନ୍ତ୍ୟା, ନବେନ, ବୟସା, ଚ, ତୈଃ, ତୈଃ, ବିନୟ-ପ୍ରଧାନୈଃ, ଗୁଣୈଃ, ତ୍ୱଂ, ଆତ୍ମନଃ, ତୁଲ୍ୟଂ, ଅମୁଂ, ବୃଣୀଷ୍ୱ; ରତ୍ନଂ, କାଞ୍ଚନେନ, ସମାଗଚ୍ଛତୁ ।

ଅର୍ଥ :—ଅଗୋ ଇନ୍ଦୁମତି ! କୁଳ, ସୌନ୍ଦର୍ଯ୍ୟ, ନୂତନ ବୟସ ଓ ସେହି ସେହି ବିନୟ-ପ୍ରଧାନ ଗୁଣଦ୍ୱାରା ତୁମ୍ଭର ଅନୁରୂପ ଏହାଙ୍କୁ ତୁମ୍ଭେ ନିଜେ ବରଣ କର; ଯେହେତୁ ରତ୍ନ କାଞ୍ଚନ ସହିତ ମିଳିତ ହେଲେ ସୁନ୍ଦର ହୋଇଥାଏ

ଇନ୍ଦୁମତୀ ।

ତତଃ ସୁନନ୍ଦାବଚନାବସାନେ, ଲଜ୍ଜାଂ ତନୂକୃତ୍ୟ ନରେନ୍ଦ୍ରକନ୍ୟା ।
ଦୃଷ୍ଟ୍ୟା ପ୍ରସାଦାମଲୟା କୁମାରଂ, ପ୍ରତ୍ୟଗ୍ରହୀତ୍ ସମ୍ବରଣସ୍ରଜେବ ॥୧୩୪॥
[ରଘୁ]

GPNanda Colln., Digitized by srujanika@gmail.com

ଅନ୍ୱୟ—ତତଃ, ସୁନନ୍ଦାବଚନାବସାନେ, ନରେନ୍ଦ୍ରକନ୍ୟା, ଲଜ୍ଜାଂ, ତନୂକୃତ୍ୟ, ଦୃଷ୍ଟ୍ୟା, ପ୍ରସାଦାନଲ୍ପୟା, କୁମାରଂ, ସମ୍ୱରଣସ୍ରଜା, ଏବ, ପ୍ରତ୍ୟଗ୍ରହୀତ୍ ।

ଅର୍ଥ :—ଅନନ୍ତର ସୁନନ୍ଦାର ବାକ୍ୟ ଶେଷରେ ଇନ୍ଦୁମତୀ ଈଷତ୍ ଲଜ୍ଜା ପରିତ୍ୟାଗ କରି ପ୍ରସନ୍ନଦୃଷ୍ଟି ରାଜା ଅଜଙ୍କ ଗଳାରେ ବରଣମାଳା ପକାଇ ଦେଲେ ।

ସୁନନ୍ଦା ।

ତଥାଗତାୟାଂ ପରିହାସପୂର୍ବଂ, ସଖ୍ୟାଂ ସଖୀ ବେତ୍ରଭୃଦା ବଭାଷେ ।
ଆର୍ଯ୍ୟେ ! ପ୍ରଯାମୋଽନ୍ୟତ ଇତ୍ୟଥୈନାଂ, ବଧୂରସୂୟାକୁଟିଲଂ ଦଦର୍ଶ ॥୧୩୫॥
[ରଘୁ]

ଅନ୍ୱୟ— ସଖ୍ୟାଂ, ତଥା, ଆଗତାୟାଂ, ବେତ୍ରଭୃଦା, ସଖୀ, ପରିହାସପୂର୍ବଂ, ଇତି, ବଭାଷେ; ହେ ଆର୍ଯ୍ୟେ ! ଅନ୍ୟତଃ, ପ୍ରଯାମଃ; ଅଥ, ବଧୂଃ, ଏନାଂ, ଅସୂୟାକୁଟିଲଂ, ଦଦର୍ଶ ।

ଅର୍ଥ :—ଇନ୍ଦୁମତୀ ଅଜଙ୍କ ନିକଟକୁ ଯିବାରୁ ବେତ୍ରଧାରିଣୀ ସଖୀ ସୁନନ୍ଦା ଇନ୍ଦୁମତୀଙ୍କୁ ପରିହାସପୂର୍ବକ କହିଲା, "ହେ ପୂଜ୍ୟେ ! ଚାଲ ଏହାଙ୍କ ପାଖରୁ ଅନ୍ୟ ନିକଟକୁ ଚାଲିଯିବା । ଏହା ଶୁଣି ଇନ୍ଦୁମତୀ ସୁନନ୍ଦାକୁ କୁଟିଳ ଦୃଷ୍ଟିରେ ଚାହିଁଲେ ।

ପ୍ରଭାତ ସମୟ ।

ଅନ୍ତର୍ହିତେ ଶଶିନି ସୈବ କୁମୁଦ୍ୱତୀୟଂ, ଦୃଷ୍ଟିଂ ନ ନନ୍ଦୟତି ସଂସ୍ମରଣୀୟଶୋଭା ।
ଇଷ୍ଟପ୍ରବାସ-ଜନିତାନ୍ୟବଲାଜନେନ, ଦୁଃଖାନି ନୂନମତିମାତ୍ରଦୁରୁଦ୍ୱହାନି ॥୧୩୬॥
[ଶକୁ]

ଅନ୍ୱୟ—ଶଶିନି, ଅନ୍ତର୍ହିତେ, ସା, ଇୟଂ, କୁମୁଦ୍ୱତୀ, ସଂସ୍ମରଣୀୟ-ଶୋଭା, ଦୃଷ୍ଟିଂ, ନ ନନ୍ଦୟତି, ଏବ; ଅବଲାଜନେନ, ଇଷ୍ଟପ୍ରବାସ-ଜନିତାନି, ଦୁଃଖାନି, ନୂନଂ, ଅତିମାତ୍ର-ଦୁରୁଦ୍ୱହାନି ।

GPNanda Colln., Digitized by srujanika@gmail.com

ଅର୍ଥ :— ଚନ୍ଦ୍ର ଅସ୍ତ ହେବାରୁ ବର୍ତ୍ତମାନ ଏହି କୁମୁଦଗୀର ପୂର୍ବପର ଶୋଭା ନାହିଁ, ଏଣୁ ଦେଖିବାକୁ ସୁନ୍ଦର ବୋଧ ହେଉ ନାହିଁ; ଯେହେତୁ ସ୍ତ୍ରୀମାନଙ୍କ ପକ୍ଷରେ କାନ୍ତପ୍ରବାସଜନିତ ଦୁଃଖ ନିଶ୍ଚୟ ଅତ୍ୟନ୍ତ ଅସହ୍ୟ ହୋଇଥାଏ ।

ଅନୁରୂପ ଶ୍ଲୋକ ।

କୁବେରଗୁପ୍ତାଂ ଦିଶମୁଷ୍ଣରଶ୍ମୌ, ଗନ୍ତୁଂ ପ୍ରବୃତ୍ତେ ସମୟଂ ବିଲଙ୍ଘ୍ୟ ।
ଦିକ୍ ଦକ୍ଷିଣା ଗନ୍ଧବହଂ ମୁଖେନ, ବ୍ୟଳୀକନିଶ୍ୱାସମିବୋତ୍ସସର୍ଜ ॥୧୩୭॥ [କୁମ]

ଅନ୍ୱୟ—ଉଷ୍ଣରଶ୍ମୌ, ସମୟଂ, ବିଲଙ୍ଘ୍ୟ, କୁବେରଗୁପ୍ତାଂ, ଦିଶଂ, ଗନ୍ତୁଂ, ପ୍ରବୃତ୍ତେ, ଦକ୍ଷିଣା, ଦିକ୍, ବ୍ୟଳୀକନିଶ୍ୱାସଂ, ଇବ, ଗନ୍ଧବହଂ, ମୁଖେନ, ଉତ୍ସସର୍ଜ ।

ଅର୍ଥ :—ସୂର୍ଯ୍ୟ ଉତ୍ତରାୟଣ ହେବାରୁ ଦକ୍ଷିଣଦିଗ, କାନ୍ତବିରହିଣୀ ନାୟିକା ନାୟିକାର ନିଶ୍ୱାସ ବାୟୁପରି ଦୁଃଖର ସହିତ ମଳୟପବନ ତ୍ୟାଗ କଲା ।

ମାନିନୀ ।

ପ୍ରଭାତବାତାହତିକମ୍ପିତାକୃତିଃ, କୁମୁଦ୍ୱତୀରେଣୁପିଶଙ୍ଗବିଗ୍ରହଂ ।
ନିରାସ ଭୃଙ୍ଗଂ କୁପିତେବ ପଦ୍ମିନୀ, ନ ମାନିନୀଶଂ ସହତେଽନ୍ୟସଙ୍ଗମଂ ॥୧୩୮॥
[ଭଟ୍ଟି]

ଅନ୍ୱୟ—ପ୍ରଭାତବାତାହତିକମ୍ପିତାକୃତିଃ, ପଦ୍ମିନୀ, କୁପିତା, ଇବ, କୁମୁଦ୍ୱତୀ-ରେଣୁପିଶଙ୍ଗବିଗ୍ରହଂ, ଭୃଙ୍ଗଂ, ନିରାସ; ମାନିନୀ, ଈଶଂ, ଅନ୍ୟସଙ୍ଗମଂ, ନ, ସହତେ ।

ଅର୍ଥ :—ପଦ୍ମିନୀ କୁପିତା ସ୍ତ୍ରୀ ପରି ପ୍ରଭାତ ବାୟୁରେ କମ୍ପମାନା ହୋଇ କୁମୁଦିନୀର କେଶର-ରଜରେ ରଞ୍ଜିତ ପିଙ୍ଗଳଦେହ ଭୃଙ୍ଗକୁ ନିଜ ଦେହରେ ବସିବାକୁ ନିଷେଧ କଲା, ଯେହେତୁ ମାନିନୀ ସ୍ତ୍ରୀମାନେ ପତିର ଅନ୍ୟସଂସର୍ଗଦୋଷ ସହିପାରନ୍ତି ନାହିଁ ।

GPNanda Colln., Digitized by srujanika@gmail.com

ଅତିବୃଦ୍ଧିର ଅତିଶୀଘ୍ର ପତନ ।

ପାଦନ୍ୟାସଂ କ୍ଷିତିଧରଗୁରୋର୍ମୂର୍ଦ୍ଧ୍ନି କୃତ୍ୱା ସୁମେରୋଃ,
କ୍ରାନ୍ତଂ ଯେନ କ୍ଷପିତତମସା ମଧ୍ୟମଂ ଧାମ ବିଷ୍ଣୋଃ ।
ସୋଽୟଂ ଚନ୍ଦ୍ରଃ ପତତି ଗଗନାଦଳ୍ପଶେଷୈର୍ମୟୂଖୈ-
ରତ୍ୟାରୂଢ଼ିର୍ଭବତି ମହତାମପ୍ୟପଭ୍ରଂଶନିଷ୍ଠା ॥ ୧୩୯ ॥ [ଶଲା]

ଅନ୍ୱୟ—କ୍ଷପିତତମସା, ଯେନ, କ୍ଷିତିଧରଗୁରୋଃ, ସୁମେରୋଃ, ମୂର୍ଦ୍ଧ୍ନି, ପାଦନ୍ୟାସଂ, କୃତ୍ୱା, ବିଷ୍ଣୋଃ, ମଧ୍ୟମଂ, ଧାମ, କ୍ରାନ୍ତଂ; ସଃ, ଅୟଂ, ଚନ୍ଦ୍ରଃ, ଅଳ୍ପଶେଷୈଃ, ମୟୂଖୈଃ, ଗଗନାତ୍, ପତତି; ଅତ୍ୟାରୂଢ଼ିଃ, ମହତାଂ, ଅପି, ଅପଭ୍ରଂଶନିଷ୍ଠା, ଭବତି ।

ଅର୍ଥ :—ଯେଉଁ ଅନ୍ଧକାରବିନାଶୀ ଚନ୍ଦ୍ର ଅତ୍ୟୁଚ୍ଚ ମେରୁଶିଖରରେ ପାଦ ଦେଇ ଆକାଶ ମାର୍ଗ ଅତିକ୍ରମ କରିଥିଲେ, ସେହି ଚନ୍ଦ୍ର କିରଣର ଅଳ୍ପାବଶିଷ୍ଟତା ହେତୁ ଆକାଶରୁ ତଳକୁ ଖସି ଆସୁଅଛି; ଯେହେତୁ ମହତ୍ ଲୋକମାନଙ୍କର ମଧ୍ୟ ଅତିବୃଦ୍ଧି ପତନର ହେତୁ ହୁଏ ।

ଶକୁନ୍ତଳାଙ୍କ ବିଦାୟ ସମୟରେ କଣ୍ୱଙ୍କର ଅନୁତାପ ।

ଯାସ୍ୟତ୍ୟଦ୍ୟ ଶକୁନ୍ତଳେତି ହୃଦୟଂ ସଂସ୍ପୃଷ୍ଟମୁତ୍କଣ୍ଠୟା,
କଣ୍ଠୋଽନ୍ତର୍ବାଷ୍ପଭରୋପରୋଧି ଗଦ୍ଗଦଂ ଚିନ୍ତାଜଡ଼ଂ ଦର୍ଶନଂ ।
ବୈକ୍ଲବ୍ୟଂ ମମ ତାବଦୀଦୃଶମପି ସ୍ନେହାଦରଣ୍ୟୌକସଃ,
ପୀଡ୍ୟନ୍ତେ ଗୃହିଣଃ କଥଂ ନ ତନୟାବିଶ୍ଲେଷଦୁଃଖୈର୍ନବୈଃ ॥୧୪୦॥
[ତଲା]

ଅନ୍ୱୟ—ଅଦ୍ୟ, ଶକୁନ୍ତଳା, ଯାସ୍ୟତି; ଇତି, ହୃଦୟଂ, ଉତ୍କଣ୍ଠୟା, ସଂସ୍ପୃଷ୍ଟଂ, ଚ, ଗଦ୍ଗଦଂ, ଅନ୍ତର୍ବାଷ୍ପଭରୋପରୋଧି; ଚିନ୍ତାଜଡ଼ଂ, ଦର୍ଶନଂ;

GPNanda Colln., Digitized by srujanika@gmail.com

ଅରଣ୍ୟୌକସଃ, ମମ, ସ୍ନେହାତ୍, ଉଦ୍ବେଗଂ, ଅପି, ତାବତ୍, ବୈକ୍ଳବ୍ୟଂ; ଗୃହିଣଃ, ନବୈଃ, ତନୟାବିଶ୍ଳେଷଦୁଃଖୈଃ, କଥଂ, ନ, ପୀଡ୍ୟନ୍ତେ ।

ଅର୍ଥ :—ଆଜ ମୋହର ଶକୁନ୍ତଳା ପତିଗୃହକୁ ଯିବ, ଏଣୁ ମୋ ମନର ଦୁଃଖ ହେତୁ ମୁଁ କିଛୁ କହି ପାରୁ ନାହିଁ, ତାନ୍ଦ ମାଡ଼ିବାରୁ ମଧ କିଛୁ ଦେଖି ପାରୁ ନାହିଁ; ତେବେ ଆମ୍ଭ ଅରଣ୍ୟବାସୀମାନଙ୍କ ମନରେ ଉଦ୍ବେଗ ହେବାର ଜାତ ହେଉଅଛି । ଆହା ! ପ୍ରଥମେ କନ୍ୟା ଯିବା ସମୟରେ ଗୃହୀମାନଙ୍କ ମନରେ କି ଦୁଃଖ ଉପସ୍ଥିତ ହେଉ ନ ଥିବ !

କଣ୍ୱଙ୍କର ବୃକ୍ଷମାନଙ୍କ ପ୍ରତି ପ୍ରାର୍ଥନା ।

ପାତୁଂ ନ ପ୍ରଥମଂ ବ୍ୟବସ୍ୟତି ଜଳଂ ଯୁଷ୍ମାସ୍ୱପିକ୍ତେଷୁ ଯା,
ନାଦତ୍ତେ ପ୍ରିୟମଣ୍ଡନାପି ଭବତାଂ ସ୍ନେହେନ ଯା ପଲ୍ଲବଂ ।
ଆଦ୍ୟେ ବଃ କୁସୁମପ୍ରବୃତ୍ତିସମୟେ ଯସ୍ୟାଃ ଭବତ୍ୟୁତ୍ସବଃ,
ସେୟଂ ଯାତି ଶକୁନ୍ତଳା ପତିଗୃହଂ ସର୍ବୈରନୁଜ୍ଞାୟତାଂ ॥ ୯୪୧ ॥
[ଶକା]

ଅନ୍ୱୟ—ଯା, ପ୍ରଥମଂ, ଯୁଷ୍ମାସୁ, ଅପିକ୍ତେଷୁ, ଜଳଂ, ପାତୁଂ, ନ, ବ୍ୟବସ୍ୟତି; ଯା, ପ୍ରିୟମଣ୍ଡନା, ଅପି, ଭବତାଂ, ସ୍ନେହେନ, ପଲ୍ଲବଂ, ନ, ଆଦତ୍ତେ; ଆଦ୍ୟେ, ବଃ, କୁସୁମପ୍ରବୃତ୍ତିସମୟେ, ଯସ୍ୟାଃ, ଉତ୍ସବଃ, ଭବତି; ସା, ଇୟଂ, ଶକୁନ୍ତଳା, ପତିଗୃହଂ, ଯାତି, ସର୍ବୈଃ, ଅନୁଜ୍ଞାୟତାଂ ।

ଅର୍ଥ :—ହେ ବୃକ୍ଷମାନେ ! ଯେଉଁ ଶକୁନ୍ତଳା ତୁମ୍ଭମାନଙ୍କ ମୂଳରେ ଜଳ ନ ଢାଳି ନିଜେ ଜଳ ପିଏ ନାହିଁ, ଯେଉଁ ଶକୁନ୍ତଳା ମଣ୍ଡନପ୍ରିୟା ହେଲେହେଁ ସ୍ନେହ ହେତୁ ତୁମ୍ଭମାନଙ୍କର ପତ୍ର ମଧ ତୋଳେ ନାହିଁ ଓ ପ୍ରଥମରୁ ତୁମ୍ଭମାନଙ୍କର ଫୁଲ ଦେଖିଲେ ଯେଉଁ ଶକୁନ୍ତଳାର ମନରେ ଆନନ୍ଦ ଜାତ ହୋଇଥାଏ; ଆଜ ମୋହର ସେହି ଶକୁନ୍ତଳା ପତି-ଗୃହକୁ ଯାଉଅଛି, ତୁମ୍ଭେମାନେ ସମସ୍ତେ ଅନୁମତି ଦିଅ ।

GPNanda Colln., Digitized by srujanika@gmail.com

ଶକୁନ୍ତଳାଙ୍କ ପ୍ରତି କଣ୍ୱଙ୍କର ଉପଦେଶ ।

ଶୁଶ୍ରୂଷସ୍ୱ ଗୁରୂନ୍ କୁରୁ ପ୍ରିୟସଖୀବୃତ୍ତିଂ ସପତ୍ନୀଜନେ,
ଭର୍ତ୍ତୁର୍ବିପ୍ରକୃତାପି ରୋଷଣତୟା ମାସ୍ମ ପ୍ରତୀପଂ ଗମଃ ।
ଭୂୟିଷ୍ଠଂ ଭବ ଦକ୍ଷିଣା ପରିଜନେ ଭୋଗେଷ୍ୱନୁତ୍ସେକିନୀ,
ଯାନ୍ତ୍ୟେବଂ ଗୃହିଣୀପଦଂ ଯୁବତୟୋ ବାମାଃ କୁଳସ୍ୟାଧୟଃ । ୧୪୨ ॥

[ଶଳା]

ଅନ୍ୱୟ—ଗୁରୂନ୍, ଶୁଶ୍ରୂଷସ୍ୱ; ସପତ୍ନୀଜନେ, ପ୍ରିୟସଖୀବୃତ୍ତିଂ, କୁରୁ; ଭର୍ତ୍ତୁଃ, ବିପ୍ରକୃତା, ଅପି, ରୋଷଣତୟା, ପ୍ରତୀପଂ, ମାସ୍ମ ଗମଃ; ପରିଜନେ, ଭୂୟିଷ୍ଠଂ, ଦକ୍ଷିଣା, ଭବ; ଭୋଗେଷୁ, ଅନୁତ୍ସେକିନୀ; ଏବଂ, ଯୁବତୟଃ, ଗୃହିଣୀପଦଂ, ଯାନ୍ତି; ବାମାଃ, କୁଳସ୍ୟ, ଆଧୟଃ ।

ଅର୍ଥ :—ମା ଶକୁନ୍ତଳା ! ଗୁରୁଜନମାନଙ୍କୁ ସେବା କରିବୁ, ସପତ୍ନୀ ଓ ଯା ନଣନ୍ଦଙ୍କମାନଙ୍କଠାରେ ସ୍ନେହମୟୀ ସଖୀପରି ବ୍ୟବହାର କରିବୁ, ସ୍ୱାମିଙ୍କ ବିରକ୍ତିରେ ରୁଷିବୁ ନାହିଁ ଓ ତାଙ୍କର ଅନିଷ୍ଟକାମନା କରିବୁ ନାହିଁ, ପରିଜନମାନଙ୍କଠାରେ ଉଦାର ଭାବ ରଖିବୁ ଓ ଭୋଗ ବିଳାସ ପ୍ରତି ଏକାନ୍ତ ଇଚ୍ଛା ଦେଖାଇବୁ ନାହିଁ; ଏହିସବୁ ଗୁଣରେ ସ୍ତ୍ରୀମାନେ ସୁଗୃହିଣୀ ବୋଲାନ୍ତି, ଏଥିରୁ ଅନ୍ୟଥା କାର୍ଯ୍ୟ କଲେ ପ୍ରତିକୂଳାଚାରିଣୀ ବୋଲାନ୍ତି ।

କଣ୍ୱଙ୍କର ଶିଷ୍ୟଙ୍କଦ୍ୱାରା ଦୁଷ୍ମନ୍ତଙ୍କ ପ୍ରତି ସନ୍ଦେଶ ।

ଅସ୍ମାନ୍ ସାଧୁ ବିଚିନ୍ତ୍ୟ ସଂଯମଧନାନୁଚ୍ଚୈଃ କୁଳଂ ଚାତ୍ମନ-
ସ୍ତ୍ୱୟ୍ୟସ୍ୟାଃ କଥମପ୍ୟବାନ୍ଧବକୃତାଂ ସ୍ନେହପ୍ରବୃତ୍ତିଂ ଚ ତାଂ ।
ସାମାନ୍ୟପ୍ରତିପତ୍ତିପୂର୍ବକମିୟଂ ଦାରେଷୁ ଦୃଶ୍ୟା ତ୍ୱୟା,
ଭାଗ୍ୟାଧୀନମତଃପରଂ ନ ଖଳୁ ତଦ୍ ସ୍ତ୍ରୀବନ୍ଧୁଭିର୍ଯ୍ୟାଚ୍ୟତେ ॥ ୧୪୩ ॥

[ଚଳା]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ମହାରାଜ ! ସଂଯମଧନାନ୍, ଅସ୍ମାନ୍, ସାଧୁ, ଚ, ଆତ୍ମନଃ, ଉଚ୍ଚୈଃ, କୁଳଂ, ଚ, ଅସ୍ୟାଃ, ତ୍ୱୟି, କଥଂ, ଅପି, ଅବାନ୍ଧବକୃତାଂ, ତାଂ, ସ୍ନେହପ୍ରବୃତ୍ତିଂ, ବିଚିନ୍ତ୍ୟ, ତ୍ୱୟା, ଦାରେଷୁ, ଇୟଂ, ସାମାନ୍ୟପ୍ରତିପତ୍ତିପୂର୍ବକଂ, ଦୃଶ୍ୟାଃ; ଅତଃପରଂ, ଭାଗ୍ୟାଧୀନଂ, ତତ୍, ସ୍ତ୍ରୀବନ୍ଧୁଭିଃ, ନ, ଯାଚ୍ୟତେ, ଖଳୁ ।

ଅର୍ଥ :—ମହାରାଜ ! ଆପଣ ସଂଯମଧନ ଅସ୍ମଦାଦିମାନଙ୍କୁ ସାଧୁ ଓ ଆପଣାର କୁଳକୁ ଉଚ୍ଚ ମନେ କରି ଶକୁନ୍ତଳାର ଭୂମ୍ପ୍ରତିରେ ସେହି ଅବାନ୍ଧବ-କୃତ ସ୍ନେହପ୍ରବୃତ୍ତିକୁ କେତେବେଳେହେଁ ଭୁଲିବେ ନାହିଁ ଏବଂ ଅନ୍ତଃପୁରିକା-ମାନଙ୍କ ମଧ୍ୟରେ ଆମ୍ଭର ଏହି ଶକୁନ୍ତଳାକୁ ସମାନଭାବରେ ଦେଖୁଥିବେ । ଏଥୁଁ ଅଧିକ ସ୍ନେହ ସ୍ତ୍ରୀମାନଙ୍କ ଭାଗ୍ୟର ଅଧୀନ, ମାତ୍ର ସେଥି ପ୍ରତି ସ୍ତ୍ରୀ-ବନ୍ଧୁମାନେ ପ୍ରାର୍ଥୀ ନୁହନ୍ତି ।

ଶକୁନ୍ତଳାଙ୍କ ପ୍ରତି କଣ୍ୱ ।

ସଂକଳ୍ପିତଂ ପ୍ରଥମମେବ ମୟା ତ୍ୱଦର୍ଥଂ, ଭର୍ତ୍ତାରମାତ୍ମସଦୃଶଂ ସ୍ୱଗୁଣୈର୍ଗତାସି ।
ଅସ୍ୟାସ୍ତୁ ସମ୍ପ୍ରତି ବରଂ ତ୍ୱୟି ଯାତଚିନ୍ତଃ, କାନ୍ତଂ ସମୀପ-ସହକାରମିମଂ
କରିଷ୍ୟେ ।୧୪୬। [ଶକ୍ତ]

ଅନ୍ୱୟ—ମୟା, ପ୍ରଥମଂ, ତ୍ୱଦର୍ଥଂ, ଏବ, ସଂକଳ୍ପିତଂ; ତ୍ୱଂ, ସ୍ୱଗୁଣୈଃ, ଆତ୍ମନଃ, ସଦୃଶଂ, ଭର୍ତ୍ତାରଂ, ଗତା, ଅସି; ଅହଂ, ତ୍ୱୟି, ଯାତଚିନ୍ତଃ; ତୁ, ସମ୍ପ୍ରତି, ଇମଂ, କାନ୍ତଂ, ସମୀପସହକାରଂ, ଅସ୍ୟାଃ, ବରଂ, କରିଷ୍ୟେ ।

ଅର୍ଥ :—ବତ୍ସେ ! ତୁ ଅନୁରୂପ ବର ପାଇବା ସକାଶେ ମୁଁ ଯାହାଙ୍କୁ ପ୍ରଥମରୁ ଭାବିଥିଲି, ତୁ ନିଜ ଗୁଣରେ ତୋହର ଅନୁରୂପ ପତି ପାଇଲୁ, ଏଣୁ ମୁଁ ବର୍ତ୍ତମାନ ତୋ ଚିନ୍ତାରୁ ରକ୍ଷା ପାଇଲି । ଅନନ୍ତର ଏହି ମାଧବୀ ଲତା ସକାଶେ ନିକଟବର୍ତ୍ତୀ କମନୀୟ ଏହି ସହକାର ବୃକ୍ଷକୁ ବର କରିଦେବି ।

GPNanda Colln., Digitized by srujanika@gmail.com

କୁଳବଧୂର ଲକ୍ଷଣ ।

ଗତ୍ୟୁରେ ରତମନ୍ଦିରାବଧି ସଖୀକର୍ଣ୍ଣାବଧି ବ୍ୟାହୃତଂ,
ଚେତଃ କାନ୍ତସମୀହିତାବଧି ପଦନ୍ୟାସାବଧି ପ୍ରେକ୍ଷଣଂ ।
ହାସ୍ୟଂ ସ୍ୱାଧରପଲ୍ଲବାବଧି ମହାମାନୋଽପି ମୌନାବଧି,
ସର୍ବଂ ସାବଧି ନାବଧି କୁଳଭୁବାଂ ପ୍ରେମ୍ଣଃ ପରଂ କେବଳଂ ॥ ୧୪୫ ॥

ଅନ୍ୱୟଃ—କୁଳଭୁବାଂ, ରତମନ୍ଦିରାବଧି, ଗତ୍ୟୁରଃ; ସଖୀକର୍ଣ୍ଣାବଧି, ବ୍ୟାହୃତଂ; ଚେତଃ, କାନ୍ତସମୀହିତାବଧି; ପଦନ୍ୟାସାବଧି, ପ୍ରେକ୍ଷଣଂ; ଅଧରପଲ୍ଲବାବଧି, ହାସ୍ୟଂ; ମାନଃ, ଅପି, ମୌନାବଧି; ସର୍ବଂ, ସାବଧି; ପରଂ, ପ୍ରେମ୍ଣଃ, କେବଳଂ, ନ, ଅବଧି ।

ଅର୍ଥ :—ସ୍ତ୍ରୀମାନଙ୍କର ଶୟନ-ଗୃହ ପର୍ଯ୍ୟନ୍ତ ଗମନ, ସଖୀ କାନ ପର୍ଯ୍ୟନ୍ତ କଥୋପକଥନ, କାନ୍ତ ପ୍ରସନ୍ନତା ପର୍ଯ୍ୟନ୍ତ ମନ, ପଦନ୍ୟାସ ପର୍ଯ୍ୟନ୍ତ ଦର୍ଶନ, ଅଧର-ପଲ୍ଲବ ପର୍ଯ୍ୟନ୍ତ ହାସ୍ୟ ଓ ମୌନ ପର୍ଯ୍ୟନ୍ତ ମାନ—ଏହି ସମସ୍ତ ସାବଧି; ମାତ୍ର ପତି ସ୍ନେହର ଅବଧି ନାହିଁ ।

ଶକୁନ୍ତଳାଙ୍କ କ୍ରନ୍ଦନରେ କଣ୍ୱଙ୍କର ଉକ୍ତି ।

ଉତ୍ପକ୍ଷ୍ମଣୋର୍ନୟନୟୋରୁପରୁଦ୍ଧବୃତ୍ତିଂ, ବାଷ୍ପଂ କୁରୁ ସ୍ଥିରତୟା ଶିଥିଲାନୁବନ୍ଧଂ ।
ଅସ୍ମିନ୍ନଲକ୍ଷିତନତୋନ୍ନତଭୂମିଭାଗେ, ମାର୍ଗେ ପଦାନି ଖଲୁ ତେ
ବିଷମୀଭବନ୍ତି ॥୧୪୬॥ [ଶକୁ]

ଅନ୍ୱୟଃ—ଉତ୍ପକ୍ଷ୍ମଣୋଃ, ନୟନୟୋଃ, ଉପରୁଦ୍ଧବୃତ୍ତିଂ, ବାଷ୍ପଂ, ସ୍ଥିରତୟା, ଶିଥିଲାନୁବନ୍ଧଂ, କୁରୁ; ଅଲକ୍ଷିତନତୋନ୍ନତଭୂମିଭାଗେ, ଅସ୍ମିନ୍, ମାର୍ଗେ, ତେ, ପଦାନି, ବିଷମୀଭବନ୍ତି, ଖଲୁ ।

ଅର୍ଥ :—ବତ୍ସେ ! ତୋହର ନେତ୍ର ଲୋତକରେ ପୂର୍ଣ୍ଣ ହେଲାଣି, ବର୍ତ୍ତମାନ ତୁ ଧୈର୍ଯ୍ୟ ଧର ତୁନି ହୁଅ— ଯେପରି କି ଏହି ଖାଲ ଢିପ ବାଟରେ ତୋହର ପାଦ ଖସି ନ ଯାଏ ।

GPNanda Colln., Digitized by srujanika@gmail.com

ଶକୁନ୍ତଳାଙ୍କ ବିଦାୟ କାଳରେ କଣ୍ୱଙ୍କର ଆଶୀର୍ବାଦ ।

ଅଭିଜନବତୋ ଭର୍ତ୍ତୁଃ ଶ୍ଳାଘ୍ୟେ ସ୍ଥିତା ଗୃହିଣୀପଦେ,
ବିଭବଗୁରୁଭିଃ କୃତ୍ୟୈରସ୍ୟ ପ୍ରତିକ୍ଷଣମାକୁଳା ।
ତନୟମଚିରାତ୍ ପ୍ରାଚୀବାର୍କଂ ପ୍ରସୂୟ ଚ ପାବନଂ,
ମମ ବିରହଜାଂ ନ ତ୍ୱଂ ବତ୍ସେ ! ଶୁଚଂ ଗଣୟିଷ୍ୟସି ॥୧୪୭॥ [ଶକୁ]

ଅନ୍ୱୟ—ଅଭିଜନବତଃ, ଭର୍ତ୍ତୁଃ, ଶ୍ଳାଘ୍ୟେ, ଗୃହିଣୀପଦେ, ସ୍ଥିତା; ଅସ୍ୟ, ବିଭବଗୁରୁଭିଃ, କୃତ୍ୟୈଃ, ପ୍ରତିକ୍ଷଣଂ, ଆକୁଳା, ପାବନଂ ଅର୍କଂ, ପ୍ରାଚୀଇବ ଚ, ଅଚିରାତ୍, ତନୟଂ, ପ୍ରସୂୟ, ହେ ବତ୍ସେ ! ତ୍ୱଂ, ମମ, ବିରହଜାଂ, ଶୁଚଂ, ନ, ଗଣୟିଷ୍ୟସି ।

ଅର୍ଥ ;—ଶକୁନ୍ତଳା ! ତୁ ପରିବାରବର୍ଗପୂର୍ଣ୍ଣ ରାଜା ଦୁଷ୍ମନ୍ତଙ୍କର ପ୍ରଶଂସନୀୟ ଗୃହିଣୀଭାବରେ ରହି, ରାଜାଙ୍କର କରଣୀୟ କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହି, ପୂର୍ବଦିଗ ପବିତ୍ର ସୂର୍ଯ୍ୟଙ୍କୁ ପ୍ରାତଃକାଳରେ ଜାତ କଲା ପରି ତୁ ମଧ୍ୟ ଅଚିରାତ୍ ତେଜସ୍ୱୀ ଓ ପବିତ୍ର ପୁତ୍ର ଲାଭ କରି ଆମ୍ଭମାନଙ୍କ ବିରହଜନିତ ଦୁଃଖ ପାସୋରି ପକାଇବୁ ।

କଣ୍ୱ ।

ଅର୍ଥୋ ହି କନ୍ୟା ପରକୀୟ ଏବ, ତାମଦ୍ୟ ସମ୍ପ୍ରେଷ୍ୟ ପରିଗ୍ରହୀତୁଃ ।
ଜାତୋମ୍ମି ସଦ୍ୟୋ ବିଶଦାନ୍ତରାତ୍ମା, ଚିରସ୍ୟ ନିକ୍ଷେପମିବାର୍ପୟିତ୍ୱା ॥ ୧୪୮ ॥
[ଶକୁ]

ଅନ୍ୱୟ—ହି, କନ୍ୟା, ପରକୀୟଃ, ଏବ, ଅର୍ଥଃ; ଅଦ୍ୟ, ତାଂ, ପରିଗ୍ରହୀତୁଃ, ସମ୍ପ୍ରେଷ୍ୟ, ଚିରସ୍ୟ, ନିକ୍ଷେପଂ, ଇବ, ଅର୍ପୟିତ୍ୱା, ବିଶଦାନ୍ତରାତ୍ମା, ଜାତଃ, ଅସ୍ମି ।

ଅର୍ଥ :—କଣ୍ୱ—ବୁଝିବାକୁ ଗଲେ କନ୍ୟା ଧନ ପରପାଇଁ, ପରର ଚିର-ସଞ୍ଚିତ ଧନ ପରକୁ ଦେଇ ଆନନ୍ଦିତ ହେଲା ପରି ଆଜି ଶକୁନ୍ତଳାକୁ ପଠାଇବା ଦ୍ୱାରା ମୋହର ହୃଦୟ ଆନନ୍ଦ ଅନୁଭବ କରୁଅଛି ।

GPNanda Colln., Digitized by srujanika@gmail.com

କାର୍ଯ୍ୟର ଗୁରୁତା ଦେଖି ରାଜାଙ୍କ ପ୍ରତି କଣ୍ୱ-ଶିଷ୍ୟଙ୍କର ଉକ୍ତି ।

ଔତ୍ସୁକ୍ୟମାତ୍ରମବସାଦୟତି ପ୍ରତିଷ୍ଠା, କ୍ଲିଶ୍ନାତି ଲବ୍ଧପରିପାଳନବୃତ୍ତିରେବ ।
ନାତିଶ୍ରମାପନୟନାୟ ଯଥାଶ୍ରମାୟ, ରାଜ୍ୟଂ ସ୍ୱହସ୍ତଧୃତଦଣ୍ଡମିବାତପତ୍ରଂ ॥୧୪୯॥
[ଶକୁ]

ଅନ୍ୱୟ—ପ୍ରତିଷ୍ଠା, ଔତ୍ସୁକ୍ୟମାତ୍ରଂ, ଅବସାଦୟତି; ଲବ୍ଧପରିପାଳନ-ବୃତ୍ତିଃ, ଏବ, କ୍ଲିଶ୍ନାତି; ରାଜ୍ୟଂ, ସ୍ୱହସ୍ତଧୃତଦଣ୍ଡଂ, ଆତପତ୍ରଂ, ଇବ, ଯଥା, ଶ୍ରମାୟ, ତଥା, ଅତିଶ୍ରମାପନୟନାୟ, ନ ।

ଅର୍ଥ :—ମହାରାଜ ! ପ୍ରତିଷ୍ଠାଦ୍ୱାରା ଉତ୍ସାହ ନିବର୍ତ୍ତିତ ହୁଏ, ମାତ୍ର ଲବ୍ଧ ପ୍ରତିଷ୍ଠାର ପରିପାଳନ କ୍ଲେଶଦାୟକ ହୁଏ; ଅତଏବ ସ୍ୱ-ହସ୍ତଧୃତ ଦଣ୍ଡଛତ୍ର ପରି ରାଜ୍ୟ ପାଳନରେ ଯେପରି ଦୁଃଖ, ସେପରି ସୁଖ ନ ଥାଏ ।

ପୁନଶ୍ଚ ।

ସ୍ୱସୁଖନିରଭିଲାଷଃ ଖିଦ୍ୟସେ ଲୋକହେତୋଃ,
ପ୍ରତିଦିନମଥବା ତେ ସୃଷ୍ଟିରେବଂବିଧୈବ ।
ଅନୁଭବତି ହି ମୂର୍ଦ୍ଧ୍ନା ପାଦପସ୍ତୀବ୍ରମୁଷ୍ଣଂ,
ଶମୟତି ପରିତାପଂ ଛାୟୟା ସଂଶ୍ରିତାନାଂ ॥୧୫୦॥ [ଶକୁ]

ଅନ୍ୱୟ—ହେ ମହାରାଜ ! ତ୍ୱଂ, ଲୋକହେତୋଃ, ସ୍ୱସୁଖନିରଭିଲାଷଃ, ସନ୍, ପ୍ରତିଦିନଂ, ଖିଦ୍ୟସେ; ଅଥବା, ତେ, ଏବଂବିଧା, ଏବ, ସୃଷ୍ଟିଃ; ହି, ପାଦପଃ, ମୂର୍ଦ୍ଧ୍ନା, ତୀବ୍ରଂ, ଉଷ୍ଣଂ, ଅନୁଭବତି; ସଂଶ୍ରିତାନାଂ, ପରିତାପଂ, ଛାୟୟା, ଶମୟତି ।

ଅର୍ଥ :—ମହାରାଜ ! ଆପଣ ନିଜ ସୁଖରେ ଅଭିଲାଷ ନ ରଖି ବହୁ କଷ୍ଟ ସହ୍ୟ କରୁଅଛନ୍ତି; ଯାହାହେତୁ ଆପଣଙ୍କର ସୃଷ୍ଟି ଏବଂବିଧ ହୋଇଅଛି, ଯେପରି କି, ବୃକ୍ଷ ନିଜ ମସ୍ତକରେ ଅସହ୍ୟ ତାପ ଅନୁଭବ କରି ଛାୟାଦାନଦ୍ୱାରା ଆଶ୍ରିତମାନଙ୍କର ଦୁଃଖ ନିବାରଣ କରିଥାଏ ।

GPNanda Colln., Digitized by srujanika@gmail.com

ଶିଷ୍ୟପ୍ରତି ଶିଷ୍ୟର ଉକ୍ତି ।

ମହାଭାଗଃ କାମଂ ନରପତିରଭିନ୍ନସ୍ଥିତିରସୌ,
ନ କଶ୍ଚିଦ୍‌ବର୍ଣ୍ଣାନାମପଥମପକୃଷ୍ଟୋଽପି ଭଜତେ ।
ତଥାପୀଦଂ ଶଶ୍ୱତ୍ ପରିଚିତବିବିକ୍ତେନ ମନସା,
ଜନାକୀର୍ଣ୍ଣଂ ମନ୍ୟେ ହୁତବହପରୀତଂ ଗୃହମିବ ॥୧୬୧॥ [ଶକୁ]

ଅନ୍ୱୟ—ମହାଭାଗଃ, ଅସୌ, ନରପତିଃ, କାମଂ, ଅଭିନ୍ନସ୍ଥିତିଃ; କଶ୍ଚିତ୍, ବର୍ଣ୍ଣାନାଂ, ଅପକୃଷ୍ଟଃ, ଅପି, ଅପଥଂ, ନ, ଭଜତେ; ତଥାପି, ଶଶ୍ୱତ୍, ପରିଚିତବିବିକ୍ତେନ, ମନସା, ଜନାକୀର୍ଣ୍ଣଂ, ଇଦଂ, ହୁତବହପରୀତଂ, ଗୃହଂ, ଇବ, ମନ୍ୟେ ।

ଅର୍ଥ :—ଭାଇ ! ଏହି ମହାତ୍ମା ରାଜା ଯଥେଷ୍ଟ ମର୍ଯ୍ୟାଦାରକ୍ଷା କରନ୍ତି । ଏଠାରେ ବର୍ଣ୍ଣ ମଧ୍ୟରେ ନିକୃଷ୍ଟ ବର୍ଣ୍ଣ ପର୍ଯ୍ୟନ୍ତ କେହି ମଧ୍ୟ ଅନ୍ୟାୟ କରୁ ନାହାନ୍ତି, ତେବେ ସୁଦ୍ଧା ଆମ୍ଭେ ଏକାନ୍ତ ସ୍ଥାନକୁ ଭଲ ପାଉଥିବା ଯୋଗୁଁ ଏହି ଜନାକୀର୍ଣ୍ଣ ରାଜଭବନଟି ଆମ୍ଭଙ୍କୁ ଅଗ୍ନିଦଗ୍ଧ ଗୃହ ପରି ବୋଧ ହେଉଅଛି ।

କଣ୍ୱଶିଷ୍ୟଙ୍କର ଦୁଷ୍ମନ୍ତଙ୍କ ପ୍ରତି ।

ନିୟମୟସି ବିମାର୍ଗପ୍ରସ୍ଥିତାନାତ୍ତଦଣ୍ଡଃ, ପ୍ରଶମୟସି ବିବାଦଂ କଳ୍ପସେ ରକ୍ଷଣାୟ ।
ଅତନୁଷୁ ବିଭବେଷୁ ଜ୍ଞାତୟଃ ସନ୍ତୁ ନାମ ତ୍ୱୟି ତୁ ପରିସମାପ୍ତଂ ବନ୍ଧୁକୃତ୍ୟଂ
ଜନାନାଂ ॥୧୬୨॥ [ଶକୁ]

ଅନ୍ୱୟ—ଆତ୍ତଦଣ୍ଡଃ, ତ୍ୱଂ, ବିମାର୍ଗପ୍ରସ୍ଥିତାନ୍, ନିୟମୟସି; ବିବାଦଂ, ପ୍ରଶମୟସି; ରକ୍ଷଣାୟ, କଳ୍ପସେ; ଜ୍ଞାତୟଃ, ଅତନୁଷୁ, ବିଭବେଷୁ, ସନ୍ତୁ ନାମ; ତୁ, ଜନାନାଂ, ବନ୍ଧୁକୃତ୍ୟଂ, ତ୍ୱୟି, ପରିସମାପ୍ତଂ ।

ଅର୍ଥ :—ମହାରାଜ ! କଣ୍ୱ ମହର୍ଷି ଏହାହିଁ କହିଅଛନ୍ତି—ଆପଣ ଶାସକ, ଏଣୁ ଅନ୍ୟାୟାଚାରୀମାନଙ୍କୁ ଦଣ୍ଡ ଦେଉଅଛନ୍ତି; ଲୋକଙ୍କ ସୁବିଧା ସକାଶେ

GPNanda Colln., Digitized by srujanika@gmail.com

ପରସ୍ପରର ବିବାଦ ମେଣ୍ଟାଇ ଦେଉଅଛନ୍ତି; ଲୋକଙ୍କ ରକ୍ଷା ସକାଶେ ନାନା କାର୍ଯ୍ୟ ଉଦ୍ଭାବନ କରୁଅଛନ୍ତି; ଫଳରେ ଆପଣଙ୍କର ଯେତେ ଯେତେ ଧନ ବୃଦ୍ଧି ହେବ, ତାହା ସବୁ ଜ୍ଞାନମାନେ ବଣ୍ଟନ କରନେବେ, ମାତ୍ର ଲୋକମାନଙ୍କ ପ୍ରତି ନ୍ୟାଯ୍ୟ ଓ ଅନ୍ୟାଯ୍ୟ ବିଷୟର ଭାର କେବଳ ଆପଣଙ୍କ ଉପରେ ନ୍ୟସ୍ତ ରହିଅଛି ।

ପୁନଶ୍ଚ ।

ତ୍ୱମର୍ହତାମଗ୍ରସରଃ ସ୍ମୃତୋଽସି ନଃ, ଶକୁନ୍ତଳା ମୂର୍ତ୍ତିମତୀବ ସତ୍କ୍ରିୟା ।
ସମାନୟଂସ୍ତୁଲ୍ୟଗୁଣଂ ବଧୂବରଂ, ଚିରସ୍ୟ ବାଚ୍ୟଂ ନ ଗତଃ ପ୍ରଜାପତିଃ ॥୧୫୩॥
[ଶକୁ]

ଅନ୍ୱୟ— ତ୍ୱଂ, ଅର୍ହତାଂ, ଅଗ୍ରସରଃ, ସ୍ମୃତଃ, ଅସି; ନଃ, ଶକୁନ୍ତଳାଃ, ମୂର୍ତ୍ତିମତୀ, ସତ୍କ୍ରିୟା, ଇବ; ପ୍ରଜାପତିଃ, ତୁଲ୍ୟଗୁଣଂ, ବଧୂବରଂ, ସମାନୟନ୍, ଚିରସ୍ୟ, ବାଚ୍ୟଂ, ନ, ଗତଃ ।

ଅର୍ଥ :—ମହାରାଜ ! କଣ୍ୱ ଅନ୍ତର ମଧ କହିଅଛନ୍ତି—ଆପଣ ପୂଜ୍ୟମାନଙ୍କ ମଧ୍ୟରେ ଅଗ୍ରସର ବୋଲି ଅମ୍ଭେମାନେ ଶୁଣିଅଛୁଁ । ଅମ୍ଭର ଏହି ଶକୁନ୍ତଳା ମଧ ଗୋଟିଏ ମୂର୍ତ୍ତିମତୀ ସତ୍କ୍ରିୟା ଅଟେ, ଏଣୁ ବିଧାତା ଅନୁରୂପ ବରରେ ଅନୁରୂପ କନ୍ୟାର ସଂଯୋଗ କରିବା ଦ୍ୱାରା ନିନ୍ଦନୀୟ ନୁହନ୍ତି ।

ଶକୁନ୍ତଳାଙ୍କ ପ୍ରତି ରାଜାଙ୍କର ଉକ୍ତି ।

ସ୍ତ୍ରୀଣାମଶିକ୍ଷିତପଟୁତ୍ୱମମାନୁଷୀଣାଂ, ସନ୍ଦୃଶ୍ୟତେ କମୁତ ଯାଃ ପରିବୋଧବତ୍ୟଃ ।
ପ୍ରାଗନ୍ତରୀକ୍ଷଗମନାତ୍ ସ୍ୱମପତ୍ୟଜାତ ମନ୍ୟଦ୍ୱିଜୈଃ ପରଭୃତାଃ
ଖଲ ପୋଷୟନ୍ତି ॥୧୫୪॥ [ଶକୁ]

ଅନ୍ୱୟ—ଅମାନୁଷୀଣାଂ, ସ୍ତ୍ରୀଣାଂ, ଅଶିକ୍ଷିତପଟୁତ୍ୱଂ, ସନ୍ଦୃଶ୍ୟତେ; ଯାଃ, ପରିବୋଧବତ୍ୟଃ, କିଂ, ଉତ; ଅନ୍ତରୀକ୍ଷଗମନାତ୍, ପ୍ରାକ୍, ପରଭୃତାଃ, ସ୍ୱଂ, ଅପତ୍ୟଜାତଂ, ଅନ୍ୟଦ୍ୱିଜୈଃ, ପୋଷୟନ୍ତି, ଖଲ ।

GPNanda Colln., Digitized by srujanika@gmail.com

ଅର୍ଥ :— ମହାଶୟ ! ପଶୁ ଓ ପକ୍ଷୀ ଜାତୀୟ ସ୍ତ୍ରୀମାନଙ୍କର ଅଶିକ୍ଷିତ ନୈପୁଣ୍ୟ ଦେଖାଯାଏ, ମାତ୍ର ଯେଉଁମାନଙ୍କର ଜ୍ଞାନ ଅଛି ସେମାନଙ୍କର କାହିଁକି ବା ଦେଖା ନ ଯିବ; ଦେଖନ୍ତୁ କୋକିଳମାନେ ଉଡ଼ିପାରିବା ପୂର୍ବରୁ ନିଜ ନିଜର ଅପତ୍ୟମାନଙ୍କୁ ଅନ୍ୟ ଦ୍ୱାରା ପ୍ରତିପାଳନ କରାଇଥାନ୍ତି ॥

ତଣ୍ଣିଶଷ୍ୟ ।

କୃତାବମର୍ଷାମନୁମନ୍ୟମାନଃ, ସୁତାଂ ତ୍ୱୟା ନାମମୁନିର୍ବିମାନ୍ୟଃ ।
ମୁଷ୍ଟଂ ପ୍ରତିଗ୍ରାହୟିତା ସ୍ୱମର୍ଥଂ, ପାତ୍ରୀକୃତୋ ଦସ୍ୟୁରିବାସି ଯେନ ॥ ୧୬୫ ॥
[ଶକ୍ର]

ଅନ୍ୱୟ—ତ୍ୱୟା, କୃତାବମର୍ଷାଂ, ସୁତାଂ, ଅନୁମନ୍ୟମାନଃ, ମୁନିଃ, ବିମାନ୍ୟଃ, ନାମ; ଯେନ, ପ୍ରତିଗ୍ରାହୟିତା, ମୁଷ୍ଟଂ, ସ୍ୱଂ, ଅର୍ଥଂ, ଦସ୍ୟୁଃ, ଇବ, ତ୍ୱଂ, ପାତ୍ରୀକୃତଃ, ଅସି ।

ଅର୍ଥ :—ମହାରାଜ ! ସେହି ପୂଜ୍ୟତମ ମୁନି ତୁମ୍ଭଦ୍ୱାରା ଅପମାନିତ କନ୍ୟାକୁ ଅନୁମୋଦନ କରି ଯାହାକୁ ତୁମ୍ଭ ହସ୍ତରେ ଅର୍ପଣ କଲେ, ଜାଣ, ସେହି କନ୍ୟାଦାତା ନିଜର ଧନକୁ ଚୋରି ନେଇଥିବା ଚୋରହସ୍ତରେ ଅର୍ପଣ କଲେ ।

ପୁନଶ୍ଚ

ସତୀମପି ଜ୍ଞାତିକୁଳୈକସଂଶ୍ରୟାଂ, ଜନୋଽନ୍ୟଥା ଭର୍ତ୍ତୃମତୀଂ ବିଶଂକତେ ।
ଅତଃ ସମୀପେ ପରିଣେତୁରିଷ୍ୟତେ, ପ୍ରିୟାପ୍ରିୟା ବା ପ୍ରମଦା ସ୍ୱବନ୍ଧୁଭିଃ ॥୧୬୭॥
[ଶକ୍ର]

ଅନ୍ୱୟ—ଜନଃ, ଭର୍ତ୍ତୃମତୀଂ, ଜ୍ଞାତିକୁଳୈକସଂଶ୍ରୟାଂ, ସତୀଂ, ଅପି, ଅନ୍ୟଥା, ବିଶଂକତେ; ଅତଃ, ପ୍ରମଦା, ପ୍ରିୟା, ବା, ଅପ୍ରିୟା, ପରିଣେତୁଃ, ସମୀପେ, ସ୍ୱବନ୍ଧୁଭିଃ, ଇଷ୍ୟତେ ।

ଅର୍ଥ :—ମହାରାଜ ! କନ୍ୟା ସତୀ ହେଉ ପଛକେ କେବଳ ଜ୍ଞାତିକୁଳର ଆଶ୍ରୟ ନେଲେ ତାହାଠାରେ ଲୋକେ ଦୋଷାରୋପ କରିଥାନ୍ତି । ଏଣୁ

GPNanda Colln., Digitized by srujanika@gmail.com

ସ୍ତ୍ରୀ ସ୍ୱାମିର ପ୍ରିୟା ବା ଅପ୍ରିୟା ହେଲେ ସୁଦ୍ଧା ସ୍ତ୍ରୀ ବନ୍ଧୁମାନେ ତାହାକୁ ତାହାଙ୍କ ସ୍ୱାମି ନିକଟରେ ରଖାଇବାକୁ ଇଚ୍ଛା କରଥାନ୍ତି ।

ପୁନଶ୍ଚ ।

ତଦେଷା ଭବତଃ ପତ୍ନୀ, ତ୍ୟଜ ବୈନାଂ ଗୃହାଣ ବା ।
ଉପପନ୍ନାହିଁ ଦାରେଷୁ, ପ୍ରଭୁତା ସର୍ବତୋମୁଖୀ ॥ ୧୬୭ ॥ [ଶକୁ]

ଅନ୍ୱୟ—ମହାରାଜ ! ତତ୍, ଏଷା, ଭବତଃ, ପତ୍ନୀ; ଏନାଂ, ତ୍ୟଜ, ବା, ଗୃହାଣ; ହି, ଉପପନ୍ନାଃ, ଦାରେଷୁ, ସର୍ବତୋମୁଖୀ, ପ୍ରଭୁତା ।

ଅର୍ଥ :—ମହାରାଜ ! ଏହି ଶକୁନ୍ତଳା ପୂର୍ବରୁ ଆପଣଙ୍କଦ୍ୱାରା ଗୃହୀତ ହୋଇଥିବାରୁ ଆପଣଙ୍କର ପତ୍ନୀ ଅଟନ୍ତି । ମାତ୍ର ସ୍ୱାମିର ସ୍ତ୍ରୀ ଉପରେ ସର୍ବ ପ୍ରଧାନ କ୍ଷମତା, ଏଣୁ ଆପଣ ଏହାଙ୍କୁ ଛାଡ଼ି ପାରନ୍ତି ଅଥବା ରଖି ପାରନ୍ତି ।

ପୁନଶ୍ଚ ରାଜାଙ୍କ ପ୍ରତି ଆକ୍ଷେପ ।

ଆଜନ୍ମନଃ ଶାଠ୍ୟମଶିକ୍ଷିତୋ ଯସ୍ତସ୍ୟା ପ୍ରମାଣଂ ବଚନଂ ଜନସ୍ୟ ।
ପରାଭିସନ୍ଧାନମଧୀୟତେ ଯୈର୍ବିଦ୍ୟେତି ତେ ସନ୍ତୁ କିଲାପ୍ତବାଚଃ ॥ ୧୬୮ ॥
[ଶକୁ]

ଅନ୍ୱୟ— ଯଃ, ଆଜନ୍ମନଃ, ଶାଠ୍ୟଂ, ଅଶିକ୍ଷିତଃ, ତସ୍ୟ, ଜନସ୍ୟ, ବଚନଂ, ଅପ୍ରମାଣଂ; ଯୈଃ, ପରାଭିସନ୍ଧାନଂ, ବିଦ୍ୟା, ଇତି, ଅଧୀୟତେ, ତେ, ଆପ୍ତବାଚଃ, ସନ୍ତୁ, କିଲ ।

ଅର୍ଥ :—ମହାରାଜ ! ଯେ ବ ଆଜନ୍ମରୁ ଶଠତା କାହାକୁ କହନ୍ତି ଜାଣେ ନାହିଁ, ଏଠାରେ ତାହାର ବଚନ ଅପ୍ରମାଣ ହେଲା; କିନ୍ତୁ ଯେଉଁମାନେ ପରାଭିସନ୍ଧାନକୁ ବିଦ୍ୟାରୂପରେ ଅଧ୍ୟୟନ କରଅଛନ୍ତି, ସେହିମାନେ ହିଁ ଏଠାରେ ଯଥାର୍ଥବାଦୀ ବୋଲି ପରିଚୟ ଦେଉଅଛନ୍ତି ।

GPNanda Colln., Digitized by srujanika@gmail.com

କଣ୍ୱଶିଷ୍ୟ ଶକୁନ୍ତଳାଙ୍କ ପ୍ରତି ।

ଯଦି ଯଥା ବଦତି କ୍ଷିତିପସ୍ତଥା, ତ୍ୱମସି କିଂ ପୁନରୁତ୍କୁଳୟା ତ୍ୱୟା ।
ଅଥ ତୁ ବେତ୍ସି ଶୁଚି ବ୍ରତମାତ୍ମନଃ, ପତିଗୃହେ ତବ ଦାସ୍ୟମପି କ୍ଷମଂ ॥ ୧୫୯ ॥
[ଶକୁ]

ଅନ୍ୱୟ—ଶକୁନ୍ତଳେ ! କ୍ଷିତିପଃ, ଯଥା, ବଦତି, ଯଦି, ତ୍ୱଂ, ତଥା, ଅସି, ପୁନଃ, ଉତ୍କୁଳୟା, ତ୍ୱୟା, କିଂ; ଅଥ, ତ୍ୱଂ, ଆତ୍ମନଃ, ଶୁଚି, ବ୍ରତଂ, ବେତ୍ସି, ତବ, ପତିଗୃହେ, ଦାସ୍ୟଂ, ଅପି, କ୍ଷମଂ ।

ଅର୍ଥ :—ଅଲୋ ଶକୁନ୍ତଳା ! ରାଜା ଯାହା କହୁଅଛନ୍ତି ତାହା ଯଦି ଯଥାର୍ଥ ହୋଇଥାଏ, ତେବେ ତୁ କୁଳ-ମର୍ଯ୍ୟାଦା ଲଙ୍ଘନ କରିଥିବା ସ୍ଥଳରେ ପୁନଶ୍ଚ ତୋହଦ୍ୱାରା ଆଉ ଆମ୍ଭର ଫଳ କଣ ? ନାହିଁ ଯଦି ତୁ ନିଜର ପବିତ୍ରତା ଜାଣୁଅଛୁ, ତେବେ ତୁ ପତି-ଗୃହରେ ଦାସୀଭାବରେ ରହିଲେ ମଧ୍ୟ ମଙ୍ଗଳ ।

ଶକୁନ୍ତଳା ।

ସା ନିନ୍ଦନ୍ତୀ ସ୍ୱାନି ଭାଗ୍ୟାନି ବାଲା, ବାହୂତ୍କ୍ଷେପଂ କ୍ରନ୍ଦିତୁଂ ଚ ପ୍ରବୃତ୍ତା ।
ସ୍ତ୍ରୀସଂସ୍ଥାନଂ ଚାପ୍ସରସ୍ତୀର୍ଥମାରାଦୁତ୍କ୍ଷିପ୍ୟାଙ୍କେ ଜ୍ୟୋତିରେନାଂ ତିରୋଽଭୂତ୍ ॥୧୬୦॥
[ଶକୁ]

ଅନ୍ୱୟ—ସା ବାଲା, ସ୍ୱାନି, ଭାଗ୍ୟାନି, ନିନ୍ଦନ୍ତୀ, ଚ, ବାହୂତ୍କ୍ଷେପଂ, କ୍ରନ୍ଦିତୁଂ, ପ୍ରବୃତ୍ତା; ଆରାତ୍, ଜ୍ୟୋତିଃ, ଏନାଂ, ଅଙ୍କେ, ଉତ୍କ୍ଷିପ୍ୟ, ସ୍ତ୍ରୀସଂସ୍ଥାନଂ, ଅପ୍ସରସ୍ତୀର୍ଥଂ, ତିରୋଽଭୂତ୍ ।

ଅର୍ଥ :— ଏପରି ଶକୁନ୍ତଳା ନିଜର ଭାଗ୍ୟକୁ ନିନ୍ଦା କରି ବାହୁ କୋଡ଼ି କାନ୍ଦିବାକୁ ଲାଗିଲେ । ଅନନ୍ତର ଜଣେ ଜ୍ୟୋତିର୍ମୟୀ ଦେବୀ ଶକୁନ୍ତଳାଙ୍କୁ କୋଡ଼ରେ ବସାଇ ଅପ୍ସରସ୍ତୀର୍ଥ ନିକଟକୁ ଉଡ଼ିଯାଇ ଅନ୍ତର୍ହିତ ହେଲେ ।

ଭାରତୀୟ କବିମାନଙ୍କଦ୍ୱାରା ଶକୁନ୍ତଳା-ତନ୍ତ୍ରର ପ୍ରଶଂସା ।

ବାସନ୍ତଂ ମୁକୁଳଂ ଫଳଂ ଚ ଯୁଗପତ୍ ଗ୍ରୀଷ୍ମସ୍ୟ ସର୍ବଂ ଚ ତତ୍ ,
ଯଦ୍‌କଞ୍ଚନ୍ମନସୋ ରସାୟନମଥୋ ସନ୍ତର୍ପଣଂ ମୋହନଂ ।

GPNanda Colln., Digitized by srujanika@gmail.com

ଏକୀଭୂତମଭୂତପୂର୍ବମଥବା ସ୍ଵର୍ଲୋକଭୂଲୋକୟୋ-
ରୈଶ୍ୱର୍ଯ୍ୟଂ ଯଦି କୋଽପି କାଙ୍‌କ୍ଷତି ତଦା ଶାକୁନ୍ତଳଂ ସେବ୍ୟତାଂ ॥୧୬୧

ଅନ୍ୱୟ—ଯଦି, କଃ, ଅପି, ଯୁଗପତ୍ , ବାସନ୍ତଂ, ମୁକୁଳଂ, ଚ, ଫଳଂ, ଗ୍ରୀଷ୍ମସ୍ୟ, ତତ୍, ସର୍ବଂ, ଅଥୋ, ମନସଃ, ସନ୍ତର୍ପଣଂ, ମୋହନଂ ଯତ୍‌କଶ୍ଚିତ୍, ରସାୟନଂ, ଅଥବା, ସ୍ୱର୍ଲୋକଭୂଲୋକୟୋଃ, ଅଭୂତପୂର୍ବଂ, ଏକୀଭୂତଂ, ଐଶ୍ୱର୍ଯ୍ୟଂ, କାଂକ୍ଷତି, ତଦା, ଶାକୁନ୍ତଳଂ, ସେବ୍ୟତାଂ ।

ଅର୍ଥ :—ଯଦି କେହି ଲୋକ ମନୋମୋହନକର ବସନ୍ତ ଓ ଗ୍ରୀଷ୍ମକାଳର ସମସ୍ତ ଫଳ ଫୁଲ ଏବଂ ଭୂଲୋକ ସ୍ୱର୍ଲୋକର ଅଭୂତପୂର୍ବ ସମସ୍ତ ଐଶ୍ୱର୍ଯ୍ୟ ଏକତ୍ର ପାଇବାକୁ ଇଚ୍ଛା କରନ୍ତି ତେବେ ସେମାନେ ଶକୁନ୍ତଳା ଗ୍ରନ୍ଥ ପଢ଼ନ୍ତୁ ।

ପ୍ରନଷ୍ଟ ।

କାଳିଦାସ-କବିତା ନବଂ ବୟଃ, ମାହିଷଂ ଦଧି ସଶର୍କରଂ ପୟଃ ।
ଏଣମାଂସମବଳା ଚ କୋମଳା, ସମ୍ଭବନ୍ତୁ ମମ ଜନ୍ମ-ଜନ୍ମନି ॥ ୧୬୨ ॥

ରାମଗିରି-ଆଶ୍ରମବାସୀ ଯକ୍ଷର ମେଘଦ୍ୱାରା କାନ୍ତା ନିକଟ ସନ୍ଦେଶ ପ୍ରେରଣ ।

ପ୍ରତ୍ୟାସନ୍ନେ ନଭସି ଦୟିତାଜୀବିତାଲମ୍ବନାର୍ଥୀ,
ଜୀମୂତେନ ସ୍ୱକୁଶଳମୟୀଂ ହାରୟିଷ୍ୟନ୍ ପ୍ରବୃତ୍ତିଂ ;
ସ ପ୍ରତ୍ୟଗ୍ରୈଃ କୁଟଜକୁସୁମୈଃ କଳ୍ପିତାର୍ଘାୟ ତସ୍ମୈ,
ପ୍ରୀତଃ ପ୍ରୀତିପ୍ରମୁଖବଚନଂ ସ୍ୱାଗତଂ ବ୍ୟାଜହାର ॥ ୧୬୩ ॥ [ମେଘ]

ଅନ୍ୱୟ—ନଭସି, ପ୍ରତ୍ୟାସନ୍ନେ, ସଃ, ଦୟିତାଜୀବିତାଲମ୍ବନାର୍ଥୀ, ସନ୍, ଜୀମୂତେନ, ସ୍ୱକୁଶଳମୟୀଂ, ପ୍ରବୃତ୍ତିଂ, ହାରୟିଷ୍ୟନ୍, ପ୍ରତ୍ୟଗ୍ରୈଃ, କୁଟଜ-କୁସୁମୈଃ, କଳ୍ପିତାର୍ଘାୟ, ତସ୍ମୈ, ପ୍ରୀତିପ୍ରମୁଖବଚନଂ, ସ୍ୱାଗତଂ, ପ୍ରୀତଃ, ସନ୍, ବ୍ୟାଜହାର ।

GPNanda Colln., Digitized by srujanika@gmail.com

ଅର୍ଥ :— ସେହି ଯକ୍ଷ, ଶ୍ରାବଣ ମାସ ନିକଟ ହେବାରୁ ନିଜ ପ୍ରିୟାର ପ୍ରାଣ-ରକ୍ଷାର ଉପାୟ ଚିନ୍ତା କରି, ମେଘଦ୍ୱାରା ପ୍ରିୟାର ନିକଟ ନିଜର ମଙ୍ଗଳମୟୀ ବାର୍ତ୍ତା ପଠାଇବା ଇଚ୍ଛାରେ ମେଘ ସକାଶେ ନୂତନ ଗିରିମଲ୍ଲିକାକୁ ପୂଜୋପକରଣ-ରୂପ ସ୍ଥିର କରି ପ୍ରୀତିପୂର୍ବ ସ୍ୱାଗତ ବାଣୀ କହିଲା ।

ମନୁଷ୍ୟୋଚିତ କାର୍ଯ୍ୟରେ ମେଘକୁ କହିବା ଉଚିତ କି ?

ଧୂମଜ୍ୟୋତିଃସଲିଲମରୁତାଂ ସନ୍ନିପାତଃ କ୍ୱ ମେଘଃ,
ସନ୍ଦେଶାର୍ଥାଃ କ୍ୱ ପଟୁକରଣୈଃ ପ୍ରାଣିଭିଃ ପ୍ରାପଣୀୟାଃ ।
ଇତ୍ୟୌତ୍ସୁକ୍ୟାଦପରିଗଣୟନ୍ ଗୁହ୍ୟକସ୍ତଂ ଯୟାଚେ,
କାମାର୍ତ୍ତା ହି ପ୍ରକୃତିକୃପଣାଶ୍ଚେତନାଚେତନେଷୁ ॥ ୧୭୪ ॥ [ମେଘ]

ଅନ୍ୱୟ— ଧୂମ-ଜ୍ୟୋତିଃ-ସଲିଲ-ମରୁତାଂ, ସନ୍ନିପାତଃ, ମେଘଃ, କ୍ୱ; ପଟୁକରଣୈଃ, ପ୍ରାଣିଭିଃ, ପ୍ରାପଣୀୟାଃ, ସନ୍ଦେଶାର୍ଥାଃ, କ୍ୱ; ଇତି, ଔତ୍ସୁକ୍ୟାତ୍, ଅପରିଗଣୟନ୍ , ଗୁହ୍ୟକଃ, ତଂ, ଯୟାଚେ; ହି, କାମାର୍ତ୍ତାଃ, ଚେତନାଚେତନେଷୁ, ପ୍ରକୃତିକୃପଣାଃ, ଭବନ୍ତି ।

ଅର୍ଥ :—ଧୂମ, ଜ୍ୟୋତି, ସଲିଲ ଓ ମରୁତସମ୍ଭୂତ ମେଘ କେଉଁଠାରେ ? ଏବଂ ମନୁଷ୍ୟୋଚିତ କାର୍ଯ୍ୟ ମଧ୍ୟ କେଉଁଠାରେ ? ଯକ୍ଷ ଏହା ବିଚାର ନ କରି ଉତ୍କଣ୍ଠିତ ମନରେ ମେଘକୁ ପ୍ରାର୍ଥନା କଲା; ଯେହେତୁ କାମାତୁରମାନେ ପ୍ରାୟ ଚେତନ ଓ ଅଚେତନ ସମାନ ମଣିଥାନ୍ତି ।

ହେ ମେଘ ! ତୁମ୍ଭକୁ ଦେଖିବା ମାତ୍ର ପଥିକାଙ୍ଗନାମାନେ ନିଜ ନିଜ
ସ୍ୱାମୀ ପହଞ୍ଚିବାରେ ବିଶ୍ୱାସ କରିବେ ।

ତ୍ୱାମାରୂଢ଼ଂ ପବନପଦବୀମୁଦ୍‌ଗୃହୀତାଳକାନ୍ତାଃ,
ପ୍ରେକ୍ଷିଷ୍ୟନ୍ତେ ପଥିକବନିତାଃ ପ୍ରତ୍ୟୟାଦାଶ୍ୱସନ୍ତ୍ୟଃ ।
କଃ ସନ୍ନଦ୍ଧେ ବିରହବିଧୁରାଂ ତ୍ୱୟ୍ୟୁପେକ୍ଷେତ ଜାୟାଂ,
ନ ସ୍ୟାଦନ୍ୟୋଽପ୍ୟହମିବ ଜନୋ ଯଃ ପରାଧୀନବୃତ୍ତିଃ ॥ ୧୭୫ ॥ [ମେଘ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ମେଘ ! ପଥିକବନିତାଃ, ପ୍ରତ୍ୟୟାତ୍, ଆଶ୍ୱସନ୍ତ୍ୟ, ଉଦ୍‌ଗୃହୀତାଲକାନ୍ତାଃ, ସତ୍ୟଃ, ପବନପଦବୀଂ, ଆରୂଢ଼ଂ, ତ୍ୱାଂ, ପ୍ରେକ୍ଷିଷ୍ୟନ୍ତେ; ତ୍ୱୟି, ସନ୍ନଦ୍ଧେ, କଃ, ବିରହବିଧୁରାଂ, ଜାୟାଂ, ଉପେକ୍ଷେତ; ଅନ୍ୟଃ, ଅପି, ଯଃ, ଜନଃ, ଅହଂ, ଇବ, ପରାଧୀନବୃତ୍ତିଃ, ନ, ସାତ୍ ।

ଅର୍ଥ :—ହେ ମେଘ ! ପଥିକାଙ୍ଗନାମାନେ ତୁମ୍ଭଙ୍କୁ ପବନ ମାର୍ଗରେ ଯିବାର ଦେଖି ପଥିକମାନଙ୍କର ଆସିବାର ସମୟ ଜାଣି, ନିଜ ନିଜର ଅଳକା ଟେକି ତୁମ୍ଭଙ୍କୁ ଗ୍ରହି ରହିବେ; ଦେଖ ମୋହର ପରି ଯେଉଁମାନେ ପରର ଅଧୀନ ସେହିମାନେ ହିଁ ଉପେକ୍ଷା କରିବେ, ମାତ୍ର ଅପରାଧୀନମାନେ ତୁମ୍ଭେ ନିକଟବର୍ତ୍ତୀ ହେଲେ ନିଜ ନିଜର ସ୍ତ୍ରୀକୁ ଛାଡ଼ି ରହିବେ ନାହିଁ ।

ହିମାଳୟରୁ ଅଗ୍ନି ଲିଭାଇ ଦେବ ।

ତଂ ଚେଦ୍ବାୟୌ ସରତି ସରଳସ୍କନ୍ଧସଙ୍ଘଟ୍ଟଜନ୍ମା,
ବାଧେତୋଲ୍କାକ୍ଷପିତଚମରୀବାଳଭାରୋ ଦବାଗ୍ନିଃ ।
ଅର୍ହସ୍ୟେନଂ ଶମୟିତୁମଲଂ ବାରିଧାରାସହସ୍ରୈ-
ରାପନ୍ନାର୍ତ୍ତିପ୍ରଶମନଫଳାଃ ସମ୍ପଦୋ ହ୍ୟୁତ୍ତମାନାଂ ॥ ୧୭୬ ॥ [ମେଘ]

ଅନ୍ୱୟ—ହେ ମେଘ ! ବାୟୌ, ସରତି, ସରଳ-ସ୍କନ୍ଧ-ସଙ୍ଘଟ୍ଟ-ଜନ୍ମା, ଉଲ୍କାକ୍ଷପିତଚମରୀବାଳଭାରଃ, ଦବାଗ୍ନିଃ, ତଂ, ବାଧେତ, ଚେତ୍, ଏନଂ, ବାରିଧାରାସହସ୍ରୈଃ, ଶମୟିତୁଂ, ଅର୍ହସି, ଅଲଂ; ହି, ଉତ୍ତମାନାଂ, ସମ୍ପଦଃ, ଆପନ୍ନାର୍ତ୍ତି-ପ୍ରଶମନଫଳାଃ, ଭବନ୍ତି ।

ଅର୍ଥ :—ହେ ମେଘ ! ପବନାନ୍ଦୋଳିତ ଶାଳ ଓ ଶାଳର ପରସ୍ପର ଘର୍ଷଣଜନିତ ନିର୍ଦ୍ଦଗ୍ଧ ଚମରୀବାଳ ବନାଗ୍ନି ହିମାଳୟକୁ ଯଦି ପୋଡ଼ିଦିଏ, ତେବେ ତୁମ୍ଭେ ସହସ୍ର ସହସ୍ର ବାରିବିନ୍ଦୁ ବର୍ଷଣଦ୍ୱାରା ତହିଁରୁ ଅଗ୍ନି ଲିଭାଇ ଦେବ; ଯେହେତୁ ଉତ୍ତମ ଲୋକର ସମ୍ପଦ ବିପନ୍ନମାନଙ୍କର ବିପଦନିବାରକ ହୋଇ-ଥାଏ ।

GPNanda Colln., Digitized by srujanika@gmail.com

ଗୃହର ପରିଚୟ ।

ତତ୍ରାଗାରଂ ଧନପତିଗୃହାନୁତ୍ତରେଣାସ୍ମଦୀୟଂ,
ଦୂରାଲ୍ଲକ୍ଷ୍ୟଂ ସୁରପତିଧନୁଶ୍ଚାରୁଣା ତୋରଣେନ ।
ଯସ୍ୟୋପାନ୍ତେ କୃତକତନୟଃ କାନ୍ତୟା ବର୍ଦ୍ଧିତୋ ମେ,
ହସ୍ତପ୍ରାପ୍ୟସ୍ତବକନମିତୋ ବାଲମନ୍ଦାରବୃକ୍ଷଃ ॥ ୧୬୭ [ମେଘ]

ଅନ୍ୱୟ ତତ୍ର, ଧନପତିଗୃହାନ୍, ଉତ୍ତରେଣ, ଅସ୍ମଦୀୟଂ, ଆଗାରଂ; ସୁରପତିଧନୁଃ, ଚାରୁଣା, ତୋରଣେନ, ଦୂରାତ୍ ଲକ୍ଷ୍ୟଂ; ଯସ୍ୟ, ଉପାନ୍ତେ, ମେ, କାନ୍ତୟା, ବର୍ଦ୍ଧିତଃ, କୃତକତନୟଃ, ହସ୍ତପ୍ରାପ୍ୟସ୍ତବକନମିତଃ, ବାଲମନ୍ଦାରବୃକ୍ଷଃ, ଅସ୍ତି ।

ଅର୍ଥ :— ହେ ମେଘ ! ସେହି ଅଳକାପୁରୀରେ କୁବେରର ବସତିର ଉତ୍ତରଦିଗରେ ମୋହର ଗୃହ ବୋଲି ସ୍ଥିର କରିବ, ସେଠାରେ ମନୋହର ତୋରଣଦ୍ୱାର ଇନ୍ଦ୍ରଧନୁ ଦେଖାଯାଉ ଥିବ; ଏବ ମୋ ଗୃହର ନିକଟରେ ଗୋଟିଏ ଛୋଟ ମନ୍ଦାର ବୃକ୍ଷ ମୋ ଗୃହିଣୀଦ୍ୱାରା ପୁତ୍ର ପ୍ରାୟ ଯତ୍ନରେ ରୋପିତ ହୋଇଥିବାର ଦେଖିବ, ସେହି ବୃକ୍ଷ ମଧ୍ୟ ହାତ ପାଉଥିବା ସ୍ତବକ୍‌ଦ୍ୱାରା ନତ ଦେଖା ଯାଉଥିବ ।

ପୁନଶ୍ଚ ।

ଏଭିଃ ସାଧୋ ! ହୃଦୟନିହିତୈର୍ଲକ୍ଷଣୈର୍ଲକ୍ଷୟେଥାଃ,
ଦ୍ୱାରୋପାନ୍ତେ ଲିଖିତବପୁଷୌ ଶଙ୍ଖପଦ୍ମୌ ଚ ଦୃଷ୍ଟ୍ୱା ।
କ୍ଷାମଚ୍ଛାୟଂ ଭବନମଧୁନା ମଦ୍ୱିୟୋଗେନ ନୂନଂ,
ସୂର୍ଯ୍ୟାପାୟେ ନ ଖଲୁ କମଳଂ ପୁଷ୍ୟତି ସ୍ୱାମଭିଖ୍ୟାଂ ॥ ୧୬୮ ॥ [ମେଘ]

ଅନ୍ୱୟ—ହେ ସାଧୋ ! ହୃଦୟନିହିତୈଃ, ଏଭିଃ, ଲକ୍ଷଣୈଃ, ଚ, ଦ୍ୱାରୋପାନ୍ତେ, ଲିଖିତବପୁଷୌ, ଶଙ୍ଖପଦ୍ମୌ, ଦୃଷ୍ଟ୍ୱା, ନୂନଂ, ଅଧୁନା, ମଦ୍‌ବିୟୋଗେନ, କ୍ଷାମଚ୍ଛାୟଂ, ଭବନଂ, ଲକ୍ଷୟେଥାଃ; ହି, ସୂର୍ଯ୍ୟାପାୟେ, କମଳଂ, ସ୍ୱାଂ ଅଭିଖ୍ୟାଂ, ନ, ପୁଷ୍ୟତି, ଖଳୁ ।

GPNanda Colln., Digitized by srujanika@gmail.com

ଅର୍ଥ :—ହେ ମେଘ ! ପୂର୍ବୋକ୍ତ ତୋରଣାଦ ଲକ୍ଷଣ ଦ୍ୱାରା ଏବଂ ଗୃହର ଉଭୟ ପାର୍ଶ୍ୱରେ ଲିଖିତ ଶଙ୍ଖନିଧି ଓ ପଦ୍ମନିଧି ଦ୍ୱାରା ମୋ ଗୃହ ବୋଲି ନିଶ୍ଚୟ ସ୍ଥିର କରିବେ । ବର୍ତ୍ତମାନ ମୋହର ବିରହ ହେତୁ ମୋ ଗୃହରେ ଆନନ୍ଦୋ-ତ୍ସବର ଅଭାବ, ଏଣୁ ଗୃହର ଶ୍ରୀବୃଦ୍ଧି ପାଉ ନ ଥିବ, ଯେପରି କି ସୂର୍ଯ୍ୟର ଅଭାବରେ ପଦ୍ମର ଶୋଭା ନ ଥାଏ ।

ପତିବିରହିଣୀ ସ୍ତ୍ରୀର କାର୍ଯ୍ୟ ।

ଅଲୋକେ ତେ ନିପତତି ପୁରା ସା ବଳିବ୍ୟାକୁଳା ବା,
ମତ୍ସାଦୃଶ୍ୟଂ ବିରହତନୁ ବା ଭାବଗମ୍ୟଂ ଲିଖନ୍ତୀ ।
ପୃଚ୍ଛନ୍ତୀ ବା ମଧୁରବଚନାଂ ସାରିକାଂ ପିଞ୍ଜରସ୍ଥାଂ,
କଚ୍ଚିଦ୍ଭର୍ତ୍ତୁଃ ସ୍ମରସି ରସିକେ ! ତ୍ୱଂ ହି ତସ୍ୟ ପ୍ରିୟେତି ॥ ୧୭୯ ॥

[ମେଘ]

ଅନ୍ୱୟ—ହେ ମେଘ ! ତେ, ଆଲୋକେ, ସା, ପୁରା, ନିପତତି, କଥଂ-ଭୂତା, ବଳିବ୍ୟାକୁଳା, ବିରହ-ତନୁ, ଭାବଗମ୍ୟଂ, ମତ୍ସାଦୃଶ୍ୟଂ, ଲିଖନ୍ତୀ; ବା, ହେ ରସିକେ ! ଭର୍ତ୍ତୁଃ, ସ୍ମରସି, କଚ୍ଚିତ୍; ହି, ତସ୍ୟ, ତ୍ୱଂ, ପ୍ରିୟାଃ, ଇତି, ମଧୁର-ବଚନାଂ, ପିଞ୍ଜରସ୍ଥାଂ, ସାରିକାଂ, ପୃଚ୍ଛନ୍ତୀ ।

ଅର୍ଥ :—ହେ ମେଘ ! ବର୍ତ୍ତମାନ ମୋହର ପ୍ରିୟା ବାଳବଳି ଓ ଦେବା-ରାଧନାଦିରେ ବ୍ୟସ୍ତ ଥିବାର ଏବଂ ମୋହର ବିରହଜନିତ କୃଶ ଶରୀରର ପ୍ରତିମୂର୍ତ୍ତିକୁ ଭାବି ଭାବି ଲେଖୁଥିବାର ମଧ୍ୟ ଦେଖିବ । ଅଧିକ ମଧ୍ୟ ସାରିକାକୁ ପଚାରୁଥିବାର ଶୁଣିବ—ଅଲୋ ରସିକା ସାରି ! ତୋହଠାରେ ମୋ କାନ୍ତଙ୍କର ତ ବଡ ସ୍ନେହ, ଏବେ ତୁ ତାଙ୍କୁ ମନେ ପକାଉ ଅଛୁ ତ ?

ପୁନଶ୍ଚ ।

ଶେଷାନ୍ ମାସାନ୍ ବିରହଦିବସସ୍ଥାପିତସ୍ୟାବଧେର୍ବା,
ବିନ୍ୟସ୍ୟନ୍ତୀ ଭୁବି ଗଣନୟା ଦେହଲୀଦତ୍ତପୁଷ୍ପୈଃ ।

GPNanda Colln., Digitized by srujanika@gmail.com

ମସଙ୍ଗଂ ବା ହୃଦୟନିହିତାରମ୍ଭମାସ୍ୱାଦୟନ୍ତୀ,
ପ୍ରାୟେଣୈତେ ରମଣବିରହେଷ୍ୱଙ୍ଗନାନାଂ ବିନୋଦାଃ ॥ ୧୭୦ ।
[ମେଘ]

ଅନ୍ୱୟ ବା, ବିରହଦିବସ-ସ୍ଥାପିତସ୍ୟ, ଅବଧେଃ, ଶେଷାନ୍, ମାସାନ୍, ଦେହଳୀ-ଦତ୍ତ ପୁଷ୍ପୈଃ, ଗଣୟନ୍ତୀ, ଭୁବି, ବିନ୍ୟସ୍ୟନ୍ତୀ, ବା, ହୃଦୟନିହିତାରମ୍ଭଂ, ମସଙ୍ଗଂ, ଆସ୍ୱାଦୟନ୍ତୀ; ବା, ପ୍ରାୟେଣ, ରମଣବିରହେଷୁ, ଅଙ୍ଗନାନାଂ, ଏତେ, ବିନୋଦାଃ, ଭବନ୍ତି ।

ଅର୍ଥ :—ହେ ମେଘ ! ମୋର ପ୍ରିୟା, ମୋ ବିରହ ଦିବସ ମଧ୍ୟରୁ କେତେ ଦିନ ଭୋଗ ହୋଇଲାଣି ଓ କେତେ ଅବଶିଷ୍ଟ ଅଛି, ଦ୍ୱାରବନ୍ଧରେ ଫୁଲ ରଖି ଏହା ଗଣୁଥିବାର ଦେଖିବ; ଅଥବା ହୃଦୟନିହିତ ମୋହର ସମ୍ଭୋଗ ସୁଖକୁ ଆସ୍ୱାଦନ କରୁଥିବାର ଦେଖିବ । ଯେହେତୁ ରମଣ-ବିରହରେ ପ୍ରାୟ ସ୍ତ୍ରୀମାନଙ୍କର ଏହି ସବୁ ବିନୋଦ ହୋଇଥାଏ ।

ଦୂତ ପ୍ରତି ଶୁଶ୍ରୂଷା ଉପଦେଶ ।

ଭର୍ତ୍ତୁର୍ମିତ୍ରଂ ପ୍ରିୟମବିଧବେ ! ବିଦ୍ଧି ମାମମ୍ବୁବାହଂ,
ତତ୍ସନ୍ଦେଶୈର୍ହୃଦୟନିହିତୈରାଗତଂ ତ୍ୱତ୍ସମୀପଂ ।
ଯୋ ବୃନ୍ଦାନି ତ୍ୱରୟତି ପଥି ଶ୍ରାମ୍ୟତାଂ ପ୍ରୋଷିତାନାଂ,
ମନ୍ଦ୍ରସ୍ନିଗ୍ଧୈର୍ଧ୍ୱନିଭିରବଲାବେଣିମୋକ୍ଷୋତ୍ସୁକାନି ॥ ୧୭୧ ॥ [ମେଘ]

ଅନ୍ୱୟ—ହେ ଅବିଧବେ ! ମାଂ, ଭର୍ତ୍ତୁଃ, ପ୍ରିୟଂ, ମିତ୍ରଂ, ହୃଦୟନିହିତୈଃ, ତତ୍ସନ୍ଦେଶୈଃ, ତ୍ୱତ୍ସମୀପଂ, ଆଗତଂ, ଅମ୍ବୁବାହଂ, ବିଦ୍ଧି; ଯଃ, ଅବଲାବେଣିମୋକ୍ଷୋତ୍ସୁକାନି, ପଥି, ଶ୍ରାମ୍ୟତାଂ, ପ୍ରୋଷିତାନାଂ, ବୃନ୍ଦାନି, ମନ୍ଦ୍ରସ୍ନିଗ୍ଧୈଃ, ଧ୍ୱନିଭିଃ, ତ୍ୱରୟତି ।

ଅର୍ଥ :—କହିବ, ହେ ସଭର୍ତ୍ତୃକେ ! ଆମ୍ଭେ ତୁମ୍ଭ ପତିର ପ୍ରିୟ ମିତ୍ର, ସନ୍ଦେଶ ଘେନି ତୁମ୍ଭ ନିକଟକୁ ଆସିଅଛୁଁ; ଯେ ଆମ୍ଭେ ବେଣି ଫିଟାଇବାରେ

GPNanda Colln., Digitized by srujanika@gmail.com

ଉତ୍ସୁକ, ଶାନ୍ତ ଓ ପ୍ରୋଷିତ ପଥିକମାନଙ୍କୁ ସୁଶ୍ରାବ୍ୟ ମଧୁର ଗର୍ଜ୍ଜନଦ୍ୱାରା ସ୍ତ୍ରୀ ନିକଟଂ ଯିବାକୁ ଉତ୍ସାହିତ କରୁଁ, ସେହି ଅମ୍ଭଙ୍କୁ ତୁମ୍ଭ ପତିର ପ୍ରିୟ ମିତ୍ର ମେଘ ବୋଲି ଜାଣ ।

ନିଜ ପରିଚୟର ଫଳ ।

ଇତ୍ୟାଖ୍ୟାତେ ପବନତନୟଂ ମୈଥିଳୀବୋନ୍ମୁଖୀ ସା,
ତ୍ୱାମୁତ୍କଣ୍ଠୋଚ୍ଛ୍ୱସିତହୃଦୟା ବୀକ୍ଷ୍ୟ ସମ୍ଭାବ୍ୟ ଚୈବ ।
ଶ୍ରୋଷ୍ୟତ୍ୟସ୍ମାତ୍ ପରମବହିତା ସୌମ୍ୟ ! ସୀମନ୍ତିନୀନାଂ,
କାନ୍ତୋଦନ୍ତଃ ସୁହୃଦୁପଗତଃ ସଙ୍ଗମାତ୍ କିଞ୍ଚିଦୂନଃ ॥ ୧୭୬ ॥ [ମେଘ]

ଅନ୍ୱୟ--ହେ ସୌମ୍ୟ ! ଇତି, ଆଖ୍ୟାତେ, ପବନତନୟଂ, ମୈଥିଳୀ, ଇବ, ସା, ଉନ୍ମୁଖୀ, ସତୀ, ଉତ୍କଣ୍ଠୋଚ୍ଛ୍ୱସିତହୃଦୟା, ତ୍ୱାଂ, ବୀକ୍ଷ୍ୟ, ଚ, ସମ୍ଭାବ୍ୟ, ଅସ୍ମାତ୍, ପରଂ, ସର୍ବଂ, ଅବହିତା, ଶ୍ରୋଷ୍ୟତି, ଏବ; ସୀମନ୍ତିନୀନାଂ, ସୁହୃଦୁପଗତଃ, କାନ୍ତୋଦନ୍ତଃ, ସଙ୍ଗମାତ୍, କିଞ୍ଚିତ୍, ଊନଃ ।

ଅର୍ଥ !—ହେ ମେଘ ! ତୁମ୍ଭେ ଏହି ପରିଚୟ ଦେଲେ ଅଶୋକବନରେ ସୀତା ହନୂମାନକୁ ଦେଖି ସମ୍ଭାବନା କଲା ପରି ଉତ୍କଣ୍ଠିତହୃଦୟା ମୋହର ପ୍ରିୟା ଅବହିତା ହୋଇ ସମ୍ଭାବନାପୂର୍ବକ ତୁମ୍ଭର ବାକ୍ୟ ଶୁଣିବ । ଯେହେତୁ ମିତ୍ରଜନ-ଶ୍ରୁତ କାନ୍ତବୃତ୍ତାନ୍ତ ସ୍ତ୍ରୀମାନଙ୍କୁ କାନ୍ତସଙ୍ଗମରୁ କିଛି ମାତ୍ର ଊଣା ବୋଧ ହୋଇ ଥାଏ ।

କାତର ନ ହେବା ପାଇଁ କହିବ ।

ନନ୍ୱାତ୍ମାନଂ ବହୁ ବିଗଣୟନ୍ନାତ୍ମନୈବାବଲମ୍ବେ,
ତତ୍ କଲ୍ୟାଣି ! ତ୍ୱମପି ନିତରାଂ ମାଗମଃ କାତରତ୍ୱଂ ।
କସ୍ୟାତ୍ୟନ୍ତଂ ସୁଖମୁପଗତଂ ଦୁଃଖମେକାନ୍ତତୋ ବା,
ନୀଚୈର୍ଗଚ୍ଛତ୍ୟୁପରି ଚ ଦଶା ଚକ୍ରନେମୀକ୍ରମେଣ ॥ ୧୭୭ ॥ [ମେଘ]

GPNanda Colln., Digitized by srujanika@gmail.com

ଅନ୍ୱୟ—ନନୁ, ବହୁ, ବିଗଣୟନ୍, ଆତ୍ମାନଂ, ଆତ୍ମନା, ଏବ, ଅବଲମ୍ବେ, ତତ୍, ହେ କଲ୍ୟାଣି ! ତ୍ୱଂ, ଅପି, ନିତରାଂ, କାତରତ୍ୱଂ, ମା, ଗମଃ; କସ୍ୟ, ଅତ୍ୟନ୍ତଂ, ସୁଖଂ, ଉପଗତଂ, ବା, ଏକାନ୍ତତଃ, ଦୁଃଖଂ, ହି, ଦଶା, ଚକ୍ରନେମିକ୍ରମେଣ, ନୀଚୈଃ; ଚ, ଉପରି, ଗଚ୍ଛତି, ଏବ ।

ଅର୍ଥ :—ହେ ମେଘ ! କହିବ, 'ହେ ପ୍ରିୟେ' ମୁଁ ଶାପାନ୍ତରେ କଣ କଣ କରିବି ଏହା ନିଜେ ନିଜେ ଭାବି ତହିଁରୁ ନିଜେ ନିଜେ ନିବୃତ୍ତ ହେଉଅଛି । ହେ କଲ୍ୟାଣି, ତୁମ୍ଭେ ମଧ୍ୟ ବିଶେଷ କାତର ହୁଅ ନାହିଁ; ଯେହେତୁ କାହାର ଏକବାରେ ସୁଖ ଓ କାହାର ଏକବାରେ ଦୁଃଖ । ଶଗଡ଼ ଚକ ତଳରୁ ଉପରକୁ ବୁଲିଲା ପରି ଲୋକର ସୁଖ ଓ ଦୁଃଖ ଭୋଗ ହୋଇଥାଏ ।

ଭାରତୀୟ କବିମାନଙ୍କଦ୍ୱାରା କାଳିଦାସ କବିତାର ପ୍ରଶଂସା ।

କେ ବା ରସାଲମୁକୁଲେଷ୍ୱଲିଝଙ୍କୃତାନି, ଶୃଣ୍ୱନ୍ତି କାମରବଧୂ କଳକଣ୍ଠନାଦାନ୍ ।
କୁଞ୍ଜେଷୁ ମଞ୍ଜୁକଳକୋକିଳକୂଜିତଂ ବା, ଶ୍ରୀ କାଳିଦାସକବିତାସୁ ରସଂ ନଯାନ୍ତି ।
। ୧୭୪ ॥ [ଅଦ]

କୁଣ୍ଡିନ ନଗରୀ ।

ପରିଖାବଳୟଚ୍ଛଳେନ ଯା, ନ ପରେଷାଂ ଗ୍ରହଣସ୍ୟ ଗୋଚରା ।
ଫଣିଭାଷିତଭାଷ୍ୟଫକ୍କିକା, ବିଷମା କୁଣ୍ଡଳନାମବାପିତା ॥ ୧୭୫ ॥
[ନୈଷଧ]

ଅନ୍ୱୟ—ଯା, ପରିଖାବଳୟଚ୍ଛଳେନ, ପରେଷାଂ, ଗ୍ରହଣସ୍ୟ, ଗୋଚରା, ନ; ଅତଃ, ଏବ, ବିଷମା, ଫଣିଭାଷିତଭାଷ୍ୟଫକ୍କିକା, କୁଣ୍ଡଳନାଂ, ଅବାପିତା ।

ଅର୍ଥ :—ଯାହାକି କୁଣ୍ଡିନ ନଗରୀ ଜଳୀବେଷ୍ଟନଛଳରେ ଶତ୍ରୁ-ମାନଙ୍କର ଅଗମ୍ୟା ହୋଇଥିଲା, ସେ ଜାଣ କୁଣ୍ଡଳାକୃତି ଯୋଗେ ଫଣୀ-ବିରଚିତ ମହାଭାଷ୍ୟର ଫକ୍କିକା (ଫାଙ୍କି) ସ୍ୱରୂପ କୁଣ୍ଡଳୀ ଚିହ୍ନ ହେଲା; ଯେହେତୁ କୁଣ୍ଡଳୀ ଚିହ୍ନ ପଣ୍ଡିତମାନଙ୍କର ଅବୋଧ ଅଟେ ।

GPNanda Colln., Digitized by srujanika@gmail.com

ଅନୁରୂପ ଶ୍ଳୋକ ।

ସ ବେଳାବପ୍ରବଳୟାଂ ପରିଖୀକୃତସାଗରାଂ ।
ଅନନ୍ୟଶାସନାମୁର୍ବୀଂ ଶଶାସୈକପୁରୀମିବ ॥ ୧୭୬ ॥ [ରଘୁ]

ଅନ୍ୱୟ—ସଃ, ବେଳାବପ୍ରବଳୟାଂ, ପରିଖୀକୃତସାଗରାଂ, ଅନନ୍ୟଶାସନାଂ, ଉର୍ବୀଂ, ଏକପୁରୀଂ, ଇବ, ଶଶାସ ।,

ଅର୍ଥ :—ରାଜା ଦିଲୀପ ପ୍ରାକାର-ବେଷ୍ଟିତ ସମୁଦ୍ର-କୂଳ, ସମୁଦ୍ର ସ୍ୱରୂପ ଜଳୀବେଷ୍ଟିତ, ଏକାଧିପତ୍ୟ ଶାସିତ ପୃଥିବୀକୁ ଗୋଟିଏ ନଗରୀ ପରି ଅନାୟାସରେ ପ୍ରତିପାଳନ କଲେ ।

ଦମୟନ୍ତୀ ବିରହରେ କବିର ଉକ୍ତି ।

ନିବସତେ ଯଦି ଶୂକଶିଖା ପଦେ, ସୃଜତି ସା କିୟତୀମିବ ନ ବ୍ୟଥାଂ ।
ମୃଦୁତନୋର୍ବିତନୋତୁ କଥଂ ନୁ ତାମବନିଭୃତ୍ତୁ ନିବିଶ୍ୟ ହୃଦିସ୍ଥିତଃ ॥୧୭୭॥
[ନୈଷ]

ଅନ୍ୱୟ—ଶୂକଶିଖା, ପଦେ, ନିବସତେ, ଯଦି, ସା, କିୟତୀଂ, ଇବ, ବ୍ୟଥାଂ, ନ ସୃଜତି; ମୃଦୁତନୋଃ ! ହୃଦି, ନିବିଶ୍ୟ, ସ୍ଥିତଃ, ଅବନିଭୃତ୍, ତୁ, ତାଂ, କଥଂ. ନ, ବିତନୋତୁ ।

ଅର୍ଥ :—ଗୋଟିଏ ସାମାନ୍ୟ ଧାନଶିଂଷା ଅଗ୍ରଭାଗ ପାଦରେ ବାଜିଲେ ବଡ଼ କଷ୍ଟ ବୋଧ ହୋଇଥାଏ, ତେବେ ପର୍ବତ ସମାନ ନଳ କୋମଳାଙ୍ଗୀ ଦମୟନ୍ତୀର ହୃଦୟରେ ପ୍ରବେଶ କରିଥିବା ସ୍ଥଳରେ ଅବା କି କଷ୍ଟ ବୋଧ ହେଉ ନ ଥିବ !

ପୁନଶ୍ଚ ।

ଅନଳ ଭାବମିୟଂ ସ୍ୱନିବାସିନୋ, ନ ବିରହସ୍ୟ ରହସ୍ୟମବୁଧ୍ୟତ ।
ପ୍ରଶମନାୟ ବିଧାୟ ତୃଣାନ୍ୟସୂନ୍, ଜ୍ୱଳତି ତତ୍ର ଯଦୁଜ୍ଝିତୁମୈହତ ॥ ୧୭୮ ॥
[ନୈଷ]

ଅନ୍ୱୟ—ଇୟଂ, ସ୍ୱନିବାସିନଃ, ବିରହସ୍ୟ, ରହସ୍ୟଂ, ଅନଳଭାବ, ନ, ଅବୁଧ୍ୟତ; ଯତ୍, ତତ୍ର, ଜ୍ୱଳତି, ପ୍ରଶମନାୟ, ଅସୂନ୍, ତୃଣାନି, ବିଧାୟ, ଉଜ୍ଝିତୁଂ, ଐହତ ।

GPNanda Colln., Digitized by srujanika@gmail.com

ଅର୍ଥ :—ଦମୟନ୍ତୀ ସ୍ୱଗତ ବିରହବହ୍ନିଜନିତ ଦୁଃଖକୁ ଅଗ୍ନି-ବୋଲି ଭାବି ପାରି ନ ଥିଲା, ଯେହେତୁ ସେହି ବିରହ ଅଗ୍ନିର ଶାନ୍ତି ସକାଶେ ନିଜର ପ୍ରାଣକୁ ତୃଣ ପରି ତୁଚ୍ଛ ଜ୍ଞାନ କରି ସେହି ପ୍ରଜ୍ୱଳିତ ବିରହାନଳରେ ପକାଇ ଦେଲା ।

ପୁନଶ୍ଚ ।

ସ୍ୱବିରହତାପିନ ଚନ୍ଦନପାଂଶୁଭିର୍ବପୁଷି ସାର୍ପିତପାଣ୍ଡିମମଣ୍ଡନା ।
ବିଷଧରାଭବିଷାଭରଣା ଦଧେ, ରତିପତିଂ ପ୍ରତି ଶମ୍ଭୁବିଡମ୍ବିକାଂ ॥ ୧୭୯ ॥

[ନୈଷଧ]

ଅନ୍ୱୟ—ସା, ସ୍ୱବିରହତାପିନ, ବପୁଷି, ଚନ୍ଦନପାଂଶୁଭିଃ, ଅର୍ପିତପାଣ୍ଡିମ-ମଣ୍ଡନା, ବିଷଧରାଭବିଷାଭରଣା, ରତିପତିଂ, ପ୍ରତି, ଶମ୍ଭୁବିଡମ୍ବିକାଂ, ଦଧେ ।

ଅର୍ଥ :—ସେହି ଦମୟନ୍ତୀ ବିରହତାପର ଶାନ୍ତି ସକାଶେ ଚନ୍ଦନ ବୋଳିଦେଲା ଓ ସର୍ପ ତୁଲ୍ୟ ପଦ୍ମମୃଣାଳ ପରିଧାନ କଲା; ଏଣୁ ସେ ଶୁକ୍ଳ ଓ ସର୍ପବଳୟବିଭୂଷିତ ଶିବଙ୍କ ପରି ବେଶଭୂଷିତ ହୋଇ କନ୍ଦର୍ପକୁ ଭସ୍ମ କରି ଦେବ ବୋଲି ଜାଣି ପଡ଼ୁ ଦେଖାଇଲା ।

ପୁନଶ୍ଚ ।

ରତିପତିପ୍ରହିତାନିଳହେତିତାଂ, ପ୍ରତିୟତୀ ସୁଦତୀ ମଳୟାନିଳେ ।
ତଦୁରୁତାପଭୟାତ୍‌ମୃଣାଳିକାମୟମିୟଂ ଭୁଜଗାସ୍ତ୍ରମିବାଦଧତ ॥ ୧୮୦ ॥

[ନୈଷଧ]

ଅନ୍ୱୟ—ଇୟଂ, ସୁଦତୀ, ମଳୟାନିଳେ, ରତିପତିପ୍ରହିତାନିଳହେତିତାଂ, ପ୍ରତିୟତୀ; ତଦୁରୁତାପଭୟାତ୍-ମୃଣାଳିକାମୟଂ, ଭୁଜଗାସ୍ତ୍ରଂ, ଅଦଧତ, ଇବ ।

ଅର୍ଥ :—ସେହି ଦମୟନ୍ତୀ ପଦ୍ମମୃଣାଳ ପରିଧାନ କରିବାରୁ ସର୍ପ ବିଭୂଷିତ ହେଲା ପରି ଦେଖାଗଲା, ସେ ଜାଣି ମଳୟ ପବନକୁ କନ୍ଦର୍ପପ୍ରେରିତ ବାୟବ୍ୟାସ୍ତ୍ର ମନେ କରି ତଜ୍ଜାତ ତାପ ଭୟରେ ମୃଣାଳିକାରୂପ ପନ୍ନଗାସ୍ତ୍ର ଧାରଣ କଲା ।

GPNanda Colln., Digitized by srujanika@gmail.com

ଚନ୍ଦ୍ରୋପାଲମ୍ଭ ।

୧

ହୃଦ ଲୁଠନ୍ତି କଳାନିତରାମମୂର୍ବିରହିଣୀ-ବଧପଙ୍କକ-ଲଙ୍କିତା ।
କୁମୁଦସଖ୍ୟକୃତସ୍ତୁ ବହିଷ୍କୃତାଃ, ସଖି ! ବିଲୋକୟ ଦୁର୍ବିନୟଂ ବିଧୋଃ ॥୧୮୧॥
[ନୈଷଧ]

ଅନ୍ୱୟ—ହେ ସଖି ! ବିରହିଣୀବଧପଙ୍କକଳଙ୍କିତାଃ, ଅସ୍ୟ, କଳାଃ, ହୃଦ, ନିତରାଂ, ଲୁଠନ୍ତି; ତୁ, କୁମୁଦସଖ୍ୟକୃତଃ, ବହିଷ୍କୃତାଃ; ଅତଃ ବିଧୋଃ, ଦୁର୍ବିନୟଂ, ବିଲୋକୟ ।

ଅର୍ଥ :—ଦମୟନ୍ତୀ—ଅଲୋ ସଖି ! ବିରହିଣୀମାନଙ୍କର ବଧ ସ୍ୱରୂପ ପାପରେ କଳୁଷିତ ଏହି ଚନ୍ଦ୍ରର କିରଣ ମୋ ହୃଦୟରେ ପଡ଼ି ନିତାନ୍ତ କଷ୍ଟ ଦେଉଅଛି, ଦେଖ ଏହି ଚନ୍ଦ୍ର ବାହାରରେ କୁମୁଦବାନ୍ଧବ ବୋଲି ପରିଚୟ ଦେଉଅଛି । ଅଲୋ ! ପାପିମାନେ ନିଜର ପାପ ଅଂଶ ଗୋପନ କରି ଲୋକରେ ନିଜର ବିଶୁଦ୍ଧତାର ପରିଚୟ ଦେଇଥାନ୍ତି, ଅଲୋ ! ଏହି ଚନ୍ଦ୍ରର କେଡ଼େ ଧୃଷ୍ଟତା ଦେଖ୍ ମ ।

ପୁନଶ୍ଚ ।

ଅୟି ! ବିଧୁଂ ପରିପୃଚ୍ଛ ଗୁରୋଃ କୁତଃ,
ସ୍ଫୁଟମଶିକ୍ଷ୍ୟତ ଦାହବଦାନ୍ୟତା ।
ଗ୍ଲପିତଶମ୍ଭୁଗଳାଦ୍ ଗରଳାତ୍ତ୍ୱୟା,
ଜଳଧିଜଡ଼ ! ବା ବଡ଼ବାନଳାଦ୍ ॥ ୧୮୨ ॥ [ନୈଷଧ]

ଅନ୍ୱୟ—ଅୟି ସଖି ! ବିଧୁଂ, ପରିପୃଚ୍ଛ, ରେ ଜଡ଼ ! ତ୍ୱୟା, ଦାହବଦାନ୍ୟତା, ଗ୍ଲପିତ ଶମ୍ଭୁଗଳାତ୍, ଗରଳାତ୍, କିଂ, ବା, ଉଦଧୌ, ବଡ଼ବାନଳାତ୍, କୁତଃ, ଗୁରୋଃ, ସ୍ଫୁଟଂ, ଅଶିକ୍ଷ୍ୟତ ।

ଅର୍ଥ :—ଦମୟନ୍ତୀ—ଅଲୋ ସଖି ! ତୁ ଚନ୍ଦ୍ରକୁ ପଚାର, ରେ ଜଡ଼ ତୁ କଣ ନୀଳମାକୃତ ଶିବଙ୍କ ଗଳଦେଶ ବିଷ, କିମ୍ବା ସମୁଦ୍ର ମଧ୍ୟସ୍ଥିତ ବଡ଼ବାଗ୍ନି,

GPNanda Colln., Digitized by srujanika@gmail.com

ଅଥବା ଅନ୍ୟ କୌଣସି ଗୁରୁଙ୍କଠାରୁ ଏହି ଦାହଦାତୃତା ପଣ ସ୍ପଷ୍ଟଭାବରେ ଶିକ୍ଷା କଲୁ ।

ପୁନଶ୍ଚ ।

ତ୍ୱମଭିଧେହି ବିଧୁଂ ସଖି ! ମଦ୍‌ଗିରା, କିମିଦମୀଦୃଗଧର୍ମ୍ମକ୍ରିୟୁତେ ତ୍ୱୟା ।
ନ ଗଣିତଂ ଯଦି ଜନ୍ମ ପୟୋନିଧୌ, ହରଶିରଃସ୍ଥିତିଭୂରପି ବିସ୍ମୃତା ॥ ୮୩ ॥
[ନୈଷଧ]

ଅନ୍ୱୟ—ହେ ସଖି ! ତ୍ୱଂ, ମଦ୍‌ଗିରା, ବିଧୁଂ, ଇଦଂ, ଅଭିଧେହି; ତ୍ୱୟା, ଈଦୃକ୍, କିଂ, ଅଧର୍ମ୍ମକ୍ରିୟୁତେ, ଯଦି, ପୟୋନିଧୌ, ଜନ୍ମ, ନ, ଗଣିତଂ, ହରଶିରଃସ୍ଥିତିଭୂଃ, ଅପି, ବିସ୍ମୃତା, କିଂ ।

ଅର୍ଥ :—ଆଲୋ ସଖି ! ମୁଁ କହୁଛି ବୋଲି ତୁ ଚନ୍ଦ୍ରକୁ ପଚାର, ଆରେ ଚନ୍ଦ୍ର ବିୟୋଗିନୀ ବଧରୂପ ପାପ କର୍ମ୍ମ ତୁ କାହିଁକି କରୁଅଛୁ, ଆରେ ତୁ ଯଦି ବା ନିଜକୁ ମହାକୁଳ କ୍ଷୀରାବ୍ଧିର ପୁତ୍ରବୋଲି ନ ଗଣିଲୁ ତେବେ ତୁ କଣ ମହତ୍ତମ ମହାଦେବଙ୍କ ଶିରଃସ୍ଥିତିରୂପ ଫସର୍ଗମର୍ଯ୍ୟାଦା ଏକାବେଳକେ ଭୁଲିଗଲୁ ।

ପୁନଶ୍ଚ ।

ନିପତିତାପି ନ ମନ୍ଦରଭୂଭୃତା, ତ୍ୱମୁଦଧୌ ଶଶଲାଞ୍ଛନ ! ଚୂର୍ଣ୍ଣିତଃ ।
ଅପି ମୁନେର୍ଜଠରାର୍ଚ୍ଚିଷି ଜୀର୍ଣ୍ଣତାଂ, ବତ ଗତୋଽସି ନ ପୀତ ପୟୋନିଧେଃ ॥ ୮୪ ॥
[ନୈଷଧ]

ଅନ୍ୱୟ—ହେ ଶଶଲାଞ୍ଛନ ! ଉଦଧୌ, ନିପତିତା, ମନ୍ଦରଭୂଭୃତା, ଅପି, ତ୍ୱଂ, ନ, ଚୂର୍ଣ୍ଣିତଃ; ବତ ! ପୀତପୟୋନିଧେଃ, ମୁନେଃ, ଜଠରାର୍ଚ୍ଚିଷି, ଜୀର୍ଣ୍ଣତାଂ, ଅପି, ନ, ଗତଃ, ଅସି ।

ଅର୍ଥ :—ଆରେ ଚନ୍ଦ୍ର ! ତୁ ସମୁଦ୍ରମନ୍ଥନ ସମୟରେ ମନ୍ଥନ ଦଣ୍ଡ ମନ୍ଦରଗିରିଦ୍ୱାରା ଚୂର୍ଣ୍ଣ ହେଲୁ ନାହିଁ ? କିମ୍ବା ସମୁଦ୍ର ପିବା ଅଗସ୍ତି ମହର୍ଷିଙ୍କ-ପେଟରେ ଯାହାକ ଜୀର୍ଣ୍ଣ ନ ହେଲୁ ବଡ଼ ଦୁଃଖର ବିଷୟ ।

GPNanda Colln., Digitized by srujanika@gmail.com

ସଖୀ ପ୍ରତି ଦମୟନ୍ତୀର ଉକ୍ତି ।

ଅୟି ! ମମୈଷ ଚକୋର ଶିଶୁର୍ମୁନେର୍ବ୍ରଜତି ସିନ୍ଧୁପିବସ୍ୟ ନ ଶିଷ୍ୟତାଂ ।
ଅଶିତୁମବ୍ଧିମଧୀତବତୋଽସ୍ୟ ବା, ଶଶିକରାଃ ପିବତଃ କତି ଶୀକରାଃ ॥୧୮୫॥
[ନୈଷଧ]

ଅନ୍ୱୟ—ଅୟି ସଖି ! ଏଷଃ, ମମ, ଚକୋରଶିଶୁଃ, ସିନ୍ଧୁପିବସ୍ୟ, ମୁନେଃ, ଶିଷ୍ୟତାଂ, ନ, ବ୍ରଜତି; ଅବ୍ଧିଂ, ଅଶିତୁଂ, ଅଧୀତବତଃ, ପିବତଃ, ଅସ୍ୟ, ଶଶିକରାଃ, କତି, ବା, ଶୀକରାଃ ।

ଅର୍ଥ :—ଅଲୋ ସଖି ! ଏହି ମୋହର ଚକୋର ପିଲାଟି ସମୁଦ୍ରପିବା ଅଗସ୍ତିଙ୍କର ଶିଷ୍ୟ ହେଉ ନାହିଁ ? ତେବେ ସେ ସମୁଦ୍ର ପିଇବାର ଶିକ୍ଷା ପାଇଲେ ବେଳେ ଚନ୍ଦ୍ରର କେତେ ଅବା ଶୀତଳ କିରଣ ଯେ ତାକୁ ରଖନ୍ତା ?

ପୁନଶ୍ଚ ।

କୁରୁ କରେ ଗୁରୁମେକମୟୋଧନଂ, ବହିରିତୋମୁକୁରଞ୍ଚ କୁରୁଷ୍ୱ ମେ ।
ବିଶତି ତତ୍ର ଯଦୈବ ବିଧୁସ୍ତଦା, ସଖି ! ସୁଖାଦହିତଂ ଜହି ତଂ ଦ୍ରୁତଂ ॥୧୮୬॥
[ନୈଧ]

ଅନ୍ୱୟ—ହେ ସଖି ! ତ୍ୱଂ, କରେ, ଏକଂ, ଗୁରୁଂ, ଅୟୋଧନଂ, କୁରୁ; ଚ, ଇତଃ, ମେ ମୁକୁରଂ, ବହିଃ, କୁରୁଷ୍ୱ; ତତ୍ର, ବିଧୁଃ, ଯଦା, ଏବ, ବିଶତି; ତଦା, ସୁଖାତ୍, ତଂ, ଅହିତଂ, ଦ୍ରୁତଂ, ଜହି ।

ଅର୍ଥ :—ଅଲୋ ସଖି ! ତୁ ଗୋଟାଏ ବୃହତ୍ ଲୁହାବାଡ଼ି ଧର ମୋହର ଦର୍ପଣ ନେଇ ବାହାରେ ଦେଖା, ଯେତେବେଳେ କି ସେହି ଚନ୍ଦ୍ର ତହିଁରେ ଦେଖା ଦେବ, ତେତେବେଳେ ମୋହର ସେହି ଶତ୍ରୁକୁ ଶୀଘ୍ର ବାଡ଼େଇ ମାରି ଦେ ।

ସଖୀର ଦମୟନ୍ତୀ ପ୍ରତି ଉକ୍ତି ।

ଭଜ ଧୃତିଂ ତ୍ୟଜ ଭୀତିମହେତୁକାମୟମଚଣ୍ଡମରୀଚିରୁଦଞ୍ଚତି ।
ଜ୍ୱଲୟତି ସ୍ଫୁଟମାତପମୁର୍ମୁରୈରନୁଭବଂ ବଚସା ସଖି ! ଲୁମ୍ପସି ॥ ୧୮୭ ॥
[ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ଦମୟନ୍ତି ! ଅୟଂ, ଅଭଣ୍ରମସୀତଃ, ଉଦୟତି, ଧୃତିଂ, ଭଜ;

ଦମୟନ୍ତୀ—ହେ ସଖି ! ଅୟଂ, ଅତପସ୍ମର୍ମୃଗୈଃ, ହୃତ୍ବ୍ରଂ, ଜ୍ୱଲୟତି; ବତସା, ଅନୁଭବଂ, ଲୁମ୍ପତି ।

ଅର୍ଥ :—ସଖୀ—ଅଲୋ ଦମୟନ୍ତି ! ଏ ସୂର୍ଯ୍ୟ ନୁହେ ମ, ବରଂ ଶୀତଳ-କରଣ ଚନ୍ଦ୍ର ଉଦୟ ହୋଇଅଛି, ବୃଥା ଭୟ କର ନା, ଧୈର୍ଯ୍ୟ ଧର ।

ଦମୟନ୍ତୀ—ଅଲୋ ସଖି ! ଏହି ଚନ୍ଦ୍ରକିରଣ ଗୁଡ଼ାକ ମୁରୁମୁରିଆ ଭୂଷା-ନଳ ପରି ପୋଡ଼ି ପକାଉଅଛି, ଏଣୁ ମୋହର ଚେତନ ଲୋପ ପାଇଲାଣି, ମୁଁ ଆଉ କିଛି କହି ପାରିବି ନାହିଁ ।

ଦମୟନ୍ତୀର ମୂର୍ଚ୍ଛାରେ ସଖୀମାନଙ୍କର ଶୁଶ୍ରୂଷା ।

ଅଧିତ କାପି ମୁଖେ ସଲିଲଂ ସଖୀ, ପ୍ୟଧିତ କାପି ସରୋଜଦଲୈଃ ସ୍ତନୌ ।
ବ୍ୟଧିତ କାପି ହୃଦି ବ୍ୟଜନାନିଲଂ, ନ୍ୟଧିତ କାପି ହିମଂ ସୁତନୋସ୍ତନୌ ॥ ୧୧୮॥
[ନୈଷଧ]

ଅନ୍ୱୟ—କା, ଅପି, ସଖୀ, ସୁତନୋଃ, ମୁଖେ, ସଲିଲଂ, ଅଧିତ; କା, ଅପି, ସରୋଜଦଲୈଃ, ସ୍ତନୌ, ପ୍ୟଧିତ; କା, ଅପି, ହୃଦି, ବ୍ୟଜନାନିଲଂ, ବ୍ୟଧିତ; କା, ଅପି, ତନୌ, ହିମଂ ନ୍ୟଧିତ ।

ଅର୍ଥ :—କେହି ସଖୀ ମୂର୍ଚ୍ଛିତା ଦମୟନ୍ତୀଙ୍କ ମୁହଁରେ ଜଳ ଦେଲା, କେହି ସଖୀ ପଦ୍ମପତ୍ରରେ ଦମୟନ୍ତୀର ସ୍ତନ ଘୋଡ଼ାଇ ଦେଲା, କେହି ସଖୀ ପଙ୍ଖା ଧରି ଦମୟନ୍ତୀଙ୍କୁ ବିଞ୍ଚିଲା ଓ କେହି ସଖୀ ଦମୟନ୍ତୀ ଦେହରେ ଚନ୍ଦନ ବୋଳି ଦେଲା ।

ପୁନଶ୍ଚ ।

ଉପଚଚାର ଚରଂ ମୃଦୁଶୀତଳୈର୍ଜଳଜନାଲମୃଣାଳଜଳାଦିଭିଃ ।
ପ୍ରିୟସଖୀନିବହଃ ସ ତଥାକ୍ରମାଦପ୍ୟମବାପ ଯଥା ଲଘୁଚେତନାଂ ॥ ୧୮୯ ॥
[ନୈଷଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ସଃ, ପ୍ରିୟସଖୀନିବହଃ, ମୃଦୁଶୀତଳୈଃ, ଜଳଜନାଳମୃଣାଳ-ଜଳାଦୟଃ, ତରଂ, କ୍ରମାତ୍, ଉପଚଚାର, ଯଥା, ଇୟଂ ଲବ୍ଧଚେତନାଂ, ଅବାପ ।

ଅର୍ଥ :—ସେହି ପ୍ରିୟ ସଖୀମାନେ ମୃଦୁ ଶୀତଳ ପଦ୍ମ, ପଦ୍ମନାଡ଼ ଓ ଚନ୍ଦନାଦିଦ୍ୱାରା ଦମୟନ୍ତୀର ଚୈତନ୍ୟ ଲାଭ ସକାଶେ ଶୁଶ୍ରୂଷା କଲେ; ତଦ୍ୱାରା ଦମୟନ୍ତୀ ମଧ୍ୟ ସାମାନ୍ୟ ଚୈତନ୍ୟ ଲାଭ କଲା ।

ସଖୀମାନଙ୍କର ପରସ୍ପର ଉକ୍ତି ।

ଅୟି କଳେ ! କଳୟ ଶ୍ୱସିତି ସ୍ଫୁଟଂ ଚଳ ଚ ପଙ୍କ ଚଳେ ! ପରାଭବୟ ।
ଅଧର କମ୍ପନମୁନ୍ନୟ ମେନକେ ! କିମପି ଜଳ୍ପତି କଳ୍ପଲତେ ! ଶୃଣୁ ॥୧୯୦॥

[ନୈଷଧ]

ଅନ୍ୱୟ—ହେ କଳେ ! ସ୍ଫୁଟଂ, ଶ୍ୱସିତି, କଳୟ, ହେ ଚଳେ ! ପଙ୍କ, ଚଳତ, ପରାଭବୟ, ହେ ମେନକେ ! ଅଧରକମ୍ପନଂ, ଉନ୍ନୟ; ହେ କଳ୍ପଲତେ ! ଇୟଂ, କିଂ, ଅପି, ଜଳ୍ପତି, ଶୃଣୁ ।

ଅର୍ଥ :—ଅଲୋ କଳା ! ଦମୟନ୍ତୀ ସ୍ପଷ୍ଟ ନିଃଶ୍ୱାସ ମରୁଛି କି ବାଚାଲ; ଅଲୋ ଚଳା ! ଦମୟନ୍ତୀର ଅକ୍ଷିପତା ଚଳୁଛି କି ଦେଖ୍‌ମ; ଅଲୋ ମେନକା ! ଦମୟନ୍ତୀର ଓଠ ଥରୁଛି ପରା ଦେଖ୍‌ମ; ଅଲୋ କଳ୍ପଲତା ! ଦମୟନ୍ତୀ ତ କଣ କହୁଛି ପରି ଜଣା ଯାଉଛି ଶୁଣ ମ ।

ପୁନଶ୍ଚ ।

ରଚୟ ଚାରୁମତି ! ସ୍ତନୟୋର୍ବୃତିଂ, ଗଣୟ କେଶିନି ! କୈଶ୍ୟମସଂଯତଂ ।
ଅବଗୃହାଣ ତରଙ୍ଗିଣି ! ନେତ୍ରୟୋର୍ଜଳଝରାବତ ଶୁଶ୍ରୂବରେ ଗିରଃ ॥୧୯୧॥

[ନୈଷଧ]

ଅନ୍ୱୟ—ହେ ଚାରୁମତି ! ସ୍ତନୟୋଃ, ବୃତିଂ, ରଚୟ; ହେ କେଶିନି ! ଅସଂଯତଂ, କୈଶ୍ୟଂ, ଗଣୟ; ହେ ତରଙ୍ଗିଣି ! ନେତ୍ରୟୋଃ, ଜଳଝରୌ, ଅବଗୃହାଣ; ଇତି, ଗିରଃ, ଶୁଶ୍ରୂବରେ ।

GPNanda Colln., Digitized by srujanika@gmail.com

ଅର୍ଥ :—ଅନ୍ଲେ ଶୁଭ୍ରମତ ! ଦମୟନ୍ତୀର କୂଚ ଘୋଡ଼ାଇ ଦେ; ଅନ୍ଲେ କେଶିନ ! ଦମୟନ୍ତୀର ବାଳ ଫିଟି ଯାଇଛି ବାନ୍ଧ ଦେ; ଅନ୍ଲେ ତରଙ୍ଗିଣି ! ଦମୟନ୍ତୀର ଅଖିରୁ ଲୁହ ବୋହୁଛି ପୋଛି ଦେ, ଏହି ସବୁ କଥା ବାର୍ତ୍ତ ରାଜା ଭୀମଙ୍କୁ ଶୁଣାଗଲା ।

ଚନ୍ଦ୍ୟାନ୍ତଃପୁରକୁ ରାଜା ଭୀମଙ୍କର ଆଗମନ ।

କଲକଲଃ ସ ତଦାଲଜନାନନାଦୁଦଲସତ୍ ବିପୁଲସ୍ତୁରତେରତୈଃ ।
ଯମଧିଗମ୍ୟ ସୁତାଲୟମେତବାନ୍, ଦ୍ରୁତତରଃ ସ ବିଦର୍ଭପୁରନ୍ଦରଃ ॥ ୧୯୬ ॥

[ନୈଷଧ]

ଅନ୍ୱୟ—ତଦା, ଆଳଜନାନନାତ୍, ତ୍ୱରତେରତୈଃ ବିପୁଲଃ, ସଃ, କଲକଲଃ, ଉଦଲସତ୍; ଯଂ, ଅଧିଗମ୍ୟ, ସଃ, ବିଦର୍ଭପୁରନ୍ଦରଃ, ସୁତାଲୟଂ ଏତବାନ୍ ।

ଅର୍ଥ :—ସେହି ସମୟରେ ସଖୀମାନଙ୍କ ମୁଖରୁ ପୁନଃ ପୁନଃ ଭୁମୁଳ ଧ୍ୱନି ଜାତ ହେଉଥିବାର ଶୁଣି ବିଦର୍ଭ ଦେଶର ରାଜା ଭୀମ ଶୀଘ୍ର ଦୁହିତା ଗୃହରେ ପହଞ୍ଚିଲେ ।

ମନ୍ତ୍ରୀ ଓ ବୈଦ୍ୟଙ୍କର ରାଜାଙ୍କ ପ୍ରତି ଉକ୍ତି ।

କନ୍ୟାନ୍ତଃପୁରବାଧନାୟ ଯଦଧୀକାରାନ୍ନ ଦୋଷା ନୃପଂ,
ଦ୍ୱୌ ମନ୍ତ୍ରିପ୍ରବରସ୍ଚ ତୁଲ୍ୟମଗଦଂକାରସ୍ଚ ତାବୂଚତୁଃ ।
ଦେବାକର୍ଣ୍ଣୟ ସୁଶ୍ରୁତେନ ଚରକସ୍ୟୋକ୍ତେନ ଜାନେଽଖିଳଂ,
ସ୍ୟାଦସ୍ୟାଃ ନଳଦଂ ବିନା ନ ଦଳନେ ତାପସ୍ୟ କୋଽପି କ୍ଷମଃ ॥୧୯୭॥

[ନୈଷଧ]

ଅନ୍ୱୟ—ଯଦଧୀକାରାତ୍, ଦୋଷାଃ, କନ୍ୟାନ୍ତଃପୁରବାଧନାୟ, ନ, ଭବନ୍ତି; ଚ, ଅଗଦଂକାରଃ, ମନ୍ତ୍ରିପ୍ରବରଃ, ଚ, ତୌ, ଦ୍ୱୌ, ନୃପଂ, ତୁଲ୍ୟଂ, ଊଚତୁଃ; ହେ ଦେବ !, ଆକର୍ଣ୍ଣୟ, ସୁଶ୍ରୁତେନ, ଚରକସ୍ୟ, ଉକ୍ତେନ, ଅଖିଳଂ, ଜାନେ; ଅସ୍ୟାଃ, ତାପସ୍ୟ, ଦଳନେ, ନଳଦଂ, ବିନା, କଃ, ଅପି, କ୍ଷମଃ, ନ, ସ୍ୟାତ୍ ।

GPNanda Colln., Digitized by srujanika@gmail.com

ଅର୍ଥ :— ଯେଉଁ ମନ୍ତ୍ରିଙ୍କ ଅଧିକାର ହେତୁ ବ୍ୟଭିଚାର ଦୋଷ ଓ ଯେଉଁ ବୈଦ୍ୟଙ୍କ ସୁଦକ୍ଷତା ହେତୁ କନ୍ୟାନ୍ତଃପୁରରେ ତ୍ରିଦୋଷଜନିତ ରୋଗ ମଧ୍ୟ ପ୍ରବେଶ ନ ଥିଲା, ସେହି ଶ୍ରେଷ୍ଠ ମନ୍ତ୍ରୀ ଓ ରାଜବୈଦ୍ୟ ଉଭୟ ସମସ୍ୱରରେ କହିଲେ—ମହାରାଜ ! ଆପଣ ଶୁଣିବା ହେଉନ୍ତୁ, ଅମ୍ଭେ ଉତ୍ତମ ଗୁରୁ ମୁଖରୁ ଶୁଣିଅଛୁଁ ଓ ଚରକ ଏବଂ ସୁଶ୍ରୁତ ଗ୍ରନ୍ଥରୁ ମଧ୍ୟ ସମସ୍ତ ବିଷୟ ଅବଗତ ଅଛୁଁ, ଏହି ଦମୟନ୍ତୀର ତାପ ଶାନ୍ତି ସକାଶେ ନଳଦ ଓ ବେଣାମୂଳ ବିନା କୌଣସି ଔଷଧ ଗୁଣ କରିବ ନାହିଁ ।

ନୈଷଧର ପ୍ରତିସର୍ଗ ଶେଷରେ କବିଙ୍କର ପରିଚୟ ।

ଶ୍ରୀହର୍ଷଂ କବିରାଜରାଜିମୁକୁଟାଲଙ୍କାରହୀରଃ ସୁତଂ,
ଶ୍ରୀହୀରଃ ସୁଷୁବେ ଜିତେନ୍ଦ୍ରିୟଚୟଂ ମାମଲ୍ଲଦେବୀ ଚ ଯଂ ।
ତଚ୍ଚିନ୍ତାମଣିମନ୍ତ୍ରଚିନ୍ତନଫଲେ ଶୃଙ୍ଗାରଭଙ୍ଗ୍ୟା ମହା-
କାବ୍ୟେ ଚାରୁଣି ନୈଷଧୀୟଚରିତେ ସାର୍ଦ୍ଧଂଶସର୍ଗୋଗତଃ ॥୧୯୪॥ [ନୈଧ]

ଅନ୍ୱୟ—କବିରାଜ-ରାଜ-ମୁକୁଟାଲଙ୍କାରହୀରଃ, ଶ୍ରୀହୀରଃ, ଚ, ମାମଲ୍ଲଦେବୀ, ଯଂ, ଜିତେନ୍ଦ୍ରିୟଚୟଂ, ଶ୍ରୀହର୍ଷଂ, ସୁତଂ, ସୁଷୁବେ; ତ-ଚ୍ଚିନ୍ତାମଣି-ମନ୍ତ୍ର-ଚିନ୍ତନ-ଫଳେ, ଚାରୁଣି, ନୈଷଧୀୟଚରିତେ, ମହାକାବ୍ୟେ, ଶୃଙ୍ଗାରଭଙ୍ଗ୍ୟା, ସାର୍ଦ୍ଧଂଶସର୍ଗଃ, ଗତଃ ।

ଅର୍ଥ :—ଶ୍ରେଷ୍ଠ କବିମାନଙ୍କ ମୁକୁଟାଲଙ୍କାରର ହୀରକ ସ୍ୱରୂପ ଶ୍ରୀହୀର ଓ ମାମଲ୍ଲଦେବୀ ଦୁହେଁ ଯେଉଁ ଜିତେନ୍ଦ୍ରିୟଚୟ ଶ୍ରୀହର୍ଷ ନାମକ ପୁତ୍ରଙ୍କୁ ଜାତ କରିଥିଲେ ତାହାଙ୍କ ଚିନ୍ତାମଣି ମନ୍ତ୍ରର ଚିନ୍ତନ ଫଳରେ ଶୃଙ୍ଗାର ରସବିଳାସ ମନୋହର ନଳଚରିତ ମହାକାବ୍ୟରେ ଏହି ସାର୍ଦ୍ଧଂଶସର୍ଗ ଶେଷ ହେଲା ।

ଇତି ପ୍ରଥମ ପରିଚ୍ଛେଦ ।

———

GPNanda Colln., Digitized by srujanika@gmail.com

ଅଥ ଦ୍ୱିତୀୟ ରହସ୍ୟଂ ।

ବଟୈଶ୍ଚ ମାଳିର କାର୍ଯ୍ୟ ସହିତ ରାଜନୀତିର ତୁଳନା ।

ଉତ୍ଖାତାନ୍ ପ୍ରତିରୋପୟନ୍ କୁସୁମିତାଂଶ୍ଚିନ୍ଵନ୍ ଶିଶୂନ୍ ବର୍ଦ୍ଧୟନ୍,
ପ୍ରୋତ୍ତୁଙ୍ଗାନ୍ନମୟନ୍ ନତାନ୍ ସମୁଦୟନ୍ ବିଶ୍ଳେଷୟନ୍ ସଂହତାନ୍ ।
ତୀବ୍ରାନ୍ କଣ୍ଟକିନୋ ବହିର୍ନିୟମୟନ୍ ମ୍ଲାନାନ୍ ମୁହୁଃ ସେଚୟନ୍,
ମାଳାକାର ଇବ ପ୍ରୟୋଗନିପୁଣୋ ରାଜା ଚିରଂ ନନ୍ଦତୁ ॥୧୯୬॥ [ନବରତ୍ନ]

ଅନ୍ୱୟ—ଉତ୍ଖାତାନ୍, ପ୍ରତିରୋପୟନ୍, କୁସୁମିତାନ୍, ଚିନ୍ଵନ୍, ଶିଶୂନ୍, ବର୍ଦ୍ଧୟନ୍, ପ୍ରୋତ୍ତୁଙ୍ଗାନ୍, ନମୟନ୍, ନତାନ୍, ସମୁଦୟନ୍, ସଂହତାନ୍, ବିଶ୍ଳେଷୟନ୍ ତୀବ୍ରାନ୍, କଣ୍ଟକିନଃ, ବହିଃ, ନିୟମୟନ୍, ମ୍ଲାନାନ୍, ମୁହୁଃ, ସେଚୟନ୍, ମାଳାକାରଃ, ଇବ, ପ୍ରୟୋଗ-ନିପୁଣଃ, ରାଜା, ଚିରଂ, ନନ୍ଦତୁ ।

ଅର୍ଥ ;—ଉପୁଡ଼ି ପଡ଼ିଥିବା ଗଛକୁ ରୋପଣ କରିବା ମାଳିର ଓ ଉତ୍ସନ୍ନ ହୋଇ ଯାଇଥିବା ପ୍ରଜାଙ୍କୁ ରକ୍ଷା କରିବା ରାଜାଙ୍କର, ଫୁଟିଥିବା ଗଛରୁ ଫୁଲ ତୋଳିବା ମାଳିର ଓ ସଫଳ ପ୍ରଜାଙ୍କଠାରୁ ଶୁଳ୍କ ସଂଗ୍ରହ କରାଇବା ରାଜାଙ୍କର, ଛୋଟ ଛୋଟ ଗଛକୁ ବଢ଼ାଇବା ମାଳିର ଓ ଛୋଟ ଛୋଟ ବାଳକମାନଙ୍କର ଭବିଷ୍ୟତ୍ ଉନ୍ନତିର ଚେଷ୍ଟା କରିବା ରାଜାଙ୍କର, ଡେଙ୍ଗା ଡେଙ୍ଗା ଗଛକୁ ନତ କରିବା ମାଳିର ଓ ଉଦ୍ଧତ ପ୍ରଜାଙ୍କୁ ନତମସ୍ତକ କରାଇବା ରାଜାଙ୍କର, ନତ ବୃକ୍ଷମାନଙ୍କୁ ଉତ୍ତୋଳନ କରିବା ମାଳିର ଓ ରାଜଭକ୍ତ ପ୍ରଜାମାନଙ୍କର ଉନ୍ନତିକାମନା କରିବା ରାଜାଙ୍କର, ବୃକ୍ଷର ଘନିଷ୍ଠତା ପତଳା କରିଦେବା ମାଳିର ଓ ମେଳ କରିଥିବା ପ୍ରଜାମାନଙ୍କର ମେଳ ଭଙ୍ଗାଇ ଦେବା ରାଜାଙ୍କର, ତୀବ୍ରକଣ୍ଟାବୃକ୍ଷ

GPNanda Colln., Digitized by srujanika@gmail.com

ବୃକ୍ଷକୁ ଉପାଡ଼ି ଫିଙ୍ଗି ଦେବା ମାଳୀର ଓ ରାଜବିଦ୍ରୋହୀ ପ୍ରଜାମାନଙ୍କୁ ନିର୍ବାସିତ କରାଇବା ରାଜାଙ୍କର, ଝାଉଁଳି ଯାଇଥିବା ଗଛମୂଳରେ ବାରମ୍ବାର ଜଳ ଦେବା ମାଳୀର ଓ ଗରିବ ପ୍ରଜାମାନଙ୍କୁ ପୁନଃ ପୁନଃ ଅର୍ଥ ସାହାଯ୍ୟ କରିବା ରାଜାଙ୍କର କାର୍ଯ୍ୟ ଅଟେ । ଅତଏବ ମାଳାକାର ପରି କାର୍ଯ୍ୟକୁଶଳ ରାଜା ଚିରଦିନ ଆନନ୍ଦ ଅନୁଭବ କରନ୍ତି ।

ସ୍ୱାର୍ଥପରତା ପରର ହିତକୁ ଅପେକ୍ଷା କରେ ନାହିଁ ।

ପରାର୍ଥାନୁଷ୍ଠାନେ ଜଡ଼ୟତି ନୃପଂ ସ୍ୱାର୍ଥପରତା,
ପରିତ୍ୟକ୍ତସ୍ୱାର୍ଥୋ ନିୟତମୟଥାର୍ଥଃ କ୍ଷିତିପତିଃ ।
ପରାର୍ଥଶ୍ଚେତ୍ସ୍ୱାର୍ଥାଦଭିମତତରୋ ହନ୍ତ ପରବାନ୍,
ପରାୟତ୍ତଃ ପ୍ରୀତେଃ କଥମପି ରସଂ ବେତ୍ତି ପୁରୁଷଃ ॥୧୯୬॥ [ମୁଦ୍ରାରାକ୍ଷସ]

ଅନ୍ୱୟ—ସ୍ୱାର୍ଥପରତା, ପରାର୍ଥାନୁଷ୍ଠାନେ, ନୃପଂ, ଜଡ଼ୟତି; ପରିତ୍ୟକ୍ତ-ସ୍ୱାର୍ଥଃ, କ୍ଷିତିପତିଃ, ନିୟତଂ, ଅଯଥାର୍ଥଃ; ପରାର୍ଥଃ, ସ୍ୱାର୍ଥାତ୍, ଅଭିମତତରଃ, ଚେତ୍, ହନ୍ତ !, ପରବାନ୍; ପରାୟତ୍ତଃ, ପୁରୁଷଃ, ପ୍ରୀତେଃ, ରସଂ, କଥଂ, ଅପି, ବେତ୍ତି ।

ଅର୍ଥ :— ସ୍ୱାର୍ଥପରତା ପ୍ରଜାମାନଙ୍କ ହିତରେ ପ୍ରାୟ ରାଜାମାନଙ୍କୁ ବାଧା ଦେଇଥାଏ । ରାଜା ସ୍ୱାର୍ଥଶୂନ୍ୟ ହେଲେ ରାଜପଦର ସାର୍ଥକତା ନ ଥାଏ । ରାଜା ଯଦି ସ୍ୱାର୍ଥଶୂନ୍ୟ ହୋଇ ପ୍ରଜାର ହିତ କାମନା କରନ୍ତି, ତେବେ ତାହାଙ୍କୁ ପ୍ରଜାର ଅଧୀନ ହେବାକୁ ପଡ଼ିଥାଏ । ଅତଏବ ରାଜା ପରାୟତ୍ତ ହେଲେ ତାହାଙ୍କର କେବେ ସୁଖ ଆନନ୍ଦ ନ ଥାଏ ।

ନିଗ୍ରହାନୁଗ୍ରହସମର୍ଥ ରାଜାଙ୍କର ସମସ୍ତେ ବଶୀଭୂତ ହୁଅନ୍ତି ।

ଅବନ୍ଧ୍ୟକୋପସ୍ୟ ବିହନ୍ତୁରାପଦାଂ, ଭବନ୍ତି ବଶ୍ୟାଃ ସ୍ୱୟମେବ ଦେହିନଃ ।
ଅମର୍ଷଶୂନ୍ୟେନ ଜନସ୍ୟ ଜନ୍ତୁନା, ନ ଜାତହାର୍ଦ୍ଦେନ ନ ବିଦ୍ୱିଷାଦରଃ ॥୧୯୭॥
[କିରାତାର୍ଜ୍ଜୁନୀୟ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଦେହିନଃ, ଅବନ୍ଧ୍ୟ-କୋପସ୍ୟ, ଆପଦାଂ, ହନ୍ତୁଃ, ସ୍ୱୟଂ, ଏବ, ବଶ୍ୟାଃ, ଭବନ୍ତି; ଅମର୍ଷଶୂନ୍ୟେନ ଜନ୍ତୁନା, ଜାତହାର୍ଦ୍ଦେନ, ସତା, ଜନସ୍ୟ, ଆଦରଃ; ନ, ବିଦ୍ୱିଷା, ସତା, ଜନସ୍ୟ, ଦରଃ, ନ ।

ଅର୍ଥ :—ଯେଉଁ ରାଜାଙ୍କ କ୍ରୋଧରେ ଲୋକର ସର୍ବନାଶ ଓ ଯାହାଙ୍କ ଅନୁଗ୍ରହରେ ଐଶ୍ୱର୍ଯ୍ୟ ଲାଭ ହୋଇଥାଏ, ସେହି ରାଜାଙ୍କର ସମସ୍ତେ ବଶୀଭୂତ ହୋଇଥାନ୍ତି, ମାତ୍ର ନିଗ୍ରହାନୁଗ୍ରହ-ସାମର୍ଥ୍ୟରହିତ ରାଜାଙ୍କ ସ୍ନେହରେ କାହାର ଆଦର କିମ୍ବା ବିରକ୍ତିରେ କାହାର ଭୟ ମଧ୍ୟ ନ ଥାଏ ।

ବିକ୍ରମହୀନ ରାଜାଙ୍କର ପଦେ ପଦେ ଆପଦ୍ ।

ବିପଦୋଽଭିଭବନ୍ତ୍ୟବିକ୍ରମଂ, ରହୟତ୍ୟାପଦୁପେତମାୟତିଃ ।
ନିୟତା ଲଘୁତା ନିରାୟତେରଗରୀୟାନ୍ ପଦଂ ନୃପଶ୍ରିୟଃ ॥୧୯୮॥ [କିରା]

ଅନ୍ୱୟ—ବିପଦଃ, ଅବିକ୍ରମଂ, ଅଭିଭବନ୍ତି; ଆୟତିଃ, ଆପଦୁପେତଂ, ରହୟତି; ନିରାୟତେଃ, ଲଘୁତା, ନିୟତା; ଅଗରୀୟାନ୍, ନୃପଶ୍ରିୟଃ, ପଦଂ, ନ ।

ଅର୍ଥ :—ବଳହୀନ ରାଜାଙ୍କୁ ବିପଦ୍ ଆକ୍ରମଣ କରେ, ବିପନ୍ନରାଜାଙ୍କର ପରିଣାମ ମନ୍ଦ ହୁଏ ଓ ପଦେ ପଦେ ମାନହାନି ହୁଏ, ପରିଶେଷରେ ମାନହୀନ ରାଜା, ରାଜଲକ୍ଷ୍ମୀର ଅଯୋଗ୍ୟ ହୁଅନ୍ତି ।

ପ୍ରତାପ ସମୟର କାର୍ଯ୍ୟ ଅଟେ ।

ସମବୃତ୍ତିରୁପୈତିମାର୍ଦ୍ଦବଂ, ସମୟେ ଯଶ୍ଚ ତନୋତି ତିଗ୍ମତାଂ ।
ଅଧିତିଷ୍ଠତି ଲୋକମୋଜସା, ସ ବିବସ୍ୱାନିବ ମେଦିନୀପତିଃ ॥୧୯୯॥ [କିରା]

ଅନ୍ୱୟ—ଯଃ, ସମବୃତ୍ତିଃ, ସନ୍, ସମୟେ, ମାର୍ଦ୍ଦବଂ, ଚ, ତିଗ୍ମତାଂ, ତନୋତି, ସଃ, ମେଦିନୀପତିଃ, ଓଜସା, ବିବସ୍ୱାନ୍, ଇବ, ଲୋକଂ, ଅଧିତିଷ୍ଠତି ।

ଅର୍ଥ :—ଯେଉଁ ରାଜା ସମୟରେ ପ୍ରତାପୀ ଓ ସମସ୍ତ ସମୟରେ ସହନଶୀଳ ହୁଅନ୍ତି, ସେହି ସୂର୍ଯ୍ୟ ତୁଲ୍ୟ ରାଜାଙ୍କ ବଳରେ ଜଗତ୍ ଅଧିକୃତ ହୁଏ ।

GPNanda Colln., Digitized by srujanika@gmail.com

ପରାକ୍ରମ କ୍ରୋଧଶାନ୍ତିର ଅଳଙ୍କାର ଅଟେ ।

ଶୁଚି ଭୂଷୟତି ଶ୍ରୁତଂ ବପୁଃ, ପ୍ରଶମସ୍ତସ୍ୟ ଭବତ୍ୟଲଂକ୍ରିୟା ।
ପ୍ରଶମାଭରଣଂ ପରାକ୍ରମଃ, ସ ନୟାପାଦିତସିଦ୍ଧିଭୂଷଣଃ ॥୨୦୦॥ [କିରା]

ଅନ୍ୱୟ—ଶୁଚି, ଶ୍ରୁତଂ, ବପୁଃ, ଭୂଷୟତି; ପ୍ରଶମଃ, ତସ୍ୟ, ଅଲଂକ୍ରିୟା, ଭବତି; ନୟାପାଦିତ-ସିଦ୍ଧିଭୂଷଣଃ, ସଃ, ପରାକ୍ରମଃ, ପ୍ରଶମାଭରଣଂ, ଭବତି ।

ଅର୍ଥ :—ସାମ୍ପ୍ରଦାୟିକ ଶାସ୍ତ୍ରପଠନ ଦେହର ଅଳଙ୍କାର, କ୍ରୋଧଶାନ୍ତି ପଠନର ଅଳଙ୍କାର ଏବଂ ବିବେକ ଓ ସିଦ୍ଧିରୂପ ଭୂଷଣଭୂଷିତ ପରାକ୍ରମ କ୍ରୋଧଶାନ୍ତିର ଅଳଙ୍କାର ଅଟେ ।

ବୁଝି ବିଚାରି କାର୍ଯ୍ୟ କରିବା ଲୋକର ଆପଦର ଶଙ୍କା ନ ଥାଏ ।

ସହସା ବିଦଧୀତ ନ କ୍ରିୟା-ମବିବେକଃ ପରମାପଦାଂ ପଦଂ ।
ବୃଣତେ ହି ବିମୃଷ୍ୟକାରିଣଂ, ଗୁଣଲୁବ୍ଧାଃ ସ୍ୱୟମେବ ସମ୍ପଦଃ ॥ ୨୦୧ ॥
[କିରା]

ଅନ୍ୱୟ—କ୍ରିୟାଂ; ସହସା, ନ, ବିଦଧୀତ; ଅବିବେକଃ, ଆପଦାଂ, ପରଂ, ପଦଂ; ହି, ଗୁଣଲୁବ୍ଧାଃ, ସମ୍ପଦଃ, ବିମୃଷ୍ୟକାରିଣଂ, ସ୍ୱୟଂ, ଏବ, ବୃଣତେ ।

ଅର୍ଥ :—ବିଚାରବାନ୍ ଲୋକର ଆପଦର ଭୟ ନ ଥାଏ, ଅବିଚାରୀ ଲୋକ ପଦେ ପଦେ ଆପଦଗ୍ରସ୍ତ ହୁଏ; ଏଣୁ ବିଚାର ନ କରି କୌଣସି କାର୍ଯ୍ୟ ଶୀଘ୍ର କରିବା ଉଚିତ ନୁହେ । ଯେହେତୁ ବିଚାରକୁଶଳ ଲୋକକୁ ଲକ୍ଷ୍ମୀ ଛାଡ଼ନ୍ତି ନାହିଁ ।

ଅସମୟ କ୍ରୋଧର ମନସ୍ତାପହିଁ ଫଳ ।

ଅତିପାତିତକାଳସାଧନା, ସ୍ୱଶରୀରେନ୍ଦ୍ରିୟବର୍ଗତାପିନୀ ।
ଜନବନ୍ନ ଭବନ୍ତ୍ୟମର୍ଷତା, ନୟହୀନେଭ୍ୟପରଜ୍ୟତେ ॥ ୨୦୨ ॥ [କିରା]

GPNanda Colln., Digitized by srujanika@gmail.com

ଅନ୍ୱୟ—ଅନ୍ତପାତ୍ତ-କାଳ-ସାଧନା, ସ୍ୱଶରୀରେନ୍ଦ୍ରିୟବର୍ଗତାପିକା, ଅକ୍ଷମା, ଭବନ୍ତଂ, ଜନବତ୍, ନୟବିଦ୍ଭିଃ, ଅପନେତୁଂ, ନ, ଅର୍ହତି ।

ଅର୍ଥ :—ଭୀମଙ୍କ କ୍ରୋଧ ଦେଖି ଯୁଧିଷ୍ଠିରଙ୍କର ଉକ୍ତି—ଭ୍ରାତ ଭୀମ ! ତୁମ୍ଭର ଏହି ଅସମୟ କ୍ରୋଧ ସମୟ ଓ ସହାୟର ଅପେକ୍ଷା କରୁ ନାହିଁ, କେବଳ ତୁମ୍ଭ ଶରୀର ଓ ଇନ୍ଦ୍ରିୟମାନଙ୍କୁ ସନ୍ତାପିତ କରାଉଅଛି; କାରଣ ସେହି ଅସମୟ କ୍ରୋଧ ତାହାର କର୍ତ୍ତବ୍ୟ ମାତ୍ରରୁ ଇତରଲୋକ ପରି ତୁମ୍ଭଙ୍କୁ ମଧ୍ୟ ଭ୍ରଷ୍ଟ କରାଉ ନାହିଁ ।

ହିତ ଓ ମନୋହର ବାକ୍ୟ ପ୍ରାୟ ବିରଳ ।

କ୍ରିୟାସୁ ଯୁକ୍ତୈର୍ନୃପ ! ଚାରଚକ୍ଷୁଷୋନ ବଞ୍ଚନୀୟାଃ ପ୍ରଭବୋଽନୁଜୀବିଭିଃ ।
ଅତୋଽର୍ହସି କ୍ଷନ୍ତୁମସାଧୁ ସାଧୁ ବା ହିତଂ ମନୋହାରି ଚ ଦୁର୍ଲଭଂ ବଚଃ ॥ ୨୦୩ ॥

[କିଃ]

ଅନ୍ୱୟ—ହେ ନୃପ ! କ୍ରିୟାସୁ, ଯୁକ୍ତୈଃ, ଅନୁଜୀବିଭିଃ, ଚାରଚକ୍ଷୁଷଃ, ପ୍ରଭବଃ, ନ, ବଞ୍ଚନୀୟାଃ; ଅତଃ, ସାଧୁ, ବା, ଅସାଧୁ, କ୍ଷନ୍ତୁଂ, ଅର୍ହସି; ହିତଂ, ଚ, ମନୋହାରି, ବଚଃ, ଦୁର୍ଲଭଂ ।

ଅର୍ଥ :— ଯୁଧିଷ୍ଠିରଙ୍କ ପ୍ରତି ବନଚରର ଉକ୍ତି—ମହାରାଜ ! କର୍ତ୍ତବ୍ୟନିଷ୍ଠ ଭୃତ୍ୟମାନେ ଚାରଚକ୍ଷୁ ରାଜାମାନଙ୍କୁ ପ୍ରତାରଣା କରି କହିବା ଉଚିତ ନୁହେ । ଏଣୁ ମୁଁ ଯାହା କ କହିବ ତାହା ସତ୍ ହେଉ ବା ଅସତ୍ ହେଉ ଆପଣ କ୍ଷମା ଦେବେ, ଯେହେତୁ ହିତ ଓ ମନୋହର ବାକ୍ୟ ପ୍ରାୟଶଃ ବିରଳ

ରାଜା ଓ ମନ୍ତ୍ରିଙ୍କର ପରସ୍ପର ଅନୁକୂଳହିଁ ଶ୍ରେୟ ।

ସ କିଂସଖା ସାଧୁ ନ ଶାସ୍ତି ଯୋଽଧିପଂ, ହିତାନ୍ନ ଯଃ ସଂଶୃଣୁତେ ସ କିଂପ୍ରଭୁଃ ।
ସଦାନୁକୂଲେଷୁ ହି କୁର୍ବତେ ରତିଂ, ନୃପେଷ୍ୱମାତ୍ୟେଷୁ ଚ ସର୍ବସମ୍ପଦଃ ॥ ୨୦୪ ॥

[କିଃ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଯଃ, ଅଶ୍ୱପଂ, ସାଧୁ, ନ, ଶାସ୍ତି, ସଃ, ଵଂସୟା; ଯଃ, ପ୍ରଭୁଃ, ହିତାନ୍, ନ, ଶୃଣୁତେ, ସଃ, ବଂପ୍ରଭୁଃ; ଚ, ସଦ୍ଵସମ୍ପଦଃ, ନୃପେଷୁ, ଚ, ଅମାତ୍ୟେଷୁ, ଅନୁକୂଲେଷୁ, ସଦା, ରତିଂ, କୁର୍ବତେ ।

ଅର୍ଥ :—ଯେଉଁ ମନ୍ତ୍ରୀ ରାଜାଙ୍କୁ ସଦୁପଦେଶ ନ ଦିଏ, ସେ କୁତ୍ସିତ ମନ୍ତ୍ରୀ ଓ ଯେଉଁ ରାଜା ମନ୍ତ୍ରୀର ସଦୁପଦେଶ ଗ୍ରହଣ ନ କରେ, ସେ ମଧ୍ୟ କୁତ୍ସିତ ରାଜା; ଯେହେତୁ ରାଜା ଓ ମନ୍ତ୍ରୀ ପରସ୍ପର ପ୍ରତି ଅନୁକୂଳ ଥିଲେ ରାଜଲକ୍ଷ୍ମୀ ନିଷ୍ଚଳା ରହନ୍ତି ।

ମନ୍ତ୍ରୀ କାର୍ଯ୍ୟକୁଶଳ ରାଜାଙ୍କର ମନ୍ତ୍ରିତ୍ୱ ଗ୍ରହଣ କରି ଯଶସ୍ୱୀ ହୁଅନ୍ତି ।

ଦ୍ରବ୍ୟଂ ଜଗୀଷୁମଧିଗମ୍ୟ ଜଡ଼ାତ୍ମକୋଽପି,
ନେତୁର୍ଯଶସ୍ୱିନ ପଦେନୟତା ପ୍ରତିଷ୍ଠାଂ ।
ଅଦ୍ରବ୍ୟମେତ୍ୟ ତୁ ବିବିକ୍ତନୟୋଽପି ମନ୍ତ୍ରୀ,
ଶୀର୍ଣ୍ଣାଶ୍ରୟଃ ପତତି କୂଳଜବୃକ୍ଷବୃତ୍ତ୍ୟା ॥ ୧୦୫ ॥ [ମୁଦ୍ର]

ଅନ୍ୱୟ—ଜଗୀଷୁଂ, ଦ୍ରବ୍ୟଂ, ଅଧିଗମ୍ୟ, ଜଡ଼ାତ୍ମକଃ, ନେତୁଃ, ଅପି, ଯଶସ୍ୱିନପଦେ, ପ୍ରତିଷ୍ଠା, ନିୟତା; ତୁ, ମନ୍ତ୍ରୀ, ବିବିକ୍ତନୟଃ, ଅପି, ଅଦ୍ରବ୍ୟଂ, ଏତ୍ୟ, କୂଳଜବୃକ୍ଷବୃତ୍ତ୍ୟା, ଶୀର୍ଣ୍ଣାଶ୍ରୟଃ, ସନ୍, ପତତି ।

ଅର୍ଥ :—ଅନଭିଜ୍ଞ ମନ୍ତ୍ରୀ ଜଗୀଷୁ ରାଜାଙ୍କର ମନ୍ତ୍ରିତ୍ୱ ଗ୍ରହଣ କଲେ, ଯଶସ୍ୱିପଦରେ ପ୍ରତିଷ୍ଠିତ ହୁଅନ୍ତି ଏବଂ ଅଭିଜ୍ଞ ମନ୍ତ୍ରୀ ଅନଭିଜ୍ଞ ରାଜାର ମନ୍ତ୍ରିତ୍ୱ ଗ୍ରହଣ କଲେ, ନଦୀକୂଳ ବୃକ୍ଷର ଆଶ୍ରୟହୀନତା ହେତୁ ପତନ ପରି ମନ୍ତ୍ରୀଙ୍କର ମଧ୍ୟ ପତନ ଘଟିଥାଏ ।

ରାଜା ଓ ମନ୍ତ୍ରୀ ଉଭୟଙ୍କର ଉଚ୍ଛୃଙ୍ଖଳତା ପତନର ହେତୁ ଅଟେ ।

ଅତ୍ୟୁଚ୍ଛ୍ରିତେ ମନ୍ତ୍ରିଣି ପାର୍ଥିବେ ଚ, ବିଷ୍ଟଭ୍ୟ ପାଦାବୁପତିଷ୍ଠତେ ଶ୍ରୀଃ ।
ସା ସ୍ତ୍ରୀସ୍ୱଭାବାଦସହା ଭରସ୍ୟ, ତୟୋର୍ଦ୍ୱୟୋରେକତରଂ ଜହାତି ।୧୦୬॥
[ମୁଦ୍ର]

GPNanda Colln., Digitized by srujanika@gmail.com

ଅନ୍ୱୟ—ମନ୍ତ୍ରିଣି, ଚ, ପାର୍ଥିବେ, ଅତ୍ୟୁଚ୍ଛ୍ରିତେ, ଶ୍ରୀଃ, ପାଦୌ, ବିଷ୍ଟଭ୍ୟ, ଉପତିଷ୍ଠତେ; ସା, ସ୍ତ୍ରୀସ୍ୱଭାବାତ୍, ଭରସ୍ୟ, ଅସହା, ସତୀ, ତୟୋଃ, ଦ୍ୱୟୋଃ, ଏକତରଂ, ଜହାତି ।

ଅର୍ଥ :—ରାଜା ଓ ମନ୍ତ୍ରୀ ପରସ୍ପର ଉଚ୍ଛୃଙ୍ଖଳଭାବରେ କାର୍ଯ୍ୟ କଲେ ରାଜଲକ୍ଷ୍ମୀ ପାଦ ଟେକ ଠିଆ ହୋଇ ରହନ୍ତି, ଏବଂ ସ୍ତ୍ରୀସ୍ୱଭାବ ହେତୁ ସେ ଦୁହିଙ୍କର ଭାର ସହି ନ ପାରି ପରଶେଷରେ ଲକ୍ଷ୍ମୀ ଏକପକ୍ଷ ତ୍ୟାଗ କରିବାକୁ ବାଧ୍ୟ ହୁଅନ୍ତି ।

ମନ୍ତ୍ରିଙ୍କର ସ୍ୱାଧୀନେଚ୍ଛା ପ୍ରାୟ ରାଜାଙ୍କର ଅନିଷ୍ଟାପେକ୍ଷୀ ହୋଇଥାଏ ।

ଏକଂ ଭୂମିପତିଃ କରୋତି ସଚିବଂ ରାଜ୍ୟେ ପ୍ରଧାନଂ ଯଦା,
ତଂ ମୋହାତ୍ ଶ୍ରୟତେ ମଦଃ ସ ଚ ମଦାଲସ୍ୟେନ ନିର୍ବିଦ୍ୟତେ ।
ନିର୍ବିଣ୍ଣସ୍ୟ ପଦଂ କରୋତି ହୃଦୟେ ତସ୍ୟ ସ୍ୱତନ୍ତ୍ରସ୍ପୃହା,
ସ୍ୱାତନ୍ତ୍ର୍ୟସ୍ପୃହୟା ତତଃ ସ ନୃପତେଃ ପ୍ରାଣାନ୍ତିକଂ ଦ୍ରୁହ୍ୟତି ॥ ୧୦୭ ॥

[ମୁଦ୍ର]

ଅନ୍ୱୟ—ଯଦା, ଭୂମିପତିଃ, ରାଜ୍ୟେ, ଏକଂ, ପ୍ରଧାନଂ, ସଚିବଂ, କରୋତି, ମୋହାତ୍, ମଦଃ, ତଂ, ଆଶ୍ରୟତେ; ଚ, ମଦାଲସ୍ୟେନ, ସଃ, ନିର୍ବିଦ୍ୟତେ; ନିର୍ବିଣ୍ଣସ୍ୟ, ତସ୍ୟ, ହୃଦୟେ, ସ୍ୱତନ୍ତ୍ରସ୍ପୃହା, ପଦଂ, କରୋତି; ତତଃ, ସ୍ୱାତନ୍ତ୍ର୍ୟସ୍ପୃହୟା, ସଃ, ନୃପତେଃ, ପ୍ରାଣାନ୍ତିକଂ, ଦ୍ରୁହ୍ୟତି ।

ଅର୍ଥ :—ଯେଉଁ ସମୟରେ ଯାହାକୁ ରାଜା ରାଜ୍ୟର ପ୍ରଧାନ ମନ୍ତ୍ରୀ ପଦରେ ନିଯୁକ୍ତ କରିଥାନ୍ତି, ସେତେବେଳେ ତାହାକୁ ମୋହହେତୁକ ଗର୍ବ ଆଶ୍ରୟ କରିଥାଏ । ଅନନ୍ତର ରାଜା ଓ ମନ୍ତ୍ରିଙ୍କ ମଧ୍ୟରେ ଭେଦସୃଷ୍ଟି ଜାତ ହୋଇ ମନ୍ତ୍ରିଙ୍କ ମନରେ ସ୍ୱାଧୀନକ୍ଷମତା ଜାଗରୂକ କରାଏ; ସ୍ୱାଧୀନେଚ୍ଛା ଜାତ ହେବାରୁ ମନ୍ତ୍ରୀ ରାଜାଙ୍କ ପ୍ରାଣ ବିନାଶ ପ୍ରଭୃତି ଦ୍ରୋହ ଆଚରଣ କରିଥାନ୍ତି ।

୭

GPNanda Colln., Digitized by srujanika@gmail.com

ଲୋକବ୍ୟବହାରାନଭିଜ୍ଞ ରାଜା ମନ୍ତ୍ରୀବ୍ୟତିରେକେ
ରାଜ୍ୟ ଚଳାଇବାକୁ ଅକ୍ଷମ ହୁଅନ୍ତି ।

ନୃପୋଽପକୃଷ୍ଟଃ ସଚିବାତ୍ତଦର୍ପଣଃ, ସ୍ତନନ୍ଧୟୋଽତ୍ୟନ୍ତ ଶିଶୁଃ ସ୍ତନାଦିବ ।
ଅଦୃଷ୍ଟଲୋକବ୍ୟବହାରମୂଢ଼ଧୀ ର୍ମୁହୂର୍ତ୍ତମପ୍ୟୁତ୍ସହତେ ନ ବର୍ତ୍ତିତୁଂ ॥ ୨୦୮ ॥
[ମୁଦ୍ର]

ଅନ୍ୱୟ—ସଚିବାତ୍, ଅପକୃଷ୍ଟଃ, ତଦର୍ପଣଃ, ଅଦୃଷ୍ଟଲୋକବ୍ୟବହାର-ମୂଢ଼ଧୀଃ, ନୃପଃ, ସ୍ତନନ୍ଧୟଃ, ଅତ୍ୟନ୍ତ ଶିଶୁଃ, ସ୍ତନାତ୍, ଇବ, ମୁହୂର୍ତ୍ତଂ, ଅପି, ବର୍ତ୍ତିତୁଂ, ନ, ଉତ୍ସହତେ ।

ଅର୍ଥ :—ଯେଉଁ ରାଜା ଲୋକବ୍ୟବହାର ନ ଜାଣି କେବଳ ମନ୍ତ୍ରୀଠାରେ ଭାର ଅର୍ପଣ କରି ରାଜ୍ୟ ଚଳାନ୍ତି, ସେହି ରାଜା, ମାତାର ସ୍ତନ ବ୍ୟତିରେକେ ଦୁଗ୍ଧପୋଷ୍ୟ ଶିଶୁ ପରି ମନ୍ତ୍ରୀ ବ୍ୟତିରେକେ ସ୍ୱୟଂ କାର୍ଯ୍ୟ ଚଳାଇବା ପକ୍ଷରେ ଅକ୍ଷମ ହୋଇ ପଡ଼ନ୍ତି ।

ପ୍ରଭୁର ଆଦରଭାବ ଅର୍ଥିତଠାରେ ପ୍ରୟୋଜନାପେକ୍ଷୀ ହୋଇଥାଏ ।

ତସ୍ମିନ୍ ମଘୋନସ୍ତ୍ରିଦଶାନ୍ ବିହାୟ, ସହସ୍ରମକ୍ଷ୍ଣାଂ ଯୁଗପତ୍ ପପାତ ।
ପ୍ରୟୋଜନାପେକ୍ଷିତୟା ପ୍ରଭୂଣାଂ, ପ୍ରାୟଶ୍ଚଳଂ ଗୌରବମାଶ୍ରିତେଷ ॥ ୨୦୯ ॥
[କୁମ]

ଅନ୍ୱୟ—ମଘୋନଃ, ଅକ୍ଷ୍ଣାଂ, ସହସ୍ରଂ, ତ୍ରିଦଶାନ୍, ବିହାୟ, ତସ୍ମିନ୍, ଯୁଗପତ୍, ପପାତ; ଆଶ୍ରିତେଷୁ, ପ୍ରଭୁଣାଂ, ଗୌରବ, ପ୍ରୟୋଜନାପେକ୍ଷିତୟା, ପ୍ରାୟଃ, ଚଳଂ, ଭବତି ।

ଅର୍ଥ :—ବ୍ରହ୍ମାଦି ଦେବତାମାନଙ୍କ ସମକ୍ଷରେ ଇନ୍ଦ୍ରଙ୍କ ନିକଟ କନ୍ଦର୍ପ ପହଞ୍ଚି ଯିବାରୁ, ଇନ୍ଦ୍ର ବ୍ରହ୍ମାଦି ଦେବତାମାନଙ୍କଠାରୁ ଚକ୍ଷୁ ଫେରାଇ ସହସ୍ର ଚକ୍ଷୁରେ ଏକାବେଳକରେ କନ୍ଦର୍ପଙ୍କୁ ଚାହିଁ ରହିଲେ; ଯେହେତୁ ପ୍ରଭୁର ଆଦର ଭାବ ପ୍ରୟୋଜନାପେକ୍ଷିତା ହେତୁ ଆଶ୍ରିତମାନଙ୍କଠାରେ ପ୍ରାୟ ସ୍ଥିର ନୁହେ ।

GPNanda Colln., Digitized by srujanika@gmail.com

ମୃଦୁର ଅସନ୍ନ କଷ୍ଟ ।

ତୁଲ୍ୟେଽପରାଧେ ସ୍ୱର୍ଭାନୁର୍ଭାନୁମନ୍ତଂ ଚିରେଣ ଯତ୍ ।
ହିମାଂଶୁମାଶୁ ଗ୍ରସତେ ତନ୍ମ୍ରଦିମ୍ନଃ ସ୍ଫୁଟଂ ଫଲଂ ॥ ୨୧୦ ॥ [ଶିଶୁପାଳ ବଧ]

ଅନ୍ୱୟ—ଅପରାଧେ, ତୁଲ୍ୟେ, ଅପି, ସ୍ୱର୍ଭାନୁଃ, ଭାନୁମନ୍ତଂ, ଚିରେଣ, ହିମାଂଶୁଂ, ଆଶୁ, ଗ୍ରସତେ, ଇତି, ଯତ୍, ତତ୍, ମ୍ରଦିମ୍ନଃ, ଫଲଂ, ସ୍ଫୁଟଂ ।

ଅର୍ଥ :—ସୂର୍ଯ୍ୟ ଓ ଚନ୍ଦ୍ରର ଅପରାଧ ସମାନ, ମାତ୍ର ରାହୁ ସୂର୍ଯ୍ୟଙ୍କୁ ତେଜ ହେତୁ ବିଳମ୍ବରେ ଓ ଚନ୍ଦ୍ରଙ୍କୁ ମୃଦୁତା ହେତୁ ଶୀଘ୍ର ଗ୍ରାସ କରୁଥାଏ ।

ଶ୍ରେଷ୍ଠ ସଂସର୍ଗରେ ଗୌରବ ନଷ୍ଟ ।

ଅଙ୍କାଧିରୋପିତ ମୃଗ ଶ୍ଚନ୍ଦ୍ରମାଃ ମୃଗଲାଞ୍ଛନଃ ।
କେଶରୀ ନିଷ୍ଠୁରକ୍ଷିପ୍ତୋ ମୃଗଯୂଥୋ ମୃଗାଧିପଃ ॥ ୨୧୧ ॥ [ଶିଧ]

ଅନ୍ୱୟ—ଅଙ୍କାଧିରୋପିତମୃଗଃ, ଚନ୍ଦ୍ରମାଃ, ମୃଗଲାଞ୍ଛନଃ; ନିଷ୍ଠୁରକ୍ଷିପ୍ତଃ, ମୃଗଯୂଥଃ, କେଶରୀ, ମୃଗାଧିପଃ ।

ଅର୍ଥ :—ଚନ୍ଦ୍ରମା ମୃଗକୁ କୋଳରେ ବସାଇ ମୃଗଲାଞ୍ଛନ ଓ ସିଂହ ମୃଗମାନଙ୍କୁ ମାରି ମୃଗାଧିପ ନାମ ଧାରଣ କରିଅଛି ।

ଏହିପରି ରାଜାଙ୍କୁ ଲକ୍ଷ୍ମୀ ଛାଡ଼ନ୍ତି ନାହିଁ ।

ଯଃ କାଙ୍କ୍ଷିଣାମପ୍ୟପଥପ୍ରପନ୍ନାଂ, ସମୁଦ୍ଧରେତ୍ ନଷ୍ଟସହସ୍ରଭୁଲ୍ୟାଂ ।
କାଲେ ଚ କୋଷ୍ଟେଷ୍ୱପି ମୁକ୍ତହସ୍ତସ୍ତଂ ରାଜସିଂହଂ ନ ଜହାତି ଲକ୍ଷ୍ମୀଃ ॥ ୨୧୨ ॥
[ହିତ]

ଅନ୍ୱୟ—ଯଃ, ଅପଥପ୍ରପନ୍ନାଂ, କାଙ୍କ୍ଷିଣାଂ, ଅପି, ନଷ୍ଟସହସ୍ରଭୁଲ୍ୟାଂ, ସମୁଦ୍ଧରେତ୍, ଚ, କାଲେ, କୋଷ୍ଟେଷୁ, ଅପି, ମୁକ୍ତହସ୍ତଃ, ଭବେତ୍, ଲକ୍ଷ୍ମୀଃ, ତଂ, ରାଜସିଂହଂ, ନ, ଜହାତି ।

GPNanda Colln., Digitized by srujanika@gmail.com

ଅର୍ଥ :—ଯେଉଁ ରାଜା ସମୟରେ କଡ଼ାକାନ୍ତି ପର୍ଯ୍ୟନ୍ତ ଛାଡ଼ନ୍ତି ନାହିଁ ଓ ଯଥା ସମୟରେ କୋଟି ମୁଦ୍ରାରେ ମୁକ୍ତହସ୍ତ ହୋଇଥାନ୍ତି, ସେହି ଶ୍ରେଷ୍ଠ ରାଜାଙ୍କ ରାଜଲକ୍ଷ୍ମୀ ବରଦା ହୁଅନ୍ତି ।

ଏହିପରି ଭୃତ୍ୟହିଁ ଦୁର୍ଲଭ ।

ଐଶ୍ୱର୍ଯ୍ୟାଦନପେତମୀଶ୍ୱରମୟଂ ଲୋକୋଽର୍ଥତଃ ସେବତେ,
ତଂ ଗଚ୍ଛନ୍ତ୍ୟନୁ ଯେ ବିପତ୍ତିଷୁ ପୁନସ୍ତେ ତତ୍ପ୍ରତିଷ୍ଠାଶୟାଃ ।
ଭର୍ତ୍ତୁର୍ଯେ ପ୍ରଲୟେଽପି ପୂର୍ବସୁକୃତାସଙ୍ଗେନ ନିଃଶଙ୍କୟା,
ଭକ୍ତ୍ୟା କାର୍ଯ୍ୟଧୁରଂ ବହନ୍ତି କୃତିନସ୍ତେ ଦୁର୍ଲଭା ମାନବାଃ ॥ ୬୧୩ ॥

[ମୁସ]

ଅନ୍ୱୟ— ଅୟଂ, ଲୋକଃ, ଐଶ୍ୱର୍ଯ୍ୟାତ୍, ଅନପେତଂ, ଈଶ୍ୱରଂ, ଅର୍ଥତଃ, ସେବତେ; ଯେ, ପୁନଃ, ବିପତ୍ତିଷୁ, ତଂ, ଅନୁଗଚ୍ଛନ୍ତି, ତେ, ତତ୍ପ୍ରତିଷ୍ଠାଶୟାଃ; ଯେ, ଭର୍ତ୍ତୁଃ, ପ୍ରଲୟେ, ଅପି, ପୂର୍ବସୁକୃତାସଙ୍ଗେନ, ନିଃଶଙ୍କୟା, ଭକ୍ତ୍ୟା, କାର୍ଯ୍ୟ-ଧୁରଂ, ବହନ୍ତି, କୃତିନଃ, ତେ ମାନବାଃ, ଦୁର୍ଲଭାଃ ।

ଅର୍ଥ :— ଲୋକେ ଅର୍ଥଲାଭ ଆଶାରେ ରାଜାମାନଙ୍କୁ ସେବା କରଥାନ୍ତି ଓ ବିପତ୍ତି ସମୟରେ ସେହି ପୂର୍ବ ପ୍ରତିଷ୍ଠା ଆଶାରେ ରାଜାମାନଙ୍କର ମଧ୍ୟ ସହାୟ ହୋଇଥାନ୍ତି, ମାତ୍ର ଯେଉଁମାନେ ପ୍ରଭୁର ବିନାଶ କାଳରେ ମଧ୍ୟ ପୂର୍ବୋପକାର ବାଧ୍ୟତାମୂଳକ ସ୍ୱାର୍ଥଶୂନ୍ୟ ଭକ୍ତିରେ କାର୍ଯ୍ୟଭାର ଗ୍ରହଣ କରନ୍ତି, ସେହିପରି କାର୍ଯ୍ୟକୁଶଳ ଭୃତ୍ୟମାନେ ହିଁ ଦୁର୍ଲଭ ।

ରାଜାମାନଙ୍କର ଏହିପରି ଭୃତ୍ୟ ହିଁ ବଳ ।

ଅପ୍ରାଜ୍ଞେନ ଚ କାତରେଣ ଚ ଗୁଣଃ ସ୍ୟାତ୍ ସାନୁରାଗେଣ କଃ,
ପ୍ରଜ୍ଞାବିକ୍ରମଶାଳିନୋଽପି ହି ଭବେତ୍ କିଂ ଭକ୍ତିହୀନାତ୍ ଫଳଂ ।

GPNanda Colln., Digitized by srujanika@gmail.com

ପ୍ରଜ୍ଞାବିକ୍ରମଭକ୍ତୟଃ ସମୁଦିତା ଯେଷାଂ ଗୁଣା ଭୂତୟେ,
ତେ ଭୃତ୍ୟାଃ ନୃପତେଃ କଳତ୍ରମିତରେ ସମ୍ପତ୍ସୁ ଚାପତ୍ସୁ ଚ ॥ ୧୧୪ ॥
[ମୁଦ୍ରା]

ଅନ୍ୱୟ—ଅପ୍ରାଜ୍ଞେନ, ଚ, କାତରେଣ, ଚ, ସାନୁରାଗେଣ, ଭୃତ୍ୟେନ, ସ୍ୱାମିନଃ, କଃ, ଗୁଣଃ, ସ୍ୟାତ୍; ପ୍ରଜ୍ଞାବିକ୍ରମଶାଳିନଃ, ଅପି, ଭକ୍ତିହୀନାତ୍, କିଂ, ଫଳଂ, ଭବେତ୍; ପ୍ରଜ୍ଞାବିକ୍ରମଭକ୍ତୟଃ, ଗୁଣାଃ, ଯେଷାଂ, ଭୂତୟେ, ସମୁଦିତାଃ, ତେ, ଭୃତ୍ୟାଃ; ଇତରେ, ସମ୍ପତ୍ସୁ, ଚ, ଆପତ୍ସୁ, ନୃପତେଃ, କଳତ୍ରଂ ।

ଅର୍ଥ :—ବୁଦ୍ଧିହୀନ, ଦୁର୍ବଳ ଓ ଭୀରୁ ଭୃତ୍ୟମାନଙ୍କ ଅନୁରାଗରେ ରାଜାମାନଙ୍କର ଫଳ କଣ ? ବୁଦ୍ଧି ଓ ପରାକ୍ରମଶାଳୀ ଭକ୍ତିହୀନ ଭୃତ୍ୟରେ ଫଳ ଅବା କଣ ? ତେବେ ବୁଦ୍ଧି ବିକ୍ରମ ଭକ୍ତିଶାଳୀ ଯେଉଁ ଭୃତ୍ୟମାନେ ସମ୍ପଦ ଓ ବିପଦ ସମୟରେ ରାଜାଙ୍କର କଲ୍ୟାଣେଚ୍ଛା କରନ୍ତି, ସେହିମାନେହିଁ ଯଥାର୍ଥରେ ଭୃତ୍ୟପଦବାଚ୍ୟ; ଏ ଭିନ୍ନ ଅନ୍ୟାନ୍ୟ ଭୃତ୍ୟମାନେ ସମ୍ପଦ ଓ ବିପଦ ସମୟରେ କେବଳ ରାଜାମାନଙ୍କର କଳତ୍ର ସ୍ୱରୂପ ଅଟନ୍ତି ।

ଲକ୍ଷ୍ମୀ ଅଦରଣୀ ବେଶ୍ୟା ପରି ଦୁଃଖସେବ୍ୟା ।

ତୀକ୍ଷ୍ଣାଦୁଦ୍ୱିଜତେ ମୃଦୌ ପରିଭବତ୍ରାସାନ୍ନ ସନ୍ତିଷ୍ଠତେ,
ମୂର୍ଖାନ୍ ଦ୍ୱେଷ୍ଟି ନ ଗଚ୍ଛତି ପ୍ରଣୟିତାମତ୍ୟନ୍ତ ବିଦ୍ୱତ୍ସ୍ୱପି ।
ଶୂରେଭ୍ୟୋଽପ୍ୟଧିକଂ ବିଭେତ୍ୟୁପହସତ୍ୟେକାନ୍ତଭୀରୂନହୋ !
ଶ୍ରୀର୍ଲବ୍ଧପ୍ରସରେବ ବେଶବନିତା ଦୁଃଖୋପଚର୍ଯ୍ୟା ଭୃଶଂ ॥ ୧୧୫ ॥
[ମୁଦ୍ରା]

ଅନ୍ୱୟ—ଶ୍ରୀଃ, ଲବ୍ଧପ୍ରସରା, ବେଶବନିତା, ଇବ, ଭୃଶଂ, ଦୁଃଖୋପଚର୍ଯ୍ୟା; (ଯତଃ), ତୀକ୍ଷ୍ଣାତ୍, ଉଦ୍ୱିଜତେ, ପରିଭବତ୍ରାସାତ୍, ମୃଦୌ, ନ, ସନ୍ତିଷ୍ଠତେ; ମୂର୍ଖାନ୍, ଦ୍ୱେଷ୍ଟି, ଅତ୍ୟନ୍ତବିଦ୍ୱତ୍ସୁ, ଅପି, ପ୍ରଣୟିତାଂ, ନ, ଗଚ୍ଛତି; ଶୂରେଭ୍ୟଃ, ଅଧିକଂ, ବିଭେତି, ଏକାନ୍ତଭୀରୂନ୍, ଉପହସତି, ଅହୋ !

GPNanda Colln., Digitized by srujanika@gmail.com

ଅର୍ଥ :—ଲକ୍ଷ୍ମୀ ବିନାଶ ଭୟରେ ଉଦ୍ଧତ ପ୍ରତି ଉଦ୍ବିଗ୍ନା, ଅପମାନ ଭୟରେ ଶାନ୍ତ ପ୍ରତି ଅନିଚ୍ଛୁକା, ଚଳାଇ ନ ପାରିବା ଭୟରେ ଅବିବେକ ପ୍ରତି ବିରାଗିଣୀ, ବିରାଗ ଭୟରେ ବଡ଼ ବଡ଼ ପଣ୍ଡିତମାନଙ୍କ ପ୍ରତି ଅନନୁରକ୍ତା, ଶତ୍ରୁ ହସ୍ତରେ ଦେଇ ଦେବା ଭୟରେ ଶୂର ପ୍ରତି ଭୀତା, ନ ରଖି ପାରିବା ଭୟରେ ଏକାନ୍ତ ଭୀରୁ ପ୍ରତି ହାସ୍ୟାସ୍ପଦା; ଏଣୁ ଅଷ୍ଟର୍ଯ୍ୟର ବିଷୟ ଲକ୍ଷ୍ମୀ ଆଦରଣୀ ବେଶ୍ୟା ପରି ଅତ୍ୟନ୍ତ ଦୁଃଖସେବ୍ୟା ।

ଉତ୍ତମ ଲୋକ ଫଳୋଦୟ ପର୍ଯ୍ୟନ୍ତ କାର୍ଯ୍ୟ କରେ ।

ପ୍ରାରଭ୍ୟତେ ନ ଖଲୁ ବିଘ୍ନଭୟେନ ନୀଚୈଃ,
ପ୍ରାରଭ୍ୟବିଘ୍ନନିହତା ବିରମନ୍ତି ମଧ୍ୟାଃ ।
ବିଘ୍ନୈଃ ପୁନଃ ପୁନରପି ପ୍ରତିହନ୍ୟମାନାଃ,
ପ୍ରାରବ୍ଧମୁତ୍ତମଗୁଣାଃ ପୁନରୁଦ୍ବହନ୍ତି । ୨୧୬ ॥ [ମୁସ]

ଅନ୍ୱୟ—ନୀଚୈଃ, ବିଘ୍ନଭୟେନ, କାର୍ଯ୍ୟଂ, ନ, ପ୍ରାରଭ୍ୟତେ, ଖଲୁ; ମଧ୍ୟାଃ, ପ୍ରାରଭ୍ୟବିଘ୍ନନିହତାଃ, ସନ୍ତଃ, ବିରମନ୍ତି; ଉତ୍ତମଗୁଣାଃ, ବିଘ୍ନୈଃ, ପୁନଃ ପୁନଃ ପ୍ରତିହନ୍ୟମାନାଃ, ଅପି, ପ୍ରାରବ୍ଧଂ, ପୁନଃ, ଉଦ୍ବହନ୍ତି ।

ଅର୍ଥ :—ନୀଚାଶୟମାନେ ବିଘ୍ନ ଉପସ୍ଥିତ ହେବା ଭୟରେ କେବଳ କାର୍ଯ୍ୟରୁ ବିରତ ହୋଇଥାନ୍ତି, ମଧ୍ୟାଶୟମାନେ ପ୍ରାରବ୍ଧ କାର୍ଯ୍ୟରେ ବିଘ୍ନ ଉପସ୍ଥିତ ହେବାର ଦେଖିଲେ ତହିଁରୁ ବିରତ ହୁଅନ୍ତି ଓ ଉଚ୍ଚାଶୟମାନେ କାର୍ଯ୍ୟରେ ବାରମ୍ବାର ବାଧାବିଘ୍ନ ଭୋଗିଲେ ହେଁ ତହିଁରୁ ଲବମାତ୍ର ବିରତ ହୁଅନ୍ତି ନାହିଁ ।

ଉଦ୍ଯୋଗୀ ଲୋକ ସମ୍ପଦ ପ୍ରାପ୍ତ ହୁଏ ।

ଉଦ୍ଯୋଗିନଂ ପୁରୁଷସିଂହ ମୁପୈତିଲକ୍ଷ୍ମୀ,
ଦୈବେନ ଦେୟମିତି କାପୁରୁଷା ବଦନ୍ତି ।

GPNanda Colln., Digitized by srujanika@gmail.com

ଦୈବଂ ନିହତ୍ୟ କୁରୁ ପୌରୁଷମାତ୍ମଶକ୍ତ୍ୟା,
ଯତ୍ନେ କୃତେ ଯଦି ନ ସିଦ୍ଧ୍ୟତି କୋଽତ୍ର ଦୋଷଃ ॥ ୨୧୭ ॥
[ଗୀତଶତକ]

ଅନ୍ୱୟ—ଲକ୍ଷ୍ମୀ, ଉଦ୍ୟୋଗିନଂ, ପୁରୁଷସିଂହଂ, ଉପୈତି; କାପୁରୁଷାଃ, ଦୈବେନ, ଦେୟଂ, ଇତି, ବଦନ୍ତି । ଦୈବଂ, ନିହତ୍ୟ, ଆତ୍ମଶକ୍ତ୍ୟା, ପୌରୁଷଂ, କୁରୁ; ଯତ୍ନେ, କୃତେ, ଯଦି, ନ, ସିଦ୍ଧ୍ୟତି, ଅତ୍ର, କଃ, ଦୋଷଃ ।

ଅର୍ଥ :—ଲକ୍ଷ୍ମୀ ଉଦ୍ୟୋଗୀ ପୁରୁଷ ନିକଟରେ ରହନ୍ତି, କିନ୍ତୁ ପରିଶ୍ରମ-କାତରମାନେ, କପାଳରେ ଯାହା ଲେଖାଥିବ ତାହାହିଁ ହେବ ବୋଲି ସ୍ୱୀକାର କରନ୍ତି, କେବଳ ଭାଗ୍ୟକୁ ନ ଆଦରି ବୁଦ୍ଧି ଓ ବଳ ଅନୁସାରେ ବାରମ୍ବାର କାର୍ଯ୍ୟ କରିବା କର୍ତ୍ତବ୍ୟ; ଚେଷ୍ଟା କଲାପରେ ଯଦି ଫଳ ଲାଭ ନ ହୁଏ, ତେବେ ଯାହିଁ କର୍ମର ଦୋଷ ବୋଲି ସ୍ୱୀକାର କରିବାକୁ ହେବ ।

ଏହିଭଳି ଗୁଣ ଥିଲେ ଲକ୍ଷ୍ମୀ ରହିବାକୁ ଇଚ୍ଛାନ୍ତି ।

ଉତ୍ସାହସମ୍ପନ୍ନମଦୀର୍ଘସୂତ୍ରଂ, କ୍ରିୟାବିଧିଜ୍ଞଂ ବ୍ୟସନେଷ୍ୱସକ୍ତଂ ।
ଶୂରଂ କୃତଜ୍ଞଂ ଦୃଢ଼ସୌହୃଦଂ ଚ, ଲକ୍ଷ୍ମୀଃ ସ୍ୱୟଂ ଯାତି
ନିବାସହେତୋଃ ॥ ୨୧୮ ॥ [ଗୀତ]

ଅନ୍ୱୟ—ଲକ୍ଷ୍ମୀଃ, ଉତ୍ସାହସମ୍ପନ୍ନଂ, ଅଦୀର୍ଘସୂତ୍ରଂ, କ୍ରିୟାବିଧିଜ୍ଞଂ, ବ୍ୟସନେଷୁ ଅସକ୍ତଂ, ଶୂରଂ, କୃତଜ୍ଞଂ, ଚ, ଦୃଢ଼ସୌହୃଦଂ (ଜନଂ), ସ୍ୱୟଂ, ନିବାସହେତୋଃ, ଯାତି ।

ଅର୍ଥ :—କାର୍ଯ୍ୟୋତ୍ସାହୀ, ଅଚିରକ୍ରିୟ, କର୍ତ୍ତବ୍ୟଜ୍ଞ, ବ୍ୟସନରହିତ, ବଳଶାଳୀ ଓ ଦୃଢ଼ମୈତ୍ରିକ ଜନ ନିକଟରେ ଲକ୍ଷ୍ମୀ ସ୍ୱୟଂ ରହନ୍ତି ।

GPNanda Colln., Digitized by srujanika@gmail.com

ଧନ-ବନ୍ଧୁହିଁ ବଡ଼ ।

ଧନୈର୍ନିଷ୍କୁଲୀନାଃ କୁଲୀନା ଭବନ୍ତି, ଧନୈରାପଦଂ ମାନବା ନିସ୍ତରନ୍ତି ।
ଧନେଭ୍ୟୋଽପରୋ ବାନ୍ଧବୋ ନାସ୍ତି ଲୋକେ, ଧନାନ୍ୟର୍ଜୟଧ୍ୱଂ
ଧନାନ୍ୟର୍ଜୟଧ୍ୱଂ ॥ ୨୧୯ ॥ [ଶାକ]

ଅନ୍ୱୟ—ଧନୈଃ, ନିଷ୍କୁଲୀନାଃ, କୁଲୀନାଃ, ଭବନ୍ତି; ମାନବାଃ, ଧନୈଃ, ଆପଦଂ, ନିସ୍ତରନ୍ତି; ଲୋକେ, ଧନେଭ୍ୟଃ, ଅପରଃ, ବାନ୍ଧବଃ, ନ, ଅସ୍ତି; ଧନାନି, ଅର୍ଜୟଧ୍ୱଂ, ଧନାନି, ଅର୍ଜୟଧ୍ୱଂ ।

ଅର୍ଥ :—ଧନବଳରେ ଅକୁଳୀନମାନେ କୁଳୀନ ହୋଇଥାନ୍ତି, ଧନବଳରେ ଲୋକେ ଆପଦରୁ ଉଦ୍ଧାର ହୁଅନ୍ତି; ସଂସାର ମଧ୍ୟରେ ଧନ-ବନ୍ଧୁଠାରୁ ବଡ଼ ବନ୍ଧୁ ଆଉ ନାହିଁ; ଅତଏବ ଧନ ଉପାର୍ଜ୍ଜନ କରନ୍ତୁ, ଧନ ଉପାର୍ଜନ କରନ୍ତୁ ।

ଅର୍ଜି ନ ପାରିବା ଲୋକକୁ ସମସ୍ତେ ନିନ୍ଦା କରନ୍ତି ।

ମାତା ନିନ୍ଦତି ନାଭିନନ୍ଦତି ପିତା ଭ୍ରାତା ନ ସମ୍ଭାଷତେ,
ଭୃତ୍ୟଃ କୁପ୍ୟତି ନାନୁଗଚ୍ଛତି ସୁତଃ କାନ୍ତା ଚ ନାଲିଙ୍ଗତେ ।
ଅର୍ଥପ୍ରାର୍ଥନଶଙ୍କୟା ନ କୁରୁତେଽପ୍ୟାଲାପମାତ୍ରଂ ସୁହୃତ୍,
ତସ୍ମାଦର୍ଥମୁପାର୍ଜୟସ୍ୱ ଚ ସଖେ ! ହ୍ୟର୍ଥସ୍ୟ ସର୍ବେ ବଶାଃ ।୨୨୦॥
[ଶାକ]

ଅନ୍ୱୟ—ମାତା, ନିନ୍ଦତି, ପିତା, ନ, ଅଭିନନ୍ଦତି, ଭ୍ରାତା, ନ ସମ୍ଭାଷତେ, ଭୃତ୍ୟଃ, କୁପ୍ୟତି, ସୁତଃ, ନ, ଅନୁଗଚ୍ଛତି, ଚ, କାନ୍ତା, ନ, ଆଲିଙ୍ଗତେ, ଚ, ସୁହୃତ୍, ଅର୍ଥପ୍ରାର୍ଥନଶଙ୍କୟା, ଆଲାପମାତ୍ରଂ, ଅପି, ନ, କୁରୁତେ; ତସ୍ମାତ୍, ହେ ସଖେ ! ଅର୍ଥଂ, ଉପାର୍ଜୟସ୍ୱ, ହି, ଅର୍ଥସ୍ୟ, ସର୍ବେ, ବଶାଃ ।

ଅର୍ଥ :—ହେ ମିତ୍ର ! ସମସ୍ତେ ଧନର ବଶ୍ୟ, ଦେଖ, ଧନ ଅର୍ଜନ କରି ନ ପାରିଲେ ମାତା ନିନ୍ଦା କରେ; ପିତା ବିରକ୍ତ ହୁଏ; ଭ୍ରାତା କଥା ପର୍ଯ୍ୟନ୍ତ

GPNanda Colln., Digitized by srujanika@gmail.com

କହେ ନାହିଁ; ଭୃତ୍ୟ କ୍ରୋଧ କରେ; ତାହାଲେ ମଧ ପୁତ୍ର ପାଖକୁ ସ୍ନେହା ଅସେ ନାହିଁ; ସ୍ତ୍ରୀ ମଧ ଅଲିଙ୍ଗନ କରେ ନାହିଁ; କାଲେ ଧନ ମାଗିବ ପଗ୍—ଏହି ଭୟରେ ମିତ୍ରବର୍ଗ କଥା ପର୍ଯ୍ୟନ୍ତ କହନ୍ତି ନାହିଁ, ଅତଏବ ଅର୍ଥ ଉପାର୍ଜନ କର ।

ଯେ କୌଣସି ଉପାୟରେ ଧନୋପାର୍ଜନହିଁ କର୍ତ୍ତବ୍ୟ ।

ତ୍ରିବିକ୍ରମୋଽଭୂଦପି ଯାଚକୋଽଭୂତ୍, ସାଶୂକରସ୍ତେନ ସ ଚ ବୈ ନୃସିଂହଃ ।
ନୀଚୈରନୀଚୈରତିନୀଚ ନୀଚୈ, ସର୍ବୈରୁପାୟୈଃ ଫଳମେବ
ସାଧ୍ୟଂ । ୨୨୧ ॥ [ଦୃଷ୍ଟାନ୍ତଶତକ]

ଅନ୍ୱୟ—ସଃ, ବଳଯାଚକେନ, ତ୍ରିବିକ୍ରମଃ, ଅଭୂତ୍, ସ, ଚ, ଶୂକରଃ ଚ, ସଃ, ଚ, ବୈ, ନୃସିଂହଃ (ଅତଃ) ନୀଚୈଃ, ଅନୀଚୈଃ, ଅତିନୀଚନୀଚୈଃ, ସର୍ବୈଃ, ଉପାୟୈଃ, ଫଳଂ, ଏବ, ସାଧ୍ୟଂ ।

ଅର୍ଥ :—ସ୍ୱୟଂ ଭଗବାନ୍ ନିଜର କାର୍ଯ୍ୟସାଧନ ସକାଶେ ବାମନ, ଶୂକର ଓ ନୃସିଂହ ଆଦ ଅବତାରମାନ ଧାରଣ କରିଥିଲେ; ଏଣୁ ଉଚ୍ଚ, ମଧ୍ୟମ ଓ ନୀଚ ଯେ କୌଣସି ପ୍ରକାରରେ ଧନ ଉପାର୍ଜନ କରିବାର ଏହାହିଁ ଦୃଷ୍ଟାନ୍ତ ।

ଲୋକେ ଧନକୁ ଆଦର କରିଥାନ୍ତି ।

ନ ବିଦ୍ୟୟା ନୈବ କୁଲେନ ଗୌରବଂ, ଜନାନୁରାଗୋ ଧନକେଷୁ କେବଲଂ ।
କପାଲିନା ମୌଳିଧୃତାପି ଜାହ୍ନବୀ, ପ୍ରୟାତି ରତ୍ନାକରମେବ ସାଦରଂ ॥ ୨୨୨ ॥
[ଦୃଷ୍ଟ]

ଅନ୍ୱୟ—ବିଦ୍ୟୟା, ଏବ, ଗୌରବଂ, ନ; କୁଲେ, ଏବ, ନ; ଜନାନୁରାଗଃ, କେବଲଂ, ଧନକେଷୁ, ବର୍ତ୍ତତେ; ଜାହ୍ନବୀ, କପାଲିନା, ମୌଳି-ଧୃତା, ଅପି, ରତ୍ନାକରଂ, ଏବ, ସାଦରଂ, ପ୍ରୟାତି ।

ଅର୍ଥ :—ଦେଖ, ଧନୀଠାରେ ଲୋକଙ୍କର ଯେପରି ଗୌରବ, ସେପରି ଗୌରବ ବିଦ୍ୱାନ୍ ଓ କୁଲୀନମାନଙ୍କଠାରେ ନ ଥାଏ । ଦେଖିବାକୁ ଗଲେ

GPNanda Colln., Digitized by srujanika@gmail.com

ସ୍ୱୟଂ ଜହ୍ନୁକନ୍ୟା ଗଙ୍ଗା ମହାଦେବଙ୍କର ମୌଳିଧୃତା ହେଲେହେଁ, ଅଧମ ସ୍ୱଭାବରେ କେବଳ ନୀଚର ଆକର ସମୁଦ୍ରକୁ ପ୍ରଧାବିତ ହେଉଅଛନ୍ତି ।

ନିର୍ଦ୍ଧନର ଅନୁତାପ ।

ସୁଖଂ ହି ଦୁଃଖାନ୍ୟନୁଭୂୟ ଶୋଭତେ,
ଘନାନ୍ଧକାରେଷ୍ୱିବ ଦୀପଦର୍ଶନଂ ।
ସୁଖାତ୍ତୁ ଯୋ ଯାତି ନରୋ ଦରିଦ୍ରତାଂ,
ଧୃତଃ ଶରୀରେଣ ମୃତଃ ସ ଜୀବତି ॥ ୨୨୩ ॥ [ମୃଚ୍ଛକଟିକ]

ଅନ୍ୱୟ—ହି, ଦୁଃଖାନି, ଅନୁଭୂୟ, ଘନାନ୍ଧକାରେଷୁ, ଦୀପଦର୍ଶନଂ, ଇବ, ସୁଖଂ, ଶୋଭତେ; ତୁ, ଯଃ, ନରଃ, ସୁଖାତ୍, ଦରିଦ୍ରତାଂ, ଯାତି, ସଃ, ଶରୀରେଣ, ଧୃତଃ, ମୃତଃ, ଜୀବତି ।

ଅର୍ଥ :—ମେଘ ଅନ୍ଧାର ରାତିରେ ଦୀପଦର୍ଶନର ଶୋଭା ପରି ଦୁଃଖ-ଭୋଗ ପରେ ସୁଖଭୋଗ କଲେ ମନରେ ଆନନ୍ଦ ଜାତ ହୁଏ, ମାତ୍ର ଯେଉଁ ଲୋକ ସୁଖ ପରେ ଦୁଃଖ ପାଏ ସେ ଜାଣ ଜୀବନ୍ତ ଥିଲେହେଁ ମୃତପ୍ରାୟ ।

ପୁନଶ୍ଚ ।

ଏତତ୍ତୁ ମାଂ ଦହତି ଯଦ୍ଗୃହମସ୍ମଦୀୟଂ,
କ୍ଷୀଣାର୍ଥମିତ୍ୟତିଥୟଃ ପରିବର୍ଜୟନ୍ତି ।
ସଂଶୁଷ୍କସାନ୍ଦ୍ରମଦଲେଖମିବ ଭ୍ରମନ୍ତଃ,
କାଲାତ୍ୟୟେ ମଧୁକରାଃ କରିଣଃ କପୋଲଂ ॥ ୨୨୪ ॥ [ମୃଚ୍ଛ]

ଅନ୍ୱୟ—ଯତ୍, ଅତିଥୟଃ, କ୍ଷୀଣାର୍ଥ, ଇତି, ଅସ୍ମଦୀୟଂ, ଗୃହଂ, ପରିବର୍ଜୟନ୍ତି, ତୁ, ଏତତ୍, ମାଂ, ଦହତି; ଭ୍ରମନ୍ତଃ, ମଧୁକରାଃ, କାଲାତ୍ୟୟେ, ସଂଶୁଷ୍କ-ସାନ୍ଦ୍ର-ମଦଲେଖଂ, କରିଣଃ, କପୋଲଂ, ଇବ, (ପରିବର୍ଜୟନ୍ତି) ।

GPNanda Colln., Digitized by srujanika@gmail.com

ଅର୍ଥ :—ଯେପରି ଭ୍ରମରମାନେ ହସ୍ତିକପୋଳର ମଦବାରିକୁ ଶୁଷ୍କ ଓ ସାନ୍ଦ୍ର ଅନୁଭବ କରି ଯଥାକାଳରେ ପରିତ୍ୟାଗ କରିଥାନ୍ତି, ସେହିପରି ଅର୍ଥୀମାନେ ଅର୍ଥକ୍ଷୟ ହେବାର ଜାଣି ମୋ ଗୃହକୁ ଆଉ ଆସୁ ନାହାନ୍ତି; ଏହାହିଁ ଦୁଃଖ ଅଟେ ।

ପୁନଶ୍ଚ ।

ସତ୍ୟଂ ନ ମେ ବିଭବନାଶକୃତାସ୍ତି ଚିନ୍ତା,
ଭାଗ୍ୟକ୍ରମେଣ ହି ଧନାନି ଭବନ୍ତି ଯାନ୍ତି ।
ଏତତ୍ତୁ ମାଂ ଦହତି ନଷ୍ଟଧନାଶ୍ରୟସ୍ୟ,
ଯତ୍ ସୌହୃଦାଦପି ଜନାଃ ଶିଥିଳୀଭବନ୍ତି ॥ ୨୨୫ ॥ [ମୃଚ୍ଛ]

ଅନ୍ୱୟ—ମେ, ବିଭବନାଶକୃତା, ଚିନ୍ତା, ନ, ଅସ୍ତି, ସତ୍ୟଂ; ହି, ଭାଗ୍ୟକ୍ରମେଣ, ଧନାନି, ଭବନ୍ତି, ଚ, ଯାନ୍ତି; ତୁ, ଏତତ୍, ମାଂ, ଦହତି; ଯତ୍, ଜନାଃ, ନଷ୍ଟଧନାଶ୍ରୟସ୍ୟ, ମେ, ସୌହୃଦାତ୍, ଅପି, ଶିଥିଳୀଭବନ୍ତି ।

ଅର୍ଥ :—ବର୍ତ୍ତମାନ ମୋହର ବିଭବନାଶହେତୁକ ଚିନ୍ତା ନାହିଁ । ଯେହେତୁ ବିଭବବୈଭବ ଭାଗ୍ୟ ବଳରୁ ଲାଭ ଓ କ୍ଷୟ ହୋଇଥାଏ, ମାତ୍ର ମୋହର ଧନ ସରି ଯିବାରୁ ଯାହାଙ୍କ ମିତ୍ରସୌହାର୍ଦ୍ଦରୁ ବଞ୍ଚିତ ହେଲି ଏହାହିଁ ପରିତାପର ବିଷୟ ।

ପୁନଶ୍ଚ ।

ନିବାସଶ୍ଚିନ୍ତାୟାଃ ପରପରିଭବୋ ବୈରମପରଂ,
ଜୁଗୁପ୍ସା ମିତ୍ରାଣାଂ ସ୍ୱଜନଜନବିଦ୍ୱେଷକରଣଂ ।
ବନଂ ଗନ୍ତୁଂ ବୁଦ୍ଧିର୍ଭବତି ଚ କଳତ୍ରାତ୍ ପରିଭବୋ,
ହୃଦିସ୍ଥଃ ଶୋକାଗ୍ନିର୍ନ ଚ ଦହତି ସନ୍ତାପୟତି ଚ ॥ ୨୨୬ ॥ [ମୃଚ୍ଛ]

GPNanda Colln., Digitized by srujanika@gmail.com

ଅନ୍ୱୟ—ନିର୍ଦ୍ଧନତା, ଚିନ୍ତାୟାଃ, ନିବାସଃ; ପର ପରିଭବଃ, ଅପରଂ, ବୈରଂ; ମିତ୍ରାଣାଂ, ଜୁଗୁପ୍ସା, ସ୍ୱଜନ ଜନ ବିଦ୍ୱେଷ କରଣଂ, କଳତ୍ରାତ୍, ପରିଭବଃ, ଚ, ବନଂ, ଗନ୍ତୁଂ, ବୁଦ୍ଧିଃ, ଭବତି; ହୃଦୟସ୍ଥଃ, ଶୋକାଗ୍ନିଃ, ସନ୍ତାପୟତି, ଚ, ନ, ଦହତି ।

ଅର୍ଥ :—ଅହୋ ! ନିର୍ଦ୍ଧନତା ଚିନ୍ତାର ଆବାସ, ପରର ପରିଭବ ସ୍ଥାନ, ମିତ୍ରମାନଙ୍କର ଘୃଣାର ସ୍ଥାନ, ବନ୍ଧୁବର୍ଗଙ୍କର ବିଦ୍ୱେଷର ସ୍ଥାନ, ବନଗମନ ଇଚ୍ଛାର ସ୍ଥାନ, ଭାର୍ଯ୍ୟା ପର୍ଯ୍ୟନ୍ତର ପରିଭବର ସ୍ଥାନ; ଏଣୁ ମୋହର ହୃଦୟସ୍ଥ ଶୋକାଗ୍ନି ମୋତେ ସନ୍ତାପିତ କରୁଅଛି, ମାତ୍ର ପୋଡ଼ି ଦେଉ ନାହିଁ ।

ପୁନଶ୍ଚ ।

ଦାରିଦ୍ର୍ୟାତ୍ ପୁରୁଷସ୍ୟ ବାନ୍ଧବଜନୋ ବାକ୍ୟେ ନ ସନ୍ତିଷ୍ଠତେ,
ସୁସ୍ନିଗ୍ଧାଃ ବିମୁଖୀଭବନ୍ତି ସୁହୃଦଃ ସ୍ଫାରୀଭବନ୍ତ୍ୟାପଦଃ ।
ସତ୍ତ୍ୱଂ ହ୍ରାସମୁପୈତି ଶୀଲଶଶିନଃ କାନ୍ତିଃ ପରିମ୍ଳାୟତେ,
ପାପଂ କର୍ମ ଚ ଯତ୍ପରୈରପି କୃତଂ ତତ୍ତସ୍ୟ ସମ୍ଭାବ୍ୟତେ ॥ ୬୬ ॥ [ମୃଚ୍ଛ]

ଅନ୍ୱୟ—ପୁରୁଷସ୍ୟ, ଦାରିଦ୍ର୍ୟାତ୍, ବାନ୍ଧବଜନଃ, ବାକ୍ୟେ, ନ, ସନ୍ତିଷ୍ଠତେ; ସୁସ୍ନିଗ୍ଧାଃ, ସୁହୃଦଃ, ବିମୁଖୀଭବନ୍ତି; ଆପଦଃ, ସ୍ଫାରୀଭବନ୍ତି; ସତ୍ତ୍ୱଂ, ହ୍ରାସଂ, ଉପୈତି, ଶୀଲଶଶିନଃ, କାନ୍ତିଃ, ପରିମ୍ଳାୟତେ, ଚ, ପରୈଃ, ଅପି, ଯତ୍, ପାପଂ, କର୍ମ, କୃତଂ, ତତ୍, ଅପି, ତସ୍ୟ, ସମ୍ଭାବ୍ୟତେ ।

ଅର୍ଥ :—ବନ୍ଧୁମାନେ ଦରିଦ୍ର ବନ୍ଧୁର କଥାକୁ ଅନାଦର କରନ୍ତି ଏବଂ ସ୍ନେହାନୁବନ୍ଧୀ ମିତ୍ରମାନେ ସ୍ନେହରୁ ବଞ୍ଚିତ କରନ୍ତି । ଦରିଦ୍ରର ପଦେ ପଦେ ଆପଦ ବୃଦ୍ଧି ପାଏ, ବଳ କମିଯାଏ, ସତ୍ ସ୍ୱଭାବ କ୍ଷୟ ହୁଏ ଓ ଅନ୍ୟ ଲୋକମାନେ ଯାହା କ ଗୋଟିଏ ଆହ ପାପ କର୍ମ କରିଥାନ୍ତି, ତାହା ମଧ୍ୟ ଦରିଦ୍ରଠାରେ ସମ୍ଭାବିତ ହୋଇଥାଏ ।

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ସଙ୍ଗଂ ନୈବ ହି କଶ୍ଚିଦସ୍ୟ କୁରୁତେ ସମ୍ଭାଷତେ ନାଦରାତ୍,
ସମ୍ପ୍ରାପ୍ତୋ ଗୃହମୁତ୍ସବେଷୁ ଧନିନାଂ ସାବଜ୍ଞମାଲୋକ୍ୟତେ ।
ଦୂରାଦେବ ମହାଜନସ୍ୟ ବିହରତ୍ୟଳ୍ପଚ୍ଛଦୋ ଲଜ୍ଜୟା,
ମନ୍ୟେ ନିର୍ଦ୍ଧନତା ପ୍ରକାମମପରଂ ଷଷ୍ଠଂ ମହାପାତକଂ ॥ ୨୨୮ ॥ [ମୃଚ୍ଛ]

ଅନ୍ୱୟ—ହି, କଶ୍ଚିତ୍, ଏବ, ଅସ୍ୟ, ସଙ୍ଗଂ, ନ, କୁରୁତେ, ଆଦରାତ୍, କଶ୍ଚିତ୍, ନ, ସମ୍ଭାଷତେ; ଧନିନାଂ, ଉତ୍ସବେଷୁ, ଗୃହଂ, ସମ୍ପ୍ରାପ୍ତଃ, ଜନୈଃ, ସାବଜ୍ଞଂ, ଆଲୋକ୍ୟତେ; ଅଳ୍ପଚ୍ଛଦଃ, ମହାଜନସ୍ୟ, ଦୂରାତ୍, ଏବ, ଲଜ୍ଜୟା, ବିହରତି; ନିର୍ଦ୍ଧନତା, ପ୍ରକାମଂ, ଅପରଂ, ଷଷ୍ଠଂ, ମହାପାତକଂ, ମନ୍ୟେ ।

ଅର୍ଥ :—ଦରିଦ୍ରର ସହିତ କେହି ସଂସର୍ଗ କରନ୍ତି ନାହିଁ ଓ ଲୋକେ ତାକୁ ହୀନଦୃଷ୍ଟିରେ ଦେଖନ୍ତି । ଉତ୍ସବ କାର୍ଯ୍ୟାଦିରେ ଧନିଗୃହଠାରେ ଦରିଦ୍ର ପଦେ ପଦେ ଅନାଦୃତ ହୁଏ । ଦରିଦ୍ର ନିଜର ବସ୍ତ୍ର ଅଳ୍ପତାରୁ ଧନୀ ଦେଖି ଲଜ୍ଜାରେ ଦୂରରୁ ଫେରିଯାଏ । ଅହୋ ! ଦରିଦ୍ରତା ଜାଣ ଲୋକର ଅପର ଷଷ୍ଠ ମହାପାତକ ଅଟେ ।

ପୁନଶ୍ଚ ।

ଯଦା ତୁ ଭାଗ୍ୟକ୍ଷୟପୀଡ଼ିତାଂ ଦଶାଂ, ନରଃ କୃତାନ୍ତୋପହିତାଂ ପ୍ରପଦ୍ୟତେ ।
ତଦାସ୍ୟ ମିତ୍ରାଣ୍ୟପି ଯାନ୍ତ୍ୟମିତ୍ରତାଂ, ଚିରାନୁରକ୍ତୋଽପି ବିରଜ୍ୟତେ ଜନଃ ॥ ୨୨୯ ।
[ମୃଚ୍ଛ]

ଅନ୍ୱୟ—ତୁ, ଯଦା, କୃତାନ୍ତୋପହିତାଂ, ଭାଗ୍ୟକ୍ଷୟପୀଡ଼ିତାଂ, ଦଶାଂ, ନରଃ, ପ୍ରପଦ୍ୟତେ, ତଦା, ଅସ୍ୟ, ମିତ୍ରାଣି, ଅପି, ଅମିତ୍ରତାଂ, ଯାନ୍ତି; ଚିରାନୁରକ୍ତଃ, ଜନଃ ଅପି, ବିରଜ୍ୟତେ ।

GPNanda Colln., Digitized by srujanika@gmail.com

ଅର୍ଥ :— ମନୁଷ୍ୟର ଦୈବପ୍ରଦତ୍ତ ଭାଗ୍ୟବିପ୍ଳବ-ଦଶା ଉପସ୍ଥିତ ହେଲେ, ସେମାନେ ଶତ୍ରୁ ହୋଇ ପଡ଼ନ୍ତି ଓ ଚିରାନୁରକ୍ତ ବନ୍ଧୁମାନେ ମଧ୍ୟ ବିରକ୍ତ ହୋଇଥାନ୍ତି ।

ପୁନଶ୍ଚ ।

ତାନୀନ୍ଦ୍ରିୟାଣ୍ୟବିକଳାନି ତଦେବ ନାମ,
ସା ବୁଦ୍ଧିରପ୍ରତିହତା ବଚନଂ ତଦେବ ।
ଅର୍ଥୋଷ୍ମଣା ବିରହିତଃ ପୁରୁଷଃ ସ ଏବ,
ଅନ୍ୟଃ କ୍ଷଣେନ ଭବତୀତି ବିଚିତ୍ରମେତତ୍ ॥ ୧୩୦ ॥ [ମୁଦ୍ର]

ଅନ୍ୱୟ—ତାନି, ଅବିକଳାନି, ଇନ୍ଦ୍ରିୟାଣି, ତତ୍, ଏବ, ନାମ, ସା, ଏବ, ବୁଦ୍ଧିଃ, ତତ୍, ଏବ, ବଚନଂ, ଅର୍ଥୋଷ୍ମଣା, ବିରହିତଃ, ସଃ, ଏବ, ପୁରୁଷଃ, କ୍ଷଣେନ, ଅନ୍ୟଃ, ଭବତି, ଏତତ୍, ବିଚିତ୍ରଂ ।

ଅର୍ଥ :— ମନୁଷ୍ୟର ସେହି ପୂର୍ବ ଇନ୍ଦ୍ରିୟ, ପୂର୍ବ ନାମ, ପୂର୍ବ ବୁଦ୍ଧି ଓ ପୂର୍ବର ବଚନ ପରି ବଚନ, ଧନହୀନତା ହେତୁ କ୍ଷଣକେ ଅନ୍ୟ ପ୍ରକାର ହୋଇଯାଏ । ଅହୋ ! ଏହା କି ବିଚିତ୍ର ନୁହେ !

ଦାରିଦ୍ର୍ୟ ସମସ୍ତ ଆପଦର ମୂଳ ।

ଦାରିଦ୍ର୍ୟାଦ୍ ହ୍ରିୟମେତି ହ୍ରୀପରିଗତଃ ପ୍ରଭ୍ରସ୍ୟତେ ତେଜସୋ
ନିସ୍ତେଜାଃ ପରିଭୂୟତେ ପରିଭବାନ୍ନିର୍ବେଦ ମାପଦ୍ୟତେ ।
ନିର୍ବିଣ୍ଣଃ ଶୁଚମେତି ଶୋକପିହିତୋ ବୁଦ୍ଧ୍ୟା ପରିତ୍ୟଜ୍ୟତେ,
ନିର୍ବୁଦ୍ଧିଃ କ୍ଷୟମେତ୍ୟହୋ ନିଧନତା ସର୍ବାପଦାମାସ୍ପଦଂ ॥ ୧୩୧ ॥ [ମୁଦ୍ର]

ଅନ୍ୱୟ—ଦାରିଦ୍ର୍ୟାତ୍, ହ୍ରିୟଂ, ଏତି; ହ୍ରୀପରିଗତଃ, ତେଜସଃ, ପ୍ରଭ୍ରସ୍ୟତେ; ନିସ୍ତେଜାଃ, ପରିଭୂୟତେ, ପରିଭବାତ୍, ନିର୍ବେଦଂ, ଆପଦ୍ୟତେ, ନିର୍ବିଣ୍ଣଃ, ଶୁଚଂ, ଏତି; ଶୋକପିହିତଃ, ବୁଦ୍ଧ୍ୟା, ପରିତ୍ୟଜ୍ୟତେ; ନିର୍ବୁଦ୍ଧିଃ, କ୍ଷୟଂ, ଏତି; ଅହୋ ! ନିଧନତା, ସର୍ବାପଦାଂ, ଆସ୍ପଦଂ, ଭବତି ।

GPNanda Colln., Digitized by srujanika@gmail.com

ଅର୍ଥ :— ଦରିଦ୍ର ସର୍ବଦା ଲଜ୍ଜିତ ହୁଏ, ଲଜ୍ଜା ହେତୁ ତାହାର ତେଜ କମିଯାଏ, ତେଜହୀନ ହେଲେ ସର୍ବତ୍ର ପରାସ୍ତ ହୁଏ, ପରାସ୍ତ ହେଲେ ନିର୍ବେଦ ଏବ ନିର୍ବେଦରୁ ଶୋକ ଜାତ ହୁଏ, ଶୋକାତୁର ହେଲେ କ୍ରମେ କ୍ରମେ ବଳ ଓ ବୁଦ୍ଧି ଆଦି କମିଯାଏ; ଏଣୁ ନିର୍ଦ୍ଧନତା ଜାଣ ସମସ୍ତ ଆପଦର ମୂଳ ।

ଦରିଦ୍ରର ନିଜ ଅବସ୍ଥା ପ୍ରତି ଅନୁତାପ ।

ଦାରିଦ୍ର୍ୟ ! ଶୋଚାମି ଭବନ୍ତମେବମସ୍ମଚ୍ଛରୀରେ ସୁହୃଦିତ୍ୟୁଷିତ୍ୱା ।
ବିପନ୍ନଦେହେ ମୟି ମନ୍ଦଭାଗ୍ୟେ, ମମେତି ଚିନ୍ତା କ୍ୱ ଗମିଷ୍ୟସି ତ୍ୱଂ ॥୨୩୧॥
[ମୃଚ୍ଛ]

ଅନ୍ୱୟ—ହେ ଦାରିଦ୍ର୍ୟ ! ଭବନ୍ତଂ, ଏବ, ଶୋଚାମି; ଅସ୍ମତ୍, ଶରୀରେ ସୁହୃତ୍ ଇତି, ଉଷିତ୍ୱା, ମନ୍ଦଭାଗ୍ୟେ ମୟି, ବିପନ୍ନଦେହେ, ସତି, ତ୍ୱଂ, କ୍ୱ, ଗମିଷ୍ୟସି, ଇତି, ଚିନ୍ତା ।

ଅର୍ଥ :—ହେ ଦାରିଦ୍ର୍ୟ ! ମୋହର ଏହାହିଁ ଅନୁତାପ—ମୁଁ ଯଦି ଦୁର୍ଭାଗ୍ୟ ବଶରୁ ମରିଯାଏଁ, ତୁମ୍ଭେ ମୋହର ଜଣେ ପ୍ରିୟମିତ୍ର, ମତେ ଛାଡ଼ି କାହା ଦେହରେ ବାସ କରିବ ?

ଦରିଦ୍ରତା ଅପେକ୍ଷା ମରଣହିଁ ଶ୍ରେୟ ।

ଦାରିଦ୍ର୍ୟାନ୍ମରଣାଦ୍ୱାପି, ମରଣଂ ମମ ରୋଚତେ ନ ଦାରିଦ୍ର୍ୟଂ ।
ଅଳ୍ପକ୍ଳେଶଂ ମରଣଂ, ଦାରିଦ୍ର୍ୟମନନ୍ତକଂ ଦୁଃଖଂ ॥ ୨୩୩ ॥ [ମୃଚ୍ଛ]

ଅନ୍ୱୟ—ଦାରିଦ୍ର୍ୟାତ୍, ବା, ମରଣାତ୍, ଅପି ମମ, ମରଣଂ, ରୋଚତେ, ତୁ, ଦାରିଦ୍ର୍ୟଂ, ନ; ମରଣଂ, ଅଳ୍ପକ୍ଳେଶଂ; ଦାରିଦ୍ର୍ୟଂ, ଅନନ୍ତକଂ, ଦୁଃଖଂ ।

ଅର୍ଥ :—ଦାରିଦ୍ର୍ୟ ଓ ମରଣ ଉଭୟଙ୍କ ମଧ୍ୟରେ ମରଣହିଁ ଶ୍ରେୟ; ଯେହେତୁ ମରଣ ଅଳ୍ପ କ୍ଳେଶପ୍ରଦ ଓ ଦାରିଦ୍ର୍ୟ ଅସୀମ ଦୁଃଖପ୍ରଦ ।

GPNanda Colln., Digitized by srujanika@gmail.com

ଦୁର୍ବିପାକ ପ୍ରତି ଅନୁତାପ ।

ନୀତଂ ଜନ୍ମ ନବୀନନୀରଜବନେ ପୀତଂ ମଧୁ ସ୍ୱେଚ୍ଛୟା,
ମାଲତ୍ୟା କୁସୁମେଷୁ ଯେନ ସତତଂ କେଲୀ କୃତା ହେଲୟା ।
ତେନେୟଂ ମଧୁଗନ୍ଧଲୁବ୍ଧମନସା ଗୁଞ୍ଜାଲତା ସେବ୍ୟତେ,
ହା ଧିକ୍ ଦୈବକୃତଂ ସ ଏବ ମଧୁପଃ କାଂ କାଂ ଦଶାଂ ନାଗତଃ ॥ ୨୩୪ ॥
[ଭ୍ରମରାଷ୍ଟକ]

ଅନ୍ୱୟ—ନବୀନନୀରଜବନେ, ଯେନ, ଜନ୍ମ, ନୀତଂ, ସ୍ୱେଚ୍ଛୟା, ମଧୁ, ପୀତଂ; ମାଲତ୍ୟାଃ, କୁସୁମେଷୁ, ହେଲୟା, ଯେନ, ସତତଂ, କେଲୀ, କୃତା, ତେନ, ମଧୁଗନ୍ଧଲୁବ୍ଧମନସା, ଇୟଂ, ଗୁଞ୍ଜାଲତା, ସେବ୍ୟତେ; ହା ! ଦୈବକୃତଂ, ଧିକ୍, ସ ଏବ, ମଧୁପଃ, କାଂ, କାଂ, ଦଶାଂ ନ ଆଗତଃ ।

ଅର୍ଥ :—ଯେଉଁ ଭ୍ରମର ନୂତନ ପଦ୍ମବନରେ ଜନ୍ମ ହୋଇ ନିଜର ଇଚ୍ଛା ଅନୁସାରେ ମଧୁପାନ କରୁଥିଲା ଓ ମାଳତୀ ଫୁଲରେ ଅବହେଳାପୂର୍ବକ କ୍ରୀଡ଼ା ମଧ୍ୟ କରୁଥିଲା, ସେହି ଭ୍ରମର ଆଜ ମଧୁପାନ ଲୋଭରେ କାଇଁଚ ଲତାର ଆଶ୍ରୟ ନେଲା, ଆହା ! ସେହି ଭ୍ରମର କି କି ଦଶା ନ ଭୋଗିଲା; ଏଣୁ ବିଧିବିଧାନକୁହିଁ ଧିକ୍ ।

ଅନୁରୂପ ଶ୍ଳୋକ ।

ଯେ ବର୍ଦ୍ଧିତାଃ କରିକପୋଲମଦେନ ଭୃଙ୍ଗାଃ,
ପ୍ରୋତ୍ଫୁଲ୍ଲପଙ୍କଜରଜଃସୁରଭୀକୃତାଙ୍ଗାଃ ।
ତେ ସମ୍ପ୍ରତି ପ୍ରତିଦିନଂ କ୍ଷପୟନ୍ତି କାଳଂ,
ନମ୍ରେଷ୍ୱର୍କକୁସୁମେଷୁ ଚ ଦୈବଯୋଗାତ୍ ॥ ୨୩୫ ॥ [ମାଘ]

ଅନ୍ୱୟ—ଯେ, ଭୃଙ୍ଗାଃ, କରିକପୋଲମଦେନ, ବର୍ଦ୍ଧିତାଃ, ପ୍ରୋତ୍ଫୁଲ୍ଲ-ପଙ୍କଜରଜଃସୁରଭୀକୃତାଙ୍ଗାଃ, ସମ୍ପ୍ରତି, ଦୈବଯୋଗାତ୍, ତେ, ପ୍ରତିଦିନଂ, ନମ୍ରେଷୁ, ଚ, ଅର୍କକୁସୁମେଷୁ, କାଳଂ, କ୍ଷପୟନ୍ତି ।

GPNanda Colln., Digitized by srujanika@gmail.com

ଅର୍ଥ :—ଯେଉଁ ପ୍ରସ୍ଫୁଟିତ-ପଦ୍ମରଜ-ସୁଗନ୍ଧିତ-କଳେବର ଭୃଙ୍ଗମାନେ ହସ୍ତିକପୋଳର ମଦବାରିରେ ବର୍ଦ୍ଧିତ ହେଉଥିଲେ, ସେହି ଭ୍ରମରମାନେ ବିଧିବିଧାନ ହେତୁ ବର୍ତ୍ତମାନ ନିମ୍ବ ଓ ଅର୍କପୁଷ୍ପରେ କାଳଯାପନ କରୁଅଛନ୍ତି ।

ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସମ୍ବାଦ ।

ଦୈବଜ୍ଞାଃ ଖଳୁ ପଣ୍ଡିତାଃ ସଖି ! ମମଦ୍ୱାରେ ସ୍ଥିତା ନିତ୍ୟଶଃ,
ଶ୍ରୀମନ୍ତୋଽପି ମୟା ବିନା ପଶୁସମାସ୍ତସ୍ମାଦହଂ ଶ୍ରେୟସୀ ।
ଶ୍ରୀବାଗ୍‌ଦେବତୟୋରମୂନ୍‌ବଚନାନ୍ୟାକର୍ଣ୍ଣ୍ୟ ଧାତା ତଗ୍ର-
ହୃତେ ଶ୍ଲାଘ୍ୟତରେ ଉଭେ ଯଦି ଭବେଦେକୋବିବେକୋଗୁଣଃ ॥୨୩୬॥
[ଦ୍ୱିକ]

ଅନ୍ୱୟ—ହେ ସଖି ! ଦୈବଜ୍ଞାଃ, ପଣ୍ଡିତାଃ, ମମ, ଦ୍ୱାରେ, ନିତ୍ୟଶଃ, ସ୍ଥିତାଃ; ଶ୍ରୀମନ୍ତଃ, ଅପି, ମୟା, ବିନା, ପଶୁସମାଃ, ତସ୍ମାତ୍, ଅହଂ, ଶ୍ରେୟସୀ; ଶ୍ରୀବାଗ୍‌ଦେବତୟୋଃ, ଅମୂନି, ବଚନାନି, ଧାତା, ଆକର୍ଣ୍ଣ୍ୟ, ତତ୍ରାହ, ଉଭେ; ଯଦି, ଏକଃ, ବିବେକଃ, ଗୁଣଃ, ଭବେତ୍, ତଦା, ଉଭେ, ଶ୍ଲାଘ୍ୟତରେ ।

ଅର୍ଥ :—ଲକ୍ଷ୍ମୀ—ଅଗୋ ସଖି ! ଦୈବଜ୍ଞ ପଣ୍ଡିତମାନେ ମୋହର ଦ୍ୱାରରେ ଦିଅ ଦିଅ ବୋଲି ସର୍ବଦା ଉପସ୍ଥିତ ହୋଇଥାନ୍ତି । ସରସ୍ୱତୀ—ଅଗୋ ଲକ୍ଷ୍ମି ! ଧନୀପୁରୁଷମାନେ ମୋହର ବେ-ଅନୁଗ୍ରହରୁ ପଶୁସମାନ ଅଟନ୍ତି, ଏଣୁ ଅମ୍ଭେହିଁ ବଡ଼ । ବ୍ରହ୍ମା ଏ ଦୁହିଙ୍କର କଳହ ଶୁଣି ବିଚାର ସମ୍ପୃକ୍ତକ ବିଷୟର କଥା ନିଷ୍ପତ୍ତି କଲେ ଯେ, ବିବେକ ସହକାରେ ଭାବିଲେ ଦୁହେଁ ହିଁ ପ୍ରଶଂସନୀୟା ଅଟନ୍ତି ।

କଣ୍ଠ ଓ ମାର୍ଜାରର କଳହ ।

ମା ଗର୍ବମୁଦ୍ୱହ ବିଡ଼ାଳ ! ମଣ୍ଟାପତୀନା—
ମନ୍ତଃପୁରଂ ମଣିମୟଂ କଳୟଂ ମମେତି ।

GPNanda Colln., Digitized by srujanika@gmail.com

ପଟ୍ଟାଭିଷେକସମୟେ ଜଗଦୀଶ୍ୱରାଣାଂ,
ବାହ୍ୟସ୍ଥିତୋଽପି କଲଭଃ ସ ଭୂ ମଣ୍ଡନଶ୍ରୀଃ ॥ ୨୩୭ ॥ [ଦୃଙ୍କ]

ଅନ୍ୱୟ—ରେ ବିଡ଼ାଲ ! ମହୀପତୀନାଂ, ଅନ୍ତଃପୁରଂ, ମଣିମୟଂ, ନିଲୟଂ, ମମ, ଇତି, ଗର୍ବଂ, ମା, ଉଦ୍ୱହ; ଭୁ , ଜଗଦୀଶ୍ୱରାଣାଂ, ପଟ୍ଟାଭିଷେକ-ସମୟେ, ବାହ୍ୟସ୍ଥିତଃ, ସଃ, କଲଭଃ, ଅପି, ମଣ୍ଡନଶ୍ରୀଃ ।

ଅର୍ଥ :—ରେ ବିଡ଼ାଲ ! ରାଜାମାନଙ୍କର ଅନ୍ତଃପୁର ମଣିମୟ ନିଲୟ ମୋହର ବୋଲି ବୃଥା ଗର୍ବ କର ନାହିଁ । ଦେଖ, ରାଜାମାନଙ୍କର ଅଭିଷେକ ସମୟରେ ହସ୍ତୀ ବାହାରରେ ଥିଲେ ସୁଦ୍ଧା ମଣ୍ଡିତ ହୋଇ ଅଦୃତ ହୋଇଥାଏ ।

ଯତିଙ୍କର ନୃପତିଙ୍କ ପ୍ରତି ଉକ୍ତି ।

ତ୍ୱଂ ରାଜା ବୟମପ୍ୟୁପାସିତ ଗୁରୁପ୍ରଜ୍ଞାଭିମାନୋନ୍ନତାଃ,
ଖ୍ୟାତସ୍ତ୍ୱଂ ବିଭବୈର୍ଯଶାଂସି କବୟୋ ଦିକ୍ଷୁ ପ୍ରତନ୍ୱନ୍ତି ନଃ ।
ଇତ୍ଥଂ ମାନଦ ! ନାତିଦୂରମୁଭୟୋରପ୍ୟାବୟୋରନ୍ତରଂ,
ଯଦ୍ୟସ୍ମାସୁ ପରାଙ୍ମୁଖୋଽସି ବୟମପ୍ୟେକାନ୍ତତୋନିଷ୍ପୃହାଃ ॥ ୨୩୮ ॥
[ବୈରାଗ୍ୟ ଶତକ]

ଅନ୍ୱୟ—ହେ ମାନଦ ! ତ୍ୱଂ, ରାଜା, ବୟଂ, ଅପି, ଗୁରୁପ୍ରଜ୍ଞାଭିମାନୋ-ନ୍ନତାଃ, ବିଭବୈଃ, ତ୍ୱଂ, ଖ୍ୟାତଃ, ନଃ, ଯଶାଂସି, କବୟଃ, ଦିକ୍ଷୁ, ପ୍ରତନ୍ୱନ୍ତି; ଇତ୍ଥଂ, ଆବୟୋଃ, ଉଭୟୋଃ, ଅନ୍ତରଂ, ଅପି, ଅତିଦୂରଂ, ନ, ଅସ୍ତି; ଯଦି, ଅସ୍ମାସୁ ପରାଙ୍ମୁଖଃ, ଅସି, ବୟଂ, ଅପି, ଏକାନ୍ତତଃ, ନିଷ୍ପୃହାଃ ।

ଅର୍ଥ :—ସମ୍ମାନପ୍ରଦ ମହାରାଜ ! ଆପଣମାନେ ରାଜ୍ୟର ରାଜା ଓ ଆମ୍ଭେମାନେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ପ୍ରଜ୍ଞାଭିମାନରେ ଉନ୍ନତ, ଆପଣମାନଙ୍କର ବିଭବହେତୁକ ଖ୍ୟାତି ଓ ଆମ୍ଭମାନଙ୍କର ଜ୍ଞାନହେତୁକ ଖ୍ୟାତି; ଏଣୁ ଯତି ଓ

GPNanda Colln., Digitized by srujanika@gmail.com

ନୃପତିମାନଙ୍କର ବିଶେଷ କିଛି ପ୍ରଭେଦ ନାହିଁ । ମାତ୍ର ଆପଣମାନେ ଯଦି ଆମ୍ଭ-ମାନଙ୍କ ପ୍ରତି ବିରକ୍ତ ଥାନ୍ତି, ତେବେ ଆମ୍ଭେମାନେ ମଧ୍ୟ ଏକାନ୍ତ ନିଃସ୍ପୃହ ।

ଯତିଙ୍କର ବିଶେଷତ୍ୱ ।

ବୟମିହ ପରିତୁଷ୍ଟାଃ ବଳ୍କଳୈସ୍ତ୍ୱଂ ଦୁକୂଳୈଃ,
ସମମିହ ପରିତୋଷୋ ନିର୍ବିଶେଷୋ ବିଶେଷଃ ।
ସ ତୁ ଭବତୁ ଦରିଦ୍ରୋ ଯସ୍ୟ ତୃଷ୍ଣା ବିଶାଳା,
ମନସି ଚ ପରିତୁଷ୍ଟେ କୋଽର୍ଥବାନ୍ କୋ ଦରିଦ୍ରଃ ।।୧୩୯।। [ବୈରା]

ଅନ୍ୱୟ—ଇହ, ବୟଂ, ବଳ୍କଳୈଃ, ପରିତୁଷ୍ଟାଃ, ତ୍ୱଂ ଦୁକୂଳୈଃ, ପରିତୁଷ୍ଟଃ ଇହ, ସମଂ, ପରିତୋଷଃ, ନିର୍ବିଶେଷଃ, ବିଶେଷଃ; ତୁ, ଯସ୍ୟ, ବିଶାଳା, ତୃଷ୍ଣା, ସଃ, ଦରିଦ୍ରଃ ଭବତୁ; ଚ, ମନସି, ପରିତୁଷ୍ଟେ, କଃ, ଅର୍ଥବାନ୍, ଚ, କଃ, ଦରିଦ୍ରଃ ।

ଅର୍ଥ :—ମହାରାଜ ! ଯତିମାନଙ୍କର ଆପଣମାନଙ୍କ ସହିତ ଏହିହିଁ —ବିଶେଷତ୍ୱ, ଅସ୍ମଦାଦି ଯତିମାନଙ୍କର ବଳ୍କଳଦ୍ୱାରା ଓ ଆପଣ-ମାନଙ୍କର ବସ୍ତ୍ରଦ୍ୱାରା ଲଜ୍ଜା ନିବାରିତ ହୁଏ, ଏଣୁ ଉଭୟଙ୍କର ସନ୍ତୋଷହିଁ ସମାନ । ଯାହାର ଯେତେ ଆଶା ସେ ସେତେହିଁ ଦରିଦ୍ର, ଏଣୁ ସନ୍ତୁଷ୍ଟମନାର ଧନୀ ଓ ନିର୍ଦ୍ଧନର ବିଚାର ନ ଥାଏ ।

ସମ୍ପଦ ପ୍ରତି ଆକ୍ଷେପ ।

ଜନ୍ମନି କ୍ଲେଶବହୁଳେ କିନ୍ନୁ ଦୁଃଖମତଃପରଂ ।
ଇଚ୍ଛାସମ୍ପଦ୍ ଯତୋ ନାସ୍ତି ଯଚ୍ଚେଚ୍ଛା ନ ନିବର୍ତ୍ତତେ ।। ୧୪୦ ।। [ବିଦୁ]

ଅନ୍ୱୟ—ନୁ, କ୍ଲେଶବହୁଳେ, ଜନ୍ମନି, ଅତଃପରଂ, କିଂ, ଦୁଃଖଂ; ଯତଃ, ଇଚ୍ଛାସମ୍ପତ୍, ନ, ଅସ୍ତି; ଯତ୍, ଇଚ୍ଛା, ନ ନିବର୍ତ୍ତତେ ।

ଅର୍ଥ :—ଆହା ! ଏହି କ୍ଲେଶପୂର୍ଣ୍ଣ ଜନ୍ମରେ ଏଥିଁ ଅଧିକ ଦୁଃଖ କ'ଣ ? ଯହିଁରେ କି ଆଶାନୁରୂପ ସମ୍ପଦ ମିଳେ ନାହିଁ ଏବଂ ଯେଉଁ ସମ୍ପଦରୁ କି ଆଶାର ନିବୃତ୍ତି ମଧ୍ୟ ହୁଏ ନାହିଁ ।

GPNanda Colln., Digitized by srujanika@gmail.com

ଅଶାରୁ ଅଶାନ୍ତର ।

ନିଃସ୍ୱୋ ବଷ୍ଟି ଶତଂ ଶତୀ ଦଶଶତଂ ଲକ୍ଷଂ ସହସ୍ରାଧିପୋ
ଲକ୍ଷେଶଃ କ୍ଷିତିପାଳତାଂ କ୍ଷିତିପତିଶ୍ଚକ୍ରେଶତ୍ୱଂ ପୁନଃ ।
ଚକ୍ରେଶଃ ପୁନରନ୍ଦ୍ରତାଂ ସୁରପତିର୍ବ୍ରାହ୍ମଂ ପଦଂ ବାଞ୍ଛତି,
ବ୍ରହ୍ମା ଶୈବପଦଂ ଶିବୋ ହରିପଦମାଶାବଧିଂ କୋ ଗତଃ ॥୨୪୧॥
[ଅଷ୍ଟରତ୍ନ]

ଅନ୍ୱୟ—ନିଃସ୍ୱଃ, ଶତଂ; ଶତୀ, ଦଶଶତଂ; ସହସ୍ରାଧିପଃ, ଲକ୍ଷଂ; ଲକ୍ଷେଶଃ, କ୍ଷିତିପାଳତାଂ; କ୍ଷିତିପତିଃ, ପୁନଃ, ଚକ୍ରେଶତ୍ୱଂ; ଚକ୍ରେଶଃ, ପୁନଃ, ଇନ୍ଦ୍ରତାଂ; ସୁରପତିଃ, ବ୍ରାହ୍ମଂପଦଂ; ବ୍ରହ୍ମା ଶୈବପଦଂ, ଶିବଃ, ହରିପଦଂ, ବଷ୍ଟି; କଃ, ଅଶାବଧିଂ, ଗତଃ ।

ଅର୍ଥ :—ନିର୍ଦ୍ଧନର ଦଶଟଙ୍କା, ଦଶଟଙ୍କିଆର ଶହେ, ଶହେଟଙ୍କିଆର ହଜାରେ, ସହସ୍ରପତିର ଲକ୍ଷେ, ଲକ୍ଷପତିର ରାଜତ୍ୱ, ରାଜାର ଚକ୍ରବର୍ତ୍ତିତ୍ୱ, ଚକ୍ରବର୍ତ୍ତିର ଇନ୍ଦ୍ରତ୍ୱ, ଇନ୍ଦ୍ରଙ୍କର ବ୍ରାହ୍ମପଦ, ବ୍ରହ୍ମାଙ୍କର ଶିବପଦ ଓ ଶିବଙ୍କର ହରିପଦ ପର୍ଯ୍ୟନ୍ତ ଅଶା; ଏଣୁ ଆଶାର ନିବୃତ୍ତି ନାହିଁ ।

ଅର୍ଥହିଁ ଦୁଃଖପ୍ରଦ ।

ଜନୟନ୍ତ୍ୟର୍ଜ୍ଜନେ ଦୁଃଖଂ ତାପୟନ୍ତି ବିପତ୍ତିଷୁ ।
ମୋହୟନ୍ତି ଚ ସମ୍ପତ୍ତୌ କଥମର୍ଥାଃ ସୁଖାବହାଃ ॥୨୪୨॥ [କସ୍ୟ]

ଅନ୍ୱୟ—ଅର୍ଥାଃ, ଅର୍ଜ୍ଜନେ ଦୁଃଖଂ, ଜନୟନ୍ତି; ବିପତ୍ତିଷୁ, ତାପୟନ୍ତି, ଚ, ସମ୍ପତ୍ତୌ, ମୋହୟନ୍ତି; ଅତଃ, ଅର୍ଥାଃ, କଥଂ, ସୁଖାବହାଃ ?

ଅର୍ଥ :—ଧନ ଉପାର୍ଜ୍ଜନ କରିବାହିଁ ଦୁଃଖ, ବିନଷ୍ଟ ହେଲେ ମଧ୍ୟ ଦୁଃଖ, ଧନ ବର୍ଦ୍ଧିତ ହେଲେ ମୋହକାରକ; ଅତଏବ ଧନରେ ବା ସୁଖ କ'ଣ ?

GPNanda Colln., Digitized by srujanika@gmail.com

ଧନର ସର୍ବତ୍ର ଭୟ ।

ରାଜତଃ ସଲିଲାଦଗ୍ନେଶ୍ଚୌରତଃ ସ୍ୱଜନାଦପି ।
ଭୟମର୍ଥବତାଂ ନିତ୍ୟଂ ମୃତ୍ୟୋଃ ପ୍ରାଣଭୃତାମିବ ॥୨୪୩॥ [କଥୃ]

ଅନ୍ୱୟ—ମୃତ୍ୟୋଃ, ପ୍ରାଣଭୃତାଂ, ଇବ, ଅର୍ଥବତାଂ, ନିତ୍ୟଂ, ରାଜତଃ, ସଲିଲାତ୍, ଅଗ୍ନେଃ, ଚୌରତଃ, ଚ, ସ୍ୱଜନାତ୍, ଅପି, ଭୟଂ, (ଭବତି) ।

ଅର୍ଥ :—ଯେପରି ପ୍ରାଣିମାନଙ୍କର ମୃତ୍ୟୁର ଭୟ ଥାଏ, ସେହିପରି ଧନୀର ରାଜା, ଜଳ, ଅଗ୍ନି, ଚୋର ଓ ଜ୍ଞାତିମାନଙ୍କ ପ୍ରତି ଭୟ ଥାଏ ।

ପୁନଶ୍ଚ ।

କୋଽପବାଦଃ ସ୍ତୁତିପଦେ ଯଦଶୀଳେଷୁ ଚଞ୍ଚଳାଃ ।
ସାଧୁବୃତ୍ତାନପି କ୍ଷୁଦ୍ରାନ୍ ବିକ୍ଷିପନ୍ତ୍ୟେବ ସମ୍ପଦଃ ॥ ୨୪୪ ॥ [କଥୃ]

ଅନ୍ୱୟ—ଯତ୍, ସମ୍ପଦଃ, ଅଶୀଳେଷୁ, ଚଞ୍ଚଳାଃ, ସାଧୁବୃତ୍ତାନ୍, ଅପି, କ୍ଷୁଦ୍ରାନ୍ ବିକ୍ଷିପନ୍ତି, ଏବ; ତତ୍, ସ୍ତୁତିପଦେ, କଃ, ଅପବାଦଃ ।

ଅର୍ଥ :—ଯେଉଁ ସମ୍ପଦ କି ଅଶୀଳମାନଙ୍କଠାରେ ଅସ୍ଥିର ଓ ସାଧୁମାନଙ୍କର ସଚ୍ଚରିତ୍ରତା ବିଭ୍ରାମକ, ତାହାର ପ୍ରଶଂସା ବା କଣ ?

ପୁନଶ୍ଚ ।

ଧନଂ ତାବଦସୁଲଭଂ ଲବ୍ଧଂ କୃଚ୍ଛ୍ରେଣ ପାଲ୍ୟତେ ।
ଲବ୍ଧନାଶୋ ଯଥା ମୃତ୍ୟୁ ସ୍ତସ୍ମାଦେତନ୍ନ ଚିନ୍ତୟେତ୍ ॥୨୪୫॥ [କଥୃ]

ଅନ୍ୱୟ—ତାବତ୍, ଧନଂ, ଅସୁଲଭଂ, ଲବ୍ଧଂ, କୃଚ୍ଛ୍ରେଣ, ପାଲ୍ୟତେ, ଲବ୍ଧନାଶଃ, ଯଥା, ମୃତ୍ୟୁଃ, ତଥା; ତସ୍ମାତ୍, ଏତତ୍, ନ, ଚିନ୍ତୟେତ୍ ।

ଅର୍ଥ :—ଆଶାନୁରୂପ ଧନ ମିଳେ ନାହିଁ, ମିଳିଲେ ତାକୁ ରକ୍ଷାଣାବେକ୍ଷଣ କରିବା ମଧ୍ୟ ସହଜ ନୁହେଁ, ଲବ୍ଧଧନ ବିନଷ୍ଟ ହେଲେ ମୃତ୍ୟୁବତ୍ କ୍ଳେଶ ଜାତ କରାଏ; ସେହି ହେତୁ ଧନ ପ୍ରତି ବ୍ୟାକୁଳ ହେବା ଉଚିତ ନୁହେ ।

GPNanda Colln., Digitized by srujanika@gmail.com

ଧନରୁ ଧର୍ମ ଏହାହିଁ ବୃଥା ।

ଧର୍ମାର୍ଥଂ ଯସ୍ୟବିତ୍ତେହା ବରଂ ତସ୍ୟ ନିରୀହତା ।
ପ୍ରକ୍ଷାଳନାଦ୍ଧି ପଙ୍କସ୍ୟ ଦୂରାଦସ୍ପର୍ଶନଂ ବରଂ ॥ ୨୪୬ ॥ [ହିଣ]

ଅନ୍ୱୟ—ଯସ୍ୟ, ଧର୍ମାର୍ଥଂ, ବିତ୍ତେହା, ତସ୍ୟ, ନିରୀହତା, ବରଂ; ହି, ପଙ୍କସ୍ୟ, ପ୍ରକ୍ଷାଳନାତ୍, ଦୂରାତ୍, ଅସ୍ପର୍ଶନଂ, ବରଂ ।

ଅର୍ଥ :—ଯେପରି କାଦୁଅକୁ ଯାଇ ଗୋଡ଼ ଧୋଇବା ଅପେକ୍ଷା କାଦୁଅକୁ ନ ଯିବାହିଁ ଶ୍ରେୟ, ସେହିପରି ଅନ୍ୟାୟରେ ଧନ ଉପାର୍ଜ୍ଜନ କରି ଧର୍ମ କାର୍ଯ୍ୟ କରିବା ଅପେକ୍ଷା ଧର୍ମକାର୍ଯ୍ୟ ନ କରିବାହିଁ ଶ୍ରେୟ ।

ଆଶାର ଏହାହିଁ ନିବୃତ୍ତି ।

ଯଦାଯଦେବ ବାଞ୍ଛେତ ତତୋ ବାଞ୍ଛା ପ୍ରବର୍ତ୍ତତେ ।
ପ୍ରାପ୍ତ ଏବାର୍ଥତଃ ସୋଽର୍ଥୋ ଯତୋ ବାଞ୍ଛା ନିବର୍ତ୍ତତେ ॥ ୨୪୭ ॥
[ଦୃଜ]

ଅନ୍ୱୟ—ଯଦା, ଯତ୍, ଏବ, ବାଞ୍ଛେତ, ତତଃ, ବାଞ୍ଛା, ପ୍ରବର୍ତ୍ତତେ; ସଃ, ଅର୍ଥଃ, ଅର୍ଥତଃ, ପ୍ରାପ୍ତଃ, ଏବ, ଯତଃ, ବାଞ୍ଛା, ନିବର୍ତ୍ତତେ ।

ଅର୍ଥ :—ଆଶାରୁ ଆଶାର ବୃଦ୍ଧି, ମାତ୍ର ଯହିଁରୁ କି ଆଶାର ନିବୃତ୍ତି, ସେହି ପଦାର୍ଥ ହିଁ ବାସ୍ତବିକ ବସ୍ତୁଗତ ।

ସନ୍ତୋଷ ବଳରୁ ବଳ ନାହିଁ ।

କନ୍ଦୈଃ ଫଳୈର୍ମୁନିବରାଃ କ୍ଷପୟନ୍ତି କାଳଂ,
ଶୁଷ୍କୈସ୍ତୃଣୈର୍ବନଗଜା ବଳିନୋ ଭବନ୍ତି ।
ସର୍ପାଃ ପିବନ୍ତି ପବନଂ ନ ଚ ଦୁର୍ବଳାସ୍ତେ,
ସନ୍ତୋଷ ଏବ ପରମଂ ବଳମସ୍ତି ଲୋକେ ॥ ୨୪୮ ॥ [ନୀପ]

GPNanda Colln., Digitized by srujanika@gmail.com

ଅନ୍ୱୟ—ମୁନିବର୍ଯ୍ୟାଃ, କନ୍ଦୈଃ, ଚ, ଫଳୈଃ, କାଳଂ, କ୍ଷପୟନ୍ତି; ବନଗଜାଃ, ଶୁଷ୍କୈଃ, ତୃଣୈଃ, ବଳିନଃ, ଭବନ୍ତି; ଚ, ସର୍ପାଃ, ପବନଂ, ପିବନ୍ତି; ତେ, ଦୁର୍ବଳାଃ, ନ; ଅତ୍ର, ଲୋକେ, ସନ୍ତୋଷଃ, ଏବ, ପରମଂ, ବଳଂ ।

ଅର୍ଥ :—ମୁନିମାନେ ଫଳମୂଳାଦି ଭକ୍ଷଣ କରି ସନ୍ତୁଷ୍ଟ ହୋଇଥାନ୍ତି, ବନ ହସ୍ତିମାନେ ଶୁଷ୍କ ତୃଣଆଦି ଭକ୍ଷଣ କରି ବଳିଷ୍ଠ ହୋଇଥାନ୍ତି ଓ ସର୍ପମାନେ ବାୟୁ ପାନ କରି ମଧ୍ୟ ଦୁର୍ବଳ ନୁହନ୍ତି; ଏଣୁ ଏହି ଜଗତରେ ସନ୍ତୋଷ ବଳରୁ ବଳ ଅଉ ଅଧିକ ନାହିଁ ।

ବିଦ୍ୟା ଏକପ୍ରକାର ବାଣିଜ୍ୟର ବ୍ୟବସାୟ ।

କିଂ ବେଦୈଃ ସ୍ମୃତିଭିଃ ପୁରାଣପଠନୈଃ ଶାସ୍ତ୍ରୈର୍ମହାବିସ୍ତରୈଃ,
ସ୍ୱର୍ଗଗ୍ରାମକୁଟୀନିବାସଫଳଦୈଃ କର୍ମକ୍ରିୟାବିଭ୍ରମୈଃ ।
ମୁକ୍ତ୍ୱୈକଂ ଭବଦୁଃଖଭାରରଚନାବିଧ୍ୱଂସକାଳାନଳ--
ସ୍ୱାତ୍ମାନନ୍ଦପଦପ୍ରକାଶକଳନଂ ଶେଷାଃ ବଣିଗ୍‌ବୃତ୍ତୟଃ ॥ ୨୪୯ ॥ [ବୈର]

ଅନ୍ୱୟ—ବେଦୈଃ, ସ୍ମୃତିଭିଃ, ପୁରାଣପଠନୈଃ, ମହାବିସ୍ତରୈଃ, ଶାସ୍ତ୍ରୈଃ, ସ୍ୱର୍ଗଗ୍ରାମକୁଟୀନିବାସଫଳଦୈଃ, କର୍ମକ୍ରିୟାବିଭ୍ରମୈଃ, କିଂ; ଏକଂ, ଭବଦୁଃଖ-ଭାରରଚନା-ବିଧ୍ୱଂସ-କାଳାନଳ-ସ୍ୱାତ୍ମାନନ୍ଦପଦପ୍ରକାଶ-କଳନଂ, ମୁକ୍ତ୍ୱା, ଶେଷାଃ, ବଣିକ୍-ବୃତ୍ତୟଃ ।

ଅର୍ଥ :—ଅତ୍ମଜ୍ଞାନ ଭିନ୍ନ ବେଦ, ସ୍ମୃତି, ପୁରାଣ, ବିସ୍ତୃତ ଶାସ୍ତ୍ରାଦିର ପଠନ ଓ ସାମାନ୍ୟ ସ୍ୱର୍ଗଫଳପ୍ରଦ କର୍ମକ୍ରିୟାଦିର ଭ୍ରାମକ ବ୍ୟବସାୟ କେବଳ ଦୋକାନଦାରର କାର୍ଯ୍ୟ ଅଟେ ।

ସନ୍ନ୍ୟାସର ପ୍ରଶଂସା ।

ଭୁଙ୍‌କ୍ତେ ବେଣ୍ଣୁ ସୁତାଃ ସତାମଭିମତାଃ ସଖ୍ୟାଭଗାଃ ସମ୍ପଦଃ,
କଲ୍ୟାଣୀ ଦୟିତା ବୟଶ୍ଚ ନବମିତ୍ୟଜ୍ଞାନମୂଢ଼ୋ ଜନଃ ।

GPNanda Colln., Digitized by srujanika@gmail.com

ଜ୍ଞାତ୍ୱା ବିଶ୍ୱମନଶ୍ୱରଂ ନିବଶତେ ସଂସାର-କାରାଗୃହେ,
ସଂତ୍ୟଜ୍ୟ କ୍ଷଣଭଙ୍ଗୁରଂ ତଦଖିଳଂ ଧନ୍ୟସ୍ତୁ ସନ୍ନ୍ୟସ୍ୟତି ॥ ୨୫୦ ॥
[ବୈରାଗ୍ୟ]

ଅନ୍ୱୟ—ଭୋଗଂ, ବେଶ୍ମ, ସୁତାଂ, ଅଭିମତାଃ, ସୁତାଃ, ସଂପଦଃ, ସଂଖ୍ୟାତିଗାଃ, କଲ୍ୟାଣୀ, ଦୟିତା, ଚ, ନବଂ, ବୟଃ, ଇତି, ଅଜ୍ଞାନମୂଢ଼ାଃ, ଜନାଃ, ବିଶ୍ୱଂ, ଅନଶ୍ୱରଂ, ଜ୍ଞାତ୍ୱା, ସଂସାର-କାରାଗୃହେ, ନିବଶନ୍ତେ; ତୁ, ତତ୍, ଅଖିଳଂ, କ୍ଷଣଭଙ୍ଗୁରଂ, ସଂତ୍ୟଜ୍ୟ, ଯଃ, ସନ୍ନ୍ୟସ୍ୟତି, ସଃ, ଧନ୍ୟଃ ।

ଅର୍ଥ :—ଅଜ୍ଞାନମୂଢ଼ମାନେ ଉତ୍ତମଘର, ସଜ୍ଜନାନୁମୋଦିତ ପୁତ୍ର, ଅସଂଖ୍ୟ ଧନ, ପ୍ରିୟଭାଷିଣୀ ସ୍ତ୍ରୀ ଓ ନୂତନ ବୟସ ଆଦିକୁ ଅନଶ୍ୱର ମନେ କରି ଏହି ସଂସାର-କାରାଗୃହରେ ଲିପ୍ତ ଥାନ୍ତି, ମାତ୍ର ଜ୍ଞାନୀମାନେ ଏହି ବିଶ୍ୱକୁ ନଶ୍ୱର ମନେ କରି ସନ୍ନ୍ୟାସ ପଦରେ ଅଲଙ୍କୃତ ହୋଇଥାନ୍ତି; ଏଣୁ ତ୍ୟାଗୀମାନେ ହିଁ ଧନ୍ୟ ।

ଏହି ଯୋଗୀମାନେହିଁ ନିର୍ଭୟ ।

ଧୈର୍ଯ୍ୟଂ ଯସ୍ୟ ପିତା କ୍ଷମା ଚ ଜନନୀ ଶାନ୍ତିଶ୍ଚିରଂ ଗେହିନୀ,
ସତ୍ୟଂ ସୂନୁରୟଂ ଦୟା ଚ ଭଗିନୀ ଭ୍ରାତା ମନଃ ସଂଯମଃ ।
ଶଯ୍ୟା ଭୂମିତଳଂ ଦିଶୋଽପି ବସନଂ ଜ୍ଞାନାମୃତଂ ଭୋଜନଂ,
ଯସ୍ୟୈତେ ହି କୁଟୁମ୍ବିନୋ ବଦ ସଖେ ! କସ୍ମାଦ୍‌ଭୟଂ ଯୋଗିନଃ ॥୨୫୧॥
[ବୈରାଗ୍ୟ]

ଅନ୍ୱୟ—ଯସ୍ୟ, ଧୈର୍ଯ୍ୟଂ, ପିତା, ଚ, କ୍ଷମା ଜନନୀ, ଶାନ୍ତିଃ, ଚିରଂ, ଗେହିନୀ, ସତ୍ୟଂ, ସୂନୁଃ, ଚ, ଇୟଂ, ଦୟା, ଭଗିନୀ, ମନଃ ସଂଯମଃ, ଭ୍ରାତା, ଭୂମିତଳଂ, ଶଯ୍ୟା, ଦିଶଃ, ଅପି, ବସନଂ, ଜ୍ଞାନାମୃତଂ, ଭୋଜନଂ, ହି, ଯସ୍ୟ, ଯୋଗିନଃ, ଏତେ, କୁଟୁମ୍ବିନଃ, ସନ୍ତି, ହେ ସଖେ ! ତସ୍ୟ, କସ୍ମାତ୍, ଭୟଂ, ବଦ ।

ଅର୍ଥ :—ଯେଉଁ ଯୋଗୀମାନଙ୍କର ଧୈର୍ଯ୍ୟହିଁ ପିତା, କ୍ଷମା ମାତା, ଶାନ୍ତି ସ୍ତ୍ରୀ, ସତ୍ୟ ପୁତ୍ର, ଦୟା ଭଗିନୀ ଓ ମନଃ ସଂଯମରୂପ ଭ୍ରାତା ଏବଂ

GPNanda Colln., Digitized by srujanika@gmail.com

ଭୂମି ଶଯ୍ୟା, ଦିକ୍ ବସ୍ତ୍ର ଓ ଜ୍ଞାନରୂପ ଅମୃତହିଁ ଭୋଜନ, ସେହିମାନଙ୍କର କାହାକୁ କାହିଁକି ବା ଭୟ ହେବ ?

ବୈରାଗ୍ୟହିଁ ଅଭୟ ।

ଭୋଗେ ରୋଗଭୟଂ କୁଳେ ଚ୍ୟୁତିଭୟଂ ବିତ୍ତେ ନୃପାଲାଦ୍ଭୟଂ,
ମାନେ ଦୈନ୍ୟଭୟଂ ବଳେ ରିପୁଭୟଂ ରୂପେ ତରୁଣ୍ୟା ଭୟଂ ।
ଶାସ୍ତ୍ରେ ବାଦଭୟଂ ଗୁଣେ ଖଳଭୟଂ କାୟେ କୃତାନ୍ତାଦ୍ଭୟଂ,
ସର୍ବଂ ବସ୍ତୁ ଭୟାନ୍ୱିତଂ ଭୁବି ନୃଣାଂ ବୈରାଗ୍ୟମେବାଭୟଂ ॥ ୨୫୬ ॥

[ବୈରା]

ଅନ୍ୱୟ—ନୃଣାଂ, ଭୋଗେ, ରୋଗଭୟଂ, କୁଳେ, ଚ୍ୟୁତିଭୟଂ, ବିତ୍ତେ, ନୃପାଲାତ୍, ଭୟଂ, ମାନେ, ଦୈନ୍ୟଭୟଂ, ବଳେ, ରିପୁଭୟଂ, ରୂପେ, ତରୁଣ୍ୟାଃ, ଭୟଂ, ଶାସ୍ତ୍ରେ, ବାଦଭୟଂ, ଗୁଣେ, ଖଳଭୟଂ, କାୟେ, କୃତାନ୍ତାତ୍, ଭୟଂ, ଅତଃ, ଭୁବି, ସର୍ବଂ, ବସ୍ତୁ, ଭୟାନ୍ୱିତଂ; ବୈରାଗ୍ୟଂ, ଏବ, ଅଭୟଂ ।

ଅର୍ଥ :—ମନୁଷ୍ୟମାନଙ୍କର ସ୍ରକ୍, ଚନ୍ଦନ ଓ ବନିତାଦିର ଭୋଗରେ ରୋଗଭୟ, କୁଳୀନମାନଙ୍କର ଆଚାରଚ୍ୟୁତିକ ପତନର ଭୟ, ଧନ ପ୍ରତି ରାଜାମାନଙ୍କ ଭୟ, ମାନ ପ୍ରତି ଦୀନତାର ଭୟ, ବଳ ପ୍ରତି ଶତ୍ରୁ ଭୟ, ରୂପ ପ୍ରତି ସ୍ତ୍ରୀମାନଙ୍କ ଭୟ, ଶାସ୍ତ୍ର ପ୍ରତି ବିବାଦଭୟ, ଗୁଣ ପ୍ରତି ଖଳଭୟ ଓ ଦେହ ପ୍ରତି ଯମଙ୍କ ଭୟ; ଅତଏବ ଏହି ସଂସାର ମଧ୍ୟରେ ସର୍ବତ୍ର ଭୟ ଅଛି, କେବଳ ବୈରାଗ୍ୟହିଁ ଅଭୟ ।

ପୁନଶ୍ଚ ।

ସୁରମନ୍ଦିରତରୁମୂଳନିବାସଃ, ଶଯ୍ୟା ଭୂତଳମଜିନଂ ବାସଃ ।
ସର୍ବ ପରିଗ୍ରହ ଭୋଗ ତ୍ୟାଗଃ, କସ୍ୟ ସୁଖଂ ନ କରୋତି ବିରାଗଃ ॥୨୫୭॥

[ମୋହମୁଦ୍ଗର]

GPNanda Colln., Digitized by srujanika@gmail.com

ସାମାନ୍ୟ ଲୋକର କଥାରେ ମହଜ୍ଜନମାନେ ବିଚଳିତ ହୁଅନ୍ତି ନାହିଁ ।

ପ୍ରତିବାଚମଦତ୍ତ କେଶବଃ, ଶପମାନାୟ ନ ଚେଦିଭୂଭୁଜେ ।
ଅନୁହୁଂକୁରୁତେ ଘନଧ୍ୱନିଂ, ନ ହି ଗୋମାୟୁରୁତାନି କେଶରୀ ॥୨୫୪॥
[ଶିଶୁ]

ଅନ୍ୱୟ—କେଶବଃ, ଶପମାନାୟ, ଚେଦିଭୂଭୁଜେ, ପ୍ରତିବାଚଂ, ନ, ଅଦତ୍ତ; କେଶରୀ, ଘନଧ୍ୱନିଂ, ଅନୁହୁଂକୁରୁତେ, ଗୋମାୟୁରୁତାନି, ନ, ଅନୁହୁଂକୁରୁତେ ।

ଅର୍ଥ :—ଯୁଧିଷ୍ଠିର ମହାରାଜାଙ୍କ ରାଜସୂୟ ଯାଗ ପୀଠରେ ଚେଦିଦେଶର ରାଜା ଶିଶୁପାଳ ଶ୍ରୀକୃଷ୍ଣଙ୍କୁ ଯେତେ ପ୍ରକାର ଭର୍ତ୍ସନା କଲେହେଁ, ସେ ତହିଁରେ ବିଚଳିତ ହେଲେ ନାହିଁ; କାରଣ ସିଂହ ମେଘ-ଗର୍ଜନ ଶୁଣି ଶବ୍ଦ କରେ, ମାତ୍ର ଶୃଗାଳଶବ୍ଦରେ ବିଚଳିତ ହୁଏ ନାହିଁ ।

ଅନୁରୂପ ଶ୍ଳୋକ ।

ପରୈରବଜ୍ଞାନାତ ଯଦଜ୍ଞତାଜଡ଼ ସ୍ତୁତୁନ୍ନତାନାଂ ନ ବଦନ୍ତି ଧୀରତାଂ ।
ସମାନବୀର୍ଯ୍ୟାନ୍ୱୟପୌରୁଷେଷୁ ଯଃ, କରୋତ୍ୟତିକ୍ରାନ୍ତମସୌତିରସ୍କ୍ରିୟା ॥୨୫୫॥
[କସ୍ୟ]

ଅନ୍ୱୟ—ଅଜ୍ଞତାଜଡ଼ଃ, ପରଃ, ଯତ୍, ଅବଜାନାତି, ଉନ୍ନତାନାଂ, ଧୀରତାଂ, ନ, ବହନ୍ତି, ସମାନବୀର୍ଯ୍ୟାନ୍ୱୟପୌରୁଷେଷୁ, ଯଃ, ଅତିକ୍ରାନ୍ତଂ, କରୋତି, ଅସୌ, ତିରସ୍କ୍ରିୟା, ଭବତି ।

ଅର୍ଥ :—କୌଣସି ସାମାନ୍ୟ ଅଜ୍ଞ ଲୋକର ଅପମାନରେ ମହଜ୍ଜନମାନେ ଧୈର୍ଯ୍ୟହୀନ ହୁଅନ୍ତି ନାହିଁ, ମାତ୍ର ଯେଉଁମାନଙ୍କର ପରାକ୍ରମ, ବଂଶ ଓ ପୌରୁଷ ଯାହାଙ୍କ ସହିତ ସମାନ, ସେହିମାନଙ୍କର ତିରସ୍କାରହିଁ ତିରସ୍କାର ।

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ତୃଣାନି ନୋନ୍ମୂଳୟତି ପ୍ରଭଞ୍ଜନୋ, ମୃଦୂନି ନୀଚୈଃ ପ୍ରଣତାନି ସର୍ବତଃ ।
ସମୁଚ୍ଛ୍ରିତାନେବ ତରୂନ୍ ପ୍ରବାଧତେ, ମହାନ୍ ମହତ୍ୟେବ କରୋତି ବିକ୍ରମଂ ॥
୧୫୬ ॥ [ହିତ]

ଅନ୍ୱୟ—ପ୍ରଭଞ୍ଜନଃ, ନୀଚୈଃ, ସର୍ବତଃ, ପ୍ରଣତାନି, ମୃଦୂନି, ତୃଣାନି, ନ, ଉନ୍ମୂଳୟତି, ସମୁଚ୍ଛ୍ରିତାନ୍, ତରୂନ୍, ଏବ, ପ୍ରବାଧତେ; ହି, ମହାନ୍, ମହତି, ଏବ, ବିକ୍ରମଂ, କରୋତି ।

ଅର୍ଥ :—ବାୟୁ ସର୍ବତୋଭାବରେ ପ୍ରଣତ ଓ ମୃଦୁ ତୃଣମାନଙ୍କୁ ଉତ୍ପାଟନ କରେ ନାହିଁ, ମାତ୍ର ବଡ଼ ବଡ଼ ବୃକ୍ଷମାନଙ୍କୁ ଉତ୍ପାଟନ କରିଥାଏ; ଏଣୁ ବଳିଷ୍ଠ, ବଳବାନ୍ ପ୍ରତି ପରାକ୍ରମ ଦେଖାଇବାହିଁ କର୍ତ୍ତବ୍ୟ ।

ଗୁଣୋପାର୍ଜ୍ଜନହିଁ କର୍ତ୍ତବ୍ୟ ।

ଗୁଣେଷୁ ଯତ୍ନଃ ପୁରୁଷେଣ କାର୍ଯ୍ୟୋ ନ କିଞ୍ଚିଦପ୍ରାପ୍ୟତମଂ ଗୁଣାନାଂ ।
ଗୁଣପ୍ରକର୍ଷାଦୁଡୁପେନ ଶମ୍ଭୋ-ରଲଙ୍ଘ୍ୟମୁଚ୍ଚୈର୍ଭମୁତ୍ତମାଙ୍ଗଂ ॥ ୧୫୭ ॥
[ମୁକ]

ଅନ୍ୱୟ—ପୁରୁଷେଣ, ଗୁଣେଷୁ, ଯତ୍ନଃ, କାର୍ଯ୍ୟଃ; ଗୁଣାନାଂ, ଅପ୍ରାପ୍ୟତମଂ, କିଞ୍ଚିତ୍, ନ, ଗୁଣପ୍ରକର୍ଷାତ୍, ଉଡୁପେନ, ଅଲଙ୍ଘ୍ୟଂ, ଶମ୍ଭୋଃ, ଉତ୍ତମାଙ୍ଗଂ ଉଲ୍ଲଙ୍ଘିତଂ ।

ଅର୍ଥ :—ପୁରୁଷର ପ୍ରଥମେ ଗୁଣୋପାର୍ଜ୍ଜନ କରିବାହିଁ କର୍ତ୍ତବ୍ୟ, ଯେହେତୁ ଗୁଣର ଅପ୍ରାପ୍ୟ କିଛି ମାତ୍ର ନାହିଁ । ଦେଖ, ଗୁଣର ଆଧିକ୍ୟ ହେତୁ ଚନ୍ଦ୍ରମା ଶିବଙ୍କର ଅଲଙ୍ଘନୀୟ ମସ୍ତକକୁ ଅଧିକାର କରିଅଛି ।

ପୁନଶ୍ଚ ।

ଗୁଣେଷ୍ୱେବ ହି କର୍ତ୍ତବ୍ୟଃ, ପ୍ରଯତ୍ନଃ ପୁରୁଷୈଃ ସଦା ।
ଗୁଣଯୁକ୍ତୋ ଦରିଦ୍ରୋଽପି, ନେଶ୍ୱରୈରଗୁଣୈଃ ସମଃ ॥ ୧୫୮ । [ହିତ]

GPNanda Colln., Digitized by srujanika@gmail.com

ଅନ୍ୱୟ—ସଦା, ପୁରୁଷେଣ, ଗୁଣେଷୁ, ଏବ, ପ୍ରଯତ୍ନଃ, କର୍ତ୍ତବ୍ୟଃ, ହିଁ, ଗୁଣଯୁକ୍ତଃ, ଦରିଦ୍ରଃ, ଅପି, ଅଗୁଣୈଃ, ଈଶ୍ୱରୈଃ, ସମଃ, ନ ।

ଅର୍ଥ :—ପୁରୁଷର ସର୍ବପ୍ରଥମେ ଗୁଣୋପାର୍ଜନ କରିବା କର୍ତ୍ତବ୍ୟ, ଯେହେତୁ ଗୁଣୀ ଦରିଦ୍ର ନିର୍ଗୁଣ ଧନୀଠାରୁ ବଡ଼ ।

ପ୍ରିୟଭାଷୀ ସମସ୍ତେ ପ୍ରିୟ ।

ବଦନଂ ପ୍ରସାଦସଦନଂ, ହୃଦୟଂ ସଦୟଂ ସୁଧାମୁଚୋ ବାଚଃ ।
କରଣଂ ପରୋପକରଣଂ, ଯେଷାଂ କେଷାଂ ନ ତେ ବନ୍ଦ୍ୟାଃ ॥ ୨୫୯ ।
[ମାଘ]

ଅନ୍ୱୟ—ଯେଷାଂ, ବଦନଂ, ପ୍ରସାଦସଦନଂ, ସଦୟଂ, ହୃଦୟଂ, ସୁଧାମୁଚଃ, ବାଚଃ, କରଣଂ, ପରୋପକରଣଂ, ତେ, କେଷାଂ, ବନ୍ଦ୍ୟାଃ, ନ, (ଭବନ୍ତି) ।

ଅର୍ଥ :—ଯାହାର ବଦନ ଅନୁଗ୍ରହର ସ୍ଥାନ, ହୃଦୟ ଦୟାପୂର୍ଣ୍ଣ, ବାକ୍ୟ ଅମୃତତୁଲ୍ୟ ଓ ପରୋପକାରହିଁ କାର୍ଯ୍ୟ; ସେପରି ଲୋକ କାହାର ବା ସ୍ତୁତ୍ୟ ନୁହେ ?

ଅନୁରୂପ ଶ୍ଳୋକ ।

ଏକତଃ ସକଳା ମାତରେକତୋ ମଧୁରଂ ବଚଃ ।
ମଧୁରଂ ବଚନଂ ଯସ୍ୟ ତେନ କ୍ରୀତମିଦଂ ଜଗତ୍ ॥ ୨୬୦ ॥ [ବୃଦ୍ଧ]

ଅନ୍ୱୟ—ଯସ୍ୟ, ଏକତଃ, ମାତଃ, ସକଳା, ଏକତଃ, ବଚଃ, ମଧୁରଂ, ଯସ୍ୟ, ବଚନଂ, ମଧୁରଂ, ତେନ, ଇଦଂ, ଜଗତ୍, କ୍ରୀତଂ ।

ଅର୍ଥ :—ଯାହାର ଚରିତ୍ର ଉତ୍ତମ ଓ ବାକ୍ୟ ମଧୁର ସେ ସ୍ନେହଦ୍ୱାରା ସମସ୍ତଙ୍କୁ କିଣିଥାଏ ।

ଅପ୍ରିୟଭାଷୀ ସମସ୍ତଙ୍କର ଅପ୍ରିୟ ।

ବାଙ୍ମାଧୁର୍ଯ୍ୟାତ୍ ସର୍ବଲୋକପ୍ରିୟତ୍ୱଂ,
ବାକ୍‌ପାରୁଷ୍ୟାତ୍ ସର୍ବଲୋକାପ୍ରିୟତ୍ୱଂ ।

GPNanda Colln., Digitized by srujanika@gmail.com

କିଂ ବା ଲୋକେ କୋକିଲେନୋପନୀତଂ,
କୋ ବା ଲୋକେ ଗର୍ଦ୍ଦଭସ୍ୟାପରାଧଃ ॥ ୨୬୧ ॥ [ଦୃଷ୍ଟ]

ଅନ୍ୱୟ—ଜନଃ, ବାଙ୍‌ମାଧୁର୍ଯ୍ୟାତ୍‌, ସର୍ବଲୋକପ୍ରିୟତ୍ୱଂ, ବାକ୍‌ପାରୁଷ୍ୟାତ୍‌ ସର୍ବଲୋକାପ୍ରିୟତ୍ୱଂ, ଲୋକେ, କୋକିଲେନ, କିଂ, ଉପନୀତଂ, ବା, ଗର୍ଦ୍ଦଭସ୍ୟ, କଃ, ଅପରାଧଃ, ଅସ୍ତି ।

ଅର୍ଥ :—କୋକିଲମାନଙ୍କ ଶବ୍ଦରୁ କାହାରୁ କିଛି ମିଳେ ନାହିଁ ଓ ଗଧମାନଙ୍କ ଶବ୍ଦରେ କାହାର କିଛି କ୍ଷତି ହୁଏ ନାହିଁ, ମାତ୍ର ଶ୍ରାବ୍ୟ ହେତୁ ଲୋକେ କୋକିଲର ଶବ୍ଦ ଶୁଣିବାକୁ ଇଚ୍ଛା କରନ୍ତି ଓ ଅଶ୍ରାବ୍ୟ ହେତୁ ଗଧର ଶବ୍ଦ ଶୁଣିବାକୁ ଅନିଚ୍ଛୁକ ହୁଅନ୍ତି ।

ଅପ୍ରିୟ ଭାଷିର ନିନ୍ଦା ।

ବାସଃ ସାର୍ଦ୍ଧଂ ମଲୟଜଗଣୈଃ କୋମଳସ୍ପର୍ଶମଙ୍ଗଂ,
ମୂର୍ଦ୍ଧ୍ନିବାସଃ ପ୍ରସୂନପବନୈଃ ରତ୍ନମାଭାତି ମୌଳୌ ।
ତତ୍ରାପ୍ୟାଶୀବିଷ ଇତି ଜନୈସ୍ତ୍ୟଜ୍ୟତେ ନାମମାତ୍ରାତ୍‌,
ନିନ୍ଦ୍ୟଃ ସର୍ବୋ ଭବତି ନିତରାମାସ୍ୟଦୋଷେଣ ଦୁଷ୍ଟଃ ॥ ୨୬୨ ॥ [ମାପ]

ଅନ୍ୱୟ—ମଲୟଜଗଣୈଃ, ସାର୍ଦ୍ଧଂ, ବାସଃ; ଅଙ୍ଗଂ, କୋମଳସ୍ପର୍ଶଂ; ପ୍ରସୂନପବନୈଃ, ମୂର୍ଦ୍ଧ୍ନିବାସଃ; ମୌଳୌ, ରତ୍ନଂ, ଆଭାତି; ତତ୍ର, ଅପି, ଆଶୀବିଷ, ଇତି, ନାମମାତ୍ରାତ୍‌, ଜନୈଃ, ତ୍ୟଜ୍ୟତେ; ଦୁଷ୍ଟଃ, ସର୍ବଃ, ଆସ୍ୟଦୋଷେଣ, ନିତରାଂ, ନିନ୍ଦ୍ୟଃ, ଭବତି ।

ଅର୍ଥ :—ସର୍ପର ଚନ୍ଦନ ବୃକ୍ଷରେ ବସତି, କୋମଳ ଦେହ, ପବନ ଆହାର ଓ ମସ୍ତକରେ ରତ୍ନ ଦେଦୀପ୍ୟମାନ, ମାତ୍ର ତାହାର ମୁଖରେ ବିଷ ଥିବାରୁ ଲୋକେ ଆଶୀବିଷ ନାମ ଜାଣି ତାହାକୁ ତ୍ୟାଗ କରିଥାନ୍ତି । ଏଣୁ କର୍କଶ ବାକ୍ୟରେ ଲୋକ ଦୁଷ୍ଟ ବୋଲି ନିନ୍ଦ୍ୟ ହୁଏ ।

GPNanda Colln., Digitized by srujanika@gmail.com

ପ୍ରଥମେ ସ୍ୱଭାବ ପରୀକ୍ଷଣୀୟ ।

ସର୍ବସ୍ୟ ହି ପରୀକ୍ଷନ୍ତେ ସ୍ୱଭାବାଃ ନେତରେଗୁଣାଃ ।
ଅତୀତ୍ୟ ହି ଗୁଣାନ୍ ସର୍ବାନ୍ ସ୍ୱଭାବୋ ମୂର୍ଦ୍ଧ୍ନି ବର୍ତ୍ତତେ ॥ ୨୬୩ ॥
[ହିତ]

ଅନ୍ୱୟ—ସର୍ବସ୍ୟ, ସ୍ୱଭାବାଃ, ପରୀକ୍ଷ୍ୟନ୍ତେ, ଇତରେ, ଗୁଣାଃ, ନ, ପରୀକ୍ଷ୍ୟନ୍ତେ; ହି, ସର୍ବାନ୍, ଗୁଣାନ୍, ଅତୀତ୍ୟ, ସ୍ୱଭାବଃ, ମୂର୍ଦ୍ଧ୍ନି, ବର୍ତ୍ତତେ ।

ଅର୍ଥ :—ଲୋକର କୌଣସି ଗୁଣ ପରୀକ୍ଷା ନ କରି ଆଗେ ସ୍ୱଭାବ ପରୀକ୍ଷା କରିବା ଉଚିତ,ଯେ ହେତୁ ସ୍ୱଭାବ ସମସ୍ତ ଗୁଣ ଅତିକ୍ରମ କରି ସର୍ବୋପରି ବିଦ୍ୟମାନ ।

ଅନୁରୂପ ଶ୍ଳୋକ ।

ଯଃ ସ୍ୱଭାବୋ ହି ଯସ୍ୟ ସ୍ୟାତ୍, ତସ୍ୟାସୌ ଦୁରତିକ୍ରମଃ ।
ଶ୍ୱା ଯଦି କ୍ରିୟତେ ରାଜା, ସ କିଂ ନାଶ୍ନାତ୍ୟୁପାନହଂ ॥ ୨୬୪ ॥ [ହିତ]

ଅନ୍ୱୟ—ଯସ୍ୟ, ଯଃ, ସ୍ୱଭାବଃ, ତସ୍ୟ, ଅସୌ, ଦୁରତିକ୍ରମଃ, ସ୍ୟାତ୍; ଯଦି, ରାଜା, ଶ୍ୱା, କ୍ରିୟତେ, ସଃ, କିଂ, ଉପାନହଂ, ନ, ଅଶ୍ନାତି ?

ଅର୍ଥ :—ଯାହାର ଯେପରି ସ୍ୱଭାବ ତାହା ତାହାର ବିପରୀତ ହୁଏ ନାହିଁ । ଦେଖିବାକୁ ଗଲେ ରଜାଙ୍କର ଶୀତ କୁକ୍କୁର କ'ଣ ଯୋତା କାମୁଡ଼େ ନାହିଁ କି ?

ପୁନଶ୍ଚ ।

ଯସ୍ୟ ଯାପି ଚ କୁଲୋଚିତକ୍ରିୟା, ତସ୍ୟ ତତ୍ର ସହଜା ରତିର୍ଭବେତ୍ ।
ଜାତ ଏବ ମୃଗେନ୍ଦ୍ରଶାବକଃ, କୁଞ୍ଜରେନ୍ଦ୍ରକଟପାଟନୋଦ୍ୟତଃ ॥ ୨୬୫ ॥
[ହିତ]

ଅନ୍ୱୟ—ଯା, ଅପି, ଯସ୍ୟ, କୁଲୋଚିତକ୍ରିୟା, ତତ୍ର, ତସ୍ୟ, ସହଜା, ରତିଃ, ଭବେତ୍; ମୃଗେନ୍ଦ୍ରଶାବକଃ, ଜାତଃ, ଏବ, କୁଞ୍ଜରେନ୍ଦ୍ରକଟପାଟନୋଦ୍ୟତଃ ।

GPNanda Colln., Digitized by srujanika@gmail.com

ଅର୍ଥ :—ଲୋକର ବୌଦ୍ଧିକ-କାର୍ଯ୍ୟରେ ଅକ୍ଳେଶରେ ପ୍ରବୃତ୍ତି ଜନ୍ମି-ଥାଏ । ଦେଖ, ବ୍ୟାଘ୍ରଶିଶୁ ବିନା ଶିକ୍ଷାରେ ହସ୍ତିବିନାଶର ଚେଷ୍ଟା କରିଥାଏ ।

କେବଳ ଯେ ବଡ଼ଲୋକ ସହବାସରେ ଲୋକେ

ଉନ୍ନତିବାନ୍ ହୁଅନ୍ତି, ତାହା ନୁହେ ।

କିଂ ତେନ ହେମଗିରିଣା ରଜତାଦ୍ରିଣା ବା, ଯତ୍ର ସ୍ଥିତା ହି ତରବସ୍ତରବସ୍ତ ଏବ ।

ବନ୍ଦାମହେ ମଲୟମେବ ଯଦାଶ୍ରୟେଣ, ଶାକୋଟନିମ୍ବକୁଟଜା ଅପି ଚନ୍ଦନାଃ ॥

୨୬୬ ॥ [ନୀପ]

ଅନ୍ୱୟ—ତେନ, ହେମଗିରିଣା, ରଜତାଦ୍ରିଣା, ବା, କିଂ; ହି, ଯତ୍ର, ସ୍ଥିତାଃ, ତରବଃ, ତରବଃ, ଏବ; ଯଦାଶ୍ରୟେଣ ଶାକୋଟନିମ୍ବକୁଟଜାଃ, ଅପି, ଚନ୍ଦନାଃ, ଭବନ୍ତି, ତଂ, ମଲୟଂ, ଏବ, ବନ୍ଦାମହେ ।

ଅର୍ଥ :—ହେମଗିରି ଓ ରଜତଗିରିର ବୃକ୍ଷମାନେ କେବଳ ବୃକ୍ଷ-ପଦବାଚ୍ୟ, ଏଣୁ ସ୍ୱର୍ଣ୍ଣଗିରି ଓ ରୌପ୍ୟଗିରିର ସଂସର୍ଗରେ ଫଳ ଅବା କ'ଣ ? କେବଳ ମଳୟ ପର୍ବତକୁ ଧନ୍ୟବାଦ, କାରଣ ଯେଉଁ ମଳୟ ପର୍ବତର ଆଶ୍ରୟରେ ଭଳି ଶାହାଡ଼ା ନିମ୍ବ ଓ କୁଟଜ ଆଦି ବୃକ୍ଷମାନେ ଚନ୍ଦନ ପାଲଟି ଯାଆନ୍ତି ।

ସତ୍‌ସଙ୍ଗର ଫଳ ।

ଜାଡ଼୍ୟଂ ଧିୟୋ ହରତି ସିଞ୍ଚତି ବାଚି ସତ୍ୟଂ,

ମାନୋନ୍ନତିଂ ଦିଶତି ପାପମପାକରୋତି ।

ଚେତଃ ପ୍ରସାଦୟତି ଦିକ୍ଷୁ ତନୋତି କୀର୍ତ୍ତିଂ,

ସତ୍‌ସଙ୍ଗତିଃ କିଂ ନ କରୋତି ପୁଂସାଂ ॥ ୨୬୭ ॥ [ମୁଦ୍ରା]

ଅନ୍ୱୟ—ସତ୍‌ସଙ୍ଗତିଃ, ଧିୟଃ, ଜାଡ଼୍ୟଂ, ହରତି; ବାଚି, ସତ୍ୟଂ, ସିଞ୍ଚତି; ମାନୋନ୍ନତିଂ, ଦିଶତି; ପାପଂ, ଅପାକରୋତି, ଚେତଃ, ପ୍ରସାଦୟତି; ଦିକ୍ଷୁ, କୀର୍ତ୍ତିଂ, ତନୋତି; ଅତଏବ, ପୁଂସାଂ, କିଂ, ନ, କରୋତି ।

GPNanda Colln., Digitized by srujanika@gmail.com

ଅର୍ଥ :—ସତ୍‌ସଙ୍ଗ, ବୁଦ୍ଧିର ଜଡ଼ତା ବିନାଶ, ସତ୍ୟବକ୍ତା, ସମ୍ମାନିତ, ପାପବିନାଶ, ଚିତ୍ତପ୍ରସନ୍ନ ଓ କୀର୍ତ୍ତିବିସ୍ତାର ଆଦି ଲୋକର କ'ଣ କ'ଣ ବା ନ କରିଏ ?

ଅନୁରୂପ ଶ୍ଲୋକ ।

ଦତ୍ତାଭୟେ ତ୍ୱୟି ଯମାଦପି ଦଣ୍ଡଧାରେ, ସଞ୍ଜୀବିତଃ ଶିଶୁରୟଂ ମମ ଚେୟମୃଦ୍ଧିଃ ।
ଶମ୍ବୂକ ଏଷ ଶିରସା ଚରଣୌ ନତସ୍ତେ, ସତ୍‌ସଙ୍ଗଜାନି ନିଧନାନ୍ୟପି
ତାରୟନ୍ତି ॥ ୨୬୮ ॥ [ଉତ୍ତରରାମ ଚରିତ]

ଅନ୍ୱୟ—ଦତ୍ତାଭୟେ, ଯମାତ୍, ଅପି, ଦଣ୍ଡଧାରେ, ତ୍ୱୟି, ଅୟଂ, ଶିଶୁଃ, ସଞ୍ଜୀବିତଃ, ଚ, ମମ, ଇୟଂ, ଋଦ୍ଧିଃ, ଏଷଃ, ଶମ୍ବୂକଃ, ଶିରସା, ତେ, ଚରଣୌ, ନତଃ; ସତ୍‌ସଙ୍ଗଜାନି, ନିଧନାନି, ଅପି, ତାରୟନ୍ତି ।

ଅର୍ଥ :—ରାମଚନ୍ଦ୍ରଙ୍କ ପ୍ରତି ଶମ୍ବୂକର ଉକ୍ତି—ହେ ପ୍ରଭୋ ! ମୋହର ପ୍ରାଣଦଣ୍ଡରେ ଏହି ବ୍ରାହ୍ମଣ ଶିଶୁ ଜୀବନ ପାଇବ ବୋଲି ଆପଣ ମତେ ଦଣ୍ଡ ଦେଉଅଛନ୍ତି, ଏହି ଦାସ ଶମ୍ବୂକ ଆପଣଙ୍କର ଚରଣାରବିନ୍ଦକୁ ନମସ୍କାର କରୁଅଛି, ଯେହେତୁ ସତ୍‌ସଙ୍ଗଜନିତ ନିଧନ ମଧ୍ୟ ଭବବନ୍ଧନ ପାର ହେବାର ଉପାୟ ଅଟେ ।

ନିଜର ଦକ୍ଷିଣ ହସ୍ତ ପ୍ରତି ରାମଚନ୍ଦ୍ର ।

ରେ ହସ୍ତ ଦକ୍ଷିଣ ! ମୃତସ୍ୟ ଶିଶୋର୍ଦ୍ୱିଜସ୍ୟ,
ଜୀବାତବେ ବିସୃଜ ଶୂଦ୍ରମୁନୌ କୃପାଣଂ ।
ରାମସ୍ୟ ଗାତ୍ରମସି ଦୁର୍ଭରଗର୍ଭଖିନ୍ନ—
ସୀତାପ୍ରବାସନପଟୋଃ କରୁଣା କୁତସ୍ତେ ॥ ୨୬୯ ॥ [ତତ]

ଅନ୍ୱୟ—ରେ ଦକ୍ଷିଣହସ୍ତ ! ମୃତସ୍ୟ, ଦ୍ୱିଜସ୍ୟ, ଶିଶୋଃ, ଜୀବାତବେ, ଶୂଦ୍ରମୁନୌ, କୃପାଣଂ, ବିସୃଜ; ଦୁର୍ଭରଗର୍ଭଖିନ୍ନସୀତାପ୍ରବାସନପଟୋଃ, ରାମସ୍ୟ, ଗାତ୍ରଂ, ଅସି; ତେ, କରୁଣା, କୁତଃ ।

GPNanda Colln., Digitized by srujanika@gmail.com

ଅର୍ଥ :—ରେ ଦକ୍ଷିଣ ହସ୍ତ ! ଏହି ମୃତ ବ୍ରାହ୍ମଣ ଶିଶୁର ଜୀବନ ରକ୍ଷା ସକାଶେ ଶୂଦ୍ର ମୁନି ଉପରେ ଖଡ୍ଗ ପ୍ରୟୋଗ କର; ଯେହେତୁ ତୁ ଅସହ୍ୟ ଗର୍ଭ-ଯନ୍ତ୍ରଣା-ଖିନ୍ନ-ସୀତା-ନିର୍ବାସନପଟୁ ରାମର ଅଙ୍ଗ ହୋଇଅଛୁ, ସେହିହେତୁ ତୋହର ଦୟା ବା କ'ଣ ?

ରାମଙ୍କ ପ୍ରତି ବାସନ୍ତୀର ଉକ୍ତି ।

ଅୟି କଠୋର ! ଯଶଃ କିଲ ତେ ପ୍ରିୟଂ, କିମଯଶୋ ନନୁ ଘୋରମତଃପରଂ ।
କିମଭବତ୍ ବିପିନେ ହରିଣୀଦୃଶଃ, କଥୟ ନାଥ ! କଥଂ ବତ ମନ୍ୟସେ ॥୨୭୦॥
[ଉତ୍ତ]

ଅନ୍ୱୟ—ଅୟି କଠୋର ! ତେ, ଯଶଃ, ପ୍ରିୟଂ, କିଲ; ନନୁ, ଅତଃପରଂ, ଘୋରଂ, ଅଯଶଃ, କିଂ; ହରିଣୀଦୃଶଃ, ବିପିନେ, କିଂ, ଅଭବତ୍; କଥୟ, ବତ, ହେ ନାଥ ! କଥଂ, ମନ୍ୟସେ ।

ଅର୍ଥ :—ଅହେ ନିଷ୍ଠୁର ! ଆପଣଙ୍କର ଯଶହିଁ ପ୍ରିୟ, ମାତ୍ର ଏଥିଁ ଘୋର ଅଯଶ କ'ଣ ଅଛି ବୋଲନ୍ତୁ ତ । ଅହେ ଜନନାଥ ! ମୃଗନୟନା ସୀତାଙ୍କର ଅରଣ୍ୟରେ କି ଫଳ ଘଟିଲା ! ଦୁଃଖର ବିଷୟ ଆହା ! ଆପଣ କି ଅନୁଭବ କରି ନାହାନ୍ତି ?

ବିନାଶ କାଳେ ବୁଦ୍ଧିର ବୈପରୀତ୍ୟ ଘଟିଥାଏ ।

ଅସମ୍ଭବଂ ହେମମୃଗସ୍ୟ ଜନ୍ମ, ତଥାପି ରାମୋ ଲୁଲୁଭେ ମୃଗାୟ ।
ପ୍ରାୟଃ ସମାସନ୍ନବିପତ୍ତିକାଲେ, ଧିୟୋଽପି ପୁଂସାଂ ମଲିନା ଭବନ୍ତି ॥ ୨୭୧ ॥
[ଗାପ]

ଅନ୍ୱୟ—ହେମମୃଗସ୍ୟ, ଜନ୍ମ, ଅସମ୍ଭବଂ; ତଥାପି, ରାମଃ, ମୃଗାୟ, ଲୁଲୁଭେ; ସମାସନ୍ନବିପତ୍ତିକାଲେ, ପୁଂସାଂ, ଧିୟଃ, ଅପି, ପ୍ରାୟଃ, ମଲିନାଃ, ଭବନ୍ତି ।

GPNanda Colln., Digitized by srujanika@gmail.com

ଅର୍ଥ :—ଲୁଟିବାକୁ ଗଲେ ସଂସାର ମଧ୍ୟରେ ସ୍ୱର୍ଣ୍ଣ-ମୃଗହିଁ ଅସମ୍ଭବ । ତେବେ ସୁଦ୍ଧା ରାମଚନ୍ଦ୍ର ସ୍ୱର୍ଣ୍ଣମୃଗ ଦେଖି ତାହାକୁ ଧରିବା ସକାଶେ ଲୋଭଗ୍ରସ୍ତ ହେଲେ; ଯେହେତୁ ବିପଦ କାଳରେ ପ୍ରାୟ ଲୋକମାନଙ୍କର ବୁଦ୍ଧି ମଳିନ ହୋଇଥାଏ ।

ଅନୁରୂପ ଶ୍ଳୋକ ।

ଅଭୂତମାସଜ୍ୟ ବିରୁଦ୍ଧମୀହିତଂ, ବଳାଦଲଭ୍ୟଂ ତବ ଲିପ୍ସତେ ନୃପଃ ।
ବିଜାନତୋଽପି ହ୍ୟନୟସ୍ୟ ରୌଦ୍ରତାଂ, ବିନାଶକାଲେ ପରିମୋହିନୀ ମତିଃ ।
୨୨୨ ॥ [କିମ୍ପ]

ଅନ୍ୱୟ—ତବ, ନୃପଃ, ଅସଜ୍ୟ, ଅଲଭ୍ୟଂ, ବିରୁଦ୍ଧଂ, ଈହିତଂ, ବଳାତ୍, ଲିପ୍ସତେ; ହି, ଅନୟସ୍ୟ, ରୌଦ୍ରତାଂ, ବିଜାନତଃ, ଅପି, ମତିଃ, ବିନାଶକାଲେ, ପରିମୋହିନୀ, ଭବତି ।

ଅର୍ଥ :—କିରାତ ପ୍ରତି ଅର୍ଜୁନଙ୍କର ଉକ୍ତି—ଅହେ ! ଆପଣଙ୍କର ରାଜା ଦୁଷ୍ଟାଚାର ପରିଣାମ ନ ଜାଣି, ନିଜ ବଳର ଅସାଧ୍ୟ ଫଳ ପାଇବା ସକାଶେ ବଳପୂର୍ବକ ଇଚ୍ଛା କରିଅଛନ୍ତି; ଯେହେତୁ ବିନାଶକାଳରେ ପ୍ରାୟ ବୁଦ୍ଧିଭ୍ରମ ଘଟିଥାଏ ।

ଭବିଷ୍ୟତ୍ ବିଷୟର ସ୍ଥିର ନାହିଁ ।

ଯଚ୍ଚିନ୍ତିତଂ ତଦିହ ଦୂରତରଂ ପ୍ରୟାତି,
ଯଚ୍ଚେତସା ନ ଗଣିତଂ ତଦିହାଭ୍ୟୁପୈତି ।
ପ୍ରାତର୍ଭବାମି ବସୁଧାଧିପଚକ୍ରବର୍ତ୍ତୀ,
ସୋଽହଂ ବ୍ରଜାମି ବିପିନଂ ଜଟିଲସ୍ତପସ୍ୱୀ ॥ ୨୨୩ । [ଦୃକ]

ଅନ୍ୱୟ—ଯତ୍, ଚିନ୍ତିତଂ, ଇହ, ତତ୍, ଦୂରତରଂ, ପ୍ରୟାତି; ଯତ୍, ଚେତସା, ନ, ଗଣିତଂ, ତତ୍, ଇହ, ଅଭ୍ୟୁପୈତି; ଯଃ, ଅହଂ, ପ୍ରାତଃ,

GPNanda Colln., Digitized by srujanika@gmail.com

ବିଦ୍ୟାଧିପଚକ୍ରବର୍ତ୍ତୀ, ଭବାମି, ସଃ, ଅହଂ, ଜଟିଳଃ, ତପସ୍ୱୀ, ସନ୍, ବିପିନଂ, ବ୍ରଜାମି ।

ଅର୍ଥ :—ମନର ଭାବ ଦୂର ହେଲା ଓ ଅଭାବନୀୟ ଘଟନା ଆସି ଉପସ୍ଥିତ ହେଲା । ଦେଖ, କାଲି ସକାଳେ ଯେ କି ପୃଥିବୀ ମଧ୍ୟରେ ଚକ୍ରବର୍ତ୍ତୀ ହେବାର ସ୍ଥିର ହୋଇଥିଲି, ସେହି ଅମ୍ଭେ (ରାମ) ତପସ୍ୱୀ ବେଶରେ ଜଟା ଓ କୌପୀନ ଧାରଣ କରି ବନକୁ ଯାଉଅଛୁଁ ।

ଅନୁରୂପ ଶ୍ଳୋକ ।

ରାତ୍ରିର୍ଗମିଷ୍ୟତି ଭବିଷ୍ୟତି ସୁପ୍ରଭାତଂ,
ଭାସ୍ୱାନୁଦେଷ୍ୟତି ହସିଷ୍ୟତି ଚାରବିନ୍ଦଂ ।
ଇତ୍ଥଂ ବିଚିନ୍ତୟତି କୋଷଗତେ ଦ୍ୱିରେଫେ,
ହା ହନ୍ତ ହନ୍ତ ନଳିନୀଂ ଗଜ ଉଜ୍ଜହାର ।୧୨୪। [ଭ୍ରମରାଷ୍ଟକ]

ଅନ୍ୱୟ—ରାତ୍ରିଃ, ଗମିଷ୍ୟତି, ସୁପ୍ରଭାତଂ, ଭବିଷ୍ୟତି, ଭାସ୍ୱାନ୍, ଉଦେଷ୍ୟତି, ଚ, ଅରବିନ୍ଦଂ, ହସିଷ୍ୟତି, କୋଷଗତେ, ଦ୍ୱିରେଫେ, ଇତ୍ଥଂ, ବିଚିନ୍ତୟତି, ହା, ହନ୍ତ, ହନ୍ତ, ଗଜଃ, ନଳିନୀଂ, ଉଜ୍ଜହାର ।

ଅର୍ଥ :—ସୂର୍ଯ୍ୟାସ୍ତ ହେବାରୁ ମୁଦ୍ରିତ ପଦ୍ମର କୋଷ ମଧ୍ୟରେ ଭ୍ରମର ରହିଯାଇ ଭାବିଲା— ରାତ୍ରି ପାହିବ, ସୁପ୍ରଭାତ ହେବ, ସୂର୍ଯ୍ୟୋଦୟ ହେଲେ ପୂର୍ବପରି ପଦ୍ମ ପ୍ରସ୍ଫୁଟିତ ହେବ । ଅହା କି ଦୁଃଖର ବିଷୟ ! ଏହା ଭାବୁ ଭାବୁ ଗଜ ପଦ୍ମଟିକୁ ଓଟାରି ଆଣି ଗିଳିଦେଲା ।

ଭାଗ୍ୟହୀନର ସର୍ବତ୍ର ଆପଦ ।

ଖଲ୍ୱାଟୋ ଦିବସେଶ୍ୱରସ୍ୟ କିରଣୈଃ ସନ୍ତାପିତେ ମସ୍ତକେ,
ବାଞ୍ଛନ୍ ଦେଶମନାତପଂ ବିଧିବଶାଦ୍‌ବିଲ୍ୱସ୍ୟ ମୂଳଂ ଗତଃ ।

GPNanda Colln., Digitized by srujanika@gmail.com

ତନ୍ନାପ୍ୟସ୍ୟ ମହାଫଲେନ ପତତା ଭଗ୍ନଂ ସଶବ୍ଦଂ ଶିରଃ,
ପ୍ରାୟୋ ଗଚ୍ଛତି ଯତ୍ର ଭାଗ୍ୟରହିତସ୍ତତ୍ରୈବ ଯାନ୍ତ୍ୟାପଦଃ ॥ ୨୭୫ ॥
[ପଦ୍ୟ ସଂଗ୍ରହ]

ଅନ୍ୱୟ— ଦବସେଶ୍ୱରସ୍ୟ, କିରଣୈଃ, ମସ୍ତକେ, ସନ୍ତାପିତେ, ଖଲ୍ଲିଟଃ, ଅନାତପଂ, ଦେଶଂ, ବାଞ୍ଛନ୍, ବିଧିବଶାତ୍, ବିଲ୍ୱସ୍ୟ, ମୂଳଂ, ଗତଃ; ତତ୍ର, ଅପି, ପତତା, ଅସ୍ୟ, ମହାଫଲେନ, ଶିରଃ, ସଶବ୍ଦଂ, ଭଗ୍ନଂ; ଭାଗ୍ୟରହିତଃ, ଯତ୍ର, ଗଚ୍ଛତି, ତତ୍ର, ଏବ, ଆପଦଃ, ପ୍ରାୟଃ, ଯାନ୍ତି ।

ଅର୍ଥ :—କେହି ଜଣେ ଲଣ୍ଡା ମୁଣ୍ଡିଆ ପ୍ରଖର ସୂର୍ଯ୍ୟ-ତାପରେ ତାପିତ ହୋଇ ଗୋଟିଏ ବେଲଗଛ ତଳରେ ଆଶ୍ରୟ ନେଲା; ସହସା ଗୋଟାଏ ବୃହତ୍ ବେଲ ହଠାତ୍ ତାହା ମୁଣ୍ଡରେ ପଡ଼ିଯିବାରୁ ତାହାର ମୁଣ୍ଡ ଫାଟିଗଲା । ପ୍ରାୟ ଭାଗ୍ୟହୀନ ଲୋକର ସବୁଠାରେହିଁ ଆପଦ ଘଟିଥାଏ ।

ଅନୁରୂପ ଶ୍ଳୋକ ।

ଆଶ୍ରୟାମି ଯଦି କଳ୍ପପାଦପଂ, ସୋଽପି ଯାତି ସହସାବକେଶିତାଂ ।
ମାଦୃଶାଂ ନୟନକୋଣଗୋଚରଃ, ସାଗରୋଽପି ମରୁଭୂମିସୋଦରଃ ॥
୨୭୬ ॥ [ଦୃକ]

ଅନ୍ୱୟ—ଯଦି, କଳ୍ପପାଦପଂ, ଆଶ୍ରୟାମି, ସଃ, ଅପି, ସହସା, ଅବକେଶିତାଂ ଯାତି; ସାଗରଃ, ଅପି, ମାଦୃଶାଂ, ନୟନକୋଣଗୋଚରଃ, ସନ୍, ମରୁଭୂମି-ସୋଦରଃ, ଭବତି ।

ଅର୍ଥ :—ଆମ୍ଭେ କଳ୍ପବୃକ୍ଷକୁ ଆଶ୍ରୟ କଲେ ମଧ୍ୟ ସେ ଆମ୍ଭ ପ୍ରତି ନିଷ୍ଫଳ ହୋଇଥାଏ ଓ ସମୁଦ୍ର ମଧ୍ୟ ଆମ୍ଭମାନଙ୍କର ନୟନଗୋଚର ହେଲେହେଁ ଆମ୍ଭମାନଙ୍କ ପ୍ରତି ମରୁଭୂମିର କାର୍ଯ୍ୟ କରଥାଏ ।

GPNanda Colln., Digitized by srujanika@gmail.com

କର୍ମାନୁସାରେ ଫଳ ।

ଯଦ୍ଧାତ୍ରା ନିଜଭାଲପଟ୍ଟଲିଖିତଂ ସ୍ତୋକଂ ମହଦ୍ୱା ଧନଂ,
ତତ୍ ପ୍ରାପ୍ନୋତି ମରୁସ୍ଥଲେଽପି ନିତରାଂ ମେରୌ ଚ ନାତୋଽଧିକଂ
ତଦ୍ଧୀରୋ ଭବ ବିତ୍ତବତ୍ସୁ କୃପଣାଂ ବୃତ୍ତିଂ ବୃଥା ମା କୃଥାଃ,
କୂପେ ପଶ୍ୟ ପୟୋନିଧାବପି ଘଟୋ ଗୃହ୍ଣାତି ତୁଲ୍ୟଂ ଜଲଂ ॥
୨୭୭ ॥ [ଶାର୍ଦ୍ଦୂ]

ଅନ୍ୱୟ—ଧାତ୍ରା, ନିଜଭାଲପଟ୍ଟଲିଖିତଂ, ଯତ୍, ସ୍ତୋକଂ, ମହତ୍, ବା, ଧନଂ, ତତ୍, ମରୁସ୍ଥଲେ, ଅପି, ନିତରାଂ, ପ୍ରାପ୍ନୋତି; ଚ ମେରୌ, ଅତଃ, ଅଧିକଂ, ନ; ତତ୍, ଧୀରଃ, ଭବ; ବିତ୍ତବତ୍ସୁ, କୃପଣାଂ, ବୃତ୍ତିଂ, ବୃଥା, ମା, କୃଥାଃ; ପଶ୍ୟ, କୂପେ, ପୟୋନିଧୌ, ଅପି, ଘଟଃ ତୁଲ୍ୟଂ, ଜଲଂ, ଗୃହ୍ଣାତି ।

ଅର୍ଥ :—କର୍ମର ବଳହିଁ ବଳ; ଏଣୁ ମରୁଭୂମିରେ ଓ ମେରୁ ପର୍ବତରେ ସମାନ ଫଳ ଲାଭ ହୋଇଥାଏ । ଅତଏବ ଧନ ଧନ ବୋଲି ବ୍ୟାକୁଳ ହୋଇ କାର୍ପଣ୍ୟଭାବ ଅବଲମ୍ବନ କରିବାହିଁ ବୃଥା; ଯେହେତୁ କୂପ ଓ ସମୁଦ୍ରରୁ ମାଠିଅରେ ସମାନ ଭାବରେ ଜଳ ଆସିଥାଏ ।

ଦୈବବଳହିଁ ବଳ ।

ନେତା ଯସ୍ୟ ବୃହସ୍ପତିଃ ପ୍ରହରଣଂ ବଜ୍ରଂ ସୁରାଃ ସୈନିକାଃ,
ସ୍ୱର୍ଗୋ ଦୁର୍ଗମନୁଗ୍ରହଃ ଖଲୁ ହରେରୈରାବତୋ ବାହନଂ ।
ଇତ୍ୟୈଶ୍ୱର୍ଯ୍ୟସମନ୍ୱିତୋଽପି ବଲଭିଦ୍ଭଗ୍ନଃ ପରୈଃ ସଙ୍ଗରେ,
ତଦ୍ୱ୍ୟକ୍ତଂ ନନୁ ଦୈବମେବ ଶରଣଂ ଧିଗ୍ଧିଗ୍ ବୃଥା ପୌରୁଷଂ ॥
୨୭୮ ॥ [ସ୍ରଗ୍ଧ]

ଅନ୍ୱୟ—ଯସ୍ୟ, ବୃହସ୍ପତିଃ, ନେତା, ବଜ୍ରଂ, ପ୍ରହରଣଂ, ସୁରାଃ, ସୈନିକାଃ, ସ୍ୱର୍ଗଃ, ଦୁର୍ଗଂ, ହରେଃ, ଅନୁଗ୍ରହଃ, ଐରାବତଃ, ବାହନଂ, ଖଲୁ, ବଲଭିତ୍, ଇତି,

GPNanda Colln., Digitized by srujanika@gmail.com

ଐଶ୍ୱର୍ଯ୍ୟସମନ୍ୱିତଃ, ଅପି, ହଙ୍ଗରେ, ପରୈଃ. ଭଗ୍ନଃ, ତତ୍, ନନ୍ୱ, ଦୈବଂ, ଏବ, ଶରଣଂ, ଯୁକ୍ତଂ, ଧିକ୍, ଧିକ୍, ପୌରୁଷଂ, ବୃଥା ।

ଅର୍ଥ :— ବୃହସ୍ପତି ସ୍ୱୟଂ ଯାହାଙ୍କର ନେତୃତ୍ୱ ଗ୍ରହଣ କରିଅଛନ୍ତି; ଯାହାଙ୍କର ଆୟୁଧ ବଜ୍ର ଅଟେ; ଦେବତାମାନେ ଯାହାଙ୍କର ସୈନ୍ୟରୂପରେ କାର୍ଯ୍ୟ କରନ୍ତି; ଯାହାଙ୍କର ସ୍ୱର୍ଗ ଦୁର୍ଗ ଓ ଐରାବତ ବାହନ ଏବଂ ଯାହାଙ୍କ ପ୍ରତି ସ୍ୱୟଂ ଶ୍ରୀହରିଙ୍କର ଅନୁଗ୍ରହ ଇତ୍ୟାଦି, ସେହି ଐଶ୍ୱର୍ଯ୍ୟଶାଳୀ ସ୍ୱୟଂ ଇନ୍ଦ୍ର ରଣରେ ଶତ୍ରୁଦ୍ୱାରା ପରାସ୍ତ ହେଲେ । ଏଣୁ ପୌରୁଷେୟକୁହିଁ ଧିକ୍ ।

ନିୟତି ହସ୍ତରୁ ରକ୍ଷା ନାହିଁ ।

ମାତୁଲୋ ଯସ୍ୟ ଗୋବିନ୍ଦଃ, ପିତା ଯସ୍ୟ ଧନଞ୍ଜୟଃ ।
ସୋଽଭିମନ୍ୟୁଃ ରଣେ ଶେତେ, ନିୟତିଃ କେନ ବାଧ୍ୟତେ ॥ ୧୭୯ ॥ [ହିତ

ଅନ୍ୱୟ—ଯସ୍ୟ, ଗୋବିନ୍ଦଃ, ମାତୁଲଃ, ଯସ୍ୟ, ପିତା, ଧନଞ୍ଜୟଃ, ସଃ ଅଭିମନ୍ୟୁଃ, ରଣେ, ଶେତେ; କେନ, ନିୟତିଃ, ବାଧ୍ୟତେ ।

ଅର୍ଥ :—ଯେଉଁ ଅଭିମନ୍ୟୁର ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ମାମୁ ଓ ମହାବୀର ଅର୍ଜୁନ ପିତା ଅଟନ୍ତି, ସେହି ମହାଯୁଦ୍ଧକ୍ଷମ ଅଭିମନ୍ୟୁ ରଣକ୍ଷେତ୍ରରେ ହତ ହେବା କେବଳ ନିୟତିର ନିୟମ ବୋଲି କୁହାଯିବ ।

ପୁନଶ୍ଚ ।

ନାକାଲେ ମ୍ରିୟତେ ଜନ୍ତୁର୍ବିଦ୍ଧଃ ଶରଶତୈରପି ।
କୁଶକଣ୍ଟକବିଦ୍ଧୋଽପି ପ୍ରାପ୍ତକାଲୋ ନ ଜୀବତି ॥ ୧୮୦ ॥

[ନୀତିସାର]

ଅନ୍ୱୟ—ଅକାଲେ, ଶରଶତୈଃ, ଅପି, ବିଦ୍ଧଃ, ଜନ୍ତୁଃ, ନ, ମ୍ରିୟତେ; ପ୍ରାପ୍ତକାଲଃ, କୁଶକଣ୍ଟକବିଦ୍ଧଃ, ଅପି, ନ, ଜୀବତି ।

GPNanda Colln., Digitized by srujanika@gmail.com

ଅର୍ଥ :—କାଳ ଉପସ୍ଥିତ ନ ହେଲେ ଶତ ଶତ ଶରବିଦ୍ଧ ହେଲେ ସୁଦ୍ଧା ପ୍ରାଣିର ମୃତ୍ୟୁ ହୁଏ ନାହିଁ, ମାତ୍ର କାଳ ଉପସ୍ଥିତ ହେଲେ କୁଶକଣ୍ଟକର ଅଘାତରେ ମଧ୍ୟ ମୃତ୍ୟୁ ଘଟିଥାଏ ।

ପୁନଶ୍ଚ ।

ନିମଗ୍ନସ୍ୟ ପୟୋରାଶୌ, ପର୍ବତାତ୍ ପତିତସ୍ୟ ଚ ।
ତକ୍ଷକେଣାପି ଦଷ୍ଟସ୍ୟ ଆୟୁର୍ମର୍ମାଣି ରକ୍ଷତି ॥ ୬୮୧ ॥ [ଶାର]

ଅନ୍ୱୟ—ପୟୋରାଶୌ, ନିମଗ୍ନସ୍ୟ, ପର୍ବତାତ୍, ପତିତସ୍ୟ, ଚ, ତକ୍ଷକେଣ, ଅପି, ଦଷ୍ଟସ୍ୟ, ପ୍ରାଣିନଃ, ଆୟୁଃ, ମର୍ମାଣି, ରକ୍ଷତି ।

ଅର୍ଥ :—ପରମାୟୁ ଥିବା ଲୋକର ଜଳରେ ବୁଡ଼ିଗଲେ, ପର୍ବତରୁ ପଡ଼ିଗଲେ ଓ ସର୍ପଦ୍ୱାରା ଦଷ୍ଟ ହେଲେ ମଧ୍ୟ ମୃତ୍ୟୁ ସମ୍ଭବ ନୁହେ ।

ପୁନଶ୍ଚ ।

ଅରକ୍ଷିତଂ ତିଷ୍ଠତି ଦୈବରକ୍ଷିତଂ, ସୁରକ୍ଷିତଂ ଦୈବହତଂ ବିନଶ୍ୟତି ।
ଜୀବତ୍ୟନାଥୋଽପି ବନେ ବିସର୍ଜିତଃ, କୃତପ୍ରଯତ୍ନୋଽପି ଗୃହେ ନ
ଜୀବତି ॥ ୬୮୨ ॥ [ହିତ]

ଅନ୍ୱୟ—ଦୈବରକ୍ଷିତଂ, ଅରକ୍ଷିତଂ, ସତ୍, ତିଷ୍ଠତି; ଦୈବହତଂ, ସୁରକ୍ଷିତଂ, ସତ୍, ବିନଶ୍ୟତି; ବନେ, ବିସର୍ଜିତଃ, ଅନାଥଃ, ଅପି, ଜୀବତି; ଗୃହେ, କୃତ-ପ୍ରଯତ୍ନଃ, ଅପି, ନ, ଜୀବତି ।

ଅର୍ଥ :—ଦୈବ ଯାହାକୁ ରକ୍ଷା କରିବାକୁ ଚାହେଁ, ସେ ଅରକ୍ଷିତ ହେଲେ ମଧ୍ୟ ରକ୍ଷା ପାଏ ଓ ଦୈବ ପ୍ରତିକୂଳ ହେଲେ ସୁରକ୍ଷିତ ମଧ୍ୟ ବିନଷ୍ଟ ହୋଇଥାଏ । ଦେଖିବାକୁ ଗଲେ, ବନକୁ ଛାଡ଼ିଦେଲେ ସୁଦ୍ଧା ଅନାଥ ଲୋକ ଜୀବିତ ଥାଏ ଏବଂ ଗୃହରେ ଯତ୍ନ କଲେ ସୁଦ୍ଧା ଲୋକ ମରିଯାଏ ।

GPNanda Colln., Digitized by srujanika@gmail.com

ପ୍ରାଣୀ ଓ ପ୍ରାଣିର ସମାଗମ ।

ଯଥା ହି ପଥିକଃ କଶ୍ଚିତ୍ ଛାୟାମାଶ୍ରିତ୍ୟ ତିଷ୍ଠତି ।
ବିଶ୍ରମ୍ୟ ଚ ପୁନର୍ଗଚ୍ଛେତ୍ତଦ୍ବଦ୍ଭୂତସମାଗମଃ ॥ ୬୮୩ ॥ [ଶାପ]

ଅନ୍ୱୟ—ହି, ଯଥା, କଶ୍ଚିତ୍, ପଥିକଃ, ଛାୟାଂ, ଆଶ୍ରିତ୍ୟ, ଚ, ବିଶ୍ରମ୍ୟ, ପୁନଃ, ଗଚ୍ଛେତ୍, ତଦ୍ବତ୍, ଭୂତସମାଗମଃ, ଭବତି ।

ଅର୍ଥ :—ପଥିକ ଯେପରି ବୃକ୍ଷଛାୟାରେ ଆଶ୍ରୟ ନେଇ କିଛି ସମୟ ବିଶ୍ରାମ କରି ଚାଲିଯାଏ, ପ୍ରାଣିମାନେ ସେହିପରି ନିଜ ନିଜର ଅଭିନୟ ଦେଖାଇ ଚାଲିଯାନ୍ତି ।

ପୁନଶ୍ଚ ।

ଯଥା କାଷ୍ଠଞ୍ଚ କାଷ୍ଠଞ୍ଚ ସମେୟାତାଂ ମହୋଦଧୌ ।
ସମେତ୍ୟ ଚ ବ୍ୟପେୟାତାଂ ତଦ୍ବଦ୍ ଭୂତସମାଗମଃ ॥ ୬୮୪ ॥ [ଦୃକ]

ଅନ୍ୱୟ—ଯଥା, ମହୋଦଧୌ, କାଷ୍ଠଂ, ଚ, କାଷ୍ଠଂ, ସମେୟାତାଂ, ଚ, ସମେତ୍ୟ, ବ୍ୟପେୟାତାଂ, ତଦ୍ବତ୍, ଭୂତସମାଗମଃ, ଭବତି ।

ଅର୍ଥ :— ଯେପରି ନଦୀ ପ୍ରଭୃତିର ସ୍ରୋତରେ କାଠ ଓ କାଠ ପରସ୍ପର ବାଜି, ଯେ ଯେଉଁଆଡ଼େ ଭାସିଯାଏ; ସେହିପରି ପ୍ରାଣୀମାନେ ଭାଇ ବନ୍ଧୁରୂପରେ ଏକତ୍ର ହୋଇ ଯଥାକାଳରେ ଯେ ଯେଉଁଆଡ଼େ ଚାଲିଯାନ୍ତି ।

ସମୟର ମୂଲ୍ୟ ଅମୂଲ୍ୟ ।

ଆୟୁଷଃ କ୍ଷଣ ଏକୋଽପି, ନ ଲଭ୍ୟଃ ସ୍ୱର୍ଣ୍ଣକୋଟିଭିଃ ।
ସ ଚେନ୍ନିରର୍ଥକଂ ନୀତଃ, କା ନୁ ହାନିସ୍ତତୋଽଧିକା ॥୬୮୫॥ [ଦୃକ]

ଅନ୍ୱୟ—ଆୟୁଷଃ, ଏକଃ, କ୍ଷଣଃ, ଅପି, ସ୍ୱର୍ଣ୍ଣକୋଟିଭିଃ, ନ, ଲଭ୍ୟଃ; ସଃ, ନିରର୍ଥକଂ, ନୀତଃ, ଚେତ୍, ନୁ, ତତଃ, ଅଧିକା, ହାନିଃ, କା ।

GPNanda Colln., Digitized by srujanika@gmail.com

ଅର୍ଥ :—ଯଥାସମୟରେ ଏହି ଜୀବନର କ୍ଷଣକାଳ ମଧ୍ୟ, କୋଟି ସୁବର୍ଣ୍ଣ-ମୁଦ୍ରାର ଅଲଭ୍ୟ । ସେହି ଅମୂଲ୍ୟ ସମୟକୁ ଯଦି ବୃଥାରେ କଟାଇବାକୁ ହୁଏ, ତେବେ ଆଉ ତହିଁରୁ ବଳି ଅଧିକ ହାନି କ'ଣ ?

ଏହି ମାଟି କାହାର ସ୍ଥିର ନୁହେ ।

ଯଦୁପତେଃ କ୍ୱ ଗତା ମଥୁରାପୁରୀ, ରଘୁପତେଃ କ୍ୱ ଗତୋତ୍ତରକୋଶଳା ।
ଇତି ବିଚିନ୍ତ୍ୟ କୁରୁଷ୍ୱ ମନଃ ସ୍ଥିରଂ, ନ ସଦିଦଂ ଜଗଦିତ୍ୟବଧାରୟ ॥୨୮୬॥
[ଶାପ]

ଅନ୍ୱୟ—ଯଦୁପତେଃ, ମଥୁରାପୁରୀ, କ୍ୱ, ଗତା; ରଘୁପତେଃ, ଉତ୍ତର-କୋଶଳା, କ୍ୱ, ଗତା; ଇତି, ବିଚିନ୍ତ୍ୟ, ମନଃ, ସ୍ଥିରଂ, କୁରୁଷ୍ୱ; ଇଦଂ, ଜଗତ୍, ନ, ସତ୍, ଇତି, ଅବଧାରୟ ।

ଅର୍ଥ :—ଆଜି କୃଷ୍ଣଙ୍କର ସେହି ମଥୁରାପୁରୀ ନାହିଁ ଓ ସେ କୃଷ୍ଣ ମଧ୍ୟ ନାହାନ୍ତି ଏବଂ ରାମଙ୍କର ସେହି ଅଯୋଧ୍ୟାପୁରୀ ମଧ୍ୟ ନାହିଁ ଓ ରାମ ମଧ୍ୟ ନାହାନ୍ତି । ଏଣୁ ପୃଥିବୀ କାହାର ସ୍ଥିର ନୁହେ ଓ କେହି ମଧ୍ୟ ସ୍ଥିର ନୁହେ; ଅତଏବ ଏହି ଅସ୍ଥିର ଜଗତକୁ ଅସତ୍ ବୋଲି ଜାଣ ।

ଅନୁରୂପ ଶ୍ଳୋକ ।

କ୍ୱ ଗତାଃ ଧରଣୀପାଳାଃ, ସସୈନ୍ୟବଲବାହନାଃ ।
ବିୟୋଗସାକ୍ଷିଣୀ ଯେଷାଂ ଭୂମିରଦ୍ୟାପି ତିଷ୍ଠତି ॥ ୨୮୭ ॥ [ବୃଦ୍ଧ]

ଅନ୍ୱୟ—ସସୈନ୍ୟବଲବାହନାଃ, ଧରଣୀପାଳାଃ, କ୍ୱ, ଗତାଃ; ଯେଷାଂ, ଅଦ୍ୟାପି, ବିୟୋଗସାକ୍ଷିଣୀ, ଭୂମିଃ, ତିଷ୍ଠତି ।

ଅର୍ଥ :—ସଗର ଆଦି ରାଜାମାନେ ନିଜ ନିଜର ସୈନ୍ୟ, ବଳ ଓ ବାହନ ସହିତ କେଉଁ ଆଡ଼େ ଗଲେ, ଯେଉଁମାନଙ୍କର ବିୟୋଗର ସାକ୍ଷୀ-ସ୍ୱରୂପ ଏହି ଭୂମି ଅଦ୍ୟାପି ରହିଅଛି ।

GPNanda Colln., Digitized by srujanika@gmail.com

ଅସ୍ଥି ଅକ୍ଷୟ ।

ଜୀର୍ଣ୍ଣାନି ବାସାଂସି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ॥୧୮୮॥

[ଗୀତା]

ଅନ୍ୱୟ—ଯଥା, ନରଃ, ଜୀର୍ଣାନି, ବାସାଂସି, ବିହାୟ, ଅପରାଣି, ନବାନି, ଗୃହ୍ଣାତି; ତଥା, ଦେହୀ, ଜୀର୍ଣ୍ଣାନି, ଶରୀରାଣି, ବିହାୟ, ଅନ୍ୟାନି, ନବାନି, ଶରୀରାଣି, ସଂଯାତି ।

ଅର୍ଥ :—ଯେପରି ଲୋକେ ପୁରାତନ ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରନ୍ତି, ସେହିପରି ଜୀବାତ୍ମା ପୁରାତନ ଦେହ ତ୍ୟାଗ କରି ନୂତନ ଦେହ ଧାରଣ କରିଥାଏ ।

ଜନ୍ମ ଓ ମରଣ ଅପରିହାର୍ଯ୍ୟ ।

ଜାତସ୍ୟ ହି ଧ୍ରୁବୋମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ୧୮୯ ॥

[ଗୀତା]

ଅନ୍ୱୟ—ହି, ଜାତସ୍ୟ, ମୃତ୍ୟୁଃ, ଧ୍ରୁବଃ; ଚ ମୃତସ୍ୟ, ଜନ୍ମ, ଧ୍ରୁବଂ; ତସ୍ମାତ୍, ଅପରିହାର୍ଯ୍ୟେ, ଅର୍ଥେ, (ହେ ଅର୍ଜୁନ !) ତ୍ୱଂ, ଶୋଚିତୁଂ, ନ, ଅର୍ହସି ।

ଅର୍ଥ —ହେ ଅର୍ଜୁନ ! ଜନ୍ମ ପରେ ମୃତ୍ୟୁ ଓ ମୃତ୍ୟୁ ପରେ ଜନ୍ମହିଁ ଅନିବାର୍ଯ୍ୟ; ଏଣୁ ତାହା ଶୋଚନୀୟ ନୁହେ ।

ଅନୁରୂପ ଶ୍ଳୋକ ।

ଯାବଜ୍ଜନନଂ ତାବନ୍ମରଣଂ, ତାବଜ୍ଜନନୀଜଠରେ ଶୟନଂ ।
ଇତି ସଂସାରେ ସ୍ଫୁଟତର ଦୋଷଃ, କଥମିହ ମାନବ ! ତବ ସନ୍ତୋଷଃ ॥

୧୯୦ ॥ [ମୋହ]

GPNanda Colln., Digitized by srujanika@gmail.com

ନ୍ୟାୟହିଁ ବଳ ।

ନିନ୍ଦନ୍ତୁ ନୀତିନିପୁଣାଃ ଯଦି ବା ସ୍ତୁବନ୍ତୁ,
ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟଂ ।
ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା,
ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ॥ ୨୧୧ ॥
[ମୁଖ]

ଅନ୍ୱୟ—ନୀତିନିପୁଣାଃ, ନିନ୍ଦନ୍ତୁ, ଯଦି, ବା, ସ୍ତୁବନ୍ତୁ, ଲକ୍ଷ୍ମୀଃ, ସମାବିଶତୁ, ବା, ଯଥେଷ୍ଟଂ, ଗଚ୍ଛତୁ, ଅଦ୍ୟଃ, ଏବ, ମରଣଂ, ଅସ୍ତୁ, ବା, ଯୁଗାନ୍ତରେ, ଅସ୍ତୁ, ଧୀରାଃ, ନ୍ୟାଯ୍ୟାତ୍, ପଥଃ, ପଦଂ, ନ, ପ୍ରବିଚଳନ୍ତି ।

ଅର୍ଥ :— ନୀତିଜ୍ଞମାନେ ନିନ୍ଦା କରନ୍ତୁ ଅଥବା ସ୍ତୁତି କରନ୍ତୁ, ଲକ୍ଷ୍ମୀ ରହନ୍ତୁ ଅଥବା ଇଚ୍ଛା ହୋଇ ଯାନ୍ତୁ, ଆଜ ମରଣ ହେଉ ବା କାଳାନ୍ତରେ ହେଉ, କଦାପି ପଣ୍ଡିତମାନେ ନ୍ୟାୟମାର୍ଗରୁ ଲେଶ ମାତ୍ର ବିଚଳିତ ହୁଅନ୍ତି ନାହିଁ ।

ଅନୁରୂପ ଶ୍ଳୋକ ।

ଜନ୍ତିନୋଽସ୍ୟ ସ୍ଥିତିଂ ବଧ୍ନନ୍, ଲକ୍ଷ୍ମୀମିବ ଚଳାଚଳଂ
ଭବାନ୍ ମାସ୍ମ ବଧୀର୍ନ୍ୟାଯ୍ୟଂ, ନ୍ୟାୟାଧାରା ହି ସାଧବଃ ॥୨୧୨॥ [କିମ୍ବ]

ଅନ୍ୱୟ—ଭବାନ୍, ଚଳାଚଳାଂ, ଲକ୍ଷ୍ମୀଂ, ଇବ, ଅସ୍ୟ, ଜନ୍ତିନଃ, ସ୍ଥିତିଂ, ବଧ୍ନନ୍, ନ୍ୟାଯ୍ୟଂ, ମାସ୍ମ, ଅବଧୀଃ; ହି, ସାଧବଃ, ନ୍ୟାୟାଧାରାଃ, ଭବନ୍ତି ।

ଅର୍ଥ :—ଇନ୍ଦ୍ରଙ୍କର ଅର୍ଜୁନଙ୍କ ପ୍ରତି—ଏହି ଜୀବନ ଚଳାଚଳ ଲକ୍ଷ୍ମୀ ପରି ଅସ୍ଥିର, ଏହା ଜାଣି ଆପଣ ନ୍ୟାୟ ମାର୍ଗ ଛାଡ଼ନ୍ତୁ ନାହିଁ, ଯେହେତୁ ସଜ୍ଜନମାନେ ନ୍ୟାୟପରାୟଣ ହେବାହିଁ ଉଚିତ ।

GPNanda Colln., Digitized by srujanika@gmail.com

ପ୍ରକସ୍ତ ।

ଯଃ କଷେତ ବଧୋଦର୍କୈଃ ନିଃଶ୍ରେୟସକରୀଃ କ୍ରିୟାଃ ।
ଗ୍ଲାନଦୋଷଚ୍ଛିଦଃ ସ୍ୱଚ୍ଛାଃ, ସ ମୂଢ଼ଃ ପଙ୍କୟତ୍ୟପଃ ॥ ୨୯୩ ॥

[କିରା]

ଅନ୍ୱୟ—ଯଃ, ନିଃଶ୍ରେୟସକରୀଃ, କ୍ରିୟାଃ, ବଧୋଦର୍କୈଃ, କଷେତ; ସଃ, ମୂଢ଼ଃ, ଗ୍ଲାନ-ଦୋଷ-ଚ୍ଛିଦଃ, ସ୍ୱଚ୍ଛାଃ, ଅପଃ, ପଙ୍କୟତି ।

ଅର୍ଥ :—ଯେଉଁ ଲୋକ ମୁକ୍ତି-ଫଳ-ପ୍ରଦ କାର୍ଯ୍ୟକୁ ହିଂସାଫଳକ କରେ, ସେହି ମୂଢ଼ ଲୋକ ଜାଣ ପିପାସାହାରୀ ସ୍ୱଚ୍ଛ ଜଳକୁ ପଙ୍କିଳ କରିଥାଏ ।

ସୁଜନ ଗୁଣ ଓ ଦୁର୍ଜନ ଦୋଷ ଗ୍ରହଣ କରେ ।

ଗୃହ୍ଣାତି ସାଧୁରପରସ୍ୟ ଗୁଣଂ ନ ଦୋଷଂ,
ଦୋଷାନ୍ୱିତୋ ଗୁଣିଗୁଣଂ ପରିହାୟ ଦୋଷଂ ।
ବାଲଃ ସ୍ତନାତ୍ ପିବତି ଦୁଗ୍ଧମସୃକ୍ ବିହାୟ,
ତ୍ୟକ୍ତ୍ୱା ପୟୋରୁଧିରମେବ ନ କଂ ଜଳୌକାଃ ॥୨୯୪॥ [ପଦ୍ମ]

ଅନ୍ୱୟ—ସାଧୁଃ, ଅପରସ୍ୟ, ଗୁଣଂ, ଗୃହ୍ଣାତି, ଦୋଷଂ, ନ; ଦୋଷାନ୍ୱିତଃ, ଗୁଣିଗୁଣଂ, ପରିହାୟ, ଦୋଷଂ, ଗୃହ୍ଣାତି; ବାଲଃ, ଅସୃକ୍, ବିହାୟ, ସ୍ତନାତ୍, ଦୁଗ୍ଧଂ, ପିବତି; ଜଳୌକାଃ, ପୟଃ, ତ୍ୟକ୍ତ୍ୱା, ରୁଧିରଂ, ଏବ, କଂ, ନ, ପିବତି ।

ଅର୍ଥ :— ଯେପରି ବାଳକ ମାତୃସ୍ତନରୁ ରକ୍ତ ପରିତ୍ୟାଗ ପୂର୍ବକ ଦୁଗ୍ଧପାନ କରିଥାଏ ଏବଂ ଜୋକ ସେହି ସ୍ତନରୁ ଦୁଗ୍ଧ ପରିହାର ପୂର୍ବକ କେବଳ ରକ୍ତପାନ କରିଥାଏ, ସେହିପରି ସଜ୍ଜନମାନେ ଲୋକର ଗୁଣ ଗ୍ରହଣ କରିଥାନ୍ତି ଓ ଦୁର୍ଜନମାନେ ଲୋକର ଗୁଣ ପରିତ୍ୟାଗ ପୂର୍ବକ କେବଳ ଦୋଷମାତ୍ର ଗ୍ରହଣ କରିଥାନ୍ତି ।

GPNanda Colln., Digitized by srujanika@gmail.com

ଅନୁରୂପ ଶ୍ଳୋକ ।

ଗୁଣାୟନ୍ତେ ଦୋଷାଃ ସୁଜନବଦନେ ଦୁର୍ଜ୍ଜନମୁଖେ,
ଗୁଣା ଦୋଷାୟନ୍ତେ କଟିତ ଜଗତାଂ ବନ୍ଦୁମିଦଂ ।
ତଥା ଜୀମୂତୋଽୟଂ ଲବଣଜଲଧେର୍ବାରି ମଧୁରଂ,
ଫଣୀ ପୀତ୍ୱା କ୍ଷୀରଂ ବମତି ଗରଳଂ ଦୁଃସହତରଂ । ୨୯୫ ॥ [ଗୁଣରତ୍ନ]

ଅନ୍ୱୟ—ଦୋଷାଃ, ସୁଜନବଦନେ, ଗୁଣାୟନ୍ତେ; ଗୁଣାଃ, ଦୁର୍ଜ୍ଜନମୁଖେ, ଦୋଷାୟନ୍ତେ; ଇତି, ଜଗତାଂ, ଇଦଂ, କଂ, ବନ୍ଦ୍ୟଂ; ତଥା, ଅୟଂ, ଜୀମୂତଃ, ଲବଣଜଲଧେଃ, ବାରି, ପୀତ୍ୱା, ମଧୁରଂ, ଫଣୀ, କ୍ଷୀରଂ, ପୀତ୍ୱା, ଦୁଃସହତରଂ, ଗରଳଂ, ବମତି ।

ଅର୍ଥ :—ସୁଜନ ମୁଖରେ ଦୋଷ ଗୁଣରୂପରେ ଓ ଦୁର୍ଜ୍ଜନ ମୁଖରେ ଗୁଣ ଦୋଷରୂପରେ ଗୃହୀତ ହୋଇଥାଏ; ଦେଖିବାକୁ ଗଲେ ମେଘ ଲବଣ ସମୁଦ୍ରରୁ ଜଳପାନ କରି ମଧୁର ଜଳ ବୃଷ୍ଟି କରଥାଏ ଏବଂ ସର୍ପ ଦୁଗ୍ଧପାନ କରି ଦୁଃସହ ଗରଳ ବାନ୍ତ କରଥାଏ ।

ପୁନଶ୍ଚ ।

ଗୁଣା ଗୁଣଜ୍ଞେ ଷୁଗୁଣା ଭବନ୍ତି, ତେ ନିର୍ଗୁଣଂ ପ୍ରାପ୍ୟ ଭବନ୍ତି ଦୋଷାଃ ।
ସ୍ୱସ୍ୱାଦୁତୋୟାଃ ପ୍ରଭବନ୍ତି ନଦ୍ୟଃ, ସମୁଦ୍ରମାସାଦ୍ୟ ଭବନ୍ତ୍ୟପେୟାଃ ॥ ୨୯୬ ॥
[ଗୁଣରତ୍ନ]

ଅନ୍ୱୟ—ଗୁଣଜ୍ଞେ, ଗୁଣାଃ, ସୁଗୁଣାଃ, ଭବନ୍ତି, ତେ, ନିର୍ଗୁଣଂ, ପ୍ରାପ୍ୟ, ଦୋଷାଃ, ଭବନ୍ତି; ନଦ୍ୟଃ, ସ୍ୱସ୍ୱାଦୁତୋୟାଃ, ପ୍ରଭବନ୍ତି; ସମୁଦ୍ରଂ, ଅସାଦ୍ୟ, ଅପେୟାଃ, ଭବନ୍ତି ।

ଅର୍ଥ :—ଗୁଣୀମାନଙ୍କଠାରେ ସାମାନ୍ୟ ଗୁଣ ଉତ୍ତମ ଗୁଣ ରୂପରେ ଏବଂ ସେହି ଗୁଣ ନିର୍ଗୁଣଠାରେ ଦୋଷରୂପରେ ପରିଣତ ହୋଇଥାଏ । ଯେପରି ସ୍ୱସ୍ୱାଦୁତୋୟ ନଦୀର ଜଳ ସମୁଦ୍ରରେ ମିଳିତ ହୋଇ ଅପେୟ ହୋଇଥାଏ ।

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ରକ୍ତା ଚ ଜବଯା ମୁକ୍ତା, ଜବା ଶୁଭ୍ରା ନ ମୁକ୍ତଯା ।
ଭବେତ୍ ପରଗୁଣଗ୍ରାହୀ, ମହାତ୍ମୈବ ନାପରଃ ॥୨୯୭॥ [ଦୃଷ୍ଟ]

ଅନ୍ୱୟ—ମୁକ୍ତା, ଜବଯା, ରକ୍ତା; ଚ, ଜବା, ମୁକ୍ତାୟା, ଶୁଭ୍ରା, ନ; ମହାତ୍ମାନ୍, ଏବ, ପରଗୁଣଗ୍ରାହୀ, ଭବେତ୍; ଅପରଃ, ନ ।

ଅର୍ଥ:—ଜବାକୁସୁମଦ୍ୱାରା ମୁକ୍ତା ରକ୍ତବର୍ଣ୍ଣ ଦେଖାଯାଏ, କିନ୍ତୁ ମୁକ୍ତାଦ୍ୱାରା ଜବାକୁସୁମ ଶୁଭ୍ରବର୍ଣ୍ଣ ଦେଖାଯାଏ ନାହିଁ । ଯେହେତୁ ମହତ୍ଜନ ଭିନ୍ନ ଅପର କେହି ପରଗୁଣ ଗ୍ରହଣ କରିବାକୁ ସମର୍ଥ ନୁହେ ।

ଏପରି ସାଧୁଙ୍କ ବଚନ ।

ମନସି ବଚସି କାୟେ ପୁଣ୍ୟପୀୟୂଷପୂର୍ଣ୍ଣା—
ସ୍ତ୍ରିଭୁବନମୁପକାରଶ୍ରେଣୀଭିଃ ପ୍ରୀଣୟନ୍ତଃ ।
ପରଗୁଣ ପରମାଣୂନ୍ ପର୍ବତୀକୃତ୍ୟ ନିତ୍ୟଂ,
ନିଜହୃଦି ବିକଶନ୍ତଃ ସନ୍ତି ସନ୍ତଃ କିୟନ୍ତଃ ॥୨୯୮॥ [ଶାପ]

ଅନ୍ୱୟ—ମନସି, ବଚସି, କାୟେ, ପୁଣ୍ୟପୀୟୂଷପୂର୍ଣ୍ଣାଃ, ଉପକାର-ଶ୍ରେଣୀଭିଃ, ତ୍ରିଭୁବନଂ, ପ୍ରୀଣୟନ୍ତଃ, ପରଗୁଣପରମାଣୂନ୍, ପର୍ବତୀକୃତ୍ୟ, ନିତ୍ୟଂ, ନିଜହୃଦି, ବିକଶନ୍ତଃ, କିୟନ୍ତଃ, ସନ୍ତଃ, ସନ୍ତି ।

ଅର୍ଥ:—ଯେଉଁମାନଙ୍କର ବାକ୍ୟ, ମନ ଓ କାର୍ଯ୍ୟ ସମାନ, ଯେଉଁ ପୁଣ୍ୟାତ୍ମାମାନେ ବହୁ ଉପକାରଦ୍ୱାରା ଜଗତର ମଙ୍ଗଳ ସାଧନ କରନ୍ତି, ଓ ପରର ପରମାଣୁତୁଲ୍ୟ ଗୁଣକୁ ପର୍ବତାକାର ଅର୍ଥାତ୍ ବଡ଼ ମନେ କରନ୍ତି ଏବଂ ନିଜ ନିଜ ଜ୍ଞାନବଳରେ ନିଜେ ନିଜେ ସନ୍ତୁଷ୍ଟ ଥାନ୍ତି, ସେହିମାନେହିଁ ପ୍ରକୃତରେ ସାଧୁ ଅଟନ୍ତି ।

GPNanda Colln., Digitized by srujanika@gmail.com

ଅଧମାଦିର ପ୍ରୀତି ।

ପ୍ରୀତିର୍ଭବେଦଧମମଧ୍ୟମସଜ୍ଜନାନାଂ, ଯାବଜ୍ଜଳେଷୁ ସିକତାସୁ ଶିଳାସୁ ରେଖା ।
ବୈରଂ ଭବେଦଧମମଧ୍ୟମସଜ୍ଜନାନାଂ, ଯାବଚ୍ଛିଳାସୁ ସିକତାସୁ ଜଳେଷୁ ରେଖା ॥
୨୯୯ ॥ [ନୀପ]

ଅନ୍ୱୟ—ଅଧମ-ମଧ୍ୟମ-ସଜ୍ଜନାନାଂ, ପ୍ରୀତିଃ, ଯାବତ୍, ଜଳେଷୁ, ସିକତାସୁ, ଶିଳାସୁ, ରେଖା, ଭବେତ୍; ଅଧମ-ମଧ୍ୟମ-ସଜ୍ଜନାନାଂ, ବୈରଂ, ଯାବତ୍, ଶିଳାସୁ, ସିକତାସୁ, ଜଳେଷୁ, ରେଖା, ଭବେତ୍ ।

ଅର୍ଥ:—ଅଧମ, ମଧ୍ୟମ ଓ ଉତ୍ତମ ଲୋକମାନଙ୍କର ପ୍ରୀତି ଜଳ, ବାଲି ଓ ଶିଳାଙ୍କିତ ରେଖାର ତୁଲ୍ୟ ଏବଂ ଅଧମ, ମଧ୍ୟମ ଓ ଉତ୍ତମ ଲୋକମାନଙ୍କର ବୈରଭାବ ଶିଳା, ବାଲି ଓ ଜଳାଙ୍କିତ ରେଖାର ତୁଲ୍ୟ ହୋଇଥାଏ ।

ସତ୍ପୁରୁଷାଦିର ଲକ୍ଷଣ ।

ତେ ତେ ସତ୍ପୁରୁଷାଃ ପରାର୍ଥଘଟକାଃ ସ୍ୱାର୍ଥଂ ପରିତ୍ୟଜ୍ୟ ଯେ,
ସାମାନ୍ୟାସ୍ତୁ ପରାର୍ଥମୁଦ୍ୟମଭୃତଃ ସ୍ୱାର୍ଥାବିରୋଧେନ ଯେ ।
ତେଽମୀ ମାନୁଷରାକ୍ଷସାଃ ପରହିତଂ ସ୍ୱାର୍ଥାୟ ନିଘ୍ନନ୍ତି ଯେ,
ଯେ ତୁ ଘ୍ନନ୍ତି ନିରର୍ଥକଂ ପରହିତଂ ତେ କେ ନ ଜାନୀମହେ ॥୩୦୦॥
[ପଦ୍ମ]

ଅନ୍ୱୟ—ଯେ, ସ୍ୱାର୍ଥଂ, ପରିତ୍ୟଜ୍ୟ, ପରାର୍ଥଘଟକାଃ, ଭବନ୍ତି, ତେ, ତେ, ସତ୍ପୁରୁଷାଃ; ତୁ, ସ୍ୱାର୍ଥାବିରୋଧେନ, ପରାର୍ଥଂ, ଉଦ୍ୟମଭୃତଃ, ଯେ, ତେ, ତେ, ସାମାନ୍ୟାଃ; ଯେ, ସ୍ୱାର୍ଥାୟ, ପରାର୍ଥଂ, ନିଘ୍ନନ୍ତି, ତେ, ଅମୀ, ମାନୁଷରାକ୍ଷସାଃ; ତୁ, ଯେ, ପରହିତଂ, ନିରର୍ଥକଂ, ଘ୍ନନ୍ତି, ତେ, କେ, ନ, ଜାନୀମହେ ।

ଅର୍ଥ :—ଯେଉଁମାନେ ନିଜର ସ୍ୱାର୍ଥ ଛାଡ଼ି କେବଳ ପରହିତରେ ରତ ହୁଅନ୍ତି, ସେହିମାନେହିଁ ସତ୍ପୁରୁଷ; ଯେଉଁମାନେ ନିଜର ସ୍ୱାର୍ଥ ନଷ୍ଟ ନ କରି

GPNanda Colln., Digitized by srujanika@gmail.com

ପରହିତରେ ବ୍ରତୀ ହୋଇଥାନ୍ତି, ସେହିମାନେହିଁ ମଧ୍ୟମ ପୁରୁଷ; ଯେଉଁମାନେ ନିଜର ଇଷ୍ଟ ସିଦ୍ଧାର୍ଥେ ପରର ଅନିଷ୍ଟ ସାଧନ କରନ୍ତି, ସେହିମାନେହିଁ ରାକ୍ଷସ ପୁରୁଷ ଏବଂ ଯେଉଁମାନେ ପରହିତରେ ନିରର୍ଥକ ବାଧା ଦେଇଥାନ୍ତି, ସେମାନେ ଯେ କେଉଁ ପୁରୁଷ ମଧ୍ୟରେ ଗଣ୍ୟ, ତାହା ଈଶ୍ୱର ହିଁ ଜାଣନ୍ତି ।

ଖଳର ସ୍ୱଭାବ ।

କାବ୍ୟେ ଭବ୍ୟତମେଽପି ସଜ୍ଜନବରୈର୍ନିତ୍ୟଂ ଆସ୍ୱାଦ୍ୟମାନେ ମୁହୁ--
ର୍ଦୋଷାନ୍ୱେଷଣମେବ ମତ୍ସରଦୃଶାଂ ନୈସର୍ଗିକୋ ଦୁର୍ଗ୍ରହଃ ।
କାସାରେଽପି ବିକାଶିପଙ୍କଜଚୟେ ଖେଳନ୍ମରାଳେ ମୁହୁଃ,
କ୍ରୋଷ୍ଟଷ୍ଟ ପୁଟେନ କୁଣ୍ଠିତବପୁଃ ଶମ୍ବୂକମନ୍ୱେଷତି ॥୩୦୧॥ [ପଦ୍ମ]

ଅନ୍ୱୟ—ସଜ୍ଜନବରୈଃ, ମୁହୁଃ, ଆସ୍ୱାଦ୍ୟମାନେ, ଭବ୍ୟତମେ, କାବ୍ୟେ, ଅପି, ମତ୍ସରଦୃଶାଂ, ଦୋଷାନ୍ୱେଷଣଂ, ଏବ, ନୈସର୍ଗିକଃ, ଦୁର୍ଗ୍ରହଃ; ମୁହୁଃ, ଖେଳନ୍ମରାଳେ, ବିକାଶିପଙ୍କଜଚୟେ, କାସାରେ, ଅପି, କ୍ରୋଷ୍ଟଃ, କୁଣ୍ଠିତବପୁଃ, ସନ୍, ଶମ୍ବୂକଂ, ଏବ, ଅନ୍ୱେଷତି ।

ଅର୍ଥ :—ସଜ୍ଜନଜନାନୁମୋଦିତ ଅତି ଉତ୍ତମ କାବ୍ୟରେ କେବଳ ଦୋଷ ଅନ୍ୱେଷଣ କରିବା ମତ୍ସରମାନଙ୍କର ସ୍ୱାଭାବିକ ଦୁରାଗ୍ରହ ଅଟେ । ଦେଖିବାକୁ ଗଲେ, ଯେଉଁ ପୁଷ୍କରିଣୀରେ ହଂସ ଖେଳୁଥାଏ ଓ ପଦ୍ମ ଫୁଟିଥାଏ, ତହିଁରେ ବକ ବସି ଶାମୁକା ଖୋଜୁଥାଏ ।

ଅନୁରୂପ ଶ୍ଳୋକ ।

ଅତିରମଣୀୟେ କାବ୍ୟେ, ଦୂଷଣମନ୍ୱେଷୟତ୍ୟହୋ ପିଶୁନଃ ।
ଅତିରମଣୀୟେ ଦେହେ, ବ୍ରଣମିବ ମକ୍ଷିକାଣାଂ ନିକରଃ ॥୩୦୨॥[ପଦ୍ମ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଅହେ ! ପଣ୍ଡିତାଃ, ଅତିରମଣୀୟେ, କାବ୍ୟେ, ଦୂଷଣଂ, ଅନ୍ୱେଷୟନ୍ତି; ମକ୍ଷିକାଣାଂ, ନିକରଃ, ଅତିରମଣୀୟେ, ଦେହେ, ବ୍ରଣଂ, ଇବ ।

ଅର୍ଥ :—ସୁନ୍ଦର ଦେହରେ ମାଛିମାନେ ବ୍ରଣ ଖୋଜିଲା ପରି ମତ୍ସର-ମାନେ ସୁନ୍ଦର କାବ୍ୟରେ ମଧ୍ୟ ଦୋଷ ଖୋଜୁଥାନ୍ତି ।

ମୂର୍ଖତାର ପ୍ରତୀକାର ନାହିଁ ।

ଶକ୍ୟୋ ବାରୟିତୁଂ ଜଲେନ ହୁତଭୁକ୍ ଛତ୍ରେଣ ବର୍ଷାତପୌ
ନାଗେନ୍ଦ୍ରୋ ନିଶିତାଙ୍କୁଶେନ ସମଦୋ ଦଣ୍ଡେନ ଗୋଗର୍ଦ୍ଦଭୌ ।
ବ୍ୟାଧିର୍ଭେଷଜସଂଗ୍ରହୈଶ୍ଚ ବିବିଧୈର୍ମନ୍ତ୍ରପ୍ରୟୋଗାଦ୍ବିଷଂ
ସର୍ବସ୍ୟୌଷଧମସ୍ତି ଶାସ୍ତ୍ରବିହିତଂ ମୂର୍ଖସ୍ୟ ନାସ୍ତ୍ୟୌଷଧଂ ॥୩୦୮ ॥

[ପଞ୍ଚରତ୍ନ]

ଅନ୍ୱୟ—ହୁତଭୁକ୍, ଜଲେନ, ବାରୟିତୁଂ, ଶକ୍ୟଃ; ବର୍ଷାତପୌ, ଛତ୍ରେଣ; ସମଦଃ, ନାଗେନ୍ଦ୍ରଃ, ନିଶିତାଙ୍କୁଶେନ; ଗୋଗର୍ଦ୍ଦଭୌ, ଦଣ୍ଡେନ; ବିବିଧୈଃ, ଭେଷଜସଂଗ୍ରହୈଃ, ବ୍ୟାଧିଃ; ମନ୍ତ୍ରପ୍ରୟୋଗାତ୍, ବିଷଂ; ସର୍ବସ୍ୟ, ଶାସ୍ତ୍ର-ବିହିତଂ, ଔଷଧଂ, ଅସ୍ତି; ମୂର୍ଖସ୍ୟ, ଔଷଧଂ, ନ ଅସ୍ତି ।

ଅର୍ଥ :—ଜଳଦ୍ୱାରା ଅଗ୍ନି, ଛତ୍ରଦ୍ୱାରା ଖରା ଓ ବର୍ଷା, ତୀକ୍ଷ୍ଣ ଅଙ୍କୁଶଦ୍ୱାରା ମଦମତ୍ତହସ୍ତୀ, ଦଣ୍ଡଦ୍ୱାରା ଗୋରୁ ଓ ଗଧ, ବିବିଧ ଔଷଧଦ୍ୱାରା ରୋଗ ଏବଂ ମନ୍ତ୍ରଦ୍ୱାରା ବିଷ ଉପଶମିତ ହୁଏ; ଏଣୁ ସମସ୍ତ ବିଷୟର ପ୍ରତୀକାର ଅଛି, ମାତ୍ର ମୂର୍ଖତାର ପ୍ରତୀକାର ନାହିଁ ।

ଅନୁରୂପ ଶ୍ଳୋକ ।

ପୋତୋ ଦୁସ୍ତରବାରିରାଶିତରଣେ, ଦୀପୋଽନ୍ଧକାରାଗମେ
ନିର୍ବାତେ ବ୍ୟଜନଂ ମଦାନ୍ଧକରିଣାଂ ଦର୍ପୋପଶାନ୍ତ୍ୟୈ ସୃଣିଃ ।

GPNanda Colln., Digitized by srujanika@gmail.com

ଇତ୍ଥଂ ତଦ୍ଭୁବି ନାସ୍ତି ଯସ୍ୟ ବିଧିନା ନୋପାୟଚିନ୍ତା କୃତା
ମନ୍ୟେ ଦୁର୍ଜନଚିତ୍ତବୃତ୍ତିହରଣେ ଧାତାପି ଭଗ୍ନୋଦ୍ୟମଃ ॥ ୩୦୪ ॥

[ପଦ]

ଅନ୍ୱୟ - ଦୁସ୍ତରବାରିରାଶିତରଣେ, ପୋତଃ; ଅନ୍ଧକାରାଗମେ, ଦୀପଃ; ନିର୍ବାତେ, ବ୍ୟଜନଂ; ମଦାନ୍ଧକରିଣାଂ, ଦର୍ପୋପଶାନ୍ତ୍ୟୈ, ଅଙ୍କୁଶଃ; ଇତ୍ଥଂ, ବିଧିନା, ଯସ୍ୟ, ଉପାୟଚିନ୍ତା, ନ, କୃତା, ତତ୍, ଭୁବି, ନ, ଅସ୍ତି; ଦୁର୍ଜନଚିତ୍ତ-ବୃତ୍ତିହରଣେ, ଧାତା, ଅପି, ଭଗ୍ନୋଦ୍ୟମଃ, ମନ୍ୟେ ।

ଅର୍ଥ :—ଜଳ ପାରି ହେବା ସକାଶେ ଜାହାଜ, ଅନ୍ଧକାର ନାଶ ସକାଶେ ଦୀପ, ବାୟୁଚାଳନା ସକାଶେ ପଙ୍ଖା ଓ ମତ୍ତହସ୍ତୀ ସକାଶେ ଅଙ୍କୁଶର ସୃଷ୍ଟି ହୋଇଅଛି; ଅତଏବ ବିଧାତା ପ୍ରତୀକାର କରି ନ ଥିବା ପଦାର୍ଥ ନାହିଁ, ବୋଧ ହୁଏ ଦୌର୍ଜନ୍ୟର ପ୍ରତୀକାର ବିଷୟରେ ବିଧାତା ମଧ୍ୟ ଭଗ୍ନମନୋରଥ ହୋଇଅଛନ୍ତି ।

ଗୁଣର ଅନାଦର ।

ଅସ୍ଥାନସ୍ଥିତଦେହତୋର୍ଗୁଣବାନପି ହନ୍ତ ହାସ୍ୟତାମେତି ।
କରଟିସ୍ତନାବଲମ୍ବୀ ନନୁ ନ ଶୋଭତେ ରମଣୀୟୋ ହାରଃ ॥ ୩୦୫ ॥

[ଦୃଢ]

ଅନ୍ୱୟ—ଅସ୍ଥାନସ୍ଥିତଦେହତୋଃ, ଗୁଣବାନ୍, ଅପି, ହନ୍ତ ! ହାସ୍ୟତାଂ, ଏତି; ରମଣୀୟଃ, ହାରଃ, କରଟିସ୍ତନାବଲମ୍ବୀ, ସନ୍, ନନୁ, ନ ଶୋଭତେ ।

ଅର୍ଥ :—ବୃଦ୍ଧରମଣୀର ସ୍ତନାବଲମ୍ବୀ ହାର ପରି ନିର୍ଗୁଣ ନିକଟରେ ଗୁଣୀ ଅବସ୍ଥାନ କଲେ ହାସ୍ୟାସ୍ପଦ ହୁଏ ।

ଗୁଣର ଅନାଦର ଦେଖି କବିର ଉକ୍ତି ।

ଯସ୍ମାଦୃତସ୍ତ୍ୱମଳିନା ମଳିନାଶୟେନ, ତ୍ୱଂ ତେନ ଚମ୍ପକ ! ଶୋଦମୃସିକରେଷି ।
ହ୍ୱଣ୍ଟାଉତ୍ସ୍ମନବକାରଦଜାଲବେଷାଃ, ଦେଶାଃ କୁଶେଷଦୃଶାଂ କୁଶଳୀଭବନ୍ତୁ ।

॥ ୩୦୬ ॥ [ପଦ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ଚଞ୍ଚଳ ! ତ୍ୱଂ, ମଳନାଶପ୍ରେନ, ଅଲନା, ଯତ୍, ନ, ଆଦୃତଃ, ତତ୍. କିଂ, ବିଷାଦଂ, ଉପାଚସ୍ୱେତି; ବିଷ୍ଣୋଭିଗ୍ରମନବନୀରଦନୀଲବେଶାଃ, କୁଟେଶସ୍ୟଦୃଶ୍ୟାଂ, କେଶାଃ, କୁଶଳୀଭବନ୍ତୁ ।

ଅର୍ଥ :—ହେ ଚମ୍ପକ ! ଯଦି ନାଗ୍ରଧଣ୍ଟ ଭ୍ରମର ତୁମ୍ଭଙ୍କୁ ଆଦର କଲା, ସେଥି ସକାଶେ ତୁମ୍ଭର ଦୁଃଖ କା କଣ ? ଉଭୋହଂଧିବଯୂନର ନବନୀରଦ-ନୀଳକାନ୍ତ ମୃଗନୟନାମାନଙ୍କ କେଶକୁ ଅଳଙ୍କୃତ କର ।

ଅପ୍ରକରଣେ ଗୁଣୀର ଉକ୍ତି ।

ପୂର୍ବେ ବା ପଶ୍ଚାଦ୍ୱା କ୍ୱଚଦପି ବସାମଃ କ୍ଷିତିପତେ,
ତତଃ କା ନୋ ହାନିର୍ବିତନବିତନାକ୍ରୀତମନସାଂ ।
ଅଗ୍ରେ ବା ପ୍ରାନ୍ତେ ବା କୁଚକଳଶଭାରେ ମୃଗଦୃଶାଂ,
ମଣେସ୍ତୁଲ୍ୟଂ ମୂଲ୍ୟଂ ଧବଳଗୁଣଭାଜଶ୍ଚ୍ୟୁତମଳଃ ॥ ୩୦୭ ॥ [ଦ୍ରୁତ]

ଅନ୍ୱୟ—ହେ କ୍ଷିତିପତେ ! ପୂର୍ବଃ, ବା, ପଶ୍ଚାତ୍, କ୍ୱଚିତ୍,ଅପି, ବସାମଃ; ତତଃ, ବିତନବିତନାକ୍ରୀତମନସାଂ, ନଃ, ହାନିଃ, କା; ଅଗ୍ରେ, ପ୍ରାନ୍ତେ, ମୃଗଦୃଶାଂ, କୁଚକଳଶଭାରେ, ଧବଳଗୁଣଭାଜଃ, ଚ୍ୟୁତମଳଃ, ମଣେଃ, ମୂଲ୍ୟଂ, ତୁଲ୍ୟଂ ।

ଅର୍ଥ :—ମହାରାଜ ! ଆପଣମାନେ ବିଦ୍ୱାନ୍‌ମାନଙ୍କୁ ଆଗ ପଛ ଯେ କୌଣସିଠାରେ ବସାଇଲେ ମଧ ତହିଁରେ ସେମାନଙ୍କର କ୍ଷତି ନ ଥାଏ; ଯେହେତୁ ଦୀପ୍ତିଶାଳୀ ସ୍ୱଭାବସୁନ୍ଦର ମଣି ଗୃହ, ବନ ଓ ସ୍ତ୍ରୀମାନଙ୍କ କୁଚ-ମଣ୍ଡଳ ପ୍ରଭୃତି ଯେ କୌଣସିଠାରେ ରହିଲେ ମଧ ତାହାର ମୂଲ୍ୟ ସମାନ ହୋଇଥାଏ ।

ପୁନଶ୍ଚ ।

ମଣିର୍ଲୁଠତି ପାଦେନ କାଚଃ ଶିରସି ଧାର୍ଯ୍ୟତେ ।
ଯଥୈବାସ୍ତେ ତଥୈବାସ୍ତାଂ କାଚଃକାଚୋମଣିର୍ମଣିଃ ॥ ୩୦୮ ॥
[ନୀତିରତ୍ନ]

GPNanda Colln., Digitized by srujanika@gmail.com

ହରକଣ୍ଠସ୍ଥିତ ସର୍ପ ପ୍ରତି ଗରୁଡ଼ର ଉକ୍ତି ।

ଜାନାମ୍ୟହଂ ସର୍ପ ତବ ପ୍ରଭାବଂ, କଣ୍ଠସ୍ଥିତୋ ଗର୍ଜସି ଶଙ୍କରସ୍ୟ ।
ସ୍ଥାନଂ ପ୍ରଧାନଂ ନ ବଲଂ ପ୍ରଧାନଂ, ସ୍ଥାନସ୍ଥିତଃ କାପୁରୁଷୋଽପି ସିଂହଃ
।୩୦୯। [ଦୃଢ]

ଅନ୍ୱୟ— ହେ ସର୍ପ ! ତବ, ପ୍ରଭାବଂ, ଅହଂ, ଜାନାମି; ଶଙ୍କରସ୍ୟ, କଣ୍ଠସ୍ଥିତଃ, ସନ୍, ଗର୍ଜସି; ଯତଃ, ସ୍ଥାନଂ, ପ୍ରଧାନଂ, ବଲଂ, ନ; ସ୍ଥାନସ୍ଥିତଃ କାପୁରୁଷଃ, ଅପି, ସିଂହଃ, ଭବତି ।

ଅର୍ଥ :—ଅରେ ସର୍ପ ! ମୁଁ ତୋ ବଳ ଜାଣେ, ମାତ୍ର ଶିବଙ୍କ କଣ୍ଠର ଆଶ୍ରୟ ନେଇ ମତେ ଦେଖି ତୁ ଗର୍ଜନ କରୁଅଛୁ; ଯେହେତୁ ସ୍ଥାନବିଶେଷରେ ଦୁର୍ବଳ ମଧ୍ୟ ସିଂହ ପାଲଟିଯାଏ ।

ଖଳୁଅର ସ୍ୱଭାବ ।

ଅପୂର୍ବା ରସନାବ୍ୟାଳୀ ଖଲାନନବିଲାଶ୍ରୟା ।
କର୍ଣ୍ଣମୂଲେ ଦଶତ୍ୟେକଂ ହରତ୍ୟନ୍ୟସ୍ୟ ଜୀବନଂ ॥୩୧୦॥ [ଦୃଢ଼]

ଅନ୍ୱୟ— ଖଲାନନବିଲାଶ୍ରୟା, ଅପୂର୍ବା, ରସନାବ୍ୟାଳୀ, ଏକଂ, କର୍ଣ୍ଣମୂଲେ, ଦଶତି; ଅନ୍ୟସ୍ୟ, ଜୀବନଂ ହରତି ।

ଅର୍ଥ :—ବାସ୍ତବିକ୍ ସର୍ପ କାମୁଡ଼ିବା ଲୋକ ମରିଯାଏ, ମାତ୍ର ଖଳ ଲୋକର ମୁଖଗର୍ତ୍ତାଶ୍ରିତ ଜିହ୍ୱାରୂପସର୍ପିଣୀ ଜଣକର କର୍ଣ୍ଣମୂଳରେ ଦଂଶନ କଲେ ଅପର ଲୋକର ସର୍ବନାଶ ହୋଇଥାଏ ।

ଭୃତ୍ୟର ଗୁହାଶ୍ରୀ ।

ଯାସ୍ୟନ୍ତି ଜଲଧର ! ଯମଯୂସ୍ତବ ଚ ସମୃଦ୍ଧିର୍ଲଘୀୟସୀ ଭବିତା ।
ଚାତକଚଞ୍ଚୁପୁଟପାତନପାତକମେକଂ ଚିରସ୍ଥାୟି ॥୩୧୧॥ [ପଦ୍ଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ଜଲଧର ! ତବ, ସମୟଃ, ଯାସ୍ୟତି; ତ, ସମ୍ଭଵଃ, ଲଘୀୟସୀ, ଭବତା; ଏକଂ, ତତ୍ପାତଜନ୍ମଦ୍ରୁମପାତନପାତକଂ, ଚିରସ୍ଥାୟି ।

ଅର୍ଥ :—ହେ ମେଘ ! ତୁମ୍ଭର ସମୟ ଶୀଘ୍ର ଯିବ ଏବଂ ସଙ୍ଗେ ସଙ୍ଗେ ତୁମ୍ଭର ଜଳାବୃଷ୍ଟି ଅତି କାର୍ଯ୍ୟଶୂନ୍ୟ ହେବ; ମାତ୍ର ଜଳପାତଜନିତ ବୃକ୍ଷର ପାତନରୂପ ପାପଟି କେବଳ ଚିରସ୍ଥାୟୀ ରହିବ ।

ପ୍ରକଟ ।

ବୃଷ୍ଟିଂ ବର୍ଷତି ପର୍ଜନ୍ୟ ! ସର୍ବେ ପଲ୍ଲବିତା ଦ୍ରୁମାଃ ।
ଅସ୍ମାକମର୍କବୃକ୍ଷାଣାଂ ପୂର୍ବପତ୍ରେଽପି ସଂଶୟଃ ॥୩୧୬॥ [ଦୃଷ୍ଟ]

ଅନ୍ୱୟ—ହେ ପର୍ଜନ୍ୟ ! ବୃଷ୍ଟିଂ, ବର୍ଷତି, ସତି, ସର୍ବେ, ଦ୍ରୁମାଃ, ପଲ୍ଲବିତାଃ, ଭବନ୍ତି; ଅର୍କବୃକ୍ଷାଣାଂ, ଅସ୍ମାକଂ, ପୂର୍ବପତ୍ରେ, ଅପି, ସଂଶୟଃ ।

ଅର୍ଥ :—ହେ ମେଘ ! ତୁମ୍ଭ ବୃଷ୍ଟିଯୋଗୁଁ ସମସ୍ତ ବୃକ୍ଷ ପଲ୍ଲବିତ ହୁଅନ୍ତି, ମାତ୍ର ଅସ୍ମଦାଦି ଅର୍କବୃକ୍ଷମାନଙ୍କର ପୂର୍ବ ପତ୍ର ମଧ୍ୟ ବିଲୁପ୍ତ ହୁଏ ।

ପଦଚ୍ୟୁତର ପଦପ୍ରାପ୍ତିପ୍ରାର୍ଥନା ।

ଉନ୍ମୂଳିତା ଜଲଧରେଣ ପଦାଭିଘାତୈଃ,
ସଂଚୂର୍ଣ୍ଣିତା ତପନତାପଭରେଣ ତପ୍ତା ।
ଦାବାନଲେନ ନନୁ ଦଗ୍ଧଦଲାପି ଦୂର୍ବା,
ପୂର୍ବାସ୍ପଦେ ଜଲଦ ! ତେ କରୁଣା ଯଦି ସ୍ୟାତ୍ ॥୩୧୭॥
[ଯଦି]

ଅନ୍ୱୟ—ହେ ଜଲଦ ! ଦଗ୍ଧଦଲା, ଅତଃ, ଦୂର୍ବା, ଜଲଧରେଣ, ଉନ୍ମୂଳିତା, ପଦାଭିଘାତୈଃ, ସଂଚୂର୍ଣ୍ଣିତା, ତପନତାପଭରେଣ ତପ୍ତା; ଦାବାନଲେନ, ଦଗ୍ଧଦଲା, ଅପି, ଦୂର୍ବା, ତେ, କରୁଣା, ଯଦି, ସ୍ୟାତ୍, ପୂର୍ବାସ୍ପଦେ ।

GPNanda Colln., Digitized by srujanika@gmail.com

ଅର୍ଥ :—ହେ ମେଘ ! କୃଷକଦ୍ୱାରା ନୂଲୋତ୍ପାଟିତ, ପଦାଘାତରେ ସଂଚୂର୍ଣ୍ଣିତ, ସୂର୍ଯ୍ୟତାପରେ ଶୁଷ୍କ ଓ ବନାଗ୍ନିରେ ଦଗ୍ଧଦଳା ଦୂର୍ବା, ଯଦି ଅପଣଙ୍କର କରୁଣା ହୁଏ ତାହାହେଲେ ପୂର୍ବ ଅବସ୍ଥା ପ୍ରାପ୍ତ ହେବ ।

ଶକ୍ତିବଳର ପ୍ରଶଂସା ।

ନଂ ଜନ୍ମନା ଭବତି ପୈତ୍ର୍ୟଗୁଣେନ ନଂ ବା,
ଶକ୍ତ୍ୟା ହି ଯାତି ନିଜୟା ପୁରୁଷଃ ପ୍ରଶଂସ୍ତାଂ ।
କୁମ୍ଭୋହି କୂପମପି ଶୋଷୟିତୁଂ ନ ଶକ୍ତଃ,
କୁମ୍ଭୋଦ୍ଭବେନ ମୁନିନାମ୍ବୁଧିରେବ ପୀତଃ ॥ ୩୧୪ ॥ [ଅଜ୍ଞ]

ଅନ୍ୱୟ—ଜନ୍ମନା, ନଂ, ବା, ପୈତ୍ର୍ୟଗୁଣେନ, ନଂ,ଭବତି; ହି, ପୁରୁଷଃ, ନିଜୟା, ଶକ୍ତ୍ୟା, ପ୍ରଶଂସ୍ତାଂ, ଯାତି; ହି, କୁମ୍ଭଃ, କୂପଂ, ଅପି, ଶୋଷୟିତୁଂ, ନ, ଶକ୍ତଃ; କୁମ୍ଭୋଦ୍ଭବେନ, ମୁନିନା, ଅମ୍ବୁଧିଃ, ଏବ, ପୀତଃ ।

ଅର୍ଥ :—ଲୋକ କେବଳ ଯେ ପୈତୃକଗୁଣରେ ଜାତ ହୋଇ ପ୍ରଶଂସିତ ହୁଏ, ତାହା ନୁହେ; ମାତ୍ର ନିଜର ସାମର୍ଥ୍ୟ ବଳରେ ପ୍ରଶଂସିତ ହୋଇଥାଏ । ଦେଖ, କୁମ୍ଭରୂପିଙ୍କର ସାମାନ୍ୟ ଗୋଟାଏ କୂପର ଜଳପାନ କରିବାର ଶକ୍ତି ନ ଥିଲା, କିନ୍ତୁ ତାଙ୍କ ପୁତ୍ର ଅଗସ୍ତିଙ୍କର ସମୁଦ୍ର ଶୋଷଣ କରିବାର କ୍ଷମତା ଜନ୍ମିଲା ।

ବୁଦ୍ଧିବଳହିଁ ବଳ ।

ମତିରେବ ବଳାଦ୍ଗରୀୟସୀ ତଦଭାବେ କରଣାମିୟଂ ଦଶା ।
ଇତି ଘୋଷୟତୀବ ଡିଣ୍ଡିମଂ କରିଣୋ ହସ୍ତିପକାହତଃ କ୍ୱଣନ୍ ।୩୧୫॥
[ଗୃହ]

ଅନ୍ୱୟ—ମତିଃ, ବଳାତ୍, ଗରୀୟସୀ, ଏବ; ତଦଭାବେ, କରଣାଂ, ଇୟଂ, ଦଶା; ହସ୍ତିପକାହତଃ, କ୍ୱଣନ୍, କରିଣଃ, ଇତି, ଡିଣ୍ଡିମଂ, ଘୋଷୟତି, ଇବ ।

GPNanda Colln., Digitized by srujanika@gmail.com

ଅର୍ଥ :—ମାହୁନ୍ତଦ୍ୱାରା ଅଙ୍କୁଶପ୍ରାପ୍ତ ହସ୍ତୀ ଯାହାର ପିଠାରେ ଚଢ଼ିଥାଏ, ସେ ପ୍ରାଣୀ ବଳ ଅପେକ୍ଷା ବୁଦ୍ଧି ବଡ଼ ବୋଲି ଢଣ୍ଡିମ ବଜାଏ ।

ଅନୁରୂପ ଶ୍ଳୋକ ।

ନାକୃତିଗୁରୁତା ଗୁରୁତା, ବିକ୍ରମଗୁରୁତା ଗରୀୟସୀ ଜଗତି ।
ଗିରିପରିମାଣଂ କରିଣଂ, କୃଶକାୟଃ କେଶରୀ ହନ୍ତି ॥ ୩୧୬ ॥ [ଦୃଷ୍ଟ]

ଅନ୍ୱୟ—ଜଗତି, ଆକୃତିଗୁରୁତା, ଗୁରୁତା, ନ; ବିକ୍ରମଗୁରୁତା, ଗରୀୟସୀ; ହି, କୃଶକାୟଃ, କେଶରୀ, ଗିରିପରିମାଣଂ, କରିଣଂ ହନ୍ତି ।

ଅର୍ଥ :—ଜଗତରେ ଆକୃତିଗୁରୁତା ଅପେକ୍ଷା ପରାକ୍ରମର ଗୁରୁତାହିଁ ବଡ଼; ଦେଖ, ପରାକ୍ରମବଳରେ କୃଶକାୟ ସିଂହ ଗିରିତୁଲ୍ୟ ହସ୍ତୀକୁ ବିନାଶ କରିଥାଏ ।

ଏକତାର ବଳହିଁ ବଳ ।

ଅଳ୍ପାନାମପି ବସ୍ତୂନାଂ ସଂହତିଃ କାର୍ଯ୍ୟସାଧିକା ।
ତୃଣୈର୍ଗୁଣତ୍ୱମାପନ୍ନୈର୍ବଧ୍ୟନ୍ତେ ମତ୍ତଦନ୍ତିନଃ ॥ ୩୧୭ ॥ [ହିତ]

ଅନ୍ୱୟ—ଅଳ୍ପାନାଂ, ବସ୍ତୂନାଂ, ଅପି, ସଂହତିଃ, କାର୍ଯ୍ୟସାଧିକା, ଭବତି; ଗୁଣତ୍ୱଂ, ଆପନ୍ନୈଃ, ତୃଣୈଃ, ମତ୍ତଦନ୍ତିନଃ, ବଧ୍ୟନ୍ତେ ।

ଅର୍ଥ :—କ୍ଷୁଦ୍ର କ୍ଷୁଦ୍ର ପଦାର୍ଥମାନଙ୍କ ମିଳନରେ ବଡ଼ ବଡ଼ କାର୍ଯ୍ୟ ସାଧିତ ହୋଇଥାଏ, ଯେହେତୁ ରଜ୍ଜୁରୂପରେ ପରିଣତ ଛୋଟ ଛୋଟ ଘାସ ଘାସମାନଙ୍କ ମିଳନରେ ମତ୍ତ ହସ୍ତୀମାନେ ଆବଦ୍ଧ ହୋଇଥାନ୍ତି ।

ସ୍ୱଜାତିର ଏକତାହିଁ ଶ୍ରେୟ ।

ସଂହତିଃ ଶ୍ରେୟସୀ ପୁଂସାଂ ସ୍ୱକୁଳୈରଳ୍ପକୈରପି ।
ତୁଷେଣାପି ପରିତ୍ୟକ୍ତା ନ ପ୍ରରୋହନ୍ତି ତଣ୍ଡୁଳାଃ ॥ ୩୧୮ ॥

[ହିତ]

GPNanda Colln., Digitized by srujanika@gmail.com

ଅନ୍ୱୟ—ସ୍ୱଂସାଂ, ଜଳୌଘୈଃ, ସ୍ୱଳ୍ପୈଃ, ଅପି, ସଂଦତ୍ତଃ, ଶ୍ରେୟସୀ; ଭୂତେନ, ଚରିତବ୍ୟଲୋକାଃ, ଚଣ୍ଡାଳାଃ, ଅପି, ନ. ପ୍ରବୋଧନ୍ତି ।

ଅର୍ଥ :—ଲୋକମାନଙ୍କର ସ୍ୱଜାତୀୟମାନଙ୍କ ସହିତ ମିଳନହିଁ ଶ୍ରେୟ, ଯେହେତୁ ଚଣ୍ଡାଳ ନିକଟରୁ ଜାତିଷ୍ଟ ଭୂଷଣହୀନ ହେଲେ ଅଙ୍କୁରିତ ହେବାକୁ ଅକ୍ଷମ ହୋଇଥାଏ ।

ସଜ୍ଜନମାନଙ୍କର ଅଙ୍ଗୀକୃତ ବାକ୍ୟ ଅନ୍ୟଥା ହୁଏ ନାହିଁ ।

କିଂ ଶେଷସ୍ୟ ଭରବ୍ୟଥା ନ ବପୁଷି କ୍ଷ୍ମାଂ ନ କ୍ଷିପତ୍ୟେଷ ଯତ୍,
କିମ୍ବା ନାସ୍ତି ପରିଶ୍ରମୋ ଦିନପତେରାସ୍ତେ ନ ଯନ୍ନିଶ୍ଚଳଃ ।
କିନ୍ତ୍ୱଙ୍ଗୀକୃତମୁତ୍ସୃଜନ୍ କୃପଣବଚ୍ଛ୍ଲାଘ୍ୟୋ ଜନୋ ଲଜ୍ଜତେ,
ନିର୍ବାହଃ ପ୍ରତିପନ୍ନବସ୍ତୁଷୁ ସତାମେତଦ୍ଧି ଗୋତ୍ରବ୍ରତଂ ॥ ୩୧୯ ॥

[ମୁପ]

ଅନ୍ୱୟ—ଶେଷସ୍ୟ. ବପୁଷି, କିଂ, ଭରବ୍ୟଥା, ନ; ଯତ୍, ଏଷଃ, କ୍ଷ୍ମାଂ, ନ, କ୍ଷିପତି; ବା, ଦିନପତେଃ, ପରିଶ୍ରମଃ, କିଂ, ନ, ଅସ୍ତି; ଯତ୍. ନିଶ୍ଚଳ, ନ, ଆସ୍ତେ, କିଂ; କିନ୍ତୁ. ଶ୍ଲାଘ୍ୟଃ, ଜନଃ, ଅଙ୍ଗୀକୃତଂ. ଉତ୍ସୃଜନ୍, କୃପଣବତ୍, ଲଜ୍ଜତେ; ହି, ପ୍ରତିପନ୍ନବସ୍ତୁଷୁ, ନିର୍ବାହଃ, ଏତତ୍, ସତାଂ, ଗୋତ୍ରବ୍ରତଂ ।

ଅର୍ଥ :—ଅନନ୍ତଙ୍କର ଶାରୀରିକ କ୍ଳେଶ ହେଲା ବୋଲି ସେ କଣ ପୃଥିବୀକୁ ଫିଙ୍ଗି ଦେଉଅଛନ୍ତି ? ସୂର୍ଯ୍ୟଙ୍କ ପରିଶ୍ରମ ପଡିଲା ବୋଲି ସେ କଣ ନିଶ୍ଚଳଭାବରେ ନାହାନ୍ତି ? ଅଙ୍ଗୀକୃତ ଦ୍ରବ୍ୟ ପ୍ରଦାନ କରି ପ୍ରଶଂସନୀୟ ଲୋକ କଣ କୃପଣ ପରି ଲଜ୍ଜିତ ହୁଏ ? ଅତଏବ ସଜ୍ଜନମାନଙ୍କର ଅଙ୍ଗୀକୃତ ବିଷୟର ପ୍ରତିପାଳନ କେବଳ କୁଳାଗତବ୍ରତ ଅଟେ ।

ଅନୁରୂପ ଶ୍ଳୋକ ।

ଅଦ୍ୟାପି ନୋଜ୍ଝତି ହରଃ କିଲ କାଳକୂଟଂ,
କୂର୍ମୋ ବିଭର୍ତ୍ତି ଧରଣୀଂ ଖଲୁ ପୃଷ୍ଠକେନ ।

GPNanda Colln., Digitized by srujanika@gmail.com

ଅମ୍ଭୋନିଧିର୍ବହତି ଦୁଃସହବାଡ଼ବାଗ୍ନିଂ—
ଅଙ୍ଗୀକୃତଂ ସୁକୃତିନଃ ପରିପାଳୟନ୍ତି ॥ ୩୨୦ ॥ [ପଦ]

ଅନ୍ୱୟ—ହରଃ, ଅଦ୍ୟାପି, କାଳକୂଟଂ, ବିଷଂ, ନ, ତ୍ୟଜତି, କିଲ; କୂର୍ମଃ, ପୃଷ୍ଠକେନ, ଧରଣୀଂ, ବହତି, ଖଲୁ; ଅମ୍ଭୋନିଧିଃ, ଦୁଃସହବାଡ଼ବାଗ୍ନିଂ, ବହତି; ଅତଃ, ସୁକୃତିନଃ ଅଙ୍ଗୀକୃତଂ, ପରିପାଳୟନ୍ତି ।

ଅର୍ଥ :— ହର ଅଦ୍ୟାବଧି କାଳକୂଟ ବିଷ ତ୍ୟାଗ କାହାନ୍ତି, କୂର୍ମ ନିଜ ପିଠିରେ ଏହି ପୃଥିବୀକୁ ଧାରଣ କରିଅଛି ଏବଂ ସମୁଦ୍ର ଦୁଃସହ ବାଡ଼ବାଗ୍ନିକୁ ବହନ କରୁଅଛି; ଯେ ହେତୁ ସୁକୃତିମାନେ ଅଙ୍ଗୀକୃତ ବିଷୟକୁ ପ୍ରତିପାଳନ କରିଥାନ୍ତି ।

ପୁନଶ୍ଚ ।

ଉଦୟତି ଯଦି ଭାନୁଃ ପଶ୍ଚିମେ ଦିଗ୍‌ବିଭାଗେ,
ବିକଶତି ଯଦି ପଦ୍ମଂ ପର୍ବତାନାଂ ଶିଖାଗ୍ରେ ।
ପ୍ରଚଳତି ଯଦି ମେରୁଃ ଶୀତତାଂ ଯାତି ବହ୍ନିଃ,
ନ ଚଳତି ଖଲୁ ବାକ୍ୟଂ ସଜ୍ଜନାନାଂ କଦାଚିତ୍ ॥ ୩୨୧ ॥ [ପଦ]

ଅନ୍ୱୟ—ଯଦି, ଭାନୁଃ, ପଶ୍ଚିମେ, ଦିଗ୍‌ବିଭାଗେ, ଉଦୟତି; ଯଦି, ପର୍ବତାନାଂ, ଶିଖାଗ୍ରେ, ପଦ୍ମଂ, ବିକଶତି; ଯଦି, ମେରୁଃ, ପ୍ରଚଳତି; ଯଦି, ବହ୍ନିଃ, ଶୀତତାଂ, ଯାତି; ତଦା, କଦାଚିତ୍, ସଜ୍ଜନାନାଂ, ବାକ୍ୟଂ, ନ, ଚଳତି, ଖଲୁ ।

ଅର୍ଥ ଃ—ଯଦି ପଶ୍ଚିମଦିଗରେ ସୂର୍ଯ୍ୟର ଉଦୟ, ପର୍ବତଶିଖରରେ ପଦ୍ମର ବିକାଶ, ପର୍ବତର ଗତି ଓ ଅଗ୍ନିର ଶୀତଳତ୍ୱ କଦାଚିତ ସମ୍ଭବ ହୋଇ ପାରେ, ତେବେ ସୁଦ୍ଧା ସଜ୍ଜନମାନଙ୍କ ବାକ୍ୟ ଟଳିବାହିଁ ଅସମ୍ଭବ

ସଜ୍ଜନମାନେ ପରହିତାକାଂକ୍ଷୀ ଅଟନ୍ତି ।

ପଦ୍ମାକରଂ ଦିନକରୋ ବିକଚୀକରୋତି,
ଚନ୍ଦ୍ରୋ ବିକାଶୟତି କୈରବଚକ୍ରବାଳଂ

GPNanda Colln., Digitized by srujanika@gmail.com

ନାଭ୍ୟର୍ଥିତୋଽପି ଜଳଦଃ ସଲିଳଂ ଦଦାତି,
ସନ୍ତଃ ସ୍ୱୟଂ ପରହିତେଷୁ କୃତାଭିଯୋଗାଃ ॥ ୩୨୨ ॥ [ପଦ]

ଅନ୍ୱୟ—ଦିନକରଃ, ପଦ୍ମାକରଂ, ବିକଚୀକରୋତି; ଚନ୍ଦ୍ରଃ, କୈରବ-ଚକ୍ରବାଳଂ, ବିକାଶୟତି; ଜଳଦଃ, ନ, ଅଭ୍ୟର୍ଥିତଃ, ଅପି, ସଲିଳଂ, ଦଦାତି; ସନ୍ତଃ, ପରହିତେଷୁ, ସ୍ୱୟଂ, କୃତାଭିଯୋଗାଃ, ଭବନ୍ତି ।

ଅର୍ଥ :—ସୂର୍ଯ୍ୟ ବିନାପ୍ରାର୍ଥନାରେ ପଦ୍ମ ଓ ଚନ୍ଦ୍ର ବିନାପ୍ରାର୍ଥନାରେ କୈରବମାନଙ୍କୁ ବିକଶିତ କରାଏ ଏବଂ ମେଘ ବିନାପ୍ରାର୍ଥନାରେ ବୃଷ୍ଟି କରେ; ଯେହେତୁ ସଜ୍ଜନମାନେ ସ୍ୱୟଂ ପରହିତୈଷୀ ହୋଇଥାନ୍ତି ।

ଅନୁରୂପ ଶ୍ଳୋକ ।

ରତ୍ନାକରଃ କିଂ କୁରୁତେ ସ୍ୱରତ୍ନୈର୍ବିନ୍ଧ୍ୟାଚଳଃ କିଂ କରିଭିଃ କରୋତି ।
ଶ୍ରୀଖଣ୍ଡଖଣ୍ଡୈର୍ମଳୟାଚଳଃ କିଂ ପରୋପକାରାୟ ସତାଂ ବିଭୂତିଃ ॥ ୩୨୩ ।
[ଶାର]

ଅନ୍ୱୟ—ରତ୍ନାକରଃ, ସ୍ୱରତ୍ନୈଃ, କିଂ, କୁରୁତେ; ବିନ୍ଧ୍ୟାଚଳଃ, କରିଭିଃ, କିଂ, କରୋତି; ମଳୟାଚଳଃ ଶ୍ରୀଖଣ୍ଡଖଣ୍ଡୈଃ, କିଂ, କରୋତି; ହି, ସତାଂ, ବିଭୂତିଃ, ପରୋପକାରାୟ, ଭବତି ।

ଅର୍ଥ :—ସମୁଦ୍ରର ରତ୍ନ, ବିନ୍ଧ୍ୟାଦି ପର୍ବତର ହସ୍ତୀ, ମଳୟ ପର୍ବତର ଚନ୍ଦନ ପ୍ରଭୃତି ସେମାନଙ୍କ ନିଜ ନିଜ କାର୍ଯ୍ୟରେ ଆସେ ନାହିଁ; ଯେହେତୁ ସଜ୍ଜନମାନଙ୍କ ବିଭୂତି କେବଳ ପରୋପକାର ସକାଶେ ହୋଇଥାଏ ।

ଉପକାରମାନଙ୍କର ସ୍ୱଭାବବର୍ଣ୍ଣନମ୍ ।

ଭବନ୍ତି ନମ୍ରାସ୍ତରବଃ ଫଳୋଦ୍ଗମୈର୍ନବାମ୍ବୁଭିର୍ଦୂରବିଲମ୍ବିନୋ ଘନାଃ ।
ଅନୁଦ୍ଧତାଃ ସତ୍ପୁରୁଷାଃ ସମୃଦ୍ଧିଭିଃ, ସ୍ୱଭାବ ଏବୈଷ ପରୋପକାରିଣାଂ । ୩୨୪
(ଶକୁ)

GPNanda Colln., Digitized by srujanika@gmail.com

ଅନ୍ୱୟ—ତରବଃ, ଫଲୋଦ୍ଗମୈଃ; ନମ୍ରାଃ, ଘନାଃ, ନବାମ୍ବୁଭିଃ, ଦୂରବିଲମ୍ବିନଃ; ସତ୍ପୁରୁଷାଃ, ସମୃଦ୍ଧିଭିଃ, ଅନୁଦ୍ଧତାଃ, ଭବନ୍ତି; ହି, ଏଷଃ, ପରୋପକାରିଣାଂ, ସ୍ୱଭାବଃ, ଏବ ।

ଅର୍ଥ: —ଫଳ ଧାରଣ କରି ବୃକ୍ଷମାନେ ଅବନତ, ନୂତନ ଜଳ ଧାରଣ କରି ମେଘ ନିକଟବର୍ତ୍ତୀ ଓ ସମୃଦ୍ଧିସମ୍ପନ୍ନ ସତ୍ପୁରୁଷମାନେ ଅନୁଦ୍ଧତ ହୋଇଥାନ୍ତି; ଯେହେତୁ ପରୋପକାରୀମାନଙ୍କର ଏହାହିଁ ସ୍ୱାଭାବିକ ଗୁଣ ଅଟେ ।

ପ୍ରଭୁ ପ୍ରତି ବାଲ୍ୟସହଚରର ଉକ୍ତି ।

ଯେଽମୀ ତେ ମୁକୁଲୋଦ୍ଗମାଦନୁଦିନଂ ତ୍ୱାମାଶ୍ରିତା ଷଟ୍ପଦା—
ସ୍ତେ ଭ୍ରାମ୍ୟନ୍ତି ଫଳାଦ୍ବହିର୍ବହିରହୋ ଦୃଷ୍ଟ୍ୱା ନ ସମ୍ଭାଷସେ ।
ଯେ କୀଟାସ୍ତବ ଦୃକ୍ପଥଂ ନ ଗତା ସ୍ତେ ତ୍ୱତ୍ଫଳାଭ୍ୟନ୍ତରେ,
ଧିକ୍ ତ୍ୱାଂ ଚୂତ ! ଯତଃ ପରାପରପରିଜ୍ଞାନାନଭିଜ୍ଞୋ ଭବାନ୍ ୩୨୫ ।
[ଭୃତ]

ଅନ୍ୱୟ—ହେ ଚୂତ ! ତେ, ମୁକୁଲୋଦ୍ଗମାତ୍, ଯେ, ଅମୀ ଷଟ୍ପଦାଃ, ଅନୁଦିନଂ, ତ୍ୱାଂ, ଆଶ୍ରିତାଃ; ତେ, ଫଳାତ୍, ବହିଃ, ବହିଃ, ଭ୍ରାମ୍ୟନ୍ତି; ଅହୋ ! ତାନ୍, ଦୃଷ୍ଟ୍ୱା, ନ, ସମ୍ଭାଷସେ; ଯେ, କୀଟାଃ, ତବ, ଦୃକ୍ପଥଂ, ନ, ଗତାଃ, ତେ, ତ୍ୱତ୍ଫଳାଭ୍ୟନ୍ତରେ, ସନ୍ତି ଯତଃ, ଭବାନ୍ ପରାପରପରିଜ୍ଞାନାନଭିଜ୍ଞଃ, ଅତଃ, ତ୍ୱାଂ, ଧିକ୍ ।

ଅର୍ଥ :—ହେ ଆମ୍ର ! ତୁମ୍ଭେ ବଉଳିବା ଦିନାଦ୍ୟରୁ ଏହି ଯେଉଁ ଭ୍ରମରମାନେ ତୁମ୍ଭର ଆଶ୍ରୟ ନେଇଥିଲେ—ସେହିମାନେ ବର୍ତ୍ତମାନ ତୁମ୍ଭ ଫଳର ବାହାରେ ବାହାରେ ଅଛନ୍ତି; ତୁମ୍ଭେ ସେମାନଙ୍କୁ ଦେଖି ସୁଦ୍ଧା କଥା ପର୍ଯ୍ୟନ୍ତ କହୁ ନାହଁ; ମାତ୍ର ଯେଉଁ କୀଟମାନେ ତୁମ୍ଭର କେବେହେଁ ଦୃଷ୍ଟିଗୋଚର ହୋଇ ନ ଥିଲେ, ବର୍ତ୍ତମାନ ସେହିମାନେହିଁ ତୁମ୍ଭ ଫଳ ମଧ୍ୟରେ ବାସ କରୁଅଛନ୍ତି; ଏଣୁ ପରାପରଜ୍ଞାନଶୂନ୍ୟ ତୁମ୍ଭକୁହିଁ ଧିକ୍ ।

GPNanda Colln., Digitized by srujanika@gmail.com

ଉଦାର ପ୍ରଶଂସା ।

ଅୟଂ ନିଜଃ ପରୋ ବେତି ଗଣନା ଲଘୁଚେତସାଂ ।
ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକଂ ॥ ୩୨ ॥ [ହିତ]

ଅନ୍ୱୟ—ଅୟଂ, ନିଜଃ, ବା, ପରଃ, ଇତି, ଲଘୁଚେତସାଂ ଗଣନା; ତୁ, ଉଦାରଚରିତାନାଂ, ବସୁଧା, ଏବ, କୁଟୁମ୍ବକଂ ।

ଅର୍ଥ :—କ୍ଷୁଦ୍ରାଶୟମାନେ ଶତ୍ରୁ, ମିତ୍ର ଓ ସ୍ୱପରଭେଦଜ୍ଞାନ କରିଥାନ୍ତି, ମାତ୍ର ଉଦାରଚେତାମାନେ ବସୁଧାବାସିମାନଙ୍କୁ ନିଜର କୁଟୁମ୍ବ ବୋଲି ଜ୍ଞାନ କରିଥାନ୍ତି ।

ନୀଚବୃତ୍ତ ପ୍ରତି କବିର ଉକ୍ତି ।

ଶୈତ୍ୟଂ ନାମ ଗୁଣସ୍ତବୈବ ସହଜଃ ସ୍ୱାଭାବିକୀ ସ୍ୱଚ୍ଛତା,
କିଂ ବ୍ରୂମଃ ଶୁଚିତାଂ ଭବନ୍ତି ଶୁଚୟଃ ସ୍ପର୍ଶେନ ଯସ୍ୟାପ ! ରେ ।
କିଂ ଚାତଃ ପରମଂ ତବ ସ୍ତୁତିପଦଂ ତ୍ୱଂ ଜୀବନଂ ଜୀବିନାଂ,
ତ୍ୱଂ ଚେନ୍ନୀଚପଥେନ ଗଚ୍ଛ ପୟଃ । କସ୍ତ୍ୱାଂ ନିରୋଦ୍ଧୁଂ କ୍ଷମଃ॥୩୨॥
[ପଦ୍ମ]

ଅନ୍ୱୟ—ହେ ଅପ ! ତବ, ଶୈତ୍ୟଂ, ନାମ, ଗୁଣଃ, ସହଜଃ, ଏବ; ସ୍ୱଚ୍ଛତା, ସ୍ୱାଭାବିକୀ; ଯସ୍ୟ, ସ୍ପର୍ଶେନ, ଜନାଃ, ଶୁଚୟଃ, ଭବନ୍ତି, ଶୁଚିତାଂ, କିଂ, ବ୍ରୂମଃ; ତ୍ୱଂ, ଜୀବିନାଂ, ଜୀବନଂ; ଅତଃ, ତବ, ପରମଂ, ସ୍ତୁତିପଦଂ, କିଂ; ହେ ପୟଃ ! ତ୍ୱଂ, ନୀଚପଥେନ, ଗଚ୍ଛସି, ଚେତ୍, ତ୍ୱାଂ, କଃ, ନିରୋଦ୍ଧୁଂ, କ୍ଷମଃ, ଭବେତ୍ ।

ଅର୍ଥ:—ହେ ଜଳ ! ତୁମ୍ଭେ ସ୍ୱୟଂ ସ୍ୱଚ୍ଛ ଅଟ ଓ ଶୀତଳତ୍ୱ ତୁମ୍ଭର ସ୍ୱଭାବ-ସିଦ୍ଧ ଗୁଣ ଅଟେ । ଲୋକେ ତୁମ୍ଭକୁ ସ୍ପର୍ଶ କରି ପବିତ୍ର ହୁଅନ୍ତି ଏବଂ ପ୍ରାଣି-ମାନଙ୍କର ତୁମ୍ଭେ ଜୀବନସ୍ୱରୂପ ଏଥିରୁ ଅଧିକ ଆଉ ତୁମ୍ଭର ସ୍ତୁତି ବା କଅଣ ?

GPNanda Colln., Digitized by srujanika@gmail.com

ହେ ଜଳ ! ତୁମ୍ଭେ ପବିତ୍ରାତ୍ମା ଥାଇ ସ୍ୱୟଂ ଯେବେ ନୀଚଗାମୀ ହେବ, ତାହା ହେଲେ ତୁମ୍ଭଙ୍କୁ କିଏ ବା ବାରଣ କରି ପାରିବ ?

ଉତ୍ତର ।

ଖ୍ୟାତଃ ଶକ୍ରୋ ଭଗାଙ୍ଗୋ ବିଧୁରପି ମଳିନୋ ମାଧବୋ ଗୋପଜାତୋ
ବେଶ୍ୟାପୁତ୍ରୋ ବଶିଷ୍ଠଃ ସଭଗ୍ନପଦଯମଃ ସର୍ବଭକ୍ଷୋ ହୁତାଶଃ ।
ବ୍ୟାସୋ ମତ୍ସ୍ୟୋଦରାଖ୍ୟଃ ସଲବଣ ଉଦଧିଃ ପାଣ୍ଡବା ଜାରଜାତାଃ,
ରୁଦ୍ରଃ ପ୍ରେତାସ୍ଥିଧାରୀ ତ୍ରିଭୁବନବସତାଂ କସ୍ୟ ଦୋଷୋ ନ ଜାତଃ ।୩୨୮।

[ପଦ୍ମ]

ଅନ୍ୱୟ:—ଶକ୍ରଃ, ଭଗାଙ୍ଗଃ; ଖ୍ୟାତଃ; ବିଧୁଃ, ଅପି, ମଳିନଃ; ମାଧବଃ, ଗୋପଜାତଃ, ବଶିଷ୍ଠଃ ବେଶ୍ୟାପୁତ୍ରଃ, ସଭଗ୍ନ ପଦଯମଃ, ହୁତାଶଃ, ସର୍ବଭକ୍ଷଃ, ବ୍ୟାସଃ, ମତ୍ସ୍ୟୋଦରାଖ୍ୟଃ, ଉଦଧିଃ, ସଲବଣଃ, ପାଣ୍ଡବାଃ, ଜାରଜାତାଃ, ରୁଦ୍ରଃ, ପ୍ରେତାସ୍ଥିଧାରୀ, ଅତଃ ତ୍ରିଭୁବନବସତାଂ, କସ୍ୟ, ଦୋଷଃ, ନ, ଜାତଃ ।

ଅର୍ଥ : — ଇନ୍ଦ୍ର, ଭଗଦୃଷ୍ଟି କଳେବର; ଚନ୍ଦ୍ର, ସକଳଙ୍କ; କୃଷ୍ଣ ଗୌଡ଼-ପାଳିତ, ବଶିଷ୍ଠ ବେଶ୍ୟାପୁତ୍ର, ଯମ ପଦଭଗ୍ନୀ, ଅଗ୍ନି ସର୍ବଭକ୍ଷକ, ବ୍ୟାସ କୈବର୍ତ୍ତୀ-ପୁତ୍ର, ସମୁଦ୍ର ଲବଣଜଳପୂର୍ଣ୍ଣ, ପାଣ୍ଡବ ଜାରଜ ଏବଂ ରୁଦ୍ର ପ୍ରେତାସ୍ଥି-ଧାରୀ ଅଟନ୍ତି; ଏଣୁ ତ୍ରିଭୁବନବାସୀଙ୍କମଧ୍ୟରେ ନିର୍ଦୋଷ ଲୋକହିଁ ବିରଳ ।

ଅବିବେକ ଲୋକ ପ୍ରତି ଆକ୍ଷେପ ।

ଅୟି ପତଙ୍ଗ ! ଲବଙ୍ଗଲତାଲୟେ ପିବ ମଧୂନି ବଧୂଯୁ ମଧୁବ୍ରତାନ୍ ।
ଇହ ବନେ ତ ବନେଚରସଙ୍କୁଲେ, ନ ହି ସତାମସତାଂ ଚ ବିଚାରଣା ।୩୨୯।

[ପଦ୍ମ]

ଅନ୍ୱୟ—ଅୟି ପତଙ୍ଗ ! ମଧୁବ୍ରତାନ୍, ବଧୂଯୁ, ଲବଙ୍ଗଲତାଲୟେ, ମଧୂନି, ପିବ; ହି, ବନେଚରସଂକୁଲେ, ଇହ, ବନେ, ସତାଂ, ଅସତାଂ, ଚ, ବିଚାରଣା, ନ ।

GPNanda Colln., Digitized by srujanika@gmail.com

ଅର୍ଥ :—ହେ ପତଙ୍ଗ ! ତୁମ୍ଭେ ଲବଙ୍ଗଲତାର ଆଳୟରେ ପ୍ରବେଶ କର, ତହିଁରୁ ଭ୍ରମରମାନଙ୍କୁ ସଉନ୍ତ ଇଚ୍ଛା ଅନୁସାରେ ମଧୁପାନ କର; ଯେହେତୁ ଏହି ବନେଚରପୂର୍ଣ୍ଣ ବନରେ ସତ୍ ଓ ଅସତ୍‌ର ବିଚାର ନାହିଁ ।

ରାଜାଙ୍କ ପ୍ରତି ଅଗସ୍ତିଙ୍କର ଉକ୍ତି ।

ପୀତ୍ୱା ଗର୍ଜନ୍ତ୍ୟପସ୍ତେ ଦଶି ଦଶି ଜଳଦାସ୍ତ୍ୱଂଶରଣ୍ୟୋଗିରୀଣାଂ,
ପୂର୍ବାମର୍ବାସଭାଜାଂ ତ୍ରିଦଶବିଟପିନାଂ ଜନ୍ମଭୂମିସ୍ତ୍ୱମେବ ।
ଗାମ୍ଭୀର୍ଯ୍ୟଂ ତଚ୍ଚ ତାଦୃକ୍ ତ୍ୱୟି ସଲିଳନିଧେ । କିନ୍ତୁ ବକ୍ତବ୍ୟମେତତ୍,
ସର୍ବୋପାୟେନ ମୈତ୍ରାବରୁଣିମୁନିକୃପାଦୃଷ୍ଟୟଃ କାଙ୍କ୍ଷଣୀୟାଃ ॥ ୩୩୦ ।

[ଅନ୍ୟାପଦ]

ଅନ୍ୱୟ—ହେ ସଲିଳନିଧେ ! ତେ, ଅପଃ, ଜଳଦାଃ, ପୀତ୍ୱା, ଦଶି, ଦଶି, ଗର୍ଜନ୍ତି, ତ୍ୱଂ, ପୂର୍ବାମର୍ବାସଭାଜାଂ, ଗିରୀଣାଂ, ଶରଣ୍ୟଃ, ଅସି; ତ୍ୱଂ, ଏବ, ତ୍ରିଦଶବିଟପିନାଂ, ଜନ୍ମଭୂମିଃ; ଚ, ତତ୍, ତାଦୃକ୍, ଗାମ୍ଭୀର୍ଯ୍ୟଂ, କିନ୍ତୁ, ଏତତ୍, ତ୍ୱୟି, ବକ୍ତବ୍ୟଂ; ସର୍ବୋପାୟେନ, ମୈତ୍ରାବରୁଣିମୁନିକୃପାଦୃଷ୍ଟୟଃ, କାଙ୍କ୍ଷଣୀୟାଃ ।

ଅର୍ଥ:—ହେ ସମୁଦ୍ର ! ମେଘମାନେ ତୁମ୍ଭର ଜଳପାନ କରି ଦିଗଦିଗନ୍ତରରେ ଗର୍ଜନ କରୁଅଛନ୍ତି, ତୁମ୍ଭେ ମଧ୍ୟ ଇନ୍ଦ୍ରଭୀତ ମୈନାକ ଆଦି ପର୍ବତମାନଙ୍କର ରକ୍ଷକ ହୋଇଅଛ; ଏବଂ ତୁମେ କଳ୍ପବୃକ୍ଷରହିଁ ଉତ୍ପତ୍ତିସ୍ଥାନ ଓ ତୁମ୍ଭର ଗାମ୍ଭୀର୍ଯ୍ୟ ମଧ୍ୟ ଅତୁଳନୀୟ ଅଟେ; ମାତ୍ର ତୁମ୍ଭକୁ ଏତିକି ବକ୍ତବ୍ୟ ଯେ, ତୁମ୍ଭେ ସମସ୍ତ ଉପାୟବଳରେ ଅଗସ୍ତି ଋଷିଙ୍କ କୃପାଦୃଷ୍ଟି ପ୍ରତି ଆକାଂକ୍ଷା ରଖିବ ।

ରାଜାଙ୍କର ପ୍ରତ୍ୟୁକ୍ତି ।

ଷନ୍ତବ୍ୟୋ ହି ଜଳାଶୟଃ ପ୍ରଭବୋଽପ୍ୟେତଦ୍‌ବତଃ ପାଳନାତ୍,
ମୀନଃ କୁମ୍ଭସମ୍ଭବେନ ମୁନିନା ତ୍ୱଂ ଜାତମେତାବତା !

GPNanda Colln., Digitized by srujanika@gmail.com

ମର୍ଯ୍ୟାଦାଂ ଯଦି ଲଙ୍ଘୟେଦ୍‌ବିଧିବଶାଦସ୍ମିନ୍ କ୍ଷଣେ ବାରିଧି-
ସ୍ତ୍ରୈଲୋକ୍ୟଂ ସଚରାଚରଂ ପ୍ରଳୟତ ବୈ କସ୍ତଦ କୁମ୍ଭୋଦ୍ଭବଃ । ୩୩୧ ।

[ଅଦ]

ଅନ୍ୱୟ—ଦ୍ୱିଜଜାତିତଃ, ପରିଭବେଃ, କ୍ଷାନ୍ତିଭ୍ୟଃ, ଏତତ୍, ବଚଃପାଳନାତ୍, ଅ. କୁମ୍ଭସମ୍ଭବେନ, ମୁନିନା, ପୀତଃ, ଏତୋତେ, ନଂ, ଜାତଂ; ଯଦି, ବିଧିବଶାତ୍, ବାରିଧିଃ, ମର୍ଯ୍ୟାଦାଂ, ଲଙ୍ଘୟେତ୍, ତଦା, ଅସ୍ମିନ୍, କ୍ଷଣେ, ସଚରାଚରଂ, ତ୍ରୈଲୋକ୍ୟଂ ପ୍ରଳୟତ; ତଦ୍, କୁମ୍ଭୋଦ୍ଭବଃ, କଃ ।

ଅର୍ଥ:—ବ୍ରାହ୍ମଣଜାତିକୃତ ଅପମାନ କ୍ଷମାର ଯୋଗ୍ୟ, ସମୁଦ୍ର ଏହି ଶାସ୍ତ୍ର ବଚନ ପ୍ରତିପାଳନ କରିବାରୁ ଅଗସ୍ତ୍ୟଋଷି ସମୁଦ୍ରପାନ କରିବାଟା ଆଶ୍ଚର୍ଯ୍ୟକର୍ମ କି ? ଯଦି ବିଧିବଶରୁ ସମୁଦ୍ର ଦେବୋକ୍ତ ଶାସ୍ତ୍ରବଚନ ନ ମାନେ, ତେବେ ତାହାର ପ୍ରକୋପରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଆଦି ସମସ୍ତ ସଂସାରର ପ୍ରଳୟ ହୋଇଯିବ, ତାହା ହେଲେ ଅଗସ୍ତି ଋଷି ବା ହେବେ କେଉଁଠାରେ ?

ସୀତାଙ୍କ ପ୍ରତି ରାମ ।

କଷ୍ଟଂ ଜନଃ କୁଳଧନୈରନୁରଞ୍ଜନୀୟସ୍ତନ୍ନୋ ଯଦୁକ୍ତମଶିବଂ ନ ହି ତତ୍କ୍ଷମଂ ତେ ।
ନୈସର୍ଗିକୀ ସୁରଭିଣଃ କୁସୁମସ୍ୟ ସିଦ୍ଧା ମୂର୍ଦ୍ଧ୍ନି ସ୍ଥିତିର୍ନଚରଣୈରବତାଡ଼ନାନି ।୩୩୨।

[ଉତ]

ଅନ୍ୱୟ—ହି, କୁଳଧର୍ମୈଃ, ଜନଃ, ଅନୁରଞ୍ଜନୀୟଃ, କଷ୍ଟଂ, ତତ୍, ନଃ, ଯତ୍, ଅଶିବଂ, ଉକ୍ତଂ, ହେ ସୀତେ, ତେ, ତତ୍, କ୍ଷମଂ, ନ; ସୁରଭିଣଃ, କୁସୁମସ୍ୟ, ସ୍ଥିତିଂ, ମୂର୍ଦ୍ଧ୍ନି ନୈସର୍ଗିକୀ ସିଦ୍ଧା, ଚରଣୈଃ, ଅବତାଡ଼ନାନି ନ ।

ଅର୍ଥ:—ହାୟ ! କୁଳମର୍ଯ୍ୟାଦାରକ୍ଷା ଜନମାନଙ୍କଦ୍ୱାରା ଅନୁମୋଦିତ ହେବାହିଁ କଷ୍ଟ । ହେ ସୀତେ ! ତୁମ୍ଭ ସମ୍ବନ୍ଧରେ ଯାହା ଏ ଲୋକେ କହୁଛନ୍ତି କହିଲେ, ତାହା ତୁମ୍ଭର କ୍ଷମାଯୋଗ୍ୟ ନୁହେଁ; ଯେହେତୁ ମସ୍ତକରେ

GPNanda Colln., Digitized by srujanika@gmail.com

ସୁଗନ୍ଧ ପୁଷ୍ପର ଅବସ୍ଥାନହିଁ ସ୍ୱାଭାବିକ, ମାତ୍ର ତାହା ପଦଦଳିତ ହେବାର ଯୋଗ୍ୟ ନୁହେ ।

ପବିତ୍ରର ପବିତ୍ରତା ବର୍ଣ୍ଣନ ।

ଉତ୍ପତ୍ତିପରିପୂତାୟାଃ କିମସ୍ୟାଃ ପାବନାନ୍ତରୈଃ ।
ତୀର୍ଥୋଦକଞ୍ଚ ବହ୍ନିଶ୍ଚ ନାନ୍ୟତଃ ଶୁଦ୍ଧିମର୍ହତଃ । ୩୩୩ । [ଉତ୍ତ]

ଅନ୍ୱୟ—ଉତ୍ପତ୍ତିପରିପୂତାୟାଃ, ଅସ୍ୟାଃ, ପାବନାନ୍ତରୈଃ, କିଂ; ତୀର୍ଥୋଦକଂ, ଚ, ବହ୍ନିଃ, ଅନ୍ୟତଃ, ଶୁଦ୍ଧିଂ, ନ, ଅର୍ହତଃ ।

ଅର୍ଥ :—ଜନ୍ମପବିତ୍ର ସୀତାଙ୍କ ଅନ୍ୟଦ୍ୱାରା ଅଗ୍ନିପରୀକ୍ଷା କରାଇବା ଅନାବଶ୍ୟକ, ଯେହେତୁ ତୀର୍ଥଜଳ ଓ ଅଗ୍ନି ସ୍ୱୟଂ ପବିତ୍ର, ଏଣୁ ସେ ସମସ୍ତ ଅନ୍ୟଦ୍ୱାରା ପବିତ୍ର ହୁଅନ୍ତି ନାହିଁ ।

ଦୁର୍ଜନ ପ୍ରାୟ ସବୁ ଦୋଷାରୋପ କରିଥାଏ ।

ଜାଡ୍ୟଂ ହ୍ରୀମତି ଗଣ୍ୟତେ ବ୍ରତରୁଚୌ ଦମ୍ଭଃ ଶୁଚୌ କୈତବଂ,
ଶୂରେ ନିର୍ଘୃଣତା ଋଜୌ ବିମତିତା ଦୈନ୍ୟଂ ପ୍ରିୟାଲାପିନି ।
ତେଜସ୍ୱିନ୍ୟବଲିପ୍ତତା ମୁଖରତା ବକ୍ତର୍ଯ୍ୟଶକ୍ତିଃ ସ୍ଥିରେ,
ତତ୍ କୋନାମଗୁଣୋଭବେତ୍ ସଗୁଣିନାଂ ଯୋଦୁର୍ଜନୈର୍ନାଙ୍କିତଃ ॥୩୩୪॥
[ପଦ୍ମ]

ଅନ୍ୱୟ—ହ୍ରୀମତି, ଦୁର୍ଜନୈଃ ଜାଡ୍ୟଂ, ଗଣ୍ୟତେ; ବ୍ରତରୁଚୌ, ଦମ୍ଭଃ, ଶୁଚୌ, କୈତବଂ; ଶୂରେ, ନିର୍ଘୃଣତା; ଋଜୌ, ବିମତିତା; ପ୍ରିୟାଲାପିନି, ଦୈନ୍ୟଂ; ତେଜସ୍ୱିନି, ଅବଲିପ୍ତତା; ବକ୍ତରି, ମୁଖରତା; ସ୍ଥିରେ, ଅଶକ୍ତିଃ ଗଣ୍ୟତେ; ତତ୍, ଯଃ, ଦୁର୍ଜନୈଃ, ସଗୁଣିନାଂ ଗୁଣଃ, ନ, ଅଙ୍କିତଃ, କଃ, ନାମ, ଗୁଣଃ, ଭବେତ୍, ।

GPNanda Colln., Digitized by srujanika@gmail.com

ଅର୍ଥ :—ଲଜ୍ଜାଶୀଳର ଜାଡ୍ୟଭାବ, ବ୍ରତାଶ୍ରୟର ଦାମ୍ଭିକତା, ଶୁଚ୍ୟାଶ୍ରୟର କାପଟ୍ୟଭାବ, ବଳଶାଳୀର ଘୃଣାଶୂନ୍ୟତା, ତେଜସ୍ୱିର ଗର୍ବ, ବକ୍ତାର ମୁଖରତା, ମୃଦୁସ୍ୱଭାବଙ୍କର ଦୁର୍ବୋଧତା, ପ୍ରଭୁଭକ୍ତିର ଦୈନ୍ୟଭାବ ଓ ସ୍ଥିରପ୍ରକୃତିଙ୍କର ଅସାମର୍ଥ୍ୟ ଦୋଷ ପ୍ରଭୃତି ପ୍ରାୟ ଦୁର୍ଜନମାନେ ଅକ୍ଷେପ କରିଥାନ୍ତି; ଏଣୁ ଦୁର୍ଜନମାନଙ୍କଦ୍ୱାରା ଦୂଷିତ ନ ହୋଇଥିବା ଗୁଣିମାନଙ୍କର ସୁଗୁଣ ପ୍ରାୟ ହିଁ ବୋଇଲେ ଅତ୍ୟୁକ୍ତି ନୁହେ ।

ପଣ୍ଡିତଙ୍କର ଅନୁତାପ ।

ବିଦ୍ୟା ସତ୍‌କବିତା ତଥା ସୁଜନତା ସେବା ପରପ୍ରାର୍ଥନା,
ପଞ୍ଚୈତାଃ ପରଣୀତରେ ଜନୟିତୁଂ ବିତ୍ତାସ୍ପଦଂ ଯୋଷିତଃ ।
ବ୍ୟାପାରଂ ପରହୃତ୍ୟ ସର୍ବମନଶଂ ତଦୈବ ରେମେ ମୁହୁ—
ର୍ଦୁର୍ଦୈବେନ ବଳୀୟସା ବିଧିରେ ପଞ୍ଚୈବ ବନ୍ଧ୍ୟାଃ ସ୍ତ୍ରିୟଃ ॥ ୩୬୫ ॥
[ପଦ]

ଅନ୍ୱୟ—ବିଦ୍ୟା, ସତ୍କବିତା, ତଥା, ସୁଜନତା, ସେବା, ପରପ୍ରାର୍ଥନା, ଏତାଃ, ପଞ୍ଚ, ଯୋଷିତଃ,ବିତାସ୍ପଦଂ, ଜନୟିତୁଂ, ପରଣୀତରେ; ସର୍ବଂ,ବ୍ୟାପାରଂ, ପରହୃତ୍ୟ, ତଦ, ଏବ, ଅନଶଂ, ମୁହୁଃ, ରେମେ; ବଳୀୟସା, ଦୁର୍ଦୈବେନ, ପଞ୍ଚ, ଏବ, ସ୍ତ୍ରିୟଃ, ବନ୍ଧ୍ୟାଃ, ବିଦଧିରେ ।

ଅର୍ଥ :—ବିଦ୍ୟା, କବିତା, ଶିଷ୍ଟତା, ସେବା ଓ ପରପ୍ରାର୍ଥନା ଏହି ପାଞ୍ଚଗୋଟି ସ୍ତ୍ରୀଙ୍କୁ ବିତ୍ତନାମକ ପୁତ୍ର ଜନ୍ମ କରିବା ସକାଶେ ମୁଁ ବିବାହ କରିଥିଲି । ଅନ୍ତୁର ମଧ୍ୟ ସମସ୍ତ ବିଷୟ ଛାଡ଼ି ବାରମ୍ବାର ଦିବାରାତ୍ର ସେମାନଙ୍କଠାରେ ରତ ଥିଲି, ମାତ୍ର ଦୁର୍ଦୈବ ହେତୁ ସେମାନେ ସମସ୍ତେ ବନ୍ଧ୍ୟା ହୋଇଗଲେ ।

ବାଣିଜ୍ୟାଦି ବ୍ୟବସାୟ ଧନସାଧ୍ୟ ।

ବାଣିଜ୍ୟଂ ବସୁସାଧ୍ୟମେବ କୃଷିରପ୍ୟେତାଦୃଶୀ ଜାୟତେ,
ସେବା କ୍ଷୀଣତନୁର୍ଯତୋହି ମନୁତେ ବିଜ୍ଞସ୍ୟ ଚୌର୍ଯ୍ୟଂ କୁତଃ ।

GPNanda Colln., Digitized by srujanika@gmail.com

ଶାସ୍ତ୍ରଂ କଃ ଶୃଣୁତେ ଶ୍ରୁତେ ନ ବୁଧ୍ୟେ ବୁଦ୍ଧ୍ୱା ନ ଦତ୍ତେ ଧନଂ,
ଜୀବାଭୂବିଦୁଷାଂ ଜଗଦ୍‌ବର ନେତ୍ୟେଗ୍ରାମ୍ମନା ବନ୍ଦିତଃ । ୩୩୬ ।
[ଅବ]

ଅନ୍ୱୟ—ଯତଃ, ବାଣିଜ୍ୟଂ, ବସୁସାଧ୍ୟଂ, ଏବ; କୃଷିଃ, ଅପି, ଏତାଦୃଶୀ, ଜାୟତେ; ସେବା, କ୍ଷୀଣତନୁଃ, ବିଦ୍ୟସ୍ୟ, ଚୌର୍ଯ୍ୟଂ, କୁତଃ, ମନ୍ୟତେ; କଃ, ଶାସ୍ତ୍ରଂ, ଶୃଣୁତେ, ଶ୍ରୁତେ, ନ, ବୁଧ୍ୟେ, ବୁଦ୍ଧ୍ୱା, ଧନଂ, ନ, ଦତ୍ତେ; ଅତଃ, ଧାତ୍ରା, ଜଗଦ୍‌ବରରଚନବ୍ୟଗ୍ରାମ୍ମନା, ସତା, ବିଦୁଷାଂ, ଜୀବାଭୂଃ, ବନ୍ଦିତଃ ।

ଅର୍ଥ :—ବିନାଧନରେ ବାଣିଜ୍ୟ ଓ କୃଷି ପ୍ରଭୃତିର ବ୍ୟବସାୟ ଚଳେ ନାହିଁ, ଏଣୁ ଜଙ୍ଗଳତା ଯୋଗେ ପଣ୍ଡିତମାନେ ତାହା କରି ପାରନ୍ତି ନାହିଁ; ଦେହର କ୍ଷୀଣତାଯୋଗେ କାହାର ସେବା ମଧ୍ୟ କରି ପାରନ୍ତି ନାହିଁ । ଭଦ୍ର ଲୋକର ଚୌର୍ଯ୍ୟାଦିବୃତ୍ତି ତ ସମ୍ଭବ ନୁହେଁ, ସେମାନଙ୍କ ଶାସ୍ତ୍ର ଶୁଣୁଛି ବା କିଏ, ଶୁଣିଲେ ମଧ୍ୟ ବୁଝିବା ଲୋକ କେତେ ଜଣ, ବୁଝିବା ମଧ୍ୟରେ ଦାନୀ ଅବା କେତେ ଜଣ ? ଅତଏବ ବିଧାତା ଜଗଦ୍‌ବରରଚନକାର୍ଯ୍ୟରେ ବ୍ୟସ୍ତ ଥିବା ହେତୁ ବୋଧ ହୁଏ ପଣ୍ଡିତମାନଙ୍କର ଜୀବନ ଉପାୟ ଭୁଲିଗଲେ ।

ଧମସ୍ତ ଗୁଣ ଏକତ୍ର ରହିବାକୁ ବିଧାତା ଇଚ୍ଛାର ବହିର୍ଭୂତ ।

ବର୍ଣ୍ଣପ୍ରକର୍ଷେ ସତି କର୍ଣ୍ଣିକାରଂ ଦୁନୋତି ନିର୍ଗନ୍ଧତୟା ସ୍ମ ଚେତଃ ।
ପ୍ରାୟେଣ ସାମଗ୍ର୍ୟବିଧୌ ଗୁଣାନାଂ ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତି ॥ ୩୩୭ ।

ଅନ୍ୱୟ—ବର୍ଣ୍ଣପ୍ରକର୍ଷେ, ସତି, କର୍ଣ୍ଣିକାରଂ, ନିର୍ଗନ୍ଧତୟା, ଚେତଃ, ଦୁନୋତି, ସ୍ମ; ଗୁଣାନାଂ, ସାମଗ୍ର୍ୟବିଧୌ, ବିଶ୍ୱସୃଜଃ, ପ୍ରବୃତ୍ତିଃ, ପ୍ରାୟେଣ, ପରାଙ୍ମୁଖୀ, ଭବତି ।

ଅର୍ଥ :—କନିଅରଫୁଲ ଦେଖିବାକୁ ବଡ଼ ସୁନ୍ଦର, ମାତ୍ର ନିର୍ଗନ୍ଧତା ହେତୁ ତାହା ଆଦୃତ ନୁହେ; ଦେଖିବାକୁ ଗଲେ ସମସ୍ତ ଗୁଣ ଏକତ୍ର ହେବା ପ୍ରାୟ ଈଶ୍ୱରେଚ୍ଛାର ବହିର୍ଭୂତ ଅଟେ ।

GPNanda Colln., Digitized by srujanika@gmail.com

ପ୍ରତାପିର ସ୍ୱଭାବ ।

ସ୍ୱପୌରୁଷମହାଯଶାଃ ସମସ୍ତଦୋଷଦୁଃସ୍ଥୋଽପି ସନ୍,
ଅନଳ୍ପବିଷୟାଶୟୋ ଲଘୁଷୁ ନୈବ ଧତ୍ତେ କର୍ମସୁ ।
ମହାଧରସହୋଦରଦ୍ୱିରଦଯୂଥବଦ୍ଧାବଣୋ
ବୁଭୁକ୍ଷୁରପି କେଶରୀ ନ ଖଳୁ ମୂଷିକଂ ଧାବତି । ୩୩୮ । [ପଦ]

ଅନ୍ୱୟ — ଅନଳ୍ପବିଷୟାଶୟଃ, ସ୍ୱପୌରୁଷମହାଯଶାଃ, ଜନଃ, ସମସ୍ତଦୋଷଦୁଃସ୍ଥଃ, ସନ୍, ଅପି, ଲଘୁଷୁ, କର୍ମସୁ, ନ, ଏବ, ଧତ୍ତେ; ହି, ମହାଧରସହୋଦର-ଦ୍ୱିରଦଯୂଥବଦ୍ଧାବଣଃ, କେଶରୀ, ବୁଭୁକ୍ଷୁଃ, ଅପି, ମୂଷିକଂ ନ, ଧାବତି, ଖଳୁ ।

ଅର୍ଥ :—ଉଚ୍ଚମନା ଭୁଜାର୍ଜିତସମ୍ପଦଯଶସ୍ୱୀଲୋକ ଦୁର୍ଭାଗ୍ୟବଶତଃ ନିର୍ଦ୍ଧନ ହେଲେହେଁ ସେ ନୀଚ ବୃତ୍ତି ଅବଲମ୍ବନ କରିବାକୁ ଇଚ୍ଛୁକ ହୁଏ ନାହିଁ । ଦେଖିବାକୁ ଗଲେ ଯେଉଁ କେଶରୀମାନେ ଗିରିତୁଲ୍ୟ ବଡ଼ ବଡ଼ ହସ୍ତୀମାନଙ୍କୁ ମାରିବାକୁ ସମତାପନ୍ନ ହୋଇଥାନ୍ତି, ସେମାନେ ଯେତେ କ୍ଷୁଧାତୁର ହେଲେହେଁ କଣ ସାମାନ୍ୟ ମୂଷିକବିନାଶ ପ୍ରତି ଇଚ୍ଛା କରନ୍ତି କି ?

ଚନ୍ଦ୍ରୋଦୟ ।

ସ୍ୱୈରଂ କୈରବକୋରକାନ୍ ବିଦଳୟନ୍ ଯୂନାଂ ମନଃ ଖେଳୟ—
ନମ୍ଭୋଜାନି ନିମୀଳୟନ୍ ମୃଗଦୃଶାଂ ମାନଂ ସମୁନ୍ମୂଳୟନ୍ ।
ଜ୍ୟୋତ୍ସ୍ନାଂ କନ୍ଦଳୟନ୍ ଦିଶୋ ଧବଳୟନ୍ନମ୍ଭୋଧିମୁଦ୍ବେଲୟନ୍,
କୋକାନାକୁଳୟଂସ୍ତମଃ କବଳୟନ୍ନିନ୍ଦୁଃ ସମୁଜ୍ଜୃମ୍ଭତେ । ୩୩୯ ।
[ପଞ୍ଚ]

ଅନ୍ୱୟ—ଇନ୍ଦୁଃ, କୈରବକୋରକାନ୍, ସ୍ୱୈରଂ, ବିଦଳୟନ୍, ଯୂନାଂ, ମନଃ, ଖେଳୟନ୍, ଅମ୍ଭୋଜାନି, ନିମୀଳୟନ୍, ମୃଗଦୃଶାଂ, ମାନଂ, ସମୁନ୍ମୂଳୟନ୍

GPNanda Colln., Digitized by srujanika@gmail.com

ଜ୍ୟୋତ୍ସ୍ନା, କନ୍ଦଳୟନ୍, ଦଶଃ, ଧବଳୟନ୍, ଅମ୍ଭୋଧିଂ, ଉଦ୍‌ବେଲୟନ୍, କୋକାନ୍, ଅକୁଳୟନ୍, ତମଃ, କବଳୟନ୍, ସନ୍, ସମୁଜ୍ଜୃମ୍ଭତେ ।

ଅର୍ଥ :—ସ୍ୱଚ୍ଛକୈରବକଳିକାମାନଙ୍କୁ ପ୍ରସ୍ଫୁଟିତ, ଯୁବକମାନଙ୍କ ମନକୁ ଉତ୍ସାହିତ, ପଦ୍ମମାନଙ୍କୁ ମୁଦ୍ରିତ, ଯୁବତୀମାନଙ୍କ ମାନକୁ ଉନ୍ମୂଳିତ, ଜ୍ୟୋତ୍ସ୍ନାମାନଙ୍କୁ ପ୍ରକଟିତ, ଦିଗମାନଙ୍କୁ ଧବଳିତ, ସମୁଦ୍ରମାନଙ୍କୁ ଉଦ୍‌ବେଳିତ, ଚକ୍ରବାକମାନଙ୍କୁ ଆକୁଳିତ ଓ ଅନ୍ଧକାରମାନଙ୍କୁ କବଳିତ କରି, ଚନ୍ଦ୍ର ଉଦୟ ହେଉଅଛି ।

ସୂର୍ଯ୍ୟାସ୍ତ ।

ଧ୍ୱାନ୍ତୌଘଃ କବଳୀକରୋତି ଧରଣୀଂ ନୋ ଭାନ୍ତି ସୂର୍ଯ୍ୟୋପଲାଃ,
ଖଦ୍ୟୋତାଃ ପରତଃ ସ୍ଫୁରନ୍ତି ନିତରାଂ ସୀଦନ୍ତି ସୂର୍ଯ୍ୟୋପଲାଃ ।
ଯେ ତୁ ଧ୍ୱାଂସଭୟେନ ପେଚକଗଣାଃ ନିର୍ଯ୍ୟାନ୍ତି ନୋ କୋଟରାତ୍,
ତେଽପ୍ୟୁଚ୍ଚୈର୍ବିହରନ୍ତି ହା ଦିନମଣେ ! କୁତ୍ର ତ୍ୱୟା ପ୍ରସ୍ଥିତଂ ॥ ୩୮୦ ॥
[ପଦ]

ଅନ୍ୱୟ—ଧ୍ୱାନ୍ତୌଘଃ, ଧରଣୀଂ, କବଳୀକରୋତି; ସୂର୍ଯ୍ୟୋପଲାଃ, ନୋ, ଭାନ୍ତି; ଖଦ୍ୟୋତାଃ, ପରତଃ, ସ୍ଫୁରନ୍ତି, ସୂର୍ଯ୍ୟୋପଲାଃ, ନିତରାଂ, ସୀଦନ୍ତି; ତୁ, ଧ୍ୱାଂସଭୟେନ, ଯେ, ପେଚକଗଣାଃ, କୋଟରାତ୍, ନୋ, ନିର୍ଯ୍ୟାନ୍ତି, ତେ, ଅପି, ଉଚ୍ଚୈଃ, ବିହରନ୍ତି; ହେ ଦିନମଣେ ! ହା, ତ୍ୱୟା, କୁତ୍ର, ପ୍ରସ୍ଥିତଂ ।

ଅର୍ଥ :—ସୂର୍ଯ୍ୟାସ୍ତ ହେବାରୁ ଧରଣୀ ଅନ୍ଧକାରରେ ବୁଡ଼ିଗଲା, ସୂର୍ଯ୍ୟକାନ୍ତମଣି ନିଷ୍ପ୍ରଭ ହେଲା, ଖଦ୍ୟୋତମାନେ ଉଡ଼ିବାକୁ ଲାଗିଲେ, ସୂର୍ଯ୍ୟକାନ୍ତମଣି ଅବସନ୍ନ ହେଲା, ଆଲୋକଭୟରେ ଯେଉଁ ପେଚକମାନେ ବୃକ୍ଷ-କୋଟରରୁ ବାହାରୁ ନ ଥିଲେ, ସେମାନେ ମଧ୍ୟ ଖୁବ ଉଚ୍ଚେ ଉଡ଼ିବାକୁ ଲାଗିଲେ ? ଅହା, ହେ ଦିନବାନ୍ଧବ ! ଆପଣ କେଉଁଆଡ଼େ ଗଲେ ?

GPNanda Colln., Digitized by srujanika@gmail.com

ଆଧୁନିକ ଗ୍ରନ୍ଥକାରମାନଙ୍କ ପ୍ରତି ଆକ୍ଷେପ ।

ବାଲ୍ମୀକେରଜନି ପ୍ରକାଶିତଗୁଣା ବ୍ୟାସେନ ଲୀଳାବତୀ,
ବୈଦର୍ଭୀ କବିତା ସ୍ୱୟଂ ବୃତବତୀ ଶ୍ରୀକାଳିଦାସଂ ବରଂ ।
ଯାସୂତାମରସିଂହଦଣ୍ଡିଧନକାନ୍ ସେୟଂ ଜରାଜୀରସା,
ଶୂନ୍ୟାଲଂକରଣା ସ୍ଖଲନ୍ମୃଦୁପଦା କଂ ବା ଜନଂ ନାଶ୍ରିତା ॥ ୩୪୧ ।
[ପଦ୍ୟ]

ଅନ୍ୱୟ—ବାଲ୍ମୀକେଃ, ତ, ବ୍ୟାସେନ, ବୈଦର୍ଭୀ, ପ୍ରକାଶିତଗୁଣା, ଲୀଳାବତୀ, କବିତା, ଅଜନି, ଅତଃ, ଯା, ସ୍ୱୟଂ, ଶ୍ରୀକାଳିଦାସଂ, ବରଂ, ବୃତବତୀ, ସତୀ, ଅମରସିଂହଦଣ୍ଡିଧନକାନ୍, ଅସୂତ; ସା, ଇୟଂ, ଜରାଜୀରସା, ଶୂନ୍ୟାଲଂକରଣା, ସ୍ଖଲନ୍ମୃଦୁପଦା, କଂ, ବା, ଜନଂ, ନ, ଆଶ୍ରିତା ।

ଅର୍ଥ :—ଯେଉଁ କବିତାଧିଷ୍ଠାତ୍ରୀ ସରସ୍ୱତୀଦେବୀ ବାଲ୍ମୀକି ଓ ବ୍ୟାସଙ୍କର କବିତା ବୈଦର୍ଭୀ ଥିବାରୁ ଶ୍ରୀ କାଳିଦାସଙ୍କୁ ବରରୂପରେ ବରଣ କରି ଅମରସିଂହ, ଦଣ୍ଡୀଙ୍କ ଓ ଧନ୍ୱନ୍ତରି ପ୍ରଭୃତିଙ୍କୁ ପୁତ୍ରରୂପରେ ପାଇଥିଲେ, ସେହି ଦେବୀ ବର୍ତ୍ତମାନ ଜରାଜୀରସା ଅଳଙ୍କାରଶୂନ୍ୟା ଓ ସ୍ଖଲନ୍ମୃଦୁପଦା ହେବାରୁ କେଉଁ ଲୋକକୁ ବା ଆଶ୍ରୟ ନ କଲେ !

ବିଦ୍ୟାର ଉପକାରିତା ।

ମାତେବ ପୁଷ୍ୟତି ପିତେବ ହିତଂ କରୋତି,
ଭାର୍ଯ୍ୟେବ ମୋଦୟତି ମୁଞ୍ଚତି ନୋ ସଖେବ ।
ଲକ୍ଷ୍ମୀଂ ସମାହରତି ଦିକ୍ଷୁ ତନୋତି କୀର୍ତ୍ତିଂ,
କିଂ କିଂ ନ ସାଧୟତି କଳ୍ପଲତେବ ବିଦ୍ୟା ॥ ୩୪୨ । [ନୀତ]

ଅନ୍ୱୟ—ବିଦ୍ୟା, ମାତା, ଇବ, ପୁଷ୍ୟତି; ପିତା, ଇବ, ହିତଂ, କରୋତି; ଭାର୍ଯ୍ୟା, ଇବ, ମୋଦୟତି; ସଖା, ଇବ, ନୋ, ମୁଞ୍ଚତି; ଲକ୍ଷ୍ମୀଂ, ସମାହରତି; ଦିକ୍ଷୁ, କୀର୍ତ୍ତିଂ, ତନୋତି; ଅତଃ, କଳ୍ପଲତା, ଇବ, ବିଦ୍ୟା, କିଂ, କିଂ, ନ, ସାଧୟତି ।

GPNanda Colln., Digitized by srujanika@gmail.com

ଅର୍ଥ :—ବିଦ୍ୟା ମାତା ପରି ପୋଷଣ କରେ, ପିତା ପରି ହିତୋପଦେଶ ପ୍ରଦାନ କରେ, ସ୍ତ୍ରୀ ପରି ମନରେ ଆନନ୍ଦ ଜାତ କରାଏ, ବନ୍ଧୁ ପରି ଆପଦରୁ ଉଦ୍ଧାର କରେ (ଅର୍ଥାତ୍ ସଙ୍ଗ ଛାଡ଼େ ନାହିଁ) ଧନ ଲାଭ କରାଏ ଓ ଦେଶ ଦେଶାନ୍ତରରେ କୀର୍ତ୍ତି ବିସ୍ତାର କରାଏ; ଏଣୁ କଳ୍ପଲତାସଦୃଶୀ ବିଦ୍ୟା ଲୋକର କଣ କଣ ବା ସାଧନ ନ କରାଏ !

ଅନୁରୂପ ଶ୍ଳୋକ ।

ବିଦ୍ୟା ନାମ ନରସ୍ୟ ରୂପମଧିକଂ ପ୍ରଚ୍ଛନ୍ନଗୁପ୍ତଂ ଧନଂ,
ବିଦ୍ୟା ଭୋଗକରୀ ଯଶଃସୁଖକରୀ ବିଦ୍ୟା ଗୁରୂଣାଂ ଗୁରୁଃ ।
ବିଦ୍ୟା ବନ୍ଧୁଜନୋ ବିଦେଶଗମନେ ବିଦ୍ୟା ପରଂ ଦୈବତଂ,
ବିଦ୍ୟା ରାଜସୁ ପୂଜ୍ୟତେ ନ ହି ଧନଂ ବିଦ୍ୟାବିହୀନଃ ପଶୁଃ ॥ ୩୪୩ ।

[ଗୃହ]

ଅନ୍ୱୟ—ବିଦ୍ୟା, ନରସ୍ୟ, ଅଧିକଂ, ରୂପଂ, ନାମ; ପ୍ରଚ୍ଛନ୍ନଗୁପ୍ତଂ, ଧନଂ, ବିଦ୍ୟା, ଭୋଗକରୀ; ଯଶଃସୁଖକରୀ, ବିଦ୍ୟା, ଗୁରୂଣାଂ, ଗୁରୁଃ; ବିଦ୍ୟା, ବିଦେଶଗମନେ, ବନ୍ଧୁଜନଃ; ବିଦ୍ୟା, ପରଂ, ଦୈବତଂ; ବିଦ୍ୟା, ରାଜସୁ, ପୂଜ୍ୟତେ; ହି, ବିଦ୍ୟାୟାଃ, ଧନଂ, ନ; ବିଦ୍ୟାବିହୀନଃ, ପଶୁଃ ।

ଅର୍ଥ :—ବିଦ୍ୟା ମନୁଷ୍ୟର ସୌନ୍ଦର୍ଯ୍ୟ, ଗୋପନୀୟ ଧନ, ବିଦ୍ୟା ଭୋଗ, ଯଶଃ ଓ ସୁଖ ପ୍ରଦାନ କରାଏ, ବିଦ୍ୟା ଗୁରୁର ଗୁରୁ, ବିଦେଶରେ ବିଦ୍ୟା ବନ୍ଧୁର କାର୍ଯ୍ୟ କରେ, ବିଦ୍ୟା ପରମଦେବତା, ବିଦ୍ୟା ରାଜପୂଜ୍ୟ କରାଏ, ବିଦ୍ୟାଠାରୁ ବଳି ଧନ ନାହିଁ; ଏଣୁ ବିଦ୍ୟାହୀନ ଲୋକ ପଶୁପ୍ରାୟ ।

ବିଦ୍ୟା ଅକ୍ଷୟ ।

ହର୍ତ୍ତୁର୍ଯାତି ନ ଗୋଚରଂ କିମପି ଶଂ ପୁଷ୍ଣାତି ଯତ୍ ସର୍ବଦା—
ଽର୍ଥିଭ୍ୟଃ ପ୍ରତିପାଦ୍ୟମାନମନିଶଂ ପ୍ରାପ୍ନୋତି ବୃଦ୍ଧିଂ ପରଂ ।

GPNanda Colln., Digitized by srujanika@gmail.com

କଳ୍ପାନ୍ତେଷ୍ୱପି ନ ପ୍ରୟାତି ନିଧନଂ ବିଦ୍ୟାଖ୍ୟମନ୍ତର୍ଦ୍ଧନଂ,
ଯେଷାଂ ତାନ୍ ପ୍ରତିମାନମୁଜ୍ଝତ ନୃପାଃ କସ୍ତୈଃ ସହ ସ୍ପର୍ଦ୍ଧତେ । ୩୪୪ ।
[ଶାର୍ଦ୍ଦୂଳ]

ଅନ୍ୱୟ—ହେ ନୃପ ! ଯେଷାଂ, ବିଦ୍ୟା, ସ୍ୱଂ, ଅନ୍ତର୍ଦ୍ଧନଂ, ତାନ୍, ପ୍ରତିମାନଂ, ଉଜ୍ଝତ; ତୈଃ, ସହ, କଃ, ସ୍ପର୍ଦ୍ଧତେ, ଯତ୍, ବିଦ୍ୟାଧନଂ, ହର୍ତ୍ତୁଃ, ଗୋଚରଂ, ନ, ଯାତି; ସର୍ବଦା, କିଂ, ଅପି, ଶଂ, ପୁଷ୍ଣାତି; ଅର୍ଥିଭ୍ୟଃ, ପ୍ରତିପାଦ୍ୟମାନଂ, ଅପି, ଅନିଶଂ, ପରାଂ, ବୃଦ୍ଧିଂ, ପ୍ରାପ୍ନୋତି; କଳ୍ପାନ୍ତେଷୁ, ଅପି, ନିଧନଂ, ନ ପ୍ରୟାତି ।

ଅର୍ଥ :—ବିଦ୍ୟା ଚୋରଦ୍ୱାରା ଅପହୃତ ହୁଏ ନାହିଁ, ସୁଖ ବୃଦ୍ଧି କରାଏ, ଦାନ କଲେ ଦିନ୍ ଦିନ ବୃଦ୍ଧି ପାଏ ଓ କଳ୍ପକଳ୍ପାନ୍ତରରେ ଲୋକଙ୍କ ଲାଭ ହୋଇଥାଏ, ଏଣୁ ଯେଉଁମାନେ ବିଦ୍ୟା ଧନରେ ଧନୀ, ସେମାନଙ୍କ ସଙ୍ଗରେ ରାଜା ପର୍ଯ୍ୟନ୍ତ ସ୍ପର୍ଦ୍ଧା କରିବାକୁ ଅନୁଚିତ ।

ସଭାର ଶୋଭା ।

ମଣିନା ବଳୟଂ ବଳୟେନ ମଣିର୍ମଣିନା ବଳୟେନ ବିଭାତି କରଃ ।
କବିନାଂ ଚ ବିଭୁର୍ବିଭୁନା ଚ କବିଃ କବିନା ବିଭୁନା ଚ ବିଭାତି ସଭା । ୩୪୫ ॥
[ତୋଟକ]

ଅନ୍ୱୟ—ମଣିନା, ବଳୟଂ, ବିଭାତି; ବଳୟେନ, ମଣିଃ, ବିଭାତି; କରଃ, ମଣିନା, ବଳୟେନ, ବିଭାତି; କବିନା, ବିଭୁଃ, ବିଭାତି; ବିଭୁନା, କବିଃ, ବିଭାତି; ଚ, ବିଭୁନା, କବିନା, ସଭା, ବିଭାତି ।

ଅର୍ଥ :—ଯେପରି ମଣିଦ୍ୱାରା ବଳୟର ଓ ବଳୟଦ୍ୱାରା ମଣିର ଏବଂ ମଣିଯୁକ୍ତ ବଳୟଦ୍ୱାରା କରର ଶୋଭା ବୃଦ୍ଧି ପାଏ, ସେହିପରି କବିଦ୍ୱାରା ରାଜାଙ୍କର ଓ ରାଜାଙ୍କଦ୍ୱାରା କବିର ଏବଂ କବି ଓ ରାଜା ଉଭୟଙ୍କ ଦ୍ୱାରା ସଭାର ଶୋଭା ବୃଦ୍ଧି ପାଏ ।

GPNanda Colln., Digitized by srujanika@gmail.com

ସନ୍ନ୍ୟାସୀ ଓ ପଣ୍ଡିତଙ୍କର ପରସ୍ପର ହାସ୍ୟୋକ୍ତି ।

ଗୁରୋର୍ଗିରଃ ପଞ୍ଚଦିନାନ୍ୟଧୀତ୍ୟ, ବେଦାନ୍ତଶାସ୍ତ୍ରାଣି ଦିନତ୍ରୟଞ୍ଚ ।
ଅମୀ ସମାଘ୍ରାୟ ଚ ତର୍କବାଦାନ୍, ସମାଗତାଃ କୁକ୍କୁଟପାଦମିଶ୍ରାଃ ॥୩୪୬॥
[ଅଦ]

ଅନ୍ୱୟ— ଗୁରୋଃ, ଗିରଃ ପଞ୍ଚଦିନାନି, ଚ, ବେଦାନ୍ତଶାସ୍ତ୍ରାଣି, ଦିନତ୍ରୟଂ, ଅଧୀତ୍ୟ, ଚ, ତର୍କବାଦାନ୍, ସମାଘ୍ରାୟ, ଅମୀ, କୁକ୍କୁଟପାଦମିଶ୍ରାଃ, ସମାଗତାଃ ।

ଅର୍ଥ :—ସନ୍ନ୍ୟାସୀ— ପାଞ୍ଚଦିନ ଗୁରୁଙ୍କଠାରୁ ଅଧ୍ୟୟନ କରି ଓ ତିନିଦିନ ବେଦାନ୍ତଶାସ୍ତ୍ର ଅଧ୍ୟୟନ କରି ଏବଂ ତର୍କବାଦମାନ କେବଳ ଆଘ୍ରାଣ କରି ପକ୍ଷୀର ମିଶ୍ରଙ୍କର ଏହି ଶିଷ୍ୟମାନେ ଉପସ୍ଥିତ ହୋଇଅଛନ୍ତି ।

ପ୍ରତ୍ୟୁକ୍ତି ।

ଦିବୋପବାସୀ ନିଶି ଚାମିଷାଶୀ ଜଟାଧରଃ ସନ୍ କୁଳଟାଭିଳାଷୀ ।
ଅୟଂ କଷାୟାରୁଣଶ୍ଚାରୁଦଣ୍ଡଃ ଶଠାଗ୍ରଣୀଃ ସର୍ପତି ବଣ୍ଡଭଣ୍ଡଃ ॥୩୪୭॥ [ଅଦ]

ଅନ୍ୱୟ—ଦିବୋପବାସୀ, ଚ, ନିଶି, ଆମିଷାଶୀ, ଜଟାଧରଃ, ସନ୍, କୁଳଟାଭିଳାଷୀ, କଷାୟାରୁଣଶ୍ଚାରୁଦଣ୍ଡଃ, ଶଠାଗ୍ରଣୀଃ, ଅୟଂ, ବଣ୍ଡଭଣ୍ଡଃ, ସର୍ପତି ।

ଅର୍ଥ :—ପଣ୍ଡିତ—ଏହି ସନ୍ନ୍ୟାସୀ ଦିନରେ ଉପବାସ ରହନ୍ତି ମାତ୍ର ରାତ୍ରରେ ଆମିଷ ଖାନ୍ତି, ଜଟା ଧରି କୁଳଟାମାନଙ୍କଠାରେ ଅଭିଳାଷୀ ହୋଇଥାନ୍ତି, କଷାୟବସ୍ତ୍ର ପରିଧାନ କରି ଅରକ୍ତିମା ମନୋହର ଦଣ୍ଡ ବହନ କରିଅଛନ୍ତି, ଏହି ଜାଣି ଜଣେ ବଡ଼ ଠକଶ୍ରେଷ୍ଠ ବଣ୍ଡଭଣ୍ଡ ବୁଲୁଅଛନ୍ତି ।

ଶିରୋମଣିଙ୍କ ପ୍ରତି ମୈଥିଳ ପଣ୍ଡିତଙ୍କର ଉକ୍ତି ।

ଆଖଣ୍ଡଲଃ ସହସ୍ରାକ୍ଷୋ ବିରୂପାକ୍ଷସ୍ତ୍ରିଲୋଚନଃ ।
ଅନ୍ୟେ ଦ୍ୱିଲୋଚନାଃ ସର୍ବେ କୋ ଭବାନେକଲୋଚନଃ ॥୩୪୮॥[ଅଦ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଅଖଣ୍ଡଳଃ, ସହସ୍ରାକ୍ଷଃ,ତ୍ରିଲୋଚନଃ, ଚତୁରାନନଃ, ଅନ୍ୟେ, ସର୍ବେ, ଦ୍ୱିଲୋଚନାଃ, ଏକଲୋଚନଃ, ଭବାନ୍, କଃ ?

ଅର୍ଥ :—ପଣ୍ଡିତମାନେ—ଇନ୍ଦ୍ରଙ୍କର ତ ସହସ୍ର ନେତ୍ର, ଶିବଙ୍କର ତ ତିନୋଟି ନେତ୍ର, ଅନ୍ୟ ଅନ୍ୟ ମାନଙ୍କର ତ ଦୁଇ ଦୁଇ ନେତ୍ର, ମାତ୍ର ଏକନୟନ-ବିଶିଷ୍ଟ ଆପଣ କିଏ ?

ଶିରୋମଣିଭଟ୍ଟାଚାର୍ଯ୍ୟ ।

ନବଦ୍ୱୀପକୁଶଦ୍ୱୀପଚନ୍ଦ୍ରଦ୍ୱୀପନିବାସିନାଂ ।
ତର୍କସିଦ୍ଧାନ୍ତସିଦ୍ଧାନ୍ତଶିରୋମଣିର୍ମମାଭିଧା ॥ ୮୪୯ ॥ [ଅଦ୍ଭ]

ଅର୍ଥ :—ଆମ୍ଭେ ନବଦ୍ୱୀପ, କୁଶଦ୍ୱୀପ ଓ ଚନ୍ଦ୍ରଦ୍ୱୀପନିବାସୀ ପଣ୍ଡିତମାନଙ୍କ ମଧ୍ୟରେ ତର୍କସିଦ୍ଧାନ୍ତଶିରୋମଣିନାମା ପଣ୍ଡିତ ଅଟୁଁ ।

ବିଦେଶୀ ଓ ସ୍ୱଦେଶିର ପରସ୍ପର ବାକ୍ୟାଳାପ ।

କୋଽସ୍ମିନ୍ ନଗରେ ମହାନ୍ ଶୃଣୁ ସଖେ ! ତାଳଦ୍ରୁମାଣାଂ ଗଣଃ,
କୋ ଦାତା ରଜକୋ ଦଦାତି ବସନଂ ପ୍ରାତର୍ଗୃହୀତ୍ୱା ନିଶି ।
କୋ ଦକ୍ଷଃ ପରବିତ୍ତଲୁଣ୍ଠନବିଧୌ ସର୍ବେଽପି ପୌରଜନାଃ,
କସ୍ମାଜ୍ଜୀବସି ହେ ସଖେ ! ବିଷକୃମିନ୍ୟାୟେନ ଜୀବାମ୍ୟହମ୍ ॥୩୫୦॥ [ଦ୍ଭଙ୍କ]

ଅନ୍ୱୟ—ଅସ୍ମିନ୍, ନଗରେ, କଃ, ଅପି, ମହାନ୍, ଅସ୍ତି; ହେ ସଖେ ! ଶୃଣୁ, ତାଳଦ୍ରୁମାଣାଂ, ଗଣଃ, ଅସ୍ତି; କଃ, ଦାତା, ରଜକଃ, ଦାତା, କୁତଃ, ପ୍ରାତଃ, ବସନଂ, ଗୃହୀତ୍ୱା, ନିଶି, ଦଦାତି; ଦକ୍ଷଃ, କଃ, ପରବିତ୍ତଲୁଣ୍ଠନବିଧୌ, ସର୍ବେ, ଅପି, ପୌରଜନାଃ; ହେ ସଖେ ! କସ୍ମାତ୍, ଜୀବସି, ହେ ବୈଦେଶିକ ! ବିଷକୃମିନ୍ୟାୟେନ, ଜୀବାମି ।

ଅର୍ଥ:—ବିଦେଶୀ—ଆହେ ଭାଇ ! ଏ ଦେଶରେ ବଡ଼ କିଏ ?

ସ୍ୱଦେଶୀ—ଭାଇ ! ଏ ଦେଶରେ କେବଳ ତାଳଗଛ ବଡ଼ ।

ବି—ଭାଇ ! ଏ ଦେଶରେ ଦାତା କିଏ ?

GPNanda Colln., Digitized by srujanika@gmail.com

ସ୍ୱ—ଭାଇ ! ଏ ଦେଶରେ ଧୋବା କେବଳ ଦାତା; ଯେହେତୁ ସେ ସକାଳେ ଲୁଗା ନେଇ ସନ୍ଧ୍ୟାରେ ଦେଇଥାଏ ।

ବି—ଭାଇ ! ଏଠାରେ ପଣ୍ଡିତ କିଏ ?

ସ୍ୱ—ଭାଇ ! ପରଧନ ଲୁଟି କରିବାରେ ଏଠାକାର ଲୋକମାନେ ସମସ୍ତେ ପଣ୍ଡିତ ।

ବି—ଭାଇ ! ଏପରି ଦେଶରେ ତୁମ୍ଭେମାନେ କିପରି ଜୀଇଛ ହେ ?

ସ୍ୱ :—ଅହେ ବିଦେଶି ଭାଇ ! ଆମ୍ଭେମାନେ ଏଠାରେ ଏକା ବିଷକୃମି ପରି ଜୀବନ ଧରି ରହିଅଛୁଁ ।

ଭିକ୍ଷୁକଙ୍କ ପ୍ରତି ଧୂର୍ତ୍ତୋକ୍ତି ।

ଭିକ୍ଷୋ ! ମାଂସନିଷେବଣଂ ପ୍ରକୁରୁଷେ କିଂ ତେନ ମଦ୍ୟଂ ବିନା,
ମଦ୍ୟଂ ଚାପି ତବ ପ୍ରିୟଂ ପ୍ରିୟମହୋ ବାରାଙ୍ଗନାଭିଃ ସହ ।
ତାସାମର୍ଥରୁଚିଃ କୁତସ୍ତବ ଧନଂ ଚୌର୍ଯ୍ୟେଣ ଦ୍ୟୂତେନ ବା,
ଚୌର୍ଯ୍ୟଦ୍ୟୂତପରିଗ୍ରହୋଽପି ଭବତୋ ନଷ୍ଟସ୍ୟ କାନ୍ୟା ଗତିଃ ॥ ୩୫୧ ।
[ପଦ]

*ଅନ୍ୱୟ—ହେ ଭିକ୍ଷୋ ! ମାଂସନିଷେବଣଂ, ପ୍ରକୁରୁଷେ; ମଦ୍ୟଂ, ବିନା ତେନ, କିଂ; ଚ, ତବ, ମଦ୍ୟଂ, ଅପି, ପ୍ରିୟଂ; ଅହୋ, ବାରାଙ୍ଗନାଭିଃ ସହ, ପ୍ରିୟଂ; ତାସାଂ, ଅର୍ଥରୁଚିଃ, ତବ, ଧନଂ, କୁତଃ, ଚୌର୍ଯ୍ୟେଣ, ବା, ଦ୍ୟୂତେନ ଧନଂ, ବର୍ତ୍ତତେ; ଭବତଃ, ଅପି, ଚୌର୍ଯ୍ୟଦ୍ୟୂତପରିଗ୍ରହଃ, ନଷ୍ଟସ୍ୟ, ଅନ୍ୟା, ଗତିଃ, କା ।

ଅର୍ଥ :—ଅହେ ଭିକ୍ଷୁ ! ମାଂସ ଖାଇବେ କି ? 'ବିନା ମଦ୍ୟରେ ଖାଲି ମାଂସଗୁଡ଼ାଏ କଣ ଖାଇବା ହେ ।' ତେବେ ଆପଣ କଣ ମଦ୍ୟପ୍ରିୟ ? 'ହଁ', ମୋହର ବାରାଙ୍ଗନାମାନଙ୍କ ସହିତ ମଦ୍ୟପାନରେ ଅଭିଳାଷ ଥାଏ । ଅହେ ! ବାରାଙ୍ଗନାମାନେ ତ ଅର୍ଥପ୍ରିୟା, ତେବେ ତୁମ୍ଭର ଧନ କାହିଁ ?

GPNanda Colln., Digitized by srujanika@gmail.com

'ହେଁ, ଚୌର୍ଯ୍ୟ ଓ ଦ୍ୟୂତ ବୃତ୍ତି ଅବଲମ୍ବନ କରିବା ଲୋକର ଅର୍ଥର ଅଭାବ ଥାଏ ତ ?' ଅହେ ! ତୁମେ କଣ ଚୌର୍ଯ୍ୟ ଓ ଦ୍ୟୂତ ବୃତ୍ତି ଅବଲମ୍ବନ କର କି ? 'ହଁ, ନଷ୍ଟ ଲୋକର ଏହା ଭିନ୍ନ ଅନ୍ୟ ଗତି ବା କଣ ?'

ଅମ୍ଭେ ତୁମ କଥାରେ କାହିଁକି ଶୁଣିବୁ ?

ବାହ୍ୟୋ ବାହ୍ୟାଳକୋଷ୍ଠଃ ପିଠରକଜଠରେ ମକ୍ଷିକାଣାଂଚ କୋଷ୍ଠଃ,
କୋଷ୍ଠଗର୍ଣ୍ଡୂପଦାନାଂ ମମ ଗୃହପଟଲେ ଯୂକକୋଷ୍ଠଃ କବର୍ଯ୍ୟାଂ ।
ଗାତ୍ରେ ବ୍ରଣୋତ୍ଥକୋଷ୍ଠଃ କ୍ଷିତତଟବଳ୍ଗୁତଳେ କର୍ପଟଗ୍ରନ୍ଥିକୋଷ୍ଠଃ,
ଷଟ୍କୋଷ୍ଠ୍ୟାମୀଶ୍ୱରୋଽହଂ କଥମିହ ନଗବାଦନ୍ୟତୋ ଯାମି ରାଜନ୍ । ୩୬ ।
[ଅଦ୍ଧ]

ଅନ୍ୱୟ—ହେ ରାଜନ୍ ! ଷଟ୍କୋଷ୍ଠ୍ୟାଂ, ଈଶ୍ୱରଃ, ଅହଂ, ଇହ, ନଗବାତ୍, ଅନ୍ୟତଃ, କଥଂ, ଯାମି; ମମ, ବାହ୍ୟାଂ, ବାହ୍ୟାଳକୋଷ୍ଠଃ; ଚ, ପିଠରକଜଠରେ, ମକ୍ଷିକାଣାଂ, କୋଷ୍ଠଃ; ଗୃହପଟଲେ, ଗଣ୍ଡୂପଦାନାଂ, କୋଷ୍ଠଃ; କବର୍ଯ୍ୟାଂ, ଯୂକ-କୋଷ୍ଠଃ, ଗାତ୍ରେ, ବ୍ରଣୋତ୍ଥକୋଷ୍ଠଃ; କ୍ଷିତତଟବଳ୍ଗୁତଳେ, କର୍ପଟଗ୍ରନ୍ଥିକୋଷ୍ଠଃ; ଅତଃ, କଥଂ, ଯାମି ।

ଅର୍ଥ :—ମହାରାଜ ! ଆମ୍ଭ ବାଡ଼ରେ କୋଷ୍ଠଏ ବାଉଁଶ ଗଛ, ଆମ୍ଭ ପେଟି ଓ ପେଟରେ କୋଷ୍ଠଏ ମାଛି, ଆମ୍ଭ ଘର ଛପରରେ କୋଷ୍ଠଏ ବେଙ୍ଗ, ଆମ୍ଭ କେଶରେ କୋଷ୍ଠଏ ଉକୁଣି, ଆମ୍ଭ ଦେହରେ କୋଷ୍ଠଏ ଘା ଓ ଆମ୍ଭ ଟିକାଳେ କୋଷ୍ଠଏ ଗଣ୍ଠି, ଏଣୁ ଅମ୍ଭେ ଛଅ କୋଷ୍ଠର ଈଶ୍ୱର; ଅତଏବ ତୁମ୍ଭ କଥାରେ ଏଠାରୁ କାହିଁକି ଯିବୁ ?

ସେହି ଅଦ୍ଭୁତ ରାଜାଙ୍କୁ ନମସ୍କାର ।

ଛେଦ୍ୟଶ୍ଚନ୍ଦନଚୂତଚମ୍ପକବନେ ରକ୍ଷା କରୀରଦ୍ରୁମେ,
ହିଂସା ହଂସମୟୂରକୋକିଳକୁଳେ କାକେଷୁ ନିତ୍ୟାଦରଃ

GPNanda Colln., Digitized by srujanika@gmail.com

ମାତଙ୍ଗେନ ଖରକ୍ରୟଃ ସମତୁଲା କର୍ପୂରକାର୍ପାସୟୋ—
ରେଷା ଯତ୍ର ବିଚାରଣା ଗୁଣିଗଣେ ଦେଶାୟ ତସ୍ମୈ ନମଃ । ୩୬୩ ।

[ସପ୍ରକହୁ]

ଅନ୍ୱୟ—ଚନ୍ଦନଚୂତଚମ୍ପକବନେ, ଛେଦଃ; କରୀରଦ୍ରୁମେ, ରକ୍ଷା; ହଂସମୟୂରକୋକିଳକୁଳେ, ହିଂସା; କାକେଷୁ, ନିତ୍ୟାଦରଃ; ମାତଙ୍ଗେନ, ଖରକ୍ରୟଃ, କର୍ପୂରକାର୍ପାସୟୋଃ, ସମତୁଲା; ଯତ୍ର, ଏଷା, ବିଚାରଣା, ଅସ୍ତି, ତସ୍ମୈ, ଦେଶାୟ, ନମଃ ।

ଅର୍ଥ :—ଯେଉଁ ଦେଶରେ ଚନ୍ଦନ, ଚୂତ ଓ ଚମ୍ପକ ବୃକ୍ଷ ପ୍ରତି ଅନାଦର, ବାଉଁଶ ବୃକ୍ଷ ପ୍ରତି ସ୍ନେହ, ହଂସ, ମୟୂର ଓ କୋକିଳମାନଙ୍କ ପ୍ରତି ହିଂସା, କାକ ପ୍ରତି ଆଦର, ହସ୍ତୀ ବଦଳାରେ ଗଧ ରଖିବା, କର୍ପୂର ଓ କାର୍ପାସକୁ ସମାନ ଜ୍ଞାନ କରିବା—ଗୁଣିମାନଙ୍କର ଏହିପରି ବିଚାର ଯେଉଁ ଦେଶରେ, ସେହି ଦେଶକୁ ନମସ୍କାର ।

ବିଷ୍ଣୁଙ୍କର ଖେଦ ।

ଏକା ଭାର୍ଯ୍ୟା ପ୍ରକୃତିମୁଖରା ଚଞ୍ଚଳା ଚ ଦ୍ୱିତୀୟା,
ପୁତ୍ରୋଽପ୍ୟେକୋ ଭୁବନବିଜୟୀ ମନ୍ମଥୋ ଦୁର୍ନିବାରଃ ।
ଶେଷଃ ଶଯ୍ୟା ବସତି ର୍ଜଳଧୌ ବାହନଂ ପନ୍ନଗାରିଃ,
ସ୍ମାରଂ ସ୍ମାରଂ ସ୍ୱଗୃହଚରିତଂ ଦାରୁଭୂତୋ ମୁରାରିଃ ॥ ୩୬୪ ॥

[ନୀତିସାର]

ଅନ୍ୱୟ—ଏକା, ଭାର୍ଯ୍ୟା, ପ୍ରକୃତିମୁଖରା, ଚ, ଦ୍ୱିତୀୟା, ଚଞ୍ଚଳା; ଭୁବନ-ବିଜୟୀ, ଏକଃ, ପୁତ୍ରଃ, ମନ୍ମଥଃ, ଅପି, ଦୁର୍ନିବାରଃ; ଶେଷଃ, ଶଯ୍ୟା, ଜଳଧୌ, ବସତିଃ, ବାହନଂ, ପନ୍ନଗାରିଃ; ଇତି, ସ୍ୱଗୃହଚରିତଂ, ସ୍ମାରଂ, ସ୍ମାରଂ, ମୁରାରିଃ, ଦାରୁଭୂତଃ, ଅଭୂତ୍ ।

GPNanda Colln., Digitized by srujanika@gmail.com

ଅର୍ଥ :—ଅମୃତ ସରସ୍ୱତୀ ଓ ଲକ୍ଷ୍ମୀ ଦୁଇ ସ୍ତ୍ରୀଙ୍କ ମଧ୍ୟରୁ ପ୍ରଥମା ମୁଖସ୍ଥ ଓ ଦ୍ୱିତୀୟା ଚଞ୍ଚଳା ଏବଂ ଅମୃତ ଜଗଜ୍ଜେତା ଜନାର୍ଦ୍ଦନାମକ ପୁତ୍ର ମଧ୍ୟ ଅଛି ଅବାଧ ଅନ୍ତର ମଧ୍ୟ ବାସୁକୀ ଶଯ୍ୟା, ଜଳଧିରେ ବାସ ଓ ସର୍ବଭକ୍ଷକ ଗରୁଡ଼ ମଧ୍ୟ ବାହନ; ଏହି ସବୁ ସ୍ମରଣ ଦୁର୍ଘଟନାମାନ ଅମ୍ଭେ ଭାବି ଭାବି କାଠହୁତ ହୋଇଗଲୁଣି ।

ଜନ୍ମସ୍ଥାନ ପ୍ରତି ମମତା ।

ବାସଃ କାଞ୍ଚନପିଞ୍ଜରେ ନୃପକରାମ୍ଭୋଜୈସ୍ତନୁର୍ମାର୍ଜିତା,
ଭକ୍ଷ୍ୟଂ ସ୍ୱାଦୁରସାଳଦାଡ଼ିମଫଳଂ ପେୟଂ ସୁଧାଭଂ ପୟଃ ।
ପାଠଂ ସଂସଦି ରାମନାମ ସତତଂ ଧୀରସ୍ୟ କୀରସ୍ୟ ମେ,
ହା ହା ହନ୍ତ ତଥାପି ଜନ୍ମବିଟପୀକ୍ରୋଡ଼େ ମନୋ ଧାବତି ॥ ୩୫୫ ॥
[ପଦ]

ଅନ୍ୱୟ—ଧୀରସ୍ୟ, କୀରସ୍ୟ, ମେ, କାଞ୍ଚନପିଞ୍ଜରେ, ବାସଃ; ତନୁଃ, ନୃପକରାମ୍ଭୋଜୈଃ, ମାର୍ଜିତା; ସ୍ୱାଦୁ, ରସାଳଦାଡ଼ିମଫଳଂ, ଭକ୍ଷ୍ୟଂ; ସୁଧାଭଂ, ପୟଃ, ପେୟଂ; ସତତଂ, ପାଠଂ, ରାମନାମ, ସଂସଦି; ହା, ହା, ହନ୍ତ, ତଥାପି, ଜନ୍ମବିଟପୀକ୍ରୋଡ଼େ, ମନଃ, ଧାବତି ।

ଅର୍ଥ :—ପିଞ୍ଜରାବଦ୍ଧ ଶୁକର ବଚନ—ମୁଁ ବର୍ତ୍ତମାନ ସ୍ୱର୍ଣ୍ଣପିଞ୍ଜରାରେ ବାସ କରୁଅଛି, ସ୍ୱୟଂ ରାଜା ସ୍ୱହସ୍ତରେ ମଧ୍ୟ ମୋହର ଦେହକୁ ଅଉଁସୁଛନ୍ତି, ସର୍ବଦା ସୁଧାତୁଲ୍ୟ ଦୁଗ୍ଧ ପାନ କରୁଅଛି ଏବଂ ରାମନାମ ପାଠ କରୁଅଛି; ତଥାପି ସେହି ଗଛର କୋଡ଼କୁ ମୋହର ମନ ପ୍ରଧାବିତ ହେଉଅଛି ।

ଅନୁରୂପ ଶ୍ଳୋକ ।

ଭୂମେର୍ଗରୀୟସୀ ମାତା ସ୍ୱର୍ଗାଦୁଚ୍ଚତରଃ ପିତା ।
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ॥ ୩୫୬ ॥ [ହଣ]

ଅନ୍ୱୟ—ମାତା, ଭୂମେଃ, ଗରୀୟସୀ; ପିତା, ସ୍ୱର୍ଗାତ୍, ଉଚ୍ଚତରଃ; ଜନନୀ, ଚ, ଜନ୍ମଭୂମିଃ, ସ୍ୱର୍ଗାତ୍, ଅପି, ଗରୀୟସୀ ।

GPNanda Colln., Digitized by srujanika@gmail.com

ଅର୍ଥ :—ଭୂମି ଅପେକ୍ଷା ମାତା ଓ ସ୍ୱର୍ଗ ଅପେକ୍ଷା ପିତା ଶ୍ରେଷ୍ଠତର ସ୍ଥାନ ଏବ ମାତା ଓ ଜନ୍ମଭୂମି ଦୁହେଁ ସ୍ୱର୍ଗ ଅପେକ୍ଷା ଶ୍ରେଷ୍ଠ ଅଟନ୍ତି ।

ମହତ୍ଜନମାନଙ୍କର ଉଦାରତା ।

ଚାତକସ୍ତ୍ରିଚତୁରାନ୍ ପୟଃକଣାନ୍ ଯାଚତେ ଜଳଧରଂ ପିପାସିତଃ ।
ସୋଽପି ପୂରୟତି ଭୂୟସାମ୍ଭସା ହନ୍ତ ମହତାମୁଦାରତା ॥ ୩୫୭ ॥

[ଚାତକାଷ୍ଟକ]

ଅନ୍ୱୟ—ଚାତକଃ, ପିପାସିତଃ, ସନ୍, ଜଳଧରଂ, ତ୍ରିଚତୁରାନ୍, ପୟଃକଣାନ୍, ଯାଚତେ; ସଃ, ଅପି, ଭୂୟସା, ଅମ୍ଭସା, ପୂରୟତି; ଅହୋ, ମହତାଂ, ଉଦାରତା, ହନ୍ତ ।

ଅର୍ଥ :—ଚାତକ ତୃଷାକୁଳିତ ହୋଇ ମେଘକୁ ଦୁଇ ତିନି ବିନ୍ଦୁ ମାତ୍ର ଜଳ ପ୍ରାର୍ଥନା କରେ । ମେଘ ମଧ୍ୟ ବହୁଜଳ ପ୍ରଦାନ କରି ତାହାର ମନୋରଥ ପୂର୍ଣ୍ଣ କରିଥାଏ । ଅତଏବ ମହତ୍ଜନମାନଙ୍କର ଉଦାରତାକୁ ହିଁ ଧନ୍ୟବାଦ ।

ଏମାନେହିଁ ପ୍ରଶଂସାର୍ହ ।

ଯା ରାକାଶଶିଶୋଭନା ଗତଘନା ସା ଯାମିନୀ ଯାମିନୀ,
ଯା ସୌନ୍ଦର୍ଯ୍ୟଗୁଣାନ୍ୱିତା ପତିରତା ସା କାମିନୀ କାମିନୀ ।
ଯା ଗୋବିନ୍ଦରସପ୍ରମୋଦମଧୁରା ସା ମାଧୁରୀ ମାଧୁରୀ,
ଯା ଲୋକଦ୍ୱୟସାଧନୀ ତନୁଭୃତାଂ ସା ଚାତୁରୀ ଚାତୁରୀ ॥ ୩୫୮ ॥

[ଗୁହ]

ଅନ୍ୱୟ—ଯା, ଯାମିନୀ, ରାକାଶଶିଶୋଭନା, ଗତଘନା, ସା, ଯାମିନୀ ଯାମିନୀ; ଯା, କାମିନୀ, ସୌନ୍ଦର୍ଯ୍ୟଗୁଣାନ୍ୱିତା, ଅପି ପତିରତା, ସା, କାମିନୀ, କାମିନୀ; ଯା, ମାଧୁରୀ, ଗୋବିନ୍ଦରସପ୍ରମୋଦମଧୁରା, ସା, ମାଧୁରୀ, ମାଧୁରୀ; ଯା ଚାତୁରୀ, ତନୁଭୃତାଂ, ଲୋକଦ୍ୱୟ ସାଧନୀ, ସା, ଚାତୁରୀ, ଚାତୁରୀ ।

GPNanda Colln., Digitized by srujanika@gmail.com

ଅର୍ଥ :—ପୂର୍ଣ୍ଣଚନ୍ଦ୍ରଶୋଭିତ ବିଗତଘନ ରାତ୍ରି, କେବଳ ରାତ୍ରି; ସୌନ୍ଦର୍ଯ୍ୟାଦି ଗୁଣରେ ବିଭୂଷିତ ପତିବ୍ରତା ସ୍ତ୍ରୀ, କେବଳ ସ୍ତ୍ରୀ; ଭଗବତ୍ ରସପୂର୍ଣ୍ଣ ମାଧୁରୀ, କେବଳ ମାଧୁରୀ; ପ୍ରାଣିମାନଙ୍କର ଇହଲୋକରେ ଯଶ ଓ ପର-ଲୋକରେ ସୁଖଦାୟିନୀ ବିଭୂତି କେବଳ ବିଭୂତି ।

ମୋ ପ୍ରଶ୍ନର ଉତ୍ତର କହି ଜଳ ପିଅ ।

କା ଚ ବାର୍ତ୍ତା କିମାଶ୍ଚର୍ଯ୍ୟଂ କଃ ପନ୍ଥାଃ କଶ୍ଚ ମୋଦତେ ।
ମମୈତାନ୍ ଚତୁରଃ ପ୍ରଶ୍ନାନ୍ କଥୟିତ୍ୱା ଜଳଂ ପିବ ॥ ୩୫୯ ॥

[ପଦ୍ମ]

ଅନ୍ୱୟ—ବାର୍ତ୍ତା, କା; ଚ, ଆଶ୍ଚର୍ଯ୍ୟଂ, କିଂ; କଃ, ପନ୍ଥାଃ; ଚ, କଃ, ମୋଦତେ; ଏତାନ୍, ମମ, ଚତୁରଃ, ପ୍ରଶ୍ନାନ୍, କଥୟିତ୍ୱା, ଜଳଂ, ପିବ ।

ଅର୍ଥ:—୧ ବାର୍ତ୍ତା କଣ ? ୨ ଆଶ୍ଚର୍ଯ୍ୟ କଣ ? ୩ ପନ୍ଥା କିଏ ? ୪ ସୁଖୀ କିଏ ? ମୋହର ଏହି ଚାରିଗୋଟି ପ୍ରଶ୍ନର ଉତ୍ତର କହି ଜଳପାନ କରନ୍ତୁ ।

ବାର୍ତ୍ତା ।

ଅସ୍ମିନ୍ ମହାମୋହମୟେ କଟାହେ, ସୂର୍ଯ୍ୟାଗ୍ନିନା ରାତ୍ରିଦିବେନ୍ଧନେନ ।
ମାସର୍ତ୍ତୁଦର୍ବୀପରିଘଟ୍ଟନେନ, ଭୂତାନି କାଳଃ ପଚତୀତି ବାର୍ତ୍ତା ॥ ୩୬୦ ॥

[ପଦ୍ମ]

ଅନ୍ୱୟ—କାଳଃ, ମହାମୋହମୟେ, ଅସ୍ମିନ୍, କଟାହେ, ରାତ୍ରିଦିବେନ୍ଧନେନ, ସୂର୍ଯ୍ୟାଗ୍ନିନା, ମାସର୍ତ୍ତୁଦର୍ବୀପରିଘଟ୍ଟନେନ, ଭୂତାନି, ପଚତି, ଇତି, ବାର୍ତ୍ତା ।

ଅର୍ଥ :—କାଳ ଏହି ମହାମୋହପୂର୍ଣ୍ଣ ସଂସାରରୂପ କଡେଇରେ ଦିବାରାତ୍ରି-ରୂପ କାଠରୁ ସୂର୍ଯ୍ୟରୂପ ଅଗ୍ନିରେ ଦଗ୍ଧ କରି ପ୍ରାଣିମାନଙ୍କୁ ମାସ-ଋତୁ-ସ୍ୱରୂପ ଚଟୁ-ଚୂଳରେ ଘାଣ୍ଟି ଘାଣ୍ଟି ପାକ କରୁଅଛି, ଏହାହିଁ ବାର୍ତ୍ତା ।

GPNanda Colln., Digitized by srujanika@gmail.com

ଆଶ୍ଚର୍ଯ୍ୟ ।

ଅହନ୍ୟହନି ଭୂତାନି ଗଚ୍ଛନ୍ତି ଯମମନ୍ଦିରଂ ।
ଶେଷାଃ ସ୍ଥିରତ୍ୱମିଚ୍ଛନ୍ତି କିମାଶ୍ଚର୍ଯ୍ୟମତଃପରଂ ॥ ୩୨୧ ॥ [ପଦ୍ମ]

ଅନ୍ୱୟ—ଅହନି, ଅହନି, ଭୂତାନି, ଯମମନ୍ଦିରଂ, ଗଚ୍ଛନ୍ତି; ଶେଷାଃ, ସ୍ଥିରତ୍ୱଂ, ଇଚ୍ଛନ୍ତି, ଅତଃ, ପରଂ, କିଂ, ଆଶ୍ଚର୍ଯ୍ୟଂ ।

ଅର୍ଥ :—ପ୍ରାଣିମାନେ ପ୍ରତ୍ୟହ ଯମମନ୍ଦିରକୁ ଯାଉଅଛନ୍ତି, ମାତ୍ର ଏହା ଦେଖି ଶୁଣି ସୁଦ୍ଧା ଅବଶିଷ୍ଟ ପ୍ରାଣିମାନେ ଆପଣା ଆପଣାକୁ ଚିରଜୀବୀ ମନେ କରୁଅଛନ୍ତି; ଏହାହିଁ ଆଶ୍ଚର୍ଯ୍ୟର ବିଷୟ ।

ପନ୍ଥା ।

ବେଦା ବିଭିନ୍ନାଃ ସ୍ମୃତୟୋ ବିଭିନ୍ନାଃ ନାସୌ ମୁନିର୍ଯସ୍ୟ ମତଂ ନ ଭିନ୍ନଂ ।
ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ ମହାଜନୋ ଯେନ ଗତଃ ସ ପନ୍ଥାଃ ॥ ୩୨୨ ॥
[ପଦ୍ମ]

ଅନ୍ୱୟ—ବେଦାଃ, ବିଭିନ୍ନାଃ; ସ୍ମୃତୟଃ, ବିଭିନ୍ନାଃ; ଯସ୍ୟ, ମତଂ, ନ, ଭିନ୍ନଂ, ଅସୌ, ମୁନିଃ, ନ; ଧର୍ମସ୍ୟ, ତତ୍ତ୍ୱଂ, ଗୁହାୟାଂ, ନିହିତଂ; ମହାଜନଃ, ଯେନ, ଗତଃ, ସଃ, ପନ୍ଥାଃ ।

ଅର୍ଥ :—ବେଦ ଓ ସ୍ମୃତିର ଭିନ୍ନ ଭିନ୍ନ ମତ—ଏପରି ମୁନି ନାହାନ୍ତି ଯାହାଙ୍କର ମତ ବିଭିନ୍ନ ନୁହେଁ । ଧର୍ମର ତତ୍ତ୍ୱ ବଡ଼ହିଁ ଦୁରୂହ, ମାତ୍ର ମହତ୍‌ଜନମାନେ ଯାହା କରନ୍ତି ଓ କହନ୍ତି, ତାହାହିଁ ଧର୍ମରୂପରେ ଆଦୃତ ହୋଇଥାଏ ।

ଅନୁରୂପ ଶ୍ଳୋକ ।

ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥ ୩୨୩ ।
[ଗୀତା]

GPNanda Colln., Digitized by srujanika@gmail.com

ଅନ୍ୱୟ—ଶ୍ରେଷ୍ଠଃ, ଯତ୍, ଯତ୍, ଆଚରତେ; ଇତରଃ, ଜନଃ, ତତ୍, ତତ୍, ଏବ, କୁରୁତେ; ସଃ, ଯତ୍, ପ୍ରମାଣଂ, କୁରୁତେ, ଲୋକଃ, ତତ୍, ଅନୁବର୍ତ୍ତତେ ।

ଅର୍ଥ :—ମହତ୍ ଲୋକମାନେ ଯାହା ଯାହା ଆଚରଣ କରନ୍ତି, ଇତର ଲୋକମାନେ ତାହାହିଁ କରନ୍ତି । ସେମାନେ ଯାହା ପ୍ରମାଣ ବୋଲି ସ୍ଥିର କରନ୍ତି, ଲୋକେ ସେହି ଅନୁସାରେ କାର୍ଯ୍ୟ କରନ୍ତି ।

ସୁଖୀ ।

ଦିବସସ୍ୟାଷ୍ଟମେ ଭାଗେ ଶାକଂ ପଚତି ଯୋ ନରଃ ।
ଅନୃଣୀ ଚାପ୍ରବାସୀ ଚ ସ ବାରିଚର ! ମୋଦତେ ॥ ୩୭୪ ॥ [ପଦ୍ମ]

ଅନ୍ୱୟ—ଯଃ, ନରଃ, ଦିବସସ୍ୟ, ଅଷ୍ଟମେ, ଭାଗେ, ଶାକଂ, ପଚତି, ସଃ, ଅନୃଣୀ, ଚ, ଅପ୍ରବାସୀ, ଚେତ୍, ହେ ବାରିଚର ! ସଃ, ମୋଦତେ ।

ଅର୍ଥ :—ହେ ଧର୍ମବକ ! ଯେଉଁ ଲୋକ ଋଣ ଓ ପ୍ରବାସ ନ କରି କେବଳ ଦିନାର୍ଦ୍ଧ ସମୟରେ ଶାକାନ୍ନ ମାତ୍ର ଭୋଜନ କରେ, ସେହି କେବଳ ସୁଖୀ ।

ପ୍ରତାରଣାରେ ପଡ଼ିଥିବା ଲୋକର ଅନୁତାପ ।

ଛାୟାଭିଃ ପ୍ରଥମଂ ତତସ୍ତୁ କୁସୁମୈଃ ପଶ୍ଚାତ୍ ଫଳୈଃ ସ୍ୱାଦୁଭିଃ,
ପ୍ରୀଣାତ୍ୟେଷ ତରୁଃ ସମସ୍ତପଥିକାନତ୍ୟାଶ୍ରିତୋଽୟଂ ମୟା ।
କୋ ଜାନାତି ଯଦସ୍ୟ କୋଟରଗତଃ ପ୍ରତ୍ୟଗ୍ରହାଳାହଳ—
ଜ୍ୱାଳାଜାଳକରାଳକାଳଦଶନଃ କ୍ରୁଦ୍ଧଃ ଫଣୀ ବର୍ତ୍ତତେ ॥ ୩୭୫ ॥

[ପଦ୍ମ]

ଅନ୍ୱୟ—ଏଷଃ, ତରୁଃ, ପ୍ରଥମଂ, ଛାୟାଭିଃ, ଚ, ତତଃ, କୁସୁମୈଃ, ପଶ୍ଚାତ୍, ସ୍ୱାଦୁଭିଃ, ଫଳୈଃ, ସମସ୍ତ ପଥିକାନ୍, ପ୍ରୀଣାତି, ଇତି, ଅୟଂ, ମୟା,

GPNanda Colln., Digitized by srujanika@gmail.com

ଅଣି ତଃ;ତଃ, ଛାୟାଢ୍ୟ; ଯତ୍, ଅସ୍ୟ, କୋଟରଗତଃ, ପତ୍ୟଗ୍ରହାଳାହଳଜ୍ୱାଳା-ଜାଲକରାଳକାଳଦଶନଃ, କୃଷ୍ଣଃ, ଫଣୀ, ବର୍ତ୍ତତେ ।

ଅର୍ଥ :—ପ୍ରଥମେ ଛାୟା, ଫଳ ଫୁଲ ଓ ଫଳଦ୍ୱାରା ଏହି ବୃକ୍ଷ ସମସ୍ତ ପଥିକମାନଙ୍କୁ ସନ୍ତୁଷ୍ଟ କରିବାର ଦେଖି ଆମ୍ଭେ ମଧ୍ୟ ସେହି ବୃକ୍ଷର ଆଶ୍ରୟ ନେଲୁଁ । ଅହା, କିଏ ଜାଣିଥିଲା, ସେହି ବୃକ୍ଷର କୋଡ଼ରେ ହାଳାହଳବିଷଦନ୍ତା ଭୟଙ୍କର କୃଷ୍ଣ ସର୍ପ ଅଛି ବୋଲି ।

ମିତ୍ରର ପାଖ ଓ ଦୂର ଉଭୟ ସମାନ ।

ଗିରୌ କଳାପୀ ଗଗନେ ପୟୋଦା,
ଲକ୍ଷାନ୍ତରେଽର୍କଶ୍ଚ ଜଲେଷୁ ପଦ୍ମାଃ ।
ଇନ୍ଦୁର୍ଦ୍ୱିଲକ୍ଷଂ କୁମୁଦସ୍ୟ ବନ୍ଧୁ - -
ର୍ଯୋଯସ୍ୟ ମିତ୍ରଂ ନ ହି ତସ୍ୟ ଦୂରଂ ॥ ୩୬୨ ॥

[ନୀତିସାର]

ଅନ୍ୱୟ—ଗିରୌ, କଳାପୀ, ଗଗନେ, ପୟୋଦାଃ, ଚ, ଅର୍କଃ, ଲକ୍ଷାନ୍ତରେ, ଜଲେଷୁ, ପଦ୍ମାଃ, ଇନ୍ଦୁଃ, ଦ୍ୱିଲକ୍ଷଂ, କୁମୁଦସ୍ୟ, ବନ୍ଧୁଃ, ହି, ଯଃ, ଯସ୍ୟ, ମିତ୍ରଂ, ତସ୍ୟ, ଦୂରଂ, ନ ।

ଅର୍ଥ :—ପର୍ବତରେ ମୟୂର ଓ ଆକାଶରେ ମେଘ, ଲକ୍ଷ ଯୋଜନ ଦୂରରେ ସୂର୍ଯ୍ୟ ଓ ଜଳରେ ପଦ୍ମ, ଦୁଇ ଲକ୍ଷ ଯୋଜନ ଦୂରରେ ଚନ୍ଦ୍ର ଓ ଜଳରେ କୁମୁଦ; ତଥାପି ମେଘ, ସୂର୍ଯ୍ୟ ଓ ଚନ୍ଦ୍ର ଅତି ଦୂରରେ ଥାଇ ମଧ୍ୟ ବନ୍ଧୁର କାର୍ଯ୍ୟ କରଥାନ୍ତି । ଏଣୁ ଯେ ଯାହାର ମିତ୍ର, ତାହାର ଦୂର ଓ ପାଖ ସମାନ ଅଟେ ।

ଅନୁରୂପ ଶ୍ଳୋକ ।

ନ ହି ଭବତି ବିୟୋଗଃ ସ୍ନେହବିଚ୍ଛେଦହେତୁ—
ର୍ଜଗତି ଗୁଣନିଧୀନାଂ ସଜ୍ଜନାନାଂ କଦାଚିତ୍ ।

GPNanda Colln., Digitized by srujanika@gmail.com

ଘନତମିରନିରୁଦ୍ଧୋ ଦୂରସଂସ୍ଥୋଽପି ଚନ୍ଦ୍ରଃ,
କିମୁ କୁମୁଦବନାନାଂ ପ୍ରେମଭଙ୍ଗଂ କରୋତି ॥ ୩୭୭ ॥

[ପଦ]

ଅନ୍ୱୟ—ଜଗତି, ଗୁଣନିଧୀନାଂ, ସଜ୍ଜନାନାଂ, ବିୟୋଗଃ, କଦାଚିତ୍, ସ୍ନେହବିଚ୍ଛେଦହେତୁଃ, ନ, ଭବତି; ହି, ଚନ୍ଦ୍ରଃ, ଦୂରସଂସ୍ଥଃ, ଘନତମିର-ନିରୁଦ୍ଧଃ, ଅପି, କୁମୁଦବନାନାଂ, ପ୍ରେମଭଙ୍ଗଂ, କରୋତି, କିମୁ ।

ଅର୍ଥ :—ଏହି ଜଗତ ମଧ୍ୟରେ ସଜ୍ଜନ ଗୁଣୀମାନଙ୍କର ବିୟୋଗ ସ୍ନେହ-ବିଚ୍ଛେଦର କାରଣ ହୁଏ ନାହିଁ । ଦେଖନ୍ତୁ, ଚନ୍ଦ୍ର ଦୂରସଂସ୍ଥ ଓ ଘନତମିରା-ଚ୍ଛାଦିତ ହେଲେହେଁ ସେ କଣ କୁମୁଦମାନଙ୍କ ବିକାଶର କାରଣ ନୁହେ ?

ପୁନଶ୍ଚ ।

ଦୂରସ୍ଥୋଽପି ସମୀପସ୍ଥୋ ଯୋ ଯସ୍ୟ ହୃଦି ବର୍ତ୍ତତେ ।
ଯୋ ଯସ୍ୟ ହୃଦୟେ ନାସ୍ତି ସମୀପସ୍ଥୋଽପି ଦୂରତଃ ॥

ଅନ୍ୱୟ—ଯଃ, ଯସ୍ୟ, ହୃଦି, ବର୍ତ୍ତତେ, ସଃ, ଦୂରସ୍ଥଃ, ଅପି, ସମୀପସ୍ଥଃ; ଯଃ, ଯସ୍ୟ, ହୃଦୟେ, ନ, ଅସ୍ତି, ସଃ, ସମୀପସ୍ଥଃ, ଅପି, ଦୂରତଃ ।

ଅର୍ଥ :—ଯେ ଯାହାକୁ ଭଲ ପାଏ, ସେ ଦୂରରେ ଥାଇ ମଧ୍ୟ ନିକଟରେ ଥିଲା ପ୍ରାୟ ଏବ ଯେ ଯାହାକୁ ଭଲ ନ ପାଏ, ସେ ନିକଟରେ ଥିଲେ ମଧ୍ୟ ଦୂରସ୍ଥ ପ୍ରାୟ ।

ସ୍ନେହୀ ବନ୍ଧୁର ଉକ୍ତି ।

ସ୍ମରସି ତ୍ୱମମଂ ବନ୍ଧୋ ! ନ ପୁନସ୍ତ୍ୱାଂ ସ୍ମରାମ୍ୟହଂ ।
ସ୍ମରଣଂ ଚେତସୋ ଧର୍ମସ୍ତଦେବ ଭବଦନ୍ତିକେ ॥ ୩୭୮ ॥

[ପଦ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ବନ୍ଧୋ ! ତ୍ୱଂ, ଇମଂ, ସ୍ମରସି, ତୁ, ପୁନଃ, ଅହଂ, ତ୍ୱାଂ, ନ, ସ୍ମରାମି; ସ୍ମରଣଂ, ଚେତସଃ, ଧର୍ମଃ, ତତ୍, ଏବ, ଭବଦନ୍ତିକେ, ବର୍ତ୍ତତେ ।

ଅର୍ଥ :—ହେ ମିତ୍ର ! ଆପଣ ଆମ୍ଭଙ୍କୁ ସ୍ମରଣ କରୁଅଛନ୍ତି ତ ? ମାତ୍ର ମୁଁ ଆପଣଙ୍କୁ ସ୍ମରଣ କରି ପାରୁ ନାହିଁ; କାରଣ ସ୍ମରଣ ଚିତ୍ତର ଧର୍ମ ଅଟେ, ତାହା ମଧ୍ୟ ଆପଣଙ୍କ ନିକଟରେ ସର୍ବଦା ବିଦ୍ୟମାନ ଅଛି ।

ମିତ୍ରର ମୈତ୍ର୍ୟ ।

କ୍ଷୀରେଣାତ୍ମଗତୋଦକାୟ ହି ଗୁଣାଃ ଦତ୍ତାଃ ପୁରା ତେଽଖିଲାଃ,
କ୍ଷୀରେ ତାପମବେକ୍ଷ୍ୟ ତେନ ପୟସା ହ୍ୟାତ୍ମା କୃଶାନୌ ହୁତଃ ।
ଗନ୍ତୁଂ ପାବକମୁନ୍ମନସ୍ତଦଭବଦ୍ଦୃଷ୍ଟ୍ୱା ତୁ ମିତ୍ରାପଦଂ,
ଯୁକ୍ତା ତେନ ଜଳେନ ସମ୍ପ୍ରତି ସତାଂ ମୈତ୍ରୀପୁନସ୍ତ୍ୱୀଦୃଶୀ ॥ ୩୬୯ ॥
[ନୀତ]

ଅନ୍ୱୟ—ପୁରା, କ୍ଷୀରେଣ, ଅଖିଳାଃ, ଗୁଣାଃ, ଆତ୍ମଗତୋଦକାୟ, ଦତ୍ତାଃ; ହି, କ୍ଷୀରେ, ତାପଂ, ଅବେକ୍ଷ୍ୟ, ତେନ, ପୟସା, ଆତ୍ମା, କୃଶାନୌ, ହୁତଃ; ତୁ, ତତ୍, ମିତ୍ରାପଦଂ, ଦୃଷ୍ଟ୍ୱା, ପାବକଂ, ଗନ୍ତୁଂ, ଉନ୍ମନଃ, ଅଭବତ୍; ପୁନଃ, ତେନ, ଜଳେନ, ଯୁକ୍ତା ; ତୁ, ସଂପ୍ରତି, ସତାଂ, ଈଦୃଶୀ, ମୈତ୍ରୀ, ବାଞ୍ଛନୀୟା ।

ଅର୍ଥ :—ପ୍ରଥମେ କ୍ଷୀର ନିଜର ମିଶ୍ର ଜଳକୁ ସ୍ୱୀୟ ଗୁଣ ପ୍ରଦାନ କଲା; ଅନନ୍ତର ଜଳ କ୍ଷୀରର ତାପ ଦେଖି ନିଜେ ମଧ୍ୟ ଅଗ୍ନିକୁ ଡେଇଁ ପଡ଼ିଲା, ଏପରି ମିତ୍ରର ଆପଦ ଦେଖି ଅଗ୍ନିରେ ପଶିବାକୁ ଉଦ୍ୟତ ହେଲା; ମାତ୍ର କ୍ଷୀର ଜଳମିଶ୍ରିତ ହେବାରୁ ସ୍ଥିର ହେଲା । ଅତଏବ ଏହିପରି ମିତ୍ରତା ସଜ୍ଜନମାନଙ୍କର ହେବା ଉଚିତ ।

GPNanda Colln., Digitized by srujanika@gmail.com

ଏହି ଏହି ଗୁଣ ଥିଲେ ପ୍ରଶଂସନୀୟ ହୁଅନ୍ତି ।

ବାଞ୍ଛା ସଜ୍ଜନସଙ୍ଗମେ ପରଗୁଣେ ପ୍ରୀତିର୍ଗୁରୌ ନମ୍ରତା,
ବିଦ୍ୟାୟାଂ ବ୍ୟସନଂ ସ୍ୱଯୋଷିତି ରତିର୍ଲୋକାପବାଦାଦ୍ଭୟଂ ।
ଭକ୍ତିଃ ଶୂଳିନି ଶକ୍ତିରାତ୍ମଦମନେ ସଂସର୍ଗମୁକ୍ତିଃ ଖଳେ,
ଯେତେ ଯତ୍ର ବସନ୍ତି ନିର୍ମଳଗୁଣାସ୍ତେଭ୍ୟୋ ନରେଭ୍ୟୋ ନମଃ । ୩୭୦ ।

[ସକ୍ତି]

ଅନ୍ୱୟ—ସଜ୍ଜନସଙ୍ଗମେ, ବାଞ୍ଛା, ପରଗୁଣେ, ପ୍ରୀତିଃ, ଗୁରୌ, ନମ୍ରତା, ବିଦ୍ୟାୟାଂ, ବ୍ୟସନଂ, ସ୍ୱଯୋଷିତି, ରତିଃ, ଲୋକାପବାଦାତ୍, ଭୟଂ, ଶୂଳିନି, ଭକ୍ତିଃ, ଆତ୍ମଦମନେ, ଶକ୍ତିଃ, ଚ, ଖଳେ, ସଂସର୍ଗମୁକ୍ତିଃ, ଯତ୍ର, ଏତେ, ନିର୍ମଳ-ଗୁଣାଃ, ବସନ୍ତି, ତେଭ୍ୟଃ, ନରେଭ୍ୟଃ, ନମଃ ।

ଅର୍ଥ :—ଯେଉଁମାନଙ୍କର ସଜ୍ଜନ-ସଂସର୍ଗ, ପର ଗୁଣ ପ୍ରତି ଆଦର, ଗୁରୁଙ୍କ-ଠାରେ ନମ୍ରତା, ବିଦ୍ୟାଧ୍ୟୟନରେ କାଳାତିପାତ, ନିଜର ସ୍ତ୍ରୀ ଠାରେ ସ୍ନେହ, ଲୋକାପବାଦ ପ୍ରତି ଭୟ, ଶିବଙ୍କଠାରେ ଭକ୍ତି, ଇନ୍ଦ୍ରିୟନିଗ୍ରହ ପ୍ରତି ସାମର୍ଥ୍ୟ ଓ ଖଳର ସଂସର୍ଗ ବର୍ଜନ ପ୍ରଭୃତି ନିର୍ମଳ ଗୁଣ ଥାଏ, ସେହିମାନେ କେବଳ ପୂଜ୍ୟ ଅଟନ୍ତି ।

ଲୋକେ ଏହିସବୁ ଗୁଣରେ ବଶୀଭୂତ ହୁଅନ୍ତି ।

ମିତ୍ରଂ ସ୍ୱଚ୍ଛତୟା ରିପୁଂ ନୟବଳୈର୍ଲୁବ୍ଧଂ ଧନୈରୀଶ୍ୱରଂ,
କାର୍ଯ୍ୟେଣ ଦ୍ୱିଜମାଦରେଣ ଯୁବତୀଂ ପ୍ରେମ୍ଣା ସମୈର୍ବାନ୍ଧବାନ୍ ।
ଅତ୍ୟୁଗ୍ରଂ ସ୍ତୁତିଭିର୍ଗୁରୁଂ ପ୍ରଣତିଭିର୍ମୂର୍ଖଂ କଥାଭିର୍ବୁଧଂ,
ବିଦ୍ୟାଭି ରସିକଂ ରସେନ ସକଳଂ ଶୀଳେନ କୁର୍ଯ୍ୟାଦ୍ୱଶଂ । ୩୭୧ ।

[ନବରତ୍ନ]

ଅନ୍ୱୟ—ମିତ୍ରଂ, ସ୍ୱଚ୍ଛତୟା, ରିପୁଂ, ନୟବଳୈଃ, ଲୁବ୍ଧଂ, ଧନୈଃ, ଈଶ୍ୱରଂ, କାର୍ଯ୍ୟେଣ, ଦ୍ୱିଜଂ, ଆଦରେଣ, ଯୁବତୀଂ, ପ୍ରେମ୍ଣା, ବାନ୍ଧବାନ୍,

GPNanda Colln., Digitized by srujanika@gmail.com

ସର୍ବୈଃ; ଅଲୁବ୍ଧଂ, ସ୍ତୁତିଭିଃ, ଗୁରୁଂ, ପ୍ରଣତିଭିଃ, ମୂର୍ଖଂ, କଥାଭିଃ, ବୁଧଂ, ବିଦ୍ୟାଭିଃ, ରସିକଂ, ରସେନ; ସକଳଂ, ଶୀଳେନ, ବଶଂ, କୁର୍ଯ୍ୟାତ୍ ।

ଅର୍ଥ :—ମିତ୍ରମାନଙ୍କୁ ସ୍ୱଚ୍ଛତା, ଶତ୍ରୁମାନଙ୍କୁ କୂଟନୀତି, ଲୋଭମାନଙ୍କୁ ଧନ, ରାଜାମାନଙ୍କୁ କାର୍ଯ୍ୟଦକ୍ଷତା, ବ୍ରାହ୍ମଣମାନଙ୍କୁ ଆଦର, ସ୍ତ୍ରୀମାନଙ୍କୁ ସ୍ନେହ, ବନ୍ଧୁମାନଙ୍କୁ ସମତା, ଅଭିବଡମାନଙ୍କୁ ସ୍ତୁତି, ଗୁରୁଜନମାନଙ୍କୁ ନମ୍ରତା, ମୂର୍ଖମାନଙ୍କୁ କାପଟ୍ୟ, ପଣ୍ଡିତମାନଙ୍କୁ ବିଦ୍ୟା, ରସିକମାନଙ୍କୁ ରସ ଏବଂ ସମସ୍ତଙ୍କୁ ସଚ୍ଚରିତ୍ରତା ଦ୍ୱାରେ ବଶ କରାଯାଏ ।

ଏହିମାନଙ୍କର ଏହାହିଁ ବଳ ।

ସ୍ତ୍ରୀଣାଂ ଯୌବନମର୍ଥିନାମନୁଗମୋ ରାଜ୍ଞାଂ ପ୍ରତାପଃ ସତାଂ
ସତ୍ୟଂ ସ୍ୱଳ୍ପଧନସ୍ୟ ସଂଚୟୋଽସଦ୍ବୃତ୍ତସ୍ୟ ବାଗ୍ଡମ୍ବରଃ ।
ସାଗ୍ରହସ୍ୟ ମନୋଦ୍ୟମଃ ପରିଣତେର୍ବିଦ୍ୟା କୁଳସ୍ୟୈକତା,
ସେବାୟା ଧନମନ୍ନତେର୍ଗୁଣଚୟଃ ଶାସ୍ତ୍ରେର୍ବିବେକୋ ବଳଂ ॥ ୩୭୬ ।

[ନୀତି]

ଅନ୍ୱୟ—ସ୍ତ୍ରୀଣାଂ, ଯୌବନଂ; ଅର୍ଥିନାଂ, ଅନୁଗମଃ; ରାଜ୍ଞାଂ, ପ୍ରତାପଃ; ସତାଂ, ସତ୍ୟଂ; ସ୍ୱଳ୍ପଧନସ୍ୟ, ସଂଚୟଃ; ଅସଦ୍ବୃତ୍ତସ୍ୟ, ବାଗ୍ଡମ୍ବରଃ; ସାଗ୍ରହସ୍ୟ ମନୋଦ୍ୟମଃ; ପରିଣତେଃ, ବିଦ୍ୟା; କୁଳସ୍ୟ, ଏକତା; ସେବାୟାଃ, ଧନଂ; ଉନ୍ନତେଃ, ଗୁଣଚୟଃ; ଶାସ୍ତ୍ରେଃ, ବିବେକଃ, ବଳଂ ।

ଅର୍ଥ :—ସ୍ତ୍ରୀମାନଙ୍କର ଯୌବନ, ଅର୍ଥିମାନଙ୍କର ପଶ୍ଚାଦ୍ଗମନ, ରାଜାମାନଙ୍କର ପ୍ରତାପ, ସଜ୍ଜନମାନଙ୍କର ସତ୍ୟତା, ନିର୍ଦ୍ଧନମାନଙ୍କର ସଞ୍ଚୟ, ଅସଚ୍ଚରିତ୍ରମାନଙ୍କର ବାଗାଡ଼ମ୍ବର, ଅଗ୍ରହମାନଙ୍କ ନିର୍ମଳ ଭାବ, ପରିଣାମର ବିଦ୍ୟା, କୁଳର ଏକତା, ସେବାର ଧନ, ମାନର ଗୁଣ ଓ ଶାସ୍ତ୍ରର ବିବେକହିଁ ବଳ ।

GPNanda Colln., Digitized by srujanika@gmail.com

ଏହି ଏହିମାନେ ଏହି ଏହିମାନଙ୍କୁ ଛାଡଯାନ୍ତି ।

ବୃକ୍ଷଂ କ୍ଷୀଣଫଳଂ ତ୍ୟଜନ୍ତି ବିହଗାଃ ଶୁଷ୍କଂ ସରଃ ସାରସାଃ,
ପୁଷ୍ପଂ ପର୍ଯ୍ୟୁଷିତଂ ତ୍ୟଜନ୍ତି ମଧୁପାଃ ଦଗ୍ଧଂ ବନାନ୍ତଂ ମୃଗାଃ ।
ନିର୍ଦ୍ରବ୍ୟଂ ପୁରୁଷଂ ତ୍ୟଜନ୍ତି ଗଣିକାଃ ଭ୍ରଷ୍ଟଶ୍ରିୟଂ ମନ୍ତ୍ରିଣଃ,
ସର୍ବଃ କାର୍ଯ୍ୟବଶାଜ୍ଜନୋଽଭିରମତେ କସ୍ୟାସ୍ତି କୋ ବଲ୍ଲଭଃ ॥ ୩୭୩ ।

[ସରୁ]

ଅନ୍ୱୟ—ବିହଗାଃ, କ୍ଷୀଣଫଳଂ, ବୃକ୍ଷଂ, ତ୍ୟଜନ୍ତି; ସାରସାଃ, ଶୁଷ୍କଂ, ସରଃ, ତ୍ୟଜନ୍ତି; ମଧୁପାଃ, ପର୍ଯ୍ୟୁଷିତଂ, ପୁଷ୍ପଂ, ତ୍ୟଜନ୍ତି; ମୃଗାଃ, ଦଗ୍ଧଂ, ବନାନ୍ତଂ, ତ୍ୟଜନ୍ତି, ଗଣିକାଃ, ନିର୍ଦ୍ରବ୍ୟଂ, ପୁରୁଷଂ, ତ୍ୟଜନ୍ତି; ମନ୍ତ୍ରିଣଃ, ଭ୍ରଷ୍ଟଶ୍ରିୟଂ, ନୃପଂ, ତ୍ୟଜନ୍ତି; ସର୍ବଃ, ଜନଃ, କାର୍ଯ୍ୟବଶାତ୍, ଅଭିରମତେ; କଃ, କସ୍ୟ, ବଲ୍ଲଭଃ, ଅସ୍ତି ।

ଅର୍ଥ :—ଫଳହୀନ ବୃକ୍ଷକୁ ପକ୍ଷୀ, ଜଳହୀନ ସରୋବରକୁ ହଂସ, ମ୍ଲାନ ପୁଷ୍ପକୁ ଭ୍ରମର, ଦଗ୍ଧ ବନକୁ ମୃଗ, ନିର୍ଦ୍ଧନ ପୁରୁଷକୁ ବେଶ୍ୟା ଓ ଶ୍ରୀଭ୍ରଷ୍ଟ ରାଜାଙ୍କୁ ମନ୍ତ୍ରୀମାନେ ତ୍ୟାଗ କରିଥାନ୍ତି, ଯେହେତୁ ସମସ୍ତେ କାର୍ଯ୍ୟର ପ୍ରିୟ ମାତ୍ର —ସ୍ୱତଃ ପ୍ରିୟ ନୁହନ୍ତି ।

ଏହି ଏହି ଦୋଷରେ ଏହି ଏହିମାନେ ହାସ୍ୟାସ୍ପଦ ହୁଅନ୍ତି ।

ବିଦ୍ୱାନ୍ ସଭଦ ପାଠକଃ ପରବଶୋ ମାନୀ ଦରିଦ୍ରୋ ଗୃହୀ,
ବିତ୍ତାଢ୍ୟଃ କୃପଣଃ ସୁଖୀ ପରବଶୋ ବୃଦ୍ଧୋ ନ ତୀର୍ଥାଶ୍ରିତଃ ।
ରାଜା ଦୁଃସଚିବପ୍ରିୟଃ କୁଲଭବୋ ମୂର୍ଖଃ ପୁମାନ୍ ସ୍ତ୍ରୀଜିତୋ,
ବେଦାନ୍ତୀ ହୃତସତ୍କ୍ରିୟଃ କମପରଂ ହାସ୍ୟାସ୍ପଦଂ ଭୂତଲେ ॥ ୩୭୪ ।

[କାବ୍ୟ]

ଅନ୍ୱୟ—ସଭଦ, ପାଠକଃ, ବିଦ୍ୱାନ୍; ପରବଶଃ, ମାନୀ; ଦରିଦ୍ରଃ, ଗୃହୀ; ବିତ୍ତାଢ୍ୟଃ, କୃପଣଃ ପରବଶଃ, ସୁଖୀ; ତୀର୍ଥଂ, ନ, ଆଶ୍ରିତଃ, ବୃଦ୍ଧଃ;

GPNanda Colln., Digitized by srujanika@gmail.com

ଦୁଃସଚିବପ୍ରେଯ୍ୟଃ ରାଜା; କୁଳଭବଃ, ମୂର୍ଖଃ; ସ୍ତ୍ରୀଜିତଃ, ପୁମାନ୍; ଧନମଲ୍ଲୁପ୍ୟଃ, ବେଦାନ୍ତୀ; ଭୂତଲେ. ଅତଃ, ଅପରଂ, ହାସ୍ୟାସ୍ପଦଂ, କିଂ, ଅସ୍ତି ।

ଅର୍ଥ :—ବଗୃହାଳଯ଼ୁରେ ପକ୍ଷାବଲମ୍ବୀ ପଣ୍ଡିତ, ପରାଧୀନ ମାନୀ, ଦରିଦ୍ର କ୍ରୋଧୀ, କୃପଣ ଧନୀ, ପରବଶ ସ୍ୱର୍ଗୀ, ତୀର୍ଥାଶ୍ରିତ ନ ହୋଇଥିବା ବୃଦ୍ଧ, ଦୁଷ୍ଟ ମନ୍ତ୍ରିପ୍ରିଯ଼ ରାଜା, କୁଳୀନ ମୂର୍ଖ, ସ୍ତ୍ରୀବଶ ପୁରୁଷ ଓ ଧନଲିପ୍ସୁ ବେଦାନ୍ତୀ ସର୍ବଦା ହାସ୍ୟାସ୍ପଦ ହୁଅନ୍ତି ।

ଏହିସବୁ ଘଟନା ଦୁଃଖପ୍ରଦ ଅଟେ ।

ସାଧ୍ୱୀ ସ୍ତ୍ରୀଣାଂ ଦଯ଼ିତବିରହେ ମାନିନାଂ ମାନଭଙ୍ଗେ,
ସଲ୍ଲୋକାନାମପି ଜନରବେ ନିଗ୍ରହେ ପଣ୍ଡିତାନାଂ ।
ଅନ୍ୟୋଦ୍ରେକେ କୁଟିଲମନସାଂ ନିର୍ଗୁଣାନାଂ ବିଦେଶେ,
ଭୃତ୍ୟାଭାବେ ଭବତି ମରଣଂ କିନ୍ତୁ ସମ୍ଭାବିତାନାଂ ॥ ୩୭୫ ।

[ମାଘରତ୍ନ]

ଅନ୍ୱଯ଼—ଦଯ଼ିତବିରହେ, ସାଧ୍ୱୀ ସ୍ତ୍ରୀଣାଂ; ମାନଭଙ୍ଗେ, ମାନିନାଂ; ଜନରବେ, ସଲ୍ଲୋକାନାଂ; ନିଗ୍ରହେ, ପଣ୍ଡିତାନାଂ; ଅନ୍ୟୋଦ୍ରେକେ, କୁଟିଲମନସାଂ; ବିଦେଶେ, ନିର୍ଗୁଣାନାଂ; ତୁ, ଭୃତ୍ୟାଭାବେ, ସମ୍ଭାବିତାନାଂ, ଅପି, ମରଣଂ, ଭବତି ।

ଅର୍ଥ :—ସତୀ ସ୍ତ୍ରୀମାନଙ୍କର କାନ୍ତବିରହ, ମାନୀମାନଙ୍କର ମାନଭଙ୍ଗ, ପ୍ରତିଷ୍ଠିତମାନଙ୍କର ଅପବାଦ, ପଣ୍ଡିତମାନଙ୍କର ହାରପଣ, କପଟୀମାନଙ୍କର କାପଟ୍ୟପ୍ରକାଶ, ନିର୍ଗୁଣମାନଙ୍କର ବିଦେଶ ଓ ଲବ୍ଧପ୍ରତିଷ୍ଠିତମାନଙ୍କର ଭୃତ୍ୟଭାବ ମରଣତୁଲ୍ୟ ଦୁଃଖପ୍ରଦ ଅଟେ ।

ଏହିସବୁ ଗୁଣ ନ ଥିଲେ ଏହିସବୁ କାର୍ଯ୍ୟରେ ଫଳ କଣ ?

ବଚ୍ଚେନ କିଂ ବଚରଣଂ ଯଦି ନାସ୍ତି ପାନେ,
କିଂ ସେବଯ଼ା ଯଦି ପରୋପକୃତୌ ନ ଯତ୍ନଃ ।

GPNanda Colln., Digitized by srujanika@gmail.com

କିଂ ସଙ୍ଗମେନ ତନୟୋ ଯଦି ନେକ୍ଷଣୀୟଃ,
କିଂ ଯୌବନେନ ବନିତା ଯଦି ବନ୍ଧ୍ୟଭାବ୍ୟାଃ ॥ ୩୭୬ ॥ [ଗୃହ]

ଅନ୍ୱୟ—ଧନେନ, ଯଦି, ବିତରଣଂ, ନ ଅସ୍ତି, ତେନ, ଧନେନ, କିଂ; ପରୋପକୃତୌ, ଯଦି, ଯତ୍ନଃ, ନ, ସେବୟା, କିଂ; ତନୟଃ, ଯଦି, ନ, ଈକ୍ଷଣୀୟଃ, ସଙ୍ଗମେନ, କିଂ; ବନ୍ଧ୍ୟଭାବ୍ୟାଃ, ଯଦି, ବନିତାଃ, ଯୌବନେନ, କିଂ ।

ଅର୍ଥ :—ଦରିଦ୍ରମାନଙ୍କୁ ବିତରଣ ନ କଲେ ସେ ଧନରେ ଫଳ କଣ ? ନିଜ ଯତ୍ନରେ ପରର ଉପକାର ସାଧନ କରି ନ ପାରିଲେ ପ୍ରଭୁଙ୍କ ସେବାରେ ବା ଫଳ କଣ ? ପୁତ୍ରହୀନ ହେଲେ ସ୍ତ୍ରୀସଂସର୍ଗରେ ଫଳ କଣ ? ଅନ୍ତର ମଧ୍ୟ ସ୍ତ୍ରୀ-ବିରହର ଯୌବନରେ ବା ଫଳ କଣ ?

ଅସନ୍ତୁଷ୍ଟର ପ୍ରାପ୍ତ ପରାଭବ ଅବସ୍ଥା ।

ଗନ୍ଧାଢ୍ୟାଂ ନବମଲ୍ଲିକାଂ ମଧୁକରସ୍ତ୍ୟକ୍ତ୍ୱା ଗତୋ ଯୂଥିକାଂ,
ଦୈବାତ୍ତାଂ ବିହାୟ ଚମ୍ପକବନଂ ପଶ୍ଚାତ୍ ସରୋଜଂ ଗତଃ ।
ବଦ୍ଧସ୍ତତ୍ର ନିଶାକରେଣ ବିଧିନା କ୍ରନ୍ଦତ୍ୟସୌ ମୂଢ଼ଧୀଃ,
ସନ୍ତୋଷେଣ ବିନା ପରାଭବପଦଂ ପ୍ରାପ୍ନୋତି ମୂଢ଼ୋ ଜନଃ । ୩୭୭ ।
[ଭ୍ରଙ୍କ]

ଅନ୍ୱୟ—ମଧୁକରଃ ଗନ୍ଧାଢ୍ୟାଂ, ନବମଲ୍ଲିକାଂ, ତ୍ୟକ୍ତ୍ୱା, ଯୂଥିକାଂ, ଗତଃ; ଚ, ଦୈବାତ୍, ତାଂ ବିହାୟ, ଚମ୍ପକବନଂ, ପଶ୍ଚାତ୍, ସରୋଜଂ, ଗତଃ; ତତ୍ର, ନିଶାକରେଣ, ବିଧିନା, ବଦ୍ଧଃ; ଅସୌ ମୂଢ଼ଧୀଃ, କ୍ରନ୍ଦତି; ହି, ମୂଢ଼ଃ, ଜନଃ, ସନ୍ତୋଷେଣ, ବିନା, ପରାଭବପଦଂ, ପ୍ରାପ୍ନୋତି ।

ଅର୍ଥ :—ଏହି ମୂଢ଼ ଭ୍ରମର ସୁଗନ୍ଧ ନବମଲ୍ଲିକାକୁ ଛାଡି ଯୂଥି ଫୁଲର ଆଶ୍ରୟ ନେଲା, ଦୈବାତ୍ ତାହାକୁ ଛାଡି ଚମ୍ପକବନ, ପୁନଶ୍ଚ ଚମ୍ପକବନକୁ ଛାଡି ପଦ୍ମର ଆଶ୍ରୟ ନେଲା; ବିଧିବିଧାନବଶତଃ ରାତ୍ରି ହୋଇଯିବାରୁ ସେହି ଦୁର୍ବୋଧ

GPNanda Colln., Digitized by srujanika@gmail.com

ଭ୍ରମର ମୁଦ୍ରିତ ପଦ୍ମରେ ରହି କ୍ରନ୍ଦନ କରିବାକୁ ଲାଗିଲା । ଦେଖିବାକୁ ଗଲେ, ସନ୍ତୋଷସ୍ଥାନ ଲୋକଙ୍କର ପ୍ରାୟ ଏହିପରି ପରାଭବ ଘଟିଥାଏ ।

ଗଙ୍ଗାର ଅଧୋଗମନରେ କବିର ଉକ୍ତି ।

ଶିରଃ ଶାର୍ବଂ ସ୍ୱର୍ଗାତ ପତତି ଶିରସସ୍ତତ୍ କ୍ଷିତିଧରଂ,
ମହୀଧ୍ରାଦୁତ୍ତୁଙ୍ଗାଦବନିମବନେଶ୍ଚାପି ଜଲଧିଂ ।
ଅଧୋଗଙ୍ଗା ସେୟଂ ପଦମୁପଗତା ସ୍ତୋକମଥବା,
ବିବେକଭ୍ରଷ୍ଟାନାଂ ଭବତି ବିନିପାତଃ ଶତମୁଖଃ ।୩୭୮। [ପଦ୍ମ]

ଅନ୍ୱୟ—ଗଙ୍ଗା, ସ୍ୱର୍ଗାତ୍, ଶାର୍ବଂ, ଶିରଃ, ପତତି; ଶିରସଃ, ତତ୍, କ୍ଷିତିଧରଂ, ପତତି; ଚ, ଉତ୍ତୁଙ୍ଗାତ୍, ମହୀଧ୍ରାତ୍, ଅବନିଂ; ଅବନେଃ, ଅପି, ଜଲଧିଂ, ପତତି; ଅତଃ, ସା ଇୟଂ, ଗଙ୍ଗା, ଅଧଃ, ସ୍ତୋକଂ, ପଦଂ, ଉପଗତା; ହି, ବିବେକଭ୍ରଷ୍ଟାନାଂ, ଶତମୁଖଃ, ବିନିପାତଃ, ଭବତି ।

ଅର୍ଥ :—ଏହି ଗଙ୍ଗାନଦୀ ସ୍ୱର୍ଗରୁ ଶିବଙ୍କ ମସ୍ତକରୁ ଅବତରଣ କରି ହିମାଳୟରେ ପତିତ ହେଲା; ତଦନନ୍ତର ସେହି ବିଷ୍ଣୁପଦାଗ୍ରସମ୍ଭୂତା ଗଙ୍ଗା ଅଧୋଗତିକ୍ରମେ ପର୍ବତରୁ ପୃଥିବୀକୁ ଓ ଭୂମିରୁ ସମୁଦ୍ରରେ ପତିତ ହେଲା, ଯେହେତୁ ବିବେକଭ୍ରଷ୍ଟମାନଙ୍କର ପ୍ରାୟ ବହୁପ୍ରକାର ପତନ ଘଟିଥାଏ ।

ଭ୍ରମରର କାର୍ଯ୍ୟଦ୍ୱୟାକୁଳତା ।

ଗନ୍ଧାଢ୍ୟାସୌ ଭୁବନବିଦିତା କେତକୀ ସ୍ୱର୍ଣ୍ଣବର୍ଣ୍ଣା,
ପଦ୍ମଭ୍ରାନ୍ତ୍ୟା କ୍ଷୁଧିତମଧୁପଃ ପୁଷ୍ପମଧ୍ୟେ ପପାତ ।
ଅନ୍ଧୀଭୂତଃ କୁସୁମରଜସା କଣ୍ଟକୈଶ୍ଛିନ୍ନପକ୍ଷଃ,
ସ୍ଥାତୁଂ ଗନ୍ତୁଂ ଦ୍ୱୟମପି ସଖେ ! ନୈବ ଶକ୍ତୋ ଦ୍ୱିରେଫଃ । ୩୭୯ ।
[ବୃବ]

GPNanda Colln., Digitized by srujanika@gmail.com

ଅନ୍ୱୟ—ସ୍ୱର୍ଣ୍ଣବର୍ଣ୍ଣା, ଗନ୍ଧାଢ୍ୟା, ଭୁବନବନ୍ଦିତା, ଅସୌ, କେତକୀ; ତତ୍ର, ମୁଗ୍ଧତମଧୁପଃ, ପଦ୍ମଭ୍ରାନ୍ତ୍ୟା, ପୁଷ୍ପମଧ୍ୟେ, ପପାତ; କଣ୍ଟକୈଃ, ଛିନ୍ନପକ୍ଷଃ; ଭୂୟମଦ ଜସା, ଅନ୍ଧୀଭୂତଃ, ହେ ସଖେ ! ଦ୍ୱିରେଫଃ, ସ୍ଥାତୁଂ, ଗନ୍ତୁଂ, ହ୍ୱପ୍ତୁଂ, ଅପି, ନ, ଏବ. ଶକ୍ତଃ ।

ଅର୍ଥ :—ହେ ମିତ୍ର ! ଏହି ଭ୍ରମର ପଦ୍ମଭ୍ରମରେ ମୁଧାଭୂଯ ହୋଇ ଭୁବନବନ୍ଦ୍ୟାତ ସୁଗନ୍ଧପୂର୍ଣ୍ଣ , ସ୍ୱର୍ଣ୍ଣବର୍ଣ୍ଣ କେତକୀ ମଧ୍ୟରେ ପ୍ରବେଶ କଲା; ଅନନ୍ତର କେତକୀକୁସୁମରଜରେ ଅନ୍ଧ ଓ କଣ୍ଟକଦ୍ୱାରା ଛିନ୍ନପକ୍ଷ ହୋଇ ତହିଁରୁ ଯାଇ ପାରିଲା ନାହିଁ, କି ରହି ପାରିଲା ନାହିଁ ।

ଅନୁରୂପ ଶ୍ଳୋକ ।

ତଂ ବୀକ୍ଷ୍ୟ ବେପଥୁମତୀ ସରସାଙ୍ଗଯଷ୍ଟି-
ର୍ନିକ୍ଷେପ ଏବ ପଦମୁଦ୍ଧୃତମର୍ପୟନ୍ତୀ ।
ମାର୍ଗାଚଲବ୍ୟତିକରାକୁଳିତେବ ସିନ୍ଧୁଃ,
ଶୈଳାଧିରାଜତନୟା ନ ଯଯୌ ନ ତସ୍ଥୌ ॥ ୩୮୦ ॥ [କୁମ]

ଅନ୍ୱୟ—ତଂ, ବୀକ୍ଷ୍ୟ, ସରସାଙ୍ଗଯଷ୍ଟିଃ, ଶୈଳାଧିରାଜତନୟା, ବେପଥୁମତୀ, ନିକ୍ଷେପେ, ଏବ, ଉଦ୍ଧୃତଂ, ପଦଂ, ଅର୍ପୟନ୍ତୀ, ମାର୍ଗାଚଲବ୍ୟତିକରାକୁଳିତା, ସିନ୍ଧୁ, ଇବ, ନ ଯଯୌ, ନ, ତସ୍ଥୌ ।

ଅର୍ଥ :—ସେହି ହିମାଳୟ-କନ୍ୟା ପାର୍ବତୀ ମହାଦେବଙ୍କୁ ଦେଖି କମ୍ପମାନା ହୋଇ ନିକ୍ଷେପ ପାଇଁ ଉଦ୍ଧୃତ ହୋଇଥିବା ପଦକୁ ଅର୍ପଣ କରି ଲଜ୍ଜାବଶତଃ ମାର୍ଗାଚଳର ଅବରୋଧହେତୁ ଦୁଇକୂଳରେ ବାଧିତ ନଦୀ ପ୍ରାୟ ଯାଇ ପାରିଲେ ନାହିଁ, କିମ୍ବା ରହି ପାରିଲେ ନାହିଁ ।

ଅପରଞ୍ଚ ।

ଯା ଏବ ସୀତାଂ ଦଦୃଶୁସ୍ତଦାନୀଂ,
ରୂପଂ ମନୋଜ୍ଞଂ ପ୍ରଶଶଂସୁରସ୍ୟାଃ ।

GPNanda Colln., Digitized by srujanika@gmail.com

ପଶ୍ଚାତ୍ ସ୍ୱପୁଚ୍ଛମନବେକ୍ଷ୍ୟ ଜଗ୍ମୁଃ,
ପଙ୍କଂ ବିଷାଦଂ କପିଯୋଷିତସ୍ତାଃ ॥ ୩୮୧ ॥ [ପଦ୍ମ]

ଅନ୍ୱୟ—ଯାଃ, ଏବ, କପିଯୋଷିତଃ, ସୀତାଂ, ଦଦୃଶୁଃ, ତାଃ, ତଦାନୀଂ, ଅସ୍ୟାଃ, ମନୋଜ୍ଞଂ, ରୂପଂ, ପ୍ରଶଶଂସୁଃ. ତୁ, ତାଃ, ଏବ, କପିଯୋଷିତଃ, ପଶ୍ଚାତ୍, ସ୍ୱପୁଚ୍ଛଂ ଅନବେକ୍ଷ୍ୟ, ପଙ୍କଂ, ବିଷାଦଂ, ଜଗ୍ମୁଃ ।

ଅର୍ଥ :—ଯେଉଁ ବାନରୀମାନେ ପ୍ରଥମେ ସୀତାଙ୍କର ରୂପସୌଷ୍ଠବ ପ୍ରଶଂସା କରିଥିଲେ, ପୁନର୍ବାର ସେହିମାନେ ସୀତାଙ୍କ ପଛରେ ଲାଙ୍ଗୁଳଟିଏ ନ ଥିବାର ଦେଖି ବିଧିବିଧାନକୁ ନିନ୍ଦା କରିବାକୁ ଲାଗିଲେ ।

ଅନୁରୂପ ଶ୍ଲୋକ ।

ସ୍ତୁବନ୍ତି ଗୁର୍ବୀମଭିଧେୟସମ୍ପଦଂ,
ବିଶୁଦ୍ଧିମୁକ୍ତେରପରେ ବିପଶ୍ଚିତଃ ।
ଇତି ସ୍ଥିତାୟାଂ ପ୍ରତିପୂରୁଷଂ ରୁଚୌ,
ସୁଦୁର୍ଲଭାଃ ସର୍ବମନୋରମା ଗିରଃ ॥ ୩୮୨ ॥ [କିରା]

ଅନ୍ୱୟ— ବିପଶ୍ଚିତଃ, ଗୁର୍ବୀଂ, ଅଭିଧେୟସମ୍ପଦଂ, ସ୍ତୁବନ୍ତି; ଅପରେ, ବିପଶ୍ଚିତଃ, ଉକ୍ତେଃ, ବିଶୁଦ୍ଧିଂ, ସ୍ତୁବନ୍ତି, ଇତି, ପ୍ରତିପୂରୁଷଂ, ରୁଚୌ, ସ୍ଥିତାୟାଂ, ସର୍ବ-ମନୋରମାଃ, ଗିରଃ, ସୁଦୁର୍ଲଭାଃ ।

ଅର୍ଥ :—କେହି କେହି ପଣ୍ଡିତମାନେ ଗୁର୍ବର୍ଥପ୍ରତିପାଦକ ପଦକୁ ଓ କେହି କେହି ଶବ୍ଦର ବିଶୁଦ୍ଧିକୁ ମଧ୍ୟ ପ୍ରଶଂସା କରନ୍ତି; ଯେହେତୁ ସର୍ବମନୋରମ ବାକ୍ୟହିଁ ବିରଳ ।

ରାଜାଙ୍କର କୀର୍ତ୍ତିବର୍ଣ୍ଣନା ।

ତ୍ୱତ୍କୀର୍ତ୍ତିର୍ବ୍ରଜତି ସମୀରପଦବୀମାରୁହ୍ୟ ଲୋକତ୍ରୟଂ,
ମଗ୍ନଂ ବ୍ୟାପ୍ୟସୁଖଂ ବଭୂବ କଳଙ୍କା ନକ୍ଷତ୍ରରୂପାସ୍ତୁ ଯାଃ ।

GPNanda Colln., Digitized by srujanika@gmail.com

ତାସାଂ ପ୍ରସ୍ଫୁଟମେକଦୈବ କୁସୁମଂ ତ୍ରୈଲୋକ୍ୟମାଘ୍ରାପୟନ୍,
ନୋ ଜାନେ ବିକଶିଷ୍ୟ ତାସୁ ଭବତା ସର୍ବାସୁ କୀଦୃକ୍ ଫଳଂ ॥୩୮୩॥

[ପଦ୍ମ]

ଅନ୍ୱୟ— ହେ ସ୍ୱଜନ୍, ତ୍ୱତ୍କୀର୍ତ୍ତିବ୍ରତତୀ, ସମୀରପଦବୀଂ, ଆରୁହ୍ୟ, ଲୋକତ୍ରୟଂ, ବ୍ୟାପ୍ତା; ତସ୍ମିଂ, ବ୍ୟୋମସ୍ୟସୂଂ, ତୁ, ନକ୍ଷତ୍ରରୂପାଃ, ଯାଃ, କଳିକାଃ, ବିଭ୍ରତି; ତାସାଂ, ଏକଂ, ଇନ୍ଦୁକୁସୁମଂ, ପ୍ରସ୍ଫୁଟଂ, ସତ୍, ତ୍ରୈଲୋକ୍ୟଂ, ଆଘ୍ରାପୟନ୍: ତାସୁ, ସର୍ବାସୁ, ବିକଶିଷ୍ୟୁ, କୀଦୃକ୍, ଫଳଂ, ଭବତା, ନୋ, ଜାନେ ।

ଅର୍ଥ :— ମହାରାଜ ! ଆପଣଙ୍କ କୀର୍ତ୍ତିଲତିକା ବାୟୁସାହାଯ୍ୟରେ ତ୍ରିଲୋକଗାମିନୀ ହୋଇ ମର୍ତ୍ତ୍ୟମଣ୍ଡଳକୁ ସୁଖପୂର୍ଣ୍ଣ କଲା ଏବଂ ନକ୍ଷତ୍ରରୂପ କଳିକାମାନଙ୍କୁ ଧାରଣ କଲା; ସେହି କଳିକା ମଧ୍ୟରୁ ପୂର୍ଣ୍ଣଚନ୍ଦ୍ରସ୍ୱରୂପ ଗୋଟିଏ ଫୁଲ ଫୁଟି ଜଗତକୁ ଦେଦୀପ୍ୟମାନ କଲା । ଯେତେବେଳେ ସମସ୍ତ କଳିକା ପ୍ରସ୍ଫୁଟିତ ହେବାକୁ ଲାଗିବେ, ସେତେବେଳେ କିପରି ସୌନ୍ଦର୍ଯ୍ୟ ଦେଖାଯିବ, ଆମ୍ଭେ ତାହା କଳନା କରି ପାରୁ ନାହୁଁ ।

ରାଜାଙ୍କର ପକ୍ଷପାତରେ କବିର ଉକ୍ତି ।

ତ୍ୱତ୍କୀର୍ତ୍ତ୍ୟା ପରିପାଣ୍ଡୁରୀକୃତଜଗଦ୍ବ୍ରହ୍ମାଣ୍ଡଭାଣ୍ଡୋଦରେ,
ଜମ୍ବାଳାନ୍ ବିଲଦନ୍ତି ପାଣ୍ଡୁରଧିୟା ଲମ୍ପାଳକା ବାଳକାଃ ।
କାଶ୍ମୀରମୁଖକାନ୍ତିଭ୍ରାନ୍ତକନକାନ୍ୟାଲୋକ୍ୟ ଲୌହାନ୍ୟପି,
ବ୍ୟାମୁଗ୍ଧାଃ ରଜତଭ୍ରମେଣ ବଣିଜଃ କ୍ରନ୍ଦନ୍ତି ନନ୍ଦନ୍ତି ଚ ॥ ୩୮୪ ॥

[ଶାର]

ଅନ୍ୱୟ— ହେ ରାଜନ୍, ତ୍ୱତ୍କୀର୍ତ୍ତ୍ୟା, ପରିପାଣ୍ଡୁରୀକୃତଜଗଦ୍ବ୍ରହ୍ମାଣ୍ଡ-ଭାଣ୍ଡୋଦରେ, ଲମ୍ପାଳକାଃ, ବାଳକାଃ, ଜମ୍ବାଳାନ, ପାଣ୍ଡୁରଧିୟା, ବିଲଦନ୍ତି; ବଣିଜଃ, କାଶ୍ମୀରମୁଖକାନ୍ତିଭ୍ରାନ୍ତକନକାନ, ଚ, ଲୌହାନ, ଅପି, ଆଲୋକ୍ୟ, ରଜତଭ୍ରମେଣ, ବ୍ୟାମୁଗ୍ଧାଃ, ସନ୍ତଃ, କ୍ରନ୍ଦନ୍ତି, ଚ, ନନ୍ଦନ୍ତି ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାରାଜ ! ଆପଣଙ୍କ କୀର୍ତ୍ତିରେ ଜଗତ୍ ପାଣ୍ଡୁରବର୍ଣ୍ଣ ଦେଖାଯିବାରୁ ଏହି ଜଗଦ୍ବ୍ରହ୍ମାଣ୍ଡ ମଧ୍ୟରେ ଲମ୍ପଟ ଶ୍ରେଷ୍ଠ ଶ୍ରେଷ୍ଠ ବାଳକମାନେ ମୃତ୍ତିକାରୁ ପାୟସ ଜ୍ଞାନ କରି ଅବଲେହନ କରୁଅଛନ୍ତି ଏବଂ ବଣିକମାନେ କାଶ୍ମୀରଦେଶୀୟ ସ୍ତ୍ରୀମାନଙ୍କର ମୁଖକାନ୍ତିଭ୍ରାନ୍ତିଜନକ ସୁବର୍ଣ୍ଣମାନଙ୍କୁ ରୌପ୍ୟରେ ପରିଣତ ହେବାର ଦେଖି ବିସ୍ମିତ ହୋଇ କାନ୍ଦୁଅଛନ୍ତି ଓ ଲୌହବ୍ୟବସାୟିମାନେ ନିଜ ନିଜର ଲୁହାଗୁଡ଼ିକୁ ରୌପ୍ୟ ପାଲଟିଯିବାର ଦେଖି ମଧ୍ୟ ଆନନ୍ଦିତ ହେଉଅଛନ୍ତି ।

ପୁନଶ୍ଚ ।

ମହାରାଜ ! ଶ୍ରୀମନ୍ ଜଗତି ଯଶସା ତେ ଧବଳିତେ,
ପୟଃପାରାବାରଂ ପରମପୁରୁଷୋଽୟଂ ମୃଗୟତେ ।
କପର୍ଦ୍ଦୀ କୈଳାସଂ କୁଳିଶଧରପାଣିଃ କରିବରଂ,
କଳାନାଥଂ ରାହୁଃ କମଳଭବନୋ ହଂସମଧୁନା ॥୭୫॥

[ମହାପଦ୍ୟାଷ୍ଟକ]

ଅନ୍ୱୟ—ହେ ଶ୍ରୀମନ୍ମହାରାଜ ! ତେ, ଯଶସା, ଜଗତି, ଧବଳିତେ, ଅୟଂ, ପରମପୁରୁଷଃ, ପୟଃପାରାବାରଂ, ମୃଗୟତେ; କପର୍ଦ୍ଦୀ, କୈଳାସଂ, କୁଳିଶଧରପାଣିଃ, କରିବରଂ, ରାହୁଃ, କଳାନାଥଂ, କମଳଭବନଃ, ଅଧୁନା, ହଂସଂ, ମୃଗୟତେ ।

ଅର୍ଥ :—ଶ୍ରୀମନ୍ମହାରାଜ ! ଆପଣଙ୍କ କୀର୍ତ୍ତିରେ ଜଗତ୍ ଧବଳିତ ହେବାରୁ ଭଗବାନ୍ ନିଜର ବାସସ୍ଥାନ କ୍ଷୀରସାଗର, ମହାଦେବ କୈଳାସପର୍ବତ, ଇନ୍ଦ୍ର ନିଜର ବାହନ ଐରାବତହସ୍ତୀ, ରାହୁ ଚନ୍ଦ୍ର ଓ ବ୍ରହ୍ମା ନିଜର ବାହନ ହଂସକୁ ମଧ୍ୟ ଖୋଜୁଅଛନ୍ତି ।

GPNanda Colln., Digitized by srujanika@gmail.com

ପ୍ରନଷ୍ଟ ।

କୀର୍ତ୍ତିସ୍ୱର୍ଗତରଙ୍ଗ ଣୀଭରଭରୈ ର୍ବୈକୁଣ୍ଠମାପ୍ଲାବିତଂ,
କ୍ଷୌଣୀନାଥ ! ତବ ପ୍ରତାପତପନୈଃ ସନ୍ତାପିତଃ କ୍ଷୀରଧିଃ ।
ଇତ୍ୟେବଂ ଦୟିତାଯୁଗେନ ହରିଣା ତ୍ୱଂ ଯାଚିତଃ ସ୍ୱାଶ୍ରୟଂ,
ହୃତ୍‌ପଦ୍ମଂ ହରୟେ ଶ୍ରିୟେ ସ୍ୱଭବନଂ କଣ୍ଠଂ ଗିରେ ଦତ୍ତବାନ୍ ।୩୮୬।
[ଧଦ]

ଅନ୍ୱୟ—ହେ କ୍ଷୌଣୀନାଥ, ତବ କୀର୍ତ୍ତିସ୍ୱର୍ଗତରଙ୍ଗିଣୀଭରୈଃ, ଅପରଃ. ବୈକୁଣ୍ଠଂ, ଆପ୍ଲାବିତଂ; ପ୍ରତାପତପନୈଃ, କ୍ଷୀରଧିଃ, ସନ୍ତାପିତଃ, ଇତି, ଦୟିତା-ଯୁଗେନ, ହରିଣା, ତ୍ୱଂ, ସ୍ୱାଶ୍ରୟଂ, ଯାଚିତଃ, ଏବଂ, ହରୟେ, ହୃତ୍‌ପଦ୍ମଂ, ଶ୍ରିୟେ, ସ୍ୱଭବନଂ, ଗିରେ, କଣ୍ଠଂ, ଦତ୍ତବାନ୍ ।

ଅର୍ଥ :—ହେ କ୍ଷୌଣୀନାଥ ! ଆପଣଙ୍କ କୀର୍ତ୍ତି-ଗଙ୍ଗା ବଢ଼ିବାରୁ ଶ୍ରୀମନ୍ ନାରାୟଣଙ୍କର ବାସସ୍ଥାନ ସ୍ୱୟଂ ବୈକୁଣ୍ଠ ଥରେ ଜଳରେ ପୂର୍ଣ୍ଣ ହୋଇଗଲା ଓ ଆପଣଙ୍କ ପ୍ରତାପତପନତାପରେ କ୍ଷୀରସାଗର ମଧ୍ୟ ଉତ୍ତପ୍ତ ହୋଇଗଲା । ଏଣୁ ସ୍ୱୟଂ ଭଗବାନ୍ ଆଶ୍ରୟବିହୀନ ହୋଇ ନିଜର ସ୍ତ୍ରୀଦ୍ୱୟ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଆପଣଙ୍କ ଆଶ୍ରୟ ନେଲେ । ଯାହା ହେଉ, ଆପଣ ମଧ୍ୟ ନିଜର ଉଦାରତା ଗୁଣରେ ଭଗବାନଙ୍କ ରହିବା ସକାଶେ ହୃତ୍‌ପଦ୍ମ, ଲକ୍ଷ୍ମୀଙ୍କ ରହିବା ସକାଶେ ଭଣ୍ଡାରଘର ଓ ସରସ୍ୱତୀଙ୍କ ରହିବା ସକାଶେ ନିଜର କଣ୍ଠଦେଶକୁ ମଧ୍ୟ ଅର୍ପଣ କରିଅଛନ୍ତି ।

ରାଜାଶୀର୍ବାଦ ।

ଲକ୍ଷ୍ମୀସ୍ତେ ପଙ୍କଜାକ୍ଷୀ ନିବସତୁ ସଦନେ ଭାରତୀ କଣ୍ଠଦେଶେ,
ବର୍ଦ୍ଧନ୍ତାଂ ବନ୍ଧୁବର୍ଗାଃ ପ୍ରବଳରିପୁଗଣାଃ ଯାନ୍ତୁ ପାତାଳମୂଳଂ ।
ଦେଶେ ଦେଶେ ଚ କୀର୍ତ୍ତିଃ ପ୍ରସରତୁ ଭବତାଂ କୁନ୍ଦପୁଷ୍ପେନ୍ଦୁଶୁଭ୍ରା,
ଜୀବ ତ୍ୱଂ ପୁତ୍ରପୌତ୍ରୈଃ ସକଳଗୁଣଯୁତଃ ସ୍ୱସ୍ତି ତେ ନିତ୍ୟମସ୍ତୁ ।
୩୮୭ [ପଦ]

GPNanda Colln., Digitized by srujanika@gmail.com

ଅନ୍ୱୟ—ମହାରାଜ ! ତେ, ସଦନେ, ପଙ୍କଜାକ୍ଷୀ, ଲକ୍ଷ୍ମୀଃ, ନିବସତୁ; କଣ୍ଠଦେଶେ, ଭାରତୀ, ନିବସତୁ; ତେ ବନ୍ଧୁବର୍ଗୋଃ, ବର୍ଦ୍ଧନ୍ତାଂ; ପ୍ରବଳରିପୁଗଣାଃ, ପାତାଳମୂଳଂ, ଯାନ୍ତୁ; ତ, ଭବତାଂ, କୁନ୍ଦପୂର୍ଣ୍ଣେନ୍ଦୁଶୁଭ୍ରା, କୀର୍ତ୍ତିଃ, ଦେଶେ ଦେଶେ, ପ୍ରସରତୁ; ସକଳଗୁଣଯୁତଃ, ତ୍ୱଂ ପୁତ୍ରପୌତ୍ରୈଃ, ସହ, ଚିରଂ, ଜୀବ; ନିତ୍ୟଂ, ତେ, ସ୍ୱସ୍ତି, ଅସ୍ତୁ ।

ଅର୍ଥ :—ମହାରାଜ ! ପଙ୍କଜନୟନା ଲକ୍ଷ୍ମୀଦେବୀ ସର୍ବଦା ଆପଣଙ୍କ ଗୃହରେ ବାସ କରନ୍ତୁ ଓ ସରସ୍ୱତୀ ଦେବୀ ଆପଣଙ୍କ କଣ୍ଠଦେଶରେ ବାସ କରନ୍ତୁ, ଆପଣଙ୍କ ବନ୍ଧୁମାନଙ୍କର ମଙ୍ଗଳ ହେଉ ଓ ଶତ୍ରୁମାନେ ପାତାଳଗାମୀ ହୁଅନ୍ତୁ, କୁନ୍ଦପୁଷ୍ପ ଓ ପୂର୍ଣ୍ଣଚନ୍ଦ୍ର ସଦୃଶୀ କୀର୍ତ୍ତି ପ୍ରତି ଦେଶରେ ବିସ୍ତୃତ ହେଉ, ଆପଣ ପୁତ୍ର-ପୌତ୍ରାଦି ସହିତ ସର୍ବଗୁଣବିଭୂଷିତ ହୋଇ ଦୀର୍ଘଜୀବୀ ହୁଅନ୍ତୁ ଏବଂ ଆପଣଙ୍କର ନିତ୍ୟ ନିତ୍ୟ କଲ୍ୟାଣ ବର୍ଦ୍ଧିତ ହେଉ

ପୁନଶ୍ଚ ।

ଚିରଂ ଜୀବ ଚିରଂ ନନ୍ଦ ଚିରଂ ପାଳୟ ମେଦିନୀଂ,
ଚିରଂ ବିତର ଦାନାନି ଚିରଂ ତ୍ୱେ ! ବିଜୟୀ ଭବ ॥ ୩୮ ।

[ଅଜ୍ଞ]

ସଭାଶୀର୍ବାଦ ।

ଶ୍ୟାମଶ୍ୱେତାରୁଣାଙ୍ଗାଃ ଜଳଧରଣୀଧରୋତ୍ଫୁଲ୍ଲପଙ୍କେରୁହସ୍ଥାଃ,
ସୋମାସାବିତ୍ରୀପତ୍ନ୍ୟୋ ରଥଚରଣଧନାକୋଗ୍ରହସ୍ତଂକାରଣସ୍ଥାଃ ।
ଦେବା ବ୍ରହ୍ମେଶ୍ୱରାଜନେତ୍ରା ଜଗଦବନସମୁଚ୍ଛେଦନୋତ୍ପତ୍ତିଦକ୍ଷାଃ,
ପ୍ରୀତା ବଃ ପାନ୍ତୁ ନିତ୍ୟଂ ହରିହରବିଧୟସ୍ତ୍ରାର୍ଯ୍ୟଗୋବିନ୍ଦସପକ୍ଷାଃ ॥ ୩୯ ।

[ପଦ୍ମ]

ଅନ୍ୱୟ—ଶ୍ୟାମଶ୍ୱେତାରୁଣାଙ୍ଗାଃ, ଜଳଧରଣୀଧରୋତ୍ଫୁଲ୍ଲପଙ୍କେରୁହସ୍ଥାଃ, ସୋମାସାବିତ୍ରୀପତ୍ନ୍ୟଃ, ରଥଚରଣଧନାକୋଗ୍ରହସ୍ତଂକାରଣସ୍ଥାଃ, ବ୍ରହ୍ମେଶ୍ୱରାଜନେତ୍ରାଃ,

GPNanda Colln., Digitized by srujanika@gmail.com

ଜଗଦବନକ୍ଷମୁଚ୍ଛେଦନୋପୃତ୍ତିଦକ୍ଷାଃ, ତାର୍କ୍ଷ୍ୟଗୋହଂସପକ୍ଷାଃ, ହରିହରବ୍ରହ୍ମାଦ୍ୟାଃ, ଦେବାଃ, ପ୍ରୀତାଃ, ସନ୍ତଃ, ବଃ, ନିତ୍ୟଂ, ପାନ୍ତୁ ।

ଅର୍ଥ :—ଶ୍ୟାମଳ, ଶ୍ୱେତ ଓ ଅରୁଣବର୍ଣ୍ଣ ଅଙ୍ଗ ଯେଉଁମାନଙ୍କର; ଜଳ, ପର୍ବତ ଓ ବିକଶିତ ପଦ୍ମ ବାସସ୍ଥାନ ଯେଉଁମାନଙ୍କର; ଲକ୍ଷ୍ମୀ, ପାର୍ବତୀ ଓ ସାବିତ୍ରୀ ସ୍ତ୍ରୀ ଯେଉଁମାନଙ୍କର; ଚକ୍ର, ପିନାକ ଓ ଉଗ୍ରହୁଂକାର ଶସ୍ତ୍ର ଯେଉଁମାନଙ୍କର; ଦୁଇ, ତିନି ଓ ଆଠଗୋଟି ନେତ୍ର ଯେଉଁମାନଙ୍କର; ଗରୁଡ଼, ବୃଷଭ ଓ ହଂସ ବାହନ ଯେଉଁମାନଙ୍କର ଏବଂ ପାଳନ, ସଂହାର ଓ ଜଗଦୁତ୍ପତ୍ତି ବିଷୟରେ ଦକ୍ଷ ଯେଉଁମାନେ, ସେହି ବିଷ୍ଣୁ, ଶିବ ଓ ବ୍ରହ୍ମାଦି ଦେବତାମାନେ ସନ୍ତୁଷ୍ଟ ହୋଇ ସର୍ବଦା ଆପଣମାନଙ୍କୁ ରକ୍ଷା କରନ୍ତୁ ।

ପୁନଶ୍ଚ ।

ଉର୍ବୀଦୁର୍ବୀରଗର୍ବାଥିଭୁଜବଲଦଳନପ୍ରୀତଗୀର୍ବାଣଗୋଷ୍ଠୀ-
ଗୀତସ୍ଫୀତାନୁଭାବୋ ଯଦୁକୁଳକୁମୁଦାରଣ୍ୟସମ୍ପୂର୍ଣ୍ଣଚନ୍ଦ୍ରଃ ।
ଗ୍ରାହଗ୍ରାସାଭିବାଧାବ୍ୟଥିତକରିପତିସ୍ତୋତ୍ରଦତ୍ତାବଧାନୋ
ଯୁଷ୍ମାକଂ ମାନବନ୍ଧୂର୍ଦଳୟତୁ ଦୁରିତଂ ଦ୍ୱାରକାସାର୍ବଭୌମଃ ॥ ୩୯୦ ।

[ଅଦ]

ଅନ୍ୱୟ—ଉର୍ବୀଦୁର୍ବୀରଗର୍ବାଥିଭୁଜବଲଦଳନପ୍ରୀତଗୀର୍ବାଣଗୋଷ୍ଠୀଗୀତ-ସ୍ଫୀତାନୁଭାବଃ, ଯଦୁକୁଳକୁମୁଦାରଣ୍ୟସମ୍ପୂର୍ଣ୍ଣଚନ୍ଦ୍ରଃ, ଗ୍ରାହଗ୍ରାସାଭିବାଧାବ୍ୟଥିତ-କରିପତିସ୍ତୋତ୍ରଦତ୍ତାବଧାନଃ, ଦ୍ୱାରକାସାର୍ବଭୌମଃ, ମାନବନ୍ଧୁଃ, ଯୁଷ୍ମାକଂ, ଦୁରିତଂ, ଦଳୟତୁ ।

ଅର୍ଥ :—ଏହି ପୃଥିବୀ ମଧ୍ୟରେ କଂସାଦି ଦୁଷ୍ଟ ଅସୁରମାନଙ୍କର ଭୁଜବଳ ଦଳନହେତୁ ପ୍ରୀତ ଅଟନ୍ତି ଯେଉଁ ଦେବତାମାନେ, ସେହିମାନଙ୍କର ସ୍ତୁତି ବନ୍ଦନାଦି ଦ୍ୱାରା ପ୍ରକଟିତ ହୋଇଅଛି ପରାକ୍ରମ ଯାହାଙ୍କର, ଯଦୁକୁଳରୂପ କୈରବ-ବନ ମଧ୍ୟରେ ଯେ କି ପୂର୍ଣ୍ଣିମାଚନ୍ଦ୍ର ସ୍ୱରୂପ ପ୍ରକାଶିତ ଅଟନ୍ତି, କୁମ୍ଭୀର-

GPNanda Colln., Digitized by srujanika@gmail.com

ଭକ୍ତଜନଙ୍କ ବାଧାରେ ବ୍ୟଗ୍ର ହୋଇଥିବା ହସ୍ତିବରର, ଯେଉଁ ସ୍ତୁତ ଚଞ୍ଚୁରେ ଦତ୍ତ ହୋଇଅଛି, ମନୋଜ୍ଞବେଶ ଯାହାଙ୍କର, ଯେ କି ଦ୍ୱାରକାବାସୀଙ୍କରେ ଚକ୍ରବର୍ତ୍ତୀସ୍ୱରୂପ ଅଟନ୍ତି, ସେହି ଦୀନବନ୍ଧୁ ଭଗବାନ୍ ଶ୍ରୀକୃଷ୍ଣ ଆପଣମାନଙ୍କ ପାପଗ୍ରନ୍ଥିକୁ ଦଳନ କରନ୍ତୁ ।

ସର୍ବାଶୀର୍ବାଦ ।

ଯଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ
ବୌଦ୍ଧା ବୁଦ୍ଧ ଇତି ପ୍ରମାଣପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକାଃ,
ସୋଽୟଂ ବୋ ବିଦଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥୋ ହରିଃ ॥୩୧॥
[ଅଦ]

ଅନ୍ୱୟ—ଶୈବାଃ, ଯଂ, ଶିବଃ, ଇତି, ସମୁପାସତେ; ବେଦାନ୍ତିନଃ, ବ୍ରହ୍ମ, ଇତି; ବୌଦ୍ଧାଃ, ବୁଦ୍ଧଃ, ଇତି; ପ୍ରମାଣପଟବଃ, ନୈୟାୟିକାଃ, କର୍ତ୍ତା, ଇତି; ଅଥ, ଜୈନଶାସନରତାଃ, ଅର୍ହନ, ଇତି, ସମୁପାସତେ; ସଃ, ତ୍ରୈଲୋକ୍ୟନାଥଃ, ଅୟଂ, ହରିଃ, ବଃ, ବାଞ୍ଛିତଫଳଂ, ବିଦଧାତୁ ।

ଅର୍ଥ :—ଯେଉଁ ଶ୍ରୀହରିଙ୍କୁ ଶୈବୋପାସକମାନେ ଶିବରୂପରେ, ବେଦାନ୍ତି-ମାନେ ବ୍ରହ୍ମରୂପରେ, ବୌଦ୍ଧମାନେ ବୁଦ୍ଧରୂପରେ ଏବଂ ପ୍ରତ୍ୟକ୍ଷ ଅନୁମାନ ଉପମାନ ଓ ଶବ୍ଦ ଏହି ପ୍ରମାଣଚତୁଷ୍ଟୟବାଦୀ ନୈୟାୟିକମାନେ କର୍ତ୍ତାରୂପରେ, ଜୈନମାନେ ଅର୍ହନ୍‌ରୂପରେ ଓ ମୀମାଂସକମାନେ କର୍ମରୂପରେ ଉପାସନା କରନ୍ତି, ସେହି ତ୍ରିଭୁବନର ଈଶ୍ୱର ପ୍ରଭୁ ଶ୍ରୀହରି ଆପଣମାନଙ୍କର ଅଭୀଷ୍ଟ ଫଳ ପ୍ରଦାନ କରନ୍ତୁ ।

ଗର୍ଜନର ପ୍ରାର୍ଥନା ।

ବ୍ରହ୍ମଚାରିଣ୍ୟା ପୂର୍ଣ୍ଣଚନ୍ଦ୍ରେଣ ଭଦ୍ରଯୁଃ ମୂର୍ତ୍ତିମାବୃତାଃ ।
ନଳିନ ମସ୍ତକେ ନିତ୍ୟଂ ଧଣ୍ଡତ୍ୟେକାଦଶୀ ଭଦ୍ରାତ୍ ॥ ୩୨ ॥
[ଅଦ]

ଅନ୍ୱୟ—ମହାରାଜ ! ପୂର୍ଣ୍ଣଚନ୍ଦ୍ରେଣ, ଭବତ୍କୀର୍ତ୍ତ୍ୟା, ତିଥୟଃ, ପୂର୍ଣ୍ଣିମାକୃତାଃ; ଏକାଦଶୀ, ଭୟାତ୍, ମଦ୍ଗେହେ, ନିଲୀୟ, ନିତ୍ୟଂ, ତିଷ୍ଠତି ।

ଅର୍ଥ :—ମହାରାଜ ! ଆପଣଙ୍କ କୀର୍ତ୍ତିରୂପ ପୂର୍ଣ୍ଣିମାଚନ୍ଦ୍ରଯୋଗେ ସମସ୍ତ ତିଥିମାନେ ପୂର୍ଣ୍ଣିମା ହୋଇଗଲେ । ତାହା ଦେଖି ଏକାଦଶୀ ତିଥି ନିଜେ ପୂର୍ଣ୍ଣିମା ହୋଇଯିବା ଭୟରେ ମୋ ଗୃହରେ ସର୍ବଦା ଲୁଚି ରହୁଅଛି ।

ପୁନଶ୍ଚ

ଅର୍ଦ୍ଧଂ ଦାନବବୈରିଣା ଗିରିଜୟାପ୍ୟର୍ଦ୍ଧଂ ହରସ୍ୟାହୃତଂ,
ଦେବେତ୍ଥଂ ଧରଣୀତଲେ ସ୍ମରହରାଭାବେ ସମୁନ୍ମୀଲତି ।
ଗଙ୍ଗା ବାରିଧିମମ୍ବରଂ ଶଶିକଳା ନାଗାଧିପଃ କ୍ଷ୍ମାତଳଂ,
ସର୍ବଜ୍ଞତ୍ୱମଧୀଶ୍ୱରତ୍ୱମଗମତ୍ତ୍ୱାଂ ମାଞ୍ଚ ଭିକ୍ଷାଶ୍ରୟଂ ॥ ୩୯୬ । [ପଦ୍ମ]

ଅନ୍ୱୟ— ମହାରାଜ ! ହରସ୍ୟ, ଅର୍ଦ୍ଧଂ, ଦାନବବୈରିଣା, ଚ ଗିରିଜୟା, ଅପି, ଅର୍ଦ୍ଧଂ, ଆହୃତଂ; ଧରଣୀତଲେ, ସ୍ମରହରାଭାବେ, ଦେବତ୍ୱଂ, ସମୁନ୍ମୀଲତି, ଗଙ୍ଗା, ବାରିଧିଂ, ଶଶିକଳା, ଅମ୍ବରଂ, ନାଗାଧିପଃ, କ୍ଷ୍ମାତଳଂ, ସର୍ବଜ୍ଞତ୍ୱଂ, ଚ, ଅଧୀଶ୍ୱରତ୍ୱଂ, ତ୍ୱାଂ, ଅଗମଃ, ଚ, ମାଂ ଭିକ୍ଷାଶ୍ରୟଂ, ଅଗମଃ ।

ଅର୍ଥ :—ମହାରାଜ ! ଶିବଙ୍କ ଦେହରୁ ଅର୍ଦ୍ଧାଂଶ ଭଗବାନ୍ ଓ ଅର୍ଦ୍ଧାଂଶ ମଧ୍ୟ ପାର୍ବତୀ ଗ୍ରହଣ କରିଅଛନ୍ତି, ଏଣୁ ସ୍ମରହରର ଅଭାବ କେବଳ ଦେବତ୍ୱହିଁ ବିଦ୍ୟମାନ । ଦେଖନ୍ତୁ ଗଙ୍ଗା ସମୁଦ୍ରକୁ, ଶଶିକଳା ଆକାଶକୁ ଓ ବାସୁକୀ ପାତାଳକୁ ଚାଲି ଯାଇଅଛନ୍ତି ଏବଂ ଶିବଙ୍କର ସର୍ବଜ୍ଞତ୍ୱ ଓ ଅଧୀଶ୍ୱରତ୍ୱ ପଦକୁ ଆପଣ ମଧ୍ୟ ନେଇଅଛନ୍ତି । ଏଣୁ ଆମ୍ଭେ ଶିବଙ୍କର ଆଉ କିଛି ନ ପାଇ ଅବଶିଷ୍ଟ ଥିବା କେବଳ ଭିକ୍ଷାପାତ୍ରଟି ଘେନି ଅଛୁଁ ।

କୃପଣ ରାଜାଙ୍କ ପ୍ରତି ପଣ୍ଡିତଙ୍କ ଉକ୍ତି ।

ମାତା ମେ ଚ ସରସ୍ୱତୀ ପ୍ରତିଦିନଂ ଲକ୍ଷ୍ମୀ ବିମାତା ସଦା,
ମୌଖର୍ଯ୍ୟଂ ବିଦଧାତି ଯାପି ଚପଲା ତୃଷ୍ଣା ଗୃହାନ୍ନିର୍ଗତା ।

GPNanda Colln., Digitized by srujanika@gmail.com

ତାମନ୍ୱେଷୟିତା ମୟାଦ୍ୟ ଭବତୋ ଦ୍ୱାର ପ୍ରବଷ୍ଟୋ ମୁଦା,
ସନ୍ୟେହୃଦବଚସାଦ ନାଗତବତୀ ସ୍ଥାନାନ୍ତରଂ ଗମ୍ୟତେ ॥ ୩୯୪ ।

[ଅଦ]

ଅନ୍ୱୟ—ମହାରାଜ ! ମେ, ମାତା, ସରସ୍ୱତୀ, ପ୍ରତିଦିନଂ, ବିମାତା, ଲକ୍ଷ୍ମ୍ୟା, ସହ, ମୌଖର୍ଯ୍ୟଂ, ବିଦଧାତି; ତ, ଚପଲା, ସା, ରୁଷ୍ଟା, ସତୀ, ଗୃହାତ୍, ନିର୍ଗତା, ତାଂ, ଅନ୍ୱେଷୟିତା, ମୟା, ଅଦ୍ୟ, ଭବତଃ, ଦ୍ୱାର, ମୁଦା, ପ୍ରବିଷ୍ଟଃ; ଅଦ, ସା, ନ, ଆଗତବତୀ, ତ୍ୱଦ୍ବଚସା, ସନ୍ୟେ, ଅତଃ, ସ୍ଥାନାନ୍ତରଂ, ଗମ୍ୟତେ ।

ଅର୍ଥ :—ମହାରାଜ ! ଅମ୍ଭ ମାତା ସରସ୍ୱତୀ ବିମାତା ଲକ୍ଷ୍ମୀଙ୍କ ସହିତ ପ୍ରତିଦିନ କଳହ ଆରମ୍ଭ କରିବାରୁ ବିମାତା କ୍ରୁଦ୍ଧ ହୋଇ ଘରୁ ଚାଲିଯାଇ ଅଛନ୍ତି, ଏଣୁ ତାହାଙ୍କୁ ନେବା ସକାଶେ ଅମ୍ଭେ ଆନନ୍ଦମନରେ ଆପଣଙ୍କ ଦ୍ୱାରେ ପହଞ୍ଚିଅଛୁ । ମାତ୍ର ଆପଣଙ୍କ କଥାରୁ ଜାଣିଲୁଁ ଯେ, ସେହି ଲକ୍ଷ୍ମୀ ଏଠାରେ ନାହାନ୍ତି; ଏଣୁ ଅନ୍ୟଦ୍ୱାରକୁ ଯାଉଅଛୁଁ ।

ନିର୍ଦ୍ଧନର ନିର୍ଦ୍ଧନତ୍ୱ ପ୍ରକାଶ ।

ମଦ୍ଗେହେ ମୂଷଲୀବ ମୂଷିକବଧୂ ମୂଷୀବ ମାର୍ଜାରିକା,
ମାର୍ଜାରୀବ ଶୁନୀ ଶୁନୀବ ଗୃହିଣୀ ବାଚ୍ୟଃ କମନ୍ୟୋ ଜନଃ ।
ମୂର୍ଚ୍ଛାପନ୍ନଶିଶୂନସୂନ୍ ବିଜହତଃ ସଂବୀକ୍ଷ୍ୟ ଝିଲ୍ଲୀରବୈ—
ର୍ଲୂତାତନ୍ତୁବିତାନସମ୍ଭୃତମୁଖୀ ଚୁଲ୍ଲୀ ଚିରଂ ରୋଦିତି ॥ ୩୯୫ ॥

[ପଦ୍ମ]

ଅନ୍ୱୟ—ମହାରାଜ ! ମଦ୍ଗେହେ, ମୂଷିକବଧୂ, ମୂଷଲୀ, ଇବ; ମାର୍ଜାରିକା, ମୂଷୀ, ଇବ; ଶୁନୀ, ମାର୍ଜାରୀ, ଇବ; ଗୃହିଣୀ, ଶୁନୀ, ଇବ; ଅନ୍ୟଃ, ଜନଃ, କଂ, ବାଚ୍ୟଃ, ଚୁଲ୍ଲୀ, ମୂର୍ଚ୍ଛାପନ୍ନଶିଶୂନ୍, ଅସୂନ୍, ବିଜହତଃ, ସଂବୀକ୍ଷ୍ୟ; ଲୂତାତନ୍ତୁବିତାନସମ୍ଭୃତମୁଖୀ, ଝିଲ୍ଲୀରବୈଃ, ଚିରଂ, ରୋଦିତି ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାରାଜ ! ମୋ ଘରେ ବର୍ତ୍ତମାନ ମୂଷାଙ୍କମାନ ଚଞ୍ଚେଇ-ନେଉଁଲ ପରି, ବିରାଡ଼ୀଙ୍କମାନ ମୂଷା ପରି, କୁକୁରଙ୍କମାନ ବିରାଡ଼ୀ ପରି ଓ ଗୃହିଣୀଙ୍କ ଅନାଭାବରୁ କୁକୁର ପରି ଦେଖାଯାଉଛନ୍ତି; ଅଉ ଅନ୍ୟାନ୍ୟମାନଙ୍କର କଥା ବା କ'ଣ କହିବି ? ଘୋର ଅନାଭାବ ହେତୁ ମୂର୍ଚ୍ଛିତ ଶିଶୁମାନଙ୍କୁ ମରଯିବାର ଦେଖି ଝିଙ୍କାରିତାଞ୍ଚଳରେ ମୁହଁରେ ବୁଢିଅଣୀ ଜାଲ ଘୋଡ଼ାଇ ଚିରଦିନ କାନ୍ଦୁଅଛି ।

କାଳିଦାସଙ୍କ ରଚିତ ନୂତନ ଶ୍ଳୋକର ପୁରସ୍କାର ପ୍ରାର୍ଥନା ।

ସ୍ୱସ୍ତିଶ୍ରୀଭୋଜରାଜ ତ୍ରିଭୁବନବିଜୟୀ ଧାର୍ମିକଃ ସତ୍ୟବାଦୀ,
ପିତ୍ରା ତେ ମେ ଗୃହୀତା ନବନବତିଯୁତା ରତ୍ନକୋଟିର୍ମଦୀୟା ।
ତାଂ ତ୍ୱଂ ମେ ଦେହି ଶୀଘ୍ରଂ ସକଳବୁଧଜନୈର୍ଜ୍ଞାୟତେ ସତ୍ୟମେତତ୍,
ନୋ ବା ଜାନନ୍ତି କେଚିତ୍ ନବରଚନମିଦଂ ଦେହି ଲକ୍ଷଂ ତତୋ ମେ ।
୩୧୭ । [ପଦ୍ମ]

ଅନ୍ୱୟ—ତ୍ରିଭୁବନବିଜୟୀ, ଧାର୍ମିକଃ, ସତ୍ୟବାଦୀ, ହେ, ସ୍ୱସ୍ତିଶ୍ରୀଭୋଜରାଜ ! ତେ, ପିତ୍ରା, ନବନବତିଯୁତା, ମଦୀୟା, ରତ୍ନକୋଟିଃ, ମେ, ଗୃହୀତା; ତ୍ୱଂ, ତାଂ, ଶୀଘ୍ରଂ, ମେ, ଦେହି; ଏତତ୍, ସତ୍ୟଂ, ସକଳବୁଧଜନୈଃ, ଜ୍ଞାୟତେ; ବା, କେଚିତ୍, ନୋ, ଜାନନ୍ତି, ତତଃ, ଇଦଂ, ନବରଚନଂ; ଅତଃ, ମେ, ଲକ୍ଷଂ, ଦେହି ।

ଅର୍ଥ :—ହେ ଧାର୍ମିକ ସତ୍ୟବାଦୀ ତ୍ରିଭୁବନଜେତା ଶ୍ରୀଯୁକ୍ତ ଭୋଜରାଜ ! ଆପଣଙ୍କ ପିତା ଆମ୍ଭଠାରୁ ନବକୋଟି ରତ୍ନ ଧାର ନେଇ ଅଛନ୍ତି । ଏହାର ସତ୍ୟାସତ୍ୟ ଏହି ନବରତ୍ନମାନେ ଜାଣନ୍ତି; ମାତ୍ର ଯଦ୍ୟପି ଏମାନେ ନ ଜାଣନ୍ତି, ତେବେ ଆମ୍ଭର ଏହି ନୂତନ ରଚିତ ଶ୍ଳୋକ ସକାଶେ ଏକଲକ୍ଷ ଟଙ୍କା ପୁରସ୍କାର ଦିଅଯାନ୍ତୁ ।*

---

* ଯଦି କେହି ଗୋଟିଏ ନୂତନ ଶ୍ଳୋକ ରଚନା କରି ଦେବେ, ତେବେ ରଚୟିତାଙ୍କୁ ଏକଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଭୋଜରାଜା

GPNanda Colln., Digitized by srujanika@gmail.com

ନବରତ୍ନ ।

ଧନ୍ୱନ୍ତରିକ୍ଷପଣକାମରସିଂହଶଙ୍କୁ-
ବେ ତାଳଭଟ୍ଟ ଘଟକର୍ପର କାଳିଦାସାଃ ।
ଖ୍ୟାତୋ ବରାହମିହିରୋ ନୃପତେଃ ସଭାୟାଂ,
ରତ୍ନାନି ବୈ ବରରୁଚିର୍ନବ ବିକ୍ରମସ୍ୟ । ୩୧୭ ॥ [ଅଦ]

ଯାହା ଯୋଗରେ ଯାହାର ଶୋଭା ।

ନାଗୋ ଭାତି ମଦେନ କଂ ଜଲରୁହୈଃ ପୂର୍ଣ୍ଣେନ୍ଦୁନା ଶର୍ବରୀ,
ଶୀଳେନ ପ୍ରମଦା ଜବେନ ତୁରଗୋ ନିତ୍ୟୋତ୍ସବୈର୍ମନ୍ଦିରଂ ।
ବାଣୀ ବ୍ୟାକରଣେନ ହଂସମିଥୁନୈର୍ନଦ୍ୟଃ ସଭା ପଣ୍ଡିତୈଃ,
ସତ୍ପୁତ୍ରେଣ କୁଳଂ ନୃପେଣ ବସୁଧା ଲୋକତ୍ରୟଂ ବିଷ୍ଣୁନା ॥୩୧୮ ।
[ପଞ୍ଚରତ୍ନ]

ଅନ୍ୱୟ—ମଦେନ, ନାଗଃ; ଜଲରୁହୈଃ, କଂ; ପୂର୍ଣ୍ଣେନ୍ଦୁନା, ଶର୍ବରୀ; ଶୀଳେନ, ପ୍ରମଦା, ଜବେନ, ତୁରଗଃ; ନିତ୍ୟୋତ୍ସବୈଃ, ମନ୍ଦିରଂ; ବ୍ୟାକରଣେନ, ବାଣୀ; ହଂସମିଥୁନୈଃ, ନଦ୍ୟଃ; ପଣ୍ଡିତୈଃ, ସଭା; ସତ୍ପୁତ୍ରେଣ, କୁଳଂ; ନୃପେଣ, ବସୁଧା; ବିଷ୍ଣୁନା, ଲୋକତ୍ରୟଂ, ଭାତି ।

ଅର୍ଥ :—ମଦବାରିଦ୍ୱାରା ହସ୍ତୀ, ପଦ୍ମଦ୍ୱାରା ଜଳ, ପୂର୍ଣ୍ଣଚନ୍ଦ୍ରଦ୍ୱାରା ରାତ୍ରି, ସତ୍ସ୍ୱଭାବଦ୍ୱାରା ସ୍ତ୍ରୀ, ଶୀଘ୍ରଗତି ହେତୁ ଘୋଡ଼ା, ମାଙ୍ଗଲ୍ୟକାର୍ଯ୍ୟହେତୁ ଗୃହ, ବ୍ୟାକରଣଦ୍ୱାରା ବାକ୍ୟ, ହଂସଯୁଗଳଦ୍ୱାରା ନଦୀ, ପଣ୍ଡିତଙ୍କ ହେତୁ ସଭା, ସତ୍ପୁତ୍ର ହେତୁ କୁଳ, ରାଜାଙ୍କ ଯୋଗୁଁ ରାଜ୍ୟ ଓ ଭଗବାନଙ୍କ ହେତୁ ସଂସାର ଶୋଭା ପାଏ ।

ଧଣ କରିଥିଲେ, ମାତ୍ର ନବରତ୍ନମାନଙ୍କର ଏପରି ପୂରଣ ଶକ୍ତିଥିଲା ଯେ ପ୍ରଥମ ଚରଣ ଥରେ, ଦ୍ୱିତୀୟ, ୨ଥର, ତୃତୀୟ ୩ଥର, ଏହିପରି ୧ମ ୧ ଥରରେ ନୂତନ ଶ୍ଲୋକକୁ ତାଙ୍କେ ତାଙ୍କେ ବୋଲି ପୁରୁଣା ବୋଲି କହନ୍ତି ।

GPNanda Colln., Digitized by srujanika@gmail.com

ଏହି 'ଏହି ଗୁଣ ଥିଲେ ଅନ୍ୟାନ୍ୟ ପ୍ରଭାବ ଅନାବଶ୍ୟକ ।

କ୍ଷାନ୍ତିଶ୍ଚେତ୍ କବଚେନ କିଂ କିମରିଭିଃ କ୍ରୋଧୋଽସ୍ତି ଚେଦ୍ଦେହିନାଂ
ଜ୍ଞାତିଶ୍ଚେଦନଲେନ କିଂ ଯଦି ସୁହୃଦ୍ ଦିବ୍ୟୌଷଧୈଃ କିଂ ଫଳଂ ।
କିଂ ସର୍ପୈର୍ଯଦି ଦୁର୍ଜନାଃ କିମୁ ଧନୈର୍ବିଦ୍ୟାନବଦ୍ୟା ଯଦି,
ବ୍ରୀଡ଼ା ଚେତ୍ କିମୁ ଭୂଷଣୈଃ ସୁକବିତା ଯଦ୍ୟସ୍ତି ରାଜ୍ୟେନ କିଂ ॥ ୩୯୯ ॥

[ପନ୍ଥ]

ଅନ୍ୱୟ—ଦେହିନାଂ, କ୍ଷାନ୍ତିଃ, ଚେତ୍, କବଚେନ, କିଂ; କ୍ରୋଧଃ, ଅସ୍ତି, ଚେତ୍, ଅରିଭିଃ, କିଂ; ଜ୍ଞାତିଃ, ଚେତ୍, ଅନଲେନ, କିଂ; ଯଦି, ସୁହୃତ୍, ଅସ୍ତି, ଦିବ୍ୟୌଷଧୈଃ, କିଂ, ଫଳଂ; ଯଦି, ଦୁର୍ଜନାଃ, ଅସ୍ତି, ସର୍ପୈଃ, କିଂ; ଯଦି, ଅନବଦ୍ୟା, ବିଦ୍ୟା, ଅସ୍ତି, ଧନୈଃ, କିମୁ; ବ୍ରୀଡ଼ା, ଅସ୍ତି, ଚେତ୍, ଭୂଷଣୈଃ, କିଂ; ଯଦି, ସୁକବିତା, ଅସ୍ତି, ତର୍ହି, ରାଜ୍ୟେନ, କିଂ ?

ଅର୍ଥ :—କ୍ଷମାଗୁଣ ଥିଲେ କବଚର, କ୍ରୋଧଗୁଣ ଥିଲେ ଶତ୍ରୁର, ଜ୍ଞାତି ଥିଲେ ଅଗ୍ନିର, ମିତ୍ର ଥିଲେ ଔଷଧର, ଦୁର୍ଜନ ଥିଲେ ସର୍ପର, ନିର୍ଦ୍ଦୋଷବିଦ୍ୟା ଥିଲେ ଧନର, ଲଜ୍ଜା ଥିଲେ ଭୂଷଣର ଓ ରଚନାଶକ୍ତି ଥିଲେ ରାଜ୍ୟର ଅନାବଶ୍ୟକ ହୋଇଥାଏ ।

କୋଽର୍ଥାନ୍ ପ୍ରାପ୍ୟ ନ ଗର୍ବିତୋ ବିଷୟିଣଃ କସ୍ୟାପଦୋଽନାଗତାଃ,
ସ୍ତ୍ରୀଭିଃ କସ୍ୟ ନ ଖଣ୍ଡିତଂ ଭୁବି ମନଃ କୋ ନାମ ରାଜ୍ଞାଂ ପ୍ରିୟଃ ।
କଃ କାଳସ୍ୟ ନ ଗୋଚରାନ୍ତରଗତଃ କୋଽର୍ଥୀ ଗତୋ ଗୌରବଂ,
କୋ ବା ଦୁର୍ଜନବାଗୁରାନିପତିତଃ କ୍ଷେମେଣ ଯାତଃ ପୁମାନ୍ ॥ ୪୦୦ ॥

[ବଡ଼ାଳୁ]

ଅନ୍ୱୟ—କଃ, ଅର୍ଥାନ୍, ପ୍ରାପ୍ୟ, ଗର୍ବିତଃ, ନ; କସ୍ୟ, ବିଷୟିଣଃ, ଆପଦଃ, ନ, ଅଗତାଃ; ଭୁବି, କସ୍ୟ, ମନଃ, ସ୍ତ୍ରୀଭିଃ, ନ, ଖଣ୍ଡିତଂ; କଃ, ନାମ,

ରାଜ୍ଞାଂ, ପ୍ରିୟଃ; କଃ, କାଳସ୍ୟ, ଗୋଚରାନ୍ତଂଗତଃ, ନ; କଃ, ଅର୍ଥୀ, ଗୌରବଂ, ଗତଃ; କଃ, ପୁମାନ୍, କ୍ଷେମେଣ, ଦୁର୍ଜନବାଗୁରାନିପତିତଃ, ନ, ଯାତଃ ।

ଅର୍ଥ :—କେଉଁ ଧନୀ ବା ଗର୍ବୀ ନୁହେ, କେଉଁ ବିଷୟୀର ବା ଆପଦ ନାହିଁ, କେଉଁ ଲୋକର ବା ସ୍ତ୍ରୀଦ୍ୱାରା ମନ ଖଣ୍ଡିତ ନୁହେ, କିଏ ବା ରାଜାଙ୍କର ପ୍ରିୟ, କିଏ ବା କାଳକବଳିତ ନୁହେ, ଅର୍ଥୀର ବା ଗୌରବ କଣ, କ୍ଷମାଗୁଣ ଥିଲେହେଁ କେଉଁ ଲୋକ ବା ଦୁର୍ଜନ କଟାରେ ପଡ଼ି ନାହିଁ ?

ଯାହା ଯୋଗେ ଯାହାର ଅନାବଶ୍ୟକତା ।

ଲୋଭୋଽପ୍ୟସ୍ତି ପରେଣ କିଂ ପିଶୁନତା ଯଦ୍ୟସ୍ତି କିଂ ପାତକୈଃ,
ସୌଜନ୍ୟଂ ଯଦି କିଂ ଗୁଣୈଃ ସୁମହିମା ଯଦ୍ୟସ୍ତି କିଂ ମଣ୍ଡନୈଃ ।
ସତ୍ୟଂ ଚେତ୍ ତପସା ଚ କିଂ ଶୁଚି ମନୋ ଯଦ୍ୟସ୍ତି ତୀର୍ଥେନ କିଂ,
ସଦ୍ୱିଦ୍ୟା ଯଦି କିଂ ଧନୈରପଯଶୋଯଦ୍ୟସ୍ତି କିଂ ମୃତ୍ୟୁନା ॥ ୪୦୧ ॥
[ଷନୂ]

ଅନ୍ୱୟ—ଲୋଭଃ, ଅପି, ଅସ୍ତି, ଚେତ୍, ତର୍ହି, ପରେଣ, କିଂ; ଯଦି, ପୈଶୁନତା, ଅସ୍ତି, ପାତକୈଃ, କିଂ; ଯଦି, ସୌଜନ୍ୟଂ, ଗୁଣୈଃ, କିଂ; ଯଦି, ସୁମହିମା, ଅସ୍ତି, ମଣ୍ଡନୈଃ, କିଂ; ସତ୍ୟଂ, ଚେତ୍, ତପସା, କିଂ; ଚ, ଯଦି, ଶୁଚି, ମନଃ, ଅସ୍ତି, ତୀର୍ଥେନ, କିଂ; ଯଦି, ସଦ୍ୱିଦ୍ୟା, ଅସ୍ତି, ଧନୈଃ, କିଂ; ଯଦି, ଅପଯଶଃ, ଅସ୍ତି, ତର୍ହି, ମୃତ୍ୟୁନା, କିଂ ?

ଅର୍ଥ :—ଲୋଭଠାରୁ ଶତ୍ରୁ, ହିଂସାଠାରୁ ପାତକ, ସୌଜନ୍ୟଠାରୁ ଗୁଣ, ମହିମାଠାରୁ ଭୂଷଣ, ସତ୍ୟଠାରୁ ତପସ୍ୟା, ପବିତ୍ର ମନଠାରୁ ତୀର୍ଥ, ବିଦ୍ୟାଠାରୁ ଧନ ଓ ଅଯଶଠାରୁ ବଳି ଆଉ ଅଧିକ ମୃତ୍ୟୁ ନାହିଁ ।

ଯାହାର କୀର୍ତ୍ତି ଅଛି, ସେହି ଏକା ଜୀବିତ ।

ଚଳଚ୍ଚିତ୍ତଂ ଚଳଦ୍ୱିତ୍ତଂ ଚଳଜ୍ଜୀବନଯୌବନଂ,
ଚଳାଚଳମିଦଂ ସର୍ବଂ କୀର୍ତ୍ତିର୍ଯସ୍ୟ ସ ଜୀବତି ॥ ୪୦୨ ॥ [ମାର]

GPNanda Colln., Digitized by srujanika@gmail.com

ଅର୍ଥ :—ମନ, ଧନ, ଯୌବନ ଓ ଜୀବନ ପ୍ରଭୃତି ସମସ୍ତ ଅସ୍ଥିର, ମାତ୍ର କୀର୍ତ୍ତି କେବଳ ସ୍ଥିର ଅଟେ ।

ଯାହାର ଅକୀର୍ତ୍ତି ସେ ଜାଣ ମୃତ ପ୍ରାୟ ।

ସ ଜୀବତି ଯଶୋ ଯସ୍ୟ କୀର୍ତ୍ତିର୍ଯସ୍ୟ ସ ଜୀବତି,
ଅଯଶୋଽକୀର୍ତ୍ତିସଂଯୁକ୍ତୋ ଜୀବନ୍ନପି ମୃତୋପମଃ ॥ ୪୦୩ ।

[ଗାର]

ମହତ୍ ଲୋକର ଗର୍ବ ନ ଥାଏ ।

ଅଗାଧଜଳସଞ୍ଚାରୀ ନ ଗର୍ବଂ ଯାତି ରୋହିତଃ,
ଅଙ୍ଗୁଷ୍ଠୋଦକମାତ୍ରେଣ ସଫରୀ ଫର୍ଫରାୟତେ ॥ ୪୦୪ ॥ [ଗାରୁ]

ପୁନଶ୍ଚ ।

ହବ୍ୟଂଚୂତରସଂ ପୀତ୍ୱା ନ ଗର୍ବଂ ଯାତି କୋକିଳଃ,
ପୀତ୍ୱା କର୍ଦ୍ଦମପାନୀୟଂ ଭେକୋ ମକମକାୟତେ ॥ ୪୦୫ ॥

[ଗାରୁ]

ମୂର୍ଖ ସଭାମଧ୍ୟରେ ପଣ୍ଡିତଙ୍କ ମୌନହିଁ ଶ୍ରେୟ ।

ଭଦ୍ରଂ କୃତଂ କୃତଂ ମୌନଂ କୋକିଳୈର୍ଜଳଦାଗମେ,
ଦର୍ଦ୍ଦୁରା ଯତ୍ର ବକ୍ତାରସ୍ତତ୍ର ମୌନଂ ହି ଶୋଭନଂ ॥ ୪୦୬ ॥

[ଗାରୁ]

ଧର୍ମର ତତ୍ତ୍ୱ ବଡ଼ହିଁ ସୂକ୍ଷ୍ମ ।

ଯାତଃ ସ୍ଥାମଖିଲାଂ ପ୍ରଦାୟ ହରୟେ ପାତାଳମୂଳଂ ବଳିଃ,
ଶକ୍ରପ୍ରସ୍ତୁତବର୍ଜ୍ଜନାତ୍ ସ ଚ ମୁନିଃ ସ୍ୱର୍ଗଂ ସମାରୋପିତଃ ।
ଅହଲ୍ୟାଦୟିତା ସତୀସ୍ମରପଥଂ କୁନ୍ତୀଂ ସମାରୋହୟତ୍ ,
ହା ସୀତା ପତିଦେବତାଽଗମଦହୋ ଧର୍ମସ୍ୟ ସୂକ୍ଷ୍ମା ଗତିଃ ॥ ୪୦୭ ॥

[ଧର୍ମ ବିବେକ]

GPNanda Colln., Digitized by srujanika@gmail.com

ଅନ୍ୱୟ—ବଳିଃ, ହରୟେ, ଅଖିଳାଂ, କ୍ଷ୍ମାଂ, ପ୍ରଦାୟ, ପାତାଳମୂଳଂ, ଯାତଃ; ଚ, ସଃ, ମୂଢଃ, ଶକ୍ତୁପ୍ରସ୍ଥବିସର୍ଜନାତ୍, ସ୍ୱର୍ଗଂ, ସମାରୋପିତଃ, ଆବାଲ୍ୟାତ୍, ଅନଘାଂ, କୁନ୍ତୀଂ, ସତୀସ୍ୱରପୁରୀଂ, ସମାରୋହୟତ୍; ହା ! ପତିଦେବତା, ସୀତା, ଅଧଃ, ଅଗମତ୍; ଅତଃ, ଧର୍ମସ୍ୟ, ଗତିଃ, ସୂକ୍ଷ୍ମା ।

ଅର୍ଥ :—ବଳି ଭଗବାନଙ୍କୁ ଅଖିଳ ବ୍ରହ୍ମାଣ୍ଡ ଦାନ କରି ପାତାଳଗାମୀ ହେଲେ ଓ ମୂଢ଼ ଛତୁଅଭାଣ୍ଡ ଦାନ କରି ସ୍ୱର୍ଗଗାମୀ ହେଲେ; ଆବାଲ୍ୟକାଳରୁ ଅସତୀ କୁନ୍ତୀ ସ୍ୱର୍ଗୀୟ ସତୀପୁରୀରେ ପହଞ୍ଚିଲେ, ବଡ଼ ଦୁଃଖର ବିଷୟ ! କିନ୍ତୁ ଏକା ପତିପ୍ରାଣା ସୀତା ଅଧୋଗାମିନୀ ହେଲେ; ଯେହେତୁ ଧର୍ମର ଗତି ଅତିଶୟ ସୂକ୍ଷ୍ମ ଅଟେ ।

ଦୈବବଳଙ୍କ ବଳ ।

କାନ୍ତଂ ବକ୍ତି କପୋତିକାକୁଲତୟା ନାଥାନ୍ତକାଲୋଽଧୁନା,
ବ୍ୟାଧୋଽଧୋ ଧୃତଚାପସଜ୍ଜିତଶରଃ ଶ୍ୟେନଃ ପରିଭ୍ରାମ୍ୟତି ।
ଇତ୍ଥଂ ସତ୍ୟହିନା ସ ଦଷ୍ଟ ଇଷୁଣା ଶ୍ୟେନୋଽପି ତେନାହତ-
ସ୍ତୂର୍ଣ୍ଣଂ ତୌ ତୁ ଯମାଳୟଂ ପ୍ରତି ଗତୌ ଦୈବୀ ବିଚିତ୍ରା ଗତିଃ ।୪୦୮।
[ଧବ]

ଅନ୍ୱୟ—କପୋତିକା, କାନ୍ତଂ, ଆକୁଳତୟା, ବକ୍ତି; ହେ ନାଥ ! ଅଧୁନା, ଅନ୍ତକାଳଃ, ଉପସ୍ଥିତଃ, ଅଧଃ, ଧୃତଚାପସଜ୍ଜିତଶରଃ, ବ୍ୟାଧଃ; ଚ, ଉପରି, ଶ୍ୟେନ, ପରିଭ୍ରାମ୍ୟତି; ଇତ୍ଥଂ, ସତି, ସଃ, ଅହିନା, ଦଷ୍ଟଃ; ଶ୍ୟେନଃ, ଅପି, ତେନ, ଇଷୁଣା, ହତଃ; ତୁ, ତୌ, ତୂର୍ଣ୍ଣଂ, ଯମାଳୟଂ, ପ୍ରତି, ଗତୌ; ଯତଃ, ଦୈବୀ, ଗତିଃ, ବିଚିତ୍ରା ।

ଅର୍ଥ :—କପୋତିକା ଆକୁଳିତ ହୋଇ ବର୍ତ୍ତମାନ ଅନ୍ତକାଳ ଉପସ୍ଥିତ ବୋଲି ସ୍ୱାମୀଙ୍କୁ କହିଲା । ଯେହେତୁ ଆକାଶରେ ସଞ୍ଚାଣପକ୍ଷୀ ଉଡୁଥିବାରୁ ଓ

ଭୂମିରେ ବ୍ୟାଧ ଧନୁ ଶର ଧରିଥିବାର ଦେଖାଇ ଦେଲା । ଇତ୍ୟବସରେ ସର୍ପଦଷ୍ଟ ହେବାରୁ ବ୍ୟାଧର ମୃତ୍ୟୁ ହେଲା ଓ ଲକ୍ଷ୍ୟଭ୍ରଷ୍ଟ ଶରଦ୍ୱାରା ସଞ୍ଚାଣ ମଧ୍ୟ ମଲା; ଏଣୁ ଦୈବର ଗତି ବିଚିତ୍ର ।

କୃପଣ ପ୍ରତି ଅକ୍ରୋଶ ।

କିନ୍ତେ ନମ୍ରତୟା କିମୁନ୍ନତତୟା କିନ୍ତେ ଘନଚ୍ଛାୟୟା,
କିନ୍ତେ ପଲ୍ଲବଲୀଲୟା କିମନୟା ଚାଶୋକ ! ପୁଷ୍ପଶ୍ରିୟା ।
ଯତ୍ତ୍ୱନ୍ମୂଲନିଷଣ୍ଣଖିନ୍ନପଥିକସ୍ତୋମା ସ୍ତୁବନ୍ନନ୍ୱହଂ,
ନ ସ୍ୱାଦୂନି ମୃଦୂନି ଖାଦତି ଫଲାନ୍ୟୁତ୍କଣ୍ଠୟୋତ୍କଣ୍ଠିତଃ ॥୪୦୯॥

[ପଦ୍ମ]

ଅନ୍ୱୟ —ହେ ଅଶୋକ ! ତେ, ନମ୍ରତୟା, କିଂ; ଉନ୍ନତତୟା, କିଂ, ଘନଚ୍ଛାୟୟା କିଂ; ତେ, ପଲ୍ଲବଲୀଲୟା କିଂ, ଅନୟା, ପୁଷ୍ପଶ୍ରିୟା, କିଂ; ନନୁ, ଯତ୍, ଅନ୍ୱହଂ, ତ୍ୱନ୍ମୂଲନିଷଣ୍ଣଖିନ୍ନପଥିକସ୍ତୋମଃ, ସ୍ତୁବନ୍, ଉତ୍କଣ୍ଠୟା, ଉତ୍କଣ୍ଠିତଃ, ଅପି, ତେ, ମୃଦୂନି, ସ୍ୱାଦୂନି, ଫଲାନି, ନ, ଖାଦତି ।

ଅର୍ଥ ;—ହେ ଅଶୋକବୃକ୍ଷ ! ତୋହର ନମ୍ରତା, ଉନ୍ନତତା, ନିବିଡ଼ଚ୍ଛାୟା, ପଲ୍ଲବଶୋଭା ଓ ଏହି ପୁଷ୍ପଶୋଭାରେ ଫଳ କଣ ? ଦେଖ ତୋ ମୂଳରେ ପଥିକମାନେ ସ୍ତୁତିବାଦ କରି ଫଳ ଖାଇବାକୁ ଉତ୍କଣ୍ଠିତ ହେଲେହେଁ ତୋହର ମୃଦୁ ଓ ସ୍ୱାଦୁ ଫଳ ଖାଇବାକୁ ପାନ୍ତି ନାହିଁ ।

ଗୁଣିମାନେ ଏହିମାନଙ୍କୁ ପରିତ୍ୟାଗ କରନ୍ତି ।

ବୈଦ୍ୟଂ ପାନରତଂ ନଟଂ କୁପଠିତଂ ସ୍ୱାଧ୍ୟାୟହୀନଂ ଦ୍ୱିଜଂ ।
ଯୁଦ୍ଧେ କାପୁରୁଷଂ ହୟଂ ଗତରୟଂ ମୂର୍ଖଂ ପରିବ୍ରାଜକଂ ।
ରାଜାନଞ୍ଚ କୁମନ୍ତ୍ରିଭିଃ ପରିବୃତଂ ଦେଶଂ ଚ ସୋପଦ୍ରବଂ,
ଭାର୍ଯ୍ୟାଂ ଯୌବନଗର୍ବିତାଂ ପରରତାଂ ମୁଞ୍ଚନ୍ତି ଶୀଘ୍ରଂ ବୁଧାଃ ॥

୪୧୦ ॥ [ନୀତି]

GPNanda Colln., Digitized by srujanika@gmail.com

ଅନ୍ୱୟ—ବୁଧାଃ, ଯାନରତଂ, ବୈଦ୍ୟଂ; କୁପଟେଂ, ନଟଂ; ସ୍ୱାଧ୍ୟାୟହୀନଂ ଦ୍ୱିଜଂ; ଯୁଦ୍ଧେ, କାପୁରୁଷଂ; ଗତରସଂ, ହୟଂ; ମୂର୍ଖଂ, ପରିବ୍ରାଜକଂ; କୁମନ୍ତ୍ରିଣଃ, ପରବୃତ୍ତଂ, ରାଜାନଂ; ସୋପଦ୍ରବ, ଦେଶଂ; ଚ ଯୌବନଗର୍ବିତାଂ, ପରରତାଂ ଭାର୍ଯ୍ୟାଂ, ଶୀଘ୍ରଂ, ମୁଞ୍ଚନ୍ତୁ ।

ଅର୍ଥ :—ପଣ୍ଡିତମାନେ ନଶାଖୋର ବୈଦ୍ୟ, ଗାୟକାନଭିଜ୍ଞ ନର୍ତ୍ତକ, ସନ୍ଧ୍ୟାବନ୍ଦନାଦି କ୍ରିୟାହୀନ ବ୍ରାହ୍ମଣ, ରଣଭଙ୍ଗ ଯୋଦ୍ଧା, ଶିଥିଳଗତିବଶିଷ୍ଟ ଘୋଟକ, ମୂର୍ଖ ସନ୍ନ୍ୟାସୀ, କୁପରାମର୍ଶଦ ମନ୍ତ୍ରିପ୍ରିୟ ରାଜା, ଉପଦ୍ରବପୂର୍ଣ୍ଣ ଦେଶ ଓ ପରପୁରୁଷଗାମିନୀ ଯୌବନଗର୍ବିତା ଭାର୍ଯ୍ୟାକୁ ଶୀଘ୍ର ତ୍ୟାଗ କରନ୍ତୁ ।

କର୍ଣ୍ଣାଟ ରାଜାଙ୍କ ପ୍ରତି କବିର ଉକ୍ତି ।

ମାଗାଃ ପ୍ରତ୍ୟୁପକାରକାତରଧିୟା ବୈବର୍ଣ୍ଣ୍ୟମାକର୍ଣ୍ଣୟ,
ତ୍ୱଂ କର୍ଣ୍ଣାଟବସୁନ୍ଧରାଧିପ ! ସୁଧାସିକ୍ତାନି ସୂକ୍ତାନି ମେ ।
ବର୍ଣ୍ଣ୍ୟନ୍ତେ କତି ନାମ ନିର୍ଝରନଦୀଭୂଗୋଲବନ୍ଧ୍ୟାଟବୀ-
ଝଞ୍ଝାମାରୁତଚନ୍ଦ୍ରମଃପ୍ରଭୃତୟସ୍ତେଭ୍ୟଃ କିମାପ୍ତଂ ମୟା ॥୪୧୧॥

[ପକ]

ଅନ୍ୱୟ—ହେ କର୍ଣ୍ଣାଟବସୁନ୍ଧରାଧିପ ! ତ୍ୱଂ, ପ୍ରତ୍ୟୁପକାରକାତରଧିୟା, ବୈବର୍ଣ୍ଣ୍ୟଂ, ମା, ଅଗାଃ; ମେ, ସୁଧାସିକ୍ତାନି, ସୂକ୍ତାନି, ଆକର୍ଣ୍ଣୟ; ନିର୍ଝର-ନଦୀ-ଭୂଗୋଳ-ବନ୍ଧ୍ୟାଟବୀ-ଝଞ୍ଝା-ମାରୁତ-ଚନ୍ଦ୍ରମଃ-ପ୍ରଭୃତୟଃ, କତି, ନାମ, ବର୍ଣ୍ଣ୍ୟନ୍ତେ; ତେଭ୍ୟଃ, ମୟା, କିଂ, ଆପ୍ତଂ ।

ଅର୍ଥ :—ମହାରାଜ କର୍ଣ୍ଣାଟେଶ୍ୱର । "ପାଠ ଶୁଣି ଏହାଙ୍କୁ କଣ ଦେବି" ଏହି ପ୍ରତ୍ୟୁପକାର ଭୟରେ ବିବର୍ଣ୍ଣ ହୋଇଥିଲନ୍ତି କାହିଁକି ? ଆମ୍ଭର ଏହି ସୁଧା-ସିକ୍ତ ବାକ୍ୟ ଶୁଣନ୍ତୁ, ଦେଖନ୍ତୁ—ଅର୍ଣ୍ଣବ, ନଦୀ ଓ ପର୍ବତ ଆଦି କବିମାନଙ୍କଦ୍ୱାରା କେତେ କେତେ ବା ବର୍ଣ୍ଣିତ ହୋଇ ନାହାନ୍ତି, ମାତ୍ର ଆମ୍ଭେମାନେ ସେମାନଙ୍କ-ଠାରୁ କଣ ପାଉଁ କି ?

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଅସ୍ରାକ୍ଷୀରଖିଳା ବିପକ୍ଷମହିଳାସ୍ତ୍ୱଂ ବୀରଚୂଡ଼ାମଣେ,
ମେଦନ୍ୟାମତନୋସ୍ତନୋ ରୁଚିରତାଧିକ୍ୟେନ ଧିକ୍କାରିତାଂ ।
ଗାମ୍ଭୀର୍ଯ୍ୟାଦ୍‌ବଚନାମୃତସ୍ୟ ଭବତୋଽଦ୍ରାକ୍ଷ୍ୟଂ ଜଗନ୍ମଣ୍ଡଳଂ,
ଦୁଃଖାନାଂ ତନୁତାଂ ମମାଶୁ ନିଖିଳକ୍ଷ୍ମାମଣ୍ଡଳାଖଣ୍ଡଳ ॥ ୪୧୨ ॥
[ପଦ]

ଅନ୍ୱୟ — ହେ ନିଖିଳକ୍ଷ୍ମାମଣ୍ଡଳାଖଣ୍ଡଳ, ବୀରଚୂଡ଼ାମଣେ ! ତ୍ୱଂ, ଅଖିଳାଃ, ବିପକ୍ଷମହିଳାଃ, ଅସ୍ରାକ୍ଷୀଃ, ଅସ୍ରାକ୍ଷୀଃ, ମେଦନ୍ୟାଂ, ତନୋଃ, ରୁଚିରତାଧିକ୍ୟେନ, ଅତନୋଃ, ଧିକ୍କାରିତାଂ ଧିକ୍କାରିତାଂ; ଭବତଃ, ବଚନାମୃତସ୍ୟ, ଗାମ୍ଭୀର୍ଯ୍ୟାତ୍, ଜଗନ୍ମଣ୍ଡଳଂ, ଅଦ୍ରାକ୍ଷ୍ୟଂ,ଅଦ୍ରାକ୍ଷ୍ୟଂ, ମମ,ଦୁଃଖାନାଂ, ତନୁତାଂ,ଆଶୁ, ତନୁତାଂ ।

ଅର୍ଥ :—ହେ ବୀରମଣ୍ଡଳେଶ୍ୱର ! ଆପଣ ଅଖିଳ ଶତ୍ରୁମାନଙ୍କର ସ୍ତ୍ରୀ-ମାନଙ୍କୁ ଅଶ୍ରୁପୂର୍ଣ୍ଣନୟନା କରିଅଛନ୍ତି, ନିଜର ସୌନ୍ଦର୍ଯ୍ୟ ଗୁଣରେ କନ୍ଦର୍ପଙ୍କୁ ଜିଣିଅଛନ୍ତି ଓ ମଧୁର ବାକ୍ୟରେ ଜଗତକୁ ଦ୍ରାକ୍ଷାଶୂନ୍ୟ କରିଅଛନ୍ତି; ଆପଣ ବର୍ତ୍ତମାନ ଆମ୍ଭର ଦୁଃଖ ଶୀଘ୍ର ମୋଚନ କରନ୍ତୁ ।

ରାଜାଙ୍କ ଅନୁତାପରେ କବିର ଉକ୍ତି ।

ରୋଗୀ ମୂର୍ଖୋ ଦରିଦ୍ରଶ୍ଚ ପ୍ରବାସୀ ପରସେବକଃ ।
ପଞ୍ଚୈତାନ୍ୟପି ଭୂତାନି ପାଳୟନ୍ତି ମହୀଂ ନୃପ ॥ ୪୧୩ ॥ [ଅଦ]

ଅର୍ଥ :—ମହାରାଜ ! ଚନ୍ଦ୍ର, ଜଳ, ଅଗ୍ନି, ସୂର୍ଯ୍ୟ ଓ ବାୟୁ ଏହି ପାଞ୍ଚ-ଗୋଟି ଭୂତ ପୃଥିବୀକୁ ପାଳନ କରୁଅଛନ୍ତି; ମାତ୍ର ଆପଣମାନେ ନିଜ ନିଜ ସ୍ୱଭାବେ ଗୋଟିଏ ସୁଗମ କାର୍ଯ୍ୟ ଖୋଜି କାର୍ଯ୍ୟଗୁରୁଭାବଶତଃ ବ୍ୟାକୁଳିତ ହେବା ଯୁକ୍ତିସଙ୍ଗତ ନୁହେ ।

ଇତି ଦ୍ୱିତୀୟ ରହସ୍ୟଂ ସମ୍ପୂର୍ଣ୍ଣଂ ।

GPNanda Colln., Digitized by srujanika@gmail.com

ଅଥ ତୃତୀୟ ରହସ୍ୟଂ ।

ଶିଷ୍ଟାଚାର ।

ରାଜା ଯୁଧିଷ୍ଠିରଙ୍କ ନିକଟ ବ୍ୟାସଙ୍କର ଆଗମନ ।

ସହସୋପଗତଃ ସବିସ୍ମୟଂ ତପସାଂ ସୂତିରସୂତିରାପଦାଂ ।
ଦଦୃଶେ ଜଗତୀଭୁଜା ମୁନିଃ ସ ବପୁଷ୍ମାନିବ ପୁଣ୍ୟସଞ୍ଚୟଃ ॥ ୪୧୪ ।
[କିପୁ]

ଅନ୍ୱୟ—ସହସା, ଉପଗତଃ, ତପସାଂ, ସୂତିଃ, ଆପଦାଂ, ଅସୂତିଃ; ସଃ, ମୁନିଃ, ବପୁଷ୍ମାନ୍, ପୁଣ୍ୟସଞ୍ଚୟଃ, ଇବ, ଜଗତୀଭୁଜା, ସବିସ୍ମୟଂ, ଦଦୃଶେ ।

ଅର୍ଥ :— ସ୍ୱୟଂ ପୁଣ୍ୟସଞ୍ଚୟ ସାକ୍ଷାତ୍ ଦେହ ଧାରଣ କରି ଉପସ୍ଥିତ ହେଲା ପରି ତପଃପ୍ରବର୍ତ୍ତକ ଓ ଆପଦନିବର୍ତ୍ତକ ବ୍ୟାସଙ୍କୁ ଅକସ୍ମାତ ଉପସ୍ଥିତ ହେବାର ଦେଖି ରାଜା ଯୁଧିଷ୍ଠିର ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

ପୁନଶ୍ଚ ।

ଅଥୋଚ୍ଚକୈରାସନତଃ ପରାର୍ଦ୍ଧ୍ୟା-
ଦୁଦ୍ୟନ୍ ସ ଧୂତାରୁଣବଲ୍କଲାଗ୍ରଃ ।
ରରାଜ କୀର୍ଣ୍ଣାକପିଶାଂଶୁଜାଲଃ,
ଶୃଙ୍ଗାତ୍ ସୁମେରୋରିବ ତିଗ୍ମରଶ୍ମିଃ ॥୪୧୫॥ [କିପୁ]

ଅନ୍ୱୟ—ଅଥ, ପରାର୍ଦ୍ଧ୍ୟାତ୍, ଉଚ୍ଚକୈଃ, ଆସନତଃ, ଉଦ୍ୟନ୍, ଧୂତାରୁଣବଲ୍କଲାଗ୍ରଃ, ସଃ, କୀର୍ଣ୍ଣାକପିଶାଂଶୁଜାଲଃ, ସୁମେରୋଃ, ଶୃଙ୍ଗାତ୍, ଉଦ୍ୟନ୍, ତିଗ୍ମରଶ୍ମିଃ, ଇବ, ରରାଜ ।

GPNanda Colln., Digitized by srujanika@gmail.com

ଅର୍ଥ :—ରାଜା ଯୁଧିଷ୍ଠିର ବ୍ୟାସଙ୍କୁ ଦେଖିବା ମାତ୍ରକେ ତୁରନ୍ତ ସିଂହାସନରୁ ଉଠନ୍ତେ ତାଙ୍କର ପରିଧେୟ ଅରକ୍ତିମ ବଲ୍କଲବସନର ଅଗ୍ରଭାଗ କମ୍ପିତ ହେବାରୁ ସେ ସୁମେରୁଶୃଙ୍ଗେ ସ୍ଥିତ ଅରକ୍ତିମା ବରଣବାଗିଷ୍ଟ ସୂର୍ଯ୍ୟ ତୁଲ୍ୟ ଶୋଭିତ ହେଲେ ।

ବ୍ୟାସପୂଜା ।

ଅବହିତହୃଦୟୋ ବିଧାୟ ସୋଽର୍ହା-
ମୃଷିବଦୃଷିପ୍ରବରେ ଗୁରୁପଦିଷ୍ଟାଂ ।
ତଦନୁମତମଳଂଚକାର ପଶ୍ଚାତ୍
ପ୍ରଶମ ଇବ ଶ୍ରୁତମାସନଂ ନରେନ୍ଦ୍ରଃ ॥ ୪୧୬ ॥ [କିରା]

ଅନ୍ୱୟ—ସଃ, ନରେନ୍ଦ୍ରଃ, ଅବହିତହୃଦୟଃ, ସନ୍, ଋଷିପ୍ରବରେ, ଋଷିବତ୍, ଗୁରୁପଦିଷ୍ଟାଂ, ଅର୍ହାଂ, ବିଧାୟ, ପଶ୍ଚାତ୍, ତଦନୁମତଂ, ଆସନଂ, ପ୍ରଶମଃ, ଶ୍ରୁତଂ, ଇବ, ଅଳଂଚକାର ।

ଅର୍ଥ :—ସ୍ଥିରମନା ଋଷିତୁଲ୍ୟ ସେହି ରାଜା ଯୁଧିଷ୍ଠିର ଋଷିଶ୍ରେଷ୍ଠ ବ୍ୟାସଙ୍କୁ ଯଥାଯୋଗ୍ୟ ପୂଜା କରି, ଋଷିଙ୍କ ଆଦେଶ ଅନୁସାରେ ଶାନ୍ତଚେତା ଶାସ୍ତ୍ର ଶ୍ରବଣ କଲା ପରି ଆସନକୁ ଅଳଂକୃତ କଲେ ।

ଯୁଧିଷ୍ଠିରଙ୍କ ଆନନ୍ଦ ।

ବ୍ୟକ୍ତୋଦିତସ୍ମିତମୟୂଖବିଭାସିତୋଷ୍ଠ-
ସ୍ତିଷ୍ଠନ୍ ମୁନେରଭିମୁଖଂ ସ ବିକୀର୍ଣ୍ଣଧାମ୍ନଃ ।
ତନ୍ୱନ୍ତମିଦ୍ଧମଭିତୋ ଗୁରୁମଂଶୁଜାଲଂ,
ଲକ୍ଷ୍ମୀମୁବାହ ସକଳସ୍ୟ ଶଶାଙ୍କମୂର୍ତ୍ତେଃ ॥୪୧୭॥ [କିରା]

ଅନ୍ୱୟ—ବ୍ୟକ୍ତୋଦିତସ୍ମିତମୟୂଖବିଭାସିତୋଷ୍ଠଃ, ସଃ, ବିକୀର୍ଣ୍ଣଧାମ୍ନଃ ମୁନେଃ, ଅଭିମୁଖଂ, ତିଷ୍ଠନ୍, ଇଦ୍ଧଂ, ଅଂଶୁଜାଲଂ ତନ୍ୱନ୍ତଂ, ଗୁରୁଂ, ଅଭିତଃ (ଅଭିମୁଖଂ ତିଷ୍ଠତଃ) ସକଳସ୍ୟ, ଶଶାଙ୍କମୂର୍ତ୍ତେଃ, ଲକ୍ଷ୍ମୀଂ, ଉବାହ ।

GPNanda Colln., Digitized by srujanika@gmail.com

ଅର୍ଥ :—ମନ୍ଦହାସ୍ୟଶୋଭିତାଧର ରାଜା ଯୁଧିଷ୍ଠିର ବସୁଚେତା ବ୍ୟାସ ମହର୍ଷିଙ୍କ ସମ୍ମୁଖରେ ବସି ବୃହସ୍ପତିଙ୍କ ସମ୍ମୁଖଗତ ପୂର୍ଣ୍ଣଚନ୍ଦ୍ର ସଦୃଶ ଶୋଭା ଧାରଣ କଲେ ।

ପୁନଶ୍ଚ ।

ଧର୍ମାତ୍ମଜୋ ଧର୍ମନିବନ୍ଧନୀନାଂ,
ପ୍ରସୂତିମେନଃ ପ୍ରଣୁଦାଂ ଶ୍ରୁତୀନାଂ ।
ହେତୁଂ ତଦଭ୍ୟାଗମନେ ପରୀପ୍ସୁଃ,
ସୁଖୋପବିଷ୍ଟଂ ମୁନିମାବଭାଷେ ॥ ୪୧୮ ॥ [କିରା]

ଅନ୍ୱୟ—ଧର୍ମାତ୍ମଜଃ, ଧର୍ମନିବନ୍ଧନୀନାଂ, ଏନଃ ପ୍ରଣୁଦାଂ, ଶ୍ରୁତୀନାଂ, ପ୍ରସୂତିଂ, ସୁଖୋପବିଷ୍ଟଂ, ମୁନିଂ, ତଦଭ୍ୟାଗମନେ, ହେତୁଂ, ପରୀପ୍ସୁଃ, ସନ୍, ଆବଭାଷେ ।

ଅର୍ଥ :—ଧର୍ମପୁତ୍ର ରାଜା ଯୁଧିଷ୍ଠିର ଧର୍ମପ୍ରତିପାଦକ ପାପବିନାଶକ ଓ ଅଗ୍ନିହୋତ୍ରାଦି ଶ୍ରୁତିର ଉତ୍ପତ୍ତିକାରଣ ବ୍ୟାସଙ୍କ ଆଗମନର କାରଣେଚ୍ଛୁ ହୋଇ କହିଲେ ।

ପୁନଶ୍ଚ ।

ଅନାପ୍ତପୁଣ୍ୟୋପଚୟୈର୍ଦୁରାପା,
ଫଳସ୍ୟ ନିର୍ଦ୍ଧୂତରଜାଃ ସବିତ୍ରୀ ।
ତୁଲ୍ୟା ଭବଦ୍ଦର୍ଶନସମ୍ପଦେଷା
ବୃଷ୍ଟେର୍ଦିବୋ ବୀତବଲାହକାୟାଃ ॥ ୪୧୯ ॥ [କିରା]

ଅନ୍ୱୟ—ଅନାପ୍ତପୁଣ୍ୟୋପଚୟୈଃ, ଦୁରାପା, ଫଳସ୍ୟ, ସବିତ୍ରୀ, ନିର୍ଦ୍ଧୂତରଜାଃ, ଏଷା, ଭବଦ୍ଦର୍ଶନସମ୍ପତ୍, ବୀତବଲାହକାୟାଃ, ଦିବଃ, ବୃଷ୍ଟେଃ, ତୁଲ୍ୟା ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାଭାଗ! ସୁକୃତଲବ୍ଧ ଫଳୋତ୍ପାଦକ ଓ ରଜୋଗୁଣବିନାଶକ ଆପଣଙ୍କର ଏହି ଦର୍ଶନ ଅତର୍କିତୋପପନ୍ନ ଅନଭ୍ର ବୃଷ୍ଟି ତୁଲ୍ୟ ହୋଇଅଛି ।

ପୁନଶ୍ଚ ।

ଅଦ୍ୟ କ୍ରିୟାଃ କାମଦୁଘାଃ କ୍ରତୂନାଂ,
ସତ୍ୟାଶିଷଃ ସମ୍ପ୍ରତି ଭୂମିଦେବାଃ ।
ଅସଂସୃତେରସ୍ମି ଜଗତ୍ସୁ ଜାତ-
ସ୍ତ୍ୱୟ୍ୟାଗତେ ଯଦ୍ବହୁମାନ ପାତ୍ରଂ । ୪୨୦ । [କୁମା]

ଅନ୍ୱୟ—ଅଦ୍ୟ, କ୍ରତୂନାଂ, କ୍ରିୟାଃ, କାମଦୁଘାଃ; ସମ୍ପ୍ରତି, ଭୂମିଦେବାଃ, ସତ୍ୟାଶିଷଃ; ଯତ୍, ତ୍ୱୟି, ଆଗତେ, ସତି, ଅସଂସୃତେଃ, ଜଗତ୍ସୁ, ବହୁମାନ-ପାତ୍ରଂ, ଜାତଃ, ଅସ୍ମି ।

ଅର୍ଥ :—ମହାଭାଗ ! ଆଜି ଆପଣଙ୍କ ଦର୍ଶନରେ ମୋହର ଯାଗକ୍ରିୟା ଫଳିତ ହେଲା ଓ ବ୍ରାହ୍ମଣମାନଙ୍କର ଆଶୀର୍ବାଦ ମଧ୍ୟ ସଫଳ ହେଲା ଏବ ଯାବତ୍ ସଂସାର ତାବତ୍ କାଳପର୍ଯ୍ୟନ୍ତ ଆପଣଙ୍କ ଦର୍ଶନହେତୁ ମୁଁ ଆପଣାକୁ ଯୋଗ୍ୟତା-ଭାଜନ ମନେ କଲି ।

ପୁନଶ୍ଚ ।

ଶ୍ରିୟଂ ବିକର୍ଷତ୍ୟପହନ୍ତ୍ୟଘାନି,
ଶ୍ରେୟଃ ପରିସ୍ନୌତି ତନୋତି କୀର୍ତ୍ତିଂ ।
ସଂଦର୍ଶନଂ ଲୋକଗୁରୋରମୋଘଂ,
ତବାତ୍ମଯୋନେରିବ କିଂ ନ ଧତ୍ତେ ॥ ୪୨୧ ॥ [କିରା]

ଅନ୍ୱୟ—ଆତ୍ମଯୋନେଃ, ଇବ, ଲୋକଗୁରୋଃ, ତବ, ଅମୋଘଂ, ସଂଦର୍ଶନଂ, ଶ୍ରିୟଂ, ବିକର୍ଷତି, ଅଘାନି, ଅପହନ୍ତି, ଶ୍ରେୟଃ, ପରିସ୍ନୌତି, କୀର୍ତ୍ତିଂ, ତନୋତି, ଅତଃ, କିଂ, ନ, ଧତ୍ତେ ।

GPNanda Colln., Digitized by srujanika@gmail.com

ଅର୍ଥ :— ମହାଭାଗ ! ସ୍ୱୟମ୍ଭୂ ବ୍ରହ୍ମାଙ୍କ ସଦୃଶ ଲୋକଗୁରୁ ଆପଣଙ୍କର ଏହି ଦର୍ଶନ ସାକ୍ଷାତ୍‌ସୁଖପ୍ରଦାୟକ, ପାପନାଶକ, ପୁରୁଷାର୍ଥଦାୟକ ଓ ଶାନ୍ତିବିସ୍ତାରକ ଅଟେ ।

ପୁନଶ୍ଚ ।

ଶ୍ରୋତନ୍ଦୃଶେଽପି ହ୍ରମଦ୍ୱିତୌ ମେ,
ନ ନଚ୍ଛ୍ରୁତଂ ନବୃତ୍ତିମେଵ ଚକ୍ଷୁଃ ।
ସମ୍ପ୍ରତି ଚ କ୍ଲାନ୍ତବିୟୋଗଖେଦଂ,
ଭୁସ୍ତନଧାବୃଦ୍ଧିସଙ୍ଗୀନ ଚେତଃ । ୪୨୨ । [ନୈଷ]

ଅନ୍ୱୟ—ହେ ଭଗବନ୍ ! ଶ୍ରୋତନ୍ଦୃଶେ, ହ୍ରମଦ୍ୱିତୌ, ଅପି, ନ, ନଚ୍ଛ୍ରୁତଂ, ମେ, ଚକ୍ଷୁଃ, ଭୁତ୍‌ସନ୍ଧୌ, ନବୃତ୍ତଂ, ଏଵ; ଚେତଃ, ସମ୍ପ୍ରତି କ୍ଲାନ୍ତବିୟୋଗଖେଦଂ, ସତ୍‌, ଉଚ୍ଛ୍ୱସିତ, ଇଵ ।

ଅର୍ଥ :—ମହାଭାଗ ! ଆଜ ଆପଣଙ୍କ ଦର୍ଶନରେ ମୋହର ଚକ୍ଷୁ ଯେପରି ତୃପ୍ତ ହେଲା, ସେହିପରି ସୁଧାସ୍ରାବୀ ଚନ୍ଦ୍ରକିରଣ ଦର୍ଶନରେ ମଧ୍ୟ ହୋଇ ନ ଥିଲା । ବର୍ତ୍ତମାନ ଆପଣଙ୍କ ଦର୍ଶନହେତୁ ମୋହର ବନ୍ଧୁବିରହଦୁଃଖିତ ମନ ମଧ୍ୟ ଉତ୍ସାହିତ ହେଉଅଛି ।

ପୁନଶ୍ଚ ।

ନାସ୍ପଦଂ ପ୍ରଶ୍ନ କୁତୂହଳାନାମସ୍ମ୍ୟଧୀନଂ ଜନ୍ମ ନଷ୍ଟତ୍ରାଣାଂ ।
ତଥାପି କଲ୍ୟାଣକଥାଂ ଗିରଂ ତେ ମାଂ ଶ୍ରୋତୁମିଚ୍ଛା ମୁଖରୀକରୋତି ।
। ୪୨୩ । [ନୈଷ]

ଅନ୍ୱୟ—ପ୍ରଶ୍ନକୁତୂହଳାନାଂ, ନାସ୍ପଦଂ, ନଷ୍ଟତ୍ରାଣଂ, ଅସ୍ମି, ଅଧୀନଂ, ଜନ୍ମ, ତଥାପି, କଲ୍ୟାଣକଥାଂ, ତେ ଗିରଂ, ଶ୍ରୋତୁଂ, ଇଚ୍ଛା, ମାଂ, ମୁଖରୀ-କରୋତି ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାଭାଗ ! ଆପଣମାନଙ୍କ ଶୁଭାଗମନର କାରଣ ପଚ୍ଚାରିବାହିଁ ଅନାବଶ୍ୟକ, ଯେହେତୁ ମହାତ୍ମଣ କଷ୍ଟଭୂମାନଙ୍କର ଅହ୍ଲାଦମାନଙ୍କଠାରୁ କିଛି ଲକ୍ଷ୍ୟ ନ ଥାଏ, ଯାହାହେଉ ଆମ୍ଭେ ଶ୍ରବଣେଚ୍ଛା ଆପଙ୍କ ଶୁଭାଗମନବିଷୟକ କଲ୍ୟାଣଦାୟକ ବାକ୍ୟ ଶୁଣିବାକୁ ଅଭିଳାଷୀ କରୁଅଛୁ ।

ବ୍ୟାସ ।

ତଥାପି ଜନ୍ମଂ ନୃପ ! ତାବକୀନୈଃ,
ପ୍ରହ୍ଲାଦିତଂ ମେ ହୃଦୟଂ ଗୁଣୌଘୈଃ ।
ବୀତସ୍ପୃହାଣାମପି ମୁକ୍ତିଭାଜାଂ,
ଭବନ୍ତି ଭବ୍ୟେଷୁ ହି ପକ୍ଷପାତାଃ ॥ ୪୨୪ ॥ [କିମ୍ପୁ]

ଅନ୍ୱୟ—ହେ ନୃପ ! ତଥାପି, ତାବକୀନୈଃ, ଗୁଣୌଘୈଃ, ପ୍ରହ୍ଲାଦିତଂ, ମେ, ହୃଦୟଂ, ଜନ୍ମଂ; ହି, ବୀତସ୍ପୃହାଣାଂ, ମୁକ୍ତିଭାଜାଂ, ଅପି ଭବ୍ୟେଷୁ, ପକ୍ଷପାତାଃ, ଭବନ୍ତି ।

ଅର୍ଥ :—ମହାରାଜ ! ଆପଣମାନଙ୍କ ସଦ୍ଗୁଣାବଳୀରେ ଆମ୍ଭେ ହୃଦୟର ସହିତ ସନ୍ତୁଷ୍ଟ ହୋଇଅଛୁଁ, ଯେହେତୁ ମୁମୁକ୍ଷୁମାନଙ୍କର ମଧ୍ୟ ସଜ୍ଜନମାନଙ୍କ-ଠାରେ ସ୍ନେହଜାତ ହୋଇଥାଏ ।

ପୁନଶ୍ଚ ।

ସ୍ଥିତା ନ ନୂନଂ କମୁ ତସ୍ୟ ରାଜ୍ଞଃ, ସୁଯୋଧନଂ ଯା ନ ଗୁଣୈରଯୋଜୟତ୍ ।
ଯସ୍ତ୍ୟକ୍ତବାନ୍ ବଃ ସ ବୃଥା ବଲାଦ୍ୱା, ମୋହଂ ବିଧତ୍ତେ ବିଷୟାଭିଳାଷଃ ॥ ୪୨୫ ॥
[କିମ୍ପୁ]

ଅନ୍ୱୟ—ନୂନଂ ତସ୍ୟ, ରାଜ୍ଞଃ, ସ୍ଥିତାଃ, ନ, କମୁ ! ଗୁଣୈଃ, ସୁଯୋଧନଂ, ଯା, ନ, ଅଯୋଜୟତ୍; ଯଃ, ବଃ, ବୃଥା, ତ୍ୟକ୍ତବାନ, ସଃ, ବିଷୟାଭିଳାଷଃ, ବଲାତ୍, ମୋହଂ, ବିଧତ୍ତେ ।

GPNanda Colln., Digitized by srujanika@gmail.com

ଅର୍ଥ :—ମହାରାଜ ! ଆପଣମାନେ କଣ ରାଜା ଧୃତରାଷ୍ଟ୍ରଙ୍କର ପୁତ୍ର ନୁହନ୍ତି ? ଅଥବା କଣ ଦୁର୍ଯ୍ୟୋଧନ ଅପେକ୍ଷା ଗୁଣୀ ନୁହନ୍ତି ? ଯାହାହେଉ ଧୃତରାଷ୍ଟ୍ର ଆପଣମାନଙ୍କୁ ବୃଥାରେ ବଳପୂର୍ବକ ତ୍ୟାଗ କରୁଅଛନ୍ତି; ଯେହେତୁ ଲୋଭକୃଷ୍ଟ ଲୋକମାନଙ୍କୁ ପ୍ରାୟ ହିତାହିତଜ୍ଞାନଶୂନ୍ୟ କରାଇ ଦେଇଥାଏ ।

ପୁନଶ୍ଚ ।

କଦାଚ୍ଚ ନୈନଂ କଥମର୍ଥସିଦ୍ଧିଃ, ସଂଶଯ୍ୟ କର୍ଣାଦିଷୁ ତିଷ୍ଠତେ ଯଃ ।
ଅସାଧୁଯୋଗା ହି ଜୟାନ୍ତରାୟାଃ, ପ୍ରମାଥିନୀନାଂ ବିପଦାଂ ପଦାନି ॥ ୪୬ ॥

[କିରାତ]

ଅନ୍ୱୟ—ଏନଂ, ଅର୍ଥସିଦ୍ଧିଃ, କଦାଚ, ନ, ତଦାଚ୍ଚ; ଯଃ, ସଂଶଯ୍ୟ, କର୍ଣାଦିଷୁ, ତିଷ୍ଠତେ; ହି, ଅସାଧୁଯୋଗାଃ, ଜୟାନ୍ତରାୟାଃ; ପ୍ରମାଥିନୀନାଂ, ବିପଦାଂ, ପଦାନି ।

ଅର୍ଥ :—ମହାରାଜ ! ଯେଉଁ ଧୃତରାଷ୍ଟ୍ର ସନ୍ଦେହ କର୍ଣ୍ଣାଦିକ ମନ୍ତ୍ରି ପଦରେ କର୍ଣ୍ଣଆଦି ଦୁଷ୍ଟମନ୍ତ୍ରୀ ମାନଙ୍କୁ ନିଯୁକ୍ତ କରିଅଛନ୍ତି, ତାହାଙ୍କର ଅର୍ଥ ହାନିକାଳ ଉପସ୍ଥିତ ହେଲାଣି; ଯେହେତୁ ଦୁର୍ଜନ ସଂସର୍ଗ, ଜୟବିଘାତକ ଓ ଉନ୍ମୂଳନଶୀଳ ବିପଦର ସ୍ଥାନ ଅଟେ ।

ପୁନଶ୍ଚ ।

ଲଭ୍ୟା ଧରିତ୍ରୀ ତବବିକ୍ରମେଣ, ଜ୍ୟାୟାଂଶ୍ଚ ବୀର୍ଯ୍ୟାସ୍ତ୍ରବଳୈର୍ବିପକ୍ଷଃ ।
ଅତଃ ପ୍ରକର୍ଷାୟ ବିଧିର୍ବିଧେୟଃ, ପ୍ରକର୍ଷ ତନ୍ତ୍ରା ହି ରଣେ ଜୟଶ୍ରୀଃ ॥ ୪୭ ॥

ଅନ୍ୱୟ—ତବ, (ତ୍ୱୟା) ଧରିତ୍ରୀ, ବିକ୍ରମେଣ, ଲଭ୍ୟା; ଚ, ବିପକ୍ଷଃ, ବୀର୍ଯ୍ୟାସ୍ତ୍ରବଳୈଃ, ଜ୍ୟାୟାନ୍; ଅତଃ, ପ୍ରକର୍ଷାୟ, ବିଧିଃ, ବିଧେୟଃ; ହି, ରଣେ, ଜୟଶ୍ରୀଃ, ପ୍ରକର୍ଷତନ୍ତ୍ରା ।

ଅର୍ଥ :—ମହାରାଜ ! ଆପଣ ସ୍ୱୀୟ ପରାକ୍ରମବଳରେ ପୃଥ୍ୱୀଲାଭ କରିବେ, ମାତ୍ର ଆପଣଙ୍କର ଶତ୍ରୁ ପରାକ୍ରମ, ଅସ୍ତ୍ର ଓ ସୈନ୍ୟବଳରେ ଅତି ପ୍ରଶସ୍ତ, ଏଣୁ

GPNanda Colln., Digitized by srujanika@gmail.com

ଆପଣମାନଙ୍କର ବର୍ତ୍ତମାନ ଉତ୍କର୍ଷ ସାଧନର ଉପାୟହିଁ କର୍ତ୍ତବ୍ୟ; ଯେହେତୁ ରଣକ୍ଷେତ୍ରରେ ଜୟଲକ୍ଷ୍ମୀ ବଳର ଅଧୀନ ଅଟନ୍ତି ।

ଆଗମନର କାରଣ ।

ମହତ୍ତ୍ୱଯୋଗାୟ ମହାମହିମ୍ନା, ମାରାଧନୀଂ ତାଂ ନୃପ ! ଦେବତାନାଂ
ଦାତୁଂ ପ୍ରଦାନୋଚିତ ଭୂରିଧାମ୍ନୀ, ମୁପାଗତଃ ସିଦ୍ଧିମିବାସ୍ମି ବିଦ୍ୟାଂ ॥୪୬॥
[କିସ୍ତୁ]

ଅନ୍ୱୟ—ହେ ନୃପ ! ମହତ୍ତ୍ୱଯୋଗାୟ, ମହାମହିମ୍ନାଂ, ଦେବତାନାଂ, ଆରାଧନୀଂ, ଭୂରିଧାମ୍ନୀଂ, ତାଂ, ବିଦ୍ୟାଂ, ସିଦ୍ଧିଂ, ଇବ; ହେ ପ୍ରଦାନୋଚିତ ! ଦାତୁଂ, ଉପାଗତଃ, ଅସ୍ମି ।

ଅର୍ଥ :—ମହାରାଜ ! ଆପଣମାନଙ୍କ ଦାନର ଉପଯୁକ୍ତ ପାତ୍ର ମନେ କରି ସାକ୍ଷାତ୍ କାର୍ଯ୍ୟସିଦ୍ଧି ପରି ମାନରକ୍ଷା ସହାୟ ଐନ୍ଦ୍ର ମନ୍ତ୍ରାତ୍ମକ ବିଦ୍ୟାକୁ ଅର୍ଜ୍ଜୁନଙ୍କୁ ଶିକ୍ଷା ଦେବା ନିମିତ୍ତ ଆମ୍ଭେ ଏଠାକୁ ଆସିଅଛୁଁ ।

ଅନୁରୂପ ଶ୍ଳୋକାନ୍ତର ।

ଶ୍ରୀକୃଷ୍ଣଙ୍କ ନିକଟ ନାରଦଙ୍କର ଆଗମନ ।

ପତତ୍ ପତଙ୍ଗପ୍ରତିମସ୍ତପୋନିଧିଃ,
ପୁରୋଽସ୍ୟ ଯାବନ୍ନ ଭୁବି ବ୍ୟଲମ୍ବିତ ।
ଗିରେସ୍ତଡିତ୍ୱାନିବ ତାବଦୁଚ୍ଚକୈ-
ର୍ଜବେନ ପୀଠାଦୁଦତିଷ୍ଠଦଚ୍ୟୁତଃ ॥ ୧୨ ॥ [ମାଘ]

ଅନ୍ୱୟ—ପତତ୍ପତଙ୍ଗପ୍ରତିମଃ, ତପୋନିଧିଃ, ଅସ୍ୟ ପୁରଃ, ଭୁବି, ଯାବତ୍, ନ, ବ୍ୟଲମ୍ବିତ, ତାବତ୍, ଅଚ୍ୟୁତଃ, ଗିରେଃ, ତଡିତ୍ୱାନ୍, ଇବ, ଉଚ୍ଚକୈଃ, ପୀଠାତ୍, ଜବେନ, ଉଦତିଷ୍ଠତ୍ ।

GPNanda Colln., Digitized by srujanika@gmail.com

ଅର୍ଥ :—ଉଦୟସୂର୍ଯ୍ୟପ୍ରଭମ ମହର୍ଷି ନାରଦ ଯେତେବେଳ ପର୍ଯ୍ୟନ୍ତ କୃଷ୍ଣଙ୍କ ସମ୍ମୁଖ ଭୂମିରେ ଉପସ୍ଥିତ ହୋଇ ନ ଥିଲେ ସେତେବେଳ ପର୍ଯ୍ୟନ୍ତ କୃଷ୍ଣ ପଙ୍କଜରୁ ବହୁତ ଦୂର ଉଚ୍ଚ ସିଂହାସନରୁ ହଠାତ୍ ଉଠି ଛିଡ଼ା ହୋଇ ରହିଲେ ।

ନାରଦ ।

ମହାମହାନୀଳଶିଳାରୁଚଃ ପୁରୋ,
ନଷେଦିବାନ୍ କଂସକୃଷଃ ସବିଷ୍ଟରେ ।
ଶ୍ରିତୋଦୟାଦ୍ରେରଭିସାୟମୁଚ୍ଚକୈ,
ରଚୂଚରତ୍ ଚନ୍ଦ୍ରମସୋଽଭିରାମତାଂ ॥ ୪୩୦ ॥

[ଶିଧ]

ଅନ୍ୱୟ—ମହାମହାନୀଳ ଶିଳାରୁଚଃ, କଂସକୃଷଃ, ସବିଷ୍ଟରେ, ନଷେଦିବାନ୍, ମଃ, ଅଭିସାୟଂ, ଶ୍ରିତୋଦୟାଦ୍ରେଃ, ଚନ୍ଦ୍ରମସଃ, ଉଚ୍ଚକୈଃ, ଅଭିରାମତାଂ, ଅଚୂଚରତ୍ ।

ଅର୍ଥ :--ନାରଦମହର୍ଷି ଯେତେବେଳେ ନୀଳପ୍ରସ୍ତରକାନ୍ତ କଂସବିନାଶୀ ଶ୍ରୀକୃଷ୍ଣଙ୍କ ସମ୍ମୁଖସ୍ଥ ଆସନରେ ବସିଲେ, ସେତେବେଳେ ସେ ସାୟଂକାଳୀନ ଉଦୟ-ପର୍ବତାଶ୍ରିତ ଚନ୍ଦ୍ରର ଶୋଭା ଧାରଣ କଲେ ।

ଦୂତ୍ୟଦୂକା ।

ବଧାଯୁ ତସ୍ୟାପଚିତଂ ପ୍ରସେଦୁଷଃ,
ପ୍ରକାମମପ୍ରୀୟତ ଯଜ୍ୱନାଂ ପ୍ରିୟଃ ।
ଗ୍ରହୀତୁମାର୍ଯ୍ୟାନ୍ ପରିଚର୍ଯ୍ୟୟା ମୁହୁ-
ର୍ମହାନୁଭାବା ହି ନତାନ୍ତମର୍ଥିନଃ ॥ ୪୩୧ ॥ [ଶିଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଯଜ୍ୱନାଂ, ପ୍ରିୟଃ, ପ୍ରସେଦୁଷଃ, ତସ୍ୟ, ଅପଚିତଂ, ବିଧାୟ, ପ୍ରକାମଂ, ଅପ୍ରିୟତ; ହ, ମହାନୁଭାବାଃ, ଅର୍ଯ୍ୟାନ୍, ପରିଚର୍ଯ୍ୟୟା ଗ୍ରହୀତୁଂ, ନିତାନ୍ତଂ, ମୁହୁଃ, ଅର୍ଥିନଃ, ଭବନ୍ତି ।

ଅର୍ଥ :—ଯଜନପ୍ରିୟ ଶ୍ରୀକୃଷ୍ଣ ପ୍ରସନ୍ନମନା ନାରଦଙ୍କର ଯଥାଯୋଗ୍ୟ ପୂଜା କରି ଅତ୍ୟନ୍ତ ପ୍ରୀତ ହେଲେ; ଯେହେତୁ ମହତ୍‌ଜନମାନେ ପୂଜ୍ୟପୂଜାରେ ନିତାନ୍ତ ଅଭିଳାଷୀ ହୋଇଥାନ୍ତି ।

ଆସନର ଶୋଭା ।

ସ କାଞ୍ଚନେ ଯତ୍ର ମୁନେରନୁଜ୍ଞୟା,
ନବାମ୍ବୁଦଶ୍ୟାମବପୁର୍ନ୍ୟବିକ୍ଷତ ।
ଜିଗାୟ ଜମ୍ବୂଜନିତଶ୍ରିୟଃ ଶ୍ରିୟଂ,
ସୁମେରୁଶୃଙ୍ଗସ୍ୟ ତଦା ତଦାସନଂ ॥ ୧୯ ॥ [ଶି ଧ]

ଅନ୍ୱୟ—ନବାମ୍ବୁଦଶ୍ୟାମବପୁଃ, ସଃ. ମୁନେଃ, ଅନୁଜ୍ଞୟା, ଯତ୍ର, କାଞ୍ଚନେ, ନ୍ୟବିକ୍ଷତ, ତଦା, ତତ୍, ଆସନଂ, ଜମ୍ବୂଜନିତଶ୍ରିୟା, ସୁମେରୁଶୃଙ୍ଗସ୍ୟ, ଶ୍ରିୟଂ, ଜିଗାୟ ।

ଅର୍ଥ :—ଯେତେବେଳେ ନୂତନ ଜଳଧରତନୁ ଶ୍ରୀକୃଷ୍ଣ ନାରଦଙ୍କ ଅନୁମତି ଅନୁସାରେ କାଞ୍ଚନନିର୍ମିତ ଆସନରେ ବସିଲେ, ସେତେବେଳେ ସେହି ଆସନ, ଜମ୍ବୂଜନିତଶ୍ରୀ ସୁମେରୁ ପର୍ବତଶୃଙ୍ଗର ଶୋଭା ଧାରଣ କଲା ।

କୃଷ୍ଣଙ୍କର ଆନନ୍ଦ ।

ଯୁଗାନ୍ତକାଳପ୍ରତିସଂହୃତାତ୍ମନୋ,
ଜଗନ୍ତି ଯସ୍ୟାଂ ସବିକାଶମାସତ ।
ତନୌ ମମୁସ୍ତତ୍ର ନ କୈଟଭଦ୍ୱିଷ,
ସ୍ତପୋଧନାଭ୍ୟାଗମସମ୍ଭବାଃ ମୁଦଃ ॥ ୨୩ ॥ [ଶି ଧ]

GPNanda Colln., Digitized by srujanika@gmail.com

ଅନ୍ୱୟ—ଜଗନ୍ତି, ଯୁଗାନ୍ତକାଳପ୍ରତିସଂହୃତାତ୍ମନଃ, କୈଟଭଦ୍ୱିଷଃ, ଯସ୍ୟାଂ ତନୌ, ସବକାଶଂ, ଯଥାତଥା, ଅସତ; ତତ୍, ତପୋଧନାଭ୍ୟାଗମ-ସମ୍ଭବାଃ, ମୁଦଃ, ନ, ମମୁଃ ।

ଅର୍ଥ :—ପ୍ରଳୟକାଳରେ ଯେଉଁ କୈଟଭାରି କୃଷ୍ଣଙ୍କ ହୃଦୟରେ ଜଗଦ୍-ବ୍ରହ୍ମାଣ୍ଡ ବସ୍ତୁର ଭାବରେ ରହିବାକୁ ସ୍ଥାନ ପାଇଥିଲା, ସେହି ହୃଦୟରେ ନାରଦଙ୍କ ଆଗମନଜନିତ ଆନନ୍ଦ ରହି ନ ପାରି, ବାହାରକୁ ପ୍ରକାଶ ପାଇଲା ।

କୃଷ୍ଣ ।

ହରତ୍ୟଘଂ ସମ୍ପ୍ରତି ହେତୁରେଷ୍ୟତଃ,
ଶୁଭସ୍ୟ ପୂର୍ବାଚରିତୈଃ କୃତଂ ଶୁଭୈଃ ।
ଶରୀରଭାଜାଂ ଭବଦୀୟ ଦର୍ଶନଂ,
ବ୍ୟନକ୍ତି କାଲତ୍ରିତୟେଽପି ଯୋଗ୍ୟତାଂ । ୪୩୪ । [ଶିଧ]

ଅନ୍ୱୟ—ହେ ମୁନେ ! ଭବଦୀୟ ଦର୍ଶନଂ, ସମ୍ପ୍ରତି, ଅଘଂ, ହରତି; ଏଷ୍ୟତଃ, ଶୁଭସ୍ୟ, ହେତୁଃ, ପୂର୍ବାଚରିତୈଃ, ଶୁଭୈଃ, କୃତଂ; ଅତଃ, କାଲତ୍ରିତୟେ, ଅପି, ଶରୀରଭାଜାଂ, ଯୋଗ୍ୟତାଂ, ବ୍ୟନକ୍ତି ।

ଅର୍ଥ : — ମହାଭାଗ ! ଆପଣଙ୍କ ଦର୍ଶନ ଅନୁବାଦ ଶରୀରୀମାନଙ୍କର ବର୍ତ୍ତମାନ, ଭୂତ, ଓ ଭବିଷ୍ୟତ ଏହି କାଳତ୍ରୟର କଲ୍ୟାଣ ସାଧନ କରୁଅଛି; ଅର୍ଥାତ୍ ବର୍ତ୍ତମାନ ପାପ ବିନାଶ କରୁଅଛି, ଭାବି କଲ୍ୟାଣର ହେତୁ ହୋଇଅଛି ଓ ପୂର୍ବ ସୁକୃତପରଂପରା ହେତୁରୁ ଏହି ଦର୍ଶନ ଲବ୍ଧ ହୋଇଅଛି ।

ପୁନଶ୍ଚ !

ଜଗତ୍ୟପର୍ଯ୍ୟାପ୍ତ ସହସ୍ରଭାନୁନା,
ନ ଯନ୍ନିୟନ୍ତୁଂ ସମଭାବି ଭାନୁନା ।

GPNanda Colln., Digitized by srujanika@gmail.com

ପ୍ରସହ୍ୟ ତେଜୋଭିରସଂଖ୍ୟତାଂ ଗତୈ,
ରଦସ୍ତ୍ୱୟା ନୁନ୍ନମନୁତ୍ତମଂ ତମଃ । ୪୩୫ । [ଶିଶୁ]

ଅନ୍ୱୟ—ହେ ମୁନେ ! ଯତ୍, ତମଃ, ଜଗତି, ଅପର୍ଯ୍ୟାପ୍ତ ସହସ୍ର ଭାନୁନା, ଭାନୁନା, ନୟନଂ, ନ, ସମର୍ଥିତ; ଅଦଃ, ଅନୁତ୍ତମଂ, ତତ୍, ତମଃ, ପ୍ରସହ୍ୟ, ଅସଂଖ୍ୟତାଂ, ଗତୈଃ, ତେଜୋଭିଃ, ତ୍ୱୟା, ନୁନ୍ନଂ ।

ଅର୍ଥ :—ମହାଭାଗ ! ଅସ୍ମମାନଙ୍କର ଯେଉଁ ଅଜ୍ଞାନାନ୍ଧକାର, ସହସ୍ର-କିରଣ ସୂର୍ଯ୍ୟଙ୍କ ଅପର୍ଯ୍ୟାପ୍ତ ତେଜରେ ନଷ୍ଟ ହୋଇ ନ ଥିଲା ସେହି ଅଜ୍ଞାନାନ୍ଧକାର ଆପଣଙ୍କ ଅସଂଖ୍ୟ ତେଜରେ ବିନଷ୍ଟ ହୋଇଗଲା ।

ପୁନଶ୍ଚ ।

ବଲୋକନେନୈବ ତବାମୁନା ମୁନେ !,
କୃତଃ କୃତାର୍ଥୋଽସ୍ମି ନିବର୍ହିତାଂହସା ।
ତଥାପି ଶୁଶ୍ରୂଷୁରହଂ ଗରୀୟସୀ,
ର୍ଗିରୋଽଥବା ଶ୍ରେୟସି କେନ ତୃପ୍ୟତେ ॥ ୪୩୬ ।
[ଶିଶୁ]

ଅନ୍ୱୟ—ହେ ମୁନେ !, ନିବର୍ହିତାଂହସା, ତବ, ଅମୁନା, ଅବଲୋକନେନ, ଏବ, କୃତାର୍ଥଃ, କୃତଃ ଅସ୍ମି; ତଥାପି, ଅହଂ, ତେ, ଗରୀୟସୀ, ଗିରଃ, ଶୁଶ୍ରୂଷୁଃ; ଅଥବା, ଶ୍ରେୟସି, କେନ, ତୃପ୍ୟତେ ।

ଅର୍ଥ :—ହେ ମୁନେ ! ଆପଣଙ୍କର ଏହି ପାପନିବର୍ତ୍ତକ ଦର୍ଶନରେ ଅମ୍ଭେ ଆପଣାକୁ କୃତକୃତ୍ୟ ମଣି, କଲ୍ୟାଣ ପ୍ରଦ ବାକ୍ୟ ଶୁଣିବା ପ୍ରତି ଅଭିଳାଷୀ ହୋଇଅଛୁଁ; ଯେହେତୁ ଶ୍ରେୟ ବିଷୟରେ କାହାର ବା ତୃପ୍ତି ଥାଏ ?

GPNanda Colln., Digitized by srujanika@gmail.com

ପୁନଶ୍ଚ ।

ଗତସ୍ପୃହୋଽପ୍ୟାଗମନପ୍ରୟୋଜନଂ,
ବଦେତି ବକ୍ତୁଂ ବ୍ୟବସୀୟତେ ଯୟା ।
ତନୋତି ନସ୍ତାମୁଦିତାତ୍ମଗୌରବୋ,
ଗୁରୁସ୍ତବୈବାଗମ ଏଷ ଧୃଷ୍ଟତାଂ ॥ ୪୩୭ ॥ [ଶିଶୁ]

ଅନ୍ୱୟ—ହେ ମୁନେ !, ଗତସ୍ପୃହଃ, ଅପି, ଆଗମନପ୍ରୟୋଜନଂ ବଦ, ଇତି, ଯୟା, ବକ୍ତୁଂ, ବ୍ୟବସୀୟତେ, ଉଦିତାତ୍ମଗୌରବଃ, ଗୁରୁଃ, ତବ, ଏଷଃ, ଆଗମଃ, ତାଂ, ଧୃଷ୍ଟତାଂ, ତନୋତି ।

ଅର୍ଥ :—ହେ ମୁନେ ! ଆପଣମାନେ ଗତସ୍ପୃହ ଏବଂ ଆଗମନର କାରଣ ପଚାରିବାକୁ ଅନାବଶ୍ୟକ, ଯାହାହେଉ ପ୍ରକାଶିତଗୌରବ ଆପଣଙ୍କର ଏହି ଶୁଭାଗମନ ଆମ୍ଭଙ୍କୁ ଆଗମନର କାରଣ ପଚାରିବାକୁ ଉତ୍ସାହିତ କରୁଅଛି ।

ନାରଦ ।

ଇତି ବ୍ରୁବନ୍ତଂ ତମୁବାଚ ସ ବ୍ରତୀ,
ନ ବାଚ୍ୟମିତ୍ଥଂ ପୁରୁଷୋତ୍ତମ ! ତ୍ୱୟା ।
ତ୍ୱମେବ ସାକ୍ଷାତ୍ କରଣୀୟମିତ୍ୟତଃ,
କିମସ୍ତି କାର୍ଯ୍ୟଂ ଗୁରୁ ଯୋଗିନାମଃ ॥ ୪୩୮ ॥

[ଶିଶୁ]

ଅନ୍ୱୟ—ସଃ, ବ୍ରତୀ, ଇତି, ବ୍ରୁବନ୍ତଂ ତଂ, ଉବାଚ; ହେ ପୁରୁଷୋତ୍ତମ ! ତ୍ୱୟା, ଇତ୍ଥଂ, ନ, ବାଚ୍ୟଂ, ତ୍ୱଂ, ଏବ, ସାକ୍ଷାତ୍ କରଣୀୟଂ ଇତି, ଅତଃ, ଯୋଗିନାଂ, ଅପି, ଗୁରୁ, କାର୍ଯ୍ୟଂ, କିଂ, ଅସ୍ତି ।

ଅର୍ଥ :—ହେ ପୁରୁଷଶ୍ରେଷ୍ଠ ! ଆପଣ ଯାହାଙ୍କ ଆଗମନର କାରଣ ପଚାରୁଅଛନ୍ତି ତାହା ପଚାରିବାହିଁ ବୃଥା, ଯେହେତୁ ଆପଣଙ୍କ ଦର୍ଶନ ହିଁ ଉପସ୍ଥିତ ଯୋଗିମାନଙ୍କର ଅତି ଅଧିକ ଗୁରୁତର କାର୍ଯ୍ୟ କଣ ଅଛି ?

GPNanda Colln., Digitized by srujanika@gmail.com

ବିଷୟ ବାସନା ପ୍ରତି ଖେଦ ।

ଜନ୍ମେଦଂ ବନ୍ଧ୍ୟତାଂ ଗତଂ,
ଭବଭୋଗୋପଲିପ୍ସୟା ।
କାଚମୂଲ୍ୟେନ ବିକ୍ରୀତୋ
ହନ୍ତ ଚିନ୍ତାମଣିର୍ମୟା ॥ ୪୩୯ ॥

[ଧ ବଢ]

ଅନ୍ୱୟ—ହନ୍ତ ! ମୟା, ଭବଭୋଗୋପଲିପ୍ସୟା, ଇଦଂ, ଜନ୍ମ, ବନ୍ଧ୍ୟତାଂ, ଗତଂ; ଚିନ୍ତାମଣିଃ, କାଚମୂଲ୍ୟେନ ମୟା, ବିକ୍ରୀତଃ ।

ଅର୍ଥ :—ଅହୋ ! ମୁଁ ସଂସାର ଜାଲରେ ପଡ଼ି ମୋହର ଏହି ଦୁର୍ଲ୍ଲଭ ଜନ୍ମକୁ ନିଷ୍ଫଳ କରିଦେଲି, ଯେଣୁ ସାମାନ୍ୟ କାଚ ମୂଲ୍ୟରେ ମୋହର ଚିନ୍ତାରୂପ ସ୍ୱର୍ଣ୍ଣମଣିକୁ ବିକ୍ରୟ କରିଦେଲି ।

ପୁନଶ୍ଚ ।

ନୋ ଧ୍ୟାତଂ ପଦମୀଶ୍ୱରସ୍ୟ ବିଧିବତ୍ ସଂସାରବିଚ୍ଛିତ୍ତୟେ,
ସ୍ୱର୍ଗଦ୍ୱାର କବାଟ-ପାଟନପଟୁର୍ଧର୍ମୋଽପି ନୋପାର୍ଜିତଃ ।
ନାରୀପୀନପୟୋଧରୋରୁଯୁଗଳଂ ସ୍ୱପ୍ନେଽପି ନାଲିଙ୍ଗିତଂ,
ମାତୁଃ କେବଳମେବ ଯୌବନବନଚ୍ଛେଦେ କୁଠାରା ବୟଂ ॥୪୪୦॥

[ଅଜ୍ଞ]

ଅନ୍ୱୟ—ସଂସାରବିଚ୍ଛିତ୍ତୟେ, ଈଶ୍ୱରସ୍ୟ, ପଦଂ, ବିଧିବତ୍, ନୋ, ଧ୍ୟାତଂ; ସ୍ୱର୍ଗଦ୍ୱାର-କବାଟପାଟନପଟୁଃ, ଧର୍ମଃ, ଅପି, ନ, ଉପାର୍ଜିତଃ; ସ୍ୱପ୍ନେ, ଅପି, ନାରୀପୀନପୟୋଧରୋରୁଯୁଗଳଂ, ନ, ଆଲିଙ୍ଗିତଂ; ଅତଃ, ବୟଂ, ମାତୁଃ, ଯୌବନବନଚ୍ଛେଦେ, କେବଳଂ, ଏବ, କୁଠାରାଃ ।

ଅର୍ଥ :—ଅମ୍ଭେମାନେ ଏହି ମାୟାମୋହ ସାଂସାରିକ ଜଞ୍ଜାଳରେ ପଡ଼ି, ଯଥାବିଧି ଶ୍ରୀମନ୍ନାରାୟଣଙ୍କର ପାଦପଦ୍ମକୁ ଧ୍ୟାନ କରି ପାରିଲୁ ନାହିଁ, ଅଦ୍ଭୁର ଏଧ

GPNanda Colln., Digitized by srujanika@gmail.com

ସ୍ୱର୍ଗଦ୍ୱାରର ଉଦ୍ଘୋଟନକାରୀ ଧର୍ମକୁ ମଧ୍ୟ ଉପାର୍ଜନ କରି ପାରିଲୁ ନାହିଁ ଏବଂ ଏହି ଜଙ୍ଗଲରେ ଥାଇ ମଧ୍ୟ ସ୍ତ୍ରୀର ସମ୍ଭୋଗସୁଖରେ ସୁଖୀ ହେଲୁ ନାହିଁ; ଅତଏବ ଅମ୍ଭେମାନେ କେବଳ ହେବାଦ୍ୱାରା ମାତାର ଯୌବନବନଚ୍ଛେଦନ ବିଷୟରେ କେବଳ ମାତ୍ର କୁଠାରସ୍ୱରୂପ ହୋଇଅଛୁଁ ।

ପୁନଶ୍ଚ ମନ ପ୍ରତି ।

ବାଜୀବାପ ପଥେଷୁ ଧାବସି କଥଂ କା ଜୀବନାବସ୍ଥିତିଃ,
ସ୍ୱର୍ଗୀବପ୍ରିୟନନ୍ଦନାନୁଗଭୟଂ ନାଜୀଗଣଃ ତ୍ୱଂ ମୁଦା ।
ସ୍ତ୍ରକଷ୍ଟେବ ସତାଂ ନ ଶୃଦରଭର ସ୍ତ୍ୟାଜୀବବଦ୍ଦେଷଣଂ,
ବାଜୀବୃତବିଦଙ୍ଗଜ ଭବ ରେ ! ସ୍ୱର୍ଗୀବନେତ୍ରେ ମନଃ ॥ ୪୪୧ ॥

[ଅଘ]

ଅନ୍ୱୟ—ରେ ମନଃ ! ତ୍ୱଂ, ବାଜୀ, ଇବ, ଅପଥେଷୁ, କଥଂ, ଧାବସି; ଜୀବନାବସ୍ଥିତିଃ, କା; ମୁଦା, ସ୍ୱର୍ଗୀବପ୍ରିୟନନ୍ଦନାନୁଗଭୟଂ, ତ୍ୱଂ, ନ, ଅଜାନାଃ; ତ, ଯତଃ, ସତାଂ, ସ୍ତ୍ରକଷ୍ଟ, ଏବ, ଆଦରଭରଃ, ନ; ଅତଃ, ତୁ, ଅଜୀବବଦ୍ଦେଷଣଂ; ରେ ମନଃ ! ବାଜୀବୃତବିଦଙ୍ଗଜ, ସ୍ୱର୍ଗୀବନେତ୍ରେ, ଲୀନଂ, ଭବ !

ଅର୍ଥ :— ରେ ମନ ! ତୁ ଘୋଡ଼ାକ ପରି ଅମାର୍ଗରେ କାହିଁକି ଧାଉଁଅଛୁ ? ଏହି ଜୀବନର ଅବସ୍ଥିତି ବା କେତେ ଦିନ. ଯେହେତୁ ତୁ ହେଲାରେ ସୁଖ ଯମଦୂତମାନଙ୍କ ଭୟକୁ ଗଣୁନାହୁଁ, ସେହି ହେତୁ ମୁଁ ଜାଣିପାରୁଛି, ତୁ ମୋହର କୌଣସି ଚରଣକୁ, ରେ ମନ ! ତୁ ଏବେ ସେହି ଗରୁଡ଼ପୃଷ୍ଠବିରାଜିତ ପଦ୍ମନେତ୍ର ନାରାୟଣଙ୍କ ପଦାରବିନ୍ଦରେ ଲୀନ ହୁଅ ।

କୃଷ୍ଣହିଁ ସାର ।

ପାତାଳଂ ବ୍ରଜ ଯାହି ବା ସୁରପୁରୀମାରୋହ ମେରୋଃ ଶିରଃ,
ପାରାବାରପରଂପରାଂ ତର ତଥାପ୍ୟାଶା ନ ଶାନ୍ତା ତବ ।

GPNanda Colln., Digitized by srujanika@gmail.com

ଆଧିବ୍ୟାଧିପରାହତୋ ଯଦି ସଦା କ୍ଷେମଂ ନିଜଂ ବାଞ୍ଛସି,
ଶ୍ରୀକୃଷ୍ଣେତି ରସାୟନଂ ରସୟ ରେ ! ଶୁଦ୍ଧୈଃ କିମନ୍ୟୈଃଶ୍ରମୈଃ ॥୪୪୨॥
[ଉଦ୍ଭ]

ଅନ୍ୱୟ—ରେ ମନଃ ! ତ୍ୱଂ, ପାତାଳଂ, ବ୍ରଜ; ବା, ସୁରପୁରଂ, ଯାହି; ମେରୋଃ, ଶିରଃ, ଅରୋହ, ତଥା, ପାରାବାରପରଂପରାଂ; ତର; ତଥାପି, ତବ, ଆଶା, ନ ଶାନ୍ତା; ଆଧିବ୍ୟାଧିପରାହତଃ, ତ୍ୱଂ, ଯଦି, ନିଜଂ, କ୍ଷେମଂ, ବାଞ୍ଛସି, ତଦା, ରେ ମନଃ ! ଶ୍ରୀକୃଷ୍ଣ, ଇତି, ରସାୟନଂ, ରସୟ; ଅନ୍ୟୈଃ, ଶୁଦ୍ଧୈଃ, ଶ୍ରମୈଃ, କିଂ ।

ଅର୍ଥ :—ରେ ମନ ! ତୁ ପାତାଳ, ଦେବପୁର, ମେରୁଶିଖର ଓ ସମୁଦ୍ର ପାରେ ହେଲେ ସୁଦ୍ଧା ତୋ ଆଶାର ନିବୃତ୍ତି ନାହିଁ, ତୁ ମଧ୍ୟ ସର୍ବଦା ଆଧିବ୍ୟାଧିରେ ପ୍ରପୀଡିତ ହେଉଅଛୁ, ଏଣୁ ତୋହର ଯଦି ନିଜର କଲ୍ୟାଣ ପ୍ରତି ଇଚ୍ଛା ଥାଏ ତେବେ ଶ୍ରୀକୃଷ୍ଣସ୍ୱରୂପ ରସାୟନକୁ ରସ; ଅନ୍ୟାନ୍ୟ ଶ୍ରମହିଁ ବୃଥା ।

ପୁନଶ୍ଚ ।

ବର୍ହାୟିତେ ତେ ନୟନେ ନରାଣାଂ,
ଲିଙ୍ଗାନି ବିଷ୍ଣୋର୍ନନିରୀକ୍ଷତେ ଯେ ।
ପାଦୌ ନୃଣାଂ ତୌ ଦ୍ରୁମଜନ୍ମଭାଜୌ,
କ୍ଷେତ୍ରାଣି ନାନୁବ୍ରଜତୋ ହରେର୍ଯୌ ॥ ୪୪୩ ।
[ଭାଗବତମାହାତ୍ମ୍ୟ]

ଅନ୍ୱୟ—ନରାଣାଂ, ଯେ, ନୟନେ, ବିଷ୍ଣୋଃ, ଲିଙ୍ଗାନି, ନ, ନିରୀକ୍ଷେତେ ତେ, ବର୍ହାୟିତେ; ନୃଣାଂ, ଯୌ, ପାଦୌ, ହରେଃ, କ୍ଷେତ୍ରାଣି, ନ, ଅନୁବ୍ରଜତୋ, ତୌ ଦ୍ରୁମଜନ୍ମଭାଜୌ ।

ଅର୍ଥ :—ମନୁଷ୍ୟମାନଙ୍କର ଯେଉଁ ନୟନ-ଯୁଗଳ ଭଗବାନଙ୍କର ପ୍ରତି-
ମୂର୍ତ୍ତିକୁ ନ ଦେଖିଲା ସେ ଜାଣ, ମୟୂରନେତ୍ର ପ୍ରାୟ ପୋଡଏ ଚନ୍ଦ୍ର ଓ

GPNanda Colln., Digitized by srujanika@gmail.com

ବିଷ୍ଣୁକ୍ଷେତ୍ରରେ ଯେଉଁ ପାଦଦ୍ୱୟ ନ ପଡ଼ିଲା ସେ ଜାଣ, ଦୁଇଟି ବୃକ୍ଷମୂଳ ଅଚେତନ ବସ୍ତୁ ଅଟେ ।

ପୁନଶ୍ଚ ।

ଭାରେ ପରଂ ପଟ୍ଟ କିରୀଟଜୁଷ୍ଟ,-
ମପ୍ୟୁତ୍ତମାଙ୍ଗଂ ନ ନମେନ୍ମୁକୁନ୍ଦଂ ।
ଶାବୌ କରୌ ନୋ କୁରୁତଃ ସପର୍ଯ୍ୟାଂ,
ହରେର୍ଲସତ୍ କାଞ୍ଚନ କଙ୍କଣୌ ବା ॥ ୪୪୪ ।

[ଭାଗବତ ମାହାତ୍ମ୍ୟ]

ଅନ୍ୱୟ— ଭାରେ, ପରଂ, ପଟ୍ଟକିରୀଟଜୁଷ୍ଟଂ, ଅପି, ଉତ୍ତମାଙ୍ଗଂ, ମୁକୁନ୍ଦଂ, ନ, ନମେତ୍, ଚେତ୍, ଶାବ: ବା, ଲସତ୍କାଞ୍ଚନକଙ୍କଣୌ, କରୌ, ହରେଃ, ସପର୍ଯ୍ୟାଂ, ନ, କୁରୁତଃ, ଚେତ୍, ଶାବୌ ।

ଅର୍ଥ :—ଯେଉଁ ମସ୍ତକ ପଟ୍ଟବସ୍ତ୍ର ଓ ମୁକୁଟାଳଂକୃତ ହୋଇଅଛି ସେ ଯଦି ଭଗବାନଙ୍କ ଶ୍ରୀଚରଣାରବିନ୍ଦରେ ନତ ନ ହେଲା ସେ ଜାଣ ମସ୍ତକର ଭାରତୁଲ୍ୟ ଏବଂ ଦେଦୀପ୍ୟମାନ କାଞ୍ଚନକଙ୍କଣସଂଯୁକ୍ତ ହସ୍ତ ଯଦି ଶ୍ରୀହରିଙ୍କ ପୂଜାରେ କାର୍ଯ୍ୟ ନ କରେ ସେ ହସ୍ତଦ୍ୱୟ ନିଶ୍ଚୟ ମୃତ ଲୋକର ହସ୍ତସଦୃଶ ଅଟେ ।

ଭକ୍ତି ହିଁ ସାର ।

ଶ୍ରେୟଃ ସ୍ରୁତିଂ ଭକ୍ତିମୁଦସ୍ୟତେ ବିଭୋ
କ୍ଲିଶ୍ୟନ୍ତି ଯେ କେବଳ ବୋଧଲବ୍ଧୟେ ।
ତେଷାମସୌ କ୍ଲେଶଳ ଏବ ଶିଷ୍ୟତେ,
ନାନ୍ୟଦ୍ ଯଥା ସ୍ଥୂଳତୁଷାବଘାତିନାଂ । ୪୪୫ ॥

[ଶ୍ରୀ ମଦ୍ଭାଗବତ]

GPNanda Colln., Digitized by srujanika@gmail.com

ଅନ୍ୱୟ—ହେ ବିଭୋ ! ତେ, ଶ୍ରେୟଃସ୍ରୁତିଂ, ଭକ୍ତିଂ, ଉଦସ୍ୟ, ଯେ, କେବଲବୋଧଲବ୍ଧୟେ, କ୍ଲିଶ୍ୟନ୍ତି, ଯଥା, ସ୍ଥୂଳତୁଷାବଘାତିନାଂ, ତଥା, ତେଷାଂ, ଅସୌ, କ୍ଲେଶଲଃ, ଏବ, ଶିଷ୍ୟତେ, ନ, ଅନ୍ୟତ୍ ।

ଅର୍ଥ :—ହେ ପ୍ରଭୋ ! ଆପଣଙ୍କର ମଙ୍ଗଳମୟ ଭକ୍ତି ଛାଡ଼ି ଯେଉଁମାନେ କେବଳ ଜ୍ଞାନଲାଭ ନିମିତ୍ତେ ଯତ୍ନ କରନ୍ତି, ତହୁଁ କେବଳ ସେମାନଙ୍କର କ୍ଲେଶହିଁ ସାର ।

ପୁନଶ୍ଚ ।

ନୃଣାଂ ଜନ୍ମ ସହସ୍ରେଣ,
ଭକ୍ତୌ ପ୍ରୀତିର୍ହି ଜାୟତେ ।
କଳୌ ଭକ୍ତିଃ କଳୌ ଭକ୍ତି,
ର୍ଭକ୍ତ୍ୟା କୃଷ୍ଣଃ ପୁରସ୍ଥିତଃ ॥ ୪୬ ॥

[ଭାଗବତ ମାହାତ୍ମ୍ୟ]

ପୁନଶ୍ଚ ।

ଅଳଂ ବ୍ରତୈରଳଂ ତୀର୍ଥୈ,
ରଳଂ ଯୋଗୈରଳଂ ମଖୈଃ ।
ଅଳଂ ଜ୍ଞାନକଥାଲାପୈ,
ର୍ଭକ୍ତିରେକୈବ ମୁକ୍ତିଦା ॥ ୪୭ ॥ [ଭା, ମାହାତ୍ମ୍ୟ]

ନବଧା ଭକ୍ତି ।

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ, ସ୍ମରଣଂ ପାଦସେବନଂ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ, ସଖ୍ୟମାତ୍ମନିବେଦନଂ ॥ ୪୮ ॥

(ଭକ୍ତିରହସ୍ୟ)

ଜ୍ଞାନମାନଙ୍କ ଦେହରେ ସମସ୍ତ ତୀର୍ଥହିଁ ବିଦ୍ୟମାନ ।
କାଶୀକ୍ଷେତ୍ରଂ ଶରୀରଂ ତ୍ରିଭୁବନଜନନୀ ବ୍ୟାପିନୀ ଜ୍ଞାନଗଙ୍ଗା,
ଭକ୍ତିଃ ଶ୍ରଦ୍ଧା ଗୟେୟଂ ନିଜଗୁରୁଚରଣଧ୍ୟାନଯୁକ୍ତଃ ପ୍ରୟାଗଃ ।

GPNanda Colln., Digitized by srujanika@gmail.com

ବନ୍ଧେ ସୋଽୟଂ ଭୁଜଙ୍ଗଂ ସକଳଜନମନଃ ସାକ୍ଷୀ ଭୂତାନ୍ତରାତ୍ମା,
ଦେହେ ସର୍ବଂ ମଦୀୟଂ ଯଦି ବସତି ପୁନସ୍ତୀର୍ଥମନ୍ୟତ୍ କମସ୍ତି ?

। ୪୪ : ॥ [ବୈ ଶବ

ଅତ୍ମଜ୍ଞାନରୁ ଅଧିକ ବସ୍ତୁ ନାହିଁ ।

ଇତୋ ନ କିଞ୍ଚିତ୍, ପରତୋ ନ କିଞ୍ଚିତ୍,
ଯତୋ ଯତୋ ଯାମି ତତୋ ନ କିଞ୍ଚିତ୍ ।
ବିଚାର୍ଯ୍ୟ ପଶ୍ୟାମି ଜଗନ୍ନ କିଞ୍ଚିତ୍,
ସ୍ୱାତ୍ମାବବୋଧାଦଧିକଂ ନ କିଞ୍ଚିତ୍ ॥ ୪୫୦ ॥

[ଅତ୍ମବୋଧ]

ବୃନ୍ଦାବନଠାରୁ ବଳ ଅଉ ରମଣୀୟ ସ୍ଥାନ ନାହିଁ ।

ମା ମେ ନ ମାତା ସ ତ ମେ ପିତା ନ, ସ ମେ ନ ବନ୍ଧୁଃ ସ ତ ମେ ସଖା ନ
ସ ମେ ନ ମିତ୍ରଂ ସ ଚ ମେ ଗୁରୁର୍ନ, ଯୋ ମେ ନ ବୃନ୍ଦାବନବାସମାଦିଶେତ୍ ॥

। ୪୫୧ । [ବୃନ୍ଦାବନ ମାହାତ୍ମ୍ୟ

ସମସ୍ତ ନାରାୟଣ ପର ।

ନାରାୟଣ ପରା ବେଦାଃ, ନାରାୟଣ ପରାକ୍ଷରାଃ ।
ନାରାୟଣ ପରା ମୁକ୍ତି, ର୍ନାରାୟଣ ପରା ଗତିଃ ॥ ୪୫୨ ॥

[ଧକ]

ଏକଶ୍ଳୋକୀ ଭାଗବତ ।

ଅଦୌ ଦେବକୀ ଦେବ ଗର୍ଭଜନନଂ ଗୋପୀ ଗୃହେ ବର୍ଦ୍ଧନଂ,
ମାୟା ପୂତନ ଜୀବିତାପହରଣଂ ଗୋବର୍ଦ୍ଧନୋଦ୍ଧାରଣଂ ।
କଂସ ଛେଦନ କୌରବାଦିହନନଂ କୁନ୍ତୀସୁତାପାଳନଂ,
ଏତେଦ୍ଭାଗବତଂ ପୁରାଣ କଥିତଂ ଶ୍ରୀକୃଷ୍ଣଲୀଳାମୃତଂ ॥ ୪୫୩ ॥

GPNanda Colln., Digitized by srujanika@gmail.com

ଏକଶ୍ଳୋକୀ ରାମାୟଣ ।

ଅଦୌ ରାମତପୋବନାଦିଗମନଂ ହତ୍ୱା ମୃଗଂ କାଞ୍ଚନଂ,
ବୈଦେହୀହରଣଂ ଜଟାୟୁମରଣଂ ସୁଗ୍ରୀବସମ୍ଭାଷଣଂ ।
ବାଲୀନିଗ୍ରହଣଂ ସମୁଦ୍ରତରଣଂ ଲଙ୍କାପୁରୀଦାହନଂ,
ପଶ୍ଚାଦ୍ରାବଣକୁମ୍ଭକର୍ଣ୍ଣହନନଂ ଏତଦ୍ଧି ରାମାୟଣଂ । ୪୫୪ ।

ଏକଶ୍ଳୋକୀ ମହାଭାରତ ।

ଅଦୌ ପାଣ୍ଡବଧାର୍ତ୍ତରାଷ୍ଟ୍ରଜନନଂ ଲାକ୍ଷାଗୃହେ ଦାହନଂ,
ଦ୍ୟୂତ ଶ୍ରୀ ହରଣଂ ବନେ ବ୍ୟତରଣଂ ମତ୍ସ୍ୟାଳୟେ ବର୍ତ୍ତନଂ ।
ଲୀଳାଗୋଗ୍ରହଣଂ ରଣେ ବ୍ୟତରଣଂ ସନ୍ଧ୍ୟକ୍ରିୟା ବର୍ତ୍ତନଂ,
ପଶ୍ଚାଦ୍‌ଭୀଷ୍ମକ କୌରବାଦ ହନନଂ ଏତନ୍ମହାଭାରତଂ । ୪୫୫ । *

ଗଙ୍ଗାଙ୍କ ସ୍ତୁତି ।

ସୁରଧୂନି ମୁନିକନ୍ୟେ ! ତାରୟେଃ ପୁଣ୍ୟବନ୍ତଂ,
ସ ତରତି ନିଜପୁଣ୍ୟୈସ୍ତତ୍ର କିଂ ତେ ମହତ୍ତ୍ୱଂ ।
ଯଦି ଚ ଗତିବିହୀନଂ ତାରୟେଃ ପାପିନଂ ମାଂ,
ତଦିହତବମହତ୍ତ୍ୱଂ ତନ୍ମହତ୍ତ୍ୱଂ ମହତ୍ତ୍ୱଂ । ୪୫୬ ।

[ଗଙ୍ଗାମାହାତ୍ମ୍ୟ]

ଅନ୍ୱୟ—ହେ ସୁରଧୁନି, ମୁନିକନ୍ୟେ ! ତ୍ୱଂ, ଯଦି, ପୁଣ୍ୟବନ୍ତଂ, ତାରୟେଃ, ତର୍ହି, ତେ, ମହତ୍ତ୍ୱଂ, କିଂ; ସଃ, ନିଜପୁଣ୍ୟୈଃ, ତରତି; ଚ, ଯଦି, ଗତିବିହୀନଂ, ପାପିନଂ, ମାଂ, ତାରୟେଃ, ଇହ, ତତ୍, ତବ, ମହତ୍ତ୍ୱଂ, ତତ୍, ମହତ୍ତ୍ୱଂ, ମହତ୍ତ୍ୱଂ, ଏବ ।

---

* ଏହି କେତେକ ଶ୍ଳୋକ ସୁଗମ ଥିବାରୁ ଅର୍ଥ ଉପେକ୍ଷିତ ହେଲା ।

GPNanda Colln., Digitized by srujanika@gmail.com

ଅର୍ଥ :—ହେ ଗଙ୍ଗେ ! ଯଦି ଆପଣ ପୁଣ୍ୟାତ୍ମାମାନଙ୍କୁ ପବିତ୍ର କରନ୍ତି, ତହିଁରେ ଆପଣଙ୍କର ପ୍ରଶଂସା ବା କଣ ? ଯେହେତୁ ସେମାନେ ନିଜ ନିଜର ପୁଣ୍ୟବଳରେ ତ୍ରାଣ ତରିଗଲେ । ଯଦିଚ ଆପଣ ଅସ୍ମଦାଦି ପାପିମାନଙ୍କୁ ଉଦ୍ଧାର କରନ୍ତି, ତାହାହେଲେ ଆପଣଙ୍କର ସେହି ମାହାତ୍ମ୍ୟହିଁ ଏକା ମାହାତ୍ମ୍ୟ ।

ଅନୁରୂପ ଶ୍ଳୋକ !

ଭକ୍ତାନାମଭୟପ୍ରଦୋ ଯଦି ଭବେର୍ନୈତଦ୍ୱିଚିତ୍ରଂ ବିଭୋ,
କୀଟୋଽପି ସ୍ୱଜନସ୍ୟ ରକ୍ଷଣବିଧାବେକାନ୍ତମୁଦ୍‌ବେଜିତଃ ।
ଯେ ଯୁଷ୍ମଚ୍ଚରଣାରବିନ୍ଦବିମୁଖା ସ୍ୱପ୍ନେଽପି ବା ମାଦୃଶାଃ,
ତେଷାମଭୟପ୍ରଦୋ ଯଦି ଭବେତ୍ କାରୁଣ୍ୟସିନ୍ଧୁସ୍ତଦା ॥ ୪୫୭ ॥

[ଅନ୍ୟାପଦ୍ୟ]

ଅନ୍ୱୟ—ହେ ବିଭୋ ! ଯଦି, ଭକ୍ତାନାଂ, ଅଭୟପ୍ରଦଃ, ଭବେତ୍, ଏତତ୍, ବିଚିତ୍ରଂ, ନ; କୁତଃ, କୀଟଃ, ଅପି, ସ୍ୱଜନସ୍ୟ, ରକ୍ଷଣବିଧୌ, ଏକାନ୍ତଂ, ଉଦ୍‌ବେଜିତଃ; ବା, ମାଦୃଶାଃ, ଯେ, ସ୍ୱପ୍ନେ, ଅପି, ଯୁଷ୍ମଚ୍ଚରଣାରବିନ୍ଦବିମୁଖାଃ, କିନ୍ତୁ, ଏଷାଂ, ଅଭୟପ୍ରଦଃ, ଯଦି, ଭବେତ୍, ତଦା, କାରୁଣ୍ୟସିନ୍ଧୁଃ ସ୍ୟାତ୍ ।

ଅର୍ଥ :—ହେ ପ୍ରଭୋ ! ଆପଣ ଯାହା କି ଭକ୍ତମାନଙ୍କୁ ଅଭୟ ପ୍ରଦାନ କରୁଅଛନ୍ତି, ତାହା କିଛି ଗୋଟାଏ ବଡ଼ କଥା ନୁହେ; ଯେହେତୁ ବ୍ରହ୍ମାରୁ କୀଟ ପର୍ଯ୍ୟନ୍ତ ନିଜର ଆତ୍ମୀୟମାନଙ୍କୁ ରକ୍ଷା କରିବା ବିଷୟରେ ନିତାନ୍ତ ଉଦ୍‌ବିଗ୍ନ ହୋଇଥାନ୍ତି; କିନ୍ତୁ ଯେ ଆମ୍ଭେମାନେ ସ୍ୱପ୍ନରେ ସୁଦ୍ଧା ଆପଣଙ୍କ ଶ୍ରୀଚରଣାରବିନ୍ଦକୁ ଧ୍ୟାନ କରୁ ନାହୁଁ, ଯଦି ଆପଣ ଆମ୍ଭମାନଙ୍କୁ ଅଭୟ ପ୍ରଦାନ କରନ୍ତି, ତେବେ ସିନା ଆପଣ କରୁଣାସିନ୍ଧୁ ବୋଲାଇବେ ।

GPNanda Colln., Digitized by srujanika@gmail.com

ଭକ୍ତର ନିବେଦନ ।

ବାଣୀ ମୌନଂ ବିଧତ୍ତେ ନ ବଦତି କମଲା ସନ୍ନିଧାନା ପରାର୍ଥେ,
